# ଓଡ଼ିଆ ଭାଷାର ପ୍ରୟୋଗ

ମନମୋହନ ମିଶ୍ର

# ଚଳନ୍ତି ଭାଷାର ପ୍ରୟୋଗ

ଲେଖକ :

**ଶ୍ରୀ ମଦନମୋହନ ମିଶ୍ର**

ପ୍ରକାଶକ :

**କେ. ମହାପାତ୍ର ଏଣ୍ଡ କୋ.**

ନମଚଉଡ଼ି, କଟକ-୨

ମୂଲ୍ୟ ଟ ୬-୦୦

# ଚଳନ୍ତି ଭାଷାର ପ୍ରୟୋଗ

# OUR CURRENT SPEECH

ଲେଖକ :
ଶ୍ରୀ ମନମୋହନ ମିଶ୍ର

By :
Sri Manmohan Misra

ପ୍ରକାଶକ :
ଜେ. ମହାପାତ୍ର ଏଣ୍ଡ କୋ.
ଛାତ୍ରସାଥୀ ଅଫିସ,
କଟକ-୨

Published by:
J. Mohapatra & Co.
Chhatrasathi Office
Cuttack-2

ପ୍ରଚ୍ଛଦ ଶିଳ୍ପୀ :
ଶ୍ରୀ ଅଜିତ ମୁଖାର୍ଜୀ
ଶିଳ୍ପରୂପମ୍,
କଟକ-୨

Cover designed by :
Sri Ajit Mukherjee
Silpa Rupam,
Cuttack-

ମୁଦ୍ରଣ :
ଛାତ୍ରସାଥୀ ପ୍ରେସ
କାଳୀଗଳି,
କଟକ-୨

Printed at :
Chhatrasathi Press
Kaligali,
Cuttack-2

ବ୍ଲକ୍ :
ପ୍ରସେସ୍ ଆଣ୍ଡ ଅଫସେଟ୍ କୋ.
C/o. ଜେ. ମହାପାତ୍ର ଏଣ୍ଡ କୋ.
ଚାନ୍ଦନୀଚୌକ,
କଟକ-୨

Block makers :
Process & Offset Co.
C/o. J. Mohapatra & Co.
Chandinichouk,
Cuttack-2

ମୂଲ୍ୟ ସାତ ଟଙ୍କା ମାତ୍ର

Price Rs. 7-00

# ସୂଚୀପତ୍ର


ମୁଖଶାଳା —

ନିଜ କଥା — ୧-୪

ଶହେ ବର୍ଷ ତଳେ —

ଆହରଣ — ଅନ୍ୟଧାରା — ପୃଷ୍ଠପଟର ବ୍ୟାପ୍ତି — ଆଜିର ଓଡ଼ିଆ ଲେଖକର ସଂସ୍କାର — ଭାଷାବରଣର ସର୍ଜନା — ଲୋକଙ୍କ ସହିତ : ସାହିତ୍ୟ — ବସ୍ତୁ ଉର ଅଗଣାରୁ — ଅନ୍ତରର ମୂଳକ : ପାଣି ପବନର ଭାଷା — ନଈରେ ପାଣି ଛନ୍‌ଛନ୍‌ — ବାଟ କଢ଼ାଣିଆ ; ସାପଚାଲ ରାସ୍ତା — ଜେ ଜେ ଗଙ୍ଗାମାତା : ଦୁଙ୍ଗୁଡ଼ିଆ ପବନ — ଭାଙ୍ଗି ଚୂନା ହୋଇଗଲା । ୫-୩୪

ସାଧୁଭାଷା — ୩୫-୪୨

ବିଜ୍ଞାନ ଓ ବିଦ୍ୟା —

ସ୍କୁଲ ପାଠର ଭାଷା — ବୈଜ୍ଞାନିକ ଶବ୍ଦ : ରସାୟନ ପଦାର୍ଥ ବିଜ୍ଞାନ । ୪୩-୫୧

ଚଳନ୍ତି ଭାଷା ଓ ବ୍ୟାକରଣ — ୫୨-୫୭

ଶବ୍ଦ ସମ୍ପଦ —

ଇଂରାଜ : ଏକ ଅଦ୍ଭୁତ ଭାଷା — ଆହରଣ ପର୍ବ — ଓଡ଼ିଆରେ ସେ ବ୍ୟାପ୍ତି ନାହିଁ — ବ୍ୟାକରଣ କ୍ଷେତ୍ରରେ — ଖାଣ୍ଟି ଓଡ଼ିଆ — ଓଡ଼ିଆ ଅଭିଧାନର ସୂତ୍ର — ନଈକେ ବାଙ୍କ — ଓଡ଼ିଶାର ଜନ-ଜୀବନର ଗଦ୍ୟ ଭାଷା — 'ସମାଜ' ଓ 'ସତ୍ୟବ.ଦୀ'ର ପୃଷ୍ଠାରେ — ଦରିଦ୍ରତାର କାହାଣୀ — ରାଜନୀତିର ଗଦ୍ୟ — କାଉନ୍‌ସିଲ ରେଷ୍ଟ ଓ ପ୍ରତିବାଦ ପ୍ରସଙ୍ଗ — ଓଡ଼ିଆ ବୁଲି, ଗୁପ୍ତି, ମଜୁରଦାର — ପ୍ରୟୋଗର ବିଶେଷତ୍ୱ — ଲକ୍ଷ୍ୟ କରିବାର କଥା — ୫୮-୮୭

ମୂଳଦୁଆ — ଭାଷା ଓ ଗଦ୍ୟ —

ଭାଷାର ଆଦି ସ୍ଥାନ — ମଣିଷର ମୁହଁ — ଭାଷା ନିତ୍ୟ ସନାତନ ନୁହେଁ — ଅନ୍ୟ ଭାରତୀୟ ଭାଷା କ୍ଷେତ୍ରରେ — ପରିବର୍ତ୍ତନର ସୀମା ଅଛି — ଭାଷା ମୂଳଦୁଆର ସୌଧ ନୁହେଁ — ମାନଦଣ୍ଡ କ'ଣ ? ୮୮-୯୮

ଓଡ଼ିଆ ଶବ୍ଦ, ପଦ ଓ ପ୍ରୟୋଗ ବିଧି —

ଓଡ଼ିଆ ଏକ ଯୌଗିକ ଭାଷା — ଖାଣ୍ଟି ଓଡ଼ିଆ — ବିଶେଷ୍ୟ, ବିଶେଷଣ — କାରକ ଓ ବିଭକ୍ତି — ବାକ୍ୟର ଗୋଡ଼ : କ୍ରିୟାପଦ — ଓଡ଼ିଆ କ୍ରିୟାର ରୂପ : ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ କାଳରେ — କେତେକ ପ୍ରୟୋଗ ବିଧି — ପଞ୍ଚଦଶ ଶତାବ୍ଦୀରେ । ୯୯-୧୨୧

ଓଡ଼ିଆ ଗଦ୍ୟର ପ୍ରକୃତି —
ବତିଶ ସିଂହସନ ଓ ଚତୁର ବିନୋଦ — କେତୋଟି ତୁଳନା — 'ଗୁରୁଚଣ୍ଡାଳ
ଦୋଷ' ସେ କାଳର ସମାଲୋଚନା ଧାରା— ୧୨୨ — ୧୩୩
ଗଦ୍ୟ ଲେଖାର ବର୍ତ୍ତମାନ ପ୍ରଶ୍ନ —
ଇଂରେଜ ଶୈଳୀର ପ୍ରଭାବ — ଅନ୍ତ-ବୁଦ୍ଧିଆ ଭାଷା — ସାପ ମରିବ ନାହିଁ
କିନ୍ତୁ ବାଡ଼ି ଭାଙ୍ଗିବ — ନିଜସ୍ୱ ଜଡ଼ବଳଆ ଭାଷା — ୧୩୪-୧୪୫
ଓଡ଼ିଆ ଭାଷାର ଜନ୍ମ କଥା —
ଭାଷାମାନଙ୍କର ସାଦୃଶ୍ୟ — ଇନ୍ଦୋ-ୟୁରୋପୀୟ ଭାଷା ବଂଶବୃକ୍ଷ — ଭାରତୀୟ
ଭାଷାମାନଙ୍କର ଉତ୍ପତ୍ତି — ପ୍ରାକୃତ, ସଂସ୍କୃତ, ଓଡ଼ିଆ — ୧୪୬ — ୧୬୪
ବାଚନ ଶକ୍ତିର ଉତ୍ପତ୍ତି —
ଭିନ୍ନ ମତ — ଶବ୍ଦ ସୃଷ୍ଟିର ସୂତ୍ର । ୧୬୫-୧୭୦

# ମୁଖଶାଳା

ଆଜକୁ ସାତ ବର୍ଷ ତଳେ ଏ ବହି ଲେଖା ଆରମ୍ଭ କରିଥିଲି । ସେତେବେଳେ ଏଥିପାଇଁ ଯାହା କିଛି ମାଲମସଲା ସଂଗ୍ରହ କରିଥିଲି ତାହାକୁ ସଜାଡ଼ି ବାଛିବୁଛି ଗୋଟିଏ ଯଥାଯଥ ରୂପ ଦେବାପାଇଁ ମୋତେ ଚାରି ପାଞ୍ଚ ମାସ କାଳ ଲାଗି ଯାଇଥାଆନ୍ତା । ଘଟଣାସ୍ରୋତ ମୋତେ ସେ ସମୟ ଦେଲା ନାହିଁ । ତେଣୁ ଏ ବହି ଅଲେଖା ହୋଇ ରହିଥିଲା । ଆଶା ନଥିଲା, ଏହା କେବେ ସଂପୂର୍ଣ୍ଣ ହୋଇପାରିବ । ଏବେ ଅସୁସ୍ଥତା ଯୋଗୁଁ ଯେଉଁ ଜବରଦସ୍ତି ଅବସର ମିଳିଲା ତାହାକୁ ଖଟାଇ ଏ ବହିଟି ଛିଡ଼ା କରାଇ ଦେଇଛି । ଆଉ ବେଶି ଡେରି ହୋଇଥିଲେ ସେତକ ବି ହୋଇ ନଥାନ୍ତା ।

ଏ ବହି ପାଇଁ ଯାହା କିଛି ମାଲମସଲା ଯେଉଁଠୁ ସେଉଁଠୁ ସଂଗ୍ରହ କରିଥିଲି ବା ଏବେ କରିଛି ସେ ସମସ୍ତ ଏବେ ଗ୍ରନ୍ଥସୂଚୀ ଆକାରରେ ଦେବା ସମ୍ଭବ ନୁହେଁ । ଯେଉଁଠି ପାରିଛି, ବହିଗୁଡ଼ିକର ସୂଚନା ଏହି ଲେଖା ଭିତରେ ହିଁ ଦେଇଛି । ଯେଉଁ ଶହ ଶହ ଦେଶୀ ଓ ବିଦେଶୀ ଭାଷାବିତ୍ ଓ ଜ୍ଞାନୀ ଗୁଣୀଙ୍କର ଗବେଷଣା ଓ ନିର୍ଦ୍ଧାରଣକୁ ଭରସା କରି ମୁଁ ଏହି ନିବନ୍ଧ ରଚନା କରିଛି ସେ ସମସ୍ତଙ୍କଠାରେ ମୁଁ ଋଣୀ । ସେମାନଙ୍କର ଗବେଷଣା ଓ ସୂଚନା ଯୋଗୁଁ ମୋର ଏ ବହି ଲେଖା ସମ୍ଭବ ହୋଇଛି । କିନ୍ତୁ ଏଥିରେ ଯେଉଁ ଉପସଂହାରରେ ମୁଁ ପହଞ୍ଚିଛି ବା ଯାହା ମତାମତ ଦେଇଛି ତାହା ପୁରାପୁରି ମୋର । ଏଥିପାଇଁ ସେମାନଙ୍କର କୌଣସି ଦାୟିତ୍ୱ ନାହିଁ ।

ବହି ଭିତରେ 'ନିଜ କଥା'ରେ ପ୍ରଥମରୁ ମୁଁ କହିସାରିଛି ଯେ ମୁଁ ଏଠାରେ ଓଡ଼ିଆ କବିତାର ଭାଷା ଆଲୋଚନା କରିନାହିଁ । କାରଣ କବିତାର ଭାଷା ସାଧାରଣ କଥା ନୁହେଁ ବା ଗଦ୍ୟର ଭାଷା ନୁହେଁ । କବିତାର ଭାଷା ଭିତରୁ ସାହିତ୍ୟ ଓ ଭାଷା ଉଭୟଙ୍କୁ ଅଲଗା ଅଲଗା କରି ଦେଖିବାର ଉପାୟ ନାହିଁ । ଯେଉଁଠି ମୁଁ କବିତାର କୌଣସି ଉଦାହରଣ ଦେଇଛି ସେଇଠି ତାହା କବିତା ହିସାବରେ ଦେଇନାହିଁ । ଏକଥା ବହିଟି ପଢିଲେ ହିଁ ସ୍ପଷ୍ଟ ହେବ ।

ଏ ବକ୍ତୃତାରେ ଓଡ଼ିଆ ଗଦ୍ୟାଦର୍ଶର ଉଦାହରଣଗୁଡ଼ିକ ମୁଁ ପ୍ରାୟ ସାତ ବର୍ଷ ତଳର ପ୍ରକାଶିତ ଓଡ଼ିଆ ଗଦ୍ୟ ସାହିତ୍ୟ ଭିତରୁ ନେଇଥିଲି । ତେଣୁ ଏଠାରେ ସ୍ୱୀକାର କରିବାକୁ ପଡ଼ିବ ଯେ ଏହି ଉଦାହରଣଗୁଡ଼ିକ ସଂପୂର୍ଣ୍ଣ ନୁହେଁ । ଯେଉଁମାନେ ଖୁବ୍ ଉଚ୍ଚକୋଟିର ଗଦ୍ୟ ଲେଖକ ଏପରି ଅନେକଙ୍କର ଭାଷାର ଉଦାହରଣ ଏଥିରେ ନ ଆଇପାରେ । ଏଥିରୁ ଯେପରି କେହି ମନେ ନ କରନ୍ତି ଯେ ତାହାଙ୍କ ପ୍ରତି ହତମାନ୍ୟ କରି ବା ଉଦାସୀନ ହୋଇ ମୁଁ ତାଙ୍କର ଗଦ୍ୟଭାଷା ଏଠାରେ ଆଲୋଚନା କରିନାହିଁ । ମୋର ହାତପାହାନ୍ତା ପରିଧି ଭିତରେ ଓ ଏ ବକ୍ତୃତାର ପ୍ରତିପାଦ୍ୟ ବିଷୟର ଯୋଜନା ଚଉହଦରେ ଯେସବୁ ଗଦ୍ୟର ଭାଷା ଆସି ନାହାନ୍ତି; ଏତିକି ମାତ୍ର ମୋର କୈଫିୟତ । ବାକୀ ଯେଉଁ ଗଦ୍ୟଭାଷା ବିଷୟରେ ମୁଁ ଆଲୋଚନା କରିଛି ତାହା ମୋର ପ୍ରତିପାଦ୍ୟ ବିଷୟ ଦୃଷ୍ଟିରୁ କରିଛି, ଏଥିର ସମସ୍ତ ଦୋଷ ମୋର ବିଚାର ଦୋଷ ହୋଇପାରେ । ଲେଖକ ଓ ପାଠକ ବନ୍ଧୁମାନେ ଏହାକୁ ସ୍ନେହ ଦୃଷ୍ଟିରୁ ଦେଖିବେ, ଏତିକି ମାତ୍ର ଅନୁରୋଧ ।

ଓଡ଼ିଆ ଭାଷା ଉପରେ ଏ ପର୍ଯ୍ୟନ୍ତ ଯାହା କିଛି ଆଲୋଚନା ମୋତେ ଜଣାଥିଲା ସେ ସମସ୍ତ ଆଲୋଚନା ମୁଁ ଏହି ନିବନ୍ଧ ରଚନାରେ ଚର୍ଚ୍ଚା କରିଛି । ବକ୍ତୃତାଲେଖା ପୂର୍ବରୁ ଅଧ୍ୟାପକ ଗୋଲକ ବିହାରୀ ଧଳଙ୍କର କିଛି ଲେଖା ଉପରେ ମୁଁ ଆଖି ପକେଇ ଦେଇଥିଲି । ପଣ୍ଡିତ ବିନାୟକ ମିଶ୍ରଙ୍କର କିମ୍ବଦନ୍ତୀ, ଓଡ଼ିଆ ଓଷାବ୍ରତ, କେତୋଟି ଶିଳାଲେଖର ଅନୁସନ୍ଧାନ ଓ ତାହାର ଭରସା ଉପରେ ପ୍ରତିପାଦିତ ସିଦ୍ଧାନ୍ତଗୁଡ଼ିକ ଯଥେଷ୍ଟ ଅର୍ଥପୂର୍ଣ୍ଣ ଥିଲା । କିନ୍ତୁ ତାଙ୍କର ନିର୍ଦ୍ଧାରଣଗୁଡ଼ିକ ପ୍ରାୟ ଅନୁମାନ ଓ ପୁରାଣ ପୋଥିମାନଙ୍କର ରୂପକ ତାତ୍ପର୍ଯ୍ୟ ଉପରେ ପ୍ରତିଷ୍ଠିତ । ସେଗୁଡ଼ିକ ବୈଜ୍ଞାନିକ ପରୀକ୍ଷା ଦ୍ୱାରା ସିଦ୍ଧ ହୋଇନାହିଁ । ପଣ୍ଡିତେ ଏବେ ନିକଟରେ ଏ ସଂସାର ଛାଡ଼ି ଚାଲିଗଲେ; ତେଣୁ ତାଙ୍କର ଗବେଷଣା ଏବେ ବି ଅସଂପୂର୍ଣ୍ଣ ରହିଛି ।

ଆଗେ ଭାଷାତତ୍ତ୍ୱର ଆଲୋଚନାରେ ଯାହା ପ୍ରମାଣ ବୋଲି ଦର୍ଶା ଯାଉଥିଲା ଏବେ ବିଜ୍ଞାନ ଦୃଷ୍ଟିରୁ ସେଗୁଡ଼ିକ ଅଧିକାଂଶ କ୍ଷେତ୍ରରେ ପ୍ରମାଣ ନୁହେଁ, କେବଳ ଅନୁମାନ । ଏବେ ପ୍ରାକୃତିକ ବିଜ୍ଞାନର ପ୍ରୟୋଗ ଦ୍ୱାରା ଭାଷାତତ୍ତ୍ୱର ଅନୁସନ୍ଧାନ ପଦ୍ଧତି ହୋଇଗଲାଣି । ତେଣୁ ଅନ୍ୟାନ୍ୟ

ମାନବ ବିଦ୍ୟା କ୍ଷେତ୍ରରେ ଯେପରି ପୁରୁଣା ଅନୁମାନଗୁଡ଼ିକ ବୈଜ୍ଞାନିକ ଗବେଷଣାରେ ସିଦ୍ଧ ହେବା ଆବଶ୍ୟକ, ଠିକ୍ ସେପରି ଭାଷାତତ୍ତ୍ୱ କ୍ଷେତ୍ରରେ ହେବା ଆବଶ୍ୟକ । 'ଏହା ଅମୁକ ପଣ୍ଡିତଙ୍କର ମତ' ବା 'ସମୁକ ପଣ୍ଡିତଙ୍କର ତତ୍ତ୍ୱ' ବୋଲି କହିଦେବା ଯଥେଷ୍ଟ ନୁହେଁ । ସମୟ ଆସୁଛି, ଯେତେବେଳେ ଗଣିତ, ଜ୍ୟୋତିର୍ବିଦ୍ୟା, ପଦାର୍ଥବିଦ୍ୟା, ରସାୟନ ଭଳି ପ୍ରାକୃତିକ ବିଜ୍ଞାନ ବା ଠିକ୍‌ଠାକ୍ ତତ୍ତ୍ୱ ପରି ମନସ୍ତତ୍ତ୍ୱ, ଭାଷାତତ୍ତ୍ୱ ଇତ୍ୟାଦି ମାନବବିଦ୍ୟା ବି ଠିକ ଠାକ୍ ତତ୍ତ୍ୱ ଉପରେ ପ୍ରତିଷ୍ଠିତ ହେବ ।

ତେଣୁ ଏ ବହି ଆରମ୍ଭ କଲାପରେ ମୋର ମନେ ହେଲା ଯେ, କେବଳ ଓଡ଼ିଆ ଭାଷାର ପାଞ୍ଚଶହ ବା ଏକହଜାର ବର୍ଷର ଧାରଣାରୁ ଅର୍ଥାତ୍ ଏହାର ପ୍ରୟୋଗରୁ ଓଡ଼ିଆ ଭାଷାର ଗତି ପ୍ରକୃତି ଠିକ୍ କରିବା ମଧ୍ୟ କେବଳ ଅନୁମାନ ହେବ । ବରଂ ପୃଥିବୀର ଶହ ଶହ ଭାଷା-କ୍ଷେତ୍ରରେ ଅନୁସନ୍ଧାନ ଯେଉଁଗୁଡ଼ିକ ପ୍ରାୟ ଗାଣିତିକ ଯୁକ୍ତିରେ ଉଦ୍‌ଘାଟିତ କରିଛି ତାହାକୁ ଓଡ଼ିଆ ପ୍ରୟୋଗରେ ପରୀକ୍ଷା କରି ଦେଖିବାକୁ ହେବ । କାରଣ ଓଡ଼ିଆଭାଷା ପୃଥିବୀର ମନୁଷ୍ୟ ଭାଷା ଗୋଷ୍ଠୀର ଏକ ବିଶିଷ୍ଟ ଅଙ୍ଗ । ପ୍ରୟୋଗର ଲକ୍ଷଣ ଦେଖିସାରି ବିଜ୍ଞାନ ଘାଣ୍ଟିଲୁ ଗଲାବେଳେ ଭାଷାତତ୍ତ୍ୱର ଆବିଷ୍କୃତ ଓ ଅନାବିଷ୍କୃତ ଅଂଶ ଆଖିରେ ପଡ଼ିଲା । ତାହାକୁ ଗୋଟିଏ ବହିରେ ସନ୍ନିବିଷ୍ଟ କଲେ ବହିର କଳେବର ଖୁବ୍ ବଡ଼ ହୋଇ ଯାଇ ଥାଆନ୍ତା । ତେଣୁ ତାହାକୁ ଚଳନ୍ତି ଭାଷାର 'ବିଜ୍ଞାନ' ଭାବରେ ଦ୍ୱିତୀୟ ଖଣ୍ଡରେ ସନ୍ନିବିଷ୍ଟ କରାଯାଇଛି । ତେବେ ପ୍ରୟୋଗ ଓ ବିଜ୍ଞାନ ଅର୍ଥାତ୍ ବ୍ୟବହାର ଓ ତତ୍ତ୍ୱ ଭିତରେ ଯୋଗସୂତ୍ର ଏପରି ନିବିଡ଼ ଯେ, ଅନେକ ସ୍ଥଳରେ ପ୍ରୟୋଗକୁ ମନେ ରଖିବା ପାଇଁ ବିଜ୍ଞାନ ଓ ବିଜ୍ଞାନ ସୂତ୍ରର ଉଦାହରଣ ହିସାବରେ ପ୍ରୟୋଗ ଅନିବାର୍ଯ୍ୟ ଭାବରେ ଉଭୟ ପୋଥିରେ ପ୍ରବେଶ କରିଛି । ଏହା ଫଳରେ ଆଲୋଚନା ଆହୁରି ପ୍ରାଞ୍ଜଳ ଓ ସହଜବୋଧ ହେବ ବୋଲି ମୋର ବିଶ୍ୱାସ ।

ଏହି ବହି ଲେଖାରେ ବିଭିନ୍ନ ପୁସ୍ତକ ଓ ପତ୍ରପତ୍ରିକା ସଂଗ୍ରହରେ ମୋର ଆତ୍ମୀୟ ରାଧାନାଥ ଟ୍ରେନିଂ କଲେଜର ଗବେଷକ ଶ୍ରୀ ବୀରେନ୍ଦ୍ର ନାଥ କରଙ୍କର ସାହାଯ୍ୟ ପାଶୋରିବାର ନୁହେଁ । ଏହାଛଡ଼ା ଉତ୍କଳମଣି ଗୋପବନ୍ଧୁଙ୍କର ପୁରୁଣା 'ସମାଜର' ଲେଖାଗୁଡ଼ିକ ପଢ଼ିବାକୁ ମୋତେ

ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତାବୃନ୍ଦ ଅନୁମତି ଦେଇ ଏ ବହି ରଚନାରେ ସାହାଯ୍ୟ କରିଛନ୍ତି । ସେ ସମସ୍ତଙ୍କ ନିକଟରେ ମୁଁ ଋଣୀ ରହିଲି ।

ଏ ପୁସ୍ତକର ପ୍ରକାଶକ ବହିଟିର ମୁଦ୍ରଣ ପରିପାଟୀ, ବିଭାଗ ବଣ୍ଟନ ଇତ୍ୟାଦି ଯାବତୀୟ ବିଷୟରେ ଯେଉଁ ଶ୍ରମସ୍ୱୀକାର କରିଛନ୍ତି ଓ ଯଥା-ସମ୍ଭବ ଶୀଘ୍ର ବହିଟିର ପ୍ରକାଶନ ପାଇଁ ଯେଉଁ ନିଷ୍ଠା ଦେଖାଇଛନ୍ତି ସେଥିପାଇଁ ତାଙ୍କୁ ସାଧୁବାଦ ଦେଉଛି ।

ଏ ବହି ଏକ ସେତୁବନ୍ଧ ମାତ୍ର । ଆହୁରି ଅନେକ କାର୍ଯ୍ୟ ବାକି ଅଛି । ଓଡ଼ିଆ ଭାଷାକୁ ଉନ୍ନତ କରିବାକୁ ହେଲେ ଏହି ଭାଷାର ଗଠନପ୍ରକୃତି ଓ ଏହାର ଭବିଷ୍ୟତ ସମ୍ଭାବନାକୁ ବହୁ ଦିଗରୁ ଅନୁସନ୍ଧାନ କରିବାକୁ ହେବ । ଏହି ପଥରେ ଯେଉଁ ଗାଡ଼ ଥିଲା ତାହାକୁ ପୋତି ମୁଁ କେବଳ ଏକ ସେତୁ ନିର୍ମାଣ କରୁଛି ।

ମୋର ଆଶା ଅତୀତର ଗବେଷଣା ଓ ବର୍ତ୍ତମାନର ବିଜ୍ଞାନର ପ୍ରୟୋଗରେ ଭବିଷ୍ୟତର ଓଡ଼ିଆ ଭାଷାବିଦ୍‌ମାନେ ଆହୁରି ନୂତନ ଦିଗନ୍ତ ଦ୍ୱାର ଉଦ୍‌ଘାଟନ କରିବେ ।

**ମନମୋହନ ମିଶ୍ର**

ମହାଳୟା
୧୦ ତାରିଖ ସେପ୍ଟେମ୍ବର
୧୯୭୧ ରବିବାର

# ନିଜ କଥା

୧୯୭୪ ମସିହା । ଜେଲଖାନାରେ ଥାଏ । ଅଟକବନ୍ଦୀ । ଗ୍ରାମ ଆନ୍ଦୋଳନର ଶରବ୍ୟ । କେତେଦିନ ରହିବୁଁ, କାହିଁକି ରହିବୁଁ, କିଏ କାହିଁକି ଏଠାକୁ ଆଣିଲା ସେଥିରେ କୌଣସି ଠିକ୍ ଠିକଣା ନ ଥାଏ । ସବୁଥରର ଜେଲଖାନାକୁ ବାହାରିଲାବେଳେ ଯେପରି ପୋଥି, କୋଥଳି ବାନ୍ଧି ଦୁଇବର୍ଷ ବା ତିନିବର୍ଷ ମାନଅ ମନ ଚୈତନକୁ ଛନ୍ଦିକରି ଆସିବାକୁ ପଡେ ଏଥରକ ସେ ଅବସ୍ଥା ନ ଥାଏ । ତେଣୁ ପାଖରେ କୌଣସି ଯୋଜନା ନଥାଏ । ତାହା ନ ଥିବାରୁ ନିଆରୁ ପୋଥିପତ୍ର ବି ନଥିଲା । ଜେଲ୍ ଖାନାର ଲାଇବ୍ରେରୀରେ ଯାହା କେତେ ଖଣ୍ଡ ଥିଲା ସେ ଭିତରେ ମନକୁ ଛନ୍ଦି ରଖିବା ଛଡ଼ା ଆଉ କିଛି ନ ଥିଲା ସେ ପୋଥିପତ୍ରରୁ ପୁରାଣ ଶାସ୍ତ୍ର ଯାହା ବା ଥିଲା ସେତକ ତ ଥିଲା ତାହା ଛଡା ଥିଲା କେତେଗୋଟି ଗ୍ରନ୍ଥାବଳୀ । ଫକୀରମୋହନ, ରାଧାନାଥ, ନନ୍ଦକିଶୋର, ଗୋଦାବରୀଶ ।

ଏଭଳି ବେଳା ଅଧ୍ୟୟନ କରୁ କରୁ ହଠାତ୍ ଆଖି ପଡିଲା ପଣ୍ଡିତ ନୀଳକଣ୍ଠ ଦାସଙ୍କର ଫକୀରମୋହନ ଗ୍ରନ୍ଥାବଳୀର 'ଉପୋଦ୍‌ଘାତ' ଉପରେ । ଆଗରୁ ଗଦ୍ୟ ଭାଷା ବିଷୟରେ ରାଧାନାଥଙ୍କର 'ଇତାଲୀୟ ଯୁବା' ଆଉ 'ବିବେକୀ' ସାଙ୍ଗରେ ଫକୀରମୋହନଙ୍କର ଆତ୍ମଚରିତ ମିଳାଉ ମିଳାଉ ମନରେ କେତେଗୁଡ଼ିଏ ସନ୍ଦେହ ଆଉ ତା'ର ଉତ୍ତର ଜାଗିଥିଲା । ଅବଶ୍ୟ ଓଡ଼ିଶାର ଗଦ୍ୟ ସାହିତ୍ୟର ଆଦ୍ୟଯୁଗର ଲେଖା ରୁଦ୍ର ସୁଧାନିଧି, ମାଦଳାପାଞ୍ଜିର କୌଣସି ଉଦ୍ଧୃତି ଥିବା ପୋଥି ପାଖରେ ନ ଥିଲା । ତେଣୁ ପ୍ରାଚୀନ ଯୁଗର ଓଡ଼ିଆ ଗଦ୍ୟ ଭାଷାକୁ ଛାଡ଼ି ବର୍ତ୍ତମାନର ଭାଷା ବିଷୟରେ ମନର ଓରମାନ ମେଣ୍ଟାଇବା ଲାଗି ମତନ ମନେ ସ୍ଥିର କରିଥିଲି ।

ପଣ୍ଡିତ ନୀଳକଣ୍ଠ ଖେଦ କରିଛନ୍ତି "କଣ୍ଟା ଓଡ଼ିଆରେ କହିଲେ ଲୁହାଯିବ, ଆମ ଓଡ଼ିଆ ଭାଷା ଓ ସାହିତ୍ୟର ଆଜି ମା' ବାପ ନାହିଁ । ଅନ୍ୟ ଭାବରେ ମଧ୍ୟ ଏକଥା ସତ୍ୟ । ମୋ ମନେ ଅଛି, ଶୁଣିଥିଲି, ସେ କାଳର ଶ୍ରୁତିମନ୍ତ ସାହିତ୍ୟିକ ମୋର ବାଲ୍ୟଗୁରୁ ସ୍ୱର୍ଗତ ଚନ୍ଦ୍ରମୋହନ

ମହାରଣୀ ଟ୍ରେନିଂ ସ୍କୁଲ ଛାତ୍ରଙ୍କୁ ମହାଯାତ୍ରା ପଢ଼ାଉଥିଲା ବେଳେ ସାତ-କୋଶିଆ ଗଣ୍ଡ ବର୍ଣ୍ଣନା ଭିତରେ ଯେତେବେଳେ ପଢ଼ିଲେ

'ଲୁହେଲାରେ ନୀଳବର୍ଣ୍ଣ ଭୃଗୁମାନ ଗିର

× × ×

ଶିଖା ଟୋଳ କଳନ୍ତ କି ଗଗନର ସୀମା ?

ହଠାତ୍ ବିସ୍ମିତ ହୋଇପରି ଟିକିଏ ରହିଗଲେ ଓ ଛାତ୍ରଙ୍କୁ କହିଲେ, ଓଡ଼ିଆରେ ହୁଏ, ମୁଣ୍ଡ ଟେକ, 'ମୁଣ୍ଡ ଟୋଳ' ନୁହେ । ବଙ୍ଗଳାରେ ହୁଏ 'ମଥା ତୁଲେ' । ଏଠାରେ ହୁଅନ୍ତା 'ଶିଖା ଟେକ' । ଏବେ ଆଜକାଲ, ସେଠାକାର, ସଠିକ, ହୁବହୁ, ଛାରଖାର, ନଆଁ ଧୂ ଧୂ ଜଳୁଚି, ସେ ଦୁଃଖରେ ହାୟ ହାୟ କରିବାକୁ ଲାଗିଲେ ପ୍ରଭୃତି ଓଡ଼ିଆରେ ଅପ୍ରାକୃତିକ ଓ ଅସଙ୍ଗତ ଆମଦାନି ବରାବର ଦେଖିବାକୁ ମିଳିବ । ତା ଖାଇ ମରିଯିବାରୁ ତା' ଘରେ କାନ୍ଦ ବୋବାଳି ପଡ଼ିଲା ନ ଲେଖି ଆମ ଲେଖକମାନେ ମାର୍ଜିତ ଭାଷାରେ ଲେଖୁଛନ୍ତି ତା' ଘରେ କନ୍ଦାକଟା ଲାଗିଲା । ଏ ସବୁ ଲେଖି ବସିଲେ ସରିବ ନାହିଁ । ଏପରି ପ୍ରକାଶ ଭଙ୍ଗୀ କେବଳ ସୂଚନା ମାତ୍ର ।" ତା' ପରେ ପଣ୍ଡିତ ଦାସେ କହିଛନ୍ତି "ଆମ ନାଟକ ଲେଖାରେ ଏ ବିଂଶ ଶତାବ୍ଦିର ମଧ୍ୟଭାଗରେ ମଧ୍ୟ କେବଳ କେନାକ୍ତକେ' ଓ 'ସ୍ୱାଗତ' ନୁହେଁ ଦେବ ଦେବୀଙ୍କର ଆବିର୍ଭାବ ଓ କରଣୀଠାରୁ ଗୁଣ୍ଡୀ ଗାରେଡ଼ର ବ୍ୟବହାର ପର୍ଯ୍ୟନ୍ତ ଲେଖକ ଓ ଦର୍ଶକଙ୍କର ପାଖରେ ଅନାଦୃତ ଓ ହେୟ ହୋଇ ନାହିଁ । ତେଣୁ ବିଦ୍ୟାର ପ୍ରଗତି ସୂତ୍ରରେ ଭାଷା ଓ ସାହିତ୍ୟ ଉନ୍ନତି କରୁଚି ବୋଲି ମନେ ହେଉ ନାହିଁ ।"

ଅବଶ୍ୟ ଏହି ଖେଦୋକ୍ତି ଯଥାର୍ଥ । ବିଶେଷତଃ ତାଙ୍କର ମାନଦଣ୍ଡ ହିଁ ପ୍ରକୃତ ମାନଦଣ୍ଡ । କାରଣ ଦର୍ଶକ, ଆଉ ପାଠକର ଯାହା ଅନାଦୃତ ଓ ହେୟ ନହେଲା ତାହା ଚଳିଯିବ । ଓଡ଼ିଶାରେ ଭାଷାର ମା ବାପ ହେଉଛନ୍ତି ସେଇମାନେ । ଯେମାନେ ଯଦି ଆମର ଲିଖିତ ଭାଷାକୁ ଦେଖି ବା ଶୁଣି ଚିହ୍ନି ପାରିବେ, ଯଦି ତାହା ସହିତ ଆତ୍ମୀୟତା ବାନ୍ଧି ପାରିବେ ତେବେ ସିନା ସେ ଭାଷା ଚଳିବ । ପଣ୍ଡିତ ନୀଳକଣ୍ଠ ଦୁଃଖ କରିଛନ୍ତି ଯେ ଏହି ଓଡ଼ିଆ ପାଠକେ ବା ଗ୍ରାହକେ ଏସବୁ ଦେଖି ଶୁଣି ବି ନୀରବ ରହୁଛନ୍ତି । ଘୃଣା ବା ଅନାଦର କରୁ ନାହାନ୍ତି । କିନ୍ତୁ ଏକଥା ବିଚାରିବା ନିତାନ୍ତ ଅନ୍ୟାୟ । ନୀରବତା ବା ଉଦାସୀନତା ତ ସବୁବେଳେ ସମର୍ଥନର ସଙ୍କେତ ନୁହେଁ ।

ତାହା ଯଦି ହୋଇଥାଆନ୍ତା ତେବେ କାଚ ଆଉ ମଣି ଭିତରେ ପ୍ରଭେଦ ନ ଥାନ୍ତା । ଓଡ଼ିଆ ପାଠକ କଲମ ଧରି ସମାଲୋଚନା କରି ଜାଣିନାହାଁନ୍ତି । କିନ୍ତୁ ସେ ଜାଣିଛନ୍ତି କାଚ କାଚ, ମଣି ମଣି । ତେଣୁ ଯାହା ଅନୁକରଣ ବା ନକଲ ତାହାର ଆପାତଦୃଶିଆ ଚକ୍‌ଚକ୍ୟ ଅଳ୍ପକାଳ ଭିତରେ ମଉଳି ଯାଇଛି । ଏଥିର ପ୍ରମାଣ ଅଭାବ ଅଛି କି ?

ସବୁକାଳେ ସବୁଠିଁ କବିତାର ଭାଷା ବିଷୟରେ କେହି କିଛି କହନ୍ତି ନାହିଁ । ସେ ଭାଷାକୁ ସାତ ଖୁଣ ମାଫ୍ । କାରଣ କଥା ଅଛି, କବି କୁଣ୍ଡ, ମେଣ୍ଢା ମୁଣ୍ଡ । କାରଣ କବିମନ ବୁଝିବାକୁ ହେଲେ ଖାଲି ଭାଷା ଜାଣିଲେ ସବୁ ହେଲା ନାହିଁ, ଭାଷାରେ ଯେଉଁ ବ୍ୟଞ୍ଜନା ବା ଧ୍ୱନି ଅଛି ସେଥିରୁ ଯାହା ବ୍ୟକ୍ତ ଅଛି ତାହା ସହିତ ଯାହା ଅବ୍ୟକ୍ତ ରହିଗଲା ସୂଚନାରେ ତାହାକୁ ମଧ୍ୟ ବୁଝିବାକୁ ହୁଏ । ତେଣୁ ରାଧାନାଥ ଯେତେବେଳେ ଲେଖିଲେ 'ଶିଖା ତୋଳି କଳନ୍ତି କି ଗଗନର ସୀମା' ସେତେବେଳେ ତୋଳିବା ସାଙ୍ଗକୁ କଳିବାର ଧ୍ୱନି ବୋଧହୁଏ ତାଙ୍କର କବି ଲେଖନୀକୁ ପ୍ରେରଣା ଦେଇଥିବ । ତେବେ 'ଶିଖା ଟେକି କଳନ୍ତି କି ଗଗନର ସୀମା' ହୋଇଥିଲେ 'ଶିଖା' ସହିତ 'ଟେକି'ର ଛନ୍ଦ ଲହରୀ ବୋଧହୁଏ ମିଶି ଥାଆନ୍ତା । ସେ କଥା ଛାଡ଼ । କାରଣ କବିକୁ ଭାଷା ଶିଖାଇବାକୁ ଚେଷ୍ଟା କରିବା ଧୃଷ୍ଟତା । ତେବେ ବି କବିତାର ଭାଷା ଶାସ୍ତ୍ରୀୟ ଶୈଳୀର ନାଗପାଶ ଛିଣ୍ଡାଇ ସାଧାରଣ ଲୋକଙ୍କର କଥିତ ଭାଷାରେ ଆତ୍ମପ୍ରକାଶ କରିବା ପାଇଁ ବାରମ୍ବାର ବିଦ୍ରୋହ କରିଥିବା କଥା କିଏ ନ ଜାଣେ ? ଏହି ବିଦ୍ରୋହ ଯେ ବହୁବାର ଜିତିଛି, ତାହାର ସାକ୍ଷୀ ତ ବିଭିନ୍ନ ସାହିତ୍ୟର ଇତିହାସ । ଓଡ଼ିଶାରେ ସାରଳା ଦାସ ବା ସତ୍ୟବାଦୀ ଯୁଗର ଗୀତିଧର୍ମୀ କବିତାର ଲେଖକକୁଳ ତ ଏହାର ପ୍ରମାଣ ଦେବେ । ଏକଥା ଚିନ୍ତାକଲାବେଳେ ବିଲାତର ଚାଳିକା କୂଳର କବି ଓ୍ୱାର୍ଡସଓ୍ୱାର୍ଥ, କଲରିଜ ଓ ତାଙ୍କର ଗୀତିଧର୍ମୀ କାହାଣୀ–କବିତା ଆପଣାଛାଏଁ ମନ ଆଗରେ ଭାସି ଉଠେ ।

କବିତାର ଭାଷା ବିଷୟରେ ଚର୍ଚ୍ଚା ଅତି ଗହନ କଥା । ତାକୁ ସାହିତ୍ୟର ପଣ୍ଡିତମାନେ କରିବେ । କିନ୍ତୁ ଆମେ ଯାହା ପ୍ରତିଦିନ ପଢ଼ୁଛୁ, ରେଡ଼ିଓରେ ଖବର ଅନ୍ତର ବକ୍ତୃତା ଆଲୋଚନାରେ ଶୁଣୁଛୁ ତାହା ହେଉଛି ଜୀବନ୍ତ ଚଳନ୍ତି ଭାଷା । ସେହି ଭାଷାର ମା ବାପ ନାହିଁ ବୋଲି ଶୁଣିଲେ ଦୁଃଖ ଲାଗେ । ତେବେ ଭାଷାଟା ଯେତେବେଳେ

ଜଣେ ଅଧିକଙ୍କର ମୌରସୀ ସମ୍ପତ୍ତି ନୁହେଁ ସେତେବେଳେ ତାହା ଯେ ବାରହାର ଶୁଣି ପିଣ୍ଡା ହେବ ଏକଥା ତ ନିଶ୍ଚିତ । ସେପରି ଏକ ଗଦ୍ୟଭାଷା ଭିତରୁ ଓଡ଼ିଶାର ଗଦ୍ୟ ଭାଷାର ମାନ ନିରୂପଣ କରିବା ହେଉଛି ଏକ କଥା । ଯାହା ଆଦରଣୀୟ ବା ବରଣୀୟ ତାକୁ ଆଉ ଖୁଣିଲେ ଲାଭ ନାହିଁ । ଯାହା ବେଗବାନ୍ ଅଶ୍ୱ ଭଳି ଧାଇଁଛି ତାହାର ଦଶଧଣ୍ଡା ପୂର୍ବର ଗତିକୁ କଳିବା ଯେପରି ଗତକଥା ଠିକ୍ ସେହିପରି ଯାହା ଭାଷାର ସ୍ରୋତରେ ପ୍ରବେଶ କରି ମିଶିଗଲା ଏକାକାର ହୋଇଗଲା ତାହାକୁ ଏବେ ବସି ବାଛିବା ଠିକ୍ ସେପରି ବ୍ୟର୍ଥ ପରିଶ୍ରମ ।

ସେ ଭଳି ପରିଶ୍ରମ କରିବାକୁ ଏ ପୋଥି ଲେଖା ଯାଇନାହିଁ । ଆମର ଚଳନ୍ତି ଭାଷାରେ ଯେଉଁ କେତେଗୁଡ଼ିଏ ବିଭିନ୍ନ ସ୍ରୋତ ଏକ ସମୟରେ ବା ବିଭିନ୍ନ ସମୟରେ ଆସି ମିଶିଛି ସେଇ ସ୍ରୋତଗୁଡ଼ିକର ଉତ୍ପତ୍ତି ଆଉ ସେମାନଙ୍କର ନବୀନ ରୂପର ଅନୁଧ୍ୟାନ ପାଇଁ ଏଥିରେ ଖୋଜାଯାଇ ରହିଛି । ଚଳନ୍ତି ଭାଷାର ଏହା କେବଳ ଗୋଟାଏ ସମୀକ୍ଷା । ତାହାର ଗତି ନିର୍ଦ୍ଧାରଣ ପାଇଁ ଏକ ବଟାଖୁଣ୍ଟ । ଏହି ଗତି କିଭଳି ପରିବର୍ତ୍ତିତ ହେବ ତାହା ଏବେ କହିବା ଦୁଃସାଧ୍ୟ । ତେବେ ଭବିଷ୍ୟତ ଓଡ଼ିଶାର ଆର୍ଥିକ ଜୀବନଧାରା, ସାଂସ୍କୃତିକ ଦିଗନ୍ତର ବିସ୍ତୃତି ସଙ୍ଗେ ସଙ୍ଗେ ଏହି ଭାଷାର ପ୍ରଗତି ସହଜରେ ଅନୁମାନ କରି ହେବ ।

ଆଜିର ଆଲୋଚନାରୁ ସେହି ଭବିଷ୍ୟତର କଳ୍ପନା କରାଯାଇପାରେ ।

# ଶତେକ ବର୍ଷ ତଳେ

ଯୋଗ୍ୟତା କଳନା କରିବାକୁ ଆମ ଦେଶରେ ପ୍ରଶ୍ନ ହୁଏ 'କ'ଣ ପଢ଼ିଛ ?'

ଇଂରାଜୀ ପଢୁଆ ହୋଇଥିଲେ କହେ—ସ୍କୁଲ ଫାଇନେଲ୍ ବା ମାଟ୍ରିକ୍ୟୁଲେସନ ଫେଲ୍ । ଓଡ଼ିଆ ପଢୁଆ ହୋଇଥିଲେ କହେ—ଆଜ୍ଞା, ଏଇ ଓଡ଼ିଆ ପଢ଼ିଛି । ମାଇନର ଯାଏ । ପୁଣି ବା ଲୋକ ଖାଲି ଓଡ଼ିଆ ପଢ଼ା କଥା ଶୁଣିଲେ ମୁହଁ ଆମ୍ବିଳା କରିଦିଏ । ଯେପରି ଓଡ଼ିଆ ପଢ଼ାଟା କେବଳ ଧର୍ମକୁ ଆଖିଠାର; ସେ ପଢ଼ାରେ ଯେପରି କୌଣସି ମୂଲ୍ୟ ନାହିଁ । ଅବଶ୍ୟ ଏଭଳି କଥାଟାଏ କହିଦେଲେ ବା ଶୁଣିଦେଲେ ମନକୁ ବଡ଼ ବାଧେ । ତେବେ ବି ସବୁଠାରୁ ଓଡ଼ିଆବତ୍ସଳ ଲୋକ ଯେ ଖାଲି ଓଡ଼ିଆ ପଢ଼ାକୁ ଅପସନ୍ଦ କରେ ଏ କଥା ତ ସତ !

କାହିଁକି ?

କବି ରବୀନ୍ଦ୍ରନାଥ ବଂଗଳାରେ ଗୋଟିଏ କବିତାରେ ଗୋଟିଏ କଥା ଲେଖିଥିଲେ ଯାର ଓଡ଼ିଆ ମର୍ମ ହେଲା "ବିପୁଳା ଏ ପୃଥିବୀର କେତେଟିକ ଜାଣେ ମୁଁ ଜାଣେ ? ସଭ୍ୟତାର ଅବଶେଷ ମୀନାରର ଶୀର୍ଷ ଚୂଡ଼ାରେ ବସି ମୁଁ ଗୁହିଁଛି । ତଳେ ଓ ଚତୁର୍ଦ୍ଦିଗରେ ଆଜି ମୋର ଆଖିର ସୀମା ବାହାରେ ବିପୁଳା ଧରଣୀର ଜୀବନ କଳରବ ବ୍ୟାପ୍ତ ରହିଛି । ତାହା ସହିତ ମୋର ସଂଯୋଗ କାହିଁ ?" ଠିକ୍ ସେହିପରି ଯିଏ ଖାଲି ଓଡ଼ିଆ ପଢ଼ି ଲେଖି ଜାଣେ ତା'ର ଦୌଡ଼ କେତେଦୂର ? ଆହୁରି କେତେ ସାମାନ୍ୟ ! ରବୀନ୍ଦ୍ରନାଥ ବିନୟରେ ହେଉ ବା ଅବଶୋଷରେ ବ୍ୟାକୁଳ ହୋଇ ଏମିତି ସିନା କହିଲେ ! ଭୁକ୍ତା ଓଡ଼ିଆ ପଢୁଆ ଲୋକ ମନଗ୍ଲାନିରେ ତ ଏ କଥା କହିବାକୁ ବାଧ୍ୟ । କାରଣ ଓଡ଼ିଆ ପାଠରେ ସଂସାରର କେଉଁ ବିଦ୍ୟାର ଦ୍ୱାର ଫିଟିଛି ? ଏହାର ପରିସର କେତେଦୂର ? ପଣ୍ଡିତ ଗୋଦାବରୀଶ ତାଙ୍କ ଆତ୍ମଚରିତରେ ଲେଖିଛନ୍ତି "ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପୂର୍ବରୁ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳମାନଙ୍କୁ ଓଡ଼ିଶାକୁ ଆଣିବା ସମ୍ବନ୍ଧରେ ଯେଉଁ ତଦନ୍ତ ହୋଇଥିଲା ସେଥିରେ

ଅନେକ ମେଦିନୀପୁର ଓଡ଼ିଆ କହିଲେ—"ଆମେ ଓଡ଼ିଶାକୁ ଗଲେ, ରବୀନ୍ଦ୍ରନାଥ, ଜଗଦୀଶଚନ୍ଦ୍ର ବୋଷ, ଚିତ୍ତରଞ୍ଜନ ଦାସ ଆଉ କଲକତା ସହର କାହିଁ ପାଇବୁ ?"

ଏଭଳି ମନୋଭାବ କେତେକଙ୍କୁ ଖରାପ ଲାଗିପାରେ ; ଏହା ଓଡ଼ିଆ ମାତୃଭାଷା-ପ୍ରେମ ପ୍ରତି ଦ୍ରୋହାଚରଣ । କିନ୍ତୁ ଏଥିରେ ଯେଉଁ ଚିନ୍ତା ଫୁଟିଉଠୁଛି ତାହା କ'ଣ ବିଚାରଯୋଗ୍ୟ ନୁହେଁ ? ରବୀନ୍ଦ୍ରନାଥ, ଜଗଦୀଶ ଚନ୍ଦ୍ର, ଚିତ୍ତରଞ୍ଜନ ଆଉ କଲକତା ସହର ଗୋଟିଏ ଗୋଟିଏ ନୂତନ ବିଦ୍ୟାର ସଙ୍କେତ । କବିତା ଓ ସଂସ୍କୃତି, ବିଜ୍ଞାନ, ରାଜନୀତି ଆଉ ବିଶ୍ୱଜନୀନତା, ବ୍ୟବସାୟ, ଆର୍ଥିକ ଜୀବନ ଏ ସମସ୍ତ ବିଷୟ ଏହି କଥା ପଦକରେ ନିବିଡ଼ ଭାବରେ ଜଡ଼ି ହୋଇ ରହିଛି । ସଂସ୍କୃତି, ବିଜ୍ଞାନ, ରାଜନୀତି, ଅର୍ଥନୀତି ଓ ଆଧୁନିକ ଜୀବନ ଯାହାର ଆଲେଖ୍ୟ ହେଲା ଗଦ୍ୟର ଭାଷା—ବା କଥା । ତେଣୁ ଓଡ଼ିଆ କଥା ଯେ ଏଥିରୁ ବହୁ ପରିମାଣରେ ସେ କାଳେ ବଞ୍ଚିତ ଥିଲା ତାହାହିଁ ଏଥିରୁ ପ୍ରମାଣ ହୁଏ ।

ଆଜକୁ ଶହେ ବର୍ଷ ତଳେ ୧୮୭୪ ମସିହାରେ 'ଉତ୍କଳ ଦର୍ପଣ' ନାମକ ମାସିକ ପତ୍ରିକାରେ ଗୋଟିଏ ଉପନ୍ୟାସ ପ୍ରକାଶ ପାଇଥିଲା । ଏହି ଉପନ୍ୟାସର ନାମ ଥିଲା 'ଇଟାଲୀୟ ଯୁବା' । ଲେଖକ ଷୋହଳ ବର୍ଷ ବୟସ୍କ ଯୁବକ ରାଧାନାଥ ରାୟ । ସେତେବେଳକୁ ୟୁରୋପରେ ଯନ୍ତ୍ରବିପ୍ଳବର ବେଳ । ସ୍ପେନ, ବିଲାତ, ଫ୍ରାନ୍‌ସ, ଜର୍ମାନୀ, ହଲାଣ୍ଡ ଆଉ ଆଟଲାଣ୍ଟିକ ସେପାରି ଆମେରିକାରେ ସେତେବେଳେ କଳକାରଖାନାର ସମ୍ଭାର ବସି ସାରିଥିଲା । ପୃଥିବୀର ବିଭିନ୍ନ ସମୁଦ୍ରରେ ଏହି ଦେଶମାନଙ୍କର ବାଣିଜ୍ୟ ଜାହାଜ ଆଉ ରଣତରୀ ଖେଳି ଯାଉଥିଲେ । ସାରା ସଂସାରର ସବୁ ପ୍ରକାର ଜଳବାୟୁ, ଆଚାର ବିଚାର, ସ୍ୱପ୍ନ ଧାରଣା ଏହି ଦେଶର ଲୋକଙ୍କର କଥାଭାଷା, ଆଉ ଜୀବନର ଅନୁଭବ ଭିତରେ ପ୍ରବେଶ କରିସାରିଥିଲା । ଆମର ଭାରତରେ ମଧ୍ୟ ବିଲାତ ଶାସନର ୧୭୫୬।୫୭ ପଲାସି ଯୁଦ୍ଧ ସେତେ-ବେଳକୁ ଇତିହାସର ମାଇଲ ଖୁଣ୍ଟର ବହୁତ ପଛକୁ ରହିଗଲାଣି । ବଙ୍ଗଳାର୍ ଓ ସଙ୍ଗେ ସଙ୍ଗେ ବଙ୍ଗ ସାହିତ୍ୟର ଉନ୍ନତି ସେତେବେଳେ ଖୁବ୍ ଜୋର୍ ସୋର୍‌ରେ ଆରମ୍ଭ ହୋଇଯାଇଛି ।

ହେଲେ ୧୮୭୪ ମସିହା ବା ତାହାର ନିକଟବର୍ତ୍ତୀ କାଳ ହେଉଛି ଓଡ଼ିଶାର ଅଧଃପତନର କାଳ । ଏଠାର ଲୋକଙ୍କର ଅନୁଭବ ଭିତରେ ନିଉଟନ୍, ଆଡାମ୍ ସ୍ମିଥ୍, ରିକାର୍ଡୋ ବା ହିଉମ୍ ଆସି ନାହାନ୍ତି । ଓଡ଼ିଶାକୁ

ମୁଦ୍ରାଯନ୍ତ୍ର ଆସିନାହିଁ । ଆତ୍ମ ଜୀବନ ଚରିତରେ ଫକୀରମୋହନ ସେନାପତି ଲେଖିଛନ୍ତି "ସେ ସମୟରେ (୧୮୫୨-୫୫) ବାଇବେଲ ଛଡ଼ା ଓଡ଼ିଆରେ ଅନ୍ୟ କୌଣସି ଛାପା ପୁସ୍ତକ ନ ଥିଲା । କଟକର ମିସନ୍ ପ୍ରେସ୍ ଛଡ଼ା ଓଡ଼ିଶାରେ ଅନ୍ୟ କୌଣସି ଛାପାଖାନା ମଧ ନ ଥିଲା । ବାଲେଶ୍ୱରର ପାଦ୍ରୀ ସାହେବଙ୍କର ଗୋଟିଏ ସ୍କୁଲ୍ ଥିଲା । ସେଥିରେ ବାଇବେଲ ଛଡ଼ା ଅନ୍ୟ କୌଣସି ପୁସ୍ତକ ପଢ଼ା ହେଉ ନ ଥିଲା । ମାତ୍ର ପାଦ୍ରୀ ସାହେବଙ୍କ ସ୍କୁଲରେ ଛାପା ପୋଥି ପଢ଼ିଲେ 'ଜାତି ଯିବ'—ଏହି ଭୟରେ କେହି ହିନ୍ଦୁ ପିଲା ସେ ଇସ୍କୁଲରେ ପଢ଼ୁ ନ ଥିଲେ।" (୭ପୃଷ୍ଠା) ଓଡ଼ିଶାର ଜଳବାୟୁ ଭିତରେ ବେଶୁ ପୁରାପୂର ରହିଥିଲା ଗ୍ରାମୀଣତା । ଆଉ ଗ୍ରାମୀଣତାର ଦୌଡ଼ ଯେତିକି ଦୂର ସେତିକି ଭିତରେ ହିଁ ଓଡ଼ିଆର କଥା ଭଷା ସୀମିତ ରହିଥିଲା ।

'ଇଟାଲୀୟ ଯୁବା' ରାଧାନାଥଙ୍କର ନକ ଲେଖା ନାଁ ଅନୁବାଦ, ତାହା କହି ହେବ ନାହିଁ । ଅନୁବାଦ ହେଲେ ବି ଗଦ୍ୟ ଭାଷା ହିସାବରେ ଏହାର ଐତିହାସିକ ମୂଲ୍ୟ ରହିଛି । ୧୮୭୪ ସାଲର ଏହି ଲେଖା ସହିତ ୧୯୦୦ ବା ୧୯୦୨ ସାଲର 'ଛ'ମାଣ ଆଠଗୁଣ୍ଠ'ର ଲେଖା ଭିତରେ କେତେ ଗୁଡ଼ିଏ ପ୍ରଭେଦ ସହଜରେ ବାରି ହୋଇପଡ଼େ :—

ସେହି ଉଦ୍ୟାନ ସମୁଦ୍ର କୂଳରେ ଅବସ୍ଥିତ ଥିଲା । ତାହା ପଶ୍ଚିମ ଦିଗରେ ନଭୋନିଭ ନୀଳବର୍ଣ୍ଣ ପର୍ବତ ଶ୍ରେଣୀ ବିରାଜିତ ଥିଲା । ଆମ୍ଭେ କେବେ କେବେ ସେହି ପର୍ବତରେ ବୁଲୁଥିଲୁଁ । କେତେବେଳେ ଅବା ଶୃଙ୍ଗରେ ଚଢ଼ି ଚତୁର୍ଦ୍ଦିଗକୁ ନୟନ ବିକ୍ଷେପ କରୁଥିଲୁଁ । ସେ ଶୋଭା ବର୍ଣ୍ଣିବାର ଆମ୍ଭର ସାଧ୍ୟ ନୁହଇ । କେଉଁଠାରେ ତରଳ ରୌପ୍ୟବତ୍ ସ୍ୱଚ୍ଛବାରି ବିଶିଷ୍ଟ ପ୍ରକାଣ୍ଡ ହ୍ରଦ, କେଉଁଠାରେ ଗଗନ-ନିନାଦ ଜଳପ୍ରପାତ, କେଉଁଠାରେ ମରକତ ନିଭ ହରିଦ୍‌ବର୍ଣ୍ଣ ତରୁଶୋଭିତ ଉପତ୍ୟକା, କେଉଁଠାରେ ନବ ଦୁର୍ବାଦଳଶ୍ୟାମ ପ୍ରଶସ୍ତ ପ୍ରାନ୍ତର, କେଉଁଠାରେ ଧୀଷଣ ତରଙ୍ଗ-ସଙ୍କୁଳା ବାହିନୀ ଦୃଷ୍ଟିଗୋଚର ହେଉଥିଲା । ସେ ସ୍ଥାନର ପରମ ରମଣୀୟ ଶୋଭା ସନ୍ଦର୍ଶନ କରି ଆମ୍ଭର ନୟନ ସାର୍ଥକ ହେଲା···

(ରାଧାନାଥ ଗ୍ରନ୍ଥାବଳୀ ପୃ୪୧୫ଷ୍ଠା)

× × × ×

'ଅସୁର ଦିଘିର ପଶ୍ଚିମ କୋଣ ଗାଁଆଁ ଭିତରୁ ଦିଘିକୁ ଯିବା ବାଟର ଡାହାଣ ହାତ ପାଖରେ ଗୋଟିଏ ଭିଡ଼ି ବରଗଛ ଅଛି । ଗଛ ମୂଳର

ଚିହ୍ନ ନାହିଁ, କୋଡ଼ିଏ ପଚାଶ ଗୋଟା ଓରର ପଡ଼ ଡାଳଗୁଡ଼ିକ ପରସ୍ପର ଛନ୍ଦାଛନ୍ଦ ହୋଇ ଗଛଟି ପ୍ରାୟ ବାର ତେର ଗୁଣ୍ଠ ଜମି ମାଡ଼ି ବସିଅଛି । ସାନ ସାନ ଡାଳ ଓ ପତ୍ରଗୁଡ଼ିକ ଏପରି ନିଘଞ୍ଚ ହୋଇଅଛି ଯେ ଖରା ତେଜ ମୂଳକୁ ବାଜେ ନାହିଁ । ଗଛଟି ବହୁ କାଳର । ପୁରୁଣା ପୁରୁଣା ଲୋକମାନେ କହନ୍ତି, ଏଇଟି ସତ୍ୟଯୁଗର ଠାକୁରାଣୀ ଗଛ । ସେମାନେ ପିଲାକାଳରୁ ଦେଖି ଆସୁଛନ୍ତି । ଏହା ବଢ଼ିବାକୁ କି ଛିଡ଼ିବାକୁ ନାହିଁ । ଗତ ସାତଅଙ୍କ ତୁଳା ମାସ ଉଆଁସ ଦିନ ଘୋର ଗୋଟାଏ ତୋଫାନ ହୋଇଥିଲା । ଗାଆଁର ସମସ୍ତ ସଜନା ଗଛ ଓ କଦଳୀଗଛ ପ୍ରଭୃତି ଉପୁଡ଼ି ଗଲା । ଏ ଗଛରୁ ଗୋଟିଏ ପତର ମଧ୍ୟ ଝଡ଼ିଲା ନାହିଁ । ଠାକୁରାଣୀ ମହିମା ।

(ଫକୀରମୋହନ ଗ୍ରନ୍ଥାବଳୀ ୨୩୯ ପୃଷ୍ଠା)

'ଇଟାଲୀୟ ଯୁବା'ର ଗଦ୍ୟ ଆଉ 'ଛ'ମାଣ ଆଠ ଗୁଣ୍ଠ'ର ଗଦ୍ୟ ଭାଷା ଭିତରେ କେବଳ ଷୋଳଶ ବର୍ଷ କାଳର ବ୍ୟବଧାନ ନାହିଁ । ଏଥିରେ ଆନ୍ତର ଗୁଡ଼ିଏ ବ୍ୟବଧାନ ସ୍ପଷ୍ଟ । ଅବଶ୍ୟ ରାଧାନାଥ ରାଧାନାଥ, ଫକୀରମୋହନ ଫକୀରମୋହନ । ରାଧାନାଥ ସ୍ୱଭାବ କବି, ଗଦ୍ୟ ଲେଖା ତାଙ୍କର ଅଭ୍ୟାସ ନୁହେଁ । ଅନ୍ୟ ପକ୍ଷରେ ଫକୀରମୋହନଙ୍କର ଗଦ୍ୟରେ ସାବଲୀଳତା, ଅସାଧାରଣ ବଳିଷ୍ଠତା, ଶବ୍ଦ ବିନ୍ୟାସର ଶୃଙ୍ଖଳା ଲକ୍ଷ୍ୟ କରିବାର କଥା । ଏହା ଛଡ଼ା ଫକୀରମୋହନଙ୍କର ସାହିତ୍ୟ-ସଂସାରର ବ୍ୟାପ୍ତି ପ୍ରକୃତରେ ବିଶାଳ ଥିଲା । ୧୯୦୧-୦୨ରେ ଓଡ଼ିଶାର କୌଣସି ଲେଖକ-ଏପରିକି କୌଣସି ବ୍ୟକ୍ତି—ତାଙ୍କ ଭଳି ବହୁମୁଖୀ ଓ ବ୍ୟାପକ ସଂସାର ଜୀବନ ସଙ୍ଗେ ଏକାନ୍ତ ହୋଇ ନାହାନ୍ତି । ତେବେ ବି ତାଙ୍କର ଭାଷାରେ ଅପ୍ରାଚୀନତା, ସେ କାଳର ତୁଳାଦଣ୍ଡରେ ନାଗରିକତା ଓ ସଭ୍ୟତାର ସ୍ପର୍ଶ ଏବର ଓଡ଼ିଆ ଭାଷାଠାରୁ କୌଣସି ପ୍ରକାରେ ଫରକ ନ ଥିଲା ।

'ଇଟାଲୀୟ ଯୁବା'ର ଗଦ୍ୟ ଭାଷାଠାରୁ ରାଧାନାଥ ଆପଣାର ଗଦ୍ୟ ଭାଷା କେତେଯାଏ ମାର୍ଜିତ କରିଛନ୍ତି ତାହାର ପ୍ରମାଣ ତାଙ୍କର ସାର ରାଜା ବାସୁଦେବ ସୁଢ଼ଳ ଦେବ ସ୍ମରଣିକାରେ ଓ ଉତ୍କଳ ସାହିତ୍ୟ ସମାଜର ପ୍ରଥମ ସମ୍ମିଳନୀର ଭାଷଣରେ ମିଳେ । ଏଠାରେ ତାଙ୍କର ଗଦ୍ୟ ରୀତିର ପ୍ରାଚୀନତା ଛୁଟି ଯାଇଛି । ବୋଧହୁଏ ଏତେବେଳକୁ (୧୯୦୨-୧୯୦୮) ଓଡ଼ିଶାରେ ଗଦ୍ୟ ଲେଖାର ଗୋଟାଏ ଧାରା ପଡ଼ିଗଲାଣି । ଫକୀରମୋହନଙ୍କର ଉଦାର, ବ୍ୟାପକ ଓ ବିଶାଳ ପୃଷ୍ଠପଟ ଥିବା ଉଚ୍ଚ କୋଟିର ଦୁର୍ଲଭ ଗଦ୍ୟ ବିଷୟ ଏଠାରେ ଧାରା ଭାବରେ ଗ୍ରହଣ କରାଯାଇପାରେ ! ଯଦି ବା ଏଭଳି ଧାରାର

ଅର୍ଦ୍ଧ ହେବା ସମସ୍ତଙ୍କ ପକ୍ଷରେ ସମ୍ଭବ ନଥିଲା । ରାଧାନାଥଙ୍କର ଏଥିରକ ଗଦ୍ୟରେ 'ଆମ୍ଭେ', 'ଅହୋ', 'ହୁଅଇ', 'ମଣିଲୁଁ' ଇତ୍ୟାଦି ଅଧୁନାଲୁପ୍ତ ଶବ୍ଦର ପ୍ରୟୋଗ ପ୍ରାୟ ନ ଥିଲା । କାରଣ ସିଏ ଲେଖିଥିଲେ "ଆମ୍ଭର ସେହି ସମୟରେ ଭଜନବଂଶର ବର୍ଷ ବୟଃକ୍ରମ ହୋଇଥିଲା ଏବଂ ଆମ୍ଭେ ଅତିଶୟ ଲଜ୍ଜାଶୀଳ ପୁଣି ଅଳ୍ପଦର୍ଶୀ ଥିଲୁଁ । ସେହି କନ୍ୟାର ଜନନୀ ଆମ୍ଭର ଯଥେଷ୍ଟ ଆଦର କଲେ ହେଁ ସେ ଆମ୍ଭ ଶବ୍ଦ କୌଶଳରେ ଅତ୍ୟନ୍ତ ତୁଷ୍ଟ ହୋଇଥିଲେ ।" ସେ ପରେ ଲେଖି ପାରିଲେ "ବ୍ୟକ୍ତିତ୍ୱରେ ତାହାଙ୍କର ମହାର୍ଦ୍ଧ ଜୀବନ ଆଲୋଚନା କରିବାର ସୁବିଧା ମୋହର ନାହିଁ, ସାମର୍ଥ୍ୟ ମଧ୍ୟ ନାହିଁ । ମୁଁ କେବଳ ତାହାଙ୍କ ଚରିତ ଏବଂ ଚରିତ୍ର ସମ୍ବନ୍ଧରେ ସ୍ଥୂଳରେ ଦୁଇ ଗୋଟି କଥା କହିବି ।"

ଏହି ସମୟରେ ରାଧାନାଥଙ୍କର ଗଦ୍ୟରୁ ଅନେକ କଥା ଶିଖିବାର ଅଛି । ତାଙ୍କ ଭାଷାରେ ଖାଣ୍ଟି ଓଡ଼ିଆ ଶବ୍ଦର ଅଭାବ ଥିଲେ ହେଁ ଯୁକ୍ତି ଓ ଭାବ ଯଥେଷ୍ଟ ଶକ୍ତିଶାଳୀ ହୋଇପାରିଥିଲା । ସେହି ଗୁଣରେ ତାଙ୍କର ଗଦ୍ୟରେ ବଳିଷ୍ଠତା ରହିଛି......ଯେପରି......

'ବାସୁଦେବ କେବଳ ଜନ୍ମର ନୃପତି ନ ଥିଲେ, ସେ ନିସର୍ଗର ନୃପତି । ରାଜୋଚିତ ଗୁଣ ଥାଉ ବା ନ ଥାଉ କେବଳ ମାତ୍ର ଜନ୍ମ ହେବାର କଷ୍ଟ ସ୍ୱୀକାର କରିଥିବା ଦାବିରୁ ଅଧିକାଂଶ ରାଜା ହୁଅନ୍ତି । ରାଜତନ୍ତ୍ର ଦେଶ-ମାନଙ୍କରେ ପିତାର ପୁତ୍ର ହେବା ସିଂହାସନ ସକାଶେ ଯଥେଷ୍ଟ ଗୁଣବତ୍ତା ବୋଲି ସର୍ବତ୍ର ପରିଗୃହୀତ । ବାସୁଦେବ ମଧ୍ୟ ଏହିପରି ଭାଗ୍ୟଧର ହୋଇ ଜନ୍ମଗ୍ରହଣ କରିଥିଲେ ସତ୍ୟ, ମାତ୍ର ସେ ଯେ ପୂର୍ଣ୍ଣ ମାତ୍ରାରେ ଏହି ସୌଭାଗ୍ୟର ଉପଯୁକ୍ତ ଥିଲେ, ତାହାଙ୍କ ଅମୂଲ୍ୟ ଜୀବନ ସେଥିର ଅଭ୍ରାନ୍ତ ସମର୍ଥନ ଅଟେ । ସିଂହାସନ ଲାଭ ଦ୍ୱାରା ଯେଉଁ ସାଧନାନ୍ତରାୟ ତାହାଙ୍କର ହସ୍ତଗତ ହୋଇଥିଲା, ତାହାଙ୍କର ସାଧନ ମଧ୍ୟ ସେହିପରି ଥିଲା ଏବଂ ସିଦ୍ଧି ମଧ୍ୟ ସାଧନାର ଅନୁରୂପ ହୋଇଥିଲା । ପୁରାଣରେ ଆମ୍ଭେମାନେ ସହସ୍ରବାହୁ ଅର୍ଜ୍ଜୁନର କଥା ପଢ଼ିଅଛୁଁ । ବାସୁଦେବଙ୍କର କାର୍ଯ୍ୟ ଦେଖିଲେ କିଏ ନ କହିବ ଯେ, ସେ ଦ୍ୱିବାହୁ ହୋଇ ସହସ୍ରବାହୁ । ତାହାଙ୍କ ପରି ନବଯୁଗ ପ୍ରବର୍ତ୍ତକ ରାଜା ଶତାବ୍ଦିରେ ଜଣେ ଅବତୀର୍ଣ୍ଣ ହୁଅନ୍ତି କି ନାହିଁ ସନ୍ଦେହ । ବାସୁଦେବ ପ୍ରାକୃତ ପୁରୁଷ ନୁହନ୍ତି, ପୁରୁଷାବତାର । ସିଂହାସନ ଦ୍ୱାରା ତାହାଙ୍କର ଗୌରବ ବୃଦ୍ଧି ହୋଇ ନାହିଁ । ବରଂ ତାହାଙ୍କ ଅଧିଷ୍ଠାନ ଦ୍ୱାରା ସିଂହାସନ ଗୌରବାନ୍ୱିତ ହୋଇଥିଲା । ପୁରୁଷ ସିଂହ ବାସୁଦେବ ସନାଥ

ସିଂହାସନ ପ୍ରକୃତ ପ୍ରସ୍ତାବରେ ସିଂହାସନ ପଦବାଚ୍ୟ ହୋଇଥିଲା । ବାସୁଦେବ ସିଂହାସନରେ ବସିଥିଲେ ବୋଲି ଯେ ସିଂହାସନରେ ବସିବେ ସେ ବାସୁଦେବଙ୍କ ପରି ହେବେ, ଏପରି ଆଶା କରିବାର ସଙ୍ଗତ ନୁହେଁ । ଗୁଣଗ୍ରାହୀ ଗଭର୍ଣ୍ଣମେଣ୍ଟ ବାସୁଦେବଙ୍କୁ ଉକ୍ତ ଉପାଧିରେ ଭୂଷିତ କରି ତାହାଙ୍କର ଏବଂ ଉପାଧିର ଗୌରବ ଯୁଗପତ୍ ବର୍ଦ୍ଧିତ କରାଇଥିଲେ ।'

ଯୁକ୍ତି ଓ ବକ୍ତବ୍ୟର ପ୍ରତିଷ୍ଠା କରିବାରେ ଏ ଗଦ୍ୟ ପ୍ରକୃତରେ ସଫଳ ହୋଇଛି । ଖାଣ୍ଟି ଓଡ଼ିଆର କଥା ସୁଲଭ ନୁହେଁ । 'ନିସର୍ଗ' 'ରାଜୋଚିତ', 'ଗୁଣବତ୍ତା', 'ପରିଗୃହୀତ' 'ଅଭ୍ରାନ୍ତ ସମର୍ଥନ', 'ସାଧନାନିଚୟ', 'ସିଦ୍ଧି ମଧ୍ୟ ସାଧନାର ଅନୁରୂପ ହୋଇଥିଲା । ବାସୁଦେବ ସନାଥ ସିଂହାସନ' 'ପଦବାଚ୍ୟ' 'ଯୁଗପତ୍ ବର୍ଦ୍ଧିତ କରାଇଥିଲେ' ପ୍ରଭୃତି ଶବ୍ଦ ଆଉ ଓଡ଼ିଆ ଭାଷୀଙ୍କ ଆଖିରେ କୌଣସି ଚିତ୍ର ସୃଷ୍ଟି କରି ପାରେ ନାହିଁ ବା ମନରେ କୌଣସି ଭାବର ରେଖା କାଟି ପାରିବ ନାହିଁ । ପଣ୍ଡିତ ନୀଳକଣ୍ଠଙ୍କର କଷ୍ଟିକ ଅନୁସାରେ 'ଏବଂ'ର ବ୍ୟବହାର ପାଇଁ ଆପତ୍ତି ନ କଲେ ବି 'ଏପରି ଆଶା କରିବାର ସଙ୍ଗତ ନୁହେଁ' 'ଆଶା କରିବାର' ବ୍ୟବହାର ସଙ୍ଗତ ନୁହେଁ । ଓଡ଼ିଆ ଭାଷାର ପୁରୁଣା ଓ ପୋଖତ ପଣିଆର ନିଦର୍ଶନ ହେଉଛି ତା'ର ବିଭକ୍ତି ପ୍ରୟୋଗ ! ବଙ୍ଗଳାରେ 'ଏମନ ଆଶା କରା ସଙ୍ଗତ ନହେ'ର ଅନୁବାଦ ଏଭଳି ଆଶା କରିବାର ସଙ୍ଗତ ନୁହେଁ ହୋଇଯାଇଛି । ଓଡ଼ିଆରେ ନଦୀର ଜଳ ହୁଏନାହିଁ । ହୁଏ ନଦୀ ଜଳ । ବିଭକ୍ତିର ପ୍ରକାଶ୍ୟ ବ୍ୟବହାର ଓଡ଼ିଆ ଭାଷାରେ ବିରଳ, ସ୍ୱାସ୍ଥ୍ୟ ନାହିଁ କହିଲେ ହୁଏ ।

## ଆହରଣ

ତେବେ ସେହି ୧୯୦୨।୧୯୦୮ ମସିହା ବେଳେ ଓଡ଼ିଆର କଥାଭାଷାରେ ପ୍ରଚଳନ ଥିବା ଗୃହୀ, ଧୀବର, ଜାହାଜନାୟକ, ଚୌକିଦାର, ଓକିଲ, ନବସିନ୍ଦା, କୋର୍ଟ ହାକମ, ପୋଲିସ ଦାରୁଗା ଇତ୍ୟାଦିଙ୍କ କଥାକୁ ପ୍ରଥମେ ଗଦ୍ୟ ସାହିତ୍ୟର ଚଉହଦୀ ଭିତରକୁ ଆଣିଲେ ଫକୀରମୋହନ । ହଠାତ୍ ସଂସ୍କୃତର ଶୀତଳ କଠିନତା ଭିତରେ ସେ ଖାଣ୍ଟି ପ୍ରାଣବନ୍ତ ଓଡ଼ିଆର ସଂଜୀବନୀ ସଞ୍ଚାର କରିଦେଲେ । ଫକୀରମୋହନ ଗ୍ରନ୍ଥାବଳୀର ଉପୋଦ୍‌ଘାତରେ ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି ଫକୀରମୋହନଙ୍କ ଭାଷାର 'ଉଦାହରଣ ପାଇଁ ଓଡ଼ିଆ ଲେଖାରେ ଅନ୍ୟତ୍ର ଖୋଜି ହେବ ନାହିଁ ।

ଫକୀରମୋହନଙ୍କ ଏ ବିଶେଷତ୍ୱ ଏକା ଫକୀରମୋହନଙ୍କ ବିଶେଷତ୍ୱ । ପୁଣି ଏଥିରେ ଗ୍ରାମ୍ୟତାର ଗନ୍ଧ ନାଇ । ଏ ରସିକତା ଅତି ବିଶୁଦ୍ଧ ଓ ଅତି ମନୋରମ ।'

ଫକୀରମୋହନଙ୍କର ଗଦ୍ୟଭାଷାର ତିନିଗୋଟି ମୋଟାମୋଟି ବିଭାଗ ଆଖିରେ ପଡ଼େ । ପ୍ରଥମ, ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପର ଭାଷା ଦ୍ୱିତୀୟ, ପଦ୍ୟର (କବିତା ନୁହେଁ) ଭାଷା ତୃତୀୟ, ପ୍ରବନ୍ଧ ଓ ଅନ୍ୟାନ୍ୟ ରଚନା । ଏହି ତିନୋଟି ବିଭାଗ ଭିତରୁ ମଧ୍ୟ କେତୋଟି ଉପ-ବିଭାଗ ଫିଟିବାର ଦେଖାଯିବ । ଏହି ତିନୋଟି ବିଭାଗ ଓ ସେମାନଙ୍କର ବିବିଧ ଉପ-ବିଭାଗ ଭିତରୁ ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପର ଭାଷାର ବିଚାର ଏକ ବିରାଟ କାର୍ଯ୍ୟ । ତାହାକୁ ପଛକୁ ରଖି ଆଗ ପଦ୍ୟର (କବିତା ନୁହେଁ) ଭାଷା କଥା ବିଚାରକୁ ନିଆଯାଉ । ପଦ୍ୟର ଭାଷାରେ ଗ୍ରାମ୍ୟତା-ବର୍ଜିତ ଖାଣ୍ଟି ଓଡ଼ିଆ ଭାଷା ରାଧାନାଥ ବା ମଧୁସୂଦନଙ୍କର କବିତାରେ ଏକଦମ୍ ବିରଳ ନଥିଲା ।

ଯେଉଁଭଳି ଚିଲିକାରେ ରାଧାନାଥ ଯେତେବେଳେ ଆପଣାର ହୃଦୟାନୁଭୂତି ପ୍ରକାଶ କରିଛନ୍ତି ସେତେବେଳେ ତାଙ୍କର ଭାଷାରେ ସଂସ୍କୃତର ଗୁରୁଗମ୍ଭୀର କାଠିନ୍ୟ, ଦାନ୍ତଭଙ୍ଗା ଖୁରାଣ୍ଟି ଦେବା ଶେଷ ହୋଇଯାଇଛି । ସେଥିପାଇଁ ଯେଉଁମାନେ ସେଇ 'ଚିଲିକା'ରୁ ରାଧାନାଥଙ୍କର—

କଳୁଷିତ ବାରି-କଳୁଷ-ହାରକ
କାହାରେ କୁମୁଦ-ହାସ-ପ୍ରକାଶକ
ଦକ୍ଷିଣାଶା-ବଧୂ-ଅବତଂଶ ମୋତି
ମହୋଜ୍ଜ୍ୱଳ କୁମ୍ଭ-ସମ୍ଭବ ଜ୍ୟୋତି
ଭାଇଁଲେ ଆକାଶେ, ଆସି ଦଳେ ଦଳେ
ପୂରନ୍ତି ଜଳ ଏ ଜଳ କୋଳାହଳେ

ଆଉକୁ ତର୍ଜମା ଦେଖାନ୍ତୁ ସେମାନଙ୍କୁ ମଧ୍ୟ ରାଧାନାଥ ଭାଷାର ସମ୍ଭାବନା ପାଇଁ କୁହାଯାଇପାରେ—

ମାଗୁଛି ଚିଲିକା ମେଲାଣି ତୋଠାରେ
ବାହୁଡ଼ିବି ଏବେ ଦାରୁଣ ସଂସାରେ
କରିଥିଲି ଆଶା କରିବି ଯାପନ
ତୋ ପଶ୍ଚିମତଟରେ ପଶ୍ଚିମ ଜୀବନ

ଭାଗ୍ୟ ହୋଇଥିଲେ ରୁଚି ଅନୁକୂଳ
ଆଣ୍ଡି ଥାନ୍ତି ହେଲେ ତୋ'ର ରମ୍ୟକୂଳ
କୁଟୀର ବରଷ ଜଟିଆ ଚରଣେ
କାଟିଥାନ୍ତି କାଳ ଶେଷ ନିକାଞ୍ଚନେ ।

ଠିକ୍ ସେଭଳି ମଧ୍ୟ ଭକ୍ତକବି ମଧୁସୂଦନଙ୍କର କ୍ଲିଷ୍ଟ, ସଂସ୍କୃତ-ସଂକୁଳ ଗଦ୍ୟ ବା ପଦ୍ୟର ଭାଷାରେ ହଠାତ୍ କେତେବେଳେ ନୀରସ ମରୁପଥରେ ଶ୍ୟାମଳ ଉଦ୍ୟାନ ପରି ଓଡ଼ିଆ ଗଦ୍ୟର ପ୍ରାଣବନ୍ତ ଧାରା ଚମକି ଉଠେ—

ଶୁଣ ଶୁଣ ଏବେ ସେ ବାଣୀ
ତୋହର ଅନ୍ତରେ ଅଛନ୍ତି ଜାଗି
ସତତ ତୋ ପ୍ରାଣ ମନ୍ଦର ବାସିନୀ
ତୋହର ଉଦ୍ଧାର ଲାଗି ।

ଇଂରାଜିର ଜଣେ ଏ କାଳର ପ୍ରତିଷ୍ଠିତ କବି ଅଡେ଼ନ କଥା ପ୍ରସଙ୍ଗରେ କହିଥିଲେ, କବିତାର ଅନ୍ୟ ନାମ ହେଉଛି 'ସ୍ମରଣୀୟ କଥା' । ମୋତେ ଲାଗୁଛି, 'ସ୍ମରଣୀୟ କଥା'ର ଗୋଟିଏ ପ୍ରଧାନ ଚରିତ୍ର ହେଉଛି ଯେ ତାହା ଅବାରିତ ଭାବରେ ଭାଷାର ଶବ୍ଦ ଭଣ୍ଡାରରେ ମିଶିଯାଏ । ଠିକ୍ ସେଭଳି ବିଲାତର କବି ସେକ୍ସପିଅରଙ୍କର ବହୁତ କଥା ଇଂରାଜି ଭାଷାର ଗଣ୍ଠିରେ ଏକାକାର ହୋଇ ଯାଇଛି । ଆଜି ଯେ କୌଣସି ଇଂରାଜିଲେଖାରେ ତା'ର ଚିହ୍ନ ଅଲକ୍ଷିତରେ ମିଳିବ । କିନ୍ତୁ ସେ ଚିହ୍ନ ଭାଷାଦେହରୁ ସହଜରେ ଅଲଗା କରି ହେବ ନାହିଁ । ଏବେ ଉକ୍ତ ମହାକବି ସେକ୍ସପିଅରଙ୍କର ଚତୁଃଶତ ସମ୍ବତ୍ସର ଜୟନ୍ତୀ ସଭା ଗୋଟିକରେ ତାଙ୍କର କେତେକ ଲେଖାର ପୁନରାବୃତ୍ତି ହେଉଥିଲା । ଜଣେ ପ୍ରବୀଣା ସେ ଭଳି ଗୋଟିଏ ଜୟନ୍ତୀ ସଭାରେ ତାହା ଶୁଣିଲେ । ତାଙ୍କୁ କେହି ପଚାରିଲେ "ଆଈ, କେମିତି ଲାଗୁଛି । ଭଲ ଲେଖା ନୁହେଁ ?" ବୁଢ଼ୀ ମୁଣ୍ଡ ହଲାଇ କହିଲା "ମୋତେ ତ କିଛି ଭଲ ଜଣା ପଡୁନାହିଁ । ଏ ଲୋକଟା ଖାଲି ପ୍ରବଚନ ଗୁଡ଼ାକ ନିଜ ଲେଖାରେ ଖୁନ୍ଦି ଦେଇଛି ।" ବିଚାରି ବୁଢିକୁ ମୋଟେ ଜଣାନାହିଁ ଯେ ସେକ୍ସପିଅରଙ୍କର ଲେଖାଗୁଡ଼ିକ ଇଂରାଜି ଭାଷାରେ ପ୍ରବଚନର ଆସନ ଆସନ ମାଡ଼ି ବସିଛି !

ଫକୀରମୋହନଙ୍କର ପଦ୍ୟ ଭାଷାରେ 'ସ୍ମରଣୀୟ କଥା'ର ଦୃଷ୍ଟାନ୍ତ 'ଉତ୍କଳ ଭ୍ରମଣ' ଆଉ ଅବସର ବାସରେ'ର 'ହାଟବାହୁଡ଼ା' ଭଳି କେତେଗୁଡ଼ିଏ କବିତାରେ ମିଳିବ । ଏ ଗୁଡ଼ିକର ପରିମାଣ ଖୁବ୍ ବେଶି

ନୁହେଁ, ତେବେ ଶ୍ରୀ ଗୋପୀନାଥଙ୍କର 'ଦରବାର'ରେ ଯେପରି କେତେ-ଗୁଡ଼ିଏ କଥା ପଥା, ଗଳୁଡ଼ା ଉପରେ ଦେଖାନ୍ତି ଶ୍ରୀଚାପ, ସେ ଯେଣୁ ଅଟନ୍ତି ଶିବଙ୍କର ଶାପ, କେହୁ ବୋଲେ ମୁହିଁ ଅଟଇ ପୁଲସ ଵନା ମେଟେ ଶୁକ ପାରଇ କୁଲୀନ ଇତ୍ୟାଦି ଓଡ଼ିଶା ଭାଷାରେ ତରକାଜ ଶ୍ରୀଖଣ୍ଡ ପର ଝୁଟକୁ ଥିବ ଠିକ୍ ସେଭଳି ଫକୀରମୋହନଙ୍କର 'ଉତ୍କଳ ଭ୍ରମଣ'ରୁ କେତେକ ପଂକ୍ତି ସଉଦମ ଝୁଟକରେ ଦାଉ ଦାଉ ଜଳୁଥିବ । ପଂକ୍ତିଗୁଡ଼ିକ ପଦ୍ମାଳ କଳକା; ଏମାନେ କେବଳ ଭବିଷ୍ୟତ ସମ୍ଭାବନାର ସ୍ମାରକ ।

ତେବେ ପଦ୍ୟର ଭାଷା ସିନା 'ସ୍ମରଣୀୟ କଥା' ଯୋଗାଇପାରେ । ସେ ଭାଷା ତ ସବୁପ୍ରକାର କାର୍ଯ୍ୟ ପାଇଁ ଉପଯୁକ୍ତ ନୁହେଁ । ଫକୀର ମୋହନଙ୍କ କାଳରେ କୌଣସି ସ୍ଥାନରେ ଧର୍ମଚର୍ଚ୍ଚା ହେଉଥିଲେ ଓଡ଼ିଶାର ଧାର୍ମିକ ପଣ୍ଡିତେ ସେଠାରେ କି ଭଳି ଆପଣାକୁ ପ୍ରକାଶ କରୁଥିଲେ ତାହାର କେତୋଟି ନମୁନା ଦେଖାଯାଉ । ସେତେବେଳେ ଓଡ଼ିଶାରେ ତ ସନାତନ ହିନ୍ଦୁ ଧର୍ମର ପୁନରୁତ୍ଥାନ ଚାଲିଥିଲା । ଭକ୍ତକବି ବ୍ରାହ୍ମଧର୍ମରେ ବିଭୋର ଥିଲେ । ଖ୍ରୀଷ୍ଟିଆନ ପାଦ୍ରୀମାନେ ତାଙ୍କର ବାଇବେଲ ଆଉ ସୁସମାଚାର ଦେଇ ଓଡ଼ିଆଙ୍କୁ ଦୀକ୍ଷିତ କରିବାରେ ଲାଗି ପଡ଼ିଥିଲେ । ସେତେବେଳର ସେହି କାଳରେ ସାଧାରଣ ଲୋକେ ଆପଣା ଭିତରେ ପୁରାଣ, ଶାସ୍ତ୍ର, ମାଳିକା ଆଲୋଚନାରେ ମଧ୍ୟ ଗଦ୍ୟର ଭାଷାରେ ଭାବ ବିନିମୟ ତ ନିଶ୍ଚୟ କରୁଥିଲେ । ସେମାନଙ୍କର ଭାଷା ସେ ପର୍ଯ୍ୟନ୍ତ ଲେଖା ହୋଇ ନ ଥିଲା । ଯେଉଁମାନେ ଆପଣାର ଭାବ ପ୍ରକାଶ ପାଇଁ ଲିଖିତ ଭାଷା ବ୍ୟବହାର କଲେ ସେମାନେ ସାଧାରଣ ଲୋକଙ୍କର ଭାଷା ବ୍ୟବହାର କରିବାର ପ୍ରମାଣ ନାହିଁ । ଫକୀରମୋହନଙ୍କର ବିଭିନ୍ନ 'ଉପନ୍ୟାସ' ଗୁଡ଼ିକରୁ ଏହି କଥାର ସତ୍ୟତା ଖୋଜିଲେ ମିଳିବ, 'ଲଛମା'ରେ (ପ୍ରକାଶ କାଳ ୧୯୧୪ ମସିହା) ଶିଉ ଶଙ୍କର ମାଲସାୟୁଙ୍କ ମୁହଁରେ ଫକୀର-ମୋହନ ଧର୍ମାଲୋଚନାର ଗୋଟିଏ ଧାରା ପକାଇଛନ୍ତି :—

......ହେ ସମସ୍ତ ଜ୍ଞାନବର୍ଗ, ପ୍ରଣିଧାନ କରିବାକୁ ଆଜ୍ଞା ହେଉ— ଏହି ସଂସାରସ୍ଥ ପ୍ରାଣୀମାନଙ୍କର ଶାନ୍ତିଦାୟକ ଏବଂ ଶ୍ରେୟଃସାଧନକାରୀ ଧର୍ମର ଯେତେବେଳେ ଗ୍ଲାନି ଉପସ୍ଥିତ ହୁଏ—ବୋଇଲା, ଅଧର୍ମ ବାହୁଲ୍ୟ ଯୋଗୁଁ ଧର୍ମର ହାନି ହୁଏ, ତେତେବେଳେ ଆମ୍ଭେ ଆପଣାକୁ ସୃଜନ କରୁଁ ଅର୍ଥାତ କି ନା ଆମ୍ଭେ ଅବତାର ରୂପେ ଜନ୍ମଗ୍ରହଣ କରୁଁ, ଏହା ଭଗବାନଙ୍କ ଶ୍ରୀମୁଖବାକ୍ୟ । × × × ଦେଖିବା ହେଉନ୍ତୁ । ମହା-

ପ୍ରଭୁଙ୍କର ଶ୍ରୀମୁଖବାକ୍ୟ ବ୍ୟର୍ଥ ହେବାର ନୁହେଁ । ଏହି ପୁଣ୍ୟଭୂମି ଭାରତଖଣ୍ଡ ମଧ୍ୟରେ ଯେତେଥର ଦୁର୍ବୃତ୍ତ ରାକ୍ଷସମାନେ ପ୍ରବଳ ହୋଇ ଯାଗଯଜ୍ଞ ପ୍ରଭୃତି ବୈଦିକ କ୍ରିୟାକଳାପ ବିନାଶପୂର୍ବକ ଧାର୍ମିକ ସାଧୁ ଲୋକଙ୍କ ପ୍ରତି ଅତ୍ୟାଚାର କରିଅଛନ୍ତି, ସେତେଥର ମହାପ୍ରଭୁ ସ୍ୱୟଂ ପୃଥିବୀରେ ଅବତୀର୍ଣ୍ଣ ହୋଇଛନ୍ତି । ରାମ ରୂପେ—ଜଗତରେ ରାବଣକୁ ବିନାଶ କରିଅଛନ୍ତି । କଂସ, ଶିଶୁପାଳ, ଜରାସନ୍ଧ ପ୍ରଭୃତିଙ୍କ ଦ୍ୱାରା ଧର୍ମ ପ୍ରତି, ଧାର୍ମିକମାନଙ୍କ ପ୍ରତି ଅତ୍ୟାଚାର ଘଟିଥିଲା; ମହାପ୍ରଭୁ ସ୍ୱୟଂ ଶ୍ରୀକୃଷ୍ଣ ରୂପରେ ଅବତୀର୍ଣ୍ଣ ହେଲେ । ମହାପ୍ରଭୁ ଆଜ୍ଞା କରିଅଛନ୍ତି, ଯେତେବେଳେ ଧର୍ମର ଗ୍ଲାନି ଉପସ୍ଥିତ ହେବ, ସେତେବେଳେ ସେ ଅବତାର ରୂପ ଧାରଣ କରିବେ ।

( ଫକୀରମୋହନ ଗ୍ରନ୍ଥାବଳୀ ପୃ ୩୪୫ )

ଆଉ ଗୋଟିଏ······

"ପ୍ରଭୁ ଦୟାମୟ, ମଙ୍ଗଳମୟ । ଆମ୍ଭେମାନେ ତାଙ୍କର ସୃଷ୍ଟ ଜୀବ । ପ୍ରଭୁ କ'ଣ ଆମ୍ଭମାନଙ୍କ ପାଇଁ ଅମଙ୍ଗଳ ଇଚ୍ଛା କରିବେ······

ଜନସମାଜର ବର୍ଦ୍ଧନ ଏବଂ ସଂସ୍ଥାପନ ନିମନ୍ତେ ଜଗନ୍ନିୟନ୍ତା ପରମେଶ୍ୱର ସଂସାରକୁ ଏପରି ମାୟାଜାଲରେ ବାନ୍ଧି ରଖିଅଛନ୍ତି, ତାହାକୁ ବିଚ୍ଛିନ୍ନ କରିବା ମାନବ ପ୍ରାଣୀ ପକ୍ଷରେ ସହଜ ନୁହେଁ । ଉକ୍ତରୂପେ ବୁଝିଅଛୁଁ; ସାଂସାରିକ ଧନସମ୍ପତ୍ତି, ମାନସମ୍ଭ୍ରମ କ୍ଷଣବିଧ୍ୱଂସୀ—ଧର୍ମ ହିଁ ଆତ୍ମାର ପରମ ସହାୟ । ତଥାପି ସଚରାଚର ମାନବସନ୍ତାନ ସାଂସାରିକ ବିଷୟ ବାସନାରେ ପ୍ରତିନିୟତ ନିମଗ୍ନ । ପରମ ଧନ ଧର୍ମାର୍ଜନ ବିଷୟରେ ତାଦୃଶ ଯତ୍ନଶୀଳ ନୁହେଁ । × × ×

× × × ପ୍ରାଣୀର ଦୁଃଖରେ କାତର ମହାମୁନି ବୁଦ୍ଧଦେବ ମଧ୍ୟ ନିରଞ୍ଜନ ନଦୀତଟରେ ଧ୍ୟାନଯୋଗେ ଅନୁଭବ କରିଥିଲେ, ବାସନା ଯାବନ୍ତ କଷ୍ଟର କାରଣ । ମାନବଶ୍ରେଣୀ ଦୈବମାୟାରେ ଏପରି ଆଚ୍ଛନ୍ନ ଯେ, କଷ୍ଟର ମୂଳକାରଣ ବାସନାକୁ ସହଜରେ ପରିତ୍ୟାଗ କରିବାକୁ ମନ ବଳାଏ ନାହିଁ । ସେହିପରି ତତ୍ତ୍ୱଦର୍ଶୀ ମହାତ୍ମାମାନେ ବାସନା ପରିତ୍ୟାଗପୂର୍ବକ ଧର୍ମାର୍ଜନ ମାର୍ଗରେ ଅଗ୍ରସର ହୋଇଥାନ୍ତି ।"

( ହ୍ରାୟୁଷ୍ଟି ଓ ସେହି ଗ୍ରନ୍ଥାବଳୀ ପୃ ୪୯୪–୯୫ସ୍ଥା )

ନୋହିଲେ—"ତାହାର ନାମ ଯାଦୁଙ୍ଗ । ସେ ଶ୍ୱେତବର୍ଣ୍ଣ ଲୋକଙ୍କ ପୁରୋହିତ ଅଟେ……ସେ ଯେ ସମସ୍ତ କଥା କହିଲା ସେଥିର ସାରମର୍ମ ଏହି ଏକମାତ୍ର ମହାନ ପ୍ରଭୁ ପରମେଶ୍ୱର ବିଶ୍ୱବ୍ରହ୍ମାଣ୍ଡର ଅଧିପତି ଅଟନ୍ତି, ମାନବ ଜାତି ତାହାଙ୍କ ପୁତ୍ର । ତୁମ୍ଭର ସାମର୍ଥ୍ୟ, ତୁମ୍ଭର ଜ୍ଞାନ ମାନବ ଜାତିର ଉନ୍ନତି କଲ୍ପେ ଉତ୍ସର୍ଗ କର । ପୁତ୍ର ପ୍ରତି ଅତ୍ୟାଚାରୀ ଲୋକ ପିତାଙ୍କର ବିରାଗ ଭାଜନ ହୁଅନ୍ତି । ସେହିପରି ମାନବ ଜାତିର ହିଂସାକାରୀ, ମାନବ ଜାତିର ଅପ୍ରେମକାରୀ ଲୋକ କରୁଣାମୟ ପିତା ପରମେଶ୍ୱରଙ୍କ ଅପ୍ରିୟ ପାତ୍ର ଜାଣିବ । ତୁମ୍ଭେ ଯେଉଁ ଦୟା, ଯେଉଁ କ୍ଷମା ପ୍ରଭୁ ପରମେଶ୍ୱରଙ୍କଠାରୁ ପ୍ରାର୍ଥନା କର, ଅନ୍ୟ ମାନବକୁ ସେହି ଦୟା, ସେହି କ୍ଷମା ପ୍ରଦାନ କର । ତୁମ୍ଭର ସମସ୍ତ ମନ, ସମସ୍ତ ପ୍ରାଣ ପ୍ରଭୁଙ୍କ ପଦରେ ଅର୍ପଣ କର, ସର୍ବଦା ତାହାଙ୍କୁ ସ୍ମରଣ କର ।"

(ଲଛମା) ସେହି ଗ୍ରନ୍ଥାବଳୀ ପୃ ୩୬୨ ସ୍ଥା

ଫକୀର ମୋହନଙ୍କର ଗଦ୍ୟ ଭାଷାର ଦୃଷ୍ଟାନ୍ତ ବିଭାଗ ପ୍ରବନ୍ଧ ଓ ଅନ୍ୟାନ୍ୟ ରଚନା ସହିତ ଉପରର ଉଦ୍ଧୃତାଂଶ ଗୁଡ଼ିକର ଅନେକ ମେଳ ଅଛି । ଏଗୁଡ଼ିକ ୧୮୯୮ ଠାରୁ ୧୯୧୩-୧୪ ପର୍ଯ୍ୟନ୍ତ ପ୍ରାୟ ପନ୍ଦର ବର୍ଷର ବିବର୍ତ୍ତନର ପରିଣାମ । ଏହି ଲେଖାଗୁଡ଼ିକ ଫକୀର-ମୋହନଙ୍କର ଉପନ୍ୟାସ ମାନଙ୍କରୁ ସଂଗ୍ରହ କରାଯାଇଛି; କାରଣ ଉପନ୍ୟାସର ଯେଉଁ ଅଂଶ ଚରିତ-ପ୍ରଧାନ ନ ହୋଇ ଯୁକ୍ତି-ପ୍ରଧାନ ହୋଇଛି ସେଇଠି ଗଦ୍ୟର ରୂପ ସମ ସାମୟିକ ପ୍ରବନ୍ଧ ଭାଷାର ଶବ୍ଦ ଯୋଜନା, ବାକ୍ୟବିନ୍ୟାସ ଓ ଶୈଳୀ ରୂପରେ ପ୍ରକାଶ ପାଇଛି । ଫକୀର ମୋହନ ସେ ପର୍ଯ୍ୟନ୍ତ 'ସାଧୁ ଭାଷା'ର ମୋହରୁ ଉବୁରି ନାହାନ୍ତି । ତାହାଛଡ଼ା ତାଙ୍କ ମନରେ ଗୋଟିଏ ଧାରଣା ଜନ୍ମି ଆସିଛି ଯେ ଉପନ୍ୟାସ ଓ କ୍ଷୁଦ୍ର-ଗଳ୍ପର ଭାଷା ପ୍ରବନ୍ଧର ଭାଷା ଠାରୁ ମୌଳିକ ଭାବରେ ପୃଥକ୍ । ପଲ୍ଲୀକବି ନନ୍ଦକିଶୋର ପ୍ରସଙ୍ଗ କ୍ରମେ ଲେଖିଛନ୍ତି, "କିଛିଦିନ ପୂର୍ବେ ଓଡ଼ିଶାର ଶ୍ରେଷ୍ଠ ଗଦ୍ୟ ଲେଖକ ଏବଂ ଜଣେ ଯୁବକଙ୍କ ସହିତ ଏହି ବିଷୟରେ କଥାବାର୍ତ୍ତା ହୋଇଥିଲା । ବୟୋବୃଦ୍ଧ ପ୍ରବୀଣ ଲେଖକ କହିଲେ 'ସଂସ୍କୃତ ଓ ଦେଶୀୟ ଶବ୍ଦର ଏକତ୍ର ବ୍ୟବହାର ବିଷୟରେ ଏ ପର୍ଯ୍ୟନ୍ତ ମୋର ମତ ସ୍ଥିର କରିନାହିଁ, ତେବେ ମୋ ଲେଖାରେ ମୁଁ ତାହା ପରିହାର କରିବାକୁ ଚେଷ୍ଟା କରେ ; କିନ୍ତୁ ରାଧାନାଥ ବାବୁ ତାହା କରନ୍ତି ନାହିଁ । ମୋ ବିବେଚନାରେ ଏପରି ସମାବେଶ ଭାଷାର ସଜୀବତାର ଲକ୍ଷଣ ଓ

ଆଦୌ ଦୁଷ୍ଟ ନୁହେଁ ।" ଏହି ଶ୍ରେଷ୍ଠ ଗଦ୍ୟ ଲେଖକ ଏବଂ ଜଣେ ସୁକବି ବୋଧହୁଏ ଫକୀର ମୋହନ ।

ସେହି କାଳରେ ଇଂରାଜୀ-ଶିକ୍ଷିତ ଓଡ଼ିଆଙ୍କ ଭିତରେ ମଧ୍ୟ ଧାରଣା ଥିଲା ଯେ ସଂସ୍କୃତ ଶବ୍ଦ ସହିତ ତଦ୍‌ଭବ ବା ଖାଣ୍ଟି ଦେଶୀୟ ଶବ୍ଦକୁ ଯୋଡ଼ି ଲେଖିବା ଦୋଷାବହ । କଟକରେ ପ୍ରତିଷ୍ଠିତ କର୍ତ୍ତବ୍ୟବୋଧିନୀ ସମିତି ତରଫରୁ ତାଙ୍କୁ ଯେଉଁ ପତ୍ର ଦିଆଯାଇଥିଲା ସେଥିରେ ସେମାନେ କବିଙ୍କର 'ପଲ୍ଲୀଚିତ୍ର' ଓ 'ନିର୍ଝରଣୀ' କବିତା ପୋଥି ଯୋଡ଼ିକର ଉଚ୍ଚ ପ୍ରଶଂସା କରିଛନ୍ତି କିନ୍ତୁ ସେଥିରେ "ଭାଷାର ଗୋଟିଏ ପ୍ରଧାନ ଦୋଷ ଅନେକେ ଅନୁଭବ କରିଅଛନ୍ତି । ତାହା ସଂସ୍କୃତ ଓ ଗ୍ରାମ୍ୟ ଶବ୍ଦ ମାନଙ୍କର ଏକତ୍ର ସମାବେଶ ଓ ଏକତ୍ର ବ୍ୟବହାର । ଏଥିପ୍ରତି ଆପଣ ଭବିଷ୍ୟତ୍‌ରେ ସତର୍କ ହେବାପାଇଁ ପ୍ରତ୍ୟେକ ସଭ୍ୟଙ୍କର ବିନୀତ ଅନୁରୋଧ ।" (ନନ୍ଦକିଶୋର ଗ୍ରନ୍ଥାବଳୀ ପୃ ୧୧୦) ଉକ୍ତ କର୍ତ୍ତବ୍ୟବୋଧିନୀ ସମିତି କୁ ନନ୍ଦକିଶୋର ବହୁମାନ ଦେଇ ଲେଖିଛନ୍ତି—"ସ୍ୱଦେଶର ଆଶା ଭରସାର କୂଳ ସ୍ଥାନୀୟ କଲେଜର ବି.ଏଲ୍, ଏମ୍.ଏ, ବି.ଏ. ଏବଂ ଏଫ୍,ଏ ଶ୍ରେଣୀ ପ୍ରାୟ ସମୁଦାୟ ଓଡ଼ିଆ ଛାତ୍ରଙ୍କ ଦ୍ୱାରା ଯେଉଁ ସମିତି ଗଠିତ, ଯାହା ଯତ୍ନରେ କଣ୍ଟକବନ ପୂର୍ବରେ ହୀନ ଦୁର୍ଦ୍ଦଶାଗ୍ରସ୍ତ ଉତ୍କଳ ଭାଷା ସ୍ୱୀୟ ସ୍ୱତ୍ୱ ଓ ସ୍ୱାତନ୍ତ୍ର୍ୟ ପ୍ରଦର୍ଶନାର୍ଥ ସିଣ୍ଡିକେଟ ଗୃହ ଦ୍ୱାରରେ ଉପସ୍ଥିତ ହୋଇଥିଲା ଏବଂ ଯାହାର ସଭ୍ୟମାନଙ୍କ ମଧ୍ୟରୁ କେତେକ ଲେଖକ ଶ୍ରେଣୀ-ଭୁକ୍ତ, ସେ ସମିତିର ଉତ୍ସାହ ବାକ୍ୟ ବାସ୍ତବ ସମ୍ମାନାର୍ହ ।" ତଥାପି ନନ୍ଦକିଶୋର ଏହି ସମିତିଙ୍କର ସତର୍କ ବାଣୀକୁ ଗ୍ରାହ୍ୟ କଲେ ନାହିଁ, ଆଶାର କଥା ।

ରାଧାନାଥ ବାବୁଙ୍କ କବିତା-ପଦ୍ୟରୁ ନନ୍ଦକିଶୋର ନାନା ଉଦାହରଣ ଦେଇ ସଂସ୍କୃତ ଓ ଦେଶୀୟ ଶବ୍ଦର ସମାବେଶର ଉଦାହରଣ ଦେଖାଇଛନ୍ତି ; କିନ୍ତୁ ତାଙ୍କର ଗଦ୍ୟ ଭାଷାର ନଜୀର ସେଥିରେ ନାହିଁ । ଯେଉଁଭଳି ମନେହୁଏ ଗଦ୍ୟଲେଖାରେ ରାଧାନାଥ ବାବୁ ବହୁ ବିଚାର ଘାଟି ପାର ହୋଇଛନ୍ତି । 'ଇଟାଲୀୟ ଯୁବା'ର ସ୍ରୋତର ଧୀରେ ଧୀରେ ନୂତନ ଜୀବନ ପାଇ ବାଡ଼ ଖଣ୍ଡିଏ ଧରି ଚାଲିଲେ ଯେପରି ଚାଲନ୍ତି ଠିକ୍ ସେହିପରି ତାଙ୍କର ଗଦ୍ୟ ଧୀରେ ଧୀରେ ଅତି ସନ୍ତର୍ପଣରେ ବାହାରି ଆସିଛି । ଏହାର ଗୋଟିଏ ମାତ୍ର କାରଣ ଅଛି । ରାଧାନାଥ ଥିଲେ ଶିକ୍ଷକ । ଆପଣାର ମନୋଭାବ ଅନ୍ୟ ନିକଟରେ ପ୍ରାଞ୍ଜଳ କରିବା ପ୍ରକୃତ ଶିକ୍ଷକର ଏକ

ମସ୍ତବଡ଼ ବୃତ୍ତିଜ୍ଞ । ସେହି ବୃତ୍ତିଜ୍ଞ ହାସଲ କରିବାର ପ୍ରଧାନ ହତିଆର ହେଉଛି ଗଦ୍ୟଭାଷା । ତେଣୁ ରାଧାନାଥ ବାବୁ ଲେଖୁ ଲେଖୁ ଲେଖି ପକାଇଛନ୍ତି—

"କବି ଗୋଲ୍ଡସ୍ମିଥ୍ ଏକ ସଭାକୁ ଯାଇଥିଲେ । ସଭାରେ ବସି ଆପଣା ବନ୍ଧୁମାନଙ୍କ ସଙ୍ଗେ କଥା କହୁଛନ୍ତି ଏମନ୍ତ ସମୟରେ ଜଣେ କହିଲା, 'ଶୁଣନ୍ତୁ', ଜନ୍‌ସନ୍ ବକ୍ତୃତା କରିବେ । ଗୋଲ୍ଡସ୍ମିଥ୍ ଅତ୍ୟନ୍ତ କୋମଳମନା ଥିଲେ, ଅତ୍ୟନ୍ତ କୁପିତ ହେଲେ, ମାତ୍ର କୁପିତ ହେବାର ତାହାଙ୍କ ପକ୍ଷେ ଅନୁଚିତ ଥିଲା । ଜନ୍‌ସନ୍ ସମାଜରେ ପ୍ରତିଷ୍ଠା ଲଭିଥିଲେ, ସମସ୍ତଙ୍କ ଠାରେ ଆଦରଣୀୟ ହୋଇଥିଲେ । ଜନ୍‌ସନ୍‌ଙ୍କୁ ସମସ୍ତେ ଧନୁର୍ଦ୍ଧର କରି ଜାଣିଥିଲେ । ତୁମ୍ଭେ ଜଣେ ସାମାନ୍ୟ କର୍ମଚାରୀ, ଡେପୋଟି ବାବୁଙ୍କ ସଙ୍ଗେ କଥା କହୁଅଛ, ଡେପୋଟି ବାବୁ ବନ୍ଧୁପ୍ରାୟ ତୁମ୍ଭଙ୍କୁ ସମ୍ଭାଷଣ କରି ତୁମ୍ଭ ସଙ୍ଗେ କଥା କହୁଅଛନ୍ତି । ହଠାତ୍ ମେକେଞ୍ଜିର ସାହେବ ସେଠାକୁ ଆସିଲେ । ଡେପୋଟି ବାବୁଙ୍କର ସେହି ସମ୍ଭାଷଣ, ସେହି ହାସ୍ୟ ମୁହୂର୍ତ୍ତି ଭିତରେ ଉଭେଇ ଗଲା, ଆଉ ତୁମ୍ଭଙ୍କୁ ଚାହିଁଲେ ନାହିଁ, ସାହେବଙ୍କୁ ସଲାମ କରି ତାଙ୍କ ସଙ୍ଗେ କଥା କହିବାକୁ ଲାଗିଲେ, ଏମନ୍ତ ମୁଖଭଙ୍ଗୀ କଲେ ଯେ ତୁମ୍ଭଙ୍କୁ କେବେ ଦେଖି ନାହାନ୍ତି । ତୁମ୍ଭେ ବିରକ୍ତ ହେଲ, ମାତ୍ର ବିରକ୍ତ ହେବାର ଉଚିତ ନୁହେଁ । ଡେପୋଟି ମହାଶୟଙ୍କର ଦୋଷ ନାହିଁ । ସାହେବଙ୍କ ମୂର୍ତ୍ତି ତାଙ୍କର ହୃଦୟଯାକ ଘୋଡ଼ି ଗଲାଣି । ତୁମ ପାଇଁ ସ୍ଥାନ ନାହିଁ । ଡେପୋଟିଙ୍କୁ ତୁମେ ଅଦୃଶ୍ୟ ହୋଇଅଛ । ସୂର୍ଯ୍ୟ ଉଠିଲେ ତାରାମାନେ ଆମକୁ ଅଦୃଶ୍ୟ ହେଲେ । ତୁମ୍ଭର ଶୂଳରୋଗ ଅଛି । ସବୁ ଦିନ ସେହି ରୋଗରୁ କଷ୍ଟ ପାଉଅଛ । ହଠାତ୍ ଯେବେ ତୁମ୍ଭଙ୍କୁ ଉତ୍କଟ ଜ୍ୱର ହେଲା, ଜ୍ୱର ଥିବାଯାଏ ଶୂଳର ଯାତନା ଜାଣିପାରିବ ନାହିଁ । ସ୍ୱାକୁ ସୁଦ୍ଧା ସେହିପରି ଜାଣିଥିବ । " (ରା. ଗ୍ରନ୍ଥାବଳୀ ପୃ ୩୮୯ ସ୍ଥା)

'ଧନୁର୍ଦ୍ଧର କରି ଜାଣିଥିଲେ' 'ହୃଦୟଯାକ ଘୋଡ଼ି ଗଲାଣି', ଭଳି ବାକ୍ୟ ବା ବାକ୍ୟାଂଶ ଏବେ ଆଉ ଆମ ଭାଷାରେ ଚଳୁ ନାହିଁ । ତେବେ 'ପାଠକେ, ତୁମ୍ଭେ ସ୍କୁଲରେ ପଢିଥିଲଟିକି ?' ମେଟ୍ରିକ୍ ପରୀକ୍ଷା ସମୟରେ ଯେଉଁ ପ୍ରବନ୍ଧ ଲେଖିଥିଲ, ଲୋଡ଼ି ଦେଖ, ବାକ୍ସରେ ଥିବ । ଏବେ ପଢି କଣ ପାଉଁଲ ? ଲାଜ ମାଡୁଛି ତ ? ମାଡ଼ିବ ତ । ତୁଚ୍ଛା ଲାଜ ନୁହେଁ, ତୁମ୍ଭର ହର୍ଷ ବିଷାଦ ଉପୁଜିବ ।' 'ଏହା ନିଷ୍ଠା ଜାଣିଥିବ' ।'ସ୍କୁଲରେ ଏହା କହିଲେ ହେଲା' 'ବୋଲିବା ବାହୁଲ୍ୟ ଯେ' । 'ଏପରି ମଧ୍ୟ କେତେ

ଲୋକ ଅଛନ୍ତି ଯେ, ସେମାନଙ୍କୁ ଆଦୌ ସୁବିଧା ଘଟେ ନାହିଁ ।' 'ଗାଡ଼ିର ଅଖରେ ତୁମ୍ବର ଶୁକରମାନେ ତେଲ ଦେଇ ନାହାନ୍ତି, ଯେବେ ଦେଇଥିବେ ଦେବା ପରି ଦେଇ ନାହାନ୍ତି ।' 'ବୁଝିଲେ ସେଁ ସାହା କରୁଛନ୍ତି । ଆଜ୍ଞା କରୁଛନ୍ତି ।' 'ମନୁଷ୍ୟର ବୋଝ ଦେଖି ଦୟା ହେବାର ତେଣିକି ଥାଉ ଆତ୍ମର ଚଳ ମାଡେ ।' 'ସେମାନଙ୍କ ଭଣ୍ଡା କାର୍ଯ୍ୟର ଫଳ ଯେବେ ସେମାନେ ତର୍କଣା କରି ପାରିଥାଆନ୍ତେ' 'ମାତ୍ର ପାପହ୍ରଦର କୂଳର ଗଡନ୍ତି ତର୍କଣା କରିବାର କଠିଣ ।' 'ସଂସାରରେ ପଦେ ପଦେ ବିଘ୍ନ ପଦେ ପଦେ ବିରକ୍ତ ହେବାର ସହସ୍ର କାରଣ ଅଛି । ମନ ଦୃଢ଼ ଓ ପ୍ରଫୁଲ୍ଲ ନ ହେଲେ ନିଭିବାର କଠିନ ।'—ଏ ଭଳି ଅଜସ୍ର ପ୍ରୟୋଗ ଏବେ ବି ଖୋରଧା, ଘୁମୁସର, ପୁରୀ ଜିଲାର ଲୋକ କଥାରେ ଗାଁ ଗହଳରେ ବିଞ୍ଚି ହୋଇ ପଡ଼ିଛି । ରାଧାନାଥ ରାୟଙ୍କ କଲମକୁ ତାହା କିପରି ଯୋଗାଇଥିଲା ସେ କଥା ଏବେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ପ୍ରବନ୍ଧର ଭାଷାରେ ଫକୀର ମୋହନ, ରାଧାନାଥଙ୍କର ବାଟକୁ ଛାଡ଼ି ଟିକେ ବି ଏପଟ ସେପଟ ହୋଇ ନାହାନ୍ତି ବରଂ ରାଧାନାଥଙ୍କର ପ୍ରବନ୍ଧରେ ଯେଉଁଳି ଶବ୍ଦବିନ୍ୟାସ, ବାକ୍ୟ ଶୃଙ୍ଖଳା ଦେଖାଦେଇଥିଲା ସେଥିରେ ଯଥେଷ୍ଟ ସାହସ ଥିଲା । ବେଳେ ବେଳେ ତାଙ୍କର ଗଦ୍ୟ ବିଶେଷତଃ ଛୋଟ ଛୋଟ ମନ୍ତବ୍ୟ ବା ଭୂମିକାରେ, ଥିଲା ସେ ଯୁଗଲୁ ଗୁହିଁଲେ - ଅଭିନବ । ୧୮୯୪ ମସିହାରେ କବି ଗଙ୍ଗାଧରଙ୍କର ଇନ୍ଦୁମତୀ କାବ୍ୟର ଦୁଇଟି ମନ୍ତବ୍ୟ ଆଜି ମଧ୍ୟ ଲେଖାହେଲାପରି ଲାଗନ୍ତା ;—

"× × ଏ କାବ୍ୟର କବି ସାମାନ୍ୟ ଶକ୍ତିଶାଳୀ ଲେଖକ ନୁହଁନ୍ତି, ମୂଳଚରିତ ରଘୁବଂଶରୁ ସଂଗୃହୀତ ହୋଇଥିଲେହେଁ ଏହାର ଭାବ ଏବଂ ଭାଷା ଦୃଷ୍ଟିରେ ମୁଁ ଏହାକୁ ଅଭିନବ ଏବଂ ଉତ୍କୃଷ୍ଟ କାବ୍ୟରୂପେ ଗ୍ରହଣ କରିବାକୁ ଲବମାତ୍ର କୁଣ୍ଠିତ ହେବି ନାହିଁ । × × ଏହାର ଭାଷା ସରଳ, ଅକ୍ଲିଷ୍ଟ ଏବଂ ଶ୍ରୁତି ମଧୁର ହୋଇଅଛି । ମୋହ ମତରେ 'ଇନ୍ଦୁମତୀ' ସ୍ୱଭାବସୁନ୍ଦରୀ ଉତ୍କଳ ଭାରତୀଙ୍କର ଅନୁପଯୁକ୍ତ ଭୂଷଣ ନୁହେଁ ।" × × × ଏହି ଗଦ୍ୟ ଭାଷା ସହିତ ଫକୀର-ମୋହନଙ୍କର ୧୯୦୦ ରେ ଲେଖା ସମାଲୋଚନା ଗଦ୍ୟଭାଷାର ତୁଳନା କଲେ ପ୍ରଭେଦ ବାରି ହୋଇପଡ଼େ --

"ମାତ୍ର ଆମ୍ଭମାନଙ୍କ ଜୀବନକାଳରେ ପ୍ରତ୍ୟକ୍ଷ ଦେଖିଅଛୁଁ, ଏ ସମସ୍ତ ପୁସ୍ତକର ପରମାୟୁ ବିଂଶତି ବର୍ଷରୁ ଅଧିକ ନୁହେଁ । ଉତ୍କଳର

ଦାରିଦ୍ର୍ୟ, ଶିକ୍ଷିତ ଲୋକମାନଙ୍କର ମାତୃଭାଷା ଚର୍ଚ୍ଚାରେ ତାଚ୍ଛଲ୍ୟ ଏବଂ ଧନଶାଳୀ ଲୋକମାନଙ୍କର ଗ୍ରନ୍ଥକ୍ରୟ ବିଷୟରେ ବ୍ୟୟକୁଣ୍ଠତା ପ୍ରଭୃତି ଗୁରୁତର କାରଣମାନ ବିଦ୍ୟମାନ ଥାଉଁ ଥାଉଁ ନୂତନ ନୂତନ ପୁସ୍ତକ ସହସା ପ୍ରଚୁରର ଆଶା ବିଡ଼ମ୍ବନା ମାତ୍ର । ପୁସ୍ତକର ସଂଖ୍ୟାବାହୁଲ୍ୟ ବିଷୟ ଥାଉ, ଦୁଇ ତିନ ଶତ ବର୍ଷ ପୂର୍ବେ ରଚିତ ଗ୍ରନ୍ଥ ସେନ ଭାରତର ସାତ ଗୋଟି ପ୍ରଧାନ ପ୍ରଚଳିତ ଭାଷା ସହିତ ତୁଳନା କରି ଦେଖାଯାଉ, ଉତ୍କଳ ଭାଷା ପୂର୍ଣ୍ଣ ଅଙ୍ଗସୌଷ୍ଠବ ଏବଂ ସାରବତ୍ତା ପ୍ରାପ୍ତ ହୋଇଅଛି କି ନାହିଁ ।'

ତେବେ ୧୯୦୦ ଠାରୁ ୧୯୧୪-୧୫ ଯାଏ ଅର୍ଥାତ ସେହି ଦୁଇଟି ଦଶନ୍ଧରେ ଓଡ଼ିଆ ପ୍ରବନ୍ଧ ଲେଖାରେ ରାଧାନାଥ ବା ଫକୀର ମୋହନ ଗୁରୁର ଆସନ ଦଖଲ କରିପାରି ନଥିଲେ । ସେ ଆସନ ଥିଲା ମଧୁସୂଦନ ରାଓଙ୍କର । ପରବର୍ତ୍ତୀ ବହୁକାଳ ଯାଏ ଓଡ଼ିଆ ଉପନ୍ୟାସେତର ଗଦ୍ୟ ଉପରେ ତାଙ୍କର ପ୍ରବଳ ଓ ଅପ୍ରତିଦ୍ୱନ୍ଦୀ ପ୍ରଭାବ ଥିଲା । ଏହି ପ୍ରଭାବର ପରିଣାମରେ ଯାହା ଫଳିଛି ବିବର୍ତ୍ତନ କଳନାରେ ତାହାର ପରୀକ୍ଷା ଏକାନ୍ତ ଅପରିହାର୍ଯ୍ୟ ।

## ଅନ୍ୟ ଧାରା

ଉପନ୍ୟାସ ଓ ଗଳ୍ପ ରଚନାରେ ଫକୀର ମୋହନଙ୍କର ଶୈଳୀର ପରିପାଟି ଆଜି କାହାକୁ ଅଛପା ନାହିଁ । ଫକୀର ମୋହନ ତ ଯଥାର୍ଥରେ ଓଡ଼ିଶାର ଉପନ୍ୟାସ ଓ ଗଳ୍ପର ଗଦ୍ୟ ଶୈଳୀର ସ୍ରଷ୍ଟା । ଏ ବିଷୟ ଯେତେ ଆଲୋଚନା ହୋଇଛି ସେତିକ ନିହାତି ଅପ୍ରଚୁର ନୁହେଁ । ମୋଟ ଉପରେ ପ୍ରବନ୍ଧ ବା ସମାଲୋଚନା ଗଦ୍ୟଶୈଳୀରେ ଫକୀର ମୋହନ ଯେଉଁ ସାଧୁ ଓଡ଼ିଆ ଭାଷାକୁ ସଂଖାଳି କରି ଧରିଥିଲେ, ଆଉ ସଂସ୍କୃତ ବ୍ୟାକରଣ ବା ଅବ୍ୟାକରଣର ଲୁହାଧାରଣୀ ପରେ ଚିଡ଼ ଚିଡ଼ ହୋଇ ଗଢ଼ିଥିଲେ, ଏଇଠି ସେଭଳି ସାଧୁତା, ଶୁଚିବାୟୁ ବା ଶୁଦ୍ଧତାର ଚିହ୍ନବର୍ଣ୍ଣ ନାହିଁ । 'ପ୍ରାୟଶ୍ଚିତ୍ତ' ବା 'ଲଛମା' ରେ ଠାଏଁ ଠାଏଁ ତାଙ୍କର ଶୈଳୀରେ 'ସାଧୁକୃତ' ପ୍ରଭୃତି ପଣ୍ଡିତ ମାଳକଣ୍ଠ ସୂଚନା ଦେଇଛନ୍ତି । ସେ ସବୁ 'ସାଧୁକୃତ' ଶୈଳୀ ନିଶ୍ଚୟ ଫକୀର ମୋହନଙ୍କର କରଣୀ ନୁହେଁ ତାହା ତାଙ୍କର ସାହିତ୍ୟିକ ବନ୍ଧୁ ଆଉ ଆତ୍ମୀୟଙ୍କର କେବଳ ଯତ୍ନଶୀଳତା ହେତୁରୁ ହୋଇଥିବା ନିଶ୍ଚିତ ନ ହୋଇଥିଲେ ବି ସମ୍ଭବ । ଅନ୍ୟ ପକ୍ଷରେ ଫକୀର ମୋହନଙ୍କର ଘଟଣା-ବର୍ଣ୍ଣନା ବା କାହାଣୀ ରଚନାର ମାଧ୍ୟମ ହିସାବରେ ଗଦ୍ୟଭାଷା ଏଇଠି

ମାର୍ଜିତ, ଗ୍ରାମ୍ୟତା ଶୂନ୍ୟ, ବଳିଷ୍ଠ,ସାହସିକ । ସ୍ଥାନେ ସ୍ଥାନେ ଏହି ଗଦ୍ୟରେ କାହାଣୀକୁ ଏପରି ଭାବରେ ଗୁମ୍ଫି ଦିଆଯାଇଛି ଯେ ଏଠାରେ ଗଦ୍ୟର କୌଣସି ପାଠକ ଆଖିକୁ ଦିଶେ ନାହିଁ । ସେଭଳି ସ୍ଥାନରେ ହିଁ ଏହି ଗଦ୍ୟର ଉଚ୍ଚକୋଟିର ଶ୍ରେଷ୍ଠ ପରାକାଷ୍ଠା । ଲଛମା, ମାମୁଁ, ଗଳ୍ପସ୍ୱଳ୍ପ, ଛମାଣ ଆଠଗୁଣ୍ଠରେ, ଆଉ ଆତ୍ମଜୀବନ ଚରିତରେ ବିଶେଷତଃ ଗଳ୍ପସ୍ୱଳ୍ପ ଆଉ ଛମାଣ ଆଠଗୁଣ୍ଠରେ ବହୁ ଜାଗାରେ ଭାଷା ଓଡ଼ିଆ ଗଦ୍ୟର ଶୃଙ୍ଗଶିଖର ସ୍ପର୍ଶ କରିଛି ବୋଲି କହିଲେ ବଡ଼କୁହା କଥା ହେବ ନାହିଁ ।

## ପୃଷ୍ଠପଟର ବ୍ୟାପ୍ତି

ଏ କଥା ଜଣାଶୁଣା ଯେ, ପ୍ରତ୍ୟେକ କାହାଣୀ ବା ରିପୋର୍ଟରେ ଗୋଟିଏ ପୃଷ୍ଠପଟ ଥାଏ । ଆଉ ତାର ଭିତରେ କାହାଣୀର ବିଷୟବସ୍ତୁ ସଂଯୋଜିତ ଥାଏ । ବିଷୟବସ୍ତୁର ପ୍ରାଣବାୟୁ ହେଉଛି ତାର ବାତାବରଣ । ଫକୀର-ମୋହନ ଓଡ଼ିଶା ସାହିତ୍ୟରେ ଏହି ବାତାବରଣ ସୃଷ୍ଟିରେ ଥିଲେ ବିଶ୍ୱକର୍ମା । ତାଙ୍କ ପରେ ଆହୁରି ଅନେକ ଔପନ୍ୟାସିକ ଜନ୍ମ ହୋଇଛନ୍ତି, କୃତବିଦ୍ୟ ହୋଇଛନ୍ତି । ସାର୍ଥକ ରଚନା ଓ ସତେଜ ପ୍ରାଣବାୟୁ ଫୁଙ୍କିଛନ୍ତି । ତେବେ ଫକୀର ମୋହନଙ୍କର ବାତାବରଣ ବା ବାୟୁମଣ୍ଡଳର ବ୍ୟାପ୍ତି ସେମାନଙ୍କର ଭାଗ୍ୟରେ ଘଟି ନଥିଲା । କାରଣ ଫକୀର ମୋହନ ଓଡ଼ିଆ ଜୀବନର ଯେଉଁ ବିଷୟଗୁଡ଼ିକର ବର୍ଣ୍ଣନା, ଯେଉଁ ଚରିତ୍ର ଗୁଡ଼ିକର ଚୟନ ପାଇଁ ବାଇବନ୍ଧ ହୋଇଥିଲେ ସେସବୁ ପ୍ରତି ପରବର୍ତ୍ତୀ ଉପନ୍ୟାସ ଲେଖାଳି ସେପରି ବ୍ୟାପକ ଦୃଷ୍ଟି ଦେଇନାହାନ୍ତି । ଇଚ୍ଛାକରି ହେଉ ବା ଅନିଚ୍ଛାରେ ହେଉ ।

## ଆଜିର ଓଡ଼ିଆ ଲେଖକର ସଂସାର

ମନେ ହୋଇପାରେ, ଏ ମତଟା ନିତାନ୍ତ ଏକତରଫା; ଅସାର ମତ । ବରଂ ଆଜିର ଓଡ଼ିଆ ଉପନ୍ୟାସ ଲେଖକ କାହିଁ କାଳମାଟି, ରେଙ୍ଗୁନ, ଜାଭା, ବାଲି, କଲିକତା, ଆସାମ, ଦିଲ୍ଲୀଯାଏ ଚମକି ଗଲେଣି । ସେମାନେ କେବଳ ଭାଷା ବା ଗଦ୍ୟ ଲେଖାରେ ସହସ୍ର ନୁହନ୍ତି ସେମାନେ ଦେଶ-କାଳ-ପାତ୍ର ନିର୍ବାଚନରେ ବି ଓଡ଼ିଶାର ସୀମା ପାର ହେଲ୍‌ବାଲି । ପୁଣି କେବଳ ଭୂଗୋଳରେ ଯେ ଆଜି ଆମେ କାହିଁ ଦିଗ୍‌ବଳୟରୁ ଦୌଡ଼ି ବାହାରି ଚଳୁଣି ସେତିକି ନୁହେଁ ଇତିହାସରେ ବି

ବଙ୍କାନରେ ବ । ହୋଇପାରେ ଫକୀର ମୋହନଙ୍କର ଚରିତ୍ର ଠାରୁ ଆଜିର ଜଣାଶୁଣା ଉପନ୍ୟାସ ଲେଖାଳର ଚରିତ୍ରର ଅନ୍ତରତଳ ଆହୁରି ଗଭୀର । ଆଜିର ମଣିଷ ଚରିତ୍ର ଆଗଭଳି ଛକକଟା, ଚିହ୍ନପିଛୁଳା ନୁହେଁ, ତାହାର ଚିହ୍ନଣ ବ ଆଜିର ମନଗହୀର ଋଷୀଙ୍କ ଦୟାରୁ ଏତେ ସହଜ ନୁହେଁ । ସେମାନେ ରାମଚନ୍ଦ୍ର ମଙ୍ଗରାଜ, ଚମ୍ପା ବା ଶାରିଆ, ପେଟେଣ୍ଟ ମେଡ଼ିସିନ୍‌ର ସାଆନ୍ତାଣି ବା ଅଧର୍ମବିତ୍ତର କୁବେର ସାହୁ ନୁହନ୍ତି । ସେମାନେ ଗୃହାନ୍ତି ଗୋଟେ ତରଫକୁ, କଥା କହନ୍ତି ଆଉ ବାଟେ, ଚାଲନ୍ତି ଆଉ ପ୍ରକାରେ । କଳିଯୁଗର ଏ ମହାକଳ ଦଶନ୍ଧି ଯାହାକ ଗତ ମହାଯୁଦ୍ଧ ବା ତା' ପରଠୁ ହୋଇଛି, ସେଥିରେ ଏପରି ମଣିଷର ପଞ୍ଚଆତ୍ମା ହୋଇପାରେ ପାଞ୍ଚଟା, ଅନ୍ତତଃ ପକ୍ଷେ ଯୋଡ଼ାଏ । ଆଜିର ଲେଖକେ କହି ପାରନ୍ତି, ଫକୀର ମୋହନଙ୍କ ବେଳରେ ଏଭଳି ମଣିଷ ଚରିତ୍ର କଥା ତ ଓଡ଼ିଶା ଲୋକେ ଶୁଣି ନଥିଲେ । ତେଣୁ ଫକୀର ମୋହନ ସେଭଳି ଚରିତ୍ରର ମନ ଗହନର କଥା ଆଉ ତା'ର ଭାଷା ପାଇଥାନ୍ତେ ବା କେଉଁଠୁ ?

ତେଣୁ ଗୋଟିଏ ଦୃଷ୍ଟିରୁ, ଫକୀର ମୋହନ ସୀମିତ ସଂସାରର ଉଦ୍‌ଗାତା । ସେଉଁ ଗାଁର ବସ୍ତାର ଅସୁରଦଦୀର ଘାଟଦାଣ୍ଡି, ଆଉ ଝଙ୍କାଳିଆ ବରଗଛ ଠାରେ ଛିଡ଼ାଛି, ଯା'ର ପାହ୍ନପାହ୍ନୀ ପରିଧି ଭଗିଆ, ଶାରିଆ ବା ଖୁବ୍ ବଢି ବଢି ଗଲେ ସେ କାଳର କଟକ ସହରୀ ଜାଲମରେ ଧୁରନ୍ଧର ସଦାନନ୍ଦଙ୍କୁ ଡେଇଁବାର ସାମର୍ଥ୍ୟ ନାହିଁ ତାଙ୍କ ସଙ୍ଗେ ଆଜିର ଗହନଗୁଣୀ, ଗଗନବିହାରୀ, ମୋଟର-ସବାରୀ ସଂସାରର ରିପୋର୍ଟର ଆଜିର ଉପନ୍ୟାସ ଲେଖାଳିଙ୍କୁ ତୁଳନା କରିବା ବାତୁଳତା । ତଥାପି ଏ କଥା ସତ୍ୟ ଯେ ଅନୁପାତ କ୍ରମରେ ଏ ତୁଳନା ବାତୁଳତା ନୁହେଁ ବରଂ ଏଭଳି ତୁଳନାରେ ଫକୀର ମୋହନଙ୍କ ପକ୍ଷରେ ଓଜନ ବେଶି ହେବା ନିଶ୍ଚିତ । ବରଂ ଦୁର୍ଭାଗ୍ୟର କଥା ଯେ ଫକୀରମୋହନ ଜୀବନରେ ଆହୁରି ସୁଯୋଗ ପାଇଲେ ନାହିଁ । ଯେଉଁଭଳି ସୁଯୋଗଥାକରେ, ଡିକେନ୍ସ୍, କନ୍‌ରାଡ୍, ଓସ୍ୱେଲସ୍ ପ୍ରଭୃତି ଇଂରେଜ ଲେଖକମାନଙ୍କୁ ମିଳିଥିଲା ।

## ବାତାବରଣର ସର୍ଜନା

ଫକୀର ମୋହନଙ୍କର ୨ୟ ଭାଗ ଗଳ୍ପସ୍ୱଳ୍ପରେ 'ବାଲେଶ୍ୱରୀ ପଙ୍ଗାଲୁଣି' ପୋକ୍ତାନ ବିଷୟରେ ଗୋଟିଏ ଲେଖା ରହିଛି । ଏ ଲେଖାଟି ଗଳ୍ପ ନୁହେଁ । କାରଣ ଏଥିରେ କାହାଣୀ କିଛି ନାହିଁ । ଏହାର ଭିତ୍ତିରେ

(ଅଷ୍ଟାଦଶ ଶତାବ୍ଦୀ ଓଲଟାଇ) ହୁଏତ ଫକୀର ମୋହନ 'ଲଚ୍ଛମା' ଭଳି ଏକ ଉପନ୍ୟାସର କଳ୍ପନା କରିଥିଲେ । ତାହା କୌଣସି ହେତୁରୁ ଯେବେ ନ ହୋଇ ପାରିଲା, ସେଥିପାଇଁ ସେ ଲେଖିଲେ :—

"୧୮୭୧ ଖ୍ରୀଷ୍ଟାବ୍ଦଠାରୁ ପୋକ୍ତାନ କାର୍ଯ୍ୟ ରହିତ ହୋଇ ଯାଇଅଛି । ଲେଖକ ଅଳ୍ପ ବୟସରେ ସରକାର ତରଫ ଲବଣ ମାହାଲ ସିରସ୍ତାରେ ଅଳ୍ପକାଳ ମାତ୍ର କର୍ମଚାରୀ ଥିଲା । ପୋକ୍ତାନ ସମ୍ବନ୍ଧରେ ତାହାର ଯେଉଁ ଅଭିଜ୍ଞତା ଅଛି, ବର୍ତ୍ତମାନ ସ୍ମରଣଶକ୍ତି ପ୍ରତି ନିର୍ଭର କରି ସେଥିର ସଂକ୍ଷିପ୍ତ ବିବରଣ ଲିପିବଦ୍ଧ କରୁଅଛି ।"

"ଦୁଇଗୋଟି ସିରସ୍ତା—ପ୍ରଥମ ମୁନ୍‌ସିଖାନା ଦ୍ୱିତୀୟ ହିସାବ-ଖାନା । ମୁନସିଖାନାରେ ନିଯୁକ୍ତ (ହିମନିମ୍ନ) କର୍ମଚାରୀମାନଙ୍କ ଉପାଧି—ଦେବାନ, ପେସ୍କାର, ମୁନସୀ, ରୋଜନାମଚି-ନବିସ, ପରବାନା-ନବିସ, ନକଲ-ନବିସ, ନାଜର ମୋହରର ।

"ହିସାବ ଖାନାରେ ନିଯୁକ୍ତ—ସିରସ୍ତାଦାର, ମୁନସୀ ଓ ମୋହରର । ନିମକ ପୋକ୍ତାନ ସ୍ଥାନରେ ସରକାର ତରଫରୁ ନିଯୁକ୍ତ କର୍ମଚାରୀଙ୍କ ଉପାଧି—ଦାରୋଗା, ପେସ୍କାର, ଜିଲ୍ଦାର, ଚପରାସୀ, ଜାଳଚୌକିଆ, ଖୁଣ୍ଟି ପାଇକତପାଦାର ଓ କୟାଳ ।"

"ନିମକ ବନ୍ଦୀ ସ୍ଥାନରେ ନିଯୁକ୍ତ କର୍ମଚାରୀ—ଦାରୋଗା ଓ ପେସ୍କାର ପୋକ୍ତାନ ସ୍ଥାନରେ ପହରା ପୋଲିସ କର୍ମଚାରୀ—ଜମାଦାର, ମୁନ୍‌ସୀ ଓ ଚପରାସୀ × × × ଦାଦନ ଟଙ୍କା ଗ୍ରହଣକାରୀର ଉପାଧି—ମୁଲିଆ [ଏହି ଦାଦନ ସମୟଟା ବାଲେଶ୍ୱର ମଧ୍ୟରେ ଉତ୍ସବ ସ୍ୱରୂପ ଥିଲା । ଅନେକ ଟଙ୍କା କାରବାର ହୁଏ । ସହର ମଧ୍ୟରେ ଦୋକାନୀମାନେ ଦୋକାନ ସଜେଇ ବସିଥାଆନ୍ତି । ବଜାରୀ, ହଟାରୀ, ଭକାରୀ, ଅମଲା, ଫଏଲା ସମସ୍ତଙ୍କର ଆଣ୍ଠୁ ଦୁଇପଇସା ହାତପେଟ ହୁଏ । ଲକ୍ଷାଧିକ ଟଙ୍କା ଦାଦନ ଦିଆଯାଉଥିଲା ।] × × ମୁଲିଆ ଦାଦନ ନେଇ ଖୁଣ୍ଟିକୁ ଚାଲିଯାଏ । ଲବଣ ପୋକ୍ତାନ ସ୍ଥାନର ନାମ ଖୁଣ୍ଟି । କେତେଗୁଡ଼ିଏ ଖୁଣ୍ଟିର ଏକତ୍ରରେ ସାଧାରଣ ନାମ ଅଡଂ । ଅବଶ୍ୟ ଖୁଣ୍ଟି ଓ ଅଡଂଗୁଡ଼ିକ ସମୁଦ୍ର କୂଳବର୍ତ୍ତୀ ସ୍ଥାନରେ ଅବସ୍ଥିତ । ]"

"ଉପଯୁକ୍ତ ସ୍ଥାନ ନିର୍ବାଚନ କରି ପାଡ଼ି ଉପାଧିଧାରୀ ଲୋକ ଚୁଲି ପ୍ରସ୍ତୁତ କରେ ।"

× × ×

"ଚୁଲି ପ୍ରସ୍ତୁତ ହେବାମାତ୍ରକେ ମଳଙ୍ଗୀ ଉପାଧିଧାରୀ କର୍ମଚାରୀ ପଟ୍ଟାଲରୁ ମାଟି ଚାଞ୍ଛିବାକୁ ଆରମ୍ଭ କରେ । [ସମୁଦ୍ର ବେଳାଭୂମି ଉପରେ ଯେଉଁ ଅଳ୍ପ ଗଭୀର ପ୍ରାନ୍ତର ମଧ୍ୟରେ ଜୁଆର ସମୟରେ ସମୁଦ୍ରଜଳ ପ୍ରବେଶ କରେ, ଭଟ୍ଟା ସମୟରେ ଶୁଖିଲା ପଡ଼େ ତାହାର ନାମ ପଟ୍ଟାଲ ।" ଇତ୍ୟାଦି ।

ଓଡ଼ିଶାରେ ବର୍ତ୍ତମାନ ସୋରଳ, ମୁମାଣ୍ଡି, ହୁମା, ଅସ୍ତରଙ୍ଗ ପ୍ରଭୃତି ଅଞ୍ଚଳରେ ଯେଉଁ ଲୁଣ ଫୋକ୍ଟାନ ଚାଲିଛି, ସେଠାରେ ବିଭିନ୍ନ ବିଭାଗରେ ନିଯୁକ୍ତ କର୍ମଚାରୀମାନେ କେଉଁ କେଉଁ ନାମ ବୋଲନ୍ତି ତାହା ବୋଧହୁଏ ଅଧିକାଂଶ ଓଡ଼ିଆ ଲେଖକଙ୍କର ଗୋଚରରେ ନଥିବ ପାଠକ ବା ଗ୍ରାହକ ଲୋକଙ୍କ କଥା ତେଣିକି ଥାଉ । ତେବେ ଏଭଳି ଲୁଣ ଫୋକ୍ଟାନ ସ୍ଥଳରେ ଶନ ଫୋକ୍ଟାନ, କୋଇଲା ଫୋକ୍ଟାନ, ଗୁଡ଼ ଫୋକ୍ଟାନ, ଲୁହାଖଣି, ଅଭ୍ରଖଣି ଇତ୍ୟାଦି ଅଞ୍ଚଳରେ ମଣିଷ ଜୀବନର ଯେଉଁ ସବୁ କର୍ମପ୍ରବାହ ପ୍ରତିଦିନ ଚାଲିଛି ସେ ବିଷୟରେ ଆମର ଓଡ଼ିଆ ଗଦ୍ୟର ପ୍ରବେଶ ଥିବା ଅନ୍ତତଃ ସାଧାରଣ ନଜରରେ ପଡ଼ନାହିଁ ।

ଫକୀର ମୋହନଙ୍କର ଏହି ଗୋଟିଏ ଗଳ୍ପସ୍ୱଳ୍ପ ଲେଖାରୁ ଯେଉଁ ରୂପକଳ୍ପ ଓ ବାତାବରଣ ପାଠକ ମନ ଅଧିକାର କରିବସେ ତାହାର ଧାରଣା ଓ କଳନା ଅସମ୍ଭବ । ପୁଣି ଏହି ଲେଖା ତ ଗଳ୍ପ ନୁହେଁ, ସିଂଘ ଥିଲେ ଏ ଘୋଡ଼ା ରଖନ୍ତା ନାହିଁ । ଗଳ୍ପ ହୋଇଥିଲେ କ'ଣ ହୋଇ ନଥାନ୍ତା ? ତା ଛଡ଼ା କେତେ ନୂଆ ନୂଆ ଶବ୍ଦ ପୁଣି ଏହି ଥରକ ସେଗୁଡ଼ିକ ଦେଖା ଦେଇ ଅନ୍ତର୍ଦ୍ଧାନ ହୋଇଗଲେ :—
ମାଟି ସଂଗ୍ରହ ସ୍ଥାନର ନାମ ବାଡ଼ି, ବାଡ଼ି ନିକଟରେ ଗୋଟିଏ ଗର୍ତ୍ତ ଖୋଳା ହୋଇଥାଏ, ସେ ଗର୍ତ୍ତର ନାମ କୁଣ୍ଡି । କୁଟା କେରାକୁ ଅବଲମ୍ବନ କରି ବାଡ଼ି ଦେହରୁ ସମସ୍ତ ଜଳ ନିଗିଡ଼ି ଆସେ । ସେହି ଲବଣାକ୍ତ ଜଳର ନାମ ଦହପାଣି ।

ଦହଣପାଣି ! ଇଂରାଜୀରେ ବ୍ରାଇନ୍ Brine ଶବ୍ଦର ଗୋଟିଏ ଓଡ଼ିଆ ସମ୍ପର୍କ ପାଇଁ କେତେ ଓଡ଼ିଆ ଲେଖକ ଛୁଟିପିଟି ହୋଇ ନଥିବେ । ଯେଉଁ ଦେଶର ଗୋଟାଏ ବିସ୍ତୀର୍ଣ୍ଣ ଉପକୂଳ ମହୋଦଧି ଧୋଉଛି, ବାଲେଶ୍ୱରର ସେ ମୁଣ୍ଡରୁ ଏପଟେ ପୋରଳ ସୁମାର୍ଣ୍ଣି ଯାଏ ପ୍ରାୟ ତିନିଶ ମାଇଲ ଲମ୍ବ ପଟାରେ ସମୁଦ୍ର ଆଉ ଜାହାଜ ଆଉ ତହିଁରେ କାମ କରୁଥିବା ଲୋକ, ପୁଣି ଜାହାଜର ଯାବତୀୟ ଅଙ୍ଗପ୍ରତ୍ୟଙ୍ଗ, ଜାହାଜ ରହିବା, ଚଳିବା ସ୍ଥାନ ଇତ୍ୟାଦି ଇତ୍ୟାଦି ହରେକ କଥା ପାଇଁ ଓଡ଼ିଆ ସାଧବେ କେତେ କେତେ ଭାଷା ରଖିଥିଲେ । ସେ ଭାଷାର ପ୍ରବକ୍ତା ହିଁ ଥିଲେ ଫକୀର ମୋହନ ।

କେତେ ଶୀତ କାକର ଖାଇ, କେତେ ବରଷ ଲାଗି ଗୋଟିଏ ଗୋଟିଏ ଶବ୍ଦ ସୃଷ୍ଟ ହୋଇଛି । ତାକୁ ବ୍ୟବହାର କରିବାପାଇଁ, ତାକୁ ଚିହ୍ନିବା ପାଇଁ, ଚିହ୍ନିକରି ମାନିବା ପାଇଁ କେତେ ଶହ ହଜାର ବର୍ଷ କଟିଛି ? ଆଜି ସେଥିରୁ କେତେଗୁଡ଼ିଏ କଥା ଆମ ଭିତରେ ରହିପାରିଲେ ନାହିଁ । କାରଣ ସେ ବ୍ୟବସାୟ ଗଲା, ସେ ଅର୍ଥନୀତି ଛିଣ୍ଡି ଗଲା, ଏଣିକି ଯେବେ ତାହା ଆଉଥରେ ଫେରିବାର ଉପକ୍ରମ ହେଉଛି ସେତେବେଳେ ଆମେ ହିଁ ଦରିଦ୍ର ହେଉଛୁଁ । ସଂସ୍କୃତର ଧାତୁ ପ୍ରତ୍ୟୟ, ଆଉ ଉପସର୍ଗ ବିସର୍ଗ ଯୋଡ଼ି ନାନା କିମ୍ଭୂତକିମାକାର ଶବ୍ଦ ଓଡ଼ିଆ ଭାଷାରେ ଥୋଇଦେଉଛୁ, ସେ ଶବ୍ଦକୁ ଓଡ଼ିଆ ବୋଲି କେହି ଚିହ୍ନୁ ନାହାନ୍ତି । ଅନ୍ତତଃ ଲୋକେ ଚିହ୍ନୁ ନାହାନ୍ତି । ସେ ବିଚରା ଗୁଡ଼ଗଣେଶ ପରି କେତେ ଦିନ ନିର୍ବିକଳ୍ପ ଭାବରେ ପୁହିଁ ପୁହିଁ କୁଆଡ଼େ ମିଳେଇ ଯାଉଛି ।

ପ୍ରତ୍ୟେକ ସାହିତ୍ୟିକ ଆପଣାର ସାମାଜିକ ଆର୍ଥିକ ଜୀବନ ସହିତ କେତେଦୂର ସଂପର୍କିତ ତାହାର ପ୍ରମାଣ ପ୍ରତ୍ୟେକ ସାହିତ୍ୟର ଇତିହାସ । ବାଲେଶ୍ୱର ଜିଲ୍ଲାର ଆର୍ଥିକ ଜୀବନ ସହିତ ଏହି ଶବ୍ଦଗୁଡ଼ିକର ସଂପର୍କ ନିବିଡ଼ । ଅଳ୍ପ ତେଣୁ ଫକୀର ମୋହନ ଲେଖିଛନ୍ତି "ପ୍ରତିବର୍ଷ ବାଲେଶ୍ୱର ଜିଲ୍ଲାରେ ନ ଲକ୍ଷ ମହଣ ଲୁଣ ପୋକ୍ତାନ ହେଉଥିଲା । ଏଥି ମଧ୍ୟରୁ ନିଜ ବାଲେଶ୍ୱର ଜିଲ୍ଲାରେ ଖରଚ ସକାଶେ ଦେଢ଼ ଲକ୍ଷ ମହଣ ନିଜ ବାଲେଶ୍ୱର ଓ ଭଦ୍ରକ ଗୋଲାରେ ଗୋଲା-ଜାତ କରାଯାଇ ବାକି ସାଢ଼େ ସାତଲକ୍ଷ ମହଣ ଲୁଣ ବଙ୍ଗ ଦେଶରେ ବ୍ୟବହାର ନିମନ୍ତେ କଲିକତା ନିକଟବର୍ତ୍ତୀ ଗଙ୍ଗାନଦୀ ପଶ୍ଚିମ କୂଳସ୍ଥ ସାଲିକା ନାମକ ଗୋଲାକୁ ଚାଲାଣ ଦିଆଯାଏ । ......ପ୍ରାୟ ତିନିଶତ ବାଲେଶ୍ୱରୀ ଜାହାଜ ନିଯୁକ୍ତ ଥିଲା । "

ଦୁଇ ଡୁଲିଆ ବଡ଼ ଜାହାଜର ନାମ ଗୋସପ । ଏକ ଡୁଲିଆ ସାନ ଜାହାଜର ନାମ ଶ୍ଲୋପ୍ । ଜାହାଜ ଚାଳକର ଉପାଧି ମାଝି, ତାହାର

ସହକାରୀ ତଣ୍ଡେଲ । ଅନ୍ୟାନ୍ୟମାନେ ଖଲାସୀ । "ଏହାଛଡ଼ା ଜାହାଜ ନିର୍ମାଣକାରୀ ବଢ଼ାଇ, କମାର, କଳାପିଠିଆ, ସଡ଼ସିଲାଇ, ଦରଜୀ ଓ ଅନ୍ୟାନ୍ୟ ଶ୍ରମିକର ସଂଖ୍ୟା ପ୍ରାୟ ପାଞ୍ଚ ହଜାର । ସମସ୍ତେ ବାଲେଶ୍ୱର ଜିଲ୍ଲା ନିବାସୀ । ଅଧିକାଂଶ ମହାଜନମାନେ ମଧ୍ୟ ବାଲେଶ୍ୱରୀୟ । ସେ ସମୟରେ କି ଅନ୍ତର୍ବାଣିଜ୍ୟ କି ବହିର୍ବାଣିଜ୍ୟ ସମସ୍ତ ବାଲେଶ୍ୱରବାସୀମାନଙ୍କ ହସ୍ତରେ ଥିଲା । ବାଣିଜ୍ୟ ଉପଲକ୍ଷରେ ବାଲେଶ୍ୱରୀ ଜାହାଜ ସବୁ ଗୋପାଳପୁର, ବିଶାଖାପଟ୍ଟନ, ମାନ୍ଦ୍ରାଜ, ରେଙ୍ଗୁନ ଓ ଅନ୍ୟାନ୍ୟ ଦ୍ୱୀପକୁ ଗତାୟାତ କରୁଥିଲେ ।

## ଲୋକଙ୍କ ସହିତ-ସାହିତ୍ୟ

ଫକୀର ମୋହନ ଆପଣା କାର୍ଯ୍ୟରେ ଆଦର୍ଶନିଷ୍ଠ ଭାବରେ ଥିଲେ ଇଂରାଜ ରାଜଭକ୍ତ । ବହୁସ୍ଥଳରେ ସେ ଦୟାଳୁ ଗଭର୍ଣ୍ଣମେଣ୍ଟଙ୍କ କଣ୍ଠରେ ଭଗବାନ୍ ବିରାଜିତ ହେବାଲାଗି ପ୍ରାର୍ଥନା କରିଛନ୍ତି । ତାଙ୍କର ଗଭୀର ଆଶା ଥିଲା ଯେ ମୋଗଲ ଆଉ ମରହଟ୍ଟା ଅମଳର ନାରଖାର ଓ ବିପର୍ଯ୍ୟୟରୁ ଏକମାତ୍ର ଆଶା ଭରସାର ସ୍ଥଳ ବିଲାତ ଶାସନ । ବିଲାତ ରାଜକର୍ମଚାରୀଙ୍କୁ ମଧ୍ୟ ସେ ପ୍ରଚୁର ପ୍ରଶଂସା କରିଛନ୍ତି । ଏହି ସବୁ ପ୍ରମାଣରୁ ତାଙ୍କର ମନୋବୃତ୍ତି କଠିଣ ରକ୍ଷଣଶୀଳତାର ଆବରଣରେ ଆଚ୍ଛାଦିତ ଥିଲା ବୋଲି କହିବା ଅସଙ୍ଗତ ହେବନାହିଁ । ତଥାପି ତାଙ୍କର ସାହିତ୍ୟିକ ପ୍ରାଣ ଜନସାଧାରଣଙ୍କର ସୁଖ ଦୁଃଖ ସହିତ ଏଭଳି ଏକାତ୍ମ ଥିଲା ଯେ ସେ ଆପଣାକୁ ଓ ଆପଣାର ସ୍ୱାର୍ଥକୁ ଜନସାଧାରଣଙ୍କ ଜୀବନରୁ ବିଚ୍ଛିନ୍ନ କରିପାରି ନାହାନ୍ତି । ତାଙ୍କର ମାନବିକତା ଓ ଉଜ୍ଜ୍ୱଳ ଦିବ୍ୟଦୃଷ୍ଟିର ଉତ୍ସ ଏହିଠାରେ । ଆଜକୁ ପ୍ରାୟ ସତୁରି ଅଶି ବର୍ଷ ତଳେ ଫକୀର ମୋହନ ଯେଉଁ ଭାଷାରେ ସେ କାଳର ବାଲେଶ୍ୱରର ଆର୍ଥିକ ଜୀବନର ଚିତ୍ର ଆଙ୍କିଥିଲେ ତାହାପରେ ବୁଢ଼ାବଳଙ୍ଗ, ମହୋଦଧି, ବାଣିଜ୍ୟ ଆଉ ଜୀବନରେ କେତେ ପରିବର୍ତ୍ତନ ଘଟିଛି । ତଥାପି ତାହାକୁ ଆଉଥରେ ପଢ଼ିଲେ ଗତକାଲର ଉଚ୍ଚକୋଟିର ସମ୍ବାଦ ରିପୋର୍ଟିଂ ପରି ଲାଗିବ :—

"ବାଲେଶ୍ୱର ବାସୀଙ୍କର ଦୁଇଗୋଟି ବସ୍ତୁ ପ୍ରଧାନ ଉପଜୀବ୍ୟ, ଲବଣ ଓ ଧାନ୍ୟ । ଜିଲ୍ଲାର ପ୍ରାୟ ଏକ ତୃତୀୟାଂଶ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଲବଣ ବ୍ୟବସାୟରେ ନିଯୁକ୍ତ ଥିଲେ । × × ଗତ ନଅଙ୍କ ଦୁର୍ଭିକ୍ଷ ସେ ସମସ୍ତ ଲୋକଙ୍କୁ ସବଂଶରେ ଶାନ୍ତିନିକେତନକୁ

ହେନ ଯାଇଅଛି । ଅନ୍ୟଥା ସେଗୁଡ଼ିକ କି କଲବଲ ହୋଇଥାଆନ୍ତେ ।
୧୮୬୧ ଖ୍ରୀଷ୍ଟାବ୍ଦରେ ସରକାରୀ ପୋକ୍ତାନ କାର୍ଯ୍ୟ ବନ୍ଦ ହୋଇଗଲା···
···············ଲାଭ ନ ହେବାରୁ କି ସରକାର ପୋକ୍ତାନ କାର୍ଯ୍ୟ
ରହିତ କରାଇ ଦେଲେ ? ସରକାର ଚୁକ୍ତିଆମାନଙ୍କ ନିକଟରୁ ପ୍ରତି
ମହଣ ୪୦ ।/ ହିସାବରେ ଗ୍ରହଣ କରୁଥିଲେ ; ବିକ୍ରି ମହଣକୁ
ଦୁଇଟଙ୍କା । ପ୍ରତି ମହଣରେ ଟଙ୍କାଏ ଏଗାର ଅଣା ଲାଭ । କେବଳ
ବାଲେଶ୍ୱର ଜିଲ୍ଲାର ନ ଲକ୍ଷ ମହଣର ଲାଭ ହିସାବ କରି ନିଅ । କଟକ
ପୁରୀ ଜିଲ୍ଲା କଥା ଥାଉ,···············'କ୍ଷୀରାବ୍ଧିତନୟା ରମା' ।
ଲକ୍ଷ୍ମୀଙ୍କର ପିତୃଭବନ ସମୁଦ୍ର କୂଳରେ ଅବସ୍ଥିତ ଥିବାରୁ ଚିରଦିନ ଲକ୍ଷ୍ମୀ
ଏହି ଜିଲ୍ଲାରେ ବିରାଜିତା ଥିଲେ । ସମୁଦ୍ର କୂଳବର୍ତ୍ତୀ ବାଣିଜ୍ୟ ସ୍ଥାନର
ନାମ ବନ୍ଦର, ଏଥିପାଇଁ ଏହାର ନାମ ବନ୍ଦର ବାଲେଶ୍ୱର । ତିନିଶତ
ବର୍ଷ ପୂର୍ବେ ବଙ୍ଗ ଦେଶକୁ ଯିବା ପୂର୍ବେ ଓଲନ୍ଦାଜ, ଫରାସି, ଡିନେମାର
ଓ ଇଂରାଜ ବଣିକମାନେ ଏଠାରେ ଦୋକାନ ମେଲିଥିଲେ ।

ବାଲେଶ୍ୱର ଯେପରି ଲକ୍ଷ୍ମୀବନ୍ତ ସ୍ଥାନ, ଦୁଇ ଚାରିବର୍ଷ ଅକାଳ
ପଡ଼ିଲେ ମଧ୍ୟ ସମ୍ଭାଳି ଯିବାର କଥା; ମାତ୍ର ଏହି ସୁଭିକ୍ଷ ସମୟରେ
ସମ୍ପୂର୍ଣ୍ଣ ରୂପେ ଶସ୍ୟ ଜନ୍ମିଥିଲେ ମଧ୍ୟ ସହରବାସୀ ସାଧାରଣ ଲୋକ
ମଧ୍ୟରେ ଦଶପଣ ଲୋକଙ୍କ ଘରେ ଦୁଇଓଳି ଚୁଲ୍ଲି ଜଳେ କି ନା,
ସନ୍ଦେହ । ମଧ୍ୟବିତ୍ତ ଲୋକଙ୍କ ଅବସ୍ଥା ପ୍ରାୟ ତଥୈବଚ । ଏକମାତ୍ର
କାରଣ—ଅର୍ଥାଭାବ । କେବଳ ଲବଣ ପୋକ୍ତାନ ଉଠି ଯିବାରୁ
ସମସ୍ତ ଯାଇଅଛି, କାରିଗରି ବଂଶ ତ ନିର୍ମୂଳ ହୋଇ ଅଛନ୍ତି ।
ବାଣିଜ୍ୟ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ମହାଜନ ଜଣେ ମଧ୍ୟ ନାହିଁ ।······
ହାତରେ ଅର୍ଥ କାହିଁ ଯେ ଧନବନ୍ତ ବିଦେଶୀ ମହାଜନଙ୍କ ସହିତ
ଟକ୍କର ଦେଇପାରିବେ ।

ଏହି କ୍ଷୁଦ୍ର ଜିଲ୍ଲାରୁ ପ୍ରତିବର୍ଷ ପ୍ରାୟ କୋଟି ସଂଖ୍ୟକ ଟଙ୍କାର
ଧାନ ଚାଉଳ ବିଦେଶକୁ ରପ୍ତାନି ହୁଏ । ରେଲଷ୍ଟେସନ ଚାଉଳ
ବସ୍ତାରେ ପରିପୂର୍ଣ୍ଣ । ଶଗଡ଼ମାନଙ୍କରେ ଦିବାରାତ୍ର ଚାଉଳ ଶଗଡ଼
ଚାଲିଅଛି, ଅଥଚ ସହରବାସୀ ଅଧିକାଂଶ ଲୋକ କାତର ନୟନରେ,
ଖାଲି ପେଟରେ ଭକ ଭକ କରି ଚାହିଁ ବସି ଅଛନ୍ତି । × × ×
ଅକାଳ ପଡ଼ୁ, ଦେଖିବେ, ଲୋକଗୁଡ଼ାକ ଲମ୍ବ ଲମ୍ବ ଧଣ୍ଡି ପରି
ଶୋଇଯିବେ ।" ଫକୀର ମୋହନ ଗ୍ରନ୍ଥାବଳୀ (ପୃ-୬୦୦-୬୦୧-ଷ୍ଟୁ।)

## ବିସ୍ମୃତିର ଅଗଣାରୁ

ଲୁଣ ପୋକ୍ତାନ ଗଲା, ସେକାଳର ସାଧବେ କୁଆଡ଼େ ଲୁଚିଲେ । ହରି ମଲିକ ଗୁଳିଆ ବି କୁଆଡ଼େ ମରି ହଜିଗଲା । ବାକି ଆଉ ଯେତେ ମାଝି ଚଣ୍ଡେଲ, ଖଲାସି ଦଳ ଥିଲେ ସେମାନେ ନଅଙ୍କ ଦୁର୍ଭିକ୍ଷରେ ମୂଳପୋଛ ହୋଇଗଲେ । ଫକୀରମୋହନ ତାଙ୍କର ଉଜ୍ଜ୍ୱଳ ଯୌବନକାଳର ସେହି ଅତୀତକୁ ଝୁରି ହୋଇ ଲେଖିଛନ୍ତି "ଯେଉଁମାନେ ଜାହାଜ ଚାଳକ ଓ ନିର୍ମାଣ କାର୍ଯ୍ୟରେ ପୁରୁଷାନୁକ୍ରମରେ ନିଯୁକ୍ତ ଥିଲେ (ଅନ୍ୟାନ୍ୟ କାର୍ଯ୍ୟରେ ଅନଭ୍ୟସ୍ତ) ସେ ବଂଶ କାହାନ୍ତି ? ଗତ ନଅଙ୍କ ଦୁର୍ଭିକ୍ଷ ଅନୁଗ୍ରହ କରି ସେ ସମସ୍ତ ଲୋକଙ୍କୁ ସବଂଶରେ ଶାନ୍ତିନିକେତନକୁ ଘେନି ଯାଇଅଛି । ଅନ୍ୟଥା ସେଗୁଡ଼ିକ କି କଳବଳ ହୋଇଥାନ୍ତେ ।"

ତେବେ ବି ସେ ସୁନାର ଅତୀତ ପାଶୋରି ହେଲାନାହିଁ । ସେ କାଳର ଜାହାଜ, ଗୋରାପ, ଆଉ ସାଧବଙ୍କର କରଣୀ କାଳ କାଳକୁ ରହି ଯିବାର ମନ ଓରମାନ ଫକୀରମୋହନଙ୍କୁ ଘାରିଥିଲା । ତେଣୁ ଅତୀତ ଦିନର ବନ୍ଦର ବାଲେଶ୍ୱରର ସାଧବଙ୍କର ସଭାବୈଠକ ଫକୀରମୋହନଙ୍କ ଗଦ୍ୟଭଣ୍ଡାର ପରିପାଟି ଭିତରେ ସ୍ଥାନ ପାଇବାକୁ ବାଧ ହେଲା । ଏ କାଳରେ ଯେପରି ଗୋଟିଏ ବୈଠକ ହେଲେ ତାର ବିବରଣୀ ରଖାଯାଏ ଆଉ ଆଗନ୍ତା ସଭାରେ ତାହା ପଢ଼ାଯାଇ ସାବ୍ୟସ୍ତ କରାଯାଏ ଠିକ୍ ସେପରି ଏହି ସଭାର ଗୋଟାଏ ବିବରଣୀ ରହିଲା । ଗଳ୍ପସ୍ୱଳ୍ପରେ ଫକୀରମୋହନଙ୍କର ଏହି ବିଷୟଟି ହେଲା 'କାଳିକା ପ୍ରସାଦ ଗୋରାପ' ।

ପୁଣି ସେଇ ଯୁଗର ବାତାବରଣର ପ୍ରତ୍ୟକ୍ଷ ସ୍ପର୍ଶ ! 'ଗୁମାସ୍ତା ମାଗୁଣି ମହାନ୍ତିଏ ଫର୍ଦ୍ଦେ ବାଲେଶ୍ୱରୀ ଛଣି କାଗଜ ଗାର କାଟିଲା ପରି ଆଠଭାଙ୍ଗ କରି ଜୋଡ଼ିଲେ । ଏହି ବାବୁମାନେ ସଭାରେ ବିରାଜମାନ କଲେ ।'

ପ୍ରଥମେ ବନ୍ଦିଲି ମାତା ଶାରଳା ପଦ୍ମର ପରି ପ୍ରଥମେ 'ଗୋଟାଏ ମାଟି ଦୁଆତରେ ଅଧେ କଳା ଅଧେ ନାଲି ପୂରିଥିଲା ଗୋଟାଏ ଶରକାଠି କଲମ ବୁଡ଼ାଇ ଲେଖା ଆରମ୍ଭ କଲେ । ଯେଉଁ ଯେଉଁ ଅକ୍ଷରରେ ବହଳ କାଳି ଲାଗି ଶୁଖି ନଥିଲା ଖଣ୍ଡେ ସରୁ କନାରେ ସରୁ ବାଲି ବନ୍ଧା ପୁଟୁଳା ସେଥିରେ ଥାପିଦେଇ ନାମ ଡ଼ାକିଦେଲେ ।'

# ଅତୀତର ମୁଲକ—ପାଣି ପବନର ଭାଷା

ଏଇଠି ପାଠକ ଭେଟିବେ ଏକ ନୂଆ ମୁଲକ । ଏଠାରେ ଲୋକ ଆଗରେ 'ପ୍ରତିବନ୍ଧକ' ନାହିଁ । ଅଛି ଗଳବନ୍ଧମୀ, 'ଯେଉଁ ଗଳବନ୍ଧମୀ ପଡ଼ିଲାଣି, ଜାହାଜାତ କାରବାର ଏଣିକି ଇତି' । ଜାହାଜଗୁଡ଼ିକ ଦରିଆରେ 'ହଜି ନାହାନ୍ତି' । ସେମାନେ 'ଗୁମ୍' ।

'ଜାହାଜ ଛୁଡ଼ିଲୁ' ନାହିଁ । 'ଆମେ ଗୁରଖଣ୍ଡି ଜାହାଜ ବନ୍ଦର ଘାଟରୁ ଗଡ଼ଗଲୁଁ' । 'ନଈ ଭିତରେ ଗଣ୍ଡିର ପାଣିକୁ ମାପି ଯାଉଁ ଯାଉଁ' ଏଠାରେ କୁହାଗଲା 'ନଈ ଭିତରେ ଭଟା ଧରି ଯାଉଁ ଯାଉଁ' । ଏଇଠି ଜାହାଜର 'ପତାକା' ହେଉଛି 'ବାଉଟା' । ଗୋଟିଏ ଜାହାଜ ଆଉ ଗୋଟିଏ ଜାହାଜକୁ ଦଣ୍ଡବତ କଲା 'ବାଉଟା ହଲାଇ' 'ଆମ୍ଭମାନଙ୍କର ମାଝି ବି ସେହିପରି ବାଉଟା ବାନ୍ଧିଲେ । ସେ ଗୋଗାପ ଦଖଣ୍ଡି ଦକ୍ଷିଣମୁହାଁ 'ହକାରିଲେ' ।

ବିଲାତର କବି କୋଲରିଜ୍ ଲେଖିଥିଲେ **'The sun's rim dips, the stars rush out, At one stride comes the dark'** ଗ୍ରୀଷ୍ମ କଟିବନ୍ଧର ଏ ଭଳି ବର୍ଣ୍ଣନା ଯୋଗୁଁ ତାଙ୍କର କବିତା **'Ancient Mariner'** ଅମର ହୋଇ ରହିଛି ।' ସେଇଠି ସୂର୍ଯ୍ୟଙ୍କର ଫେନ୍ଦ ପାଣିରେ ଡୁବି ଯାଇଛି । ତାରାମାନେ ଝପଟି ଆସିଛନ୍ତି ଆଉ ଏକା ଖେପକେ ଅନ୍ଧାର ମାଡ଼ି ଆସିଛି । ଏଇଠି 'ଗୁରୁବାର ଦିନ ବଡ଼ି ସକାଳେ ପୂର୍ବ ଦିଗ ସମୁଦ୍ର ଭିତରେ ସୂର୍ଯ୍ୟ ଦେବତାଙ୍କ ଫେନ୍ଦ ଝିମିଡି ଦିଶିଲା, ସେଇ ଦିଗରେ ଦଶ କୋଶ ହେବ ଦୂରରେ ଖଣ୍ଡେ ଜାହାଜର ଶେତ ଦିଶିଲା । ଜାହାଜ ଖଣ୍ଡି ଆମ୍ଭମାନଙ୍କୁ ଲକ୍ଷ୍ୟ କରି ଧାଇଁଥାଏ ।"

ବିଲାତରେ ଜାହାଜର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ନାମ ଭିନ୍ନ ଭିନ୍ନ । ସେଗୁଡ଼ିକ ଧୀରେ ଧୀରେ ଇଂରାଜୀ ଭାଷାରେ ମିଶି ଏକାକାର ହୋଇଯାଇଛି । ଏବେ ଯଦି ଓଡ଼ିଶାର ମାଝିଏ ପାରାଦ୍ୱୀପରୁ ଜାହାଜ ଘେନି ଜାପାନ, କାନାଡ଼ା, ଅଷ୍ଟ୍ରେଲିଆ, ରୁଷିଆ ବା ବିଲାତ ଆଡ଼କୁ ହକାରିବେ ତେବେ ସେମାନଙ୍କ ପାଇଁ ଜାହାଜର 'ବାହୁଟିଆ କୁଳା' 'ନାବରା ଦଉଡ଼ି', 'ଚଉକା' 'ଫେରଙ୍ଗ୍', 'ନୁପଦାର', 'କାଛି', ଖୋଳ

(hold) ର, 'କମ୍ପିକଲ' ଇତ୍ୟାଦି ଲେଡ଼ା ପଡ଼ପାରେ । ଫକୀରମୋହନ ଏସବୁ ଆଗରୁ ଭାଷାରେ ସମ୍ଭାବ୍ୟ ଯାଇଥିଲେ । ଇଂରାଜୀ ଉପନ୍ୟାସ ଲେଖକ ଜୋସେଫ କନ୍‌ରାଡ଼, ରବର୍ଟ ଲୁଇ ଷ୍ଟିଭେନ୍‌ସନ, କାବ ଜନ୍ହନ ମାସ୍‌ଫିଲଡ୍, କାପ୍ତାନ କୁକ୍, ଆଉ ଡେଫୋଙ୍କର ବିଖ୍ୟାତ ରବିନ୍‌ସନ କ୍ରୁସୋ ଇତ୍ୟାଦିଙ୍କ ଯୋଗୁ ଇଂରାଜ ସାହିତ୍ୟର ବ୍ୟାପ୍ତି ଓ ପ୍ରସାର ପୃଥିବୀଟାସାକ ଘୋଟି ଯାଇଛି । ଇଂରାଜୀ ଭାଷା ଜଳ, ସମୁଦ୍ର, ଜାହାଜ, ସୂର୍ଯ୍ୟୋଦୟ, ମହାସାଗରର ଗର୍ଜନ ଓ ଆକାଶ, ପ୍ରଭଞ୍ଜନ ଇତ୍ୟାଦିର ସମାବେଶରେ ଯେପରି ସମୃଦ୍ଧ ହୋଇଛି ତାହା କଳନାର ଅତୀତ । ଓଡ଼ିଆ ଗଦ୍ୟ ସାହିତ୍ୟରେ ଫକୀରମୋହନ ସେହି ସମୁଦ୍ରର ଜାହାଜୀୟ କାରବାର ଓ ଗତାଯ଼ତର ଯେଉଁ ଭାଷା ଉଲ୍ଲେଖ କରିଛନ୍ତି ତାହାର ମଧ୍ୟ ତୁଳନା ନାହିଁ ।

ପରବର୍ତ୍ତୀ କାଳରେ ପଣ୍ଡିତ ଗୋଦାବରୀଶ (ମିଶ୍ର)ଙ୍କର ନବାସିତ ନାମକ ଗୋଟିଏ ଉପନ୍ୟାସ ତାଙ୍କର ଗ୍ରନ୍ଥାବଳୀରୁ ପଢ଼ିବାକୁ ମିଳେ । ଉପନ୍ୟାସଟି ବୋଧହୁଏ ଗ୍ରୁପ୍ୟାଶ୍ରିତ, ହୁଏତ ନିଘନ ଅନୁବାଦ ନୁହେଁ । ତେବେ ବି ଏହି ଉପନ୍ୟାସର ଜାହାଜୀୟ ଗତାଯ଼ତ ଓ ସାମୁଦ୍ରିକ ବାତାବରଣ ଫକୀରମୋହନଙ୍କୁ ସ୍ମରଣ କରାଇଦିଏ । ଗୋଦାବରୀଶ ଫକୀରମୋହନଙ୍କ ଭାଷାକୁ ଅନୁସରଣ କରିଛନ୍ତି କି ନାହିଁ କହିହେବ ନାହିଁ (ବୋଧହୁଏ ନୁହେଁ) ତଥାପି ଉଭୟଙ୍କର ତୁଳନା ଯେ କୌଣସି ଗଦ୍ୟ ସମୀକ୍ଷକ କରିପାରନ୍ତି ।

'ଲଙ୍ଗର ଉଠାଇ ଶେଠ୍ ଯେ ହକାରିଛି—ସେଇ ହକାରିଛି । ପୁରା ଆଠଦିନ ଦିନ ରାତି ଜାହାଜ ଧାଇଁଥାଏ । ଦକ୍ଷିଣା ପିଠ୍ଠ଼ ପବନ, ଆକାଶ ନିର୍ମଳ । ଦରିଆଟା ପୋଖରୀ ପାଣି ପରି ଧୀର । ଜାହାଜ ସୁକାନରେ ଖାଲି ହାତ ପଡ଼ିଥାଏ, ସଳଖ ଜାହଜ ଧାଇଁଛି ।'

(ଫକୀରମୋହନ)

'ଆଣ୍ଡାମାନ ପାଖେ ସମୁଦ୍ର ଭାରି ଗଭୀର । ସେହି ଗଭୀର ଜଳରାଶି ବକ୍ଷରେ ସିନ୍ଧୁହସ୍ତୀ, ଉତ୍ତର ପବନରେ ଲହରିକୁ ଲହରି ଝପି, ସ୍ୱଚ୍ଛନ୍ଦ ଗତିରେ ବୁଲିବାକୁ ଲାଗିଲା ଏଣେ ସିନ୍ଧୁହସ୍ତୀ କଳାପାଣିରେ ଯାଇ ପଡ଼ିଲା ।'

—(ଗୋଦାବରୀଶ)

'ପଛପଟରୁ ଟିକିଏ ପବନ ଝିଲିକି ଦେଲା, ବେଳକୁ ବେଳ ଟିକିଏ ଟିକିଏ ବଢ଼ିବାକୁ ଲାଗିଲା । ବଢ଼ିଲା ପରି ବଢ଼ିଲା—ସମାଳ—

ସମାନ—ରାତ୍ର ଅଧ ବେଳକୁ ଅଥୟ । ଦରିଆ ଆକାଶ ଏକାକାର, ତାଳଗଛ ପ୍ରମାଣ ଢେଉ । ଆଗ ଦୁଇ ନଙ୍ଗର ପଛ ଲଟାଙ୍ଗ ପକାଇ ଦେଲୁ, ପଟାପଟ ଛିଡ଼ିଗଲା । ରାତିଯାକ ଏକ ହାଲ, ଆଉ ସମ୍ଭାଳ ହେଲାନାହିଁ । ଅଧରାତି ସରକ ଜାହାଜ ଗାମଦ ହେଲା । ସମସ୍ତେ ମିଶି ପାଣି ମରାରେ ଲାଗିଥାଉଁ । ଭୋର ଭୋର ଜାହାଜ ବସିଗଲା । ଦିନହେଲା, ଦେଖିଲୁ, ଧାମରା ଝଡ଼ଆଳ ମୁହାଣ । ଆଉ ଗୁରା ନାହିଁ । ବତାଳକୁ ଓହ୍ଲାଇ ଆସିଲୁ ।'' —(ଫକୀରମୋହନ)

'ପାଣିପବନ ଗୁଳଲା, ସିନ୍ଧୁହସ୍ତୀ ଉଠେଇ ଝୁଟେଇ ହୋଇ ଦିବସ ପରେ ରାତି ଓ ରାତି ପରେ ଦିବସ କଟାଇବାରେ ଲାଗିଲା । ସମସ୍ତେ ପ୍ରମାଦ ଗଣିଲେ ।'.........

'ଝଡ଼ ତୋଫାନ ବଢ଼ିଲାବେଳେ ଯେପରି କ୍ରମେ କ୍ରମେ ବଢ଼େ, ଛାଡ଼ିଲା ବେଳକୁ ସେପରି କ୍ରମେ କ୍ରମେ ଛାଡ଼ିଆସେ ।......ଜାହାଜ ନାସି ଖୁବ୍ ଜୋରରେ ପଥର ଦେହରେ ପିଟି ହୋଇଯିବାରୁ ଫାଟି ଯାଇଛି ଏବଂ ସେହି ଫାଟବାଟେ ଭିତରକୁ ପାଣି ଅଳ୍ପ ଅଳ୍ପ ଆସିଛି । ଜାହାଜ ଯେଉଁଠାରେ ଲଙ୍ଗର ପକାଇ ରହିଥିଲା, ସେଠାରେ ଅତି ଅଳ୍ପ ଦୂରରେ ପାଣି ତଳେ ଗୋଟାଏ ପ୍ରକାଣ୍ଡ ପଥର ବୁଡ଼ି ରହିଥିଲା । ସାଧାରଣ ଅବସ୍ଥାରେ ତା'ର ଅସ୍ତିତ୍ୱ ବୁଝି ହୁଅନ୍ତା ନାହିଁ । କିନ୍ତୁ ପ୍ରବଳ ତୋଫାନ ଯୋଗେ ଜାହାଜ ଆସି ବାରମ୍ବାର ଯାଇ ସେଥିରେ ପିଟି ହୋଇ ଫାଟିଗଲା ।' — ଗୋଦାବରୀଶ)

## ନଈରେ ପାଣି ଛନ୍‌ଛୋଟ୍

ସମୁଦ୍ରରେ ଜାହାଜ କଥା ଏଭଳି । କିନ୍ତୁ ନଈରେ କୋଶଲି, ଡଙ୍ଗା, କାଠୁଆ ଆଉ ସେମାନଙ୍କ ଗତିଗୋଳ ବିଷୟରେ ଫକୀରମୋହନଙ୍କର ତଥ୍ୟ ବି ଲକ୍ଷଣୀୟ । ମହାନଦୀ କୂଳରେ ଗୋଟାଏ ଗାଁ...... ଫକୀରମୋହନଙ୍କ ଅତି ପ୍ରିୟ ଗାଁ ପରି ଲାଗୁଛି (ସେ ନାଁଟା ବାରମ୍ବାର ତାଙ୍କର ଗଳ୍ପରେ ମିଳୁଛି) ।

ଲକ୍ଷ୍ମଣ ମିଶ୍ର କହିଲେ, 'ମୁଁ ଦେଖିଛି, ଏଇଟା ସାଇଲକ୍ ।' ଭାଗବତ ପଣ୍ଡଏ କହିଲେ, 'ନା ନା, ସେଇଟା ଏ ସାଇଲୋକ ନୁହେଁ । ତା ଘର ମହାମପୁର—ଏ ଗାଁକୁ ଦେଢ଼କୋଶ ଦୂର ନଈକୂଳରେ ।'

ସେଇ 'ସାଇକେଲ'—ସାଇକ୍ଲୋକ ନୁହେଁ—କୁବେର ସାହୁ ଘର ମନ୍ମଥପୁର 'ଗଡ଼ଜାତ ସୋନପୁର ଠାରୁ ଦଶପଲ୍ଲା ଯାଏ ତାହାର ଦଶ ପନ୍ଦରଟା ଗୋଦାମ । ଫି ଗୋଦାମରେ ଜଣେ ଜଣେ କରଣ, ଜଣେ ଜଣେ କାରବାରିଆ । ତାର ନିଜର କୋଡ଼ିଏ ସରିକି ବାରଗୋଡ଼ିଆ, ପନ୍ଦର ଗୋଡ଼ିଆ କୁଣ୍ଡୁଳି, ଚକ୍ ଚକ୍ ନାଆ ଅଛି ।

( ଇଂରାଜୀରେ କୁଣ୍ଡୁଳିକୁ **yatch** କହନ୍ତି ପରା ! )

ସେହି କୁବେର ସାହୁର ପୁଅ ଏପରି କୁଣ୍ଡୁଳି ଚଢ଼ି ବୌଦର ହରିହରପୁରକୁ ବାଟ ଅନୁକୂଳ କଲା । "ହରିହରପୁର ଗୋଟିଏ ବଡ଼ ମହାଜନୀ ଗାଁ—ଠିକ୍ ମହାନଦୀ କୂଳରେ ।......ନଈରେ ଉଜୁଣିକା ପାଣି ଛୁଟୁଛି । ହରିଣି ଖୋଳିବା କାଠୁଆ ହତା ଯନ୍ତ୍ର ଧରି କୋଡ଼ିଏ ସରିକି ମୂଲିଆ ବି ସଙ୍ଗରେ ଯାଉଛନ୍ତି । ଉଜାଣି ଯିବାକୁ ଚବିଶ ପଚିଶ ଦିନରୁ ଊଣା ଲାଗିବ ନାହିଁ ।"

'ଆଜି ପୁଷ ୧୫ ଦିନ ବରଯାତ୍ରା ପାଇଁ ଠିକ୍ ହୋଇଛି । ନଈ କୂଳରେ ଅଧକୋଶ ଯାଏଁ ନାଆ କାଠୁଆ ଧାଡ଼ିକି ଧାଡ଼ି ଖଞ୍ଜା । ନାଉରିଆମାନେ ଆହୁଲା କାତ, ନା-ଟଣା ଦଉଡ଼ି, ହରିଣିଖୋଳା ହତା ଯନ୍ତ୍ର ଧରି ହାଜର । କୋଡ଼ିଏ ଖଣ୍ଡ ସରିକି ଗାଁରୁ ପିଲାପିଲି ଧରି ମାଇକିନିଆ ମରଦ ନଈ ଦୁଇ କୂଳରେ କାତାର ଦେଇ ଛିଡ଼ା ହୋଇଛନ୍ତି । କିଛି ଦୂର ନଈ ବାଲିରେ ଗଛବାଣ ଫୁଟିଲା । ସଙ୍ଗେ ସଙ୍ଗେ ଶଙ୍ଖ ହୁଳହୁଳି ଉଚ୍ଛୁଳି ପଡ଼ିଲା । ବରଯାତ୍ରା ଆଗରୁ ଘର ଅଗଣା ଭିତରେ ପିଣ୍ଡି ଉପରେ ନାନ୍ଦୀମୁଖୀ ଶ୍ରାଦ୍ଧ ବଢ଼ିଲା । ବିଦ୍ୟାଧର ବେଦୀରୁ ଉଠି ମା ପାଖରୁ ମେଲାଣି ନେବାକୁ ଯାଇ ଗୋଡ଼ତଳେ ପଡ଼ିଲା, ମା ପାଦରୁ ଧୂଳି ନେଇ ମୁଣ୍ଡରେ ଲଗାଇଲା । ମା ତୁଳସୀ ମୂଳରୁ ମାଟି ନେଇ ତା ମୁଣ୍ଡରେ ଚିତା କରିଦେଲେ ।.........

ହରିପୁରରେ ପହଞ୍ଚିବାକୁ ହାତ ଗଣନ୍ତା ଠିକ୍ ପଚିଶ ଦିନ ଲାଗିଲା । ସଙ୍ଗରେ ଦଫେ ଗୋଟିପୋ ଗାଆଣିଆ ଥିଲେ ।......ନଦୀକୂଳ-ପାଖିଆ କୋଶକ ବାଟରୁ ଲୋକେ ଧାଇଁ ଆସି ଗାଆଣ ଶୁଣନ୍ତି ।

ଯୁଧିଷ୍ଠିର ସାହୁଙ୍କ ଘର କୋଶକ ଦୂରରୁ ସନ୍ଧ୍ୟାବେଳୁ ରୋଷନି ଲାଗିଲା ।......ବାହୁଡ଼ିବା ବେଳେ (ଲୋକେ) ବୋଲାବୋଲି ହୋଇ ଗଲେ, ଗୋଟାଏ ରଜାପୁଅ ବାହାଘରେ ବି ଏତେ ଆଟୋପ ହେବ ନାହିଁ ।'

(ଗଳ୍ପସ୍ୱଳ୍ପ—ଗ୍ରନ୍ଥାବଳୀ ପୃଷ୍ଠ ୪୦ ଷ୍ଠା)

ଯଦ୍ଧଲା ଆଷାଢ଼ରେ ଯିମିତି ନଈରେ ଘିଢାପାଣି ପଡ଼ିଲା, ସେମିତି ଗ୍ଳୁଲଲା ବରବାହୁଡ଼ା ।

'ଦଶଖଣ୍ଡି ନୂଆ ତିଆରି ନାଆ ତୁଠରେ ଧାଡ଼ି କରି ଖଡ଼ା ହୋଇଛନ୍ତି । ସବୁ ନାଆ ରଙ୍ଗ ବିରଙ୍ଗ ମଣ୍ଡଣା, ଦୁଇ ମଙ୍ଗରେ ଫର ଫର ହୋଇ ପତାକା ଉଡ଼ୁଛନ୍ତି । ଏଗୁଡ଼ିକ ଯୌତୁକ ନାଆ । ସେଥି ମଧ୍ୟରେ ଯୋଡ଼ାଏ ନାଆ ସୁନ୍ଦର ମଣ୍ଡଣା । ଖଣ୍ଡିକରେ ଝିଅ, ଆଉ ଖଣ୍ଡିକରେ ଜୁଆଁଇଁ ବସି ଯିବେ……

କୁବେର ସାହୁର ଦୂରଦୂରାନ୍ତର କୋଠିମାନଙ୍କରୁ ତିରିଶ ଖଣ୍ଡି ସରିକି ନାଆ ସରକ ବୋଝେଇ କରି ସେଠାରେ ଉପସ୍ଥିତ । ନାଆସବୁ ପୁରା ବୋଝେଇ, ପାଣି ଲହଡ଼ି ଚୂଳକୁ ଛୁଇଁ ଦେଉଛି ।………

ଆଷାଢ଼ କୃଷ୍ଣ ଦଶମୀ ଦିନ ଯାତ୍ରା ଠିକ୍ ହେଲା । ରଥକାଠ ମେଲାଣି ଭଲଆ ପାଣି ଚାହିଁ ବସିଛନ୍ତି—ନୋହିଲେ ନାଆ ସବୁ ଖୋଷ୍ଟ ପାରି ହୋଇ ପାରିବ ନାହିଁ ।'

## ବାଟକଢାଣିଆ ସାପଚଲା ବାଟ

'ଆଜି ଯାତ୍ରାର ଦିନ । ହଜାର ହଜାର ଦେଖଣାହାରୀ ନଈ ଦୁଇ କୂଳରେ କାତାର ଦେଇ ଛିଡ଼ା ହୋଇଛନ୍ତି । ପଛରେ ମଙ୍ଗଧରା । ଆଗ ମଙ୍ଗ ଉପରେ ବାଟକଢ଼ାଣିଆ ଛିଡ଼ା, ଏହି କଢ଼ାଣିଆ ନ ହେଲେ ନାଆ ଖୋଷ୍ଟ ପାର ହୋଇ ପାରିବ ନାହିଁ ।

ଟାଠମଲ୍ଲିକ ଉପରକୁ ମୁଣ୍ଡାପଡ଼ା ଗାଁଠାରୁ କଇଁହାଗଡ଼ ଯାଏ ଷୋଳ ସତର ମାଇଲ ଭିତରେ ଖୋଷ୍ଟ ପଡ଼େ । ବଡ଼ ବଡ଼ ପଥର ସବୁ ମୁଣ୍ଡି ଟେକି ନଦୀ ମଝିରେ ସଭା କରି ବସିଲା ପରି ବସିଛନ୍ତି । ବର୍ଷି ପାଣିରେ ସେହି ପଥର ସବୁ ବୁଡ଼ିଗଲେ ତା ଉପରେ ଦେଇ ନାଆ ସବୁ ଭାସିଯାଏ । କେତେ ପଥର ବୁଡ଼େ ନାହିଁ । ଗୁଡ଼ାଏ ପଥର ଉପରେ ନୃଖଳେଣ୍ଟ, ଚାରି ଆଙ୍ଗୁଳି ଜଳ; ନାଉରୀକୁ ପଥର ଦିଶେ ନାହିଁ । ଏ ଖୋଷ୍ଟ ଜାଗାଟାରେ ନଈ କମ୍ ଓସାର ଯୋଗୁ ପାଣିର ଭାରୀ ତୋଡ଼ । ଘଣ୍ଟାକ ମଧ୍ୟରେ କୋଡ଼ିଏ ମାଇଲ ବାଟ ନାଆ ଭାସିଯାଏ । ସେହି ଖୋଷ୍ଟ ମଧ୍ୟରେ ଅଙ୍କା ବଙ୍କା ସାପଚଲା ପରି ବାଟ ।……ସେ ଯାଗାରେ ପାଣିର ଭାରୀ ତୋଡ଼ । ପଥରରେ ବାଜି ଏପରି ଶବ୍ଦ କରେ ଯେ କଢ଼ାଣିଆ କଥା ପଛ ମଙ୍ଗଧରାକୁ ଶୁଭେ ନାହିଁ, କଢ଼ାଣିଆ ଦୁଇ ହାତରେ

ବାଟ ଠାଣ ଦେଉଥାଏ । ଖୁଣ୍ଟ ପାର କରି ଦେଇ ବାଟ କଢ଼ାଣିଆ କଇଁଛାଗଡ଼ ପାରେ ନାଆରୁ ଓହ୍ଲାଇ ପଡ଼େ । ତା କାମ ଛୁଟିଗଲା ।

## 'ଜେ ଜେ ଗଙ୍ଗାମାତା' ଘୁଙ୍ଗୁଡ଼ିଆ ପବନ

ତିନିଦିନ ହେଲା ଶ୍ରାବଣ ପଶିଥିଲା, ଭାରି ପାଣି, ଭାରି ଝଡ଼ । କାଲି ସଞ୍ଜରୁ ପାଣି ଛାଡ଼ୁଛି । ସକାଳେ ଆକାଶ ନିର୍ମଳ, ସୂର୍ଯ୍ୟଦେବତା ଜ୍ୱଳନ୍ତ ସୁନାପେଣ୍ଡୁ ପରି ଉଇଁ ଆସିଲେ ।

× × ×

ନାଉରିଏ ଜାଣନ୍ତି 'ଉଇଁ ନ ଦିଶେ, ହସି ପଶେ, ବାପ ବୋଇଲେ ପୁତା ନିଶ୍ଚେ ବରଷେ ।' ନଈ ଦୁଇକୂଳ ଲୋକେ ଛିଡ଼ାହୋଇ ଅନାଇଛନ୍ତି, ନାଉରିଏ ଭାରି ଆନନ୍ଦରେ 'ହରିବୋଲ' ଦେଇ ନାଆ ବାହି ଯାଉଛନ୍ତି । ଯୋଡ଼ାଏ ନାଆ ଖଜା ପିଠା ବୋଝେଇ, ନାଆ ଖଟାଇ ଖାଇବେ । ଏତିକିବେଳେ ଉତ୍ତର କୋଣରୁ ହେଁସ ଖଣ୍ଡିପରି ଖଣ୍ଡେ ସାନ ଧୂଳିଆ ମେଘ ଉଇଁ ଆସିଲା । ସିଳସିଲି ପବନ ଝିଲିକିଲା । ନାଉରିଏ ଡରିଗଲେ । ଆଉ ସମସ୍ତେ ବାହାଣରେ ଲାଗିଛନ୍ତି । 'ଜେ ଜେ—ଗଙ୍ଗାମାତା କି ଜେ' ଗୀତ ଗାଇ ଆହୁଲା ବାହୁଛନ୍ତି । ନାଆ ଯିମିତି ମୁଣ୍ଡାପଡ଼ା ଗାଁ ମୁଣ୍ଡ ଛୁଇଁଛି, କଥା ପଦକେ ଗୋଟା ଆକାଶ ମେଘ ଘୋଡ଼େଇ ପକାଇଲା ।

ସଙ୍ଗେ ସଙ୍ଗେ ପବନ, ତା ପଛକୁ ପାଣି । ପବନ ତ ପବନ ଏପରି ଧୁଙ୍ଗୁଡ଼ିଆ ପବନ କାଳେ ସକାଳେ ଦେଖିବାର ନାହିଁ । ବେତନାସି ଗୋଛାରେ ବାଡ଼େଇଲା ପରି ନାଉରିମାନଙ୍କ ଦେହକୁ ପାଣି ଛାଟ ମାରୁଛି ।

## ଭାଙ୍ଗି ଚୂନା ହୋଇଗଲା

ଦୁଇ କୂଳରୁ ଡାକ ପଡ଼ୁଛି, 'ନାଉରି, କୂଳ ଭିଡ଼ା, କୂଳ ଭିଡ଼ା ।' ବାଟକଢ଼ା ଡାକୁଛି । ମଙ୍ଗୁଆଳ କୂଳ ଦେଖା—ଆରେ କୂଳ ଦେଖା ।' ନାଆ କ'ଣ ମଙ୍ଗ ମାନୁଛି ? ଧୁଙ୍ଗୁଡ଼ିଆ ପବନ ନାଆର ଆଗ ମଙ୍ଗ ପଛକୁ କରି ଦେଉଛି । କେବେ ନାଆକୁ ଚକାପରି ବୁଲେଇ ଦେଉଛି । ନଈ କୂଳର ଭାରି ଭାରି ପୁରୁଣା ଆମ୍ବ, ବର, ଓସ୍ତ ଗଛ-ଗୁଡ଼ାକ ମାରିଷ ଗଛପରି ଉପୁଡ଼ି ପଡ଼ୁଛି । ପୁବାଳି ଗୋଟାଏ ଭାରି ଦମକା ପବନ ବାଡ଼େଇ ଦେଲା । ନାଆ ଉପର ମଙ୍ଗଧରା, ବାହାଣିଆ, ବାଟକଢ଼ା ସବୁଗୁଡ଼ାକ ଝୁପଝାପ୍ କରି ନଈରେ ପଡ଼ିଗଲେ । ଚଣ୍ଡିଆ ଦେଇ

ସେମାନଙ୍କୁ ଜଏ ଯେମନ୍ତ ପାଣିରେ ମାଡ଼ିଦେଲା । ନାଆଗୁଡ଼ାକ ଗୋଟାକ ଉପରେ ଗୋଟାଏ ବାଡ଼େଇ ହେଉଛନ୍ତି । ଗୁଡ଼ାଏ ଠୋକର ଖାଇ ଭାଙ୍ଗି ଗୁଣ୍ଡା ହୋଇଗଲାଣି । ଆଉ ଦଣ୍ଡେ ସତାର କରିଥିଲେ ନାଆସବୁ ସୁଅ ପାଣିରେ ପଡ଼ି ଭାସି ଯାଇଥାନ୍ତା, ମାତ୍ର କଇଁଷାଗଡ଼ ମୁଣ୍ଡରେ ନଈ ମଝିରେ ଗୋଟାଏ ବଡ଼ ଖୁଣ୍ଟ ମହାକାଳ ଦୂତପରି ଛିଡ଼ା ହୋଇଥିଲା, ସବୁ ନାଆ ତା ଉପରେ ବାଡ଼େଇ ହୋଇ ଭାଙ୍ଗି ଚୂନା ହୋଇଗଲା । ଖଣ୍ଡେ ନାଆ ବର୍ତ୍ତି ପାରିଲା ନାହିଁ । ମନୁଷ୍ୟ ବା ବୋଝେଇ ଜିନିଷ କାହାରି ଚିହ୍ନବର୍ଣ୍ଣ ନାହିଁ । ଗୁଡ଼ାଏ ପଟା ଭାସି ଭାସି ଯାଉଛି ।"

( ଫକୀର ମୋହନ ଗ୍ରନ୍ଥାବଳୀ ପୃ ୫୪୨-୪୩ ପୃ । )

ମହାନଦୀରେ ସେହି ଖୁଣ୍ଟ ମହାକାଳ ଦୂତପରି ଏବେ ବି ଛିଡ଼ା ରହିଛି । ଏବେ ବି ପୂର୍ବାଳି ପବନ ମଝେ ମଝେ ବହେ । ଏବେ ବି କୁଶୁଳି, ଡ଼ଙ୍ଗା ଆଉ କାଠୁଆ ପହଲ ଆଷାଢ଼ ପିଚାପାଣି ପଡ଼ିଲାବେଳେ ଯାତ୍ରା ଅନୁକୂଳ କରନ୍ତି । ଏବେ ବି ଆଗଭଳି ବାଟକଡ଼ାଣିଆ ବଉଦଠାରୁ କୁମାରୀର ଖୁଣ୍ଟଯାଏ ନାଆରେ ଯାଇ କରିଁଶା ଗଡ଼ରେ ଓହ୍ଲାଇ ପଡ଼େ । ଟ୍ରକ୍, ବସ୍ ବା ରେଲଗାଡ଼ି ତ ଏଯାଏ ସେ ଅଞ୍ଚଳକୁ ବାହାର ସଂସାର ସାଙ୍ଗେ ଯୋଡ଼ି ନାହିଁ । ଯେବେ ବା ଯୋଡ଼ିବ ତଥାପି ନାଆ କୁଶୁଳିକୁ ପୂରାପୂରି ଲୋପ କରି ପାରିବ ନାହିଁ, ଟିକରପଡ଼ା ବନ୍ଧ ହେଲେ କ'ଣ ହେବ, କହି ହେବ ନାହିଁ । ତେବେ ଏବେ ତ ସେ ସବୁ ରହିଛି । କିନ୍ତୁ ଫକୀର ମୋହନ ଜାହାଙ୍କୁ ଆଉ ଯେଉଁ ଶବ୍ଦର ଧଣ୍ଡାମାନଙ୍କରେ ସେ ଉତ୍କଳ-ଭାରତୀକୁ ଏଇଠି ପ୍ରଣମିତ ହୋଇଥିଲେ ସେ ସବୁ ଧଣ୍ଡାମାନ ଶୁଖିଯାଇଛି । ତାହାକୁ ପରବର୍ତ୍ତୀ ବଂଶଧର ଆଉ ଆଡ଼ ଆଖିରେ ଚାହିଁନାହାନ୍ତି ।

# ସାଧୁ ଭାଷା

ସବୁକାଳେ ପଦ୍ୟର ଭାଷା ଗଦ୍ୟ ଲେଖା ଉପରେ ପ୍ରଭାବ ପକାଇ ଆସିଛି । ବିଶେଷତଃ ମଧୁସୂଦନ ରାଓଙ୍କର ପଦ୍ୟ । ଓଡ଼ିଆ ପାଠପଢ଼ା ଓ ସାହିତ୍ୟରେ ମଧୁସୂଦନ ସେକାଳେ ଥିଲେ ପ୍ରାୟ ଏକାଧିପତି ; ତାଙ୍କର ବର୍ଣ୍ଣବୋଧଠାରୁ ପ୍ରବନ୍ଧମାଳା ଯାଏ ଗୋଟିକ ଗୋଟି ଧାରାକ୍ରମରେ ଓଡ଼ିଆ ପାଠ୍ୟପୁସ୍ତକ ଭାବରେ ବିଭିନ୍ନ କ୍ଲାସରେ ପଢ଼ାହେବାର ଜଣାଶୁଣା । ତେଣୁ ଆଜିର ଅଧିକାଂଶ ଚାଳିଶଉତ୍ତର ଓଡ଼ିଆ ଲେଖାଳିମାନେ, କଥା ଓ ଭାଷାରେ ଅତର୍କିତ ଭାବରେ ମଧୁସୂଦନଙ୍କର ଗଦ୍ୟ ଓ ପଦ୍ୟର ଭାଷାରୁ ମୁକୁଳି ନାହାନ୍ତି । 'ଦେଖଇ ନେତ୍ର ଯାହା ଚରାଚର, ସେ ସବୁର ଅଟଇ ମୁଁ ଅଧିଶ୍ୱର'ରେ 'ଚରାଚର' 'ସବୁର' ଇତ୍ୟାଦିର ପ୍ରୟୋଗ ଏହି ସୂତ୍ରରେ ଓଡ଼ିଆ ଭାଷାରେ ପଶିଯାଇଛି ।

ନୀଳକଣ୍ଠ ଦାସ ଲେଖିଛନ୍ତି "ଇନ୍ଦ୍ରଧନୁରେ ଚଟଣି ବୋଲି ବଡ଼ ସୁନ୍ଦର ଥଟ୍ଟା ସବୁ ବାହାରୁଥିଲା । ସେଇଥିରୁ ଗୋଟିଏ ମନେ ଅଛି । ସେଥିରୁ ଜଣାପଡ଼ିବ ବିଜୁଳି ପକ୍ଷୀୟ ଆଘାତଟା କେଉଁଠାରେ ବାଜୁଥିଲା । ସେ ଚଟଣିଟି ହେଉଛି ଏଇ—ଜଣେ ବଙ୍ଗାଳୀ ଦାରୋଗା ଜଣେ ଓଡ଼ିଆ ଚୌକିଦାରକୁ ପଚାରିଲେ 'ତୋମାର ବାଡ଼ି କୋଥାଏ ?' ଚୌକିଦାର କାଖତଳୁ ଠେଙ୍ଗାଟି କାଢ଼ି, ହାତରେ ଟେକି ଦେଖାଇ ଦେଲା । ଦାରୋଗା ଆଉ କିଛି ନ କହି ଏକାବେଳକେ ଦୌଡ଼ ଚଂପଟ । ଦାରୋଗା ସେଇ ଦିନଠାରୁ ଠିକ୍ କରିନେଲେ—ଓଡ଼ିଆଙ୍କୁ ବାସସ୍ଥାନ ପଚାରିଲେ ସେମାନେ ମାରିବାକୁ ଉଠନ୍ତି ।"

ମଧୁସୂଦନଙ୍କର ଗଦ୍ୟଭାଷାର ପ୍ରଭାବ ଏ ପର୍ଯ୍ୟନ୍ତ ଭଙ୍ଗା ପଡ଼ିନାହିଁ । "ଭାରତୀୟ ବୀରନାରୀ ଏ ପଦଗୁଡ଼ିକ ଆଜି ଆମ୍ଭମାନଙ୍କ ସମୀପରେ ଅସାର ପ୍ରଳାପବତ୍ ପ୍ରତୀୟମାନ ହେଉଅଛି ସତ୍ୟ ମାତ୍ର ଏହା କାହାର କପୋଳକଳ୍ପିତ ନୁହେଁ ।" ନୋହିଲେ "ତୃଣଦଳର ହରିତାୟ-

ମାନ ମାଧୁରୀ, ତରୁଲତାମାନଙ୍କର ନୟନାଭିରାମ ପ୍ରାଣପରି-ପୋଷାକ ପକ୍ୱ ଶସ୍ୟସମ୍ଭାର ସମୃଦ୍ଧି", ଇତ୍ୟାଦି ଭାଷା ଆଜି ଏକାବେଳକେ ବିରଳ ନୁହେଁ । କିନ୍ତୁ ସେତେବେଳେ ଏହି ଗଦ୍ୟ ଭାଷା ସାଧୁ ଓଡ଼ିଆଭାଷା ଭାବରେ ଖୁବ୍ ପ୍ରଚଳ ଥିଲା ।

ଭକ୍ତକବି ମଧୁସୂଦନ, ମୃତ୍ୟୁଞ୍ଜୟ ରଥ, ବିଶ୍ୱନାଥ କର, ଓ କେତେକାଂଶରେ ନନ୍ଦକିଶୋର ବଳ ଓ କୁଳମଣି ଦାସ ପ୍ରଭୃତି ସମସାମୟିକ ଗଦ୍ୟଭାଷାର ଜଣାଶୁଣା ଲେଖକମାନଙ୍କର ଓଡ଼ିଆ ଶୈଳୀ ଥିଲା ଗୋଟିଏ କାଠର । ସଂସ୍କୃତବହୁଳ ସାଧୁଭାଷା, ସଂସ୍କୃତ ବ୍ୟାକରଣର ଅବିକଳ ରୀତିରେ ବାକ୍ୟବିନ୍ୟାସ, ସମାସ ଆଉ ସନ୍ଧି ।

ଏବେ ବି ସଂସ୍କୃତରୁ ମୁକୁଳି ନ ଥିବା ଅନେକ ଓଡ଼ିଆ ଲେଖାରେ ଏହି ଭାଷା ବାରମ୍ବାର ଦେଖିବାକୁ ମିଳିବ । ତେବେ ଏହି ସାଧୁଭାଷା ଥିଲା ଖାଣ୍ଟି ସଂସ୍କୃତ । ଯେଉଁଭଳି ମନେହୁଏ ଆଗର ସଂସ୍କୃତ ବହୁଳ ଭାଷା ଯେତେ 'ପ୍ରାକୃତିତ' ହୋଇ ଯାଇଥିଲା ତାହା ବୋଧହୁଏ ଏଥିରେ ଆହୁରି ସାଧୁକୃତ ହୋଇଗଲା ।

"୧୮୧୭ ଓ ୧୮ ମସିହାର ଗୁରୁତର ସୈନିକ ଘଟଣା ସକଳ ବର୍ଣ୍ଣିବା ପୂର୍ବେ ଆଉ ଗୋଟିଏ ପ୍ରସଙ୍ଗ ଲେଖୁଅଛୁ ତାହା ରାଜକୀୟ କାର୍ଯ୍ୟ ସମ୍ବନ୍ଧୀୟ ନଥାଇ ସାମାଜିକ ଅବସ୍ଥା ସଙ୍ଗେ ସମ୍ପର୍କ ରଖେ । ସେ ବିଷୟ ଗଭର୍ଣ୍ଣର ଜେନେରାଲ ସାହେବଙ୍କୁ ଜଣାଣ ହୋଇଥିବାରୁ ତାହା ସାମାନ୍ୟ ହେଲେହେଁ ଏଠାରେ ଲେଖିବାର ଅନୁପଯୁକ୍ତ ସ୍ଥାନ ହୋଇ ନପାରେ ।"

( ଓଡ଼ିଶା ବିଜୟ ପୃ ୧୯ ଜଗନ୍ମୋହନ ଲାଲ (ଟେଯୁବନଙ୍କର ପୋଥିର ଅନୁବାଦ) ୧୮୭୭ ସାଲ )

ଏଭଳି ଆଉ ଗୋଟିଏ ଅନୁବାଦ (ବଙ୍ଗଳାରୁ) ନିଆ ଯାଇପାରେ—ବର୍ତ୍ତମାନ ଏ ପ୍ରଦେଶର ଅନେକ ବ୍ୟକ୍ତି ବେଲୁନ-ଯନ୍ତ୍ର ଦୃଷ୍ଟି କରିଅଛନ୍ତି ଏବଂ ସେଥିରେ ଆରୋହଣ କରି ଯେ ଲୋକେ ଗଗନ ମଣ୍ଡଳକୁ ଉତ୍ଥିତ ହୁଅନ୍ତି ତାହା ମଧ୍ୟ ସ୍ୱଚକ୍ଷୁରେ ଦେଖିଅଛନ୍ତି । କିନ୍ତୁ ତାହା ଭୂମିରେ ପତିତ ନ ହୋଇ କି ପ୍ରକାରରେ ମନୁଷ୍ୟାଦି ଭାରି ଭାରି ପଦାର୍ଥ ସମ୍ବଳିତ ହୋଇ ଊର୍ଦ୍ଧ୍ୱ ମାର୍ଗରେ ଉତ୍ଥିତ ହୁଏ ତାହା ଅନେକ ବ୍ୟକ୍ତି ଅବଗତ ନୁହନ୍ତି । ଅତଏବ ବେଲୁନ ଯନ୍ତ୍ର ସଂକ୍ରାନ୍ତ ସ୍ଥୂଳ ସ୍ଥୂଳ ବିଷୟରେ ବିବରଣ କରାଯାଉଅଛି । ଯେ ପ୍ରକାର କଦମ୍ବ ପୁଷ୍ପର କେଶର ସମୁଦାୟ ତାହାର ଚତୁର୍ଦ୍ଦିଗକୁ ବେଷ୍ଟନ କରିଥାଏ ସେହି ପ୍ରକାର ଭୂମଣ୍ଡଳ ଚତୁର୍ଦ୍ଦିଗରେ ବାୟୁ

ରାଶିରେ ପରିବେଷ୍ଟିତ ହୋଇଅଛି । ଯେ ପ୍ରକାର ମତ୍ସ୍ୟାଦି ଜଳଜନ୍ତୁ ସମୁଦ୍ର ମଧ୍ୟରେ ଅବସ୍ଥିତି କରନ୍ତି, ସେହି ପ୍ରକାର ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ ପ୍ରଭୃତି ଯାବତୀୟ ଭୂଚର ଆଉ ଖେଚର ଜନ୍ତୁ ସେହି ବାୟୁ ସାଗରରେ ମଗ୍ନ ହୋଇ ରହି ଅଛନ୍ତି ।"

[ ଚାରୁପାଠ ପୃ. ୨୧ ଅକ୍ଷୟ କୁମାର ଦତ୍ତ-ଅନୁବାଦ ସ୍ୱଚ୍ଛନ୍ଦ ପଟ୍ଟନାୟକ]

ଚାରୁପାଠର ଭୂମିକାରେ କୁହାଯାଇଛି, ଶ୍ରୀଳ ଶ୍ରୀଯୁକ୍ତ ଡେପୁଟୀ-କମିସନର କପ୍ତାନ କମ୍ବରଲାଜ ସାହେବ ବାହାଦୁର ଉକ୍ତ ପ୍ରଦେଶସ୍ଥ ବିଦ୍ୟାଳୟ ସମୂହରେ ଏହି ପୁସ୍ତକ ବ୍ୟବହାର୍ଯ୍ୟ କି ନା, ତା ନିର୍ଣ୍ଣୟ କରିବା ନିମନ୍ତେ ଉକ୍ତ ପ୍ରଦେଶସ୍ଥ ପ୍ରଧାନ ପ୍ରଧାନ କେତେକ ପଣ୍ଡିତ-ମାନଙ୍କୁ ସଭ୍ୟ ପଦରେ ନିଯୁକ୍ତ କରାଇ ଏବଂ ଉତ୍କଳ ଭାଷା ପାରଦର୍ଶୀ ଶ୍ରୀଳ ଶ୍ରୀଯୁକ୍ତ ଆସିଷ୍ଟାଣ୍ଟ କମିସନର କପ୍ତାନ ବୋଇ ସାହେବ ସ୍ୱୟଂ ସଭାପତି ହୋଇ ପରାମର୍ଶ ପୂର୍ବକ ସ୍ଥିର କରିଅଛନ୍ତି ଯେ, ଏହି ପୁସ୍ତକ ଓ ଅନ୍ୟାନ୍ୟ କତିପୟ ପୁସ୍ତକ ଉତ୍ତମାନୁବାଦ ହୋଇଥିବା ଏବଂ ବାଳକମାନଙ୍କର ଶିକ୍ଷାପଯୋଗୀ ହେବାର ପ୍ରକାଶ କରିଅଛନ୍ତି ।"

ଏହି ବାକ୍ୟରେ ବ୍ୟାକରଣର ପ୍ରୟୋଗ ଲକ୍ଷଣୀୟ । ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାରେ ଯେଉଁ ଏବଂ ଶବ୍ଦକୁ ବାରମ୍ବାର ଖୁଣିଛନ୍ତି ତାହାକୁ ଏଇଠି ସ୍ୱଚ୍ଛନ୍ଦ ପଟ୍ଟନାୟକ ବାରମ୍ବାର ବ୍ୟବହାର କରିଛନ୍ତି ।

[ ରଚନାକାଳ ୧୮୮୨ ସାଲ ]

ମୁର୍ଶିଦ କୁଲିଖାଁଙ୍କର ରାଜ୍ୟଶାସନ ମାତ୍ର ପ୍ରଶଂସନୀୟ ଥିଲା । ସେ ସେ ବିଚାରାସନରେ ଉପବେଶନ କରି ଆପଣାକୁ ସର୍ବଦା ନ୍ୟାୟ ମାର୍ଗରେ ଚାଳିତ କରୁଥିଲେ ।

[ ସାହିତ୍ୟପାଠ ଜଗନ୍ନାଥ ମହାପାତ୍ର ଓ ମୃତ୍ୟୁଞ୍ଜୟ ରଥ ]

ଦୁର୍ମଦ ଦୁର୍ଯୋଧନ ସୁଭଗ ମାନ୍ୟ କର୍ଣ୍ଣାଦି ଆତ୍ମୀୟ ସ୍ୱଜନ ଏବଂ ଦିବ୍ୟାଭରଣ ଭୂଷିତ ବନ୍ଧୁଜନଙ୍କୁ ନେଇ ମହାସମାରୋହରେ ଦ୍ୱୈତବନକୁ ଯାତ୍ରା କଲେ ।

[ ସାହିତ୍ୟ ପାଠ ]

ଏହି ବାକ୍ୟବିନ୍ୟାସ ଓ ଶବ୍ଦଯୋଜନା ସହିତ ତୁଳନା କରାଯାଉ:—

"ରେଲପଥରେ ସ୍ଥାନେ ସ୍ଥାନେ ପ୍ରୟୋଜନାନୁସାରେ ରେଲମାର୍ଗଗାମୀ ଶକଟ ମାନଙ୍କୁ ଏକ ଲୌହ ବର୍ତ୍ମ ସନ୍ନିହିତ ଅନ୍ୟବର୍ତ୍ମକୁ ସଞ୍ଚାଳିତ କରିଦେବା ପାଇଁ ପଏଣ୍ଟ ନାମକ ଏକ କଳ ଅଛି ।"

[ ସାହିତ୍ୟ ପ୍ରସଙ୍ଗ ମଧୁସୂଦନ ରାଓ ]

"ପ୍ରକାଣ୍ଡ ହିମାଦ୍ରି ପ୍ରଦେଶ ଦିଗ ଦିଗନ୍ତର ପ୍ରସାରିତ ମହାସମୁଦ୍ର-ସଦୃଶ, ସେଥିରେ ଗଗନଭେଦୀ ଚୌଖମ୍ଭଙ୍କଠାରେ ମହାନ ତୁଷାରକଣାଚିତ ଶତ ଶତ ଧବଳ ଗିରି-ଶିଖରମାଳା ସମୁଦ୍ର ବକ୍ଷରେ ନିଯୁତ ପ୍ରକାଶିତ ଉତ୍ତୁଙ୍ଗ ଲହରୀମାଳା ପରି ଶାଶ୍ୱତ ମହିମାରେ ବିରାଜିତ ।"

[ ସାହିତ୍ୟ ପ୍ରସଙ୍ଗ ୧୮୦ ପୃଷ୍ଠା ]

"ପୃଥିବୀର ଆଦି ସଭ୍ୟ ଭାରତବର୍ଷସ୍ଥ ଆର୍ଯ୍ୟଜାତିର ଗୌରବ-ରବି ବହୁକାଳ ହେଲା ଅସ୍ତମିତ ହୋଇଅଛି, ସେମାନଙ୍କର କୀର୍ତ୍ତି, ଗୌରବ, ଶୌର୍ଯ୍ୟ, ବୀର୍ଯ୍ୟ ସମସ୍ତ କାଳର ଦାରୁଣ ଶାସନରେ ବିଲୁପ୍ତ ହୋଇଅଛି । କିନ୍ତୁ ସେମାନଙ୍କର ସାହିତ୍ୟକୋଷରେ ଯେଉଁ ସବୁ ଅମୂଲ୍ୟ ରତ୍ନ ସଞ୍ଚିତ ଥିଲା, ତାହାର ସୁବିମଳ ଜ୍ୟୋତି ପାନସ୍ପାନ ଭାରତୀୟ ମାନଙ୍କର ନୈରାଶ୍ୟ-ଜର୍ଜରିତ ଏବଂ ନିବିଡ଼-ଅନ୍ଧକାରମୟ ହୃଦୟରେ ସୁଦ୍ଧା ମୃତ-ସଞ୍ଜୀବନୀ ଆଶାର ପ୍ରଦୀପକୁ ଜାଗ୍ରତ ଏବଂ ସଂଦୀପ୍ତ କରୁଅଛି ।"

[ ପ୍ରବନ୍ଧମାଳା ୫୯ ପୃଷ୍ଠା ମଧୁସୂଦନ ]

"ଏହି ମହାମନ୍ଦିରର ସମସ୍ତ ମୂର୍ତ୍ତି ବର୍ଣ୍ଣନା କରିବାକୁ ବସିଲେ ବହୁ ସ୍ଥାନ ବ୍ୟାପିଯିବ, ସର୍ବ ମହାପୁରାଣ ବର୍ଣ୍ଣିତ ମୂର୍ତ୍ତିମାନ ଏହିଠାରେ ରୁଣ୍ଡ । ତେଣୁ ଏହାକୁ ପୁରାଣ ବର୍ଣ୍ଣିତ କଥାର ଗୋଟିଏ ସ୍ଥାୟୀ ଆଲେଖ୍ୟପଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଶିଳ୍ପଫଳକ ନିରୀକ୍ଷଣ କଲେ ଦର୍ଶକ କଳ୍ପନା ଯାନରେ ଥରେ ସେହି ପୁରାଣ କୀର୍ତ୍ତିତ ଅତୀନ୍ଦ୍ରିୟ ରାଜ୍ୟ ବିଚରଣ କରି ଆସେ ।"

[ ପ୍ରବନ୍ଧପାଠ, ମୃତ୍ୟୁଞ୍ଜୟ ରଥ ପୃ ୫୪ ଷ୍ଠା ]

ମୃତ୍ୟୁଞ୍ଜୟ ରଥ ତାଙ୍କର ଏହି ପ୍ରବନ୍ଧପାଠରେ ଭାଷା ଉପରେ ଗୋଟିଏ ସମୀକ୍ଷା ଦେଇଛନ୍ତି । ଏଠାରେ ତାହାର ଉଦ୍ଧୃତି ଆବଶ୍ୟକ । କାରଣ ରଥେ ଏ କଥା ସ୍ୱୀକାର କରିଛନ୍ତି ଯେ ଭାଷାର ଉନ୍ନତି ବା ଅବନତି ପରିବର୍ତ୍ତନ ଓ ପରିବର୍ଦ୍ଧନ ବହୁ ପରିମାଣରେ 'ପ୍ରବାହାନ୍ୱିତା ନଦୀ ପରି' । ଯଥା :—

"ବୌଦ୍ଧ ଯୁଗରେ ଧର୍ମବିପ୍ଳବ ସମୟରେ ସଂସ୍କୃତ ଭାଷା ରାଜ୍ୟର ଅନେକାଂଶରେ ପରିବର୍ତ୍ତନ ଘଟିଥିଲା । ଓଡ଼ିଶାରେ ମୁସଲମାନଙ୍କ ରାଜତ୍ୱ କାଳରେ ଟୋଡ଼ରମଲ୍ଲଙ୍କର ପ୍ରବର୍ତ୍ତନ ଦ୍ୱାରା ଓଡ଼ିଆ ଶବ୍ଦ ପରିବର୍ତ୍ତରେ ପାରସିକ ଶବ୍ଦର ପ୍ରଚଳନ ତାହାର ଅନ୍ୟତମ ଦୃଷ୍ଟାନ୍ତ । 'ଗ୍ରାମ, ଦଣ୍ଡପାଟ, ଭୂଇଁଆ, ପଧାନ, ବିଷୁଆଳ [ ବିଷୟପାଳ ] ପ୍ରଭୃତି ସ୍ଥଳରେ ମୌଜା,

ପ୍ରଗନା, ଜମିଦାର, ମକଦ୍ଦମ, ତହସିଲଦାର ପ୍ରଭୃତି ଶବ୍ଦ ବସିଅଛି । ... ପୂର୍ବର ସେହି ଗ୍ରାମ' 'ଦଣ୍ଡପାଟ' ପ୍ରଭୃତି ଆଉ କାହାର ଦୃଷ୍ଟିଗୋଚର ହେଉ ନାହିଁ । 'ମୌଜା, ପ୍ରଗନା ପ୍ରଭୃତି ସେଗୁଡ଼ିକ ଗର୍ଭସାତ୍ କରି ପକାଇଛି । ବର୍ତ୍ତମାନ ସେହି ପ୍ରକୃତ ବସ୍ତୁକୁ ଉଦ୍ଧାର କରିବାକୁ ଶକ୍ତି ସାମର୍ଥ୍ୟ ନାହିଁ । ପୁଣି ଏହା ଉପରେ ଆଉ କେଉଁ ସ୍ତର ମାଡ଼ିଯିବ ତାହା କିଏ କହିପାରେ ?"

ପରବର୍ତ୍ତୀ କାଳରେ ସମାନଧର୍ମୀ ଗଦ୍ୟଭାଷା ଯେଉଁମାନଙ୍କର ଲେଖାରେ ସ୍ଥାନ ପାଇଥିଲା ସେମାନଙ୍କର ସଂଖ୍ୟା ଗଣା ନୁହେଁ । ମଧୁସୂଦନଙ୍କ ପରେ ବହୁକାଳ ଯାଏ ତାଙ୍କର ଶବ୍ଦବିନ୍ୟାସ ଓ ରଚନାଶୈଳୀ ବହୁ ଲେଖକଙ୍କର ଆଦର୍ଶ ହୋଇ ରହି ଆସିଛି ।

"ସେମାନେ ଯେ କେବଳ ଅନ୍ଧକାର ମଧ୍ୟକୁ ଅନୁମାନ କରି ଲୋଷ୍ଟ୍ର ନିକ୍ଷେପ କରିଅଛନ୍ତି ଏହା ସେମାନେ ନିଜେ ମଧ୍ୟ ସ୍ୱୀକାର କରିଅଛନ୍ତି ।"

[ କାଳିଦାସ ସନ୍ଦର୍ଭ କୁଳମଣି ଦାସ ୧୯୨୩ ସାଲ ପୃଷ୍ଠା ୨/ ]

"ତତ୍କାଳୀନ ଭାରତର ଚତୁର୍ଦ୍ଦିଗରେ ଏକ ଅଶାନ୍ତି-ଛାୟା ନିପତିତ ହୋଇଥିଲା ।"

"ଯବନେ ବୌଦ୍ଧ ସନ୍ତଗଣ ଅହିଂସା ପ୍ରାଧାନ୍ୟ ପ୍ରଚାର କରି ଭାରତର କ୍ଷେତ୍ରରେ ଯେଉଁ କୀର୍ତ୍ତି ପତାକା ଉଡ୍ଡୀନ କରିଥିଲେ ଆଜି ତାହା କାହିଁ ?"

"ସୁତରାଂ ସେ ସମ୍ବର୍ଦ୍ଧିତ ମନ୍ୟୁବେଗରେ ଅଧୀର ହୋଇ ବଳ ପ୍ରୟୋଗ ଲାଗି କୃତସଂକଳ୍ପ ହେଲେ ।"

[ ଇତିହାସ ପ୍ରସଙ୍ଗ—ଚିନ୍ତାମଣି ଆଚାର୍ଯ୍ୟ ୧୯୧୬ ସାଲ ]

ପ୍ୟାରୀମୋହନଙ୍କର 'ଓଡ଼ିଶାର ଇତିହାସ'ର ଦ୍ୱିତୀୟ ସଂସ୍କରଣର ଭୂମିକାରେ ବିଶ୍ୱନାଥ କର ଲେଖିଛନ୍ତି "ଆଧୁନିକ [୧୯୨୫] ଓଡ଼ିଆ ଭାଷା ଅପେକ୍ଷାକୃତ ମାର୍ଜିତ ଓ ପୃଷ୍ଟ ହୋଇଥିଲେ ହେଁ କେତେକ ପରିମାଣରେ ବିକୃତ ମଧ୍ୟ ହୋଇ ପଡ଼ିଅଛି—ତାହାର ସେହି ଆଦିମ ଅକୃତ୍ରିମ ମାଧୁରୀ ଟିକକ ଯେପରି ହରାଇ ବସିଅଛି ।" ବିଶ୍ୱନାଥ କରଙ୍କର ବକ୍ତବ୍ୟ ଥିଲା ଯେ ୧୯୨୫ଠାରୁ ଅର୍ଦ୍ଧଶତାବ୍ଦୀ ପୂର୍ବେ ଅର୍ଥାତ୍ ୧୮୭୫ ମସିହା ବେଳକୁ ପ୍ୟାରୀମୋହନ ଯେଉଁ ଲେଖା ଲେଖିଥିଲେ ତାହା ଓଡ଼ିଆ ଭାଷାର ଆଦିମ ଅକୃତ୍ରିମ ମାଧୁରୀ ହରାଇ ବସି ନ ଥିଲା । ଏହାର ପ୍ରମାଣ—

'ଏହି ପୁସ୍ତକର ପରିଶିଷ୍ଟରେ କେବଳ ଖଣ୍ଡଗିରି ପାର୍ଶ୍ୱବର୍ତ୍ତୀ ଉଦୟଗିରି ଏବଂ ଧଉଳଗିରିସ୍ଥ ଅଙ୍କନଦ୍ୱୟର ଯଥୋଚିତ ଅନୁବାଦ ଏବଂ ସ୍ୱାଧୀନ ହିନ୍ଦୁରଜାଙ୍କର ଏକ ନିର୍ଘଣ୍ଟ ପ୍ରକାଶିତ ହେଲା । ଗଞ୍ଜାମ ଓ ସମ୍ବଲପୁର ଉତ୍କଳ ଦେଶର ଅନ୍ତର୍ଗତ ଅଟେ । ସେଠା ଲୋକଙ୍କର ଓଡ଼ିଆ ମାତୃଭାଷା ଓ ସବୁ ଅଂଶରେ ସେମାନେ ଓଡ଼ିଆ ।

[ ଓଡ଼ିଶାର ଇତିହାସ ପ୍ରଥମ ସଂସ୍କରଣର ଭୂମିକା
ପ୍ୟାରୀମୋହନ ଆଚାର୍ଯ୍ୟ ]

'ଓଡ଼ିଶାରେ ଜଗନ୍ନାଥ ପ୍ରଭୃତିଙ୍କ ଯୋଗୁଁ ଜାତିବନ୍ଧନର ଶିଥିଳତା ଯେପରି ତୀର୍ଥସ୍ଥଳମାନଙ୍କରେ ଦେଖାଯାଏ, ସେହିପରି ତୀର୍ଥଛଡ଼ା ଅନ୍ୟତ୍ର ହିନ୍ଦୁ ସମାଜ ମଧ୍ୟରେ ଜାତି ଓ ବର୍ଣ୍ଣ ବିଚାରର ପରାକାଷ୍ଠା ଓଡ଼ିଶାରେ ଦୃଷ୍ଟ ହୁଏ ।' [ସେହି ଭୂମିକା]

ପ୍ୟାରୀମୋହନଙ୍କ ଏହି ଲେଖା ସହିତ ପରବର୍ତ୍ତୀ କାଳରେ କୃପାସିନ୍ଧୁଙ୍କର ଉତ୍କଳ ଇତିହାସରେ କଳାପାହାଡ଼ର ଆକ୍ରମଣ ତୁଳନା କରି ଯାଇପାରେ ।

"କଳାପାହାଡ଼ର ଆକ୍ରମଣ ଓ ଅତ୍ୟାଚାର ଉତ୍କଳ ପ୍ରାଣରେ ମହା ଆତଙ୍କ ଜନ୍ମାଇଥିଲା । ସେହି ଅତ୍ୟାଚାରର କାହାଣିକା ଅଦ୍ୟାପି ଲୋକେ ଶିଶୁମାନଙ୍କ ଆଗରେ ଗାନ କରନ୍ତି । ବାରବାଟି ଲୁହା ବାଡ଼ ପରିରେଖା ଅଭେଦ୍ୟ ଥିଲା ।' କଳାପାହାଡ଼ ସେ ଦୁର୍ଗ ଅଧିକାର କରି ମୁକୁନ୍ଦଦେବଙ୍କ ରାଣୀଙ୍କୁ ବନ୍ଦୀ କରିବାକୁ ବସନ୍ତେ ରାଣୀ ସୁନା ହୀରା ଆଦି ବହୁମୂଲ୍ୟ ରତ୍ନ ଉପହାର ଦେଇ କଳାପାହାଡ଼ର ପାଶବିକତା କିଛି ଶାନ୍ତ କରିଥିଲେ ।

'କଳାପାହାଡ଼ ପ୍ରଥମେ ବ୍ରାହ୍ମଣ ସନ୍ତାନ ଥିଲା ।' ପରେ ଜଣେ ପରମାସୁନ୍ଦରୀ ମୁସଲମାନ କନ୍ୟାର ପ୍ରେମରେ ପଡ଼ି ମୁସଲମାନ ହୋଇ ହିନ୍ଦୁଧର୍ମ ଓ ଦେବାଦେବୀଙ୍କୁ ଅବମାନନା କରିବା ଜୀବନର ପ୍ରଧାନ କାର୍ଯ୍ୟ ବୋଲି ଜ୍ଞାନ କରିଥିଲା । ଭୁବନେଶ୍ୱରରେ ସିଏନ୍ତା ପାଶବିକତା ଆଚରଣ କରି କଳାପାହାଡ଼ ପୁରୀ ଆକ୍ରମଣ କଲା । ପଣ୍ଡାମାନେ କଳାପାହାଡ଼ର ଦୁରନ୍ତ ଅଭିପ୍ରାୟ ବୁଝି ପୂର୍ବରୁ ଜଗନ୍ନାଥ ଦେବଂକୁ ସଙ୍ଗେଧରି ଚିଲିକା ମଧ୍ୟସ୍ଥ ପାରିକୁଦରେ ଲୁଚାଇ ରଖିଲେ । କଳାପାହାଡ଼ ପୁରୀରେ ବହୁବିଧ ଅତ୍ୟାଚାରମାନ କରି ଜଗନ୍ନାଥ ଅନ୍ୱେଷଣରେ ଗଲା । କୌଣସି ମତେ ଜଗନ୍ନାଥଙ୍କୁ ପାଇ ଏକ ହାତୀ ଉପରେ ଲଦି ଗଙ୍ଗାକୂଳକୁ ନେଇଗଲା । ସେଠାରେ ଶ୍ମଶାନରେ ଏକ ଜ୍ୱଳନ୍ତ ଚିତାରେ ସେ

ଜଗନ୍ନାଥଙ୍କୁ ନିକ୍ଷେପ କଲା, ବିଶାଇ ମହାନ୍ତି ନାମକ ଏକ ପରମଭକ୍ତ ଗୋପନରେ ଜଗନ୍ନାଥଙ୍କ ସଙ୍ଗେ ସଙ୍ଗେ ଥିଲେ । ଜଗନ୍ନାଥ ସମ୍ପୂର୍ଣ୍ଣ ଦଗ୍ଧ ନ ହେଉଣୁ ବିଶାଇ କୌଣସିମତେ ତାହାଙ୍କ ନାଭି ସ୍ଥଳ ବ୍ରହ୍ମଙ୍କୁ ଉଦ୍ଧାର କରି ସ୍ୱଦେଶକୁ ଫେରି ଆସିଲେ । କୁଜଙ୍ଗରାଜା ସେ ବ୍ରହ୍ମ ପାଇ ନବ-କଳେବର ବସାଇ ପୁନର୍ବାର ଜଗନ୍ନାଥ ପ୍ରତିଷ୍ଠା କରାଇଲେ ।

କେବଳ ଏତିକରେ କଳାପାହାଡ଼ର ପାଶବ ପ୍ରବୃତ୍ତି ଚରିତାର୍ଥ ହୋଇ ନ ଥିଲା । ଉତ୍କଳର ସର୍ବଶ୍ରେଷ୍ଠ କୀର୍ତ୍ତି, ଉତ୍କଳ ଇତିହାସର ଅମୂଲ୍ୟ ସମ୍ପଦ କୋଣାର୍କ କଳାପାହାଡ଼ର ପାଶବିକତାରେ ଚିରକାଳ ନିମନ୍ତେ ଅସ୍ତମିତ ହେଲା । କୋଣାର୍କର ଶିଳ୍ପ ବୈଭବରେ କଳାପାହାଡ଼ର ବିଦ୍ୱେଷ ବହ୍ନି ଜଳି ଉଠିଲା । କୋଣାର୍କ ପରି ବିରାଟ ମନ୍ଦିର ଭାଙ୍ଗିବା ତାହା ପକ୍ଷେ ଅସମ୍ଭବ ଥିଲା । ସୁତରାଂ ବଡ଼ଦେଉଳ ଉପରୁ କଳସ ପ୍ରଭୃତି ସେ ଭାଙ୍ଗି ଦେଲା । ଉପରୁ ଚାପ ଅଭାବରେ କାଳକ୍ରମେ ବଡ଼ଦେଉଳର କାନ୍ଥଗୁଡ଼ିକ ଭାଙ୍ଗି ପଡ଼ିଲା ଏବଂ କୋଣାର୍କ ଦେବ ସେଠାରୁ ଆସି ପୁରୀ ମନ୍ଦିର ମଧ୍ୟରେ ରଖାଗଲେ । [କୃପାସିନ୍ଧୁ ମିଶ୍ର, ଉତ୍କଳ ଇତିହାସ]

"ଅଧୁନା ବେହାରର [ମଗଧ] କରଣ ଶ୍ରେଣୀସ୍ଥ କାୟସ୍ଥଙ୍କ ପୂର୍ବପୁରୁଷେ ଏଠା କରଣଙ୍କର ଗୋଷ୍ଠୀର ମୂଳ । ପ୍ରବାଦ ପ୍ରଚଳିତ ଅଛି, ସାର୍ଦ୍ଧ ଦୁଇସର କରଣ, ଏହା ନିଃସନ୍ଦେହ କଥା ।"

[ସେହି ଭୂମିକା]

ପ୍ୟାରୀମୋହନଙ୍କର 'ଓଡ଼ିଶାର ଇତିହାସ' ଭାଷାର ସୌଷ୍ଠବ ଓ ବିଶ୍ୱନାଥ କରଙ୍କ କଥାରେ 'ଅକୃତ୍ରିମ ମାଧୁରୀ'ର ଏକ ଗନ୍ତାଘର । ତାଙ୍କର ଘଟଣା ବର୍ଣ୍ଣନା ଅନେକ ବେଳେ ଫକୀର ମୋହନଙ୍କର ଶୈଳୀକୁ ମନେ ପକାଇ ଦିଏ । ତାଙ୍କର ଲେଖାରୁ ଜଣାପଡ଼େ ଯେ ବ୍ରାହ୍ମଧର୍ମର ପ୍ରଭାବ ପ୍ୟାରୀମୋହନଙ୍କୁ ମଧୁସୂଦନଙ୍କ ଭଳି ଏତେ ଘାରି ନଥିଲା । ଉଦାତ୍ତ ସଂସ୍କୃତ ବହୁଳ ଭାଷା ତାଙ୍କର ନ ଥିଲା । ବରଂ ଅନେକ ସ୍ଥଳରେ ତାଙ୍କର ଭାଷା ଆଜିର କଥାବାର୍ତ୍ତାର ଭାଷା ସହ ମିଳିଯାଉଛି । ଚିନ୍ତାମଣି ଆଚାର୍ଯ୍ୟଙ୍କର 'ଇତିହାସ ପ୍ରସଙ୍ଗ' କି ଭଳି ମଧୁସୂଦନ ସାଧୁକୃତ ଭାଷାଦ୍ୱାରା ବିକଳ ହୋଇଛି ତାହା ପ୍ୟାରୀମୋହନଙ୍କର 'ଓଡ଼ିଶାର ଇତିହାସ'ର ତୁଳନାରୁ ସ୍ପଷ୍ଟ ହୋଇଯିବ । ସମୁଦାୟ ଇତିହାସ ଭାଷାର ମନୋଜ୍ଞତା ଓ ଅକୃତ୍ରିମତା ଦୃଷ୍ଟିରେ ଏକ ମହାନ ସମ୍ପଦ । ତଥାପି ସେହି ପୋଥି ଆଜିର ଓଡ଼ିଆର ପାଠ୍ୟ ସାହିତ୍ୟରେ ଏଭଳି ବିରଳ ଯେ ସେଥିରୁ ଉଦ୍ଧୃତ କରିବାର ଇଚ୍ଛା ଦମନ କରିବା ଅସମ୍ଭବ ।

'ସୁଖ୍ୟ ସେନେତା କଳାପାହାଡ଼, ଏପରି କଥିତ ଅଛି ଯେ, ପ୍ରଥମେ ବ୍ରାହ୍ମଣର ସନ୍ତାନ ଥିଲେ । ଏକ ରୂପଲାବଣ୍ୟ ସମ୍ପନ୍ନା ମୁସଲମାନ କନ୍ୟାର ପ୍ରଣୟ ପାଶରେ ବଦ୍ଧହୋଇ ମୁସଲମାନ ଧର୍ମ ଗ୍ରହଣ କରିଥିଲେ । ସେହି ଦିନଠାରୁ ହିନ୍ଦୁଧର୍ମ ପ୍ରତି ତାଙ୍କର ଘୋର ଈର୍ଷା ଜନ୍ମି ଥିଲା । ପୁରୀ ଜୟକରି ହିନ୍ଦୁଦେବତାଙ୍କ ଉପରେ କଳାପାହାଡ଼ ଘୋର ଅତ୍ୟାଚାର ଆରମ୍ଭ କଲେ । ଜଗନ୍ନାଥ ଦେବଙ୍କ ସେବକମାନେ ଜଗନ୍ନାଥଙ୍କୁ ନେଇ ଚିଲିକା ହ୍ରଦ ତଟବର୍ତ୍ତୀ ପାରିକୁଦ ନାମକ ସ୍ଥାନରେ ପୋତି ରଖିଲେ । ଦୁର୍ଦ୍ଦାନ୍ତ କଳାପାହାଡ଼ ସେ ବିଷୟର ସନ୍ଧାନ ପାଇ ପାରିକୁଦଠାକୁ ଯାଇ ଜଗନ୍ନାଥ ଦେବଙ୍କୁ ଖୋଳି ହସ୍ତୀ ପିଠିରେ ଲଦି ଗଙ୍ଗାକୂଳକୁ ନେଇଗଲେ ଓ ଗଙ୍ଗା-କୂଳରେ ଜଳୁଥିବା ଏକ ଚିତାବହ୍ନିରେ ଜଗନ୍ନାଥଙ୍କୁ ପୋଡ଼ିଦେବାପାଇଁ ନିକ୍ଷେପ କଲେ । କିନ୍ତୁ ଓଡ଼ିଶାବାସିଙ୍କର ଜଗନ୍ନାଥଙ୍କ ପ୍ରତି ଭକ୍ତି ତାଙ୍କୁ ସମ୍ପୂର୍ଣ୍ଣରୂପେ ଦଗ୍ଧୀଭୂତ ହେବାକୁ ଦେଲାନାହିଁ । ଜଗନ୍ନାଥ ଦେବ ଚିତା-ଅଗ୍ନିରେ ପୋଡ଼ି ନଯାଉଣୁ ବିଶାର ମହାନ୍ତି ନାମକ ଏକ ବ୍ୟକ୍ତି ତାଙ୍କୁ ଉଠାଇ ନେଲା ଓ ତାଙ୍କ ନାଭିମୂଳ ଉଦ୍ଧାର କରିନେଇ ଓଡ଼ିଶାକୁ ପ୍ରତ୍ୟାଗତ ହେଲା । କୁଜଙ୍ଗ ରାଜା ଅବଶେଷରେ ଜଗନ୍ନାଥଙ୍କର ସେହି ନାଭିମୂଳ ପ୍ରାପ୍ତ ହୋଇ ତାଙ୍କର ପ୍ରତିଷ୍ଠା କରାଇଥିଲେ ।

(ଓଡ଼ିଶାର ଇତିହାସ ପ୍ୟାରୀମୋହନ ଆଚାର୍ଯ୍ୟ ପୃ ୧୫୨)

ସାରଳା' ଦାସଙ୍କ ପରେ ଉପେନ୍ଦ୍ରଭଞ୍ଜଙ୍କର ରୀତିକବିତା ଯେପରି ଭିନ୍ନ ମାର୍ଗ ଧରିଥିଲା ଠିକ୍ ସେପରି ଫକୀର ମୋହନ ଆଉ ପ୍ୟାରୀମୋହନଙ୍କ ପରେ ଓଡ଼ିଶାର ଗଦ୍ୟଧାରା ଯେ 'ରୀତିଗଦ୍ୟ'ରେ ପରିଣତ ହୋଇଥିଲା ତାହାର ପ୍ରମାଣ ପାଇଁ ଏହାହିଁ ଉପଯୁକ୍ତ । ମଧୁସୂଦନଙ୍କର ପ୍ରଭାବିତ ଗଦ୍ୟ ଭାଷା ସହିତ ଏହାର ତୁଳନାରୁ ଏକଥା ବୁଝିବା କଷ୍ଟକର ନୁହେଁ ।

# ବିଜ୍ଞାନ ଓ ବିଦ୍ୟା

"ଯଦିଚ ସତ୍‌ଜ୍ଞାନ ବିଜ୍ଞାନ ତଥା ବିଦ୍ୟାର ଭିତ୍ତି ଅଟେ, ଏ ଦୁହିଁଙ୍କ ମଧ୍ୟରେ ପ୍ରଭେଦ ରହିଅଛି । ଯେଉଁ ଜ୍ଞାନ ବ୍ୟକ୍ତିଗତ ବା ବସ୍ତୁଗତ ନୁହେଁ, ଅର୍ଥାତ୍ ଯେଉଁ ଜ୍ଞାନ କୌଣସି ବିଶେଷ ବସ୍ତୁର ବିନାଶ ସଙ୍ଗେ ସଙ୍ଗେ ତିରୋହିତ ନ ହୁଏ, ଓ ଯେଉଁ ଜ୍ଞାନରେ ସର୍ବସାଧାରଣଙ୍କର ବିଶ୍ୱାସ ଥାଏ ଓ ଯେଉଁ ଜ୍ଞାନ ଭୂତ ଓ ଭବିଷ୍ୟତକୁ ମଧ୍ୟ ଆଲୋକ ଦିଏ, ଏହିପରି ସ୍ଥାୟୀ ଜ୍ଞାନ ସଞ୍ଚୟର ନାମ ଜ୍ଞାନବୃଦ୍ଧି, ଏବଂ ବିଜ୍ଞାନଗୁଡ଼ିକ ବିଷୟର ପାର୍ଥକ୍ୟ ନେଇ, ପରସ୍ପରଠାରୁ ବିଭିନ୍ନ ହେଲେହେଁ, ଆମ୍ଭମାନଙ୍କର ଜ୍ଞାନ ସମ୍ବର୍ଦ୍ଧକ ବିଜ୍ଞାନ ଜଗତର କୌଳିକ ଲକ୍ଷ୍ୟ ଅଟେ । ସତ୍ୟର ଅନୁସନ୍ଧାନ ଓ ସ୍ଥାପନ ପ୍ରତ୍ୟେକ ବିଜ୍ଞାନର କାର୍ଯ୍ୟ, କିନ୍ତୁ ବୈଜ୍ଞାନିକ ସତ୍ୟ ସାହାଯ୍ୟରେ କୌଣସି ବିଶିଷ୍ଟ ଉଦ୍ଦେଶ୍ୟଗଠନ କଲେ ତାହାକୁ ବିଦ୍ୟା ବା କଳାବିଦ୍ୟା କୁହାଯାଏ ।"

ବିପିନବିହାରୀ ରାୟଙ୍କର ତର୍କ ବିଜ୍ଞାନରେ ବିଜ୍ଞାନ ଓ ବିଦ୍ୟାର ତାରତମ୍ୟର ସଂଜ୍ଞା ଦିଆଯାଇଛି । ଏହାର ଭାଷା ହେଉଛି—ଯେତେଦୂର ଜଣାପଡ଼େ ଅନୁବାଦର ଭାଷା । ତେବେ ବିଜ୍ଞାନ କ୍ଷେତ୍ରରେ 'ତର୍କ ବିଜ୍ଞାନ' ପହିଲ ଉଦ୍ୟମ ନୁହେଁ । ଅବଶ୍ୟ ବିପିନବାବୁଙ୍କର ୧୯୨୫ ମସିହାର ଏ ଉଚ୍ଚାଭିଳାଷୀ ଉଦ୍ୟମ ଯଥେଷ୍ଟ ସାହସିକ କହିଲେ ହୁଏ । ତେବେ ବି ଏହାର ବହୁପୂର୍ବରୁ ଓଡ଼ିଆ ଭାଷାର ପରିଧି ଭିତରକୁ ବିଜ୍ଞାନ ଓ ବିଦ୍ୟାର ବହୁ ପରିଭାଷା ପ୍ରବେଶ କରିଥିଲା । ୧୮୭୮ ସାଲରେ ପ୍ରକାଶିତ ବାଲେଶ୍ୱରର ଭୋଳାନାଥ ଦାସଙ୍କର ସରଳ ରସାୟନ ବିଜ୍ଞାନ ଏହି କ୍ଷେତ୍ରରେ ଏକ ଆଦ୍ୟକଥନ ଭଳି ମନେହୁଏ । କୁମାର ବୈକୁଣ୍ଠନାଥ ଦେ ମହାଶୟଙ୍କ ପ୍ରତି ଉତ୍ସର୍ଗ କରି ଗ୍ରନ୍ଥକାର କହିଛନ୍ତି "ଆପଣ ଏହି ପୁସ୍ତକ ସଂକଳନ ନିମନ୍ତେ ଓଡ଼ିଶା ଶିକ୍ଷା ବିଭାଗର ଜଏଣ୍ଟ ଇନସ୍‌ପେକ୍‌ଟର ମହୋଦୟଙ୍କ ହସ୍ତରେ ଯେଉଁ ପୁରସ୍କାର ନ୍ୟସ୍ତ କରିଥିଲେ ତାହା ପ୍ରତିଯୋଗିତାଦ୍ୱାରା ମୁଁ ପ୍ରାପ୍ତ ହୋଇଅଛି ।" (ମୋତେ ପ୍ରାପ୍ତ ହୋଇଅଛି)

# ଚାରୁପାଠର ଭାଷା

ଏଥିପୂର୍ବରୁ ବିଚ୍ଛନ୍ଦ ପଟ୍ଟନାୟକଙ୍କର ଅନୂଦିତ ଅକ୍ଷୟ କୁମାର ଦତ୍ତଙ୍କର ଚାରୁପାଠରେ କେତେ ବିଜ୍ଞାନ ପରିଭାଷାର ବ୍ୟବହାର ଥିଲା। ସେ ଭାଷା ଖାଣ୍ଟି ବଙ୍ଗଳା କିନ୍ତୁ ତାହା ଏବେ ବି ବଙ୍ଗଦେଶରେ ଦୁର୍ବୋଧ। ଆମେରିକାର ଦକ୍ଷିଣ ଖଣ୍ଡରେ 'ଗୋପାଦ' ନାମରେ ଏକ ପ୍ରକାର ବୃକ୍ଷ; ଆଫ୍ରିକା ଖଣ୍ଡରେ 'ମେଦ ବୃକ୍ଷ' ନାମରେ ଆଉ ଏକ ପ୍ରକାର ବୃକ୍ଷ; ଅର୍ଣ୍ଣବ ଯାନ; ବାଷ୍ପୀୟ ରଥ; ନିର୍ବାଣ ଆଗ୍ନେୟ ପର୍ବତ; ବୁଦ୍ବୁଦ; ଧାତୁନିସ୍ରବ ଇତ୍ୟାଦି ଶବ୍ଦର ପ୍ରଚଳନ ଅଧୁନାଲୁପ୍ତ।

ତଥାପି 'ଚାରୁପାଠ'ରେ ଆଗ୍ନେୟଗିରି ଆଉ ମଧୁସୂଦନ ରାଓଙ୍କର ସାହିତ୍ୟ ପ୍ରସଙ୍ଗର ଆଗ୍ନେୟଗିରି ଭିତରେ ପୂର୍ବୋକ୍ତ ଲେଖାଟିର ବୈଜ୍ଞାନିକ ପରିଭାଷା ଅଧିକ ପରିଚ୍ଛନ୍ନ ଓ ଉପଯୋଗୀ ବୋଲି ଧାରଣା ହୁଏ। 'ଗଳିତ ଧାତୁସ୍ରୋତ' ଅପେକ୍ଷା ଧାତୁନିସ୍ରବ, ଉଦ୍‌ବମନ ଅପେକ୍ଷା ଉଦ୍‌ଗୀରଣ, ତରଳାଗ୍ନି ସ୍ରୋତ ଅପେକ୍ଷା ଅଗ୍ନିମୟ ତରଳ ପଦାର୍ଥ ଇତ୍ୟାଦି ଅଧିକ ସୁସମ୍ବଦ୍ଧ ଓ ଉପଯୁକ୍ତ ଶବ୍ଦ।

'ପୃଥିବୀର କୈନ୍ଦ୍ରିକ ଅଗ୍ନି ଅତିରିକ୍ତ ଅଗ୍ନିମୟ ପଦାର୍ଥକୁ ବାହାରକୁ ନିକ୍ଷେପ କରିବା ନିମନ୍ତେ ଚେଷ୍ଟା କରିବାରୁ ଅଗ୍ନ୍ୟୁତ୍ପାତ ସଙ୍ଘଟିତ ହୁଏ।' ଅନ୍ୟ ପକ୍ଷରେ— (ସାହିତ୍ୟ ପ୍ରସଙ୍ଗ)

'ପୃଥିବୀର ଅଭ୍ୟନ୍ତର ଅତିଶୟ ଉଷ୍ଣ। ପୃଥିବୀର ପୃଷ୍ଠଦେଶରୁ ଯେଉଁ ସ୍ଥାନ ଯେତେ ନିମ୍ନ ସେ ସ୍ଥାନ ସେତେ ଉତ୍ତପ୍ତ। ୧୫।୧୬ କ୍ରୋଶ ନିମ୍ନରେ ସମୁଦାୟ ସ୍ଥାନ ଅତ୍ୟୁଷ୍ଣ ତରଳ ପଦାର୍ଥରେ ପରିପୂର୍ଣ୍ଣ। ନାରିକେଳର ମଧ୍ୟଗତ ଜଳଭାଗ ଯେମନ୍ତ କଠିଣ ଆବରଣରେ ଆବୃତ, ପୃଥିବୀ ଅଭ୍ୟନ୍ତରସ୍ଥ ତରଳ ବସ୍ତୁରାଶି ମଧ୍ୟ ସେହି ପ୍ରକାର କଠିନ ଆଚ୍ଛାଦନରେ ଆଚ୍ଛାଦିତ। ସମୁଦ୍ରର ଜଳ ଯେ ପ୍ରକାର କମ୍ପିତ ହୋଇ ତରଙ୍ଗ ଉତ୍ପାଦନ କରେ, ଅବନୀ ଗର୍ଭସ୍ଥ ଉଲ୍ଲିଖିତ ଅଗ୍ନିମୟ ମହାସାଗର ସୁଦ୍ଧା ସେହି ପ୍ରକାର କେବେ କେବେ କମ୍ପିତ ହୋଇ ତରଙ୍ଗମାଳା ଉତ୍ପାଦନ କରିଥାଏ। ସେହି ତରଙ୍ଗମାନଙ୍କ ପୃଥିବୀ ପୃଷ୍ଠଦେଶ ସ୍ଥାନ ବିଶେଷରେ କମ୍ପିତ, ସ୍ଫୀତ ଓ ବିଦୀର୍ଣ୍ଣ ହୁଏ।" (ଚାରୁପାଠ)

"ଚତୁର୍ଦ୍ଦିଗରେ ପୁଷ୍ପର ପାଖୁଡ଼ା, ତାହାର ମଧ୍ୟସ୍ଥଳରେ ଯେ କେତେଗୁଡ଼ି ସୂକ୍ଷ୍ମ ସୂକ୍ଷ୍ମ ସୂତ୍ର ଥାଏ ତାହାକୁ କେଶର କହନ୍ତି। ତନ୍ମଧ୍ୟରେ ଯେ ସୂତ୍ରଗୁଚ୍ଛ ସର୍ବାପେକ୍ଷା ସ୍ଥୂଳ ତାହାର ନାମ ଗର୍ଭକେଶର ଓ ଅବଶିଷ୍ଟ

ସମୁଦାୟକୁ ପଶ୍ୱଗ କେଶର କୁହାଯାଏ । ବୀଜକୋଷରେ ଯେଉଁ ବୀଜ ଥାଏ, ପ୍ରଥମରେ ତାହାର ଅଙ୍କୁରୋତ୍ପାଦନ ଶକ୍ତି ନ ଥାଏ ।"

"ଧାପମକ୍ଷିକା ଅନେକ ପ୍ରକାର ।......ଆମେରିକାର ଦକ୍ଷିଣଖଣ୍ଡ ଏମାନଙ୍କର ଜନ୍ମସ୍ଥାନ । ବିଶେଷତଃ ତାହାର ଅନ୍ତଃପାଖ ସରିନାମ ଦେଶରେ ଅନେକ ପ୍ରାପ୍ତ ହୁଅନ୍ତି ।"

୧୮୭୮ ମସିହାରେ ପ୍ରକାଶିତ ରସାୟନ ବିଜ୍ଞାନ ପୁସ୍ତକରେ ଭୋଳାନାଥ ଦାସ ଯେଉଁ ସବୁ ବୈଜ୍ଞାନିକ ଶବ୍ଦ ବ୍ୟବହାର କରିଛନ୍ତି, ତାହାର ଏଠାରେ ଗୋଟିଏ ତାଲିକା କରାଯାଇପାରେ ।

ରସାୟନର ସଂଜ୍ଞା ହେଲା "ଯେଉଁ ଶାସ୍ତ୍ର ଅଧ୍ୟୟନ କଲେ ଭୌତିକ ପଦାର୍ଥମାନଙ୍କର ଯୋଗ, ଯୌଗିକ ପଦାର୍ଥମାନଙ୍କର ଉତ୍ପତ୍ତି ଏବଂ ଯୌଗିକ ପଦାର୍ଥମାନଙ୍କରୁ ବିଭକ୍ତ କରି ତଦନ୍ତର୍ଗତ ଭୌତିକ ପଦାର୍ଥ ସମୂହରେ ପୃଥକ୍ କରଣ ଇତ୍ୟାଦିର ଜ୍ଞାନ ଜନ୍ମାଇ ତାହାକୁ ରସାୟନିକ ବିଜ୍ଞାନ ବୋଲି ।"

୧୮୭୯ ସାଲରେ ସର୍ଜନ ମେଜର ଷ୍ଟିୱାର୍ଟ ନାମକ କଟକର ସିଭିଲସର୍ଜନ 'ଉତ୍କଳ ଦେଶୀୟ ଭର୍ଣ୍ଣାକ୍ୟୁଲର ସ୍କୁଲ ସମୂହର ପାଠ୍ୟର୍ଥେ' ଗୋଟିଏ ପଦାର୍ଥ ବିଜ୍ଞାନ ବହି ସଂକଳନ କରିଥିଲେ । କେଉଁ ବ୍ୟକ୍ତି ଏହି ବହିଟିର ବୈଜ୍ଞାନିକ ପରିଭାଷାର ଜନକ ତାହା ଜଣାପଡ଼ୁନାହିଁ । ତେବେ ରସାୟନ ବିଦ୍ୟା ଆଉ ପଦାର୍ଥ ବିଦ୍ୟାର ପାରିଭାଷିକମାନେ ସମାନ ସମାନ ଶବ୍ଦକୁ ସମାନ ସମାନ ଅର୍ଥରେ ବ୍ୟବହାର କରିଛନ୍ତି କି ନାହିଁ ଦେଖାଯାଉ ।

"ଯାହା ଇନ୍ଦ୍ରିୟ ଦ୍ୱାରା ଦୃଷ୍ଟିଗୋଚର ହୁଏ ବା ବୋଧହୁଏ ତାହାକୁ ଜଡ଼ ପଦାର୍ଥ (**matter**) କହନ୍ତି । (ଏଠାରେ 'ବୋଲି' ବ୍ୟବହାର ନ ହୋଇ 'କହନ୍ତି' ବ୍ୟବହାର ଦେଖିବାର କଥା)

(ପଦାର୍ଥ ବିଜ୍ଞାନ)

ଯେଉଁ ଶକ୍ତି ଦ୍ୱାରା ଯୌଗିକ ପଦାର୍ଥ ମିଶ୍ରିତ ପଦାର୍ଥର ପ୍ରକୃତିକୁ ଯୋଗ କରି ଭିନ୍ନ ପ୍ରକୃତି ବିଶିଷ୍ଟ ହୁଏ ତାହାକୁ ରସାୟନିକ ଆକର୍ଷଣ ବୋଲି ।'—ର: ବି:

| ବୈଜ୍ଞାନିକ ଶବ୍ଦ | ରସାୟନ ବିଜ୍ଞାନ | ପଦାର୍ଥ ବିଜ୍ଞାନ |
|---|---|---|
| Matter | ଜଡ଼ପଦାର୍ଥ | ଜଡ଼ପଦାର୍ଥ |
| Compounds | ଯୌଗିକ ପଦାର୍ଥ | |
| Elements | ମୌଳିକ ପଦାର୍ଥ | |
| Atom | ପରମାଣୁ | ପରମାଣୁ |
| Elements | ରୂଢ଼ ପରମାଣୁ ବା ଭୂତ | ଭୂତ ରୂଢ଼ ପଦାର୍ଥ |
| Mechanical mixture | ଯୋଗାକର୍ଷଣ | |
| Chemical combination | ରାସାୟନିକ ଆକର୍ଷଣ | |
| Form | ଆକାର | ଆକାର |
| Dimension | ଆୟତନ | |
| Volume | ଆକୃତି | ଆକୃତି, ଆୟତନ |
| Colour | ବର୍ଣ୍ଣ | ବର୍ଣ୍ଣ |
| Weight | ଭାର | ଭାର ବା ଗୁରୁତ୍ୱ |
| Density | ଘନତ୍ୱ | |
| Hydrogen (molecule) | ଜଳକର | |
| Oxygen (molecule) | ଅମ୍ଳକର | |
| Nitrogen (molecule) | ଯବକ୍ଷାରକର | |
| Mercuric Sulphide | ହିଙ୍ଗୁଳ | |
| Atomic weight | ପରମାଣବଭାର | |
| Hydrogen Peroxide | ଦମ୍ଳଜଳକର | |
| Sulphurous Acid ($SO_2+H_2O$) | ଗନ୍ଧକାମ୍ଳ | |
| Sulphuric Acid | ମହାଦ୍ରାବକ | |
| Inorganic Elements | ଧାତବ ରୂଢ଼ପଦାର୍ଥ | |
| Organic Elements | ଅଧାତବ ରୂଢ଼ପଦାର୍ଥ | |
| Oxygen (Atom) | ଅମ୍ଳଜାନ | |
| Hydrogen (Atom) | ଜଳଜାନ | |
| Nitrogen | ଯବକ୍ଷାରଜାନ | |
| Carbon | ଅଙ୍ଗାର | |

| ବୈଜ୍ଞାନିକ ଶବ୍ଦ | ରସାୟନ ବିଜ୍ଞାନ | ପଦାର୍ଥ ବିଜ୍ଞାନ |
|---|---|---|
| Chlorine | ହରିତକ | |
| Bromine | ପୂତିକ | |
| Iodine | ଅରୁଣକ | |
| Flourin | କାଚଘ୍ନ | |
| Sulphur | ଗନ୍ଧକ | |
| Celenium | ଉପଗନ୍ଧକ | |
| Telurium | ଅନୁଗନ୍ଧକ | |
| Silicon | ସିକତାଦ୍ | |
| Boron | ହୁପାଙ୍ଗାର | |
| Phosphorous | ଦୀପକ | |
| Arsenic | ମନଃଶିଳା | |
| Gun-powder | ରଞ୍ଜକ | |
| Tin | ରଙ୍ଗ | |
| Zinc | ଦସ୍ତା | |
| | ରସାଞ୍ଜନ | |
| Elasticity | ସ୍ଥିତିସ୍ଥାପକତା | |
| General Property | ସ୍ଥିରଗୁଣ | ସ୍ଥିରଗୁଣ |
| Specific Property | ବିଶେଷ ଗୁଣ | ବିଶେଷ ଗୁଣ |
| Heat | | ତାପ |
| Light | | ଆଲୁଅ |
| Electricity | | ବିଦ୍ୟୁତ |
| Impenetrability | | ସ୍ଥାନାବରୋଧକତା |
| Divisifility | | ବିଭାଜ୍ୟତା |
| Indestrictibility | | ଅବିନାଶିତା |
| Porosity | | ସଚ୍ଛିଦ୍ରତା |
| Filter | | ସ୍ରାବକ |
| Filtration | | ପରିସ୍ରାବଣ |
| Compressibility | | ସଂପେଷଣୀୟତା |
| Inertia | | ନିଶ୍ଚେଷ୍ଟତା |
| Contraction | | ସଙ୍କୋଚ୍ୟତା |
| Dilation | | ବିସ୍ତାର୍ଯିତା |
| Solidity | | ଘନତା |
| Liquidity | | ତରଳତା |

| ବୈଜ୍ଞାନିକ ଶବ୍ଦ | ରସାୟନ ବିଜ୍ଞାନ | ପଦାର୍ଥବିଜ୍ଞାନ |
|---|---|---|
| Gaseousness | | ବାଷ୍ପୀୟତା |
| Coldness | | ଶୀତଳତା |
| Heat | | ଉଷ୍ଣତା |
| Softness | | ନମନୀୟତା |
| Hardness | | କଠିନତା |
| Brittleness | | ଭଙ୍ଗୁରତା |
| Action | | ଆଘାତ |
| Reaction | | ପ୍ରତ୍ୟାଘାତ |
| Synthesis | | ସଂଶ୍ଳେଷଣ |
| Analysis | | ବିଶ୍ଳେଷଣ |
| Cohesion | | ସନ୍‌କର୍ଷିକା ଶକ୍ତି |
| Uniform motion | | ସମତ୍ୱ ଗତି |
| Common motion | | ସମଗତି |
| Relation motion | | ପ୍ରତ୍ୟକ୍ଷ ଗତି |
| Pressure | | ଚାପନ |
| Accelerated motion | | ବିବୃଦ୍ଧ ଗତି |
| Retarded motion | | ହ୍ରାସମାନ ଗତି |
| Momentum | | ମୋମେଣ୍ଟମ୍ |
| Mass | | ପିଣ୍ଡତା |
| Bulk | | ସ୍ଥୂଳତା |
| Universal Attraction ବା Gravitation Gravity | | ବିଶ୍ୱବ୍ୟାପୀ ଆକର୍ଷଣ ମାଧ୍ୟାକର୍ଷଣ ପାର୍ଥିବ ବା ମାଧ୍ୟାକର୍ଷଣ । |
| Attraction of conesion | ସନ୍ନିକର୍ଷଣ ଯୋଗାକର୍ଷଣ | ସନ୍ନିକର୍ଷଣ ଯୋଗାକର୍ଷଣ |
| Capillary Attraction | କୈଶିକାକର୍ଷଣ | କୈଶିକାକର୍ଷଣ |
| Chemical Attraction | ରସାୟନିକ ଆକର୍ଷଣ | ରସାୟନିକ ଆକର୍ଷଣ |
| Centrifugal Force | | କେନ୍ଦ୍ରାପସାରିଣୀ ବଳ |
| Centripetal Force | | କେନ୍ଦ୍ରାଭିକର୍ଷିଣୀ ବଳ |
| Centre of Gravity | | ଭାରକେନ୍ଦ୍ର |

| ବୈଜ୍ଞାନିକ ଶବ୍ଦ | ରସାୟନ ବିଜ୍ଞାନ | ପଦାର୍ଥ ବିଜ୍ଞାନ |
|---|---|---|
| Equillibrium, balance | | ସ୍ଥିରସାମ୍ୟ |
| Tenacity | | ଭେଦାବରୋଧକତା |
| Hardness | | କଠିନତା |
| Malleability | | ଘାତସହତ୍ୱ |
| Ductility | | ତାନ୍ତବତା |
| Pressure | | ପେଷଣ |
| Friction | | ସଂଘର୍ଷଣ |
| Percussion | | ସଂଘଟ୍ଟଣ |
| Chemical Action | | ରସାୟନିକ କ୍ରିୟା |
| Combastion | | ଦହନ |
| Expansion | | ବିସ୍ତାରଣ |
| Barometer | | ବାୟୁମାପ ଯନ୍ତ୍ର |
| Thermometer | | ତାପମାନଯନ୍ତ୍ର |
| Acohel | | ସୁରାସାର |
| Freezing Point | | ବରଫସ୍ଥିର-ବୋଧିତା |
| Boiling Point | | ବାଷ୍ପିଭବବୋଧିତା |
| Extension | | ପ୍ରସାରଣ |
| Contraction | | ସଙ୍କୋଚନ |
| Conduction | | ସଞ୍ଚାଳନ |
| Convection | | ସଂବାହନ |
| Radiation | | ବିକିରଣ |
| Flow | | ପ୍ରବାହନ |
| Reflection | | ପ୍ରତିଫଳନ |
| Convex | | ନ୍ୟୁବ୍ଜାକୃତି |
| Concave | | କୁବ୍ଜାକୃତି |
| Focus | | କିରଣ ସମ୍ମିଳିତ ମଧ୍ୟସ୍ଥଳ, ଫୋକସ |
| Absorption | | ଶୋଷଣ |
| Ammonia | | ନିଶାଦଳ |
| Latent Heat | | ଗୁପ୍ତତାପ |
| Evaporation | | ବାଷ୍ପୀକରଣ କ୍ରିୟା |
| Specific Heat | | ଆପେକ୍ଷିକ ତାପ |

| ବୈଜ୍ଞାନିକ ଶବ୍ଦ | ରସାୟନ ବିଜ୍ଞାନ | ପଦାର୍ଥ ବିଜ୍ଞାନ |
|---|---|---|
| Pluviometer, Rain gauge | | ବୃଷ୍ଟିମିତ |
| Humidity | | ସାନ୍ଦ୍ରତ୍ୱ ବା ଆର୍ଦ୍ରତା |
| Hygrometer | | ବାଷ୍ପ ପରମିତ |
| Hour Frost | | ତୁମ |
| Hail | | ଶିଳା |
| Snow | | ଗାଢ଼ ତୁଷାର |
| Ice | | ବରଫ |
| Periodical winds | | କାଳାନୁକ୍ରମିକ ପବନ |

ପୃଥିବୀ ଏହି କକ୍ଷିଲାକାର ଗମ୍ୟରେ କେନ୍ଦ୍ରସ୍ଥାନ ଅଧିକାର କରିଅଛି ।

ଜ୍ୟୋତିର୍ବିଜ୍ଞାନ

Constellation ତାରପୁଞ୍ଜ

Milky Way ଛାୟାପଥ
Twins ମିଥୁନ
Sisters କୃତ୍ତିକା
Planet ଗ୍ରହ
Mercury ବୁଧ
Mars ମଙ୍ଗଳ
Venus ଶୁକ୍ର
Earth ପୃଥିବୀ
Atmosphere ବାୟୁମଣ୍ଡଳ
Jupiter ବୃହସ୍ପତି
Saturn ଶନି
Uranus ୟୁରାନସ୍
Neptune ବରୁଣ ନେପଚ୍ୟୁନ୍
Equator ବିଷୁବରେଖା
Cloud ମେଘ
Cirrus ଅଳକ
Latin କୁଞ୍ଚିତ କେଶ
Feather Cirrus ଅଳକ — 'ପର'
Stratus ସ୍ତର (ମେଘ)
Latin ଶଯ୍ୟା
Cumulus ସ୍ତୂପମେଘ

Great Bear ସପ୍ତର୍ଷି
Plough ଲଙ୍ଗଳ
Pointers ପ୍ରଦର୍ଶକ
Little Bear ଋକ୍ଷ ତାରାପୁଞ୍ଜ
Pole Star ଧ୍ରୁବତାରା
Orion କାଳପୁରୁଷ
Big Dog ବୃହତ୍ ଶ୍ୱାନ
Little Dog କ୍ଷୁଦ୍ର ଶ୍ୱାନ
Bell ବୃଷ Bill's Eye ରୋହିଣୀ
Rotation ଘୂର୍ଣ୍ଣନ
Revolution ପରିକ୍ରମା, ପରିଭ୍ରମଣ
New Moon ଦ୍ୱିତୀୟା ଚନ୍ଦ୍ର
Horns କୋଟି
Crescent କଳେବର ଚନ୍ଦ୍ର
First Quarter ପ୍ରଥମ ପକ୍ଷାର୍ଦ୍ଧ
Gibbons କୁବ୍ଜଚନ୍ଦ୍ର

ରେଲ ଇଞ୍ଜିନରୁ ଧୂମ୍ରାକାରରେ ଯେଉଁ ବାମ୍ପ ବାହାରେ ସେ ସବୁ କୌଣସି ସ୍ଥାନରେ ଏକତ୍ରିତ ହେଲେ ଯେପରି ଦେଖାଯିବ ଏହି ମେଘଗୁଡ଼ିକ ସେହିପରି ଦେଖାଯାଏ । Cirrocululus ଅଲକସ୍ତୂପମେଘ ।

Scud ଧାବମାନ

Passing Cloud ଚଳ ବଉଦ

Nimbus ବର୍ଷଣ

Barometer ବାୟୁଚାପମାନ

Cyclone ବାତାବର୍ତ୍ତ

Cyclonic weather ବାତାବାହକ ପାଗ

Hurricane ହୁରକେନ        ହାରକନ ହେଉଛି ଲଣ୍ଡନ

Monsoon ମୌସୁମୀବାୟୁ

**ଶଳଜଳ, ଖାଳକାଣ୍ଡ, ଶାବମଳ, ଅଙ୍କୁର, କାଣ୍ଡ, ପତ୍ର, ଅଙ୍ଗାର ।**

ଏହି ତାଲିକା ସମ୍ପୂର୍ଣ୍ଣ ନୁହେଁ । ତେବେ ଆଜି ବିଚାରିବାର କଥା, ୧୭୭୮-୭୯ରେ ଓଡ଼ିଆ ଭାଷାରେ ବିଜ୍ଞାନର ପରିଭାଷାକୁ ମିଶାଇବା ଲାଗି ଏ ଯେଉଁ ପ୍ରୟାସ ହୋଇଥିଲା ତାହା କେତେଦୂର ସଫଳ ହୋଇଛି । ମନେହୁଏ ସଫଳ ହୋଇନାହିଁ । ଏହି ଶବ୍ଦଗୁଡ଼ିକ ଭିତରୁ କେତେଗୁଡ଼ିଏ ଅଲକ୍ଷିତରେ ଅବଶ୍ୟ ଓଡ଼ିଆ ଭାଷାର ଶବ୍ଦଭଣ୍ଡାରରେ ମିଶି ଯାଇଛନ୍ତି । କିନ୍ତୁ ଅଧିକାଂଶ ବାହାରେ ପଡ଼ି ରହିଛନ୍ତି । ଏ ଶବ୍ଦ-ଗୁଡ଼ିକର ପ୍ରୟୋଗ ଓ ବ୍ୟବହାର ହୋଇ ପାରିନାହିଁ । କାରଣ ପରବର୍ତ୍ତୀ କାଳରେ ବିଜ୍ଞାନ ପୁସ୍ତକ-ଲେଖକମାନେ ଏ ଶବ୍ଦଗୁଡ଼ିକ ଜନପ୍ରିୟ କରିନାହାନ୍ତି ।

ଓଡ଼ିଆ ଯାହାଙ୍କର ମାତୃଭାଷା ଏଭଳି କୌଣସି ବୈଜ୍ଞାନିକଙ୍କୁ ଆଜି ସାଧାରଣ ବିଜ୍ଞାନ ବିଷୟରେ ଇଂରାଜୀ ଅଜାଣିବାର ଲୋକଙ୍କୁ ବୁଝାଇବାକୁ କୁହାଗଲେ ସେ ନିଶ୍ଚୟ ଶବ୍ଦ ଅଭାବରୁ ଝୁଣ୍ଟିବେ । ଅଥଚ ଉପରୋକ୍ତ ଶବ୍ଦ ଭଳି ଶହ ଶହ ଶବ୍ଦ ତ୍ରିଶଂସମାସ୍ ଚିନ୍ତା ଓ ଅପାର ଗବେଷଣା ଫଳରେ ଜନ୍ମ ନେଇଥିଲେ ।

# ଚଳନ୍ତି ଭାଷା ଓ ବ୍ୟାକରଣ

ଫକୀରମୋହନ ବା ପ୍ୟାରୀମୋହନଙ୍କର ଓଡ଼ିଆ ଉପନ୍ୟାସ— ଆଲେଖ୍ୟ ଭାଷା ବହୁଳାଂଶରେ ଥିଲା କଥିତ ଭାଷା । ତେଣୁ ଏହି ଭାଷା ପାଇଁ ସେମାନେ ବ୍ୟାକରଣ ପ୍ରତି ଦୃଷ୍ଟି ଦେଇ ନଥିଲେ । ସେ ପର୍ଯ୍ୟନ୍ତ ଓଡ଼ିଆ ଭାଷାର ନିଜର ବୋଲି କୌଣସି ବ୍ୟାକରଣ ନଥିଲା । ବ୍ୟାକରଣ ଶୁଦ୍ଧି ପାଇଁ ଓଡ଼ିଆ ଭାଷାରେ ଚନ୍ଦ୍ରମୋହନ ମହାରଣା ପ୍ରଥମ ଉଦ୍ୟମ କରିଥିଲେ । ଶୁଣାଯାଏ, କବିବର ରାଧାନାଥ ତାଙ୍କର ମହାଯାତ୍ରା ମହାକାବ୍ୟର କିଛି ଅଂଶ ମହାରଣାଙ୍କୁ ପଢ଼ିବାକୁ ଦେଇଥିଲେ ଓ ଦରକାର ପଡ଼ିଲେ ସେଥିରେ ଥିବା ଅଶୁଦ୍ଧି ସଂଶୋଧନ କରିଦେବାକୁ ଅନୁରୋଧ କରିଥିଲେ । ବୈୟାକରଣିକ ମହାରଣା ଉକ୍ତ ମହାଯାତ୍ରା କାବ୍ୟଟିରେ ଏତେ ବ୍ୟାକରଣ ଦୋଷ ବାହାର କଲେ ଯେ ତାହାଙ୍କର ସଂଶୋଧନକୁ ମାନିଥିଲେ ରାଧାନାଥଙ୍କୁ ଉକ୍ତ ମହାକାବ୍ୟକୁ ସାନ୍ଧ ଲେଖିବାକୁ ପଡ଼ିଥାଆନ୍ତା !

ତେଣୁ ଚନ୍ଦ୍ରମୋହନଙ୍କ କଥାବଳୀରେ ବୃଦ୍ଧବକ 'ବାର୍ଦ୍ଧକ୍ୟବଶତଃ ମତ୍ସ୍ୟ ଧରିବାକୁ ସାମର୍ଥ୍ୟ ଊଣା ହେବାରୁ ଦିନକରେ କ୍ଷୁତ୍ପୀଡ଼ିତ ହୋଇ ସରୋବର କୂଳରେ ରୋଦନ କରିବାକୁ ଲାଗିଲା । ଏବଂ କୁଳୀରବ ଦଶନ ସନ୍ଦଂଶରେ ବକର ମୃଣାଳଧବଳ ମୃଦୁ ଗ୍ରୀବାକୁ କର୍ତ୍ତନ କଲା ।' ଅଥଚ 'ଏମନ୍ତେ ଶୃଗାଳମାନେ ପୂର୍ବପରାମର୍ଶ ଅନୁସାରେ ହଠାତ୍ ହୋବାଇ ଉଠିଲେ ଚିରନ୍ତନ ଅଭ୍ୟାସର ବଶବର୍ତ୍ତୀ ହୋଇ ରାଜା ମଧ୍ୟ ମୁଖବ୍ୟାଦାନ କରି ଜାତିର ଶୃଗାଳ ପରି ହୋବାଇଲା । ଏହି କଥା-ବଳୀରେ ବୃଦ୍ଧର ପୁତ୍ରମାନେ 'ଖଣ୍ଡ ଖଣ୍ଡ କାଷ୍ଠ ଭାଙ୍ଗିବାକୁ ଅକ୍ଷମ' ହେଲେ ('ଅକ୍ଷମ' ହେବା ଏଇଠି ଠିକ ନାହିଁ) ଆଉ ଏହି 'ପରିଦୃଷ୍ଟ ଦୃଷ୍ଟାନ୍ତ ପ୍ରସଙ୍ଗର ଶତ୍ରୁକୁ [ଏକବଚନ, ସୁନ୍ଦସୁନ୍ଦଙ୍କର ଶତ୍ରୁମାନଙ୍କୁ ଏପରି ଆକର୍ଷଣ କଲା ଯେ ସେମାନେ [ବହୁବଚନ ଅର୍ଥାତ୍ ସୁନ୍ଦସୁନ୍ଦ] ଏକମେଳରେ ଆନନ୍ଦରେ ବାସ କଲେ ।' ତେଣୁ 'ବୃଦ୍ଧ ପିତା......

ଜୀବନର ଅବଶିଷ୍ଟ ଅଂଶ ଆନନ୍ଦରେ ଓ ଅନ୍ତିମ କାଳ ଶାନ୍ତିରେ [ଆନନ୍ଦ ଓ ଶାନ୍ତିରେ ନୁହେଁ] ଯାପନ କଲେ ।'

ଆଜିର ଓଡ଼ିଆ ସମ୍ବାଦପତ୍ରମାନଙ୍କରେ 'ଓଡ଼ିଶା ସରକାରଙ୍କର ସୁଦୃଢ଼ ପଦକ୍ଷେପ' ବିଷୟରେ ଚର୍ଚ୍ଚା ହେଉଛି । ଅନେକଙ୍କର ମନେ ହୋଇପାରେ ଯେ ଏହି ପଦକ୍ଷେପ ଶବ୍ଦ ହେଉଛି ଆଜିର ଆବିଷ୍କାର, ବୋଧହୁଏ ଅଣଓଡ଼ିଆ ଭାଷାରୁ ଆମଦାନୀ । କିନ୍ତୁ ଚନ୍ଦ୍ରମୋହନଙ୍କର ଗୋଟିଏ ବିବେକୀ ଛାଗଳ ଅନ୍ୟଛାଗଳଟି ଉପରେ ଅତି ସାବଧାନ ହୋଇ 'ପଦକ୍ଷେପ' କରି ତାହାକୁ ଅତିକ୍ରମ କରିଥିଲା । "ଏହା ଉତ୍ତାରୁ ଶୟାନ ଛାଗଳଟି ଉତ୍ଥାନ କରି ଆନନ୍ଦରେ ଆପଣା ଦେହଟି ଝାଡ଼ିହେଲା ।" ଏଇଠି ଉତ୍ଥାନ କରି ଓ 'ପଦକ୍ଷେପ'ର ଆଜିର ଭଳି ରୂଢ଼ ଅର୍ଥ ନାହିଁ ।

କହିବାର କଥାର ପରିଧି ଭିତରେ ନୂତନ ଭାବ ଆସି ପହଞ୍ଚିଲେ ଭାଷା ସେଥି ପ୍ରତି ନଜର ଦେବାକୁ ବାଧ୍ୟ ହୁଏ । ସେତେବେଳେ ପ୍ରଥମ ଭାଷା ଟିକିଏ ଅଡ଼ୁଆ ଖାଇଲା ପରି ପଡ଼ିଯାଏ । ଅମସୃଣ, ଅପ୍ରଚଳିତ ବ୍ୟବହାରରେ ଅଭିନବ ଶବ୍ଦ ଭିତରେ ଦେଖାଦିଏ । ଲୋକେ ତାକୁ ବିଦେଶରୁ ଆମଦାନୀ ଗଛର ଚାରା ଭଳି ଦେଖନ୍ତି । ବ୍ରଜସୁନ୍ଦରଙ୍କର କହିବା ପ୍ରକାରରେ ତାହା ବନ୍ୟ ନୁହେଁ ତାହା ସଯତ୍ନ ବର୍ଦ୍ଧିତ । କିନ୍ତୁ ଯେ ଭଳି ଚାରା ଯଦି ପରେ ବ୍ୟବହାରରେ ନ ଲାଗେ ତେବେ ତାହା ଶୁଖି ଶୁଖି ମରିଯାଏ । ଆଉ ତାକୁ କେହି ମନେ ରଖନ୍ତି ନାହିଁ ।

ଚନ୍ଦ୍ରମୋହନଙ୍କ କାଳର ବୈୟାକରଣିକମାନଙ୍କର ଏଭଳି ସମସ୍ୟା ନଥିଲା । ବିଜ୍ଞାନ ପାଠ୍ୟପୁସ୍ତକ ଲେଖକଙ୍କର ହିଁ ଥିଲା । ତେଣୁ ସେମାନଙ୍କର ଭାଷାରେ ଏହି ନୂତନତାର ପରୀକ୍ଷା ପ୍ରୟୋଗ ଥିଲା । ଦୁଃଖର କଥା ସେମାନେ କେବଳ ପାଠ୍ୟପୁସ୍ତକ ଲେଖିଥିଲେ । ସେମାନେ ବିଜ୍ଞାନର ବିଭିନ୍ନ ବିଷୟକୁ ଜନସାଧାରଣଙ୍କର ସ୍ତରକୁ ଆଣିବାକୁ ଯତ୍ନ କରି ନାହାନ୍ତି । ତାଙ୍କର ପାଠକ ବା ଗ୍ରାହକଙ୍କ ସହିତ ପରିଚୟ ଥିଲା ପାଠପଢ଼ା ପିଲା ସହିତ ପରିଚୟ । ସାଧାରଣ ପାଠକକୁ ବିଜ୍ଞାନର ଦୁରୂହ ଓ ଜଟିଳ ବିଷୟ ଗୁଡ଼ିକରେ ଧାରଣା ଦେବାକୁ ହେଲେ କି ଭଳି ଶବ୍ଦ ପ୍ରୟୋଗ କରାଯିବ ଏକଥା ଚିନ୍ତା କରିବାକୁ ସେମାନଙ୍କର ଅବକାଶ ନଥିଲା ।

ଓଡ଼ିଆ ଭାଷାରେ ମଧୁସୂଦନ ରାଓଙ୍କର ପ୍ରଭାବ କେବଳ ପୂର୍ବତନ ବିହାର ଓଡ଼ିଶା ପ୍ରଦେଶର ପାଠ୍ୟପୁସ୍ତକ ପଢ଼ାଳିମାନଙ୍କ ଭିତରେ ସୀମାବଦ୍ଧ ନଥିଲା । କାରଣ ତାଙ୍କର ଭାଷାର ମନୋବୃତ୍ତି ଥିଲା ବ୍ୟାକରଣ ଓ ପାଠ୍ୟର ମନୋବୃତ୍ତି । ଯେଉଁ ଭାଷାରେ ଓଡ଼ିଶାର ଲୋକେ ବିଭିନ୍ନ

ଅଞ୍ଚଳରେ କଥାଭାଷା ହୁଅନ୍ତି ତାହାକୁ ସଂବଦ୍ଧ ଲିଖିତ ସାହିତ୍ୟରେ ପରିଣତ କରିବା ପାଇଁ ସେ ଚିନ୍ତା କରି ନଥିଲେ । ଏହି ଚିନ୍ତା ପ୍ରଥମେ ଆସିଲା ଗୋପବନ୍ଧୁ ଦାସଙ୍କ ଠାରେ । କାରଣ ସେ ଥିଲେ ଲୋକସଂଗ୍ରହର ନେତା । ଆଉ ତାଙ୍କ ସଙ୍ଗେ ସଙ୍ଗେ ସତ୍ୟବାଦୀ ବିଦ୍ୟାଳୟର ବିଭିନ୍ନ ଶିକ୍ଷକ ମଧ୍ୟ ଏ ଦିଗରେ ଧ୍ୟାନ ଦେଲେ । ତେବେ ବି ସେମାନଙ୍କର ନିବେଦନ ଥିଲା ପରମ୍ପରାଶ୍ରୟୀ । ସେମାନେ ଓଡ଼ିଶା ଆଉ ଭାରତର ଐତିହ୍ୟ ଆଡ଼କୁ ଦୃଷ୍ଟି ଫେରାଇଥିଲେ । ମଧୁସୂଦନଙ୍କର ସଂସ୍କୃତ ବହୁଳ ଗଦ୍ୟକୁ ପ୍ରାଞ୍ଜଳ ପାବଳୀଳ ଭାଷାରେ ସେମାନେ ଥୋଇବାର ଚେଷ୍ଟା କରିଥିଲେ । ନୀଳକଣ୍ଠଙ୍କର ଅଧିକାଂଶ ଗଦ୍ୟ ଲେଖା ଓ ଗୋଦାବରୀଶ ମିଶ୍ରଙ୍କର ପ୍ରାୟ ସମସ୍ତ ଲେଖାକୁ ବଡ଼ ପାଟିରେ ପଢ଼ା ହେବାର ଶୁଣିଲେ ଶ୍ରୋତା ମନେ କରିବେ ନାହିଁ ଏହି ଲେଖାଗୁଡ଼ିକ କେହି ଲେଖିଛନ୍ତି; ବରଂ ମନେ କରିବେ, ଯେପରି ଜଣେ କେହି ସେମାନଙ୍କୁ କଥାଗୁଡ଼ିଏ ମୁହଁରେ କଥାଭାଷା ଛଳରେ କହୁଛନ୍ତି ।

ମନେ ଅଛି, ଥରେ ପଣ୍ଡିତ ନୀଳକଣ୍ଠଙ୍କ ପାଖରେ ମୁଁ ବସିଥିଲାବେଳେ ତାଙ୍କର ଗୋଟିଏ ବହି ପାଠ୍ୟପୁସ୍ତକ ଭାବରେ ମନୋନୀତ ହୋଇ ନ ଥିବାର ଖବର ପହଞ୍ଚିଲା । ମନୋନୟନ ନହେବାର ପ୍ରଧାନ କାରଣ ଥିଲା ସେ ବହିର ବ୍ୟାକରଣ ଦୋଷ ! ଏଥିରେ ପଣ୍ଡିତ ନୀଳକଣ୍ଠ ବ୍ୟଥିତ ଓ କ୍ଷୁବ୍ଧ ହେବାର ମୁଁ ସେଦିନ ଲକ୍ଷ୍ୟ କରିଥିଲି । କିନ୍ତୁ ମୋ ବିଚାରରେ ଏପରି ବ୍ୟଥା ବା କ୍ରୋଧର କାରଣ ନଥିଲା । ସେଇ ଓଡ଼ିଆ ପାଠ୍ୟପୁସ୍ତକ ନିର୍ବାଚକମାନେ ଯେଉଁ ଧାରାରେ ବ୍ୟାକରଣ ପଦ୍ଧତି ଶିଖାଇବାକୁ ବ୍ୟାକୁଳ ଥିଲେ ସେ ଧାରା ହେଉଛି ସଂସ୍କୃତର ଧାରା । ତାହା ଓଡ଼ିଆ ଭାଷାର ବ୍ୟାକରଣର ଧାରା ନୁହେଁ । ସେତେବେଳ ଯାଏ ଓଡ଼ିଆ ଭାଷାର ବ୍ୟାକରଣ ବୋଲି ସେ ଭଳି କିଛି ନଥିଲା । ସେ ଦିନ ପଣ୍ଡିତ ନୀଳକଣ୍ଠ ଖୁବ୍ କ୍ଷୋଭରେ ଓଡ଼ିଆ ଭାଷାର ଗୋଟିଏ ବ୍ୟାକରଣ ଲେଖି ପକାଇଥିଲେ । ତାହା ବୋଧହୁଏ ଛାପାହୋଇ ବିକା ମଧ୍ୟ ହେଉଛି । ପରବର୍ତ୍ତୀ ମୁଦ୍ରଣ ହୋଇଛି କି ନାଁ ସନ୍ଦେହ ।

ଏବେ ମଧ୍ୟ ସେହି ଜଞ୍ଜାଳ ତୁଟିଲା ନାହିଁ । ଯାହା ସେଦିନ ନୀଳକଣ୍ଠଙ୍କୁ କ୍ଷୁବ୍ଧ କରିଥିଲା । ଏହି ଜଞ୍ଜାଳ ହେଉଛି ଯଥା—

ପଚାଶ ବର୍ଷ ପୂର୍ବେ ଭାରତ ବର୍ଷରେ ସାଇକେଲ ବା ଶୂନ୍ୟଗାଡ଼ି ଦେଖି ଲୋକେ ଆଚମ୍ବିତ ହେଉଥିଲେ । ରେଳଇଞ୍ଜିନ ଓ ରେଳଗାଡ଼ି

ଦେଖି ତଟସ୍ଥ ବସିଛନ୍ତି, ଭୟଭୀତ ହୋଇ ରେଳ ଆସିଲାବେଳେ ରେଳଲାଇନ୍ ପାଖରୁ ଛୁଟି ପିଟି ହୋଇ ପଳାଇ ଯାଉଥିଲେ।"
[ସମାଜ ସମ୍ପାଦକୀୟ ୩୦ଠାରୁ ୭୫]

'ଲୋକେ ଆଚମ୍ବିତ ହେଉଥିଲେ' ରେ 'ଆଚମ୍ବିତ' ହେଉଛି ବିଶେଷଣ। ଯେପରିକି 'ଏ କି ଭଳି ଆଚମ୍ବିତ କଥା!' ରେ 'ଆଚମ୍ବିତ' ବିଶେଷଣ; କିନ୍ତୁ ଓଡ଼ିଆ ଭାଷାରେ ବିଶେଷ୍ୟ ଆଉ ବିଶେଷଣର ସୀମା ନାହିଁ କହିଲେ ଚଳେ। ଲୋକେ ଆଚମ୍ବିତ ହେଉଥିଲେ ବୋଲି ନ କହି ଯଦି କେହି କହେ 'ଲୋକେ ଆଶ୍ଚର୍ଯ୍ୟ ହେଉଥିଲେ' ତେବେ ଠିକ୍ ହେବ କି ଭୁଲ ହେବ ? ବ୍ୟାକରଣିକ ପାଠ୍ୟପୁସ୍ତକ ବାଲାଏ କହିବେ ଭୁଲ କିନ୍ତୁ ଆମର ଓଡ଼ିଆ ଭାଷାର ଅଭିଜ୍ଞ [ଯଥା ପଣ୍ଡିତ ନୀଳକଣ୍ଠ] କହିବେ ଠିକ୍। କାରଣ ଆମ ଓଡ଼ିଶାରେ ପ୍ରଚଳିତ ଅଛି 'ଏ କିଭଳି ଆଶ୍ଚର୍ଯ୍ୟ କଥା!' [ଆଶ୍ଚର୍ଯ୍ୟଜନକ କଥା ନୁହେଁ] ତାଙ୍କୁ ଦେଖି ମୋତେ ଆନନ୍ଦ ଲାଗିଲା ସେ ଆନନ୍ଦ ମନରେ ସେଠାରେ ବିଚରଣ କରୁଥିଲେ। [ଆନନ୍ଦିତ ମନରେ ନୁହେଁ]

'ମୁଁ ତାର ବିକଳ ସହି ପାରିଲି ନାହିଁ।' ଏଠାରେ ବିକଳକୁ ବିଶେଷ୍ୟ ଭାବରେ ବ୍ୟବହାର କରିବା ହେଉଛି ଭାଷାର ବଳିଷ୍ଠତାର ଚିହ୍ନ। ଇଂରାଜୀରେ ଓ ଅନ୍ୟାନ୍ୟ ଭାଷାମାନଙ୍କର ଏହାହିଁ ରୀତି ପ୍ରୟୋଗ। ଏବେ ଇଂରାଜୀରେ ପ୍ରାୟ ପ୍ରତ୍ୟେକ ବିଶେଷ୍ୟ ତ କ୍ରିୟା ହେବାକୁ ବସିଲାଣି। ଯଥା— **Condition, Partition** ଇତ୍ୟାଦି ଅଜସ୍ର ହଜାର ହଜାର ବିଶେଷ୍ୟ। ଓଡ଼ିଆର ପ୍ରାଚୀନ କାଳରୁ ବିଶେଷଣ ବା ବିଶେଷ୍ୟ ଭିତରେ, ବିଶେଷତଃ ଗୁଣ ପ୍ରକୃତି ଆଉ ଅବସ୍ଥା ବାଚକ ବିଶେଷ୍ୟ ସହିତ ବିଶେଷଣ ଭିତରେ କେବେ ତଫାତ୍ ନ ଥିଲା। ଦୀନକୃଷ୍ଣ, ଅଭିମନ୍ୟୁ, ଉପେନ୍ଦ୍ରଭଞ୍ଜଙ୍କର ବହୁ କବିତା ଓ ଲେଖା ଏହାର ସାକ୍ଷୀ।

ବିଶେଷଣ କଥା କହିଲାବେଳେ ରାଧାନାଥଙ୍କର—

ଦୃଷ୍ଟପୂର୍ବ ହୋଇ ଅପୂର୍ବ ପ୍ରତୀତି
ସୁନ୍ଦର ପଣର ଚିରନ୍ତନ ରୀତି

ମନେପଡ଼େ। 'ସୁନ୍ଦର' ଶବ୍ଦର ବିଶେଷ୍ୟ ଓଡ଼ିଆରେ ସୁନ୍ଦରପଣ। ଏବେ ଆମେ ଅବଶ୍ୟ ସୌନ୍ଦର୍ଯ୍ୟ ଇତ୍ୟାଦି ସଂସ୍କୃତିଆ ଭାଷା କହିବାକୁ

ଶିଖିଲୁଣି, କିନ୍ତୁ ଆମର ଓଡ଼ିଆରେ ବିଶେଷଣକୁ ବିଶେଷ୍ୟ ଭାବରେ ବ୍ୟବହାର ବେଳେ ଶବ୍ଦଟିକୁ ହେଲେ 'ପଣ' ବା 'ପଣିଆ' ଯୋଗକରି ଦେବାର ପ୍ରଚଳନ ରହିଛି । ଠିକ୍ ସେହିପରି ବାଚକ ବିଶେଷ୍ୟ କଲାବେଳେ ଆମେ ଓଡ଼ିଆରେ ପଣର ସଂଯୋଗ କରିଥାଉ ଯେପରି 'ଦିଆପଣକୁ ଓଠାରି ନେଉଛି କିଆବଣକୁ' ଅଥବା 'ଦେଖ ମୋ ପାଉବର ପଣ, କାଟି ଆଣି ଦେବ ଗୁକୁଣ୍ଡା ବଣ ।' କେତେକ ଓଡ଼ିଆ ବ୍ୟାକରଣରେ ଏହି 'ପଣ'କୁ ତଦ୍ଧିତ ପ୍ରତ୍ୟୟ ବୋଲି ଲେଖାଯାଇଛି ।

ହିନ୍ଦି ଭାଷାରେ 'ସେ ଏହି କାର୍ଯ୍ୟକୁ ସମ୍ପାଦିତ କଲେ' 'ଦୂତ ହାତରେ ସେ ପତ୍ରଟି ପ୍ରେରିତ କଲେ' ଏ ଭଳି ପ୍ରୟୋଗ ଅତ୍ୟନ୍ତ ସାଧାରଣ । ଓଡ଼ିଆ ଭାଷାରେ ଏହି ପ୍ରକାର ବ୍ୟବହାର ଏବେ ଦେଖାଗଲଣି । କିନ୍ତୁ ଓଡ଼ିଆ ପ୍ରୟୋଗରେ ସାଧାରଣତଃ ହେଉଥିଲା 'ସେ ଏହି କାର୍ଯ୍ୟ ସମ୍ପାଦନ କଲେ' 'ଦୂତ ହାତରେ ସେ ପତ୍ରଟି ପ୍ରେରଣ କଲେ ।' ବିଶେଷତଃ ଇଂରାଜୀରେ କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟ ପରି ଓଡ଼ିଆରେ କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟର ବ୍ୟବହାର ଓଡ଼ିଆ ଗଦ୍ୟରେ ନଥାଏ ଥିଲା । ଏ କାର୍ଯ୍ୟ ମୋ ଦେଇ ତ ହୋଇ ପାରିବ ନାହିଁ ।' ଏ ଭଳି ପ୍ରୟୋଗ ହେଉଛି ଓଡ଼ିଆ । "ରାମଙ୍କଦ୍ୱାରା ରାବଣ ମରାହେଲା" ଏଭଳି ଭାବରେ ଓଡ଼ିଆ ଭାଷାରେ ଆଗେ ଲେଖାଯାଉ ନ ଥିଲା । ଏବେ ହୁଏତ କୃତ୍ରିମ ବିନୟ ଦେଖାଇବା ଇଚ୍ଛାରେ କେତେକ ଲେଖକ ଏଭଳି ପ୍ରୟୋଗ କରିବାର ଦେଖାଯାଉଛି ।

ଯଥା— ଏକ ଧାମସ୍ଥିକ ଭାବାବେଗ ଫଳରେ ଏହି ପୁସ୍ତକର ସନେଟ୍ ଗୁଡ଼ିକ ରଚିତ ହୋଇ ପଡ଼ିଥିଲା । [ମାୟାଧର ମାନସିଂ— ଅଯତର ଭୂମିକା] ଏହାର ଅର୍ଥ, ବୋଧହୁଏ 'ମୁଁ ଏଥିପାଇଁ ଜାଣିଶୁଣି କିଛି କରିନାଥିଲି । ଭାବାବେଗରେ ଥିଲି । ଏଗୁଡ଼ିକ ସେହି ଭାବାବେଗର ଫଳ ।' ତେଣୁ "ଏକ ଧାମସ୍ଥିକ ଭାବାବେଗରେ ଏହି ପୁସ୍ତକର ଚଉଦ--ପଦ୍ୟଗୁଡ଼ିକ ଲେଖି ପକାଇଥିଲି ।" ହୋଇଥିଲେ କ୍ଷତି ହୋଇ ନଥାନ୍ତା ବରଂ ଅର୍ଥ ଆହୁରି ସ୍ପଷ୍ଟ ହୋଇଥାଆନ୍ତା ।

ପୁଣି "ପୁସ୍ତକାକାରରେ ପ୍ରକାଶ କରିବାକୁ ଇଚ୍ଛା ହେବାରୁ ସମଧର୍ମୀ କେତେକ କବିତା ସେମାନଙ୍କ ସଙ୍ଗେ ଯୋଡ଼ି ଦିଆଯାଇଛି ।" ଏଠାରେ ଇଚ୍ଛା କାହାର ହେଲା ? ନିଶ୍ଚୟ କବିଙ୍କର ହୋଇଥିବ ! ତେଣୁ 'ପୁସ୍ତକାକାରରେ ପ୍ରକାଶ କରିବାକୁ ମୋର ଇଚ୍ଛା ହେଲାରୁ

[ଅଥବା, ଇଚ୍ଛା କରି] ମୁଁ ସମଧର୍ମୀ କେତୋଟି କବିତା ସେମାନଙ୍କ ସଙ୍ଗରେ ଯୋଡ଼ି ଦେଇଛି ।' ଏହା ବୋଧହୁଏ ଏହି ବାକ୍ୟର ଅର୍ଥ । ଏଠାରେ ବିନୟ ପ୍ରକାଶ ପ୍ରଭାବ ଯୋଗୁ ଅଥବା ଇଂରାଜି ବାକ୍ୟ ଗଠନ ଶୈଳୀରେ ଗୁରୁତର ପ୍ରମାଦ ଘଟିଛି ।

ଅଥଚ ସେହି କର୍ମବାଚ୍ୟର କପରି ପ୍ରୟୋଗ ଓଡ଼ିଆ ଭାଷାରେ ହୋଇଛି ତାହାର ଏଠାରେ ଗୋଟିଏ ପ୍ରମାଣ ଦିଆଯାଉ । ଏହି ଲେଖାଟି ୧୯୧୭ ମସିହାର—

ସଂସାରରେ ନାନାକ୍ଷେତ୍ରରେ ଜାତି ଧର୍ମ ବର୍ଣ୍ଣ ଭେଦ ଦେଖାଯାଇଥାଏ । ଧଳା କଳାର ବିଚାର ହୋଇଥାଏ । କିନ୍ତୁ ଭାବରାଜ୍ୟରେ ଏହି ନୀତିର ବ୍ୟତିକ୍ରମ ଦେଖିବାକୁ ମିଳେ । ସେଠାରେ ହୋମର କାଳିଦାସଙ୍କର ଅନ୍ତରଂଗ ବନ୍ଧୁ, ଭବଭୂତିଙ୍କ ସହିତ ସେକ୍ସପିଅରଙ୍କର କୁଟୁଂବିତା ଓ ପ୍ରାଚ୍ୟ ପଶ୍ଚାତ୍ୟର ସ୍ନେହଭରା କରମର୍ଦ୍ଦନ । ଭାବରାଜ୍ୟରେ ଏକ ଦେଶଦର୍ଶିତା ତିଷ୍ଠି ପାରିବାର ସମ୍ଭାବନା ନାହିଁ । ଭିନ୍ନ ଭାଷୀ ହେଲେହେଁ ଉଚ୍ଚଶିକ୍ଷିତ ଉତ୍କଳୀୟର ମୁହୂର୍ତ୍ତି ଆସିଯାଏ, ଯେତେବେଳେ ସେ ସଂସାରର ଭାବରାଜ୍ୟର ପଥିକ ହୋଇ ଭଂଜ, ସାରଳା, ଦୀନକୃଷ୍ଣ, ଅଭିମନ୍ୟୁ, ରାଧାନାଥ ପ୍ରଭୃତିଙ୍କ ସହିତ ସ୍କଟ୍, ବାଇରନ, ଟେନିସନ ପ୍ରଭୃତିଙ୍କୁ ପ୍ରାଣପ୍ରୀତି ପୁଷ୍ପାଞ୍ଜଳି ଅର୍ପଣ କରେ ।

[ଅଜୟ ଚନ୍ଦ୍ର ଦାସ, ଶ୍ୱେତଦୀପ ବୀଣାର ଭୂମିକା]

**ଏଥିରେ ଶେଷ ବାକ୍ୟଟି ଛାଡ଼ିଦେଲେ ବାକିଗୁଡ଼ିକ ଓଡ଼ିଆ ରୀତିର କର୍ମବାଚ୍ୟ ।** ଆଧୁନିକ ପ୍ରତ୍ୟେକ ଭାଷାରେ ବ୍ୟାକରଣର ପାଞ୍ଚଟି ବିଭାଗ ସର୍ବବାଦୀ-ସମ୍ମତ । ସେଗୁଡ଼ିକ ହେଲା ବର୍ଣ୍ଣପ୍ରକରଣ, ଶବ୍ଦ ଓ ପଦ ପ୍ରକରଣ, ପଦବିନ୍ୟାସ, ବାକ୍ୟବିନ୍ୟାସ ଓ ଛନ୍ଦ ପ୍ରକରଣ, ଏଥିଭିତରୁ ବର୍ଣ୍ଣପ୍ରକରଣ ଏଠାରେ ଆଲୋଚ୍ୟ ନୁହେଁ ଓ ଛନ୍ଦ ପ୍ରକରଣ ସହିତ ବି ଓଡ଼ିଆ ଗଦ୍ୟର ସମ୍ପର୍କ ନାହିଁ ହୁଏତ ଶୈଳୀରେ ଓ ବାକ୍ୟବିନ୍ୟାସ ପଦ୍ଧତିରେ ଗଦ୍ୟର ସାବଲୀଳତା ପାଇଁ ଛନ୍ଦର ଶ୍ରୁତି ଗଦ୍ୟଲେଖକ ପାଇଁ ଅପରିହାର୍ଯ୍ୟ । ଓଡ଼ିଆ ଭାଷାରେ ଶବ୍ଦ ଓ ପଦର ରଚନ ଗତି ଓ ପ୍ରକୃତି, ପଦବିନ୍ୟାସ, ବାକ୍ୟ ବିନ୍ୟାସର ଧାରା ଅନ୍ୟ ବହୁଭାଷା ସହିତ ମେଳ ଖାଏ କିନ୍ତୁ ବହୁତ ଭାଷା ସହିତ ଅମେଳ ମଧ୍ୟ ଖାଏ । ଏହି ମେଳ ଓ ଅମେଳର ଫରକ ବୁଝିବା ଓ ବ୍ୟବହାରରେ ତାହାର ସୌଷ୍ଠବ ରକ୍ଷା କରିବା ହିଁ ଲେଖକଙ୍କର କର୍ତ୍ତବ୍ୟ ହେବା ଉଚିତ ।

———

# ଶବ୍ଦ ସଂପଦ

ଗତ ପ୍ରାୟ ଏକଶତ ବର୍ଷ ଭିତରେ ଓଡ଼ିଆ ଭାଷା ଭିତରେ ନାନାବିଧ ପ୍ରଭାବ ପଡ଼ିଛି । ଏଥିର ପ୍ରଥମଟି ହେଲା ଅର୍ଥନୀତି ଓ ରାଜନୀତି । ଅନ୍ୟ ଭାବରେ କହିଲେ ଓଡ଼ିଶା ଭିତରେ ପ୍ରାଚୀନ ସାମନ୍ତବାଦୀ ଗଣ୍ଡି ଓ ଏହାର ସୀମିତତା କିଛି ପରିମାଣରେ ଭୁଙ୍ଗି ଯାଇଛି । ଓଡ଼ିଶା ପ୍ରଦେଶ ଗଠିତ ହେବାପରେ ୧୯୩୬ ମସିହାଠାରୁ ସମ୍ବଲପୁର, ଗଞ୍ଜାମ, କୋରାପୁଟର ପ୍ରଚଳିତ ଶବ୍ଦ ଓ ପ୍ରକାଶଭଙ୍ଗୀ, ଆଦାନ ପ୍ରଦାନ ରାଜନୈତିକ ଏକତା ଓ ସହାବସ୍ଥାନ ଫଳରେ ଓଡ଼ିଆ ଭାଷା ଭିତରେ ସମ୍ମାନର ସ୍ଥାନ ଅଧିକାର କରିନେଇଛି ।

ଦ୍ୱିତୀୟ ହେଲା ଇଂରାଜ ରାଜଭାଷାର ପ୍ରଭାବ । ଏ ପ୍ରଭାବ ସାମାନ୍ୟ ନଥିଲା; ଏବେ ମଧ୍ୟ ନୁହେଁ । ଏକେତ ଇଂରାଜ ଓଡ଼ିଆ ଭାଷା ଅପେକ୍ଷା ଏକ ଉନ୍ନତ ସାମାଜିକ ସ୍ତରର ଭାଷା ଥିଲା । ଅର୍ଥାତ୍ ୧୮୦୩ ବେଳେ ଇଂରେଜମାନେ ଓଡ଼ିଶା ଅଧିକାର କଲାବେଳକୁ ଇଂରାଜି ଭାଷାରେ ଇଉରୋପର ଶିଳ୍ପବିପ୍ଳବ ଓ ରେନାସାନ୍‌ସ ବା ସଂସ୍କୃତିର ଅଭ୍ୟୁତ୍‌ଥାନର ଜୁଆର ମାଡ଼ି ଆସିଲାଣି । ତେଣୁ ଇଂରାଜରାଜ ଓଡ଼ିଶାରେ ପ୍ରତିଷ୍ଠା ଲାଭ କରୁ ବା ନକରୁ ଇଂରାଜ ଅବଶ୍ୟ ଓଡ଼ିଆ ଭାଷାକୁ ପ୍ରଭାବିତ କରିଥାଆନ୍ତା । ଯେପରି ଫାର୍ସି ଓ ପର୍ତ୍ତୁଗୀଜ ଭାଷାର କେତୋଟି ଶବ୍ଦ ହୋଇ ସମୟରେ ଓଡ଼ିଆରେ ପ୍ରଚଳନ ହୋଇ ଓଡ଼ିଆ କୃତ ହୋଇ ମିଶି ଯାଇଛନ୍ତି ସେପରି ହୁଏତ ଇଂରାଜ ବି ହୋଇଥାଆନ୍ତା । କିନ୍ତୁ ଇଂରାଜର ଦୋହରି ପ୍ରଭାବ ଓଡ଼ିଆ ଭାଷା ଉପରେ ପଡ଼ିଲା । ଏକ ରାଜଭାଷା ତେଣୁ ତାହାହେଲା ସମ୍ଭ୍ରାନ୍ତ ଦୁଇ ଏକ ଉଚ୍ଚତର ଅର୍ଥନୈତିକ ଓ ସାମାଜିକ ସଂସ୍ଥାର ଭାଷା ତେଣୁ ତାହା ହେଲା ନୂତନ ବିଜ୍ଞାନ ଓ କଳାକୌଶଳତାର ବାହକ ।

ତୃତୀୟ ହେଲା ଓଡ଼ିଶାର ପଡ଼ୋଶୀ ଭାଷାମାନଙ୍କର ପ୍ରଭାବ । ଏହି ପ୍ରଭାବ ଆଲୋଚନା କଲାବେଳେ ବଂଗଳା ଓ ହିନ୍ଦି ଭାଷାର କଥା

ତତ୍‌ସମ ସଂସ୍କୃତ ଶବ୍ଦ ତ ଓଡ଼ିଆ ଭାଷାକୁ ଆମଦାନୀ ହୋଇଛି । ସେ ଶବ୍ଦ ତ ଓଡ଼ିଆର, ବା ବଙ୍ଗଳାର ବା ହିନ୍ଦି ବା ଅସମିୟାଙ୍କର ମୌରସୀ ନୁହେଁ । ତେବେ ସେଗୁଡ଼ିକର ଆହରଣ ଓ ନିର୍ବାଚନରେ କେତେକ ଓଡ଼ିଆ ବିଶେଷତ୍ୱ ଦେଖିବାକୁ ମିଳେ । ଏପଟେ ତେଲୁଗୁ ଭାଷାର ପ୍ରଭାବ ଶବ୍ଦ କ୍ଷେତ୍ରରେ ଓଡ଼ିଆ ଉପରେ ବେଶି ପଡ଼ିନାହିଁ । ପଡ଼ିଛି ଉଚ୍ଚାରଣ ଓ ବାକ୍ୟବିନ୍ୟାସ ଶୈଳୀ ଉପରେ ଲିଙ୍ଗ ଓ ବଚନ ଉପରେ । ଏଗୁଡ଼ିକର ଆଲୋଚନା ଶବ୍ଦ ସଂପଦ କ୍ଷେତ୍ରରେ ନୁହେଁ । ତଥାପି ତେଲୁଗୁ ଭାଷାରେ ସଂସ୍କୃତର ବହୁ ଶବ୍ଦ ପ୍ରବେଶ କରିଛି । କିନ୍ତୁ ସେହି ଶବ୍ଦ ଗୁଡ଼ିକ ଯେଉଁ ଅର୍ଥରେ ତେଲୁଗୁ ଗଦ୍ୟରେ ଚଳିଛି, ଓଡ଼ିଆ ଗଦ୍ୟରେ ଠିକ୍ ସେହି ଶବ୍ଦଗୁଡ଼ିକ ସେହି ଅର୍ଥରେ ଚଳୁଛି ବୋଲି କହିବା ଠିକ୍ ହେବ ନାହିଁ ।

କେବଳ ଓଡ଼ିଆ ଭାଷା ଉପରେ ନୁହେଁ, ପୃଥିବୀର ପ୍ରତ୍ୟେକ ଭାଷା ଉପରେ ଅନ୍ୟ ଭାଷାରେ ପ୍ରଭାବ ପଡ଼େ । ଏହା ବିଶେଷତଃ ସେତିକିବେଳେ ବେଶୀ ପଡ଼େ ଯେତେବେଳେ ସେହି ଭାଷାରେ ଆଗରୁ ପ୍ରଚଳିତ ଓ ସେହି ଭାଷାଦ୍ୱାରା ଆଗରୁ ଚିହ୍ନିତ ଭାବଧାରା ଅନ୍ୟ ଭାଷାରେ ପ୍ରବେଶ କରେ । ଭାବର ବାହନ ଭାଷା । ତେଣୁ ସେହି ଭାବଗୁଡ଼ିକ ଯେଉଁ ଭାଷାର ବାହନରେ ପ୍ରଥମେ ଆସିଥାଆନ୍ତି ସେମାନେ ବାହନରୁ ଓହ୍ଲାଇ ଅନ୍ୟ ଭାଷାର ବାହନ ଧଇଲାବେଳେ ବି ପୁରୁଣାର ବେଶଭୂଷା ଓ ଭଙ୍ଗୀରୁ ବହୁତ କିଛି ରଖି ନେଇ ଥାଆନ୍ତି । ଏହାର ଏକ ଶ୍ରେଷ୍ଠ ଉଦାହରଣ ଇଂରାଜୀ ଭାଷା ।

## ଇଂରାଜି—ଏକ ଅଦ୍ଭୁତ ଭାଷା

ଇଂରାଜି ପୃଥିବୀରେ ସର୍ବବୃହତ୍ ଭାଷା । ଏହାର ଅର୍ଥ ପୃଥିବୀର ବହୁ ଭୂମିଖଣ୍ଡ ଏହି ଭାଷାକୁ ଆପଣାର କରି ନେଇଛନ୍ତି । ତେବେ ବି ଅନେକ ଖୋଦ ଇଂରାଜି ଭାଷାର ପଣ୍ଡିତମାନେ ପ୍ରଶ୍ନ କରନ୍ତି ଯଦି ଇଂରାଜି ଭାଷା ଆହୁରି ସରଳ, ଆହୁରି ବିଜ୍ଞାନସିଦ୍ଧ, ଓ ପଦ୍ଧତି ଦୋରସ୍ତ ହୋଇଥାଆନ୍ତା ତେବେ କ'ଣ ଏହାର ପ୍ରସାର ଆହୁରି ବଢ଼ି ନଥାନ୍ତା ? ଏହାର ଉତ୍ତର ହେଉଛି, ନୁହେଁ । ଇଂରାଜି ଭାଷାର, ପଣ୍ଡିତ ନୀଳକଣ୍ଠଙ୍କ କହିଲା ପରି, କୌଣସି ମା ବାପ ନାହିଁ । ଏକ କାଳରେ ବିଲାତ 'ରାଜା ବା ରାଣୀଙ୍କ ଇଂରାଜି'ର ସନ୍ଧୁଠାରୁ ଟେକସାର ବୋଲି ନାମଡାକ

ଥିଲା । ତାହା ବି ଏବେ ନାହିଁ । ଏବେ ବି ଯେଉଁ ଇଂରାଜୀ ହଟାଇବା ବା ଇଂରାଜୀ ରଖିବା ପାଇଁ ଭାରତରେ ହୁମୁଳ ବାଡ଼ଆବାଡ଼ି ଲାଗିଛି ତାହା କେଉଁ ଇଂରାଜୀ କିଏ ଜାଣେ ? ସେ ଇଂରାଜୀ କି 'ସୁନୀଳ ସାଗରେ ରାଜେ ଶ୍ୱେତଦ୍ୱୀପ, ଅନେକସ୍ଥ ଜଗତେ ନାମ ବ୍ରିଟାନିୟା'ର ଭାଷା ? ନୁହେଁ ତ !

ମୋଟ କଥା ଇଂରାଜୀ ଭାଷାକୁ ଏକ ଭାଷା ବୋଲି ନ କହି ଏକ ଭାଷାର ସମଷ୍ଟି ବୋଲି କହିବା ବୋଧହୁଏ ଠିକ୍ ହେବ । କାରଣ ଇଂରାଜୀ ଭାଷା ଯେତେବେଳେ ଯେଉଁଠାରୁ ପାଇଛି ସେତେବେଳେ ଆପଣା ଗର୍ଭରେ ବିଭିନ୍ନ ଶବ୍ଦ ଭରିଛି । ୧୧୫୦ ରୁ ୧୨୫୦ ଯାଏ ଏକଶହ ବର୍ଷବେଳେ ବିଲାତରେ ନର୍ମାନ୍ ଫ୍ରେଞ୍ଚ ଭାଷାର ମଧ୍ୟାହ୍ନ କାଳଠାରୁ ଆଜଯାଏ ଇଂରାଜୀ ଭାଷା ଜଳ, ସ୍ଥଳ, ଆକାଶ ଯେଉଁଠାରୁ ଯାହା ବିଦ୍ୟା, ବିଭବ, ଭାବ ପାଇଛି ସବୁକୁ ଆପଣାର କରିଛି । ବିଜେତାମାନଙ୍କର ଭାଷାର ପ୍ରଭାବରେ ପଡ଼ିଲେ ଯାହା ହୁଏ—ଯାହା ଓଡ଼ିଆ କ୍ଷେତ୍ରରେ ହୋଇଥିଲା ଇଂରାଜୀ ଆକ୍ରମଣର ପ୍ରଥମ ଯୁଗରେ— ନରମ୍ୟାନ୍ ଆକ୍ରମଣର ପ୍ରଥମ ଯୁଗରେ ତାହା ବି ଇଂରାଜୀ ଭାଷାରେ ଘଟିଥିଲା । ସେତେବେଳେ ବିଲାତରେ ସେବର ଇଂରାଜର ବିଶିଷ୍ଟତା ଲୋପ ପାଇବାକୁ ବସିଥିଲା । "କଥାଭାଷାରେ ବି ପରିବର୍ତ୍ତନ ଦେଖା-ଯାଇଥିଲା । ଫରାସୀ ଲେଖକମାନେ ଏତେ ପ୍ରଭାବଶାଳୀ ଥିଲେ ଯେ ଲାଟିନ ଲିପିର ବି ପ୍ରଚଳନ ହୋଇ ଯାଇଥିଲା ।" [ଭାଷାର ବାଡ଼ [ ଦି ଲାଙ୍ଗୁଏଜ୍ ବାର ] ଡକ୍ଟର ଗ୍ରୋଭ ପୃଃ ୧୪]

"ତେବେ ଲୋକମୁଖରେ ଭାଷା ବଞ୍ଚି ରହିଲା, ମରିଗଲା ନାହିଁ । ଚପିଗଲା । ଏହି ଭାଷାର ସାହିତ୍ୟିକମାନେ ଭୁଇଁତଳେ ଫଲ୍‌ଗୁ ଭଳି ବହିବାରେ ଲାଗିଲେ । ଦ୍ୱାଦଶ ଶତାବ୍ଦୀ ଯାଏ ଏହି ଭାଷାର ସାହିତ୍ୟକୁ ଲେଖି ରଖିବାକୁ କେହି ଗୋଟାଏ ବଡ଼ କଥା ବୋଲି ମଣିଲେ ନାହିଁ । ତେବେ କି ଏ ମଥାରୁ ସେ ମଥାକୁ ଏ ତୁଣ୍ଡରୁ ସେ ତୁଣ୍ଡକୁ ହୋଇ ଏକ ଚଳମାନ ସ୍ରୋତ ଭାବରେ ଏହି ସାହିତ୍ୟ ବଞ୍ଚି ରହିଲା । ମନେରଖିବାର କଥା ଏହି ଯେ ସେତେବେଳେ ସ୍ଥାନୀୟ ଭାଷା ଥିଲା ପରାଧୀନ ଲୋକର ଭାଷା ।" [ସେହି ବହି]

**ଆହରଣ ପର୍ବ—**

ସେତେବେଳେ ବିଲାତର ଆଇନ ଅଦାଲତରେ ଫରାସି ଭାଷାର ଏକାଧିପତ୍ୟ । ଏ କଥା ଜଣାଶୁଣା ଯେ, ବର୍ତ୍ତମାନର ଇଂରାଜ ଆଇନ ସେ କାଳର ରୋମାନ୍ ଆଇନ ନିକଟରେ ବହୁ ଭାବରେ ଋଣୀ । ୧୨୭୫ ପର୍ଯ୍ୟନ୍ତ ସବୁତକ ଆଇନ କାନୁନ ଆଉ ଅନୁଶାସନ ଲାଟିନ ଭାଷାରେ ରଚିତ ହୋଇଥିଲା । ଆଇନ ସଂବନ୍ଧୀୟ ଧାରଣା ଓ ତତ୍‌ବିଷୟକ ପାରିଭାଷିକ ଶବ୍ଦ ଇଂରାଜରେ ନଥିଲା । ଏଣେ ପ୍ରାୟ ତିନିଶହ ବର୍ଷ କାଳ ଫରାସୀ ଭାଷା ତ ଥିଲା ଆଇନର ଭାଷା । ତେଣୁ ଯେତେବେଳେ ୧୩୬୨ ରେ ଇଂରାଜ ଭାଷାକୁ ଆଇନ ଅଦାଲତରେ ପ୍ରଚଳନ କରିବାକୁ ଆଇନ ପାସ୍ ହେଲା ସେତେବେଳକୁ ଇଂରାଜ ଭିତରେ ବହୁ ଫରାସୀ ଓ ଲାଟିନ—[ରୋମାନ୍] ଶବ୍ଦ ପଶିଗଲାଣି । କେତେକାଳ ଉଭୟ ଭାଷା ଚାଲୁ ରହିଲା । ଇଂରାଜରେ ମକଦ୍ଦମା ପେସ୍ କରିବା ବା ଇଂରାଜରେ ବାଦନା କରିବା ବାଧ୍ୟତା ହୋଇଥିଲା । କିନ୍ତୁ ଫରାସୀ ଭାଷାରେ କୋର୍ଟ କଚେରୀ କାମ ଚଳିବାରେ ବାରଣ ନଥିଲା । ତେଣୁ କେବଳ ପ୍ରୟୋଜନ ଦୃଷ୍ଟିରୁ ଇଙ୍ଗ-ଫରାସୀ ଅଦାଲତି ଭାଷା କାଏମ ହୋଇ ରହିଥିଲା । ଆଉ ଯେହେତୁ କୋର୍ଟକଚେରୀ ସହିତ ସାଧାରଣ ଲୋକଙ୍କର ସଂପର୍କ ଘନିଷ୍ଠ ସେହି ହେତୁରୁ କେତେକ ମୌଳିକ ଫରାସୀ ଅଦାଲତି ଶବ୍ଦ ଇଂଲଣ୍ଡର ସାଧାରଣ ନାଗରିକ ଭାଷାରେ ମିଶିଗଲା । ଏହି ସୂତ୍ରରେ ଜଷ୍ଟିସ୍, ଜଜ୍, ଜୁରି, କୋର୍ଟ, ସମନସ୍, ଫିସ୍, ଏକ୍ୟୁଜଡ୍, ପେନାଲ୍‌ଟି, କ୍ଲାଇମ୍ ଇତ୍ୟାଦି ଅନେକ ଫରାସୀ ଭାଷାର ଅଦାଲତି ଶବ୍ଦ ଇଂରାଜରେ ସ୍ଥାନ ମାଡ଼ି ବସି ଯାଇଛନ୍ତି । ଏହି ଶବ୍ଦଗୁଡ଼ିକ ଯେ ଭାରତୀୟ ଭାଷା ଭିତରେ ମଧ୍ୟ ପ୍ରବେଶ କରି ଗଲେଣି ଓ ଉଚ୍ଚାରଣ ବଦଳାଇ ବା ଟିଂଗ୍ରୁ ଟିଂଗ୍ରୁ ହୋଇ ଏଥିରେ ଖାପ ଖାଇ ଏକାକାର ହେବାକୁ ବସିଲେଣି ଏଥିରେ କି ସନ୍ଦେହ ଅଛି ?

ସେଦିନ ଇଂରାଜ ଭାଷା ଯେଉଁଭଳି ଫରାସୀ ଅଦାଲତି ଶବ୍ଦଗୁଡ଼ିକୁ ଆପଣାର ଗର୍ଭ ଭିତରେ ସ୍ଥାନ ଦେଇଥିଲା, ସେଉଁଭଳି ଇଂରାଜ ଭାଷା ସେହି ଦିନଠାରୁ କରି ଚାଲିଛି । ଫରାସୀ ଅଦାଲତି ଶବ୍ଦ ଇଂରାଜ ଭାଷାରେ ପ୍ରବେଶ କଲାବେଳେ ବୋଧହୁଏ ଇଂରାଜର ଗୁଡ଼ା ନଥିଲା । କିନ୍ତୁ ପରବର୍ତ୍ତୀ କାଳରେ ଭେଷଜ, ଶଲ୍ୟଚିକିତ୍ସା, ଦର୍ଶନ, ଅର୍ଥନୀତି, ମନସ୍ତତ୍ତ୍ୱ, ପ୍ରାଣୀବିଜ୍ଞାନ ଇତ୍ୟାଦି ଯେତେ ବିଦ୍ୟାର ଭାବ ଇଂରାଜି ଭାଷାରେ

ପଶିଛି ସେସବୁ ଭାବ ସହିତ ହଜାର ହଜାର ଶବ୍ଦ ଇଂରାଜ ଭାଷା ଭିତରେ ପ୍ରବେଶ କରି ଯାଇଛି ।

ଶଲ୍ୟଶାସ୍ତ୍ର ବିଦ୍ୟା ଓ ଭେଷଜ ବିଜ୍ଞାନର ଯାବତୀୟ ଶବ୍ଦ ଇଂରାଜ ଭାଷା ଲାଟିନରୁ ନେଇ ଆସିଛି । ଅପ୍‌ଟିକ୍ (ଚକ୍ଷୁ ସମ୍ପର୍କୀୟ) ଅପଥାଲମଲୋଜି, ଗାଇନୀକଲୋଜି, ପେଡିଆଟ୍ରିକସ୍, ଅରଥୋପେଡ଼ି ଇତ୍ୟାଦି ହଜାର ହଜାର ଶବ୍ଦ ] ।

ସାଧାରଣତଃ ଇଂରାଜମାନଙ୍କୁ ଖୁବ୍ ପରମ୍ପରାପ୍ରିୟ ଓ ରକ୍ଷଣଶୀଳ ବୋଲି କୁହାଯାଇଥାଏ । ଇଂରାଜରେ ଯାହା ପୁରୁଣା, ତାହା ସମ୍ଭ୍ରାନ୍ତ । ତେଣୁ କେଉଁ ପୁରୁଣା ଯୁଗର ଯାଦୁଘର ସଂଖାଳି ହେବାର ଯୋଗ୍ୟ ରାଜତନ୍ତ୍ରକୁ ଇଂରାଜ ପୁରାଣ ମହିମାରେ ଗାଦିନସୀନ କରି ରଖିଛନ୍ତି । କିନ୍ତୁ ଭାଷା ରାଜ୍ୟରେ ଇଂରାଜ ଆଦୌ ରକ୍ଷଣଶୀଳ ହୋଇ ପାରିନାହିଁ । ତା'ର କାରଣ ବୋଧହୁଏ ଶିଳ୍ପବିକାଶ ଯୁଗରେ ଇଂରାଜର ବିଶ୍ୱବିହାରରେ ପ୍ରବେଶ । ତେଣୁ ଅନ୍ୟ ଭାଷାମାନଙ୍କ ଭଳି ଏପରିକି ଜର୍ମାନ୍ ବା ଫ୍ରେଞ୍ଚ ଭାଷାଭଳି ଇଂରାଜ 'ମହାଦେଶୀୟ ଭାଷା'ବା ଅଧିକ ବଡ଼ ହେଲେ ଭୂମଧ୍ୟ ସାଗରୀୟ ବା ବଲଟିକ ସାଗରୀୟ ଭାଷା ହୋଇ ରହିଲା ନାହିଁ ଏହା ବିଶ୍ୱଭାଷାରେ ପରିଣତ ହୋଇଗଲା ।

ଗୋଟିଏ ନମୁନା ଦେଲେ ଯଥେଷ୍ଟ ହେବ । ଆଫ୍ରିକା ମହାଦେଶର ଅଭ୍ୟନ୍ତରରେ ଯେତେବେଳେ ୟୁରୋପୀୟ ଆବିଷ୍କାରକମାନେ ପଶିଲେ ସେମାନେ କଙ୍ଗୋ, ଜାମ୍ବେଜୀ, ନାଇଜର ଇତ୍ୟାଦି ଆଫ୍ରିକୀୟ ନଦୀମାନଙ୍କରେ ଏକ ଧରଣର ଜନ୍ତୁ ଦେଖିବାକୁ ପାଇଲେ । ସେ ଜନ୍ତୁ ୟୁରୋପୀୟ ନଦୀମାନଙ୍କରେ ଦେଖିବାକୁ ମିଳେ ନାହିଁ । ଜନ୍ତୁଟି ବିଶାଳକାୟ, ହାତୀ ପରି କିନ୍ତୁ ତାହାର ଶୁଣ୍ଢ ନାହିଁ । ପାଣି ଓ ପଙ୍କ କାଦୁଅ ତାହାର ଘର ତାହା ନିରନ୍ତର ପାଣିରେ ବୁଡ଼େ । କିନ୍ତୁ ଅନ୍ୟ ବହୁ ଜଳଜନ୍ତୁ ପରି ପାଣି ଭିତରେ ବୁଡ଼ି ରହି ନିଶ୍ୱାସ ନେବାର ତାହାର ଶକ୍ତି ନଥାଏ । ତେଣୁ ଜନ୍ତୁଟି ବାରମ୍ବାର ନିଃଶ୍ୱାସ ନେବାକୁ ପାଣି ଉପରକୁ ମୁଣ୍ଡ ଟେକେ କାରଣ ମୁଣ୍ଡରେ ହିଁ ତାହାର ନାସିକା ଥାଏ । ଏଭଳି ଜନ୍ତୁର କଥା ଯେତେବେଳେ ଆମେ ଭାରତରେ ଶୁଣିଲୁଁ ସେତେବେଳେ ବିଭିନ୍ନ ଭାରତୀୟ ଭାଷାରେ ଏହି ଜନ୍ତୁର ନାମକରଣ ହେଲା । କେଉଁ ଭାଷାରେ କହିଲେ ଜଳହସ୍ତୀ ତ କେଉଁ ଭାଷାରେ ସିନ୍ଧୁଘୋଟକ । ଫରାସୀ ଓ ଜର୍ମାନ୍ ଇତ୍ୟାଦି ୟୁରୋପୀୟ ଭାଷା-ମାନଙ୍କରେ ମଧ୍ୟ ସେହି ସିନ୍ଧୁ-ଘୋଟକ ଅର୍ଥ ବୁଝାଉଥିବା ଶବ୍ଦମାନ

ଛିଆର ହୋଇ ଏହି ଜନ୍ତୁର ନାମକରଣ ହେଲା କିନ୍ତୁ ଇଂରାଜି ଭାଷାରେ ଭିତରେ ଗୋଠ । ଇଂରାଜିଭାଷା ଏହି ଜନ୍ତୁକୁ ସି ହର୍ସ (**Sea Horse**) ବା **Water Animal** ବୋଲି ନ କହି ସିଧାସଳଖ ଆପଣା ଭାଷା ଭିତରକୁ ଏକ ଗ୍ରିକ ସମାସଯୁକ୍ତ ଶବ୍ଦ ଆମଦାନୀ କଲା । ଶବ୍ଦଟିର ନାମ ହେଲା ହିପ୍‌ପୋ-ପଟେମସ୍ ଗ୍ରିକ୍ ଭାଷାରେ ହିପ୍‌ପୋର ଅର୍ଥ ହେଲା ଜଳ, ପଟେମସ୍‌ର ଅର୍ଥ ହେଲା 'ଜନ୍ତୁ' ।

## ଓଡ଼ିଆର ସେ ବ୍ୟାପ୍ତି ନାହିଁ—

ଇଂରାଜି ଭାଷା ପରି ଓଡ଼ିଆ ହୋଇ ପାରିବ ନାହିଁ ; କାରଣ ଓଡ଼ିଆ ଭାଷାର ସେ ବ୍ୟାପ୍ତି ଆସିନାହିଁ । ପ୍ରାୟ ଦୁଇ ହଜାର ବର୍ଷ କାଳ ଏଠାରେ ସାମନ୍ତବାଦୀ ଯୁଗର ବଦ୍ଧ ଜଳାଶୟ । ଏଥି ଭିତରେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବାହାର ସଂସାର ସଙ୍ଗେ ବୋଇତ ବ୍ୟବସାୟରେ ଯାହା ଟିକିଏ ସଂପର୍କ ଥିଲା ତାହା ବି କଟି ଯାଇଥିଲା । ବିଶେଷତଃ ପର୍ତ୍ତୁଗୀଜ, ଦିନାମାର, ଓଲନ୍ଦାଜ, ଫରାସୀ ଓ ଇଂରାଜ ଜଳଦସ୍ୟୁମାନଙ୍କର ଦାଉରେ ଓଡ଼ିଶାର ବନ୍ଦର ବାଣିଜ୍ୟ ଲୋପ ପାଇଗଲା, ୧୮ଶ ଶତାବ୍ଦିର ମୂଳ ବେଳକୁ ଯେଉଁ ସମୁଦ୍ର ଥିଲା ବୋଇତଆଳିର ମାଳସେତୁ ତାହା ହୋଇଗଲା କଳାପାଣି । ଏପରିକି ଦରିଆ ପାରି ହୋଇ ବିଦେଶକୁ ଗଲେ ଜାତିରେ ବାସନ୍ଦ କରାଗଲା । ତେଣୁ ଓଡ଼ିଶା ଭାଷା ଭିତରକୁ ନୂତନ କିଛି ଆସି ପାରିଲା ନାହିଁ ।

ଉତ୍ପାଦନ ପ୍ରଣାଳୀରେ ବି ପରିବର୍ତ୍ତନ ଆସିଲା ନାହିଁ । ସେ କାଳର, ଅରଟ ଗୀତ, ତନ୍ତୀର ତନ୍ତ କଣ୍ଡା, କମାରଶାଳ, ସେକାଳ ବଢ଼େଇ କାରିଗରର କୁଟୀରଶିଳ୍ପ ଓ ପଥୁରିଆ ସୁଆଁସିଆଙ୍କର ନହଣ କାମ—ଏହା ଯେମିତି ପୂର୍ବରୁ ଥିଲା ସେମିତି ରହିଲା । ଏଥିରେ କେବଳ ଥିଲା କୌଳିକତା—ନଥିଲା ନୂତନର ଉନ୍ମେଷ ; ତେଣୁ ନଥିଲା ମୌଳିକତା । ଓଡ଼ିଆ ଗଦ୍ୟକୁ ତା'ର ପ୍ରେମସୁଧାନିଧି କାଳର ସୁସୁପ୍ତି ଭିତରୁ ଉଠାଇବାକୁ ଚେଷ୍ଟା କରି ଫକୀରମୋହନ ଯେଉଁ ଚେଷ୍ଟା କଲେ, ତାହା ବି ମାଲମସଲା ଅଭାବରେ ବେଶି ଦିନ ଜାଗ୍ରତ ରଖି ପାରିଲା ନାହିଁ । ତେଣୁ ଓଡ଼ିଆ ଗଦ୍ୟ ପୁଣି ସୁସୁପ୍ତି ଭିତରେ ପଡ଼ିରହିଲା ।

"ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦିରେ ଇଂରାଜି ଭାଷାର ଲେଖକଙ୍କର ପାଠକ ସାଧାରଣଙ୍କ ସଂଖ୍ୟା ଅତି ସୀମିତ ଥିଲା । ଆଜିର

ତୁଳନାରେ ତ ଅତି କ୍ଷୁଦ୍ର ଥିଲା । କେବଳ ଏଇଥିପାଇଁ ନୁହେଁ ଯେ ସେତେବେଳେ ଲୋକସଂଖ୍ୟା ଅତି ଅଳ୍ପ ଥିଲା । ଅନ୍ୟ କଥା ହେଉଛି ପାଠକ ସଂଖ୍ୟା ଅତ୍ୟନ୍ତ ଊଣା ଥିଲା । ଅନ୍ୟ ପକ୍ଷରେ ଲାଟିନ ଭାଷାର ଲେଖକ ସାରା ପଶ୍ଚିମ ଦୁନିଆର ପାଠକ ପାଖରେ ପହଞ୍ଚ ପାଉଥିଲେ । ତେଣୁ ଜାତୀୟ ଭାଷାର ବ୍ୟବହାର ଥିଲା ଗୋଟିଏ ରକମର ସ୍ୱାର୍ଥତ୍ୟାଗ, ଯାହା ପ୍ରାୟ ଅଧଃପାତ ସଙ୍ଗେ ସମାନ । ଆଜି ଜଣେ ଆୟର୍ଲାଣ୍ଡର ଲୋକ ଇଂରାଜି ଭାଷାରେ ନ ଲେଖି ଗେଲିକ୍ ଭାଷାରେ ଲେଖିଲେ ତା'ର ଦେଶପ୍ରେମର ଉତ୍ସାହ ଯେଉଁ ଧରଣର ହୁଅନ୍ତା ସେତେବେଳର ଲେଖକ ଲାଟିନରେ ନ ଲେଖି 'ବଜାର'ର ଭାଷା [ଇଂରାଜି]ରେ ଲେଖିଲେ ତାହା ଠିକ୍ ସେହି ଧରଣର ହୋଇଥାଆନ୍ତା । ତେଣୁ ଇଂରାଜି ଭାଷାର ଲେଖକମାନେ ଯେ ବହୁ ସନ୍ତର୍ପିତ ହୋଇ ସାଧାରଣତଃ ଲେଖନୀ ଚଳାଉଥିଲେ ଏଥିରେ ବିସ୍ମିତ ହେବାର କିଛି ନାହିଁ ।"

[ଭାଷାର ବାଡ଼ [ଦି ଲଙ୍ଗୁଏଜ୍ ବାର]
ଭିକ୍ଟର ଗ୍ରୋଭ । କୋଡ଼ିଏ ପୃଷ୍ଠା]

ଓଡ଼ିଆ ଭାଷାର ବର୍ତ୍ତମାନ ଦଶା ଏହି ଦଶା ସଙ୍ଗେ ତୁଳନୀୟ । ସେଥିପାଇଁ ବହୁ ଓଡ଼ିଆ ଲେଖକ ଆକ୍ଷେପ କରି ଯୁକ୍ତି ବାଢ଼ିଥିଲେ "ଓଡ଼ିଆରେ ଲେଖିବ କାହିଁକି ?" ଏଥିପାଇଁ ସେମାନଙ୍କର ଯେଉଁ ଯୁକ୍ତି ଥିଲା ସେ ଯୁକ୍ତି ଏବେ ବି ବଳବତ୍ତର ରହିଛି । ଠିକ୍ ସେହିଭଳି ଯୁକ୍ତି ହେଉଛି ସେ କାଳର ଇଂରାଜି ଲେଖକମାନଙ୍କର ଯୁକ୍ତିର ପ୍ରତିଧ୍ୱନି ।

ଇଂରାଜି ଭାଷା ଇତିହାସରେ ଲେଖା ଅଛି, ବିଖ୍ୟାତ ଇଂରାଜି କବି ସ୍ପେନସର ସେତେବେଳେ ତାଙ୍କର ବିଖ୍ୟାତ 'ଫେଆରି କୁଇନ୍' ବା 'ପରୀରାଣି' କବିତା ଲେଖିଥିଲେ ସେତେବେଳେ ସେ ଇଂରାଜି କବିତା ସହିତ ଗୋଟିଏ ଫରାସୀ ଅନୁବାଦ ମଧ୍ୟ କରି ରଖିଥିଲେ । ତାଙ୍କବେଳେ ଇଂଲଣ୍ଡର ରାଣୀ ମହାଦେଈ ଇଂରାଜି ଭାଷା ଜାଣୁନଥିଲେ । ତେଣୁ କବି ସ୍ପେନସର ଯେତେବେଳେ ତାଙ୍କର କବିତା ବହିଟି ରାଣୀଙ୍କୁ ଭେଟି ଦେବାକୁ ନେଇ ଯାଇଥିଲେ ସେତେବେଳେ ଫରାସୀ ଅନୁବାଦଟି ହିଁ ରାଜସମ୍ବର୍ଦ୍ଧନା ରୂପେ ନେଇଥିଲେ । କିନ୍ତୁ ଜାତିପ୍ରେମ ବା ମାତୃଭାଷା ପ୍ରେମ ବଶରୁ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ତାଙ୍କ ପାଖରେ ଅସଲ ମୂଳ ଇଂରାଜି କବିତା ବି ଥିଲା । ରାଣୀଙ୍କୁ କବିତା

ବହିଟି ଭେଟି ଦେଲାବେଳେ ଜାଣତରେ ବା ଅଜାଣତରେ ଇଂରାଜ କବିତା ବହିଟି ବାହାର ପଡ଼ିଥିଲା । ସେଠୁଁ ରାଣୀ ତାଙ୍କୁ କହିବା ଆଜ୍ଞା ହେଲେ "କବିବର, ସେ ବହିଟି ପୁଣି କ'ଣ ?" କବି ସ୍ପେନସର ଅତ୍ୟନ୍ତ ସଙ୍କୋଚରେ ଉତ୍ତର ଦେଇଥିଲେ "ମହାରାଣୀ ସାହେବା, ଏଟା କିଛି ନୁହେଁ । ଆମର ଏଠାର ବଜାର ଲୋକଙ୍କ ପାଇଁ ଆମର ଏଠାଂ ଭାଷାରେ ଏହି ଫରାସୀ କବିତା ବହିଟି ଅନୁବାଦ କରି ଦେଇଛି ମାତ୍ର !"

ସ୍ପେନସରଙ୍କର ସମୟର ବହୁ ବର୍ଷପରେ ଇଂରାଜ କବି ଡ୍ରାଇଡ଼େନ୍ ତାଙ୍କର 'ଟ୍ରୟ୍ଲସ ଓ କ୍ରିସେଡ଼ା' ନାମକ ବହିର ମୁଖବନ୍ଧରେ ଲେଖିଥିଲେ "ଶ୍ରୀହଜୁର ଜାଣନ୍ତୁ, ଆମେ ଯେତେ ଅସଭ୍ୟ ଭାବରେ ଲେଖୁଁ ବା କହୁଁ ନା କାହିଁକି, ତଥାପି ମୁଁ ମୋର ଇଂରାଜ ବିଷୟରେ ବେଶ୍ ସଚେତନ ଅଛି ! ବେଳେବେଳେ ମୋର ସନ୍ଦେହ ହୁଏ ଯେ, ଖାଣ୍ଟି ଇଂରାଜର ଆବରଣ ତଳେ ଆମର ନଜର ଭୁଲ ପ୍ରୟୋଗରେ ଲେଖୁଛି ବୋଲି ମନମୋଟ କରି ମୁଁ ଭୁଲ ବ୍ୟାକରଣ ଆଉ ନିରର୍ଥକ କଥା ଲେଖୁନାହିଁ ତ ! ମୋର ଏହି ସନ୍ଦେହ ଦୂର କରିବା ପାଇଁ ମୁଁ ମୋର ଇଂରାଜ ଲେଖାଗୁଡ଼ିକୁ ସଦାବେଳେ ଲାଟିନରେ ଅନୁବାଦ କରି ପକାଇଥାଏ । ଏଭଳି ଭାବରେ ଇଂରାଜୀ ଶବ୍ଦଗୁଡ଼ିକର ଆହୁରି ସୁଦୃଢ଼ ଭାଷାରେ କି ଅର୍ଥ ହେଉଛି ତାହା ଦେଖିବାକୁ ଚେଷ୍ଟା କରେ ।"

## ବ୍ୟାକରଣ କ୍ଷେତ୍ରରେ—

ବ୍ୟାକରଣ କ୍ଷେତ୍ରରେ ଯେପରି ଓଡ଼ିଆ ଭାଷାରେ ସଂସ୍କୃତ ବ୍ୟାକରଣ ଥିଲା ଏକଛତ୍ରାଧିପତି ଠିକ୍ ସେହିପରି ଇଂରାଜୀ ଭାଷାରେ ଥିଲା ଲାଟିନ ବ୍ୟାକରଣ । ଅଷ୍ଟାଦଶ ଶତାବ୍ଦୀରେ ଜଣେ ଇଂରାଜ ବୈୟାକରଣିକ ଇଂରାଜ ବ୍ୟାକରଣରେ ଲାଟିନ ସଂଜ୍ଞା-ପ୍ରକରଣ ରଖିବା ପାଇଁ ଯୁକ୍ତି କରି କହିଥିଲେ "କେହି ଲୋକ କହି ପାରିବ ନାହିଁ ଭବିଷ୍ୟତରେ ତାକୁ ଆଉ କୌଣସି ଭାଷା ଶିକ୍ଷା କରିବାକୁ ପଡ଼ିନପାରେ ବୋଲି । ତେଣୁ ଉକ୍ତ ବ୍ୟକ୍ତିଙ୍କୁ ଇଂରାଜ ମୂଳକଥା ଏପରି ଭାବରେ ଶିକ୍ଷା କରିବା ପ୍ରୟୋଜନ ଯେପରିକି ଅନ୍ୟଭାଷା ଶିଖିବା ତାହା ପକ୍ଷରେ ସହଜ ହେବ । [ଇଂରାଜ ଭାଷାର ବ୍ୟାକରଣ—ଉଇଲିଅମ୍ ଓ୍ୱାର୍ଡ୍

୧୭୬୯] ଠିକ୍ ଏହିପରି ଲଣ୍ଡନରେ ମରେ ତାଙ୍କର ଇଂରାଜୀ ବ୍ୟାକରଣ [୧୭୯୫]ରେ ଲାଟିନ ବ୍ୟାକରଣକୁ ଅବିକଳ ଥୋଇ ଦେଇଥିଲେ । ଠିକ୍ ଯେପରି ସଂସ୍କୃତ ବ୍ୟାକରଣ ମାଧ୍ୟମରେ ସେ କାଳର ଅନ୍ୟାନ୍ୟ ଭାଷା ଶିକ୍ଷା କରିବା ସହଜ ହେଉଥିଲା ଠିକ୍ ସେପରି ମରେଙ୍କର ବହି ବି ବେଶ୍ ଉପଯୋଗୀ ହେଉଥିଲା । [ଓଡ଼ିଆରେ ମୃତ୍ୟୁଞ୍ଜୟ ରଥେ ବି ଏଭଳି ଅବିକଳ ସଂସ୍କୃତର ଅନୁସରଣରେ ଏକ ବ୍ୟାକରଣ ଲେଖିଥିଲେ] ତେବେ ବି ସେ କାଳରେ ଇଂରାଜୀ ଭାଷୀ ଲୋକେ ଏହି କୃତ୍ରିମ ପଦ୍ଧତି ପ୍ରତି ବୀତସ୍ପୃହ ଥିଲେ ଓ ଇଂରାଜୀ ଭାଷାର ରୀତି ଅନୁସାରେ ବ୍ୟାକରଣ ରଚନା ପାଇଁ ଜଗରି ଧରୁଥିଲେ ।

ପୃଥିବୀରେ ସବୁ ଭାଷାରେ ଏକ ଧାରଣା ବଳବତ୍ତର ଯେ ପ୍ରତ୍ୟେକ ଭାଷାର ଗୋଟିଏ ଖାଣ୍ଟି ବା 'ବ୍ୟାକରଣଶୁଦ୍ଧ' ଗଢ଼ଣ ଅଛି । ଏହି ଗଢ଼ଣଟି ସ୍ୱଭାବସିଦ୍ଧ । ଏହି ଗଢ଼ଣ ସହିତ ପ୍ରଚଳିତ ଧାରାର ବା ଚଳନ୍ତି ଭାଷାର କୌଣସି ସଂପର୍କ ନାହିଁ । ଯାହା ଥିଲା, ରହିଛି, ରହିବ । କାଳ ବା ଯୁଗ ପରିବର୍ତ୍ତନ ଏହା ଦେହରେ ଟିକିଏ ବି ମଳଧୂଳି ଲଗାଇ ଦେବ ନାହିଁ । ଏହା କେବଳ ଗୋଟିଏ ଧାରଣା ନୁହେଁ । ଏଭଳି ଗୋଟିଏ ତତ୍ତ୍ୱ ବି ରହିଛି । ଏହି ତତ୍ତ୍ୱବାଦୀମାନଙ୍କ ମତ ଯେ ସବୁ ଦେଶରେ ବା କାଳରେ ଭାଷାର ଶତ୍ରୁମାନେ ଭାଷାର ସଂହାର କରିବାରେ ଲାଗିଛନ୍ତି । ତେଣୁ ସେମାନଙ୍କର ଆଘାତ ଓ ଆକ୍ରମଣରୁ ଭାଷାକୁ ବଞ୍ଚାଇବାକୁ ହେବ । ଏହି ସଂହାରକମାନେ ହୁଏତ ବିକୃତମନା ନଚେତ୍ ଆଳସ୍ୟପରାୟଣ । ହୁଏତ ଏମାନେ ଯତ୍ନହୀନ କଦର୍ଯ୍ୟ ଲେଖକ, ଯେଉଁମାନଙ୍କର ବ୍ୟାକରଣ ପ୍ରତି ଖାତିର ନାହିଁ । ନୋହିଲେ ଏମାନେ ମୂର୍ଖ ଲୋକେ ଯେଉଁମାନଙ୍କର ଆପଣାର ଭାଷାର ବ୍ୟାକରଣ ପାଇଁ ନଜର ନାହିଁ ।

ଓଡ଼ିଆ ଭାଷା କଥା ଛାଡ଼ିଦେଲେ ବି ଯେଉଁ ଭାଷାମାନେ ଆଜି ଖୁବ୍ ବିଶ୍ୱବିଖ୍ୟାତ ପ୍ରତିଷ୍ଠିତ ଭାଷା ସେହି ଭାଷାର ପଣ୍ଡିତମାନେ ବି ଏଭଳି ତତ୍ତ୍ୱକୁ ଗ୍ରାହ୍ୟ କରନ୍ତି ନାହିଁ ।

"ଆଜି ପ୍ରକୃତ ପକ୍ଷରେ କୌଣସି ଲେଖକ କିଛି ଲେଖିଲା-ବେଳେ କୌଣସି ନା କୌଣସି ବ୍ୟକ୍ତିର ଧାରଣା ପ୍ରତି ଦ୍ରୋହାଚରଣ କରିବ ହିଁ କରିବ । ନ କରି ଉପାୟ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଶବ୍ଦ ଓ ରଚନା ବିଷୟରେ ଯେଉଁ ଧାରଣା ଅଛି ତାକୁ ଜଗି ରଖି ଲେଖି ବସିଲେ ଲେଖଣୀ ଚଳାଇବା ଅସମ୍ଭବ । କଥିତ ବା ଲିଖିତ ଭାଷାର

ଏହି ପ୍ରଦେଶମାନଙ୍କର ବିଭିନ୍ନ ଓ ପରସ୍ପର-ବିଚ୍ଛିନ୍ନ ନିର୍ଦ୍ଦେଶକୁ ମାନି ଚଳିବା ଲୋକ କାଳକ୍ରମେ ଦେଖିବ ଯେ କହିବାକୁ ବା ଲେଖିବାକୁ ତା'ର ଆଉ କୌଣସି ଭାଷା ନାହିଁ ।]

[ ଦି ଷ୍ଟାଣ୍ଡାର୍ଡ଼ ଫ୍ୟୁଚର—ଟି: ଆର: ଲାଉନ୍ସ ବରି]

## ଖାଣ୍ଟି ଓଡ଼ିଆ—

ତେବେ ବି ଲୋକେ କହିଥାଆନ୍ତି, "ଖୋରଧା, ବାଣପୁର ଓ ଘୁମୁସରର ଓଡ଼ିଆ ନିରୁତା ଖାଣ୍ଟି ଓଡ଼ିଆ ।" କିନ୍ତୁ ଏଭଳି ଧାରଣା ଭୁଲ । ଏହି ଧାରଣା ବିରୁଦ୍ଧରେ ଆମ ଆଗରେ ପାରଳାଖେମଣ୍ଡି, ତାଳଚେର, ଅନୁଗୋଳ, ମୟୂରଭଞ୍ଜ ବା ସମ୍ବଲପୁରର ଓଡ଼ିଆ ମଧ୍ୟ ଛିଡ଼ା ହେବ । "କେଉଁଠି ଉତ୍କୃଷ୍ଟ ଇଂରାଜୀ କହନ୍ତି ? ଫ୍ରାନ୍ସର କେଉଁ ଅଞ୍ଚଳରେ ସବୁଠୁଁ ଖାଣ୍ଟି ଫରାସି ଭାଷା ଶୁଣିବାକୁ ମିଳିବ ? କେଉଁଠି ବିଶୁଦ୍ଧତମ ଜର୍ମାନ ଭାଷାରେ ଲୋକେ କଥା କହନ୍ତି ? ଏହି ପ୍ରଶ୍ନାନ୍ତରେ 'ଉତ୍କୃଷ୍ଟ' ବା 'ଖାଣ୍ଟି' ଶବ୍ଦର ମାନେ ହେଲା ପ୍ରଶ୍ନକର୍ତ୍ତା ଲୋକର ମନରେ ଗୋଟେ ବଦ୍ଧମୂଳ ଧାରଣା ଅଛି ଯେ, କେଉଁଠି ହେଲେ ଗୋଟାଏ ଷ୍ଟାଣ୍ଡାର୍ଡ଼ ବା ସର୍ବୋତ୍କୃଷ୍ଟ ବୋଲି ଅଛି ଯାହାର ବଡ଼ତ୍ତ ବା ମହତ୍ତ୍ୱଗତ ବିଶୁଦ୍ଧତା ବିଷୟରେ ସନ୍ଦେହ ନାହିଁ । ଏଭଳି ପ୍ରଶ୍ନର ଏକମାତ୍ର ଉତ୍ତର ହେଉଛି 'ସବୁଠୁଁ ଭଲ ସ୍କଟ-ଇଂରାଜୀ ସ୍କଟଲେଣ୍ଡରେ ଲୋକେ କହନ୍ତି । ସବୁଠୁଁ ଭଲ ଆମେରିକାନ-ଇଂରାଜୀ ଯୁକ୍ତରାଷ୍ଟ୍ର ଆମେରିକାରେ ହିଁ କୁହାଯାଏ । ବିଶୁଦ୍ଧ ଲଣ୍ଡନ-ଇଂରାଜୀ ଲଣ୍ଡନ ସହରରେ ହିଁ ମିଳିବ । ସବୁଠୁଁ ନିର୍ଭୁଲ ପାରିସୀୟ ଫରାସୀ ଭାଷା ପ୍ୟାରିସ ସହରରେ ଚଳେ ଓ ଆଦର୍ଶ ଭିଏନୀୟ ଜର୍ମାନ ଅଷ୍ଟ୍ରିୟାର ଭିଏନା-ସହରବାସୀ ହିଁ କହନ୍ତି' ।"

[କଥିତ ଇଂରାଜୀର ବ୍ୟାକରଣ—ପାମର ଓ ବ୍ଲାଣ୍ଡଫୋର୍ଡ଼]

ଅନ୍ୟ କଥାରେ ଖାଣ୍ଟି ଇଂରାଜୀ ବା ଫରାସୀ ବା ଖାଣ୍ଟି ଓଡ଼ିଆ ବୋଲି କୌଣସି ଭାଷା କେଉଁଠି ଲେଖା ହୋଇନାହିଁ । ଭାଷାର କୌଣସି ଅଞ୍ଚଳ ବିଚାର ନାହିଁ । ଏଭଳି ଅଞ୍ଚଳ ବିଚାର କରିବା ବିଜ୍ଞାନର ଦ୍ରୋହାଚରଣ । ଭାଷା ହେଉଛି ଲୋକମୁଖର ବାହନ, ଲୋକାଶୟର ପ୍ରକାଶ । ତେଣୁ ଲୋକ ପ୍ରଚଳିତ ଜୀବନ୍ତ ଭାଷାକୁ ହିଁ ବ୍ୟାକରଣ ଅନୁସରଣ କରିଥାଏ । ଆଗେ ଆଗେ ଭାଷା, ପଛେ ପଛେ ବ୍ୟାକରଣ ।

ତେବେ ବ୍ୟାକରଣର ପ୍ରୟୋଜନ ? ଶୁଚିବାୟୁମାନଙ୍କର ନାକଟେକା ଓ ଭ୍ରୂକୁଟୀ ବ୍ୟାକରଣର ଉଦ୍ଦେଶ୍ୟ ନୁହେଁ । "ବ୍ୟାକରଣ

ପାଠରେ ପହିଲେ ଉଦ୍ଦେଶ୍ୟ ହେଲା ଭାଷା ବିଷୟକ ସତ୍ୟଗୁଡ଼ିକର ଅନୁସନ୍ଧାନ । ଯାହା ଅଛି ତାହାକୁ ବିଧିସିଦ୍ଧ କରିବା, ବିଧାନର ଗୁଣ୍ଡରେ ଥୋଇବା । ଯାହା ହେବା ଉଚିତ ତାହା ଥୋଇବା ନୁହେଁ । ଯାହା ହୋଇଛି ବା ହୋଇ ଯାଉଛି ତାହାର ସତ୍ୟକୁ ପ୍ରକାଶ କରିବା । ଭାଷାର ପ୍ରାଥମିକ ସ୍ତରରେ ଯାହା ଥିଲା ତାହାକୁ ମୂଳ କରି ରଚ୍ଚ ବାକ୍ୟ ସବୁକୁ କାଟଛାଣ୍ଟ କରିବା ନୁହେଁ ।"

[ସୁଇଟ—ନ୍ୟୁ ଇଙ୍ଗଲିସ ଗ୍ରାମାର (ନୂତନ ଇଂରାଜୀ ବ୍ୟାକରଣ)]

## ଓଡ଼ିଆ ଅଭିଧାନର ସୂତ୍ର—

ଓଡ଼ିଆ ଭାଷାର ଯେଉଁ କେତୋଟି ଅଭିଧାନ ଅଛି ସେ ସବୁରେ ଓ ସର୍ବୋପରି ଗୋପାଳଚନ୍ଦ୍ର ପ୍ରହରାଜଙ୍କର ଓଡ଼ିଆ ଭାଷାକୋଷରେ ଦେଶଜ, ସମ୍ବଲପୁରୀ, ଗଞ୍ଜାମ ଇତ୍ୟାଦି ବିଭିନ୍ନ ପ୍ରୟୋଗ ଚିହ୍ନଥିବା ଶବ୍ଦର ଅବତାରଣା କରାଯାଇଛି । ଏପରି ହେବା ଅଭିଧାନ ସୂତ୍ର ପାଇଁ ଠିକ୍ ହୋଇପାରେ କିନ୍ତୁ ଭାଷା ଦୃଷ୍ଟିରୁ ଠିକ୍ ନୁହେଁ । କାରଣ ଦିନୁ ଦିନ ଦେଖୁଁ ଦେଖୁଁ ଏହି ପ୍ରକାର ଦେଶଜ, ସମ୍ବଲପୁରୀ, ଗଞ୍ଜାମୀ ବା ଦକ୍ଷିଣୀ ଶବ୍ଦ ବିନ୍ୟାସର ଧାରା ବଦଳିବାରେ ଲାଗିଛି । ଭାଷାର ଏକମାତ୍ର ମାପକାଠି ହେଲା ତାହାର ସାର୍ବଜନୀନତା । ତେଣୁ ଯେଉଁ ଶବ୍ଦ ବା ପଦବିନ୍ୟାସ, ଯେତିକି ସାର୍ବଜନୀନ, ତାହା ସେତିକି ସାଧାରଣ ; ତେଣୁ ତା ଉପରେ ଦେଶଜ, ସମ୍ବଲପୁରୀ ବା ଗଞ୍ଜାମୀ ଇତ୍ୟାଦି ଗୋଷ୍ଠିଗତ ଅପବାଦ ଯୋଗାଏ ନାହିଁ । ବରଂ ଏଭଳି ଅପବାଦ କେବଳ ଭାଷାର ସଂକୀର୍ଣ୍ଣତା ପ୍ରକାଶ କରେ । ଓଡ଼ିଆ ଶବ୍ଦ ଓ ବିନ୍ୟାସ ଧାରାରେ ଫକୀରମୋହନଙ୍କ ପରେ ଯେଉଁମାନେ ଗଦ୍ୟ ଶୈଳୀରି ଏକ ପ୍ରାଣବନ୍ତ ଧାରା ଫିଟାଇଥିଲେ ସେମାନଙ୍କର ଲେଖାରୁ କିଛି ଦୃଷ୍ଟାନ୍ତ ଏଠାରେ ନିଆଯାଇପାରେ । ଏଥି ଭିତରୁ ବଡ଼ ହରଫ ଶବ୍ଦଗୁଡ଼ିକର ପ୍ରୟୋଗ କ୍ରମେ ଲୋପ ପାଇ ଯାଉଛି ।

୧ । "ଉତ୍କଳ ସାହିତ୍ୟ କ୍ଷେତ୍ରରେ ନାନାବିଧ ସାହିତ୍ୟ ବୃକ୍ଷ ବିଦ୍ୟମାନ । ତାହାର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଅଛି । **ତନ୍ମଧ୍ୟରୁ** ଅଧିକାଂଶ **ଅନାୟାସଜାତ** ଓ ବନ୍ୟ । ଯତ୍ନବର୍ଦ୍ଧିତ, **ସୁଗନ୍ଧାମୋଦ, ଅମୃତ ଫଳସ୍ରାବୀ** ବୃକ୍ଷ ବିରଳ କହିଲେ ଚଳେ ।"

(ବ୍ରଜସୁନ୍ଦର ଦାସ—ବିପିନବିହାରୀ ରାୟଙ୍କର ତର୍କ ବିଜ୍ଞାନର ଭୂମିକା)

୨ । "ତଥାପି ସେମାନେ କୋଣାର୍କକୁ ପୃଥିବୀର ଏକ ଶ୍ରେଷ୍ଠ ଦ୍ରଷ୍ଟବ୍ୟ ବୋଲି ସ୍ୱୀକାର କରି ଯାଉଛନ୍ତି ଏବଂ ଯେଉଁ କୋଣାର୍କ ପୃଥିବୀର ପ୍ରଦର୍ଶନୀରେ ଏତେ ଉଚ୍ଚ ସ୍ଥାନ ଲାଭ କରିଅଛି ତାହା ତତ୍କାଳୀନ ଉତ୍କଳୀୟମାନଙ୍କ ଦ୍ୱାରା ନିର୍ମିତ ବୋଲି ସ୍ୱୀକାର କରିବା ସେମାନଙ୍କ ପକ୍ଷରେ ସ୍ୱାଭାବିକ ନ ହେଲେ ସୁଦ୍ଧା କୋଣାର୍କର ଅବୟବରେ ସେମାନଙ୍କ ବଙ୍ଗୀୟ ଶିଳ୍ପୀର **କରକୌଶଳ** ବା ମୁସଲମାନ କାରିଗରର **ମସ୍ତିଷ୍କ-ବିଚକ୍ଷଣତା** ଦେଖିପାରି ନାହାନ୍ତି ।"

ଗୌରୀକୁମାର ମିଶ୍ର—କୋଣାର୍କ ଦର୍ଶନ (ଉତ୍କଳ ସାହିତ୍ୟ ୧୯୧୧)

୩ । "ମନୁଷ୍ୟ ଯେତେବେଳେ ଉନ୍ନତ ବୋଲି କୌଣସି ପରିବର୍ତ୍ତନ ସାଧନରେ ପ୍ରବୃତ୍ତ ହୁଏ ସେତେବେଳେ ତାହାର 'ହେବୁ' ଶକ୍ତି ଖୁବ୍ **ବଳବତୀ** ହୋଇ ଉଠେ ସେତେବେଳେ ନାନା **କୁଶଙ୍କା, କୁତର୍କ** ଆସି ଦ୍ୱାର ରୋଧ କରେ । × × × × × ସେତେବେଳେ ସମସ୍ତ ସମାଜର 'ଅଛୁ' ଶକ୍ତି ନିକଟରେ ସମାଜସ୍ଥ ଅଳ୍ପ ସଂଖ୍ୟକ ମନସ୍ୱିଙ୍କ 'ହେବୁ' ଶକ୍ତି କି ଅକିଞ୍ଚିତକର ! ତାହା ସହଜରେ ଅନୁମେୟ ।

[ନୀଳକଣ୍ଠ ଦାସ—'ଅଛୁଁ ଓ ହେବୁ' ଉତ୍କଳ ସାହିତ୍ୟ ୧୯୧୦]

୪ । ନିମ୍ନଶ୍ରେଣୀରୁ ଯେଉଁମାନେ ଭାଗ୍ୟକ୍ରମେ ଏ ଦିଗରକୁ ଉଠନ୍ତି ସେମାନେ **ମୁକ୍ତଶୀଳା ବା ବୈତରଣୀ ପାଣ୍ଡିଦାନ ଯୋଗନ୍ତା** କେବଳରୁ ଏ ଦୁର୍ଲ୍ଲଭ ପଦ ସ୍ପର୍ଶ କରିଥାଆନ୍ତି । ପ୍ରଥମ ଶ୍ରେଣୀ ତ ଦେବ-ଦୁର୍ଲ୍ଲଭ ପଦ, ସେଥିରେ କାହାରି କଥା କହିବାର ନାହିଁ । ବାଉଁଙ୍କ ଗଛରେ କୁରାଢ଼ି ଲଗାଇବାକୁ କ୍ଷମତା କାହାର ? ଏହିଠାରେ **ଯୋଗ୍ୟତା ଭାଡ଼**ରେ ଏମାନେ ଧକ୍କା ପାଆନ୍ତି ।

ଗୋପବନ୍ଧୁ ଦାସ—ସମାଜ ୫।୩।୨୭

୫ । ପାଣ୍ଡବଙ୍କର ଗୋଟିଏ ଭାର୍ଯ୍ୟା । ଏହା ଅନେକଙ୍କୁ ଆଚମ୍ବିତ ବୋଧ ହେବ କିନ୍ତୁ **ଆଚମ୍ବିତ** ଲାଗିବାର ଏଥିରେ କିଛି ନାହିଁ । ଦ୍ରୌପଦୀଙ୍କର ପାଞ୍ଚପତି କିପରି ହେଲେ । କହେଁ, ତେବେ ଶୁଣ । ତାଙ୍କର **କଥାଟିରେ** ତ ମହାଭାରତ ପରି ଏଡ଼େ ପୋଥି । × × × × × × × × ଗାନ୍ଧାରୀ ବଡ଼ ଧାର୍ମିକ, ମହାସତୀ ।

ସ୍ୱାମୀମାନଙ୍କର ବିଭବ ଦେଖି, ପ୍ରଶଂସା ଶୁଣି ଦ୍ରୌପଦୀଙ୍କ ଆନନ୍ଦ **ପେଟରେ** ଧରିଲ ନାହିଁ । ବାସୁଦେବ ମହାପାତ୍ର—ଦ୍ରୌପଦୀ

୬ । କପିଳେନ୍ଦ୍ର ଜଣେ ଦରିଦ୍ର ସୂର୍ଯ୍ୟବଂଶୀୟ କ୍ଷତ୍ରିୟ ସନ୍ତାନ ! ଉଦର ପୋଷଣର ଅନ୍ୟ ଉପାୟ ନ ଦେଖି **ଜନୈକ** ବ୍ରାହ୍ମଣ ଘରେ **ଗାଈରଖା** କାର୍ଯ୍ୟ କରୁଥିଲେ । ଗାଈ ଜଗିବା କାର୍ଯ୍ୟଟି ବଡ଼ ସହଜ ନୁହେଁ । ସଦାସର୍ବଦା ଗାଈବାଛୁରିଙ୍କଠାରେ ନଜର ଥିବ ନଚେତ୍ କାହା କିଆରିରେ **ଖିଆ** କଲେ ସେ ଆସି ମାରଧର କରିବ । ଏଣେ ମନଦେଇ ଗାଈମାନଙ୍କୁ ପେଟପୂରା କରି ଚରେଇବାକୁ ହେବ ନଚେତ୍ **ଖାଉନ୍ଦ** କହିବ, ମୋ ଗାଈ ଖାଇବା ବିନା **ହାଣିଗଲେ** ।

[ଜଗବଂଧୁ ସିଂହ—ପ୍ରାଚୀନ ଉତ୍କଳ]

୭ । **ପୁରୁଷକାର**ର ପଦପ୍ରାନ୍ତରେ ସିଦ୍ଧି ଲୁଣ୍ଠିତ । ଏବଂ ଏହି ସିଦ୍ଧି ଆକୃଷ୍ଟ ହୋଇ ସାଧନାର ଗଳାରେ ବରମାଳ୍ୟ ପିନ୍ଧାଇ ଦେବା ସ୍ୱାଭାବିକ ।

ଶଶିଭୂଷଣ ରାୟ—ଉତ୍କଳ ସାହିତ୍ୟ

୮ । **କାମୀ** ଲୋକଙ୍କୁ ନ ପଠାଇ ଅକାମୀ ଲୋକଙ୍କୁ ପଠାଇଲେ କ୍ଷତି ନାହିଁ । କେବଳ ଦେଖିବାକୁ ହେବ ଯେପରି କେହି **ଗଳାକଟା** ନ ଯାନ୍ତି ।

ରାମଶଙ୍କର ରାୟ ଦୀପିକା ୧୩।୫।୨୬

୯ । ସେମାନେ ନିଜେ **ଚୋଟିକଟା** ନ ହୋଇ ପାରନ୍ତି ମାତ୍ର ଅନ୍ୟ **ଚୋଟି** କାଟିବାକୁ ବସିଲାବେଳେ ତା'ର ଦୁରଭିସନ୍ଧି ବୁଝିବାର କ୍ଷମତା ତାଙ୍କର ତ ଥିବା ଉଚିତ ।

ଗୋପବଂଧୁ ଦାସ—ସମାଜ

**ନଈ କେ ବାଙ୍କ—**

ଶୁଣାଯାଏ, ସେ ବର୍ଷ କଟକରେ ଉତ୍କଳ ସମ୍ମିଳନୀର ଅଧିବେଶନ ବସିଥିଲା । ସେହି ସମ୍ମିଳନୀର ସଭାପତି ହୋଇଥିଲେ ଗୋପବନ୍ଧୁ ଦାସ । ଉକ୍ତ ସମ୍ମିଳନୀକୁ ରାଜନୈତିକ ଓ ପ୍ରାକୃତିକ ଓଡ଼ିଶାର ବିଭିନ୍ନ ଅଞ୍ଚଳ ପ୍ରତିନିଧିମାନେ ଆସିଥିଲେ । ସେତେବେଳେ ଗଞ୍ଜାମ ରାଜନୈତିକ ଓଡ଼ିଶା ଭିତରେ ସାମିଲ ହୋଇନଥାଏ । ଗଞ୍ଜାମରୁ ପ୍ରତିନିଧି ଭାବରେ ଆଉମାନଙ୍କ ସାଙ୍ଗରେ ଆସିଥାଆନ୍ତି ଶଶିଭୂଷଣ ରଥ । ସମ୍ମିଳନୀ ସରିଲା ପରେ ପ୍ରତିନିଧିମାନଙ୍କର ଫିବାର ପାଳି ଆସିଲା । ତେଣୁ ଶଶି ରଥେ, ଦାସେ ଆପଣେ [ଗୋପବନ୍ଧୁ]ଙ୍କ ଠାରୁ ବିଦା ହେବାକୁ ଆସିଲେ । ଗୋପବନ୍ଧୁ ଦାସ ସଙ୍କୋଚ। ସଙ୍କୋଚ ପରେ ପଚାରିଲେ "ଆପଣ କ'ଣ ଆଜି ଚାଲିଯିବେ ।" ଏକଥା ଶୁଣି ଶଶି ରଥେ ତ କାବା ! ମନେ ମନେ ଭାବିଲେ କଟକକୁ ଗଞ୍ଜାମ ତ ଖଣ୍ଡେ ଦୁର ବାଟ ନୁହେଁ । ଦେଢ଼ଶ ମାଇଲ କାନ୍ତର ବାଟ । ଏତେ ବାଟ ଚାଲିଯିବ ବୋଲି କପରି ଦାସେ

ଆପଣେ ଭାବୁଛନ୍ତି ? ସେ ପ୍ରକାଶ୍ୟରେ କହିଲେ, "କି ଅଶ୍ଳାଘ୍ୟ କଥା ! ଟିକଟ ବାନ୍ଧି ଗାଡ଼ିରେ ଯିବୁ । ଚାଲି କରି କେଉଁଠି ଯିବୁ ହେ !" ଏହି କଥା ସେତେବେଳେ ଏକ ହସବୃଷ୍ଟିର କାରଣ ହୋଇଥିଲା ଓ ଆଜିଯାଏ ବି କଥନୀ ହୋଇ ରହିଛି ।

ପୁଣି ଶୁଣାଯାଏ ହୀରାକୁଦ ବନ୍ଧ ଗଢ଼ା ହେଉଥିବାବେଳେ ସମ୍ବଲପୁର ବାସୀ ଆପଣା ଅଞ୍ଚଳର ହଜାର ହଜାର ଯାରସୋତ କ୍ଷେତବାଡ଼ି ଓ ଗାଁଗଣ୍ଡା ପାଣିରେ ବୁଡ଼ିଯିବାର ଆସନ୍ନ ଆଶଙ୍କାରେ ଖୁବ୍ ବ୍ୟସ୍ତ ହୋଇପଡ଼ିଥିଲେ । ସେତେବେଳେ ସେମାନଙ୍କର ଏହି ଆଶଙ୍କାରେ ଇନ୍ଧନ ଯୋଗାଇବାର ଉପାଦାନ ଥିଲା ସମ୍ବଲପୁରର ଲୋକଭାଷା । ମନେପଡ଼େ, ସେତେବେଳେ ଓଡ଼ିଶାର ସାବାଳକ ଲୋକଙ୍କୁ ଅକ୍ଷର ପରିଚୟ କରାଇବା ପାଇଁ ଲୋବାକ୍ ସାହେବଙ୍କ ପଦ୍ଧତିର ଗୋଟିଏ ଚାର୍ଟର ପ୍ରଚଳନ ଥିଲା । ସେହି ଚାର୍ଟରେ ପ୍ରଥମ ପାଠ ଥିଲା, "ଝିଲୁଆଟିଏ କଆବାଡ଼ ପଛଆଡ଼େ ଧାଇଁ ଧାଇଁ କରି ପଳେଇଲା ।" ଖାଣ୍ଟି ସମ୍ବଲପୁରୀ ଓଡ଼ିଶାରେ ଝିଲୁଆକୁ କହନ୍ତି କୁହ୍ଲିଆ; 'କଆବାଡ଼' କ'ଣ ସେମାନେ ଜାଣନ୍ତି ନାହିଁ । ସେଠାରେ ସ୍ତ୍ରୀଲୋକ କଆଫୁଲ ମୁଣ୍ଡରେ ଖୋସନ୍ତି । 'ଧାଇଁ ଧାଇଁ' କୁ ସେମାନେ କହନ୍ତି 'ନରଦ ନରଦ'; ପଳେଇଲାକୁ ସମ୍ବଲପୁରରେ କହନ୍ତି 'ଭାଗ୍ଲା' । ତେଣୁ ଓଡ଼ିଆ ଲିଖିତ ଭାଷା ସହିତ ସମ୍ବଲପୁରୀ କଥିତ ଭାଷାରେ ସମ୍ପର୍କ ଅତି କ୍ଷୀଣ ଏକଥା ପ୍ରମାଣ କରିବାର ଉଦ୍ୟମ ହୋଇଥିଲା । ଯାହା ଫଳରେ ସମ୍ବଲପୁରର ବିସ୍ତୃତ ଅଞ୍ଚଳକୁ ବୁଡ଼ାଇ ଓଡ଼ିଶାର ବନ୍ୟାହାନି ଲାଘବ କରିବାର ଯୋଜନାକୁ ସମ୍ବଲପୁର ବାସୀଏ ବିନା ଦ୍ୱିଧାରେ ବିରୋଧ କରିପାରିବେ ।

ଏବେ ଓଡ଼ିଆ ଭାଷାରେ ନିଶ୍ଚିତ ବାଙ୍କ ଓ ଦେଶଜ ଫାଙ୍କ ରହିଛି । କେଉଁ ଭାଷାରେ ବା ନାହିଁ ? କିନ୍ତୁ ଆଗେ ଯେପରି ପରସ୍ପରର ଭାଷା ଶୁଣିଲେ ବିଶେଷ ଚମକ ଲାଗୁଥିଲା, ଯେପରି ମନେ ହେଉଥିଲା ନୂଆ ନୂଆ, ଏବେ ତାହା ବହୁ ପରିମାଣରେ କଟିଛି । ଏବେ କଟକ, ପୁରୀ, ବାଲେଶ୍ୱରର ଲୋକେ ବି କହୁଛନ୍ତି । 'ମୁଁ ପଳଉଛି ।' ଅର୍ଥାତ୍ 'ମୁଁ ଯାଉଛି ।' 'ସହି, କି ବ୍ରତ କରି ବର ପାଇଲୁ । ସେହି କେଉଁ ଦେବତାଙ୍କୁ ମନାଇଲୁ ।' 'ବର ପାଇଲୁ' 'ପୁଅ ପାଇଲୁ', 'ସୁଖ ପାଇଲୁ' କିନ୍ତୁ 'ଶଠି ପାଇଲୁ ?' ନୁହେଁ 'ଶଠି ମିଳିଲା ?' ଥିଲା ଗଞ୍ଜାମର ରୂଢ଼ ପ୍ରୟୋଗ । ଏବେ ସବୁଠାରେ ଓଡ଼ିଆଏ

‘ଶଠି ପାଇଛି ।’ ଓ ‘ତୁମର ଶଠି ମିଳିଛି’ ଉଭୟକୁ ହିଁ ବହୁ ବ୍ୟବହାର କରୁଛନ୍ତି । ଏକଥା ବି ନିଃସନ୍ଦେହ ଭାବରେ ଧରି ନିଆଯାଇପାରେ ଯେ ବହୁ ସମ୍ବଲପୁରୀ, ଗଞ୍ଜାମୀ ଓ ବାଲେଶ୍ୱରୀ ଶବ୍ଦ ଓଡ଼ିଆ ଭାଷାର ସାର୍ବଜନୀନ ଶବ୍ଦରେ ପରିଣତ ହୋଇଯିବ ଓ ଆଜି ଯାହା ଆଞ୍ଚଳିକ ବା ଜିଲ୍ଲାଗତ ଶବ୍ଦ ମନେ ହେଉଛି ତାହା ଭାଷାର ଶବ୍ଦ ହେବ ।

ଏକ କାଳରେ ଯାହା କେବଳ ପୁରୀ, ଘୁମୁସର ଓ ଖୋର୍ଦ୍ଧାର ଲୋକଙ୍କର ରୂଢ଼ି ପ୍ରୟୋଗ ଥିଲା ତାହା ଏବେ ସାରା ଓଡ଼ିଆ ଭାଷାର ସମ୍ପଦରେ ପରିଣତ ହୋଇଛି । ଯେପରି—

କ] ‘ଅନ୍ନ **ବିହୁନେ** ହଂସ ହାନି ଯୋଗ ସାଧିବୁ କାହା **ଘେନି** ।’

ଖ] ତୋ ଆଉ ମୋ **ମଝିରେ** ସେ ଛିଡ଼ା ହୋଇଥିଲେ ।

କିମ୍ବା

ତାକୁ ମୋତେ ମଝି କରି ସେ ଛିଡ଼ା ହୋଇଥିଲେ ।

ଗ] **କଟକକୁ** ନିକଟ, **ପୁରୀକୁ** ଦୂର ଭୁବନେଶ୍ୱର, ଘ] **ମିଛୁଆକୁ ଉପରକଣ୍ଠା ତଳକଣ୍ଠା** କର, ଙ] ନଈ **କଡ଼ିକୁ** ଦିଅଙ୍କ ଘର, ଚ] **ଯେସାକୁ** ତେସା, ଛ] ଭଲ **ପୋଟକୁ** ଆଠା ( ବ୍ରହ୍ମପୁରର ଏକ ସାଇନ୍‌ବୋର୍ଡ଼ ‘ଆଠା’ ହେଉଛି ଦୋକାନର ନାମ ) ଜ] ଗାଁର **ଗୃରିଦଗକୁ** ପାହାଡ଼ ଦିଶୁଛି, [ଝ] ମୋହର **କର୍ମକୁ** ପ୍ରଭୁ ଟଟଙ୍କା ପଥୁରୀ ଦେ, ତିନବେଳ ଖାଏ ବୋଲି ପଢ଼ିଥାଏ ହରି ହେ, ଞ] କଥା **କାଳ କାଳକୁ** ରହିଯିବ, ଟ] ସାତ ପୁରୁଷକୁ ବନ୍ଧୁ ବାନ୍ଧବଙ୍କୁ, ଠ] **ତାଙ୍କୁ ଆମକୁ** ବଡ଼ ସ୍ନେହ, ଡ] **ବେଲବୁଡ଼କୁ** ନାହା ବଡ଼ମୁଳ ନାଶୀ ଠାରେ ଲଗିଲା (ଫକୀରମୋହନ), ଢ] **ଦିନକରେ** ପାଠ ସରିଲା, ଣ] ତା **ତୁଳେ ମିଶିଲ** ? ତ] ଏଇ **କଥାକୁ** ନାଆ ମେଳ ଦେଲି କଲିକତାକୁ, ଥ] ସେଥିକି **ଆମକୁ କି** ଲୋଡ଼ା ? ଦ] ମୋ ନଦ **କେଉଣେ** ଦେଲୁ ଭାଙ୍ଗି ? ସ୍ୱପ୍ନେ ଦେଖୁଥିଲି ପ୍ରାଣ ସଙ୍ଗୀ, ଧ] ମୋ **ଡହୁ ଡେଙ୍ଗା** ରାମ ଖାଡ଼େଙ୍ଗା ହେବ ବୋଲି ମନେ ପାଞ୍ଚୁଛି, ନ] ଆମ ଜାତିଟାକୁ ତୁମେ ଅଇଁଠାଖିଆ କୁତ୍ତାଙ୍କଠାରୁ ଆହୁରି **ବେହାଲ** କରି ରଖିଛ, ପ] ପୋଥିରେ ଲେଖିବାରେ ତୁମର କୁଣ୍ଠେଇ ନାହିଁ, (କାର୍ପଣ୍ୟ ନାହିଁ) (ଗୋପାଳ ପ୍ରହରାଜ , ଫ] ଯେବେ ଆମେ ଭୁଟ ସଙ୍ଗେ **ପଟ** ପକାଇ ନପାରିବୁ (ଗୋପାଳ ପ୍ରହରାଜ), ବ) ସେଗୁଡ଼ିକ କେହି ଉଦା ଉଦେଇ ହେବ ନାହିଁ, ଭ] **କଷ୍ଟ ପଣ୍ଡ** ରୋଜଗାର କରିବାରୁ ଯାହାର ସାହସ ଅଛି (ଗୋପବନ୍ଧୁ ଦାସ), ମ) ଘୋଡ଼ାକୁ ଛୁଟେ ମାରିବାକୁ ସେ

**ଏକବ'ଋକ** ବାଇବନ୍ଧ ହୋଇ ଉଡ଼ ପଳାଇଲା (ପ୍ରବଗଜ), ଯ] ଦ ସଙ୍ଗାତ ଉଡ଼ ଉଡ଼କା ଟିପେଇଠେଇଁ ପହଞ୍ଚିଗଲେ, ର] ସେ ମତେ ବାଘ-ବଜାଗ୍ରି ଖେଳରେ ଜଣିବ ତାକୁ ମୁଁ ବାହା ହେବ ବୋଲି **ହାରକେନ୍ଧ** ମାଣ୍ଡ ବସିଛି, ଳ] ବୁଢି ଗାଈକୁ **ବୁଢ଼ୀ** କହନ୍ତି, ବ] ଏଥିପାଇଁ ଆମ **ବଡ଼ ବଡ଼ଙ୍କେ** ଗୋରୁକୁ ମାଆ ,ବୋଲି କହି ଯାଇଛନ୍ତି, ଶ] ଏହି **ମାଲପାରେ** ମାଛ ଭଜା ହୁଏ ଓ ଏହା ଖାଇବାକୁ **ସୁଆଦିଆ,** ଷ] ସୁମାନ୍ତଙ୍କର **ମ ସ ଗଣ୍ଡଲା** ଓ ଦଶ ମାସ ପରେ ସେ ଗୋଟିଏ ପୁଅ ଜନ୍ମ କଲେ । (ପ୍ରହଗଜ)

ଓଡ଼ିଆ ପ୍ରୟୋଗର ବଶେଷଭାବରେ ଓଡ଼ିଆ ଗଦ୍ୟ ସାହିତ୍ୟରେ ଗୋପବନ୍ଧୁଙ୍କର ଦାନ ଅତୁଳନୀୟ । ଆଗରୁ କୁହାଯାଇଛି ଏହାର କାରଣ ଥିଲା ଗୋଟିଏ ଓ ଏକମାତ୍ର । ଗୋପବନ୍ଧୁ ଲେଖିଲା ବେଳେ, ବଶେଷତଃ 'ସମାଜ' ରେ ଲେଖିଲାବେଳେ ତାଙ୍କର 'ସମାଜ'ର ଆଖି ପାହାନ୍ତା ଓଡ଼ିଆ ଲୋକଙ୍କୁ ଆଖି ଆଗରେ ରଖିଥିଲେ । ତେଣୁ ତାଙ୍କର ଭାଷା ଥିଲା ଏକ କଥାରେ ଲୋକଭାଷା । ଅନେକେ ସେ ପର୍ଯ୍ୟନ୍ତ ଧାରଣା କରୁଥିଲେ ଯେ କଠିନ ଓ ରାଜନୀତି ସମ୍ପର୍କୀୟ ବଷୟ ଲୋକଙ୍କ ଭାଷାରେ ପ୍ରକାଶ କରି-ବାରେ ଭାବର ଗାମ୍ଭୀର୍ଯ୍ୟ ନଷ୍ଟ ହୋଇଯିବ । କନ୍ତୁ ଗୋପବନ୍ଧୁଙ୍କର ଗଦ୍ୟ ପ୍ରମାଣ କରୁଛି ଯେ ଏଭଳି ଧାରଣା ଭୁଲ, ଗୋପବନ୍ଧୁଙ୍କର ପ୍ରତିଷ୍ଠା ଅଛି ବୋଲି ଯେ ଏକଥା ମନେ କରାଯାଉଛି ତାହା ନୁହେଁ । ଅନ୍ୟ ପକ୍ଷରେ ଏ ଦଗରେ ଗୋପବନ୍ଧୁଙ୍କର ଗଦ୍ୟର ଯଥୋଚିତ ଆଲୋ-ଚନା ହୋଇନାହିଁ ବୋଲି କହିଲେ ଚଳେ ।

## ଓଡ଼ିଶାର ଜନ ଜୀବନର ଗଦ୍ୟ ଭାଷା

ଓଡ଼ିଶାର ଜନ ଜୀବନରେ କେତୋଟି କଥା ଲକ୍ଷ୍ୟଣୀୟ । ତାହା ବଲାତ ଶାସନ ପରେ ଖୁବ୍ ସ୍ପଷ୍ଟ ହୋଇଛି । ସେ କେହି ଖବର କାଗଜର ପୃଷ୍ଠା ଖୋଲିଲେ ଏହାହିଁ ତାହାର ଆଖିରେ ପଡ଼ିବ । ଏ ଭିତରୁ ପ୍ରଧାନ କେତୋଟି ହେଲା —

୧) ଓଡ଼ିଶାର ଦାରିଦ୍ର୍ୟ ଓ ଅନ୍ନ ସମସ୍ୟା । ୨) ବନ୍ୟା ଓ ତେଣୁ ଦୁର୍ଭିକ୍ଷ । ୩) ଭୋଟ ଓ ପ୍ରତିନିଧି ନର୍ବାଚନ । ୪) କୃଷୀ ଓ ଶ୍ରମିକମାନଙ୍କ ସମସ୍ୟା । ୫) ରାଜନୈତିକ ଦଳ । ୬) ବଶିଷ୍ଟ ଲୋକଙ୍କର ଜୀବନୀ ବା ମୃତ୍ୟୁ— ପ୍ରଶଂସା ଓ ଶୋକ । ଲୋକସାଧାରଣଙ୍କର ନିତିଦିନିଆ ଜୀବନକୁ

ଚହଲାଉ ଥିବା ଏହି କେତୋଟି ବିଷୟ ବୋଧହୁଏ ବର୍ତ୍ତମାନର ସାମାଜିକ ଓ ରାଜନୈତିକ ସଂସ୍କାର ସହିତର । ତେଣୁ ଓଡ଼ିଶାର ଚିନ୍ତା ବା ଭାବ, ସାମାଜିକ, ରାଜନୈତିକ ଓ ଅର୍ଥନୈତିକ (ବୈଜ୍ଞାନିକ ନୁହେଁ) ଏହି ବିଷୟ ଗୁଡ଼ିକରେ ହିଁ ଆବଦ୍ଧ ।

ସମାଜ ବିଜ୍ଞାନର ମତରେ ପ୍ରକୃତ ସହିତ ଉତ୍ପାଦନ ପାଇଁ ସଂଗ୍ରାମ ଓ ସେହି ଉତ୍ପାଦନ ସମ୍ପର୍କ ଭିତରେ ସଂଗ୍ରାମ ଓ ବୈଜ୍ଞାନିକ ଗବେଷଣା, ଅନ୍ୟ କଥାରେ ପ୍ରକୃତ ବିଜ୍ଞାନ, ସମାଜ ବିଜ୍ଞାନ ଓ ଗବେଷଣା ଏହି ତିନୋଟି ହେଲା ମନୁଷ୍ୟର ଜ୍ଞାନ ଆହରଣର ଉପାୟ । ଏହି ଉପାୟର ଶିକ୍ଷା, ବିଦ୍ୟା ଓ ପଦ୍ଧତି ଗୁଡ଼ିକ ସାଧାରଣତଃ ଗଦ୍ୟରେ ହିଁ କୁହାଯାଏ, ଲେଖାଯାଏ । ଏଥି ଭିତରୁ ବୈଜ୍ଞାନିକ ଗବେଷଣା ଓ ପ୍ରକୃତ ବିଜ୍ଞାନର ତଥ୍ୟ ଲେଖା ଓଡ଼ିଆ ଭାଷାରେ ଅତି ଅର୍ବାଚୀନ । ତାହାର ଆଲୋଚନା ଏକ ସ୍ୱତନ୍ତ୍ର ପର୍ଯ୍ୟାୟରେ ହେବା ଦରକାର । କିନ୍ତୁ ଏହି ବୈଷୟିକ ବିଜ୍ଞାନ ଓ ଗବେଷଣାକୁ ଛାଡ଼ିଦେଲେ ସାମାଜିକଜ୍ଞାନ ଭିତରେ ଯାହା ଅବଶିଷ୍ଟ ରହିଲା ସାହିତ୍ୟ, ଶିଳ୍ପସ୍ଥାପତ୍ୟ, ଦର୍ଶନ, ରାଜନୀତି, ସମାଜ ନୀତି, ଅର୍ଥନୀତି ଇତ୍ୟାଦି ଏସବୁ ହେଲା ସାମାଜିକ ବିଜ୍ଞାନର ଶ୍ରେଣୀଭୁକ୍ତ ।

ଗୋପବନ୍ଧୁ ଦାସଙ୍କର ଅକାଳମୃତ୍ୟୁ ଲଭିଥିବା ଜୀବନ ଭିତରେ ସେ ତାଙ୍କର ପଦ୍ୟ ଦ୍ୱାରା ଯେତେ ଓଡ଼ିଆଙ୍କୁ ପାଇଛନ୍ତି ସେମାନଙ୍କୁ ଶିକ୍ଷିତ ଓ ଦୀକ୍ଷିତ କରିବାକୁ ଲୋଡ଼ିଥିଲେ । ବହୁ ସମୀକ୍ଷକ ତାଙ୍କୁ କବି ଭାବରେ ବିଚାର କରିଛନ୍ତି । କିନ୍ତୁ ଗଦ୍ୟ ଲେଖାରେ ସେ ଯେଉଁ ଉଦାର ଭାଷା, ବଳିଷ୍ଠତା ଓ ତୀକ୍ଷ୍ଣତା ପ୍ରକାଶ କରିଥିଲେ ତାହାର ସମୀକ୍ଷା ହେବାକୁ ଅଦ୍ୟାପି ବାକି ଅଛି । ଉପରେ ଯେଉଁ ସାମାଜିକ ବିଷୟ ଗୁଡ଼ିକ ଏବେ ବି ଆମର ନିତିଦିନିଆ ଚିନ୍ତାର ଖୋରାକ ସେ ବିଷୟରେ ଗୋପବନ୍ଧୁ ଯେଉଁ ଅଜସ୍ର ଲେଖା ସମାଜର ପୃଷ୍ଠାରେ ଭର୍ତ୍ତି କରି ଦେଇଛନ୍ତି ତାହା ଲେଖିଲେ ଏକ ବିରାଟ ପୋଥି ହେବ । ତାହା ଲେଖିବାର ଅବକାଶ ଏଠି ନାହିଁ । ତଥାପି ଓଡ଼ିଆ ଗଦ୍ୟର ଯେଉଁ ବୁନିୟାଦ ସେ ପକାଇଛନ୍ତି ତାହାର ତୁଳନା କୌଣସି ଭାଷାର ସାହିତ୍ୟରେ ମଧ୍ୟ ଗୌରବର ବିଷୟ ହୋଇଥାଆନ୍ତା । ଉପନ୍ୟାସ, କାହାଣୀ ଓ ଜୀବନୀ ଲେଖାରେ ଫକୀର ମୋହନଙ୍କର ଗଦ୍ୟ ଏପର୍ଯ୍ୟନ୍ତ ଅସାଧାରଣ ହୋଇ ରହି ଆସିଛି । କିନ୍ତୁ ଆଗରୁ ବର୍ଣ୍ଣାଯାଇଥିବା ଧର୍ମ ଦର୍ଶନ ଇତ୍ୟାଦି ବିଷୟର ଅବତାରଣା ବେଳେ ତାଙ୍କର ଓଡ଼ିଆ ଗଦ୍ୟ ଜାତି ଗୋଲାପରେ

ଗରମ ଚୁନା ଢାଳିଲେ ତାହା ଯେପରି ଫାଟିଯାଏ ସେପରି ଫାଟି ଯାଇଛି । ହଠାତ୍ ସେଭଳି ଅବତାରଣା ବେଳେ ଫକୀରମୋହନଙ୍କର ଗଦ୍ୟ ତା'ର ସ୍ୱାଭାବିକ ସାବଲୀଳତା, ସ୍ୱଚ୍ଛନ୍ଦ ପ୍ରବାହ ଓ ତାରଲ୍ୟ ହରାଇ ଯାଇଛି । ଅଥଚ ଗୋପବନ୍ଧୁଙ୍କ ଭାଷାରେ ତାହା ଏଭଳି ଦୃଢ଼ ଭାବରେ ଫୁଟି ଉଠିଛି ଯେ ସେଥିରେ ଲୋକ ଆତ୍ମହରା ହୋଇଯିବ ।

## ସମାଜ ଓ 'ସତ୍ୟବାଦୀ'ର ପୃଷ୍ଠାରେ

ଏକଥା ବହୁ ଭାଷା ପଣ୍ଡିତ ଗ୍ରହଣ କରିଛନ୍ତି ଯେ ପୃଥିବୀର ମାନବ ଯେପରି ବହୁ ପରିସ୍ଥିତିରେ ଆପଣାକୁ ଖାପ ଖୁଆଇ ନେଇ ଚଳିପାରେ, ଅରଣ୍ୟାନୀ, ସାଗରବକ୍ଷ, ମରୁଭୂମି ଓ ଶ୍ୟାମଳ ପ୍ରାନ୍ତର ଅଥବା ଲମ୍ବା ପର୍ବତ ସବୁଠି ବହୁ ଜଳବାୟୁରେ, ବହୁ ପରିବେଶରେ ମନୁଷ୍ୟ ଶିଶୁ ଆପଣାର ଜୀବନ ସଂଗ୍ରାମ ଜାହିର କରିପାରେ, ଠିକ୍ ସେପରି [illegible]ାରେ ମାନବ ଭାଷା । ଶବ୍ଦ ସମ୍ପଦ, ଲୋକସଂଖ୍ୟା, ବ୍ୟାପ୍ତି ଇତ୍ୟାଦି ବହୁ ଭାବରେ ମନୁଷ୍ୟର ବିଭିନ୍ନ ଭାଷା ପରସ୍ପର ଠାରୁ ଭିନ୍ନ । ସେମାନେ ପରସ୍ପର ଠାରୁ ସମୃଦ୍ଧିରେ ମଧ୍ୟ ଉଣେଇଶ ବିଶ, ତଥାପି କେବେ କୌଣସି ଭାଷାର ଲେଖକ ଦୁଃଖ କରିବାର ଶୁଣା ଯାଇନାହିଁ ଯେ, ତା'ର ମାତୃଭାଷା ତା'ର କୌଣସି ରକମର ଭାବ ପ୍ରକାଶରେ ଅକ୍ଷମ ହୋଇଛି । ଯଦିଓ ଅନେକ ବିଖ୍ୟାତ ଲେଖକ ଯଥା ବେଲଜିୟମର ନାଟ୍ୟକାର ମରିସ ମେଟରଲିଙ୍କ ଆପଣାର ମାତୃଭାଷାରେ ନ ଲେଖି ଫରାସୀ ଭାଷାରେ ଲେଖିଥିଲେ, ବା ବାର୍ନାର୍ଡ ଶ ଗେଲିକ୍ ବା ଆଇରିଶରେ ନ ଲେଖି ଇଂରାଜୀରେ ଲେଖିଥିଲେ, ତାହାର କାରଣ ଏହା ନୁହେଁ ଯେ ସେମାନଙ୍କର ନିଜସ୍ୱ ଭାଷା ବେଲ୍‌ଜିୟାନ୍ ବା ଆଇରିଶ ସେମାନଙ୍କର ଭାବ ପ୍ରକାଶ ପାଇଁ ଯଥେଷ୍ଟ ନ ଥିଲା । ଏକଥା ସେମାନେ କସ୍ମିନ୍ କାଳେ ଅଭିଯୋଗ କରିନାହାନ୍ତି । ବରଂ ଆପଣାର ସ୍ୱକୀୟ ମାତୃଭାଷା ପ୍ରେମ ବଳରୁ ଶ' ଏତେ ବଡ଼ ବିଜ୍ଞାନ-ବନ୍ତ ଲେଖକ ହୋଇ ମଧ୍ୟ ଇଂରାଜୀ ଭାଷାକୁ ନାନା ଭାବରେ ଅବଜ୍ଞା କରିଛନ୍ତି । ଏପରିକି ଇଂରାଜୀ ବନାନର ସଂଶୋଧନ ପାଇଁ ଆପଣାର ସମୁଦାୟ ଉପାର୍ଜିତ ଅର୍ଥକୁ ଏକ ଟ୍ରଷ୍ଟ ହାତରେ ଦେଇଛନ୍ତି । ମେଟରଲିଙ୍କ ବା ବାର୍ନାର୍ଡ ଶ'ଙ୍କର ମାତୃଭାଷା ଛାଡ଼ି ଅନ୍ୟ ଭାଷାରେ ଲେଖିବାର ଏକମାତ୍ର କାରଣ ଥିଲା ବିଶାଳତର ପାଠକ ସମାଜ ସହିତ ସମ୍ପର୍କ ସ୍ଥାପନ । ଏଥିରେ ସେମାନେ ଯେ ସଫଳ ହୋଇଛନ୍ତି, ଏହା ସ୍ୱୀକାର କରିବାକୁ ହେବ ।

ସେପରି ଓଡ଼ିଶାର କେତେକ ଲେଖକ ସତକୁ ସତ ଇଚ୍ଛା କରି ବଙ୍ଗଳା ଓ ହିନ୍ଦିରେ ଲେଖିବାକୁ ଉଦ୍ୟମ କରିଥିଲେ, ବରଂ ଲେଖିବାକୁ ବାଧ୍ୟ ହୋଇଥିଲେ ; କିନ୍ତୁ କୌଣସି କାରଣରୁ ପାରି ଉଠିଲେ ନାହିଁ ବା ଇଚ୍ଛା କରି ବି ଓହରି ଆସିଲେ ସେପରି ଗୋପବନ୍ଧୁ କ'ଣ କରି ଥାଆନ୍ତେ ? ବୋଧହୁଏ କରି ନ ଥାନ୍ତେ । କାରଣ ଗୋପବନ୍ଧୁ ଶିକ୍ଷିତ ବୁଦ୍ଧି ବିକାଳିଙ୍କର ଧାଡ଼ିର ଲୋକ ନଥିଲେ । ଆପଣା ଦେଶରେ ପୂଜା ନ ମିଳିଲା ବା ପୂଜାର ଅଭାବ ହେଲାରୁ ଅନ୍ୟ ଦେଶର ଅଧିକ ସମୃଦ୍ଧି ନତୁବା ସମ୍ମାନ ଆଶାରେ ଆପଣା ଦେଶ ପରିତ୍ୟାଗ କରିବା ଏକ ପଳାୟନ ପନ୍ଥା । ଏହାକୁ ବୁଦ୍ଧିଜୀବୀର ଯୁକ୍ତି ଦେଇ ଏ କାଳରେ ବହୁ ଭାବରେ ବୁଝାଇବାର ଚେଷ୍ଟା କରାଯାଏ । ଯେହେତୁ ସୁଯୋଗହୀନ ପରାହତ ବୁଦ୍ଧିଜୀବୀ ପକ୍ଷରେ ଏଭଳି ଭାବରେ ପଳାୟନ ଏକ ସୁବିଧାବାଦୀ ପନ୍ଥା ତେଣୁ ଏହି ପଳାୟନକୁ ହିଁ ଏବେ ନାନା ଯୁକ୍ତିରେ ଗ୍ରାହ୍ୟ କରିବାକୁ ଚେଷ୍ଟା ହେଉଛି । ଯେଉଁମାନେ ଏହି ପଳାୟନ ପରେ ଧନିକ ବୁର୍ଜୋୟା ସଭ୍ୟତାରେ କିଛି ଖାତିର ପ୍ରତିପତ୍ତି ଅର୍ଜନ କରୁଛନ୍ତି ସେମାନଙ୍କୁ ପଳାତକ ବୋଲି ମନେ ନ କରି ସେମାନେ ସଫଳ ମନସ୍ୱୀ ବୋଲି ଚିହ୍ନଣି କରାଯାଉଛି । ଏମାନେ ଯେ କୌଣସି ବିରାଟ ବିଶ୍ୱପ୍ରେମ ବା ବିଜ୍ଞାନ ପ୍ରେମ ଯୋଗୁଁ ଏ ପଳାୟନ କରି ନାହାନ୍ତି ଏକଥା ପ୍ରମାଣିତ ହେଲେ ବି ଏମାନେ ଘୃଣ୍ୟ ହୋଇନାହାନ୍ତି ।

ଗୋପବନ୍ଧୁ ତାଙ୍କର ଜୀବନକୁ କେବେ ଏଭଳି ପଳାୟନପର ସୁବିଧାବାଦରେ ଗଢ଼ି ନ ଥିଲେ । ତାଙ୍କ ଆଖି ଆଗରେ ଅବଶ୍ୟ ଭବିଷ୍ୟତର ଦୃଷ୍ଟି ସେତେ ନିର୍ମଳ ନ ଥିଲା । ବିଜ୍ଞାନ ଓ ସମାଜ ବିପ୍ଳବର ଧାରା ସେ ଯାଏ ବି ଓଡ଼ିଶାରେ ପହଞ୍ଚି ନ ଥିଲା । ତଥାପି ସେ ଯେହେତୁ ସ୍ୱଭାବ ଦେଶଭକ୍ତ ଥିଲେ ତେଣୁ ସେ ଓଡ଼ିଶାକୁ ହିଁ ଆପଣାର ଗତି ମୁକ୍ତି ବୋଲି ଧରି ନେଇଥିଲେ । ତେଣୁ ତାଙ୍କର ଗଦ୍ୟ ସେହି କୋଟି ଓଡ଼ିଆଙ୍କ ପାଖରେ ନିବେଦନ ଗଦ୍ୟ । ସେମାନଙ୍କୁ ଶିକ୍ଷିତ ଓ ଦୀକ୍ଷିତ କରିବାର ଗଦ୍ୟ ।

## ଦରିଦ୍ରତାର କାହାଣୀ

ଓଡ଼ିଶାର ବିଳାତି ବିଦେଶୀ ସରକାର ଅମଳରେ ଟିକିଏ ତ ବସୁ ଥିଲା । କିନ୍ତୁ ସେ ଟିକକ ଏବେ ଦେଶୀ ଲୋକଙ୍କର ସରକାରଙ୍କ ଅମଳ

ଠାରୁ କମ୍ ଥିଲା । ସେତେବେଳେ ସରକାର ଓଡ଼ିଶାରେ ନୂଆ ବନ୍ଦୋବସ୍ତ କରି ଜମାବୃଦ୍ଧି କରିବାକୁ ନୋଟିସ ଦେଇଥିଲେ । ତାହାକୁ ଲକ୍ଷ୍ୟ କରି ଗୋପବନ୍ଧୁ ଲେଖିଥିଲେ—

"କଶ୍ମୀର ଆଜି ଅଧା ନଷ୍ଟରେ **କଲାଣି** ।" × × ଜମାବୃଦ୍ଧି କରିବାକୁ ସରକାର **ଲେଶ ସଙ୍କୋଚ** କରୁନାହାନ୍ତି···[ଧୋଇଆରେ ଆଉ ଟିକସ ବସିବାର ନଥିଲା] ସରକାର **ଦର ଧୋଇଆ** ଇଲାକାରେ କିଛି ବଢ଼ିବ ବୋଲି କହୁଥିଲେ । [କିନ୍ତୁ ଏବେ ସରକାର ଘର କହୁଛନ୍ତି ସବୁଠି ବଢ଼ିବ । ସରକାରୀ ହାକିମେ କହୁଛନ୍ତି ଏ ବର୍ଷ ଫସଲ ଭଲ ହୋଇଛି ।]

'ସେମାନେ **ସରକାର ଦାନା** ଖାଆନ୍ତି ।'

ବନ୍ୟା ଓ ବନ୍ଦୋବସ୍ତ ପ୍ରସଙ୍ଗରେ ସୁ ମୀମାଂସା ନ ହେଲେ **ସ୍ୱରାଜ୍ୟ ଭୋଗିବାକୁ** ଓଡ଼ିଶାରେ ଲୋକ ନଥିବେ ।

ଓଡ଼ିଶାର ଅଧିକାଂଶ ଚ **ନିସାର** ମଲିଆ । କେତେଟା ବା ମୃଷି ? **ଦୁଇ ହଳ ଚାରି ହଳ ଧରି କାଟିଏ ଢିକାଟି** ଚଳନ୍ତି ।

'ଧିଆ ସମୟରେ ମେଘ ବର୍ଷିଲା ନାହିଁ । ପୁଣି ଯେବେ ବର୍ଷିଲା ଧୋଇ । ଆଗେ ଲୋକେ ମଲେ ସରକାରଙ୍କର ସେତେ ଭ୍ରୂଭଙ୍ଗ ନ ଥିଲା । **ବଞ୍ଚିରଲେ** ଏବେ ସୁଦ୍ଧା **ରେମ ଟାଙ୍କୋରି** ଆସେ । ··· **ନିଜ ମଲାକୁ ଚାହାନ୍ତି ନାହିଁ କ ନିଜ ମାଗନ୍ତାକୁ ଦଅନ୍ତା ନାହିଁ** ।.... **ଯ ଆନ୍ତି ସମସ୍ତେ ମରି** । ଓଡ଼ିଆ ଜାତି ଲୋପ ପାଉ । ପୃଥିବୀ ମୁହଁରୁ ଚିର ଦରିଦ୍ରତାର ଦାଗ ଲିଭିଯାଉ । ଚିର ଦୁର୍ଭିକ୍ଷ ଦ୍ୱନ୍ଦ୍ୱ ମେଣ୍ଟିଯାଉ ।

'ପୁଣି ବନ୍ୟା । ବିଲ ଉପରେ ୪।୫ ହାତ ପାଣି । **ଲୋକେ ପନ୍ଦ ପକାଇ** ବସିଥିଲେ । କିଆଲ ଧାନ ଖାଇବେ ବୋଲି । ଭ୍ରୁଣି ବସିଲା-ବେଳେ କୁଳଶ ବୃଷ୍ଟି କଲୁ ! **ଶାରଦ ଲଙ୍ଗଳ ମରିଥିଲା** । ଟେରେ ଧରି ନ ଥିଲା ।,ସବୁ ଚାଲିଗଲା ।

ପୁଣି ସେଇ ଘରଦ୍ୱାର ଭଙ୍ଗା । ଏ ଗାଁକୁ ସେ ଗାଁ ପଥରୋଧ । କିଏ ଘାଇ ସୁଅରେ ପଡ଼ି ମଲେ । କେତେ ଏ ପର୍ଯ୍ୟନ୍ତ ମିଳି ନାହାନ୍ତି ।

ବର୍ଷା ନ ନିଷ୍ଟସ୍ତ ହବ । ନ ହେଲେ ସୃଷ୍ଟି ରହିବ କିପରି ? କିନ୍ତୁ **ସୃଷ୍ଟିରକ୍ଷା** ସଙ୍ଗେ ସଙ୍ଗେ ଉତ୍କଳ ସୃଷ୍ଟି ଧ୍ୱଂସ ! ବର୍ଷା ହେଲେ ପଛେ ପଛେ ବନ୍ଧି । ବନ୍ଧି କେବେ **ମାପ ମୁଣ୍ଡାଡ଼କ** ହେବ ନାହିଁ । ସେପରି ନହେଲେ ଓଡ଼ିଶାର ସର୍ବନାଶ ।

ଆମ୍ଭେମାନେ ସରକାରଙ୍କୁ ବହୁତ ବୋଧିଲୁ । ନିଜ ଭାଗ୍ୟକୁ ବାରମ୍ବାର ନିନ୍ଦିଲୁ । ଈଶ୍ୱରଙ୍କୁ ଡାକିଲୁଁ । କିନ୍ତୁ ଫଳ ହୋଇନାହିଁ । ବର୍ତ୍ତମାନ ବଞ୍ଚିବା ମରିବା ସମସ୍ୟା । ହୁଏତ ସ୍ଥାୟୀ ପ୍ରତିକାର କରିବାକୁ ହେବ ନ ହେଲେ ରାଜ୍ୟ ଛାଡ଼ି ଅନ୍ୟତ୍ର ଯିବାକୁ ହେବ ।' [ସମାଜ ୨୮।୮।୨୭ ]

## ରାଜନୀତିର ଗଦ୍ୟ

'ମଧୁବାବୁ ସେ କାଳର ରାଜନୀତି କ୍ଷେତ୍ରରେ **ଖେଳାଳି** । ସେ କାହାରିଠାରୁ ପରାମର୍ଶ ନେଇ ନାହାନ୍ତି **କି** ସମାଲୋଚନା ସହି ନାହାନ୍ତି, ସୁତରାଂ **ଏକହଙ୍ଗା ଷଣ୍ଢ** ପରି ଯେଉଁ ଅଡ଼େ ଯେତେବେଳେ ବୋଲୁଛନ୍ତି ସେଠି ପେଲି ଚାଲି ଯାଉଛନ୍ତି । ଭଲ କରୁଛନ୍ତି, ଭୁଲ କରୁଛନ୍ତି···ସେ କାଳର ଢଙ୍ଗରେ **କଡ଼ି** ହୁଙ୍କା ଘଟଣା ବୈଠକରେ ସେ ସରକାରକୁ ଯେପରି ସାହସ ଓ ସ୍ୱାଧୀନତା ସହକାରେ କର୍କଶ ପୌରୁଷ ବାକ୍ୟମାନ ଶୁଣାଉଛନ୍ତି ତାହାର କଳନା ନାହିଁ । ଦେଶବନ୍ଧୁ ଚିତ୍ତରଞ୍ଜନ **ଶାସନ** ସଂସ୍କାରର ପ୍ରତିବାଦ ଦେଖାଇବାକୁ ଯାଇ ଥରେ ମନ୍ତ୍ରୀ ମଧୁବାବୁଙ୍କ ଉକ୍ତିରୁ ପ୍ରମାଣ ଦର୍ଶାଇଥିଲେ । ମଧୁବାବୁ ବୟସରେ ପରିପକ୍ୱ । ଆଲୋଚନାରେ ଦକ୍ଷ, ସରକାରଙ୍କ ସମ୍ପର୍କରୁ **ବିଭକ୍ତ**, ସଂଗ୍ରାମ କ୍ଷେତ୍ରରେ ଧୁରନ୍ଧର ।'

× × ×

ଲୋକଙ୍କର ଅନ୍ଧ ଭକ୍ତି ଅଛି ବୋଲି ମନେ ମନେ ଦମ୍ଭ କରି କଂଗ୍ରେସ ଯାହାକୁ ଇଚ୍ଛା ତାକୁ **ଯେଠ ରେ ସେଠ ରେ** ପ୍ରାର୍ଥୀ କରି ଛିଡ଼ା **କଲେ** [କରାଇଲେ ନୁହେଁ, ଲେଖକ] ଲୋକଙ୍କର ଆସ୍ଥା ଓ ବିଶ୍ୱାସ ଅଧିକ ଦିନ ନ ରହିପାରେ । ଲୋକଙ୍କୁ ଯାହା **ବୁଝାଯିବ** ସେମାନେ ବୁଝିବେ **ଯାହାପାଇଁ** କହାଯିବ ତାକୁ ଭୋଟ ଦେବେ । କୌଣସି କଂଗ୍ରେସ କର୍ମୀ ଏପରି ଯେପରି ନ ଭାବନ୍ତି । ଅନ୍ୟ କୌଣସି ଦଳ ବା ମତର ଲୋକ ଏହା ଭାବି ପାରନ୍ତି । ମାତ୍ର କଂଗ୍ରେସର ପ୍ରାଜ୍ଞ ଦଳ ପକ୍ଷରେ ଏହା ଭାବିବା ଅନୁଚିତ ଓ ଅନ୍ୟାୟ । ଏପରି ଭାବିବାର ଅର୍ଥ ଏହି ଯେ ଲୋକେ ନିର୍ବୋଧ, ଆମେ **ତାଙ୍କୁ** [ସେମାନଙ୍କୁ ନୁହେଁ], ଯେପରି ଚଳାଇବା ସେମାନେ ସେପରି ଚଳିବେ । ମାତ୍ର ଯଥାର୍ଥରେ ତାହା ନୁହେଁ । ଲୋକେ ନିର୍ବୋଧ ନୁହନ୍ତି ; ସେମାନେ ଭଲ ମନ୍ଦ ହିତାହିତ ବେଶ୍ ବୁଝନ୍ତି । ଏତିକି କାହାର ପ୍ରବର୍ତ୍ତନା ପ୍ରରୋଚନାରେ ଭୁଲିଲେ

ସୁଦ୍ଧା ଯଥାର୍ଥ କ'ଣ ସେମାନେ ବୁଝିପାରନ୍ତୁ ଏବଂ ଯେ ପ୍ରବଞ୍ଚନା ପ୍ରରୋଚନା ବା ଅନ୍ୟ କୌଣସି ପ୍ରଭାବରେ ସେମାନଙ୍କୁ ଭୁଲାନ୍ତୁ ତାଙ୍କଠାରୁ ସେମାନଙ୍କର ମନେ ମନେ ଶ୍ରଦ୍ଧା ଭକ୍ତି ଆଦର ବିଶ୍ୱାସ କମିଯାଏ ।

**ଦେଶବାସୀ** କହୁ ଜାଣନ୍ତି ନାହିଁ ଆମ୍ଭେମାନେ **ତାଙ୍କୁ** ଯାହା ବୁଝାଇବା ତାହାହିଁ ବୁଝିବେ । ଯାହା କରାଇବା ତାହାହିଁ କରିବେ ଏପରି ଯେଉଁମାନେ ମନେ କରନ୍ତି ସେମାନେ କଦାପି ଉପଯୁକ୍ତ ଲୋକପ୍ରତିନିଧି ହୋଇ ପାରିବେ ନାହିଁ ।

× × ×

**କମ୍ୟୁନିଷ୍ଟ ଦଳ** ଭାରତରୁ ଦିନକୁ ଦିନ ବଢୁଛନ୍ତି ।……
**ସରକାରର** ଏ ଦଳ ଉପରେ କଡ଼ା ନଜର ଅଛି ।………

ଦେଶର ଭିନ୍ନ ଭିନ୍ନ ରାଜନୈତିକ ଦଳର ଲୋକେ ଏମାନଙ୍କ ସହିତ ମିଳିତ ଯୋଗଦେଉ ନାହାନ୍ତି । **ଯୋଗ ନ ଦେବାର ପ୍ରଧାନ ଏକ କାରଣ ଭୟ ।** କମ୍ୟୁନିଷ୍ଟ ଦଳର ଆନ୍ତରିକ ଦୁରଭିସନ୍ଧି କ'ଣ ଅଛି କେଜାଣି; ମାତ୍ର ସେମାନେ ଯାହା କହୁଛନ୍ତି ତାହା ତେତେ ଦୋଷାବହ ନୁହେଁ । ବିଶେଷତଃ ସେମାନଙ୍କର ମତ ଭାରତ ପକ୍ଷରେ ନୂଆ କଥା ନୁହେଁ । ସେମାନେ କହନ୍ତି, ଦେଶରେ କାହାରି ଶହେକର ୫ ବାଟି ଜମି ରହିବ ହୁଏତ ତା'ଘରେ **ଖାଇବାକୁ** ଦୁଇଜଣ ଲୋକ । ସେ ବିଳାସରେ ମାମଲା ମୋକଦ୍ଦମାରେ ଟଙ୍କା ଜମଜମାଟରେ ଇଚ୍ଛାମତେ ଖର୍ଚ୍ଚ କରୁଛି । ତା'ର ଘରପାଖେ ଆଉ ଜଣଙ୍କର ୧୮ ଜଣ କୁଟୁମ୍ବ । ଦି ମାଣେ ଜମି, ପ୍ରାଣାନ୍ତକ ପରିଶ୍ରମ କରି ସୁଦ୍ଧା ସେମାନଙ୍କର ପେଟ ପୂରୁ ନାହିଁ । ଜଣେ କାହିଁକି **କୋଟୀଶ୍ୱର,** ଆଉ ଜଣେ କାହିଁକି ଦିନକୁ ଛଟି ଖଟି ପେଟ-ପୂରା କରି ମୁଠାଏ ଖାଇବାକୁ ପାଇବ ନାହିଁ । ସମାଜରେ ଏ ପ୍ରକାର ଅବସ୍ଥା ରହିବା ଉଚିତ ନୁହେଁ । ଦେଶର ସବୁ ସମ୍ପତ୍ତି ସମଗ୍ର ଜାତିର । ଅର୍ଥାତ୍ ଏହା ସମସ୍ତଙ୍କର କୋଠ ସମ୍ପତ୍ତି ।

× × ×

ଯାହାର ଯାହା ଶକ୍ତି କାର୍ଯ୍ୟ ସେ କରିବ ଏବଂ ତାହାର ଆବଶ୍ୟକତାମତେ ଏ ସମ୍ପତ୍ତିର ଉତ୍ପନ୍ନରୁ **ହିସା** ପାଇବ । ଆମ ଦେଶରେ ପୂର୍ବେ ଏହିପରି ଗ୍ରାମ ବ୍ୟବସ୍ଥା ଥିଲା । ସମ୍ପତ୍ତି କାହାରି ଜଣକର ନୁହେଁ, ସମସ୍ତଙ୍କର କୋଠ।

× × ×

ତଥାପି ଏହିମାନଙ୍କ ପରିଶ୍ରମରେ ଜଗତର ସମସ୍ତ ସମ୍ପଦର ଉତ୍ପତ୍ତି ମାତ୍ର ଏ ସମ୍ପଦ ଭୋଗୁଛି କିଏ ? **ଭୋଗିବା** ଲୋକଙ୍କ ଦେହରେ **ଧୂଳି** ପଡ଼ୁ ନାହିଁ । ତାଙ୍କ ପାଦତଳେ ଲାଗୁନାହିଁ । ଷଡ଼ରସ, ଦ୍ରବ୍ୟ ଅଞ୍ଜନ ତାଙ୍କୁ **ରୁଚୁନାହିଁ** । ସେ **କୋଟୀପତି**, ସେ ଲକ୍ଷପତି, ସେ ରାଜା, ସେ ଜମିଦାର । ମାତ୍ର ସେ ବସ୍ତୁର ଉତ୍ପନ୍ନ କରୁଛି ସେ ମୂଲିଆ, ସେ ପ୍ରଜା । ଭିନ୍ନ ଭିନ୍ନ **ଶ୍ରେଣୀର ଲୋକଙ୍କ ମଧ୍ୟରେ** ଅବସ୍ଥାର ଏହି ବିଷମ ବିଭେଦ ଘୁଞ୍ଚାଇ ସମସ୍ତଙ୍କୁ ସମାନ ସୁଖଶାନ୍ତି ଅଧିକାର ଦେବା କମ୍ୟୁନିଷ୍ଟ ବା କୋଠବାଦୀମାନଙ୍କର ଯେବେ ମତ ହୁଏ ତାହା ଗରିବଙ୍କୁ ନିଶ୍ଚୟ ଭଲ ଲାଗିବ । **ପ୍ରଜା ଓ ମଜୁରଦାର**ମାନେ ଏକଥା ଶୁଣି **ମୁଣ୍ଡିଆ** ମାରିବେ । ମାତ୍ର ଯେଉଁମାନେ ଦେଶର ସମ୍ପଦ **ଧରି** ବସିଛନ୍ତି, ସବୁ **ଅଧିକାରକୁ** ନିଜ ହାତରେ ରଖିଛନ୍ତି , ତଥାପି **ତୃଷ୍ଣା** ଯେଉଁମାନଙ୍କର ମେଣ୍ଟୁନାହିଁ, ସନ୍ନିପାତ ରୋଗୀ ପରି ଅଧିକ ପାଇବାକୁ ତୃଷ୍ଣା ଦିନକୁ ଦିନ ବଢ଼ୁଛି ସେମାନେ ଏ କୋଠବାଦୀ ମତରେ ଆପଣାର ପ୍ରମାଦ ଯେ ଗଣିବେ, ବିଚିତ୍ର କ'ଣ ?

ବର୍ତ୍ତମାନ ଯୁଗରେ ଯେ କୌଣସି ଦେଶର ସରକାର ଏ ମତର ବିରୋଧୀ ହେବେ ହିଁ ହେବେ । ଏ ଅବସ୍ଥାରେ କାନପୁରଠାରେ କୋଠବାଦୀଙ୍କ ସମ୍ମିଳନୀରେ ଦେଶର ମୁଖିଆ ଲୋକେ ଯେ ଯୋଗଦେଇ ନଥିଲେ ଏଥିରେ **ଆଶ୍ଚର୍ଯ୍ୟ** କିଛି ନାହିଁ । ଏ ଦଳର କାର୍ଯ୍ୟ ଭାରତ ପରି ଦେଶରେ ଅଗ୍ରସର ହେବା ସହଜ ନୁହେଁ । ଏ ଦଳକୁ ବହୁ ନିର୍ଯ୍ୟାତନ ଭୋଗିବାକୁ ହେବ । ମାତ୍ର ଏମାନଙ୍କର ମତ ଓ କାର୍ଯ୍ୟ ଯଦି ସମୟର ପ୍ରୟୋଜନ ଲାଗି ବିଧାତାଙ୍କର ଇଙ୍ଗିତରେ ଆସିଥାଏ ତେବେ ଏଥିର ପ୍ରଭାବରେ ଦିନେ ସମାଜ ଶାସନର ଅବସ୍ଥା ନ ବଦଳିବ ବୋଲି କିଏ କହିପାରେ ? (ସମାଜ ୨ । ୧ । ୨୬)

## କାଉନ୍‌ସିଲ ଭୋଟ ଓ ପ୍ରତିନିଧି ପ୍ରସଙ୍ଗ

‘ଏଥର ବିହାର ଓ ଓଡ଼ିଶା କାଉନସିଲରେ ମେମ୍ବରମାନେ ପ୍ରଶ୍ନ ଆଉ ପ୍ରସ୍ତାବମାନ **ପଣି** ଦେଇଛନ୍ତି ।

‘ତେଣିକି ପୁଣି ନିର୍ବାଚନ ଚିନ୍ତା ପଡ଼ିବ ।’

‘ଏ ଶ୍ରେଣୀର ମେମ୍ବରଙ୍କ **ବଳପରାକ୍ରମ ନାଡ଼ୀନକ୍ଷତ୍ର** ସରକାର ଲୋକେ ବେଶ୍ ବୁଝନ୍ତି ।

'ସରକାରଙ୍କର ପ୍ରାୟ ସାଢ଼େ ପାଞ୍ଚକୋଟି ଟଙ୍କା ଆୟ । ସେଥିରୁ କେବଳ ଦୁଇକୋଟି ନିଶା ବିକ୍ରିରୁ । ନିଶା ବିକ୍ରି ବନ୍ଦ ହେଲେ ବିହାର ଓଡ଼ିଶା ସରକାର ଦେଉଳିଆ ହୋଇ ରସାତଳକୁ **ଯିବ** । ଲୋକେ ନିଶା ଖାଇ ଯେତିକି **ଶୁଖିବେ,** ସରକାର ସେତିକି **ଫୁଲିବ** । ତେବେ ଫୁଲି ଫୁଲି ଈଶ୍ୱରଙ୍କ କୃପାରୁ କେବେ ଫାଟିବ ଏହାହିଁ ଦେଖିବାକୁ ବାସନା ରହିଲା । ଶୀଘ୍ର ନ ଫାଟିଲେ ଆଉ ରକ୍ଷା ନାହିଁ । ଏବେ ଲୋକେ **ଶୁଖି ଶୁଖି** ମରିଯାନ୍ତୁ, ନହେଲେ ଏ ଶାସନ ପଦ୍ଧତି ଫାଟିଯାଉ । ଏହାହିଁ ଏ ବର୍ଷ ସରକାରୀ ଆୟ ବ୍ୟୟରୁ ମିଳିତ ଶିକ୍ଷା । ଓଡ଼ିଶାବାସୀ ନିଶା ଖାଅ, ମଦ ପିଅ, ଭୋଳ ହୁଅ ।

(ସମାଜ ୨୦ । ୨ । ୨୭)

'ଲୋକଙ୍କ ପ୍ରତି **ସରକାରର** ଅବହେଳା ଦେଖାଇ ଦେବାରେ ଆଉ କିଛି ନ ହେଲେ ସରକାରକୁ ଲଜ୍ଜିତ ହେବାକୁ ପଡ଼େ ଓ ଲୋକମାନଙ୍କ ମନର ଓରମାନ ମେଣ୍ଟେ ।'

କାଉନ୍‌ସିଲ ଏକ ଖେଳଘର ନୁହେଁ କି ବ୍ୟକ୍ତିବିଶେଷର ସମ୍ମାନ ଗଉରବ ବଢ଼ାଇବାର କ୍ଷେତ୍ର ନୁହେଁ। [ସମାଜ ୭ । ୩ । ୨୭]

କାଉନ୍‌ସିଲ ଏକ **ସୁଆଙ୍ଗ** । ସେଥିରେ ଏହିପରି **ପ୍ରବେଶ ପ୍ରସ୍ଥାନ** କେତେ ଲାଗିବ ।

ପ୍ରତିନିଧି ହୋଇଯାଇ ସୁଦ୍ଧା ଯେଉଁଠାରେ ସରକାରର **କିଣାଦାସ** ପରି ବ୍ୟବହାର କରୁଛନ୍ତି ଏବଂ ଯଥାର୍ଥରେ କିଣା ହେଉଛନ୍ତି ସେ ସ୍ଥଳେ ଓଡ଼ିଶାର ଜଣେ ଜମିଦାର ଏଭଳି ସାହସ ସ୍ୱାଧୀନତା ଓ ସମ୍ମାନବୋଧ ପ୍ରକାଶ କରିବା କମ୍ ଗୌରବର କଥା ନୁହେଁ ।

'**ଦଣ୍ଡି** ହରେ ଦୁଃଖ, ଦଣ୍ଡି ଭରେ ମୁଖ, ଦଣ୍ଡି ପୋଷେ ଦଶ, ପୋଷି ରଖେ ଯଶ ।'

ମାନ ଏ ଦେଶ ସରକାରକୁ ଯେତେ **ବୋଲବୁ ବୋଲ, ତା'** ହେଉନଥା ଯାକ ପୋଲ ।

କର ବକ୍ତୃତା, ଦିଅ ଭୋଟ, ଧାର୍ଯ୍ୟ କର ପ୍ରସ୍ତାବ । ନାଚ, କୁଦ, ବାହାଦୁର କର । ରହିଛୁ ମୋ ହାତେ । **ଯେବଣେ** ଟାଣିବ **ତେବଣେ ମାମଲତ** ଚଳିବ । ଗ୍ରାମଦେବତାଙ୍କ ଇଚ୍ଛା ନା ପଶୁପାଳକଙ୍କ ଇଚ୍ଛା ? କର୍ତ୍ତା ଯାହା ବିଚାରିବେ ତାହାହିଁ ହେବ ।

ସମାଜ ୨୦ । ୩ । ୨୭

'ଶାସନର କି ଇଙ୍ଗିତ ସେ ଦେବେ ବୋଲି ରାଜଭକ୍ତମାନେ ସନ୍ତୁଷ୍ଟ ନୟନରେ ଗୃହିଁ ରହିଥିଲେ । **ଦେଶଲୋକେ** ତାଙ୍କଠାରୁ ଆଶାର ବାଣୀ ଶୁଣିବାକୁ କାନ ଡେରି ବସିଥିଲେ । ତାଙ୍କର ପ୍ରତି କଥା ଉପରେ ଟୀକା ଟିପ୍ପଣୀ ହେଉଥିଲା । କେତେ ଭାବାର୍ଥ ହେଉଥିଲା । ମାତ୍ର ଏବେ ସେ ଦିନ ଯାଇଛି ।

ତାଙ୍କ ବକ୍ତୃତାକୁ ଲୋକେ ଜାଣି ସାରଲେଣି । ଗୋଟାଏ ବନ୍ଧା ଧ୍ରୁବପଦ । ଦେବାବେଳକୁ **ସାରୁମୁଣ୍ଡା ପର୍ଯ୍ୟନ୍ତ ହାତରୁ ବାହାରିବ ନାହିଁ** ।

'ଏହି ସବୁ ଉନ୍ନତ ମହାଭାବ **ଋଷିସଂକେତ** ଭାରତୀୟମାନଙ୍କୁ ଏବେ ସୁଦ୍ଧା ବାନ୍ଧିଛି ରଖିଛି ।'

'ମାତ୍ର ଯେଉଁମାନେ ସ୍ୱରାଜ ପାଇଛନ୍ତି ସେମାନଙ୍କର ଏହା ସବୁ **ଭୁଲ୍** ।'

ମେମ୍ବରମାନଙ୍କର ଏଭଳି **ଆଡରୁଷା**ର ଅର୍ଥ ବୁଝାପଡ଼ୁନାହିଁ ।

ହିଲର ସାହେବ ପ୍ରବୁଣା ଓଡ଼ିଆ **ସାହିତ୍ୟ ରସିକ** ହୋଇଥିଲେ କହିଥାନ୍ତେ ଏ **ଗୁମନ** କରି ଚୋରି ରହି ପାରିବୁ କରେ ?

ମେମ୍ବରମାନଙ୍କର ଏ ବ୍ୟବହାର ଦେଖି ଦେଶର ସାଧାରଣ **ଲୋକ** ଅନେକେ କହିବେ ଏ ମୃଦଙ୍ଗର **ଦି ପଟେ ହାତ ପକାଇବା** ନୀତି । ଏଣେ ଲୋକଙ୍କ ପାଖେ ଟାଣ ଦେଖାଇବା ତେଣେ ସରକାର ପ୍ରୀତି ରଖିବା । ଏ ନୀତିରେ କୌଶଳ ଥାଇପାରେ, ମାତ୍ର ନିଷ୍ଠା ନାହିଁ ।

ତା ନ ହେଲେ ସାକ୍ଷୀଗୋପାଳ **ବଳି** ସଂଖ୍ୟା ପୂରଣ **କରିବାରେ କି ଲାଭ** ?

ଲର୍ଡ଼ କର୍ଜନଙ୍କ ପରି **ଦଲ୍ଲା** ଜବରଦସ୍ତ ବଡ଼ଲାଟ ଥରେ **ନିଜ ମୁହଁରେ** ସ୍ୱୀକାର କରିଥିଲେ ।

ଦୁଇଜଣ ବିଚକ୍ଷଣ ନେତା **ପଟେଲ ନେହେରୁଙ୍କ** ଧରି **ସରକାର** ସଙ୍ଗେ ମୁଣ୍ଡ ପକେଇବେ ।

ଏପରି ଲୋକ ବାଛିବାକୁ ହେବ ଯେ ମରିବେ ପଛକେ ଡରିବେ ନାହିଁ । ପଛଘୁଞ୍ଚା ଦେବେ ନାହିଁ । ଯାହାଙ୍କର କୂଟଚକ୍ର ଭେଦ କରିବାର ଶକ୍ତିସାମର୍ଥ୍ୟ ଥିବ, ଯେତେଦୂର ସମ୍ଭବ ବିଦ୍ୟାବୁଦ୍ଧି ବିଚକ୍ଷଣତା ଥିବ । ତ୍ୟାଗନିଷ୍ଠା ଓ ଚରିତ୍ରବଳ ଥିବ, ସେ ଦଳ ଵିଗ୍ରହରେ ଯୋଗ ଦେଇ

ପାଣ୍ଟିବେ, ପରାମର୍ଶରେ ମତାମତ ଦେଇପାରିବେ, ସର୍ବୋପରି ଶେଷରେ ଦଳର ନିର୍ଦ୍ଦେଶ ମାନିବାକୁ ସର୍ବଦା ପ୍ରସ୍ତୁତ ଥିବେ ।

**ଅଗା** ପ୍ରାର୍ଥୀ ବିଶ୍ବରୁଚନ୍ତି, କାଉନ୍‌ସିଲର **ଅଗରେ** ବସିବେ, ଅର୍ଥାତ୍ ପ୍ରେସିଡେଣ୍ଟ ହେବେ ନ ହେଲେ ଦୋପଟି ପ୍ରେସିଡେଣ୍ଟ ହେବେ । ବଗା **ପାଞ୍ଚୁଛନ୍ତି** ମନ୍ତ୍ରୀ ହେବେ । କବି ଉପେନ୍ଦ୍ର ଭଞ୍ଜଙ୍କ ବଗ ରାମଚନ୍ଦ୍ର ମହାପ୍ରଭୁଙ୍କ ପାଖରେ ବର ମାଗିଥିଲା ।

ବର୍ଷ ଚଉଦ ଘାସ ଆଣି ଦେଉ
ବର୍ଷାରେ ବସାରେ ମୋ ଦିନ ଯାଉ ।

ବଗା ମନ୍ତ୍ରୀ କେହି କେହି ଲାଟଙ୍କ ଘୁମୁରେ ମୁହଁରେ ସଫା ନ ହେଲେ ସୁଦ୍ଧା କାର୍ଯ୍ୟରେ ଇଙ୍ଗିତ ଦ୍ଵାରା ଜଣାଇବେ—

ସେକ୍ରେଟେରି ମୋର କାମ ଚଳାଉ
ବସାରେ ତିନିବର୍ଷ କଟିଯାଉ ।

ଲଗା ପ୍ରାର୍ଥୀଙ୍କର ଏସବୁ ଫଳ କାମନା ନାହିଁ । ସେ ସ୍ବାଧୀନ ମେମ୍ବର ହେଲେ କପର ମହାପ୍ରଭୁଙ୍କର ଦିବ୍ୟ ଅଙ୍ଗରେ ବାରମ୍ବାର କର ଲଗାଇବାର ସୁଯୋଗ ପାଇ କୃତାର୍ଥ ହେବେ ।

ଆମ୍ବ କାଳେ ଡମ୍ବ ରଜା
ଆମ୍ବ ସରିଲେ ଡ଼ିବ ଡ଼ିବ ବଜା ।

× × ×

## ଓଡ଼ିଆ କୁଲି, ଗୃହୀ, ମଜୁରିଦାର

ପତ୍ରରେ ଅଛି ଆମ୍ଭେମାନେ ଗରିବ ମୂର୍ଖ ବୋଲି ଆମ ଉପରେ ଏପରି ଅତ୍ୟାଚାର ହେଉଛି । ସେଥିଲାଗି ନୁହେଁ । ପଶ୍ଚିମା କୁଲିମାନେ ଓଡ଼ିଆଙ୍କଠାରୁ ବେଶ ପାଠୁଆ ବା ଧନୀ ନୁହନ୍ତି । କଲିକତାରେ ଯେଉଁମାନେ ଓଡ଼ିଶାରୁ ଯାଇ ମଜୁରି ଖଟନ୍ତି ସେମାନଙ୍କର ଗାଁରେ ଜମିବାଡ଼ି ଅଛି, ଏମାନେ ଗୃହସ୍ଥ ଓ କେହି କେହି ଅନ୍ୟ କାରବାର କରନ୍ତି । ସେମାନଙ୍କ ମଧ୍ୟରୁ ଅନେକେ ସାମାନ୍ୟ ଲେଖାପଢ଼ା ଜାଣନ୍ତି । ଭାଗବତ ପଢ଼ିପାରନ୍ତି । ମାତ୍ର ପଶ୍ଚିମା କୁଲିମାନେ କେହି ନାମ ସୁଦ୍ଧା ଲେଖି ଜାଣନ୍ତି ନାହିଁ । ଘରେ ସେମାନଙ୍କର କିଛି ନଥାଏ । ଅନେକଙ୍କର ଘର ପର୍ଯ୍ୟନ୍ତ ନାହିଁ । କିନ୍ତୁ ସେମାନଙ୍କୁ ରେଲରେ କିମ୍ବା କୌଣସି-ଠାରେ ଏପରି ଦୁର୍ବ୍ୟବହାର ସହିବାକୁ ହୁଏ ନାହିଁ ।

ସମାଜ ୫ । ୩ । ୨୭

ଝୋଟ ଚାଷରେ ଖୁବ୍ ଲାଭ ହୁଏ । ବଙ୍ଗ ଦେଶର ଅଧିକାଂଶ ଚାଷୀ ଝୋଟ ଚାଷ କରନ୍ତି ଓ ସେଥିରେ ବେଶ୍ ଆୟ କରନ୍ତି । ଝୋଟ ଚାଷ **ଯୋଗେ** ସେ ଦେଶର ପ୍ରଜାଙ୍କ ଅବସ୍ଥା ଭଲ । ଝୋଟଚାଷ ଅପେକ୍ଷା ଝୋଟ କାରବାରରେ **ଅଧିକ ଲାଭ** ।

ଯେ ସବୁ ଚଟକଳ ଅଛି ତାହା ଏହି ଝୋଟରେ ଚଳେ । ସେ ଲାଭ ତୁଳନାରେ ଝୋଟଚାଷୀ ଓ ଚଟକଳର **ମଜୁରିଦାର**ମାନେ କିଛି ପାଆନ୍ତି ନାହିଁ କହିଲେ ଚଳେ । ଚଟକଳର ମାଲିକମାନେ ଯାହା ଲାଭ କରିଛନ୍ତି, ତାହା **ଦେଖିଲେ** ଲୋକେ ଆଖି **ଖୋସିଦେବେ** । ଗଲା ଦଶବର୍ଷ ମଧ୍ୟରେ ଏମାନେ ଆଠଶହ କୋଟି ଟଙ୍କା **ଲାଭ ପାଇଛନ୍ତି** । ହାରାହାରି ବର୍ଷକୁ ଏମାନେ ଅଶି କୋଟି ଟଙ୍କା ଲାଭ ନେଉଛନ୍ତି ।

କୁଲିମାନଙ୍କର ସାମାନ୍ୟ ମଜୁରିରୁ ସର୍ଦ୍ଦାରମାନେ **ଦସ୍ତୁରି** ନିଅନ୍ତି । କୁଲିମାନେ ଲେଖାପଢ଼ା ଜାଣନ୍ତି ନାହିଁ । ତେଣୁ ସର୍ଦ୍ଦାରମାନେ ଦସ୍ତୁରି ଛଡ଼ା ଆଉ **ବାରବାଟରେ** ସେମାନଙ୍କୁ ଠକନ୍ତି ।

ଆମ ଦେଶର ମଜୁରିଆମାନଙ୍କର ସିନା ଏ ଦଶା, ମାତ୍ର ବିଲାତ ପ୍ରଭୃତି ଦେଶର ଶ୍ରମଜୀବୀମାନଙ୍କ ଅବସ୍ଥା ଏପରି ନୁହେଁ । ସେ ଦେଶରେ ମାଲିକମାନେ କୋଟି କୋଟି ଲାଭ ନେବେ; ଅଥଚ ମଜୁରିଆମାନେ ଖାଇବାକୁ ପିନ୍ଧିବାକୁ ପାଇବେ ନାହିଁ, ସେମାନଙ୍କ ପିଲାମାନେ ପାଠପଢ଼ି ପାରିବେ ନାହିଁ ସେମାନଙ୍କର **ଦେହ ମୁ ଣ୍ଡ ହେଲେ** ଟିକିଏ ଔଷଧ ମିଳିବ ନାହିଁ ମାଲିକ ମଜୁରିଦାରଙ୍କ ଭିତରେ ଅବସ୍ଥାର ଏପରି ପ୍ରଭେଦ ସେଠା ଲୋକ ଦନେହେଲେ **ସହିବେ ନାହିଁ** । ଏପରି ଘଟିଲେ ମଜୁରିଆ ମାନେ ଧର୍ମଘଟ କରି ବସିବେ । କାରଖାନା ଲୁଟ ହୋଇଯିବ । ପାର୍ଲିଆମେଣ୍ଟରେ ଘୋର ଗହଳ ପଡ଼ିବ ଏବଂ ଦେଶସାରା ଆନ୍ଦୋଳନ ଆରମ୍ଭ ହେବ । ଆମ ଦେଶର କୁଲିମାନେ ଏତେ **ଦୁଃଖ ଦୁର୍ଗତିରେ** ପଡ଼ି କାମ କରନ୍ତି କାହିଁକି ନା ସେମାନଙ୍କର କେହି ମା ବାପ ନାହିଁ । ସେମାନଙ୍କର ନିଜ ଭିତରେ ସେପରି ମେଳ, ସଭାସମିତି ସଂଗଠନ ଆଦି ନାହିଁ । ସେମାନଙ୍କର **ତୁ ଣ୍ଡ ମୁ ଣ୍ଡ** ଫିଟେ ନାହିଁ ।

ଭାରତବର୍ଷ ମଧ୍ୟରେ ବମ୍ବେଇର ଶ୍ରମଜୀବୀମାନଙ୍କ ମଧ୍ୟରେ ଦଳବଦ୍ଧ ଉଦ୍ୟମ ଅଛି । ତେଣୁ ସେମାନେ ବେଳେ ବେଳେ ମାଲିକମାନଙ୍କୁ ଆକ୍ରୋଶୁଛନ୍ତି ଏବଂ ମାଲିକମାନେ **ବାପର ସୁପୁଅ** ହୋଇ ସେମାନଙ୍କର ଆପତ୍ତିର କିଛି ପ୍ରତିକାର ମଧ କରୁଛନ୍ତି ।

× × ×

ବକ୍ତୃତାଟି ଦେଖା ସୁନ୍ଦର କଥାରୁ ବଡ଼ ।

ସରକାର ଭାରତବାସୀଙ୍କ ସହଯୋଗିତା ଚାହିଁଲେ ସେମାନେ ସହଯୋଗିତା କଲେ ନାହିଁ । ସହଯୋଗିତା କହିଲେ ଲର୍ଡ଼ ଋଡ଼ିଂ ମନେ କରନ୍ତି କି ଆତ୍ମସମର୍ପଣ ? ( ୨୩ । ୧ । ୨୬ ସମାଜ )

ଓଡ଼ିଆ ଦରିଦ୍ର ତେଣୁ ଦୁର୍ବଳ । ତାର ସମସ୍ତଙ୍କୁ ଡର । ସେ କାର୍ଯ୍ୟରେ ଅଳସୁଆ ଓ ନରୁସ୍ରାସ୍ରୀ ।

× × ×

ବଡ଼ି ବର୍ଷାରେଁ ଗ୍ରାମମାନ **ନାରଖାର** ହୋଇଗଲା । କେହିହେଲେ ଥରେ ଲୋକଙ୍କ ଅବସ୍ଥା ଦେଖିବାକୁ ଗଲେ ନାହିଁ । ନ ଗଲେ ନାହିଁ, ମଫସଲକୁ ପାଣିକାଦୁଅରେ ଯିବା କଷ୍ଟସାଧ୍ୟ । ରେଲ ମଟର ବା ଅନ୍ୟ ଯାତାୟତ ଲାଗି ସୁବିଧା ନାହିଁ । ଗଲେ ଗସ୍ତଖର୍ଚ୍ଚ ମିଳିବ ନାହିଁ । ଘରୁ ଖାଇ ଘୋଡ଼ା ଆଗେ ଦୌଡ଼ିବାକୁ ହେବ । ମାତ୍ର ଲୋକଙ୍କ ଗୋଡ଼ହାତ ଧରି ସେ ଯେ ଘୋଡ଼ା ଉପରେ ବସିଛନ୍ତି ସେ ଘୋଡ଼ାକୁ ଦରକାରବେଳେ ଚଳେଇବେ ନାହିଁ । ( ୩୦ । ୧ । ୨୭ ସମାଜ )

× × ×

ହେଲେ **ଢେଙ୍କିନା** ପରି ହେବ । ନୋହିଲେ ଖରା ଖାଉଥିବ । ରାଜନୀତି କ୍ଷେତ୍ରରେ ଅନେକ ସମୟରେ ଏହା ପ୍ରଶସ୍ତ ନୀତି ।

× × ×

ସବାନ କାମିକା ଲୋକେ ଦେଶ ଛାଡ଼ି ବିଦେଶରେ ଯାଇ **ମଜୁରି ଖଟୁଛନ୍ତି** । ବିଶେଷରେ ଓଡ଼ିଆ ସମାଜର ଶକ୍ତି ଓ ବଳିଷ୍ଠ ଭାଗ ବହୁ ପରିମାଣରେ ଓଡ଼ିଶା ବାହାରେ ରହିଛି । ସେଥିପାଇଁ ଦୁଃଖ ନାହିଁ । ତାହା ନିନ୍ଦାର କଥା ନୁହେଁ ।

× × ×

## ପ୍ରୟୋଗର ବିଶେଷତ୍ୱ

ଗୋପବନ୍ଧୁଙ୍କର ଶୈଳୀ କେବଳ ଗୋପବନ୍ଧୁଙ୍କର ନ ଥିଲା । ସେତେବେଳେ ସତ୍ୟବାଦୀ ବାଣୀପୀଠର ପ୍ରାୟ ସମସ୍ତେ ଏହି ଗୋପବନ୍ଧୁ ମାର୍ଗର ପଥିକ ଥିଲେ । ଅବଶ୍ୟ ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକଙ୍କ ଶୈଳୀ ଏକାପରକମର ଥିଲା । ତାହା ତ ହେବା ସମ୍ଭବ ନୁହେଁ । ସ୍ୱାଭାବିକ ନୁହେଁ ବା ବୈଜ୍ଞାନିକ ନୁହେଁ । ତଥାପି ଗୋପବନ୍ଧୁ, କୃପାସିନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ବାସୁଦେବ ମହାପାତ୍ର, ଆଚାର୍ଯ୍ୟ ହରିହର ଦାସ, ଲିଙ୍ଗରାଜ ମିଶ୍ର

ପ୍ରଭୃତିଙ୍କର ଅଳ୍ପ ବହୁତରେ ଯାହା ଗଦ୍ୟ ଲେଖା, ବକ୍ତୃତା ମିଳୁଛି ସବୁରି ଭିତରେ ଓଡ଼ିଆ ଗଦ୍ୟ ସାହିତ୍ୟର ଏକ ନବଜୀବନର ପ୍ରବାହ ସ୍ପଷ୍ଟ । ତାହା ହେଉଛି କଥିତ ଭାଷା ଓ କଥିତ ପ୍ରତ୍ୟୟ ସଙ୍ଗେ ଗଦ୍ୟ-ଭାଷାର ମେଳକ । ଏମାନଙ୍କ ପାଇଁ କୌଣସି ଶବ୍ଦ ଅଛବ ନଥିଲା । ଦରକାର ପଡ଼ିଲେ ଏମାନେ ଓଡ଼ିଆ ଭାଷାର ନିପୋଡ଼ ମଫସଲର ପ୍ରଚଳିତ ଶବ୍ଦକୁ ମଧ୍ୟ ବ୍ୟବହାର କରୁଥିଲେ । ଏମାନଙ୍କର ଗଦ୍ୟରେ କୌଣସି ଶାଳୀନତାର ବା ଶୁଚିବାୟୁର ଆଡ଼ମ୍ବର ନଥିଲା ।

ଯଥା—"ପଣ୍ଡିତ କୃପାସିନ୍ଧୁଙ୍କର ଜର ଓ **ହଗା** ହୋଇ ପାଞ୍ଚ ଦିନ **ପଛେ** ୧୨ ତାରିଖ ଦିନ ୧୦ ଘଣ୍ଟା ବେଳେ ନିମୁନିଆରେ ନିଜ ଘରଠାରେ ତାହାଙ୍କର ମୃତ୍ୟୁ ଘଟିଅଛି ।"

"କାଉନ୍‌ସିଲ ବାହାରେ ସେ କ'ଣ କରିବେ ତାହାର ପରସ୍ତାୟୁ କ'ଣ ? ଊଧ ସଙ୍ଗେ ବଣଭୂଆ ବାଇ ।"

ସେମାନଙ୍କ ଘରେ ଧାନ ସୁଜଳ ଗୋଟିଏ **ମୁଣ୍ଡରେ ଲଗାଇବାକୁ ନାହିଁ** ।"

"ଭାରତ ପରି କାନାଡ଼ା ଇଂରେଜଙ୍କର **ହସ୍ତଭୁକ୍ତି** ମାହାଲ ନୁହେଁ ସେଠା ଲୋକେ ଆପଣାର **ଆଦିସ୍ଥାନ** ବୋଲି ଇଂଲଣ୍ଡକୁ ଟିକିଏ ମାନନ୍ତି । ଉପନିବେଶ ରାଜ୍ୟ ସଙ୍ଗେ ବିଲାତର ଏହି ଅଳ୍ପ **ସରୁସୂତା** ଟିକିଏ ଲାଗିଛି ।

ଇଂରେଜ ଶାସନରେ ଏତେ ପ୍ରକାର ଆଇନ କାନୁନ ଥାଇ ସୁଦ୍ଧା ଲୋକଙ୍କ ସହିତ ସରକାରର ସବୁବେଳେ **ସଂଘର୍ଷଣ** ।

ଓଡ଼ିଶାର ନାନା ହିତକର କାର୍ଯ୍ୟରେ ତାଙ୍କର **ଯୋଗ** ଥାଏ । ମାତ୍ର କର୍ମୀ ନ ରହିବା ଅର୍ଥ ସମସ୍ତ ସାଧୁ ଉଦ୍ୟମର ଲୋପ; ଯେ ସାଧାରଣ ଜୀବନ ଅଙ୍କୁରି ଆସୁଛି ତା'ର **ଗଳାମରୁଡ଼ି** । ଯେ କେତୋଟି ଅଛନ୍ତି-ସେମାନେ ଆଉ କେତେ ଦିନ ?

ମାତ୍ର **ସରକାରର ନିମକସଚ୍ଚା** ମେମ୍ବରଙ୍କ ଦୃଷ୍ଟିରେ ଭାରତ ଗରିବ ପ୍ରଜାର ରକ୍ତ ମାଂସ ଏ ପର୍ଯ୍ୟନ୍ତ ନିଃଶେଷ ହୋଇନାହିଁ ।

'ପରେ **ଉପରୋଧ** ଏଡ଼ି ନପାରି ଏବଂ କେହି ଜଣେ ହେବା ଦରକାର ମଣି ରାଜି ହେଲି ।' (ଗୋଦାବରୀଶ ମିଶ୍ର)

'ତାକୁ ଖଣ୍ଡେ ଅସ୍ଥାୟୀ ପଞ୍ଚାରେ ହେଉ ପଛକେ ଭୁଇଁପାରା ମିଳିଲେ ସେ ପ୍ରାଣପଣେ ତାକୁ ଭାଙ୍ଗି ସାରସୋର ଦେଇ ଭଲ ଆମଦାନି କରି ସେଥିରୁ ଚଳିବା ପାଇଁ ବ୍ୟବସ୍ଥା କରେ ।'

'ଅଧିକାଂଶ ଲେଖକଙ୍କର ସାହିତ୍ୟରେ ହାତ ବଳିବା ଅବସ୍ଥା ପ୍ରାୟ ହିଁ ହୋଇଯାଇଛି ।'

'ସର୍ବାପେକ୍ଷା ଅଧିକ ଦୁଃଖ ଯେ ଉତ୍କଳ ଟ୍ୟାନେରୀ କମ୍ପାନୀର ଯେ ଅବସ୍ଥା ହେଲା ଏଥିରେ ଓଡ଼ିଶା ଲୋକେ ଅନେକ ଦିନ ପର୍ଯ୍ୟନ୍ତ ଏପରି କିଛି ଉଦ୍ୟମରେ **ପ୍ରବୃତ୍ତି ବାକୁ** ସାହସ କରିବେ ନାହିଁ ।'

'ସରକାର ପାଖେ ଯେ **କାବୁଡମନତ** ଗୁଳିଛି ଗୁଳିଥାଉ । ମାତ୍ର ଓଡ଼ିଆ ପିଣ୍ଡରେ ପ୍ରାଣ କିପରି ଜାଗିବ ଏବେ ସେହି ବ୍ୟବସ୍ଥା ହେଉ ।'

'ଏ **ମତଲୋଡ଼ା** ନୂଆ ନୁହେଁ । ଆମେ ଏଥିକି **ପାଣ** ଦେଉଛୁ ।'

'ଏପରିକି ବୈଠକଙ୍କ ଜାଗା ପର୍ଯ୍ୟନ୍ତ ଦିକ ସର୍ବସ୍ଵାନ୍ତ ହେଉଥାଇଁ ।'

## **ଲକ୍ଷ୍ୟ କରିବାର କଥା**

ଉପରଲିଖିତ ଉଦାହରଣ ଗୁଡ଼ିକ ମାତ୍ର କେତୋଟି । ଏ ଭଳି ଅଜସ୍ର ଉଦାହରଣ ଗୋପବନ୍ଧୁ ଓ ତାଙ୍କର ସତ୍ୟବାଦୀ ସାହିତ୍ୟ ଗଦ୍ୟଲେଖାରେ ସୁନାରେଣୁ ଭଳି ବାଖି ହୋଇ ପଡ଼ିଛି । ଲକ୍ଷଣୀୟ ଏହି ଯେ ଏଠାରେ ଶବ୍ଦ ଆହରଣ, ନିର୍ବାଚନ, ପ୍ରୟୋଗ ରୀତି, ଅର୍ଥାତ୍ ପଦବିନ୍ୟାସ ବା ବାକ୍ୟରଚନା ସଂସ୍କୃତ ସାଧୁକୃତ ପଦ୍ଧତି ଠାରୁ ସମ୍ପୂର୍ଣ୍ଣ ଅଲଗା । ଏହା ଅନ୍ୟ କଥାରେ ଓଡ଼ିଶାର ତତ୍କାଳୀନ ଗଦ୍ୟଲେଖାର ଶୈଳୀ ବିରୁଦ୍ଧରେ ଯେପରି ଏକ ନୀରବ ବିଦ୍ରୋହ ଘୋଷଣା ।

ଆଗରୁ କୁହାଯାଇଛି ଚଳନ୍ତି ଭାଷାକୁ ବ୍ୟାକରଣ ଅନୁସରଣ କରେ । ବ୍ୟାକରଣକୁ ଭାଷା ଅନୁସରଣ କରେ ନାହିଁ । ତାହାବୋଲି ଏକଥା ନୁହେଁ ଯେ ଯିଏ ଯାହା ଲେଖିବେ ତାହା ଶୁଦ୍ଧ ବ୍ୟାକରଣସମ୍ମତ ହୋଇଯିବ । କିନ୍ତୁ କୌଣସି ଭାଷାର ଜୀବନରେ ନୂତନ ଭାବସ୍ରୋତର ପ୍ରବାହ ବେଳେ ଗଦ୍ୟଶୈଳୀ ଭାଷାର ଚଳନ୍ତି ଶକ୍ତି ବ୍ୟବହାର କରି ଯେତେବେଳେ ଆତ୍ମନିର୍ଭର ଧାରା ଫିଟାଏ, ଆପଣାର ଉଦ୍ୟମରେ ; ସେତେବେଳେ ଗଦ୍ୟର ବଳିଷ୍ଠତା ନିଶ୍ଚିତ ଭାବରେ ପ୍ରକାଶ ପାଏ । ତେଣୁ ଗୋପବନ୍ଧୁ ଓ ସତ୍ୟବାଦୀ ସାହିତ୍ୟର ଏହି ଓଡ଼ିଆ ଗଦ୍ୟଭାଷା ସ୍ୱୀକୃତରେ ଓଡ଼ିଆ ବ୍ୟାକରଣର ମୂଳଦୁଆ ପକାଇଛି । ଏହି ମୂଳଦୁଆ ଉପରେ ଯଥୋଚିତ ଆଲୋଚନା ଏକାନ୍ତ ପ୍ରୟୋଜନ ।

# ମୂଳଦୂଆ—ଭାଷା ଓ ଗଦ୍ୟ

ଭାଷା ବିଜ୍ଞାନ କହେ ପୃଥିବୀରେ ଭାଷାର ଜନ୍ମ ମନୁଷ୍ୟ ମୁହଁରୁ, ଏହି ଭାଷାହିଁ ଶ୍ରୁତିରୁ ଶ୍ରୁତି ହୋଇଁ ବହୁଦୂର ଅତିକ୍ରମି ଯାଏ । ଏହି ଭାଷାକୁ ଲିପିବଦ୍ଧ ନ କରିଥିଲେ ଆମେ ତ.ହାର ତତ୍ତ୍ୱ ବୁଝିବାକୁ ସମର୍ଥ ହୁଅନ୍ତୁ ନାହିଁ । ଭୁବନେଶ୍ୱରର ମନ୍ଦିର ଲିପି ତ ଥିଲା, ମାଦଳା ପାଞ୍ଜି ତ ଥିଲା, ରୁଦ୍ର ସୁଧାନିଧିର ଗଦ୍ୟ ତ ଥିଲା । ସେ କାଳର ସନନ୍ଦ ପଞ୍ଜା ସବୁ ତ ଥିଲା ତେବେ ତାକୁ ହୋଇଁ ଆମେ ଆଗକୁ ବଢିଲୁ କାହିଁକି ? ଭବିଷ୍ୟତରେ ଆମର ଦାୟାଦମାନଙ୍କର ଭାଷା କେବେ ତ ନିଶ୍ଚୟ ବଦଳିବ । ତେଣୁ ଆଜିର ଏହି ଲେଖା ସମସାମୟିକ ଜୀବନର ଲିପିବଦ୍ଧ ଗଦ୍ୟକୁ କଳନା କରିଥିଲେ ସିନା ଭବିଷ୍ୟତରେ ଲୋକେ ଆଜିର ଗଦ୍ୟଭାଷାର ସୂତ୍ର ପାଇବେ । ଅବଶ୍ୟ ଏବେ ଗ୍ରାମ୍‌ଫୋନ ରେକର୍ଡ଼ ଓ ଟେପ୍‌ରେକର୍ଡ଼ ଇତ୍ୟାଦି ନାନା ଯନ୍ତ୍ର ମଣିଷର ବ୍ୟବହାର ପାଇଁ ଆସିଗଲାଣି । ତଥାପି ଲିଖନ ଓ ମୁଦ୍ରଣ ହିଁ ଭାଷାର ସଂରକ୍ଷକ ବା ଲିପିକାର ଭାବରେ ଭବିଷ୍ୟତ-ଠାରେ ଦାୟୀ ରହିବ ।

## ଭାଷାର ଅଧିଷ୍ଠାନ—ମଣିଷର ମୁହଁ

ତେଣୁ ଭାଷାର ଅଧିଷ୍ଠାନ ମଣିଷର ମୁଖ ଅବଶ୍ୟ ଅନେକ ବେଳେ ରସାଳ ଭାବରେ ଆମେ କହୁଁ 'ମୁଗୁନି ପଥରର ଭାଷା' ବା 'ମୂକ-ବଧିରର ଭାଷା' ବା 'ଠାର-ଭଙ୍ଗୀର ଭାଷା' । ଜଣେ କବି ଲେଖିଛନ୍ତି ; ମଥା ପୋତି କଥା ପୋଥିଏ କହେ ।' ଏସବୁ ରସାତ୍ମକ ଭାବପ୍ରକାଶ । କିନ୍ତୁ ଭାଷାର ସାହାଯ୍ୟ ବିନା ସାଧାରଣ ବା ଅସାଧାରଣ କୌଣସି ପ୍ରକାର ଭାବପ୍ରକାଶର ଶୃଙ୍ଖଳା ରକ୍ଷା କରାଯାଇ ନପାରେ । ଭାବ ହେଉଛି ଏକ ନିରାକାର ଗୌଣ ଜିନିଷ ଏହାର ବାସ୍ତବ ରୂପ ହେଉଛି ଭାଷା । ବିଜ୍ଞାନ ଏ କଥା ସ୍ପଷ୍ଟ ସ୍ୱୀକାର କରେ ଯେ ଭାଷା ବିନା ଚିନ୍ତା; ଯୁକ୍ତି; ଭାବପ୍ରକାଶ ଅସମ୍ଭବ ।

ଏଥିରୁ ଦ୍ୱିତୀୟ କଥା ଉପୁଜୁଛି । ମୁହଁରୁ ଯଦି ଭାଷାର ଉତ୍ପତ୍ତି ତେବେ ତାହା ବଦଳିବାକୁ ବାଧ୍ୟ । ମୁହଁକୁ ଲିପିବଦ୍ଧ କରାଯାଏ ନାହିଁ । ଯାହା ଯିଏ କହିଲା; ତାହା ନିଜ ମୁହଁରେ ହିଁ କହିଯାଏ । ତେଣୁ କଥାରେ ଅଛି କିଏ କାହା ମୁହଁରେ ବାଡ଼ବତା ଦେବ ? କେବଳ ମୁହଁର ଆକୃତି

ବା ବାଚନ ଭଙ୍ଗୀରୁ ଯେ ଭାଷାରେ ପରିବର୍ତ୍ତନ ଘଟେ ତାହା ନୁହେଁ ଭାଷା ବି ଲୋକାଚାର, ପ୍ରକୃତି, ସମାଜ ଜୀବନରୁ ପରିବର୍ତ୍ତନ ଅନୁସରଣକରି ବଦଳେ । ଏକଥା ଆମେ ମାଦଳାପାଞ୍ଜି ଠାରୁ ଆଜିର ବେତାର ଖବର ପତ୍ରିକାର ସନ୍ଦର୍ଭ ପର୍ଯ୍ୟନ୍ତ ତୁଳନା କଲେ ହିଁ ଜାଣିପାରିବା । କେବଳ ଓଡ଼ିଆ ଭାଷା କ୍ଷେତ୍ରରେ ନୁହେଁ ଏହା ସବୁ ଭାଷା କ୍ଷେତ୍ରରେ ସମାନ ଭାବରେ ସତ୍ୟ ।

## ଭାଷା ନିତ୍ୟ ସନାତନ ନୁହେଁ

ତଥାପି ଆମର ବହୁ ଲୋକଙ୍କର ଆପତ୍ତି ଏପରିକି ବୁଝିବା ଶୁଝିବା ଲୋକଙ୍କର ଆପତ୍ତି ଯେ ଭାଷାର ଗୋଟିଏ ଶୁଦ୍ଧତା ଅଛି ତାହାକୁ ନିୟମ ଶିକୁଳି ଭଳି ରକ୍ଷା କରିବାକୁ ହେବ । ଯେଉଁଠା ତା ଲେଖାକୁ ଶୁଦ୍ଧ ବୋଲି ଗ୍ରହଣ କରିନେଲେ ମହା ବିଭ୍ରାଟ ଉପୁଜିବ । ସେମାନଙ୍କ ମତରେ ଭାଷା ଏକ ନିତ୍ୟ ସନାତନ ଜିନିଷ । ସେଥିରେ ଆବର୍ଜନା ଭର୍ତ୍ତି କରିବା ପାଇଁ କାହାରି ଅଧିକାର ନାହିଁ । ପ୍ରତ୍ୟେକ ଭାଷାର ନିର୍ଦ୍ଦିଷ୍ଟ ଇଡ଼ିୟମ୍ ବା ରୂଢ଼ ପ୍ରୟୋଗ ସବୁ ରହିଛି । ତାହା ସେଇ ଭାଷାର ସୌନ୍ଦର୍ଯ୍ୟ । ଅନ୍ୟାନ୍ୟ ଭାଷାର ସମ୍ପର୍କରେ ଆସି ଏହି ଖାଣ୍ଟି ବିଶେଷତ୍ୱ ରୂଢ଼ ପ୍ରୟୋଗକୁ କୌଣସି ମତେ ଜଳାଞ୍ଜଳି ଦିଆଯାଇ ପାରିବ ନାହିଁ । ଏକଥା କେବଳ ଓଡ଼ିଶାରେ ପଣ୍ଡିତ ଗୋପିନାଥ ନନ୍ଦେ ବା ନୀଳକଣ୍ଠ ଦାସେ ଯେ ଦୁଃଖ କରିଛନ୍ତି ସେକଥା ନୁହେଁ । ଅନ୍ୟମାନେ ବି ଅନ୍ୟଭାଷାରେ ଏଥିପାଇଁ ଦୁଃଖ କରିଛନ୍ତି ।

ତଥାପି ଏମାନେ ବି ଭାଷାର ସଂସ୍କାର ଲୋଡ଼ିଥିଲେ । ଗୋପିନାଥ ନନ୍ଦେ ଓଡ଼ିଆ ବନାନ ଗୁଡ଼ିକ ଉଚ୍ଚାରଣ ଅନୁସାରୀ କରିବାକୁ ବହୁତ ବାହୁନି ହୋଇଥିଲେ । ଏଭଳି କଥା ତ ଇଂରାଜି ଭାଷାରେ ନାହିଁ । ବଂଗଳାରେ ବା ଓଡ଼ିଆରେ ନାହିଁ । ଶୁଣାଯାଏ ତାହା ଅଛି ଜର୍ମାନ, ଫରାସୀ ଇତ୍ୟାଦି କେତୋଟି ଭାଷାରେ । ଉଦାହରଣ ସ୍ୱରୂପ ଓଡ଼ିଆରେ ଆମେ ସବୁ ପ୍ରକାର ତାଲବ୍ୟ, ମୂର୍ଦ୍ଧନ୍ୟ, ବା ଦନ୍ତ୍ୟ କ୍ଷେତ୍ରରେ କେବଳ ଦନ୍ତ୍ୟ ସ ଉଚ୍ଚାରଣ କରୁ । ଲେଖିବାବେଳେ ଲେଖୁଁ ଶନିବାର, ଉଚ୍ଚାରଣ କରୁଁ ସନିବାର । ଓଲଟା ଦିଗରେ ବଂଗଳାଭାଷାରେ ସବୁ ପ୍ରକାର ତାଲବ୍ୟ, ମୂର୍ଦ୍ଧନ୍ୟ, ବା ଦନ୍ତ୍ୟ ଉଚ୍ଚାରଣରେ ସେମାନେ ତାଲବ୍ୟ ଶ ଉଚ୍ଚାରଣ କରନ୍ତି ସେମାନେ ଲେଖନ୍ତି ସମୀର, ଉଚ୍ଚାରଣ କରନ୍ତି

ଶରୀର । ଇଂରାଜୀରେ ତ ଉଚ୍ଚାରଣ ସଙ୍ଗେ ବନାନର କୌଣସି ସମ୍ପର୍କ ନାହିଁ । କେବଳ ଜର୍ମାନ୍ ଓ ଫରାସୀ ଭାଷାରେ—ଅନ୍ୟ ଭାଷା କଥା କହି ହେବ ନାହିଁ—ଉଚ୍ଚାରଣ ବନାନର ଅନୁସରଣ କରେ ଅର୍ଥାତ୍ କୌଣସି ଗୋଟିଏ ବନାନ ଦେଖିଲେ ଭାଷା ନ ଜାଣିବା ଲୋକ ବି ବନାନର ସୂତ୍ରକୁ ଧରି ଠିକଣା ଉଚ୍ଚାରଣ କରିପାରେ । ଗୋପିନାଥ ନନ୍ଦେ ଯାହା ଆଶା କରିଥିଲେ ତାହା ଫଳନ୍ତି ହୋଇନାହିଁ । ଅଥଚ ଉଚ୍ଚାରଣ ବଦଳୁଛି । ବନାନ ବି ବଦଳି ଯାଉଛି । ଓଡ଼ିଆ ଭାଷାରେ 'ଗୋପିନାଥ ନନ୍ଦ'ର ବନାନ କେତେକେ 'ଗୋପୀନାଥ ନନ୍ଦ' ବି ଲେଖୁଛନ୍ତି । ଜବାନ ଓ ଯବାନ, ଯାନ ଓ ଜାନ, ଇତ୍ୟାଦି ସଂସ୍କୃତର ଉଚ୍ଚାରଣକୁ ଛାଡ଼ି ଓଡ଼ିଆ ଉଚ୍ଚାରଣ ପ୍ରକାରରେ ଲେଖାଗଲାଣି । ଏପର୍ଯ୍ୟନ୍ତ ନଦୀର ବନାନ୍ ନଦୀ ରହିଛି କିନ୍ତୁ ଉଚ୍ଚାରଣ ହେଉଛି ନଈ । ଓଡ଼ିଆ ଉଚ୍ଚାରଣରେ ହଳନ୍ତର ପ୍ରୟୋଗ ବହୁତ ବଢ଼ିଛି । ଯାହା ଫଳରେ 'ପ୍ରତିଦିନ' ଖବର ପଢ଼ୁଛନ୍ତି……ଆଜିକାର ପ୍ରଧାନ୍ ପ୍ରଧାନ୍ ଖବର୍ ହେଲା, ଅର୍ଥମନ୍ତ୍ରୀ ପ୍ରସ୍ତାବ୍ କରିଛନ୍ତି ଯେ ନାଇଲନ୍ କପଡ଼ା ଉପରେ ଆସନ୍ତା ମଙ୍ଗଳ୍ବାର୍ ଠାରୁ ନୂଆ ଟିକସ୍ ବସିବ ।' ଇତ୍ୟାଦି ।

ପଣ୍ଡିତ ନୀଳକଣ୍ଠ ବି ଲିପିସଂସ୍କାର ପ୍ରତି ଜୋର ଦେଇଥିଲେ । ଓଡ଼ିଆ ଭାଷାରେ ଙ, ଞ, ଣ, ନ, ମ ପ୍ରଭୃତି ସହିତ ମିଳାଇ ଯେଉଁ ଯୁକ୍ତାକ୍ଷର ମାନ ତିଆରି ହେଉଛି ତାହାକୁ ସେ ଉଠେଇ ଦେବାକୁ ଚେଷ୍ଟା କରିଥିଲେ । ଯାହାଫଳରେ ପଣ୍ଡିତ ନୀଳକଣ୍ଠ ଦାସ ଲେଖା ନହୋଇ ଲେଖା ହୁଅନ୍ତା ପଂଡିତ ନୀଳକଂଠ ଦାସ । ଏହାଛଡ଼ା ରେଫ ପ୍ରୟୋଗରେ ଦ୍ୱିତ୍ୱ ଉଠାଇ ଦେବା ଯଥା ଅନ୍ନପୂର୍ଣ୍ଣା ନଲେଖି ଅନ୍ନପୂର୍ଣା ସର୍ବ୍ବତ୍ର ନଲେଖି ସର୍ବତ୍ର ଲେଖିବାକୁ ନିଜେ ବି ଆରମ୍ଭ କରିଥିଲେ । ପରବର୍ତ୍ତୀ କାଳରେ ଓଡ଼ିଆ ଲିପିର ଟାଇପରାଇଟର ଓ ଓଡ଼ିଆ ମୁଦ୍ରଣ ଶିଳ୍ପରେ ଲାଇନୋ ଓ ମନୋ ଟାଇପ୍ ପ୍ରଚଳନ ହେବାରେ ଲିପିରେ କେତେଗୁଡ଼ିଏ ସଂସ୍କାର ହୋଇଛି । କିନ୍ତୁ ତାହା ଏ ପର୍ଯ୍ୟନ୍ତ ଲୋକଙ୍କ ଭିତରେ ପ୍ରବେଶ କରିନାହିଁ । କାରଣ ଏ ପର୍ଯ୍ୟନ୍ତ ସେଗୁଡ଼ିକର ପ୍ରଚାର ହୋଇନାହିଁ । ଭବିଷ୍ୟତରେ ସେଗୁଡ଼ିକର ପ୍ରଚାର ହେଲେ । ବଙ୍ଗଳା ଦୈନିକ ଖବରକାଗଜର ଲିପି ଭଳି ତାହା ଓଡ଼ିଆ ପାଠକମାନଙ୍କର ଆଖିସୁହା ହୋଇଯିବ ଓ ତାହାର ପରିଚୟ ପଡ଼ିଯିବ ।

ଅଥଚ ସେହି ଗୋପିନାଥ ନନ୍ଦେ ବା ନୀଳକଣ୍ଠ ଦାସେ ଓଡ଼ିଆ ଭାଷାର ଅନ୍ୟାନ୍ୟ ପ୍ରୟୋଗ ବା ସଂସ୍କାରକୁ ସେତେ ସେନା କରୁନାହାନ୍ତି । ଏକଥା ତାଙ୍କ କ୍ଷେତ୍ରରେ ନୁହେଁ, ଏକଥା ପୃଥିବୀର ସବୁଭାଷାରେ ଦେଖାଯାଇଛି । ତେବେ ଭାଷା ଲିପିବଦ୍ଧ ହୋଇ ଦସ୍ତୁରି ଢାଞ୍ଚାରେ ପଡ଼ିଗଲା ପରେ ତାହାର ପରିବର୍ତ୍ତନ ସେପରି ସହଜ ହୁଏ ନାହିଁ । ଆଜକୁ ଶହେ ବର୍ଷ ତଳେ ରାଧାନାଥଙ୍କର 'ଇତାଲୀୟ ଯୁବା'ଠାରୁ ଆଜ ଭିତରେ ଭାଷାର ଯାହା ପରିବର୍ତ୍ତନ ହୋଇଛି ତାହାଠାରୁ ରାଧାନାଥଙ୍କର ପୂର୍ବ ଅମଳ ଶତାବ୍ଦୀରେ ନିଶ୍ଚୟ ଅଧିକ ପରିବର୍ତ୍ତନ ହୋଇଛି । ପାଣିନି ତାଙ୍କର ସଂସ୍କୃତ ବ୍ୟାକରଣ ଲେଖିବା ପୂର୍ବରୁ ସଂସ୍କୃତ ଭାଷାର ଯେଉଁ ପରିବର୍ତ୍ତନ ହୋଇଥିଲା ସୂତ୍ରବଦ୍ଧ ବ୍ୟାକରଣର ଶୃଙ୍ଖଳା ଭିତରେ ପଡ଼ିଯିବା ପରେ ସଂସ୍କୃତର ସେହି ପରିବର୍ତ୍ତନ କ୍ଷୀଣ ହୋଇଗଲା । ଏହା ସ୍ୱାଭାବିକ । କାରଣ ଲିପିବଦ୍ଧ ହେବା ପୂର୍ବରୁ ଭାଷା କେତୋଟି ବିଚ୍ଛିନ୍ନ ଗୋଷ୍ଠିମାନଙ୍କ ଭିତରେ ସୀମିତ ଥାଏ । ଜୀବନର ଚାହିଦା ପାଇଁ ଯିଏ ଯେପରି ଭାବପ୍ରକାଶ କଲେ ତତ୍କାଳର ଓ ସମ୍ମୁଖର ଲୋକ ବୁଝିପାରିବ ସେଭଳି ଭାବପ୍ରକାଶ କରେ । ତେଣୁ କଥାରେ ଚଞ୍ଚଳତା ବା ତରଳ ପ୍ରବାହ ଥାଏ । ଭାଷାର ସବୁଠାରୁ ଶିକ୍ଷଣୀୟ ଯୁଗାନ୍ତର ଘଟିଛି ସେତେବେଳେ ଯେତେବେଳେ ଦଲିଲ ଦୋରସ୍ତ ସାକ୍ଷ୍ୟପ୍ରମାଣ କିଛି ନଥିଲା । ତେଣୁ ସେ ପରିବର୍ତ୍ତନର କାହାଣୀ ଏକ ବିରାଟ ସନ୍ଧାନ, ଆବିଷ୍କାର ; ଗୋଟିଏ ଗୋଟିଏ ଶବ୍ଦର ଉତ୍ପତ୍ତି, ଲାଳନ, ମୃତ୍ୟୁ ବା ଅସ୍ତ ଗୋଟିଏ ଜାତିର ସମସ୍ତ ସାମାଜିକ ଜୀବନର ଗଭୀର ସୂଚନା ଦେଇଯାଏ ।

## ଅନ୍ୟ ଭାରତୀୟ ଭାଷା କ୍ଷେତ୍ରରେ

"ଯଦି ଆମେ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ବିକାଶକ୍ରମ ବିଷୟରେ ବିଚାର କରୁଁ ତେବେ ଏହି ନିଷ୍କର୍ଷରେ ପହଞ୍ଚିବା ଯେ ବୈଦିକ ଭାଷା ନିରନ୍ତର ବିକାଶ ଫଳରେ ଅଗ୍ରସର ହୋଇ ଆସିଛି । ଭାଷା ଯେତିକି ବଦଳି ଚାଲିଛି, ସେତିକି ପରବର୍ତ୍ତୀ ବଂଶର ଲୋକେ ପୂର୍ବବର୍ତ୍ତୀ ପିଢ଼ି ଲୋକଙ୍କର ଭାଷାକୁ ସେତିକି ଲୋକୋତ୍ତର ଶ୍ରଦ୍ଧା ଦେଇଛନ୍ତି ଓ ତାହାକୁ ଅକ୍ଷୁର୍ଣ୍ଣ ରଖିବାକୁ ଚେଷ୍ଟା କରିଛନ୍ତି । ସେହି ଭାଷା ଓ ସେହି ସ୍ମୃତିକୁ ବଞ୍ଚାଇ ରଖିବାକୁ ସେମାନେ ବହୁ ଉପାୟ କରିଛନ୍ତି । ଏଣେ କଥାବାର୍ତ୍ତାର ଭାଷା ତ ଆଗକୁ ବଢ଼ି ଚାଲିଛି । ସମୟ ଗଡ଼ି ଚାଲିଛି । ଯେତୁଁ ଲୋକଙ୍କର ଚିନ୍ତା ପଡ଼ିଛି କପର ପୁରୁଣା

ଭାଷାକୁ ସଜୀବ ଓ ସୁରକ୍ଷିତ କରି ରଖିବାକୁ ହେବ । ଏଥିପାଇଁ ସେମାନେ ବେଦମନ୍ତ୍ରଗୁଡ଼ିକୁ କେଉଁଠି ସଂହିତା, ପଦ, ଜଟା ଘନ ଆଦି ନାନା ରୂପରେ ଉଚ୍ଚାରଣ ଓ କଣ୍ଠସ୍ଥ କରି ସୁରକ୍ଷିତ କରିଛନ୍ତି । ସେଇଠି ଏହି ପୁରୁଣା ଭାଷାର ଭିତରି ଗଢ଼ଣ ଅକ୍ଷୁଣ୍ଣ ରଖିବାକୁ ଆପଣା ଆପଣା ଶାଖାରୁ ପ୍ରତିଶାଖା ସୃଷ୍ଟି କରିଛନ୍ତି ।

(ରାହୁଲ ସାଂକୃତ୍ୟାୟନ—ପାଲି ସାହିତ୍ୟର ଇତିହାସ (ହିନ୍ଦି)

ପୂର୍ବପୁରୁଷର କୃତ୍ୟକୁ ସାଂଖାଳି କରି ରଖିବା ପରପୁରୁଷର ଗୋଟାଏ ବଡ଼ ଖାନଦାନିର ପରିଚୟ । ଏଇଟା ସାମନ୍ତବାଦ ଅମଳରେ ଥିଲା । ପୁଞ୍ଜିବାଦ ଅମଳରେ ବି ଅଛି । ବାପ, ଗୋସାପଙ୍କର ଖଣ୍ଡା ତରଓ୍ୱାଲ, ଲେଖନ ପଟା, ସନନ୍ଦ, ଥିଲା ସେ କାଳର ସାଂଖାଳି । ଏବେ ଆସିଲାଣି ଚଷମା, ଘଣ୍ଟା, ଫାଉଣ୍ଟେନ, ଘଡ଼ି, ଫଟୋଗ୍ରାଫ । ଠିକ୍ ସେପରି ଭାଷା ଓ ଗଦ୍ୟକୁ ଅବିକଳ ସାଇତି ରଖିବାର ପ୍ରତିଆସ । ନିଜକୁ ସମ୍ଭ୍ରାନ୍ତ ଓଡ଼ିଆ ବୋଲି ପରିଚୟ ଦେବାକୁ ହେବ । ମୁଁ ବି ଜଣେ ଅଘୋରି ଭାଗାବଣ୍ଡ ନୋହୁଁ । ଆମେ କାହୁଁ ଅଇଲୁ ନାହୁଁ । ଅର୍ଥାତ ଆମର ଗୋଟାଏ ଚକ୍‌ଚକିଆ ଐତିହ୍ୟ ଅଛି । ଏ କଥା ବି ଦେଖାଇବାକୁ ହେବ । ସେହି ମନୋବୃତ୍ତିରେ ବି ଅନେକେ ପ୍ରାଚୀନକୁ ରକ୍ଷା କରିବାକୁ ବ୍ୟସ୍ତ ହୁଅନ୍ତି ।

କିନ୍ତୁ ଏପରି ବ୍ୟସ୍ତ ହେବାରେ ଯଦି ସେମାନେ ସଫଳ ହୋଇ ଥାଆନ୍ତେ ? ତେବେ ପୃଥିବୀର ଭାଷା ସବୁ ଜନ୍ମ ହୋଇନଥାନ୍ତେ । କାରଣ କଥାବାର୍ତ୍ତାର ଭାଷା ଓ ଏହି ଲିଖିତ ସଂସ୍କୃତ ଭାଷା ଭିତରେ ପ୍ରଭେଦ ଯେତିକି ବଢ଼ିଲା ଓ ଏ ପ୍ରଭେଦ ଯେତିକି ଦୂର ଅତିକ୍ରମି ଗଲା ସେତିକି ତାହା ଲୋକସାଧାରଣଙ୍କଠାରୁ ବିଚ୍ଛିନ୍ନ ହୋଇଗଲା । ସଂସ୍କୃତ କ୍ଷେତ୍ରରେ ଖ୍ରୀଷ୍ଟପୂର୍ବ ଛଅ ଶତାବ୍ଦୀ ବେଳକୁ ବୁଦ୍ଧଦେବଙ୍କର ଜନ୍ମ ହୁଏ । ସେ ସାହିତ୍ୟିକ ଭାଷା ଛାଡ଼ି ପ୍ରଚଳିତ ତଥା ଉପଯୁକ୍ତ ହେବା ଭଳି ଲୋକ-ଭାଷାରେ ହିଁ ଲୋକମାନଙ୍କୁ ଉପଦେଶ ଦେଲେ । ତେବେ ବୁଦ୍ଧଙ୍କର ଶିଷ୍ୟମଣ୍ଡଳୀ ଭିତରେ ମଗଧ, କୋଶଳ, କୁରୁ, ଅବନ୍ତୀ ଆଉ ଗାନ୍ଧାର ପ୍ରଦେଶର ଲୋକ ଥିଲେ । ସେମାନେ ବୁଦ୍ଧବଚନକୁ ଆପଣା ଆପଣା ଅଞ୍ଚଳର ଭାଷାରେ ପାଠ କରିବାକୁ ଆରମ୍ଭ କରିଦେଲେ । ତେଣୁ ସୂତ୍ରର ଭାଷାରେ ନାନାପ୍ରକାର ଭେଦ ଦେଖାଦେଲା । କେତେକ ଶିଷ୍ୟଙ୍କୁ ଏକଥା ଅଡ଼ୁଆ ଲାଗିଲା । ସେମାନେ ପ୍ରାଚୀନ ସାହିତ୍ୟିକ ଭାଷାରେ

ବୁଦ୍ଧ ବଚନକୁ ସୁରକ୍ଷିତ କରିବା ଚନ୍ତାରେ ରହିଲେ । ସେଥିପାଇଁ ବୁଦ୍ଧଦେବଙ୍କର ଅନୁମତି ନେଲେ । କିନ୍ତୁ ବୁଦ୍ଧ ଏ କାର୍ଯ୍ୟରୁ ସେମାନଙ୍କୁ ବାରଣ କଲେ ଓ କହିଲେ ଏଭଳି କାର୍ଯ୍ୟ ଯିଏ କରିବ ସିଏ ଅପରାଧୀ ହେବ । ତାପାଇଁ ମୃଦୁଦଣ୍ଡର ବ୍ୟବସ୍ଥା ବି କଲେ ।

"ବୁଦ୍ଧ-ନିର୍ବାଣର ତିନି ଶହ ଶତାବ୍ଦି ପରେ ନୂତନ ସମସ୍ୟା ଭାଷାର ପରିବର୍ତ୍ତନରେ ପରବର୍ତ୍ତୀ ଶିଷ୍ୟମାନଙ୍କୁ ଅସ୍ଥିର ଧରିଲା । ସେଠୁ କେତେ ଲୋକ ବୁଦ୍ଧ ବଚନକୁ ପ୍ରାଚୀନ ଭାଷାରେ ଗ୍ରହଣ କରିନେଲେ । ପରେ ଭାଷାର ଅଦଳବଦଳ ଫଳରେ ପୁଣି ଏହି ବଚନର ଯେଭଳି ଅଦଳବଦଳ ନହେବ ତାହାର ଚେଷ୍ଟାରେ ରହିଲେ । ଆଉ କେତେକ ଶିଷ୍ୟ ବୁଦ୍ଧ ବଚନକୁ ସ୍ଥାୟୀ ସଂସ୍କୃତରେ ଲେଖି ପକାଇବାର ପ୍ରସ୍ତାବ କଲେ । ପ୍ରଥମ କିସମର ଲୋକେ ହେଉଛନ୍ତି ସିଂହଳର ସ୍ଥବିରବାଦୀ ବୌଦ୍ଧଗଣ । ଏହିମାନେ ମାଗଧିର ସବୁଠାରୁ ପ୍ରଧାନ ବିଶେଷତ୍ୱ ଦନ୍ତ୍ୟ ସ ଜାଗାରେ ତାଲବ୍ୟ ଶ, ଦନ୍ତ୍ୟ ନ ଜାଗାରେ ମୂର୍ଦ୍ଧଣ୍ୟ ଣ ଆଉ ର ଜାଗାରେ ଳ ଇତ୍ୟାଦି ସହସ୍ର ବର୍ଷ ପୂର୍ବରୁ ଛାଡ଼ି ସାରିଥିଲେ ବି କହିବାରେ ଲାଗିଲେ 'ଆମର ଧର୍ମଗ୍ରନ୍ଥ ମୂଳ ମାଗଧି ଭାଷାରେ ହିଁ ଲେଖା ହେବ ।'

ଏହି ପ୍ରକାରେ ସ୍ଥବିରବାଦୀ ତ୍ରିପିଟକ ଆମମାନଙ୍କୁ ଯେଉଁ ଭାଷାରେ ଉପଲବ୍ଧ ହେଲା ସେହି ଭାଷାହିଁ ପାଲିଭାଷା ନାମରେ ଅଭିହିତ ।

( ରାହୁଲ ସଂସ୍କୃତାୟନ—ପାଲି ସାହିତ୍ୟର ଇତିହାସ ୫ପୃଷ୍ଠା )

ଲକ୍ଷ୍ୟ କରିବାର କଥା ଯେଉଁ ପ୍ରାକୃତରୁ ଓଡ଼ିଆ ଭାଷାର ଜନ୍ମ ତାହା ହେଲା ମାଗଧି ପ୍ରାକୃତ । ଏଠାରେ ରାହୁଲଜୀ ଯେଉଁ ଭାଷାକୁ ପାଲି ବୋଲି ଅଭିହିତ କରିଛନ୍ତି, ( ଓ ଯାହାକୁ ସବସାଧାରଣ ଅଭିହିତ କରାଯାଇଥାଏ ) ତା'ର ପରମ୍ପରା-ପ୍ରଚଳିତ ନାମ ହେଲା ମାଗଧି । ତ୍ରିପିଟକ ଉପରେ ଲିଖିତ 'ଅଟ୍ଠକଥା' ଯୁଗରୁ ଲୋକେ ଏହି ଭାଷାକୁ ମାଗଧି କହି ଆସିଛନ୍ତି । ତେବେ ମାଗଧିର ପ୍ରାଚୀନତମ ଉପଲଭ୍ୟ ରୂପ ଓଡ଼ିଶା, ବିହାର ଆଉ ଉତ୍ତରପ୍ରଦେଶରୁ ମିଳୁଥିବା ଅଶୋକଙ୍କର ଶିଳାଲେଖ । ଏହି ଶିଳାଲେଖର ଭାଷାଠାରୁ ମାଗଧି ବୋଲାଉଥିବା ପାଲି ଭାଷାର କିଛି ଭିନ୍ନତା ଅଛି । ଯଥା ପାଲି ପୁରାପୁରି ତାଲବ୍ୟ ଶ କୁ ବହିଷ୍କାର କରି ନଥାନ୍ତା, ତଥା ସବସ୍ଥଳରେ 'ର'

ସ୍ଥାନରେ 'ଳ' ନ ଆଣିବାକୁ ଜଗଉ କରି ନଥାନ୍ତା। ତେବେ ଏହି ପାଲି ମାଗଧିର ପ୍ରାଚୀନତମ ରୂପର ସ୍ଥାନ ଗ୍ରହଣ କରିବାର ସୌଭାଗ୍ୟ ଲାଭ କରିଥାଆନ୍ତା । କିନ୍ତୁ ସିଂହଳରେ ଯାଇ ପାଲିର ନୂତନ ବାସସ୍ଥାନ ହେଲା । ସେଠାର ଭାଷା ଥିଲା ପୁରୁଣା ଗୁଜରାଟି (ସୌରସେନ-ମହାରାଷ୍ଟ୍ରୀ ଭାଷା) । ତେଣୁ ସେଠି ଶତାବ୍ଦୀ ଶତାବ୍ଦୀ ଯାଏ ମାଗଧିର ଉଚ୍ଚାରଣକୁ ସେମାନେ କିପରି ବା ଅବିକଳ ରଖନ୍ତେ ? ତଥାପି ବି ପାଲିର ପୁରୁଣା 'ସୁତ୍ତ'ରେ ସ ଜାଗାରେ ଶ ଓ ର ଜାଗାରେ ଲ କୁ ଭରଣା କରି ତାହାକୁ ମାଗଧିର ନିକଟବର୍ତ୍ତୀ କରାଯାଇପାରେ ।

## ପରିବର୍ତ୍ତନର ସୀମା ଅଛି —

ତେବେ ଏକଥା କ'ଣ ସତ ଯେ, ଭାଷାରେ ପରିବର୍ତ୍ତନର ସୀମା ନାହିଁ ? ଯଦି ପରିବର୍ତ୍ତନ ଅଛି ତାହା କେତେଦୂର ? ମନେ କରାଯାଉ ଯଦି ସମାଜରେ ଗୋଟାଏ ପରିବର୍ତ୍ତନ ହେଲା ଅର୍ଥାତ୍ ରାଜାରାଜୁଡ଼ାଙ୍କର ଶାସନ ଯାଇ କଳକାରଖାନା ମାଲିକ ବୁର୍ଜୋୟାର ଶାସନ ପ୍ରତିଷ୍ଠା ହୋଇଗଲା ଅଥବା ବୁର୍ଜୋୟା ଶାସନ ଯାଇ ସର୍ବହରାର ଶାସନ ପ୍ରତିଷ୍ଠା ହୋଇଗଲା ? ତେବେ କ'ଣ ଭାଷା ବଦଳି ଏକ ନୂଆ ରୂପ ନେଇଯିବ ? ତା'ର ଏକ ଘଟାନ୍ତର ଓ ରୂପାନ୍ତର ହୋଇଯିବ ? ନାଁ ଏଭଳି ଭାବନା ଅବୈଜ୍ଞାନିକ ।

ନୈରାଜ୍ୟବାଦୀମାନେ ମନେ କରନ୍ତି ଏକ ବିରାଟ ବିପ୍ଳବ ବା ପରିବର୍ତ୍ତନ ବାଯିଦିନ ଲୋକେ ପୁରୁଣା ଭାଷା ଭୁଲି ଯାଇ ନୂତନ ଭାଷାରେ କଥା କହିବେ । ନ କହିଲେ ସେମାନଙ୍କୁ କୁହାଇବାକୁ ହେବ । ଲେଖକମାନେ ପୁରୁଣା ଭାଷା ଛାଡ଼ି ଏକ ନୂତନ ଭାଷାରେ ଲେଖିବେ । ନ ଲେଖିଲେ ସେମାନଙ୍କୁ ପ୍ରତିକ୍ରିୟାଶୀଳ ବୋଲି କୁହାଯିବ । ସେମାନଙ୍କ ମତରେ ସମାଜର ପରିବର୍ତ୍ତନ ଫଳରେ ଯଦି ମଣିଷର ସମାଜ-ଚେତନାର ପରିବର୍ତ୍ତନ ହେଉଛି ଓ ତେଣୁ ସମାଜ ଚେତନା ଉପରେ ପ୍ରତିଷ୍ଠିତ ସୌଧ ବା ଉପରିତଳ ଯଦି ପରିବର୍ତ୍ତନ ହୋଇଯାଉଛି ତେବେ ଭାଷା ପରିବର୍ତ୍ତନ ନ ହେବ କିପରି ?

ଏଭଳି ନୈରାଜ୍ୟବାଦୀ ବା ଅରାଜକତାବାଦୀମାନେ ପୃଥିବୀର ସବୁ ଦେଶରେ ମିଳନ୍ତି । ଏମାନେ ରୁଷ ବିପ୍ଳବ ପରେ ରୁଷ ଦେଶରେ ବି ପ୍ରଚାର କରିଥିଲେ, ପୁରୁଣା ସବୁ ଭାଙ୍ଗି ଦିଆଯାଉ ; ପୁରୁଣା ସମାଜକୁ ଯେଉଁ ରେଳଗାଡ଼ି ସେବା କରୁଥିଲା ସେ ରେଳଗାଡ଼ିକୁ ଭାଙ୍ଗି ଦିଆଯାଉ ;

ଯେଉଁ ପୁରୁଣା କୋଠାବାଡ଼ିରେ ପୂର୍ବ କାଳର ରାଜା ସାମନ୍ତମାନେ ଆସର ଜମାଇ ବସୁଥିଲେ ତାକୁ ଭାଙ୍ଗି ତା'ର ଚିହ୍ନବର୍ଣ୍ଣ ଲୋପ କରି ଦିଆଯାଉ ; କାରଣ ସମାଜର ମୂଳଦୁଆ ଯଦି ନୂଆ ହେଲା ତେବେ ସେହି ମୂଳଦୁଆ ଉପରେ ଗଢ଼ା ହୋଇଥିବା ଉପରିତଳ ବା ସୌଧ ପୁରାପୁରି ନୂଆ ହେବା ଦରକାର ; ଏଇ ହେଲା ସେମାନଙ୍କର ଯୁକ୍ତି ।

ରୁଷ ବିପ୍ଲବର ନେତା ଓ ମହାନ୍ ବିଜ୍ଞାନୀ ଲେନିନ୍ ନୈରାଜ୍ୟବାଦୀମାନଙ୍କର ଏ ଯୁକ୍ତିକୁ ବାତୁଳ-ବାତୁଳତା ବୋଲି ଆଖ୍ୟା ଦେଇଥିଲେ । ତଥାପି ଲେନିନଙ୍କର ମୃତ୍ୟୁର ବହୁବର୍ଷ ପରେ ରୁଷ ଦେଶର କେତେକ ନୈରାଜ୍ୟବାଦୀ ଭାଷା କ୍ଷେତ୍ରରେ ମଧ୍ୟ ଏହି ଯୁକ୍ତି ପ୍ରୟୋଗ କରିଥିଲେ । ସେମାନେ ଦାବି କରିଥିଲେ ଯେ ସର୍ବହରାର ଦୁନିଆରେ ସାହିତ୍ୟ, ଚିତ୍ରକଳା, ସଂସ୍କୃତି, ଦର୍ଶନ, ସାମାଜିକ ବିଜ୍ଞାନ ଇତ୍ୟାଦି ଯଦି ସର୍ବହରା ଶ୍ରେଣୀର ବିଶ୍ୱ ଦୃଷ୍ଟିକୋଣ ଅନୁସାରେ ହେବା ଦରକାର, ତେବେ ବୁର୍ଜୋୟା ବିଶ୍ୱ ଦୃଷ୍ଟି କୋଣକୁ ପରିହାର କରିବା ଆବଶ୍ୟକ, ତେଣୁ ଭାଷା କ୍ଷେତ୍ରରେ ମଧ୍ୟ 'ସର୍ବହରା ଭାଷାର' ପ୍ରତିଷ୍ଠା ହେବା ଆବଶ୍ୟକ । ୧୯୫୬ ମସିହାରେ ଲେନିନଙ୍କର ଶିଷ୍ୟ ମହାନ୍ ମାର୍କସବାଦୀ-ଲେନିନବାଦୀ ଷ୍ଟାଲିନ୍ ରୁଷ ଭାଷା କ୍ଷେତ୍ରରେ ଏହି ନୈରାଜ୍ୟବାଦକୁ ଖଣ୍ଡନ କରିଥିଲେ । ଷ୍ଟାଲିନ୍ ଉଲ୍ଲେଖ କରିଥିଲେ ଯେ ସମାଜ ବିପ୍ଲବ ଫଳରେ ପରିବର୍ତ୍ତନ ହୋଇଛି ସତ କିନ୍ତୁ ତାହା ବୋଲି ଆମ୍ବ ଫଳଟାର ନାମ ଜାମୁ ହୋଇଯାଇନାହିଁ । ଅର୍ଥାତ୍ ଭାଷାର ମୌଳିକ ଶବ୍ଦ ଭଣ୍ଡାରର ପରିବର୍ତ୍ତନ ଘଟିନାହିଁ ; ହୁଏତ ନୂତନ ଭାବଧାରାର ଆମଦାନି ଫଳରେ ନୂତନ ଶବ୍ଦ ଭାଷା ଭିତରେ ପ୍ରବେଶ କରିଛନ୍ତି । ଦ୍ୱିତୀୟ କଥା ଜାରତନ୍ତ୍ର ଅମଳରେ ରୁଷ ଭାଷା ଯେପରି ଜାରତନ୍ତ୍ରର ସମସାମୟିକ ସମାଜକୁ ସେବା କରୁଥିଲା ସମାଜବାଦୀ କାଳରେ ସେହି ରୁଷ ଭାଷା ସେପରି ସମାଜବାଦୀ ସମାଜକୁ ସେବା କରୁଛି । ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ । ତୃତୀୟ କଥା, ଗୋଟିଏ ଭାଷାକୁ ଅନ୍ୟ ଗୋଟିଏ ଭାଷାଠାରୁ ବାରିବାକୁ ହେଲେ ତାହାର ଶବ୍ଦ ସମ୍ପଦ, ପ୍ରୟୋଗର ବିଶେଷତ୍ୱ, ଇତ୍ୟାଦି ବହୁତ କଥା ଦେଖିବାକୁ ପଡ଼େ । ସାମାଜିକ ବିପ୍ଲବ ଫଳରେ ଏଥିରେ କୌଣସି ବିପ୍ଲବାତ୍ମକ ପରିବର୍ତ୍ତନ ଘଟେ ନାହିଁ । ହୁଏତ ଦୁଇଟି ଦେଶରେ ସମାନ ଧରଣର ସାମାଜିକ ବିପ୍ଲବ ଫଳରେ ସମାଜର

ଶବ୍ଦାଧାରରେ ବହୁତ ମେଳ ଆସିଯାଏ ; କିନ୍ତୁ ଭାଷାରେ ଅମେଳ ଥିଲେ ସେହି ଅମେଳ ସ୍ୱତନ୍ତ୍ର ରହେ ।

## ଭାଷା ମୂଳଦୁଆର ସୌଧ ନୁହେଁ

ମୋଟକଥା, ଭାଷା ଉପରିତଳ ବା ସୌଧ ନୁହେଁ ଯେ ମୂଳଦୁଆର ପରିବର୍ତ୍ତନ ଫଳରେ ପରିବର୍ତ୍ତିତ ହୋଇଯିବ । ମାତୃଭାଷା ମନୁଷ୍ୟ ସମାଜର ଭାବ ପ୍ରକାଶର ବାହନ । ତେଣୁ ଏହାର ପରିବର୍ତ୍ତନ ଯାହା ଘଟେ, ତାହା ମୌଳିକ ପରିବର୍ତ୍ତନ ନୁହେଁ । ତାହାର ସମୃଦ୍ଧି ମାତ୍ର ସାଧିତ ହୁଏ ।

ଏହି ବୈଜ୍ଞାନିକ ତତ୍ତ୍ୱ ଏତେ ସ୍ୱତଃସିଦ୍ଧ ଯେ ଏହାର ଉଦାହରଣ ଆବଶ୍ୟକ ନାହିଁ । ଆଜି ଭାରତର ବା ଓଡ଼ିଶାର ସମାଜ ଶ୍ରେଣୀ ବିଭକ୍ତ । ତେଣୁ ଯେଉଁମାନେ ଶାସକ ବା ଶୋଷକ ଶ୍ରେଣୀ ସେମାନଙ୍କର ଆଶା ଆକାଂକ୍ଷା, ଧ୍ୟାନ ଧାରଣା, ଜପତପ, ଧର୍ମାଧର୍ମ-ଜ୍ଞାନ ଶୋଷିତ ଓ ଶାସିତ ଶ୍ରେଣୀର ଆଶା ଆକାଂକ୍ଷା ଇତ୍ୟାଦି ସହିତ ପରସ୍ପର ବିରୋଧୀ । ଏହି ବିରୋଧର ପରିଣତି ଏକ ବିରାଟ ଶ୍ରେଣୀ ସଂଘର୍ଷ । କିନ୍ତୁ ଉଭୟ ଶାସକ ଓ ଶାସିତ, ଶୋଷକ ଓ ଶୋଷିତ ଶ୍ରେଣୀ ଗୋଟିଏ ଭାଷାରେ କଥା କହନ୍ତି । ପରସ୍ପରର ଜୀବନ ଦର୍ଶନକୁ ଆଘାତ ଆକ୍ରମଣ କଲାବେଳେ ସେହି ଗୋଟିଏ ଭାଷାର ଆଶ୍ରୟ ନିଅନ୍ତି । ହୁଏତ ଶୋଷକର ଭାଷା ଭିତରେ କିଛି ସମ୍ଭ୍ରାନ୍ତ ସାଧୁକୃତ ମାର୍ଜିତ ପଦ ଥାଏ ଯାହା ଶୋଷିତର ଭାଷାରେ ହୁଏତ ନଥାଏ । କିନ୍ତୁ ଉଭୟଙ୍କର ଏକ ଭାଷା । ତାହା ନ ଥିଲେ ସମାଜରେ ସଂଘର୍ଷ ମଧ୍ୟ ଚାଲି ପାରନ୍ତା ନାହିଁ ।

ତେଣୁ ଏ କଥା ସ୍ୱୀକାର କରିବାକୁ ହେବ ଯେ ଭାଷାର ପରିବର୍ତ୍ତନ ଘଟିପାରେ ; କିନ୍ତୁ ଗତ ଦୁଇହଜାର ବର୍ଷ ଭିତରେ ସାମାଜିକ ପରିବର୍ତ୍ତନ ଯେପରି ଦ୍ରୁତତର ବେଗରେ ଘଟିଛି ତା'ର ତୁଳନାରେ ଭାଷାର ପରିବର୍ତ୍ତନ ସୀମିତ ଓ ସେହି ସୀମିତ ପରିବର୍ତ୍ତନ ବହୁ ସଂଖ୍ୟକ ଲୋକଙ୍କର ବ୍ୟବହାର, ବାଚନଭଙ୍ଗି ଓ ଚଳ ପ୍ରଚଳ ଉପରେ ନିର୍ଭରିତ ହୁଏ । ସେହି ପରିବର୍ତ୍ତନ ଭାଷାର ମୌଳିକ ଶବ୍ଦ ସମ୍ପଦରୁ କିଛି ଶବ୍ଦକୁ ହୁଏତ ଲୋପ କରିଦିଏ ; କିଛିକୁ ଭିନ୍ନ ଅର୍ଥରେ ପ୍ରୟୋଗ କରାଇଦିଏ ବା

କିଛି ନୂତନ ଶବ୍ଦର ଆମଦାନି କରେ; କିନ୍ତୁ ଶବ୍ଦ ଭଣ୍ଡାରର ଅକ୍ଷୁନ୍ନତାକୁ ନଷ୍ଟ କରେ ନାହିଁ । ତା' ଛଡ଼ା ଏହା ଭାଷାର ପଦବିନ୍ୟାସର ବିଶେଷତଃ ବିଭକ୍ତି, କାରକ, ଲିଙ୍ଗ, ବଚନ, ପୁରୁଷ, କ୍ରିୟା, ବିଶେଷଣ ଇତ୍ୟାଦି ବିଭିନ୍ନ ବିଭାଗରେ ପରିଚିତ ବୈଶିଷ୍ଟ୍ୟକୁ ସ୍ୱୀକାର କରେ ।

## ମାନଦଣ୍ଡ କ'ଣ ?

ବହୁ ବର୍ଷର, ବହୁ ମୁଖର ପ୍ରୟୋଗ ଫଳରେ ଯେଉଁ ଭାଷା ଯେପରି ଗଢ଼ ହୋଇଛି ଓ ନୂତନର ଆମଦାନିକୁ ସେହି ଭାଷା ଯେପରି ହଜମ କରିଛି ତାହାକୁ କଳନା କରିବାହିଁ ଭାଷାତତ୍ତ୍ୱର କାର୍ଯ୍ୟ । କିପରି ଲେଖା ହେବ, ଓ କିପରି ଲେଖିଲେ ଲେଖା ବଳିଷ୍ଠ ହେବ ଓ ଲେଖକର ଭାଷା ତାହାର ଭାବକୁ ପ୍ରକାଶ କରିବାରେ ସର୍ବାଧିକ କ୍ଷମତା ଅର୍ଜନ କରିବ ତା'ର ମାନଦଣ୍ଡ ହେଉଛି ପାଠକର ବୋଧଶକ୍ତି । ଯେଉଁ ଭାଷା ପାଠକର ବୋଧଶକ୍ତିର ଅଗମ୍ୟ, ଅର୍ଥାତ୍ ଯେଉଁ ଭାଷା ଲେଖକର ଭାବକୁ ପାଠକ ମନରେ ପ୍ରତିଭାତ କରାଇ ପାରେ ନାହିଁ । ସେ ଭାଷାର କୌଣସି ମୂଲ୍ୟ ନାହିଁ । ଭାଷାର ଅର୍ଥ ବା ଟୀକା ହୁଏତ ଭାବ ସ୍ପଷ୍ଟ କରିବା ପାଇଁ ଆବଶ୍ୟକ ହୋଇ ପାରେ ; କିନ୍ତୁ ଯେଉଁ ଭାଷା କେବଳ ଅର୍ଥ ବୁଝାଇବା ପାଇଁ ଟୀକାର ଅପେକ୍ଷା ରଖେ, ସେଭଳି ଭାଷାରେ ଲେଖିବାରେ କି ଲାଭ ? ସେଭଳି ଭାଷା ତ ଅଜଣା ଭାଷା ଭଳି ନିରର୍ଥକ । ସେ ଭଳି ଲେଖା ବି ମୂଲ୍ୟହୀନ ।

ଏକଥା ଅବଶ୍ୟ ସତ୍ୟ ଯେ ସବୁ ପାଠକ ସମାନ ନୁହନ୍ତି । ସେମାନଙ୍କର ଭାଷାରେ ପ୍ରବେଶ ବା ବ୍ୟୁତ୍ପତ୍ତି ସମାନ ନୁହେଁ । ତେଣୁ ସବୁ ପାଠକଙ୍କର ବୋଧଶକ୍ତି ସମାନ ନୁହେଁ । ହୁଏତ ଗୋଟିଏ ଧରଣର ଗଦ୍ୟଭାଷା ବା ପଦ୍ୟ ଭାଷା (କବିତା ନୁହେଁ) ବଡ଼ ପାଠୁଆ ପାଠକକୁ ଯେ ଭଳି ବୁଝାପଡ଼ିବ ଅଳ୍ପ ପାଠୁଆ ବା ଦରପାଠୁଆ ପାଠକକୁ ସେଭଳି ବୁଝା ପଡ଼ିବ ନାହିଁ । ତେଣୁ ଲେଖକ ପାଠକ ଆଡ଼କୁ ଝୁଙ୍କିବ ନାଁ ପାଠକ ଲେଖକର ଉଚ୍ଚତାକୁ ବଢିବାକୁ ଚେଷ୍ଟା କରିବ ? କେତେକ ଲେଖକଙ୍କର ମହାଗର୍ବ ଯେ ସେମାନେ ପାଠକ ଆଡ଼କୁ ଝୁଙ୍କିବେ ନାହିଁ । ପାଠକ ତାଙ୍କର ଭାବ ବୁଝିବାକୁ ଥିଲେ ବୁଝିବାକୁ ଚେଷ୍ଟା କରୁ । ସେମାନଙ୍କ ମତରେ ପାଠକକୁ ବୁଝିବ ବୋଲି ସେମାନେ ଭାଷାର ସୌନ୍ଦର୍ଯ୍ୟକୁ ନଷ୍ଟ କରି ପାରିବେ ନାହିଁ ।

ଏହି କଥାର ଉତ୍ତରହିଁ କେବଳ ପାଠକ ବା ଗ୍ରାହକ । ଲେଖକର ଗର୍ବ ହେଉଛି ତା'ର ଭାବ ପ୍ରକାଶର ସାର୍ବଜନୀନତା । କୌଣସି ଲେଖକ ଏକଥା ସାହସ କରି କହିପାରିବ ନାହିଁ ଯେ ସେ ଏପରି ଲେଖିପାରିବ ଯାହା ତାହାର ଭାଷାଭାଷୀ ଆବାଳବୃଦ୍ଧବନିତା ପ୍ରତ୍ୟେକ ସ୍ତରର ଗ୍ରାହକଙ୍କୁ ସମାନ ପରିମାଣରେ ବୋଧଗମ୍ୟ ହେବ । ଯେଉଁଠି ପୁଣି ଭାଷାରେ ନାନାବିଧ ଆଞ୍ଚଳିକ ପ୍ରୟୋଗ ରହିଛି ସେଇଠି ତ ଗଦ୍ୟର ଭାଷା ସାର୍ବଜନୀନ ହେବା ଅସମ୍ଭବ । ଏହି ସମସ୍ତ କଥା ବିଚାରକୁ ନେଇ ଅର୍ଥାତ୍——

୧ । ଭାଷାର ସ୍ୱକୀୟତା, ଯାହା ତାହାର ସୌନ୍ଦର୍ଯ୍ୟ ଓ ପରିଚୟ —
(କ) ଶବ୍ଦ ସମ୍ପଦ (ଖ) ପ୍ରୟୋଗ ବିଧି ବା ପଦବିନ୍ୟାସ (ଗ) ବାକ୍ୟ ଗଠନ ଓ ବ୍ୟଞ୍ଜନାର ବିଶେଷତ୍ୱ ।

୨ । ପାଠକର ସ୍ତର ତେଣୁ ଭାଷାର ସାର୍ବଜନୀନତା ରକ୍ଷା । ତେଣୁ ସ୍ୱକୀୟତାର ବିଶେଷ ପ୍ରୟୋଗ ଓ ସାଧୁକ୍ତିର ପରିହାର ।

୩ । ପରିବର୍ତ୍ତନ ପାଇଁ ସାହସ କିନ୍ତୁ ସ୍ୱ-କୀୟତା ଓ ସୌନ୍ଦର୍ଯ୍ୟ ରକ୍ଷା ଲାଗି ସଂଯମ——ସୀମା ଲଙ୍ଘନ ପ୍ରତି ସାବଧାନତା ।

ଏକଥା ନିଃସନ୍ଦେହ ଯେ ଓଡ଼ିଆ ଗଦ୍ୟର ଗତ ଶହେ ବର୍ଷ ଭିତରେ ଗୋପବନ୍ଧୁ ଦାସଙ୍କର ସମୟର ଗଦ୍ୟ କିଛି ସାର୍ବଜନୀନ ସ୍ତରରେ ପ୍ରବେଶ କରିଥିଲା । ଏହି ଯୁଗର ପ୍ରତିନିଧି ଥିଲେ ଗୋପବନ୍ଧୁ । ତେଣୁ ଓଡ଼ିଆ ବ୍ୟାକରଣର ଏକ ମୂଳଦୁଆ ପାଇଁ ତାଙ୍କର ସମୟର ପ୍ରୟୋଗ ଓ ଶବ୍ଦ ସମ୍ପଦ ଓ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତି ଲକ୍ଷ୍ୟ ରଖିବାକୁ ହେବ ।

# ଓଡ଼ିଆ ଶବ୍ଦ, ପଦ ଓ ପ୍ରୟୋଗବିଧି

**ଫକୀରମୋହନ, ଗୋପବନ୍ଧୁଙ୍କର ଗଦ୍ୟଭାଷାକୁ କି କାରଣରୁ ଓଡ଼ିଆ ଭାଷାର ଷ୍ଟାଣ୍ଡାର୍ଡ ବା ମାନଦଣ୍ଡ ବୋଲି ଧରାଯାଉଛି ? ତା'ର କାରଣ ସେମାନେ ଓଡ଼ିଆ ଭାଷାର ଶବ୍ଦ ସମାଜ ଭିତରୁ ଆପଣାର ଭାଷାର ସୌଧ ନିର୍ମାଣ କରିଥିଲେ । ଦ୍ୱିତୀୟ କଥା ସେମାନଙ୍କର ଗ୍ରନ୍ଥଗରେ ଖାଣ୍ଟି ଓଡ଼ିଆ ପ୍ରୟୋଗ ଦେଖିବାକୁ ମିଳେ । ସେମାନଙ୍କର ପଦବିନ୍ୟାସ ବା ବାକ୍ୟ ଗଠନ ଓଡ଼ିଆ ଚରିତ୍ର ଓ ରୂଢ଼ିପ୍ରୟୋଗ ପ୍ରତି ତୀକ୍ଷ୍ଣ ନଜର ରଖି ଆସିଛି । ଏଥି ପୂର୍ବରୁ ଯେଉଁ ସବୁ ଅନୁଚ୍ଛେଦ ଓ ବାକ୍ୟାବଳୀ ଉଦାହରଣ ଭାବରେ ଦିଆ ଯାଇଛି ସେଗୁଡ଼ିକ ବିଶ୍ଳେଷଣ କଲେ ଏହାହିଁ ସ୍ପଷ୍ଟ ହେବ ।**

ପ୍ରତ୍ୟେକ ଭାଷାର ଆତ୍ମା ହେଲା ଶବ୍ଦ । ଏହି ଶବ୍ଦ ହେଉଛି ନାନା ପ୍ରକାର । ଏଥି ଭିତରେ ଶବ୍ଦଗୁଡ଼ିକର ବାକ୍ୟରେ ପ୍ରୟୋଗ ହେଲା ପଦ ପ୍ରକରଣ । ଓଡ଼ିଆ ଭାଷାରେ ବିଶେଷ୍ୟ, ବିଶେଷଣ, କ୍ରିୟା, ସର୍ବନାମ, ଅବ୍ୟୟ ପଦ ଠିକ୍ ସଂସ୍କୃତ ଓ ପ୍ରାକୃତ ବ୍ୟାକରଣ ଅନୁକ୍ରମରେ ରହିଛି । ଏଥି ଭିତରୁ ସର୍ବନାମ ତ ମାତ୍ର କେତୋଟି । ଏକ ସମୟରେ ମୁଁ, ଆମେ, ନାମକ ଦୁଇଟି ପ୍ରଥମ ପୁରୁଷ ସର୍ବନାମ ଥିଲା । ଏହାଛଡ଼ା ଦ୍ୱିତୀୟ ପୁରୁଷ ଓ ତୃତୀୟ ପୁରୁଷର ସର୍ବନାମ ଗୁଡ଼ିକ ତିଆରି ହୋଇଥିଲା । ଏବେ 'ମୁଁ' ରହିଛି । କର୍ମକାରକରେ ଏହି ମୁଁ ଓଡ଼ିଆରେ କେଉଁଠି କେଉଁଠି 'ମୋତେ' (ସରାଇକେଲା, ସିଂହଭୂମି) ଭାବରେ ବ୍ୟବହୃତ ହେଉଛି । ସଂସ୍କୃତରେ 'ମୋ ଦ୍ୱାରା' ଭଳି କରଣ କାରକର ପ୍ରୟୋଗ ଓଡ଼ିଆରେ ନ ଥିଲା କହିଲେ ହୁଏ । କିନ୍ତୁ ଏବେ ଇଂରାଜୀ କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟର ଅନୁସରଣରେ ଓ ବେଳେ ବେଳେ ଇଂରାଜୀରୁ ଆକ୍ଷରିକ ଅନୁବାଦର ସୂତ୍ରରେ 'ମୋ ଦ୍ୱାରା' 'ମୋ କର୍ତ୍ତୃକ' ବ୍ୟବହାର ହେଉଛି । 'ଏକଥା ମୋ ଦେଇତ ହେବ ନାହିଁ ।' ଏ ଥିଲା ଖାଣ୍ଟି ଓଡ଼ିଆ ପ୍ରୟୋଗ । କିନ୍ତୁ ଏବେ ଭଲ ଭଲ ପାଠପଢ଼ୁଆ ଲେଖାଳି ଲେଖିଲେଣି 'ମୋ ଦ୍ୱାରା ଏ କାମ ହୋଇ ପାରିବ ନାହିଁ ।' କହିଲେଣି 'ମୋ ଦେଇ ଏକଥା ହେବ ନାହିଁ ।'

ଦ୍ୱିତୀୟ ପୁରୁଷରେ 'ତୁ', 'ତୁମେ', 'ତୁମ୍ଭେ', 'ଆପଣ'ର ବ୍ୟବହାର ମଧ୍ୟ ଓଡ଼ିଆ ଭାଷାରେ ଏବେ ଚଳି ଆସିଛି । ଏମାନଙ୍କ ଭିତରେ 'ତୁମ୍ଭେ' ଓ

'ତୁମ୍ଭେମାନେ' ବର୍ତ୍ତମାନ ଧୀରେ ଧୀରେ ମଉଳି ଯିବାରେ ଲାଗିଛନ୍ତି ।
ଟମସ୍ ସାହେବ ତାଙ୍କର ଆର୍ଣ୍ଣି କ୍ୟାରଜ ଅଫ ଇଣ୍ଡିଆ ପୋଥିରେ ଲେଖି ଥିଲେ ତାମିଲ ଓ ତେଲଗୁ ଭାଷାରେ ପ୍ରଥମ ପୁରୁଷ 'ମୁଁ' ବା ଦ୍ୱିତୀୟ ପୁରୁଷ 'ତୁମ୍ଭେ' ର ବହୁବଚନରେ ଏକାଧିକ ଶବ୍ଦର ପ୍ରୟୋଗ ଅଛି । ଏଥିରୁ ଗୋଟିଏ ବହୁବଚନ ମାନ୍ୟାର୍ଥେ ଏକବଚନ, ଅନ୍ୟଟି ଖାଣ୍ଟି ବହୁ ବଚନ । ଉଦାହରଣ ସ୍ୱରୂପ ତାମିଲର 'ନାନ୍'(ମୁଁ), 'ନି' (ତୁ), 'ତାନ୍' (ନିଜେ) 'ନୁ ଯାମ୍'ବା'ନାମ' (ଆମେ),'ନିର୍', 'ନୟିର୍', ବା 'ନିଭିର୍' (ତୁମେ) ଆଉ 'ତାମ' (ଆପଣା ନିଜେ) । କିନ୍ତୁ ଏହି ବହୁବଚନ 'ନାମ', 'ନିର୍',ବା'ତାମ୍'ରେ ଏବେ ଲୌକିକ ପ୍ରୟୋଗରେ 'ଗାଲ' (ମାନେ) ଲାଗି ଡବଲ ବହୁବଚନ କରାଗଲାଣି । ତେଲୁଗୁରେ ମଧ୍ୟ ଏଭଳି ଡବଲ ବହୁ ବଚନ ପଶିଗଲାଣି । ଯଥା 'ମିଗାଲୁ' (ମିରୁ) 'ତୁମେ', 'ଭାରାଲୁ' (ଭାରୁ) 'ସେମାନେ' । ଏଭଳି କିନ୍ତୁ ଡବଲ ବହୁବଚନ କେତେକ ଗୌଡ଼ୀୟ ଭାଷାରେ ମଧ୍ୟ ଦେଖିବାକୁ ମିଳେ । ବିମସ୍ ସାହେବ ଲେଖିଛନ୍ତି 'ମୁଁ'ର ବହୁବଚନ 'ଆମ୍ଭେ' 'ତୁ'ର ବହୁବଚନ 'ତୁମ୍ଭେ' କିନ୍ତୁ ଏବେ ପଣ୍ଡିତମାନେ 'ଆମ୍ଭେ' ଆଉ 'ତୁମ୍ଭେ' କୁ ମାନ୍ୟାର୍ଥରେ ଏକବଚନ କରି ରଖିଲେଣି । ତେଣୁ ସେମାନଙ୍କ ପାଇଁ ଆଉରି ନୂଆ ବହୁବଚନ ଲୋଡ଼ା । ଏଥିପାଇଁ ସେମାନେ 'ଆମ୍ଭେ' ଆଉ 'ତୁମ୍ଭେ'ରେ ବହୁବଚନ ଶବ୍ଦମାନ ଯୋଗକରି ଡବଲ ବହୁବଚନ ତିଆରି କରିଛନ୍ତି । ଦୀନକୃଷ୍ଣ ଦାସ (ଯିଏ ପଞ୍ଚଦଶ ଶତାବ୍ଦୀର ଆଖପାଖର ଲୋକ) କେବଳ 'ଆମ୍ଭେ' ଆଉ 'ତୁମ୍ଭେ' ଛଡ଼ା ଅନ୍ୟ ବହୁବଚନ ରୂପର ବ୍ୟବହାର ଜାଣି ନ ଥିଲେ । ତୁର୍କୀ ଭାଷାରେ ମଧ୍ୟ ଠିକ୍ ସେଇ କଥା । ସେଇ ଭାଷାରେ 'ବେନ୍' (ମୁଁ) ସତବାଚର 'ବିଜ୍'(ଆମ୍ଭେ) ହୁଏ ଆଉ'ସେନ୍' (ତୁ) 'ସିଜ୍' (ତୁମ୍ଭେ) ହୁଏ । ତେବେ ବି ଏହି ବହୁବଚନ ଗୁଡ଼ିକରେ 'ଲେର୍' ଯୋଗ କରି ଦୋହରା 'ବହୁବଚନ କରାଗଲାଣି । ଯଥା 'ବିଜ୍-ଲେର୍'ଆମ୍ଭେମାନେ ବା'ସିଜ୍-ଲର୍' ତୁମ୍ଭେମାନେ ।
[ ବିମସ୍-ଆର୍ଣ୍ଣି କ୍ୟାରଜ୍ ଅଫ୍ ଇଣ୍ଡିଆ ]

ସଂସ୍କୃତରେ ତିନୋଟି ଲିଙ୍ଗ ଅଛି । ପ୍ରାକୃତରେ ବି ରହିଛି । ସିନ୍ଧି, ପଞ୍ଜାବି ଆଉ ହିନ୍ଦୀରେ କେବଳ ପୁଂଲିଙ୍ଗ ଓ ସ୍ତ୍ରୀ ଲିଙ୍ଗ ଅଛି । କିନ୍ତୁ ଓଡ଼ିଆ ବା ବଙ୍ଗଳାରେ ଆଦୌ ଲିଙ୍ଗ ନାହିଁ । କେବଳ ଖାଣ୍ଟି ସଂସ୍କୃତ ତତ୍-ସମ ଶବ୍ଦରେ ସଂସ୍କୃତର ଲିଙ୍ଗ ପ୍ରକରଣ ଅବିକଳ ଗ୍ରହଣ ରହିଛି । ... ବଙ୍ଗଳାରେ ସେମାନେ କହନ୍ତି ଶ୍ରେଷ୍ଠ ବାଳକ, ଶ୍ରେଷ୍ଠ ବାଳିକା, ଶ୍ରେଷ୍ଠ

ବସ୍ତୁ । ଖୁବ୍ ସାଧୁ ସାହିତ୍ୟିକ ବିଦଗ୍ଧ ଭାଷା ଲେଖିଲେ ବଙ୍ଗଳା ଭାଷାରେ ଲେଖିବ—'ସୁନ୍ଦର ନର' ଆଉ 'ସୁନ୍ଦରୀ ସ୍ତ୍ରୀ', କିନ୍ତୁ ସାଧାରଣ ଶୈଳୀ ପ୍ରାକୃତ ଭାଷାରେ ସେହି ଶୈଳୀରେ 'ସୁନ୍ଦର ମେୟେ' ବା 'ସୁନ୍ଦର ବାଳିକା' କୁହାଯାଏ, ଲେଖାଯାଏ । ଏଠାରେ ଲିଙ୍ଗ ବିଚାର ନଥାଏ । ଓଡ଼ିଆରେ ବି ଏଇ କଥା । ଆଉ ଉଭୟ ଭାଷାରେ ଉକ୍ତ ଶୈଳୀରେ ବି ପୁଂଲିଙ୍ଗ ଆଉ କ୍ଲୀବ ଲିଙ୍ଗ ଭିତରେ କିଛି ବୋଲି କିଛି ତଫାତ୍ ନାହିଁ ।

[ ବିମସ୍ ତୁଳନାତ୍ମକ ବ୍ୟାକରଣ ୨ୟ ଖଣ୍ଡ ୧୪୭ ପୃଷ୍ଠା ]

ବିଶେଷଣ କ୍ଷେତ୍ରରେ ବିମସ୍ ସାହେବଙ୍କର ଏହି ଉକ୍ତି ଯଥାର୍ଥ । କିନ୍ତୁ ବିଶେଷ୍ୟ କ୍ଷେତ୍ରରେ ଓଡ଼ିଆରେ କେତେଗୁଡ଼ିଏ ସ୍ତ୍ରୀଲିଙ୍ଗ ଶବ୍ଦ ଅଛି । ଯଥା ମିତଣୀ, ସଙ୍ଗାତୁଣୀ, କାମତୁଣୀ ( ମୟୂରଭଞ୍ଜ ), କୁଟେଇତୁଣୀ ।

ବହୁ ବଚନରେ 'ଆମ୍ଭମାନଙ୍କର' 'ଆମ୍ଭେମାନେ' କେବଳ ମାନ୍ୟାର୍ଥେ ଚଳିଛି । ଖବରକାଗଜର ସମ୍ପାଦକ ଭାବରେ ଗୋପବନ୍ଧୁ ଠାଏ ଠାଏ ବ୍ୟବହାର କରିଛନ୍ତି—

'ଆଜି କି ବିଷୟରେ ଆଲୋଚନା କରିବୁ । ପାଠକଙ୍କୁ କି ବିଷୟ କହିବୁ ? କି ସମ୍ବାଦ ଶୁଣାଇବୁ ? ଏବେ ଆମ୍ଭମାନଙ୍କର ସର୍ବନାଶ । ଆମ୍ଭେମାନେ ହତ-ବୁଦ୍ଧି । ଆମ୍ଭମାନଙ୍କର ବାହୁ ଛିଣ୍ଡି ପଡ଼ିଛି । 'ସମାଜ' ଶକ୍ତି ଅତି କ୍ଷୀଣ ହୋଇ ପଡ଼ିଛି । ଗଭୀର ଶୋକରେ ଆଖିରୁ ଲୁହ ବୋହୁ ନାହିଁ । ତୁଣ୍ଡରେ କଥା ଆସୁନାହିଁ । କଲମ ଚଳୁ ନାହିଁ ।

( ସମାଜ ୧୯୧୬ସାଲ )

ପୁଣି ଦେଖାଯାଉ—

"ଆମ୍ଭମାନଙ୍କର ବିଦ୍ୟାଳୟର ଟେକ୍ସଟ୍‌ବୁକ୍ ଶିକ୍ଷା ଏପରି କଠୋର ବାସ୍ତବ ସହଜରେ ସ୍ୱୀକାର କରିନେବାକୁ କୁଣ୍ଠା ଅନୁଭବ କରେ ······ ଆମ୍ଭମାନଙ୍କର ଉପନ୍ୟାସ ଯେପରି କେବଳ ଭାବାବିନ୍ୟାସ ଏବଂ ଅଘଟଣ ଘଟଣାରେ ପୂର୍ଣ୍ଣ ।·········

ଆଧୁନିକ ସାହିତ୍ୟ ବିଷୟରେ ସାମାନ୍ୟ ଆଭାସ ଦେବାକୁ ଯାଇ ପ୍ରଥମେ ଯାହା କହିଅଛୁଁ—ତାହାର ହିଁ ପୁନରାବୃତ୍ତି କରି ଏ ପ୍ରବନ୍ଧ ସାଙ୍ଗ କରିବୁଁ ।" (ସାହିତ୍ୟିକ—କାଳନ୍ଦୀ ଚରଣ ପାଣିଗ୍ରାହୀ ୧୯୩୩)

ଓଡ଼ିଆ ଭାଷାର ବିଶେଷତ୍ୱ; ଲିଙ୍ଗ ନାସ୍ତି । ଏହା ଭାଷାକୁ ବହୁ ଅସୁବିଧା ଓ ଅଯଥା ଶିକୁଳିରୁ ମୁକ୍ତ କରିଛି । କିନ୍ତୁ ତଥାପି ସଂସ୍କୃତ

ଶବ୍ଦର ବ୍ୟବହାର ସଙ୍ଗେ ଏହି ଲିଙ୍ଗ ବି ପ୍ରବେଶ କରିଛି । 'ତାଙ୍କର ଧର୍ମରେ ବିଶ୍ୱାସ ଥିଲି । ଜଗନ୍ନାଥ ମହାପ୍ରଭୁଙ୍କ ଠାରେ **ଅଚଳା ଭକ୍ତି** ଥିଲି । ଗୋପବନ୍ଧୁ ଦାସ (୨୦-୨-୨୬ ସମାଜ)

'ସକଳ ଲଳିତ **କଳା କୁଶଳା**, ସୂକ୍ଷ୍ମ କଟୀ, ବଙ୍କଗ୍ରୀବା, ବୀଣା ସ୍ୱର ! (ସାହିତ୍ୟିକା କାଳନ୍ଦୀ ଚରଣ । ୧୯୩୩ )

## ଓଡ଼ିଆ ଏକ ଯୌଗିକ ଭାଷା

ତାମିଲ ଭଳି ଓଡ଼ିଆ ଏକ ଯୌଗିକ ଭାଷା । ତାମିଲ ତିନୋଟି ଭାଷା ଉପାଦାନର ମିଶ୍ରଣ । ଉପାଦାନ ତିନୋଟି ଯଥା ମୁଣ୍ଡା, ଦ୍ରାବିଡ଼ ଓ ଆର୍ଯ୍ୟ ତାମିଲ କ୍ଷେତ୍ରରେ ଏହି ତିନୋଟି ଭିତରେ ଦ୍ରାବିଡ଼ ଉପାଦାନର ଭାଗ ସର୍ବଶ୍ରେଷ୍ଠ । ତାମିଲରେ 'ଆଳ୍' ଶବ୍ଦର ଅର୍ଥ ମନୁଷ୍ୟ । ଏହି 'ଆଳ୍' ଶବ୍ଦଟି ବୋଧହୁଏ ମୁଣ୍ଡା ଭାଷାରୁ ଆସିଛି । ତାମିଲ ଭାଷା ଓ ସାହିତ୍ୟର ଇତିହାସ ଲେଖକ ଏସ: ଭାୟାପୁରି ପିଲାଇ ତାମିଲର ଏହି ଯୌଗିକ ଚରିତ୍ର କଥା ଉଲ୍ଲେଖ କଲାବେଳେ ଓଡ଼ିଆ ଭାଷାକୁ ମଧ୍ୟ ଏକ ଯୌଗିକ ଭାଷା ବୋଲି ସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି । ତେବେ ତାମିଲ ଠାରୁ ଓଡ଼ିଆର ଏତିକି ପ୍ରଭେଦ ଯେ ଓଡ଼ିଆ ଭାଷାରେ ଆର୍ଯ୍ୟ ଭାଷାର ଉପାଦାନ ପରି-ମାଣ ବେଶୀ, ତା'ଠାରୁ ତଳକୁ ହେଉଛି ଦ୍ରାବିଡ଼ ଓ ତା' ତଳକୁ ହେଉଛି ମୁଣ୍ଡା ଓ ଅନାର୍ଯ୍ୟମାନଙ୍କର ଭାଷା । ଏକଥା ଜଣାଶୁଣା ଯେ କୌଣସି ଏକ ସଂସ୍କୃତିର କୌଣସି ଉପାଦାନ ଭିନ୍ନ ଜାତିର ସଂସ୍କୃତିରେ ପ୍ରବେଶ କଲେ ତାହା ବାହକ ଦେଇ ପ୍ରବେଶ କରିଥାଏ । ଏହି ବାହକ ଭିତରେ ଭାଷା ହେଉଛି ସର୍ବ ବୃହତ୍ ବାହକ । ସେହି ଦୃଷ୍ଟିରୁ ଦେଖିଲେ ଓଡ଼ିଆମାନଙ୍କର ପର୍ବ ପର୍ବାଣି, ଚଳଣି ଓ ଚରିତ୍ରରେ ଯାହା କିଛି ଅନାର୍ଯ୍ୟ ସଂସ୍କୃତି ରହିଛି ସେ ସବୁ ସହିତ ଅନାର୍ଯ୍ୟ ବା ଆଦିବାସୀ-ମାନଙ୍କର ଭାଷା ବହୁ ପରିମାଣରେ ଓଡ଼ିଆ ଭାଷାରେ ମିଶି ଯାଇଛି । ପଣ୍ଡିତ ନୀଳକଣ୍ଠ ଦାସ 'ଓଡ଼ିଆ ସାହିତ୍ୟରେ କ୍ରମ ପରିଣାମ' ନାମକ ପୁସ୍ତକରେ ଏହାର କିଛି କିଛି ସୂଚନା ଦେଇଛନ୍ତି ।

ଉଦାହରଣ ସ୍ୱରୂପ, କେନ୍ଦୁଝର ଅଞ୍ଚଳର ଯେଉଁ ଭୂୟାଁମାନେ ପାହାଡ଼ ଜଙ୍ଗଲ କୋଳରେ ବସିଛନ୍ତି ସେମାନଙ୍କର ଆଦିସ୍ଥାନ ହେଉଛି ଓଡ଼ିଶା । ସେମାନେ ଦ୍ରାବିଡ଼ । କେବଳ କେନ୍ଦୁଝରର ଭୂୟାଁ ପୀଢ଼

ନୁହେଁ ଉତ୍ତର ପ୍ରଦେଶ, ବଙ୍ଗଳା, ଆସାମ, କେନ୍ଦ୍ର ଭାରତୀୟ ଏଜେନସି (ଆଧୁନିକ ମଧ୍ୟପ୍ରଦେଶର ସାମିଲ) ଇତ୍ୟାଦି ଅଞ୍ଚଳରେ ଏହି ୨୦।୩୦ ଲକ୍ଷ ଭୂୟାଁ ପାହାଡ଼ିଆ ଜାତି ବସବାସ କରି ରହିଛନ୍ତି । ଆସାମରେ ଏକ ସମୟରେ ଏମାନେ ରାଜଗାଦି ଦଖଲ କରିଥିଲେ । ପାହାଡ଼ ଅଞ୍ଚଳ ଛାଡ଼ି ସମତଳ ଅଞ୍ଚଳରେ ବାସ କରୁଥିବା ଭୂୟାଁମାନେ ବେଳେ ବେଳେ କ୍ଷତ୍ରିୟ ବା ଖଣ୍ଡାୟତ ଇତ୍ୟାଦି ଭାବରେ ପରିଚୟ ଦିଅନ୍ତି । ତେବେ ଏମାନଙ୍କର ବନ୍ଧୁବାନ୍ଧବଙ୍କୁ ଏମାନେ କ'ଣ ବୋଲି ଡାକନ୍ତି ତାର ମଧ୍ୟରୁ ଏମାନେ ଦ୍ରାବିଡ଼ ହେଲେ ବି କେତେଦୂର ଆର୍ଯ୍ୟଭାଷା ବା ଓଡ଼ିଆର ପ୍ରଭାବରେ ପଡ଼ିଛନ୍ତି ତାହାର ଧାରଣା କରି ହୁଏ ।

ବିଭିନ୍ନ ସମ୍ପର୍କରେ ଗୋଟାଏ ତୁଳନା ଏଠାରେ ଦିଆଯାଇଛି—

| ସଂସ୍କୃତ | ଓଡ଼ିଆ | ଭୂୟାଁ | ସମ୍ବଲପୁରୀ (ଓଡ଼ିଆ) |
|---|---|---|---|
| ପିତା | ବାପ | ବୁଆ | ବୁଆ |
| ମାତା | ମା | ମାଁ | ମାଁ |
| ପିତୃବ୍ୟ | କକା, ଦାଦି | କକା | କକା |
| ପିତୃବ୍ୟ ପତ୍ନୀ | କାକି,(ଖୁଡ଼ି) | କକି | କାକି |
| ସ୍ୱାମୀ | ଘଇତା | ଘଇତା | ଘଇତା |
| ସ୍ତ୍ରୀ | ମାଇପ, ଭାର୍ଯ୍ୟା | ଭାର୍ଯ୍ୟା | ଭାର୍ଯ୍ୟା |
| ଭ୍ରାତୃଜାୟା | ଭାଉଜ, ନୂଆବୋହୂ | ବହୁ | ବହୁ |
| ଜ୍ୟେଷ୍ଠ ଭ୍ରାତା | ଦଦେଇ | ବଡ଼ୁ | ବବା |
| ସାନ ଭାଇର ପୁଅ | ପୁତୁରା | ବଡ଼ୁ | ବଡ଼ୁ |
| ମାତୃଷ୍ୱସାର ସ୍ୱାମୀ | ମଉସା | ବଡ଼ୁ | ମଉସା |
| ଗୋସାଇଁ ବାପ<br>ପଣ ଅଜା<br>ଗୋସାଇଁ ବାପର ଭାଇ<br>ପଣ ଅଜାର ଭାଇ | | ବଡ଼ୁ | |
| | ଶାଳୀର ପୁଅ | ପୁତ୍‌ରା | ପୁତ୍‌ରା |
| | ଶାଳୀର ଝିଅ | ଝିଆର | ମୋଷା, ପୁତ୍ରି |

ଏହା ଛଡ଼ା ଶଶୁର, ଦେର୍‌ଶୁର, ମଉଳାଶୁର, ବଡ଼ ଶଳା (ଡାକ ଦାଦା), ଶାସ୍ (ଶାଶୁ), ବଡ଼ ଶାଶୁ, ସାନ୍ତୋଷ (ସଉତୁଣୀ), ଜବା (ବଡ଼

ଭାଇ) ନନା (ବଡ଼ ଭଉଣୀ), ଜା (ନନା), ଆଈ (ବାଇ) ଇତ୍ୟାଦି କେତୋଟି ସମ୍ପର୍କ ଛାଡ଼ି ଦେଲେ ବାକି ସବୁ, ଭଣୋଇଁ, ଅଜା, ମାମୁଁ (ପିଉସାକୁ ବି ମାମୁଁ) ପିଉସୀ, ମାଇଁ, ମାଉସୀ (ମା ଠାରୁ ଜ୍ୟେଷ୍ଠ ଭଉଣୀ, ବଡ଼ ଭଉଣୀ, ବହିଇ), ମଉସା, ସାନ ଜାଆ (ଭାଇନ, ସମ୍ବନ୍ଧି, ସମ୍ବନ୍ଧାଣି, ସାନ ଭାଇ, ଝିଅ, ପୋ, ପୁଅ, ଧାଙ୍ଗଡ଼ା (ଦିଅର), ଜୁଆଇଁ, ଭାଣଜ ଜୁଆଇଁ, ଭଣଜା, ବଗାଇ (ସାନ ଭାଇର ଝିଅ) ଭାଣଜି, ଭଣଜା ବୋହୂ, ନାତି, ନାତିନ୍ ଇତ୍ୟାଦି ଶବ୍ଦ ସମ୍ବଲପୁର ଅଞ୍ଚଳର ପ୍ରଚଳିତ ଓଡ଼ିଆ ଘରର ଡାକ ନାମ ଭଳି ।

[ଓଡ଼ିଶାର ପାହାଡ଼ି ଭୂୟାଁ (ଇଂରାଜି ବହି) ଏସ୍. କେ. ରାୟ]

ଭୂୟାଁ ଜାତିମାନଙ୍କର କଥା ଛାଡ଼ି ଦେଲେ ବି ମୁଣ୍ଡା, ଓରାଂ, ବଞ୍ଜିଆ, ସାନ୍ତାଳ, କିଷାନ୍, ଖଡ଼ିଆ, ପରଜା, ବନ୍ଦ ପରଜା, କନ୍ଧ, କୋଲ୍ହ, ଶବର ଇତ୍ୟାଦି ଆଦିବାସୀ ମାନଙ୍କର ଭାଷାର ପ୍ରଭାବ ଓଡ଼ିଆ ଉପରେ ପଡ଼ିଛି । ଓଡ଼ିଆ ଭାଷାର ପ୍ରଭାବ ମଧ୍ୟ ସେମାନଙ୍କର ଭାଷା ଉପରେ ଆହୁରି ଅଧିକ ଭାବରେ ପଡ଼ିଛି । ଯେହେତୁ ଆଦିବାସୀମାନଙ୍କର ଭାଷାର ବିକାଶ ଆଦିମ ଯୁଗରୁ ଖୁବ୍ ଅଳ୍ପ ହୋଇଛି ସେହି କାରଣରୁ ସେମାନେ ଆପଣାର ଦୈନନ୍ଦିନ ବ୍ୟବହାର ଉପଯୋଗୀ ବହୁ ଶବ୍ଦ ଓଡ଼ିଆ, ହିନ୍ଦି, ବଙ୍ଗଳା, ତେଲୁଗୁ, ଆସାମିୟା ଭାଷାମାନଙ୍କରୁ ସଂଗ୍ରହ କରିଛନ୍ତି । କିନ୍ତୁ ପ୍ରାଥମିକ ଅବସ୍ଥାର ଯେଉଁ ମୌଳିକ ଶବ୍ଦଗୁଡ଼ିକ ଓଡ଼ିଆ ଭାଷାରେ ଆଦିବାସୀ ଭାଷା ଭିତରୁ ରହି ଆସିଛି, ସେଗୁଡ଼ିକ ଏପର୍ଯ୍ୟନ୍ତ ଅବିକଳ ସେହି ଅବସ୍ଥାରେ ରହି ଆସିଛି ।

## ଖାଣ୍ଟି ଓଡ଼ିଆ

ଓଡ଼ିଶାର ପଶୁପକ୍ଷୀ, ଖାଦ୍ୟପଦାର୍ଥ, ଖରାବର୍ଷା ଓ ଋତୁ, ବିଭିନ୍ନ ଜୀବିକା, ନାନା ରକମର ଫସଲ, ଘରର ବାସନକୁସନ, ଫଳଫୁଲ କୋଳ, ପୂଜାର ସାମଗ୍ରୀ, ଜଗନ୍ନାଥ ମହାପ୍ରଭୁଙ୍କର ମଣୋହି, ଧୂପ, ଉପଚାର, ରାଜାମାନଙ୍କର ବିଭିନ୍ନ ନିତ୍ୟକର୍ମ, ଗୃହବାସ ଓ ହଳକାମର ବିଭିନ୍ନ ଉପକରଣ, ସାଧବ ସୌଦାଗରମାନଙ୍କର ସମୁଦ୍ର ଯାତ୍ରା, ନୌକା, ନୌଚାଳନା ଓ ତାହାର ଉପକରଣ ଏଭଳି ଅନେକଗୁଡ଼ିଏ ଶବ୍ଦ ଖାଣ୍ଟି ଓଡ଼ିଆ ଶବ୍ଦ । ଗତ ହଜାରେ ବର୍ଷ ହେଲା ଏହି ଶବ୍ଦଗୁଡ଼ିକ ଓଡ଼ିଆ ଜୀବନର ଭିତ୍ତିଭୂମି ତିଆରି କରିଛି । ତେଣୁ ଏହି ସଂକ୍ରାନ୍ତର ସମସ୍ତ

ଶବ୍ଦ ଓଡ଼ିଆମାନଙ୍କର ଜୀବନର ଅଙ୍ଗରେ ପରିଣତ ହୋଇଯାଇଛି । ଅବଶ୍ୟ ଅଞ୍ଚଳ ଅନୁପାତରେ ଏହି ଶବ୍ଦମାନଙ୍କରେ ପ୍ରଭେଦ ରହିଛି ।

ତେବେ ଓଡ଼ିଆ ଭାଷାରେ କେତେଗୁଡ଼ିଏ ଶବ୍ଦର ଭବିଷ୍ୟତ ଧୀରେ ଧୀରେ ମଉଳି ଯାଉଛି । ଯଥା ପୁରୀ ଜଗନ୍ନାଥଙ୍କର ପହଣ୍ଡି, ଭୋଗ ମଣ୍ଡପ, ସେବାୟତ, ତାନ୍ତ୍ରିକ, ଦଇତାପତି, ମଣୋହି, ଆଟିକା, ଖିରିସା, ବଡ଼ଶିରିସା, ଭୋଗ, ମାଣ୍ଡୁଅ, ଅଭଡ଼ା, ନିର୍ମାଲ୍ୟ, କୈବଲ୍ୟ, ଚଢ଼େଇ-ଲେଦା, ପୁରକାକବା, ପହ୍ନଲ ଶ୍ରୀଅଙ୍ଗ ଲାଗି, ଶ୍ରୀଅଙ୍ଗଫିଟା, ଝାଞ୍ଜପିଟା, ଦେବାର୍ଚ୍ଚନ, ଇତ୍ୟାଦି ଇତ୍ୟାଦି ।

ଏବେ ଗଣତାନ୍ତ୍ରିକ ଓଡ଼ିଆରେ ଆମେ କହୁଛୁ 'ଖାଇଲଣି ?' ସେବେ ରସାଳ ଭାଷାରେ କୁହାଯାଉଥିଲା 'ଧୂପ ଚଢ଼ିଲାଣି ।' ଏବେ କହୁଛୁ 'ପ୍ରାତରାଶ ହେଲାଣି' ଅର୍ଥାତ୍ ବ୍ରେକ୍‌ଫାଷ୍ଟ କଲଣି ?' ସେବେ କୁହାଯାଉଥିଲା 'ପହ୍ନଲଭୋଗ ବଢ଼ିଲାଣି ?' ପୃଥିବୀର ସଚରାଚର ଯେଉଁଠାରେ ଯେଉଁ ଜିନିଷ ପ୍ରବଳ ସେହି ଜିନିଷ ଭାଷାରେ ନାନା ଶବ୍ଦ ରୂପରେ ପ୍ରଭାବ ପକାଇଥାଏ । ଯଥା ଏସ୍କିମୋମାନଙ୍କ ଭାଷାରେ 'ବରଫ'ର ପ୍ରାୟ ତିରିଶ ଚଉତିରିଶଟି ଶବ୍ଦ ମିଳେ । କିନ୍ତୁ ଓଡ଼ିଆରେ 'ବରଫ' ପାଇଁ ଗୋଟିଏ ଶବ୍ଦ । ବୋଧହୁଏ ଏହି ଶବ୍ଦ ବି ଓଡ଼ିଆ ନୁହେଁ । ଓଡ଼ିଆ କହନ୍ତି 'ସକାଳୁ ଉଠି ଲଙ୍ଗଳେ ଯାଆନ୍ତି ତୋଡ଼ାଣି ହେମ କାକର ।' ଏବେ ହେମ କାକର ନ କହି ବରଫ ବୋଲି କହିବାର ଚଳଣି ଚଳିଲାଣି । ପୁରୀ, ଗଞ୍ଜାମ କଟକ ଓ ବାଲେଶ୍ୱର ଅଞ୍ଚଳରେ ଯେଉଁଠି ନଡ଼ିଆଗଛ ଅଛି ଓ ନଡ଼ିଆର ବିଶେଷ ବ୍ୟବହାର ଅଛି ସେଇଠି ନଡ଼ିଆଗଛର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗର ନାମ ଅଛି ଯଥା କତା, ଖୋସା, ବରଡ଼ା, ଗୁଂଚ, ଗୁଂଶ, ଫୋପଡ଼ା, ଗୋଟମା, ଅଦାଡ଼ୁଆ, ଭୁତଖିଆ, ପଇଡ଼, ଖୁରୁଡ଼, ଶୁଖିଲ, ଚଅଁର ଇତ୍ୟାଦି ଇତ୍ୟାଦି । କିନ୍ତୁ ସମ୍ବଲପୁର ବା ପୂର୍ବତନ ଗଡ଼ଜାତ ଅଞ୍ଚଳରେ କୋରାପୁଟ, ଗଞ୍ଜାମ ମାଳରେ ନଡ଼ିଆ କେବଳ ଗୋଟିଏ ମାତ୍ର ଶବ୍ଦ ଭାବରେ ରହିଛି । ତାହାଛଡ଼ା ଅନ୍ୟ ବସ୍ତୁଗୁଡ଼ିକର ଦେଖା ଦର୍ଶନ ନାହିଁ । ତେଣୁ ସେଗୁଡ଼ିକ ଲାଗି ଶବ୍ଦର ଲୋଡ଼ା ପଡ଼ିନାହିଁ ।

ଆଜିର ଗଳ୍ପ ଓ ଉପନ୍ୟାସ ଲେଖାଳିମାନେ ନାନା ସ୍ଥାନରୁ ଉପମା ମାନ ଆଣି କିମ୍ବା ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁରୁ ଖୋଜିଲେହି

ଆପଣାର ନାୟିକାର ତୈଳପଣ ପ୍ରକାଶ କରୁଛନ୍ତି । ଆଜକୁ ପ୍ରାୟ ୪୫ ବର୍ଷ ତଳେ ଗୋଟିଏ ଅଧାବୟସୀ ହରିଜନର ସ୍ତ୍ରୀଠାରୁ ତା'ର ବାଲ୍ୟକାଳର ରୂପଶ୍ରୀ ବର୍ଣ୍ଣନା ଶୁଣିବାକୁ ମିଳିଥିଲା । ଏହି ବର୍ଣ୍ଣନାଟି ଲକ୍ଷଣୀୟ ।

ଆପଣାର ପରବର୍ତ୍ତୀ ଜୀବନ ସଂଗ୍ରାମର ଦୁଃଖ ବର୍ଣ୍ଣନା କରି ସେହି ଅଧାବୟସୀ ବାଉରୁଣିଟି କହିବାର ଶୁଣାଯାଇଥିଲା "ସାଆନ୍ତାଣି ଲେ୍ କ'ଣ କହିବ ? ଏବେ ସିନା କରମ ପୋଡ଼ିଗଲା । ସେତେବେଳର କଥା··· । ଦାସ କେରେନ୍ତେଇ; କରମ ନେନ୍ତେଇ, ମନ୍ଦାର ଫୁଲ, ହମାର ମୁଣ୍ଡରେ ଥାଇ, ବେକରେ ହ ସୋର କୁରୁଜାତକ ପଡ଼ିଥାଇ । ସୋରିଷିଆ ହ ମାର ବୋଉ ପିନ୍ଧାଇ ଦେଇଥାଇ । ସାନ୍ତାଣିଲେ କ କହିବ । ବଡ଼ ଦେଉଳରେ ହମରେଇ କିଏ ? ମୁଁ ତ ଜନୁଥାଇଁ···ଜୋଇଁ ଯେତେବେଳେ ଚୁହିଁଦେଲେ କହିଲେ ଆହା କି କଲା । ଏତେ ସୁନ୍ଦର ପେଣ୍ଡା ଗୋଡ଼ରେ ବଳା ନାହିଁ । ଧଇଲେ କୋଡ଼—ବଳା ଗଢ଼ି ଗଲେ ।"

ଏହି କଥା ଗୁଡ଼ିକର ସାଧୁ ଉଚ୍ଚାରଣ ହେବ । "ଦାସକେରେଣ୍ଟା ଫୁଲ, କଳମ ଫୁଲ, ଆଉ ମନ୍ଦାର ଫୁଲ ହ ମାଳ ମୁଣ୍ଡରେ ଖୋସା ହୋଇଥାଏ । ବେକରେ ହ ସୋର କୁରୁଜାତକ (ଏକ ପ୍ରକାର ସୁନା ମୋହର) ପଡ଼ିଥାଏ । ସୋରିଷିଆ (ସୋରିଷ ଭଳି କଣ୍ଟିଥାଇ ସୁନାର ମାଳ) ହ ମାଳ ବୋଉ ପିନ୍ଧାଇ ଦେଇଥାଏ । ସାଆନ୍ତାଣି ଲୋ, କି କହିବ । ବଡ଼ ଦେଉଳରେ ହମଳେଇ କିଏ ? ମୁଁ ତ ଜଳୁଥାଏ । ଜୋଇଁ [ଅର୍ଥାତ୍ ତା'ର ବର] ଯେତେବେଳେ ଚୁହିଁ ଦେଲେ, କହିଲେ ଆହା, କି କଲା, ଏତେ ସୁନ୍ଦର ପେଣ୍ଡା ଗୋଡ଼ରେ ବଳା ନାହିଁ । ଧଇଲେ କୋଡ଼, ବଳା ଗଢ଼ିବାକୁ ଗଲେ ।"

ଏଠାରେ ଦେଶଜ ଉପମା ଓ ଅଳଙ୍କାର ଲକ୍ଷଣୀୟ ।

ଓଡ଼ିଆ ଋତୁରେ ଗ୍ରୀଷ୍ମ ସବୁଠୁଁ ପ୍ରବଳ ଓ ତା'ପରେ ବର୍ଷା । ପାହାଡ଼ିଆ ଅଞ୍ଚଳରେ ଗ୍ରୀଷ୍ମ, ବର୍ଷା ଆଉ ଶୀତ । ତେଣୁ ଖରା ଓ ବର୍ଷାର କେତେ ପ୍ରକାର ଭେଦ ରହିଛି । 'ହସି ପଶେ ଉଇଁ ନ ହସେ' 'ଗୁଳୁଗୁଳିଆ ଖରା','ଟାଇଁଟାଇଁଆ ଖରା','କନକନିଆ ଜାଡ଼','ଝିପି ଝିପିଆ ବର୍ଷା','କୁଣ୍ଡାଝଡ଼','ଫରଫରା ଅସରା', ଇତ୍ୟାଦି ଏହି ଶ୍ରେଣୀର ଶବ୍ଦ ଓଡ଼ିଆ ଭାଷାରେ ପ୍ରଚୁର ।

[୧] ଖେଳାଳି, ପଢ଼ାଳି, ଶୁଣାଳି, ବୁଣାଳି, ଲେଖାଳି, କଟାଳି, ବଟାଳି,...ଏସବୁ କ୍ରିୟାରୁ ତିଆରି ପଦ...ସଙ୍ଗୀତିଆଳି, ଇଙ୍ଗିତିଆଳି,...ଇତ୍ୟାଦି ଇତ୍ୟାଦି ।

[୨] ପାଇଟିଆଳି, ବୋଇତିଆଳି, ମହିଷିଆଳି, ଗୋରୁଆଳି, ଗୁଆଳି, ରଖୁଆଳି, ମଙ୍ଗୁଆଳି, ଇତ୍ୟାଦି ଜୀବିକା ଓ ଜୀବିକା ଉପକରଣ ତିଆରି ଶବ୍ଦ ।

[୩] ପଥୁରିଆ, ବେଠିଆ, ମୂଲିଆ, ଗୁଲିଆ, ଜାଲିଆ, ଘରିଆ, ବାରମାସିଆ, ହଳିଆ, ଡାହାଣ ପାଲିଆ, ବାଁ ପାଲିଆ ( ଓ ତାହା ସଙ୍ଗରେ ଗୋପାଳକୃଷ୍ଣଙ୍କର) ବଉଳମୂଳିଆ, ମୟୂରଚୂଳିଆ, ନାଗମୂଳିଆ, ନଳିକୂଳିଆ—[ଉଭୟ ବିଶେଷ୍ୟ ଓ ବିଶେଷଣ]

[୪] (ଏବେ ଚଳିଲାଣି) ମଜୁରିଦାର, ଚୌକିଦାର, ଜମାଦାର, ଇଜାରଦାର, ସିରସ୍ତାଦାର ଠାରୁ ପେଷାଦାର (ସାମ୍ବାଦିକ) ଯାଏ ବହୁତ ଶବ୍ଦ ।

[୫] ବାସନକୁସନ ସରଞ୍ଜାମ ବିଷୟରେ ଯଥା :—ଥାଳି, ବାଟି, ଗିନା, ଖୁରି, ଗିଲାସ, ଝରି [ପାଣି ପିଇବାର ଲୋଟା], ଲୋଟା, ଗଡୁ, ପଥୁରି, ପାନ୍ଦୁସେଇ, ତାଳ, କରଚୁଲି, ପିଠାପାଡିଆ, ଜାଲିଚଟୁ, ଚଟୁ ଇତ୍ୟାଦି ଶହ ଶହ ଶବ୍ଦ ।

## ବିଶେଷ୍ୟ, ବିଶେଷଣ

ଓଡ଼ିଆ ଭାଷାରେ ଗୁଣ, ପରିମାଣ, ଅବସ୍ଥା ବୁଝାଉଥିବା ଶବ୍ଦ ଗୁଡ଼ିକ ଉଭୟ ବିଶେଷ୍ୟ ଓ ବିଶେଷଣରେ ବ୍ୟବହାର ହୋଇ ଆସିଛି ।

ଯେପରି :—[୧] ତା'ର **ବିକଳ** ମୁଁ ସହି ପାରିଲି ନାହିଁ ।

'ଜୀବନ ସହିତ ଏହି ଅବିଭାଜ୍ୟ ଯୋଗରକ୍ଷା କରିବା ସାହିତ୍ୟର କେବଳ **ଯଥାର୍ଥ** ନୁହେଁ ।' [କାଳଚରଣ—ସାହିତ୍ୟିକ]

[୨] ବିଶେଷ୍ୟରେ ଈ କାରାନ୍ତ ଯୋଗକରି ବିଶେଷଣ କରାଯାଏ ଓ ତାହା ବି ବିଶେଷ୍ୟର କାର୍ଯ୍ୟ କରେ ।

"ଯେଉଁମାନଙ୍କୁ ଦେଖି ମୁଁ ଆପଣାକୁ **କୁଟୁମ୍ବୀ** ବୋଲି ମନେ କରୁଥିଲି ।" —ଗୋପବନ୍ଧୁ

"**ସଂସାରୀ** ସଙ୍ଗତେ ସଙ୍ଗ ହେବା ପାଇଁ
କଦାପି ମୋହର ମନ ବଳେ ନାହିଁ ।"

"ମୋତେ ଦଶ ତାରିଖରେ ଦଶହଜାର ଟଙ୍କା **ସଂସାରୀ ପାଇଁ** ବାନ୍ଧିବାକୁ ପଡ଼ିବ । [ଗଞ୍ଜାମ ପ୍ରୟୋଗ]

[୩] କ୍ରିୟାର ପ୍ରୟୋଗରେ ବିଶେଷଣ ଓ ବିଶେଷ୍ୟ ଉଭୟ :—
"ନିତ ମଲୁକୁ ଚାହାନ୍ତା ନାହିଁ କି ନିତ ମାଗନ୍ତାକୁ ଦିଅନ୍ତା ନାହିଁ ।"
ହାତ ପାହାନ୍ତା, ପୋଷନ୍ତା [ପୁଅ], ଚଳନ୍ତା [ଚଳନ୍ତି] ଭାଷା;
[୪] ଏ'କାର ପ୍ରୟୋଗରେ ପରିମାଣ; ବିଶେଷଣ—
'ହାତେ ମାପି ଚାଖଣ୍ଡେ ଚାଲ' । 'ଟୋକେଇଏ ଫୁଲ ତୋଳିଲେ ଟୋକେଇଏ ଟଙ୍କା ମିଳିବ ।'

'କୋଶେ ବାଟକୁ ଗଲେ ପୋସେ ବାନ୍ଧିଥିବା ଭଲ ।'
'ଅଧପାଏ ମାଲପାରେ କେତେ ମାମଲତ ?'
'ଯୋଜନେ ଦୂରକୁ ବୋଲି କୁହାଟ ଶୁଭୁଥାଏ ।'
'ଶଗଡ଼େ ଧାନ ପାଇଁ ବଣା ଶହେ କୋଶ ଚାଲିଗଲା ।'
[୫] ବିଶେଷଣରେ 'ପଣ' ଯୋଗ କରି ବିଶେଷ୍ୟ ତିଆରି :—
"ଦିଆ ପଣକୁ, ଓଁଟାର ନେଉଛି କିଆବଣକୁ ।"
"ଦୃଷ୍ଟପୂର୍ବ ହୋଇ ଅପୂର୍ବ ପ୍ରଣତି, ସୁନ୍ଦର ପଥର ଚିରନ୍ତନ ମାଣ୍ଡି ।"
[ରାଧାନାଥ ଇତ୍ୟାଦି]
[୬] କ୍ରିୟାରେ 'ଇଆ' ବା 'ଆ' ଯୋଗ କରି ବିଶେଷ୍ୟ ବା ବିଶେଷଣ :—
'ପଡ଼ିଆ ଜମିକୁ ଉଠିଆ କରିବା କମ୍ କଷ୍ଟ କଥା ନୁହେଁ ।
[୭] ଅଳ୍ପ ଅର୍ଥରେ 'ଆକାର' ବିଶେଷଣ ଓ ବିଶେଷ୍ୟ :—
'ଲର୍ଡ଼ କର୍ଜନଙ୍କ ଭଳି ଦନ୍ତା ବଡ଼ଲାଟ ବି ଥକିଗଲେ ।'
ଗୋପବନ୍ଧୁ ।
'ବେଳେ ବେଳେ ତେଜସ୍ୱୀ ଲୋକର ହାତ ଲେଖ ଖୁବ୍ ପ୍ରଖର ।'
ଲୋକଟା ଡାହାଣୀ ପରି ଚାହିଁଛି ।
[୮] ଅଭ୍ୟାସ ବା ଅମଳ ଅର୍ଥରେ 'ଆକାର' :—
ଛଳମା ଚୋର, ଆପୁଆ ଭୋଳ
ମଦୁଆଙ୍କ ଘରେ ନିତି ଲାଗେ ଗୋଳ [ଗୋପବନ୍ଧୁ]
[୯] କ୍ରିୟାର ରୂଢ଼ ପ୍ରୟୋଗରେ ବିଶେଷଣ ଓ ବିଶେଷ୍ୟ :—

'ଭଙ୍ଗା ଚାଳ ।' 'ଗୁଞ୍ଜା ରୁଅ ।' 'ଅଚଂଛା ବାଉଁଶ ।' 'କାର୍ତ୍ତିକ ନିଗଡ଼ା ପଡ଼ିଛି ।' 'ମୋତେ ଦେଖି ସେ ଏମିତି ବିଗିଡ଼ା ବିଗିଡ଼ିଲେ ।' 'ଥୁଆ ମାଲ ।' 'ଧୁଆମୂଳା ଅଧୁଆମୂଳା ସବୁ ସମାନ ।' 'ଦିଆକୁ ଦିଆ ଅଦିଆକୁ ଦୁଆର ଦିଆ ।'

[୧୦] କେତେଗୁଡ଼ିଏ କ୍ରିୟାରୁ ଉତ୍ପନ୍ନ ଶବ୍ଦ ଅନୁଚିତ ଅର୍ଥରେ ବ୍ୟବହାର କରାଯାଏ । ଯେପରି—

[କ] ପିଲା ବେଶି କୁହାଳିଆ ହୋଇ ଯାଉଛି । [ବିଶେଷଣ]

[ଖ] ଉପର ଠାଉରିଆ କଥାରେ କ'ଣ ଯାଏ ଆସେ ? [ବିଶେଷଣ]

[୧୨] କେତେଗୁଡ଼ିଏ ବିଶେଷଣ ଦେଶଜ ଶବ୍ଦ······

ଯଥା—[କ] ଫଳନ୍ତ ଗଛ [ଖ] ଦୁହାଳିଆ ଗାଈ [ଗ] ଭରାନଈ [ଘ] ଚଳନ୍ତି ଭାଷା ଇତ୍ୟାଦି ।

[୧୩] କେତେଗୁଡ଼ିଏ ଯାଉଁଳି ବିଶେଷ୍ୟ ଶବ୍ଦ :—

ଓଲଟପାଲଟ, ଲୁଗାପଟା, କାନ୍ଦବୋବାଳି, ବାସନକୁସନ, ଘରବାଡ଼ି, ଠେଙ୍ଗାବାଡ଼ି, ବାଡ଼ିବଗିଚ୍ଚ, ଦାନଧର୍ମ, ଇତ୍ୟାଦି ।

[୧୪] ଅସମାପିକା କ୍ରିୟାରୁ ବିଶେଷଣ—

[କ] 'ଦେଖ ମୋ ପାରିବାର ପଣ, କାଟି ଆଣିଦେବି ଚକୁଣ୍ଡା ବଣ ।'

[ଖ] 'ତୁମେ ତ ଭାରି ଜାଣିବାର ଲୋକ ଜଣେ !'

[ଗ] 'ଆମର ଦେଖିବାର କଥା ଯେ କେହି ଯେପରି ବାଦ ନ ପଡ଼ନ୍ତି'

[ଘ] 'ଏଥିରୁ ଅନେକ କଥା ଶିଖିବାର ଅଛି ।' ଇତ୍ୟାଦି ।

[୧୫] ଅସମ୍ମାନ ଅର୍ଥରେ କେତେଗୁଡ଼ିଏ ଯୁଗ୍ମ ପଦ (ଓଡ଼ିଆ ସମାସ) ବିଶେଷଣ—

ଆଗଚମ୍ପା, ଆଗବୋଲା, ଆଗତକୁହା, ପଛବୁଦ୍ଧିଆ, ମୋହନ୍ମତ, ବାହାପିଆ, ଇତ୍ୟାଦି ।

[୧୬] ଶାରୀରିକ ଅବସ୍ଥା ବୁଝାଉଥିବା ବା କୌଣସି ବଦଗୁଣ ବୁଝାଉଥିବା ବିଶେଷଣ [ଓଡ଼ିଆ ସମାସ]

ଗଳାକଟା, ତୋଟିକଟା [ତଣ୍ଟିକଟା], ମୁଣ୍ଡପୋଡା' [କେଳା], କଳାପୋଡା, ନାକଫୋଡ଼ା, ଚନ୍ଦାମୁଣ୍ଡା ।

ସୁତରାଂ ଏକସିଂଘା ଷଣ୍ଢ ପରି ଯେଉଁଆଡ଼େ ଯେତେବେଳେ ବିଚୁରଛନ୍ତି ଠେଲି ପେଲି ଚାଲି ଯାଉଛନ୍ତି ।" —ଗୋପବନ୍ଧୁ ଦାସ

[୧୭] ଧ୍ୱନିର ଅନୁକରଣରେ ତିଆରି ବିଶେଷ୍ୟ ଓ ବିଶେଷଣ :

ଭରଭର ବାଜିଲା ।' 'ଏଠା ଗୋଟାଏ ତବତବାଟାଏ ।' 'ଗମଗମିଆ ଝୋଳ ।' 'ଘନଘନିଆ ନଦୀ ।'

ଘଡ଼ଘଡ଼, ଚଡ଼ଚଡ଼, ଗଡ଼ଗଡ଼ିଆ [ଘାଟ], ରଡରଡିଆ ନିଆଁ, ଫଡ଼ଫଡ଼ିଆ ଲୋକ, ରଡରଡିଆ ଦିନ, ଇତ୍ୟାଦି ।

[୧୮] ଅତୀତକାଳର ନତ୍ୟପ୍ରକୃତ କ୍ରିୟାରୁ ବିଶେଷଣ— ଇତ୍ୟାଦି

ହେଲକଥା, ଥିଲଲୋକ, ବଢ଼ିଲି ନଇ ଜାଣିଲି କଥା, ଉପରେ ଯାହା ଦିଆଯାଇଛି ସେଗୁଡ଼ିକ ମାତ୍ର ଉଦାହରଣ । ଏଥିଭିତରୁ ଓ ଏହା ବାହାରେ ସହସ୍ର ସହସ୍ର ଶବ୍ଦ ଓଡ଼ିଶାର ଗାଁ ଗହଳରେ ଶୁଣାଯାଏ ଏହି ଭଳି ବ୍ୟବହୃତ ହୋଇ ପଡ଼ୁଛି । କେତେକ ଲୋକ ମୁଖରୁ ଲୋକ ମୁଖକୁ ଯାଇ ବଞ୍ଚୁଛି । କେତେକ ଗୋପବନ୍ଧୁଙ୍କ ଭଳି ଗଦ୍ୟ ଲେଖକଙ୍କର ମାଧ୍ୟମରେ ଲିଖିତ ଗଦ୍ୟଭାଷାରେ ସାମିଲ ହୋଇଛି । କେତେକ ବି ପ୍ରୟୋଗ ଅଭାବରୁ ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଛି ।

## କାରକ ଓ ବିଭକ୍ତି

ଓଡ଼ିଆ ଭାଷାରେ ପ୍ରଧାନ କାରକ କର୍ତ୍ତା, କର୍ମ, ଅପାଦାନ,ଅଧିକରଣ । ପୂର୍ବକାଳରେ ହିନ୍ଦ-ଇଉରୋପୀୟ ଭାଷାମାନଙ୍କରେ ଯଥା ରୁଷୀୟ, ଇଂରାଜୀ ଲାଟିନ, ପ୍ରାଚୀନ ଗ୍ରୀକ୍, ଫରାସି, ପାରସିକ ଓ ଉତ୍ତର ଭାରତୀୟ ଭାଷା-ମାନଙ୍କରେ ଆଠଟି କାରକ ଥିଲା । ଯଥା କର୍ତ୍ତା, କର୍ମ, କରଣ, ସମ୍ପ୍ରଦାନ ଅପାଦାନ, ଅଧିକରଣ, ସମ୍ବୋଧନ, ସମ୍ବନ୍ଧ ପଦ । କିନ୍ତୁ ଆଜି ଏଭିତରୁ ବହୁ କାରକ ଲୋପ ପ୍ରାପ୍ତ । କାରଣ ଭାଷାର ବିକାଶ ସଙ୍ଗେ ସଙ୍ଗେ କାରକ ମାନଙ୍କର ବିଭକ୍ତି ଗୁଡ଼ିକ ଲୋପ ପାଇ ଯିବାରେ ଲାଗିଛି । ତେଣୁ ସଂସ୍କୃତ ଭାଷାରେ ଯେପରି ପ୍ରତ୍ୟେକ କାରକ ବିଭକ୍ତି-ଯୁକ୍ତ ହୋଇ ଅଲଗା ଅଲଗା ଧାତୁ ରୂପ ନଅନ୍ତି ଓଡ଼ିଆ ଭାଷାରେ ତାହା ଏକାବେଳକେ ବଦଳି ଯାଇଛି

ଉଦାହରଣ ସ୍ୱରୂପ ଓଡ଼ିଆରେ ହୁଏ "ରେଲଗାଡ଼ି ଗ୍ଭଲିଲା" ନୋହିଲେ ହେବ "ଗ୍ଭଳକ ଗାଡ଼ି ଚଳାଇଲା" । ସାଧାରଣତଃ ଏକଥା ହୁଏ ନାହିଁ "ଗ୍ଭଳକ ଦ୍ୱାରା ଗାଡ଼ି ଚଳା ହେଲା" । ଠିକ୍ ସେହିପରି ହେବ "ମୁଁ ଏକାର୍ଯ୍ୟ କରି ପାରିବି ନାହିଁ" । ନୋହିଲେ ହେବ "ମୋ ଦେଇହିତ ଏକାର୍ଯ୍ୟ ହୋଇ ପାରିବ ନାହିଁ ।" ତେଣୁ କରଣ କାରକରେ 'ମୋ' 'ତୋ' 'ତାଙ୍କ' ବା 'ରାମ' 'ଗୋପାଳ' ଇତ୍ୟାଦି ସର୍ବନାମ ଓ ବିଶେଷ୍ୟ ପଦର ରୂପ ଦେବାରେ 'ଦେଇହିତ' 'ଦେଇ' 'ଦେଇକି' ଇତ୍ୟାଦି ଲଗାଯାଇ ସାଧାରଣତଃ କରଣ କାରକ କରା ଯାଇଥାଏ ।

ଓଡ଼ିଆରେ ସଂସ୍କୃତ ଭଳି 'ରଜକସ୍ୟ ବସ୍ତ୍ରଂ ଦେହି' ଅର୍ଥାତ୍ 'ଧୋବାକୁ ଲୁଗା ଦିଅ'ରେ ରଜକସ୍ୟ ଭଳି ବିଭକ୍ତି ସୂଚକ କାରକର 'ମୁଁ ଘଡ଼ିଟିକୁ ମରାମତ ପାଇ ଦୋକାନକୁ ଦେଇଛି ।' ବା 'ମୁଁ ଧୋବା

ଘରେ ଲୁଗା ଦେଇଛି ।' ବାକ୍ୟ ଭଳି ମାନଙ୍କରେ 'ଘଣ୍ଟ' ବା 'ଲୁଗା' ର ଯେ ଫେରି ପାଇବାର ସୂଚନା ଅଛି ଓ ଏଗୁଡ଼ିକୁ ଦେବା ଯେ ସମ୍ପୂର୍ଣ୍ଣ ଦାନ ନୁହେଁ ଏକଥା ଭାଷାର ଇଙ୍ଗିତରୁ ବୁଝାପଡ଼େ । ଏଥିପାଇଁ ବିଭକ୍ତିର ବିଶେଷତ୍ୱର ଲୋଡ଼ା ପଡ଼ୁନି ନାହିଁ ।

'ପୃଥିବୀ ମୁହଁରୁ ଚିର ଦରିଦ୍ରତାର ଦାଗ ଲିଭି ଯାଉ ।' ଗୋପବନ୍ଧୁଙ୍କର ଏହି ବିଖ୍ୟାତ ବାକ୍ୟଟିରେ ପୃଥିବୀ ପରେ ସମ୍ବନ୍ଧ ପଦ ନାହିଁ । 'ମୁହଁରୁ' ରେ ବିଭକ୍ତି 'ରୁ' ଯୋଗୁଁ ଏଠାରେ ଅପାଦାନ କାରକ ହେଉଛି 'ମୁହଁରୁ' । 'ଦରିଦ୍ରତାର ଦାଗ'ରେ ସମ୍ବନ୍ଧ ପଦ ଦରିଦ୍ରତା ପାଖରେ 'ର' ଭାବରେ ଲାଗିଛି ।

'କାଶ୍ମୀର ଆଜି ଅଧା ନର୍କରେ ଜଳୁଛି ।' ଏଠାରେ ନର୍କରେ ଅଧିକରଣ କାରକ । ବିଭକ୍ତି 'ରେ' ।

[ଲୋକେ] 'ଦୁଇହଳ ବୃଷହଳ ଧରି ବାଟିଏ ଦବାଟି ଚଷନ୍ତି ।'

ଏଠାରେ କର୍ତ୍ତା ଊହ୍ୟ । 'ଦୁଇହଳ ବୃଷହଳ ଧରି' ହେଲା ସମ୍ପତ୍ତିରେ ଯାହାକୁ କହନ୍ତି କରଣ କାରକ । 'ବାଟିଏ ଦବାଟି' ହେଲା କର୍ମକାରକ । ଏହି କର୍ମକାରକରେ ବିଭକ୍ତି ନାହିଁ ।

'ନଈ ବଢ଼ିକୁ ଦିଅଙ୍କ ଗୁଣ'' ''ଏ ଗାଁକୁ ସେ ଗାଁ ପଥରୋଧ' ପ୍ରଭୃତି ପ୍ରୟୋଗରେ କାରକଗୁଡ଼ିକ ଅସ୍ପଷ୍ଟ ହୋଇଯାଇଛି ।

''ଦେଶବାସୀ କିଛି ଜାଣନ୍ତି ନାହିଁ, ଆମ୍ଭେମାନେ ତାକୁ ଯାହା ବୁଝାଇବା ତାହାହିଁ ବୁଝିବେ, ଯାହା କରାଇବା ତାହାହିଁ କରିବେ ଏପରି ଯେଉଁମାନେ ମନେ କରନ୍ତି ସେମାନେ କଦାପି ଉପଯୁକ୍ତ ଲୋକ ପ୍ରତିନିଧି ହୋଇ ପାରିବେ ନାହିଁ ।''

''ଲୋକେ ନିର୍ବୋଧ ନୁହନ୍ତି ; ସେମାନେ ଭଲମନ୍ଦ ହିତାହିତ ବେଶ୍ ବୁଝନ୍ତି । ଏପରିକି କାହାରି ପ୍ରବର୍ତ୍ତନା ପ୍ରରୋଚନାରେ ଭୁଲ ସୁଦ୍ଧା ଯଥାର୍ଥ କ'ଣ ସେମାନେ ବୁଝିପାରନ୍ତି ଏବଂ ଯେ ପ୍ରବର୍ତ୍ତନ ବା ପ୍ରରୋଚନା ବା ଅନ୍ୟ କୌଣସି ପ୍ରଭାବରେ ସେମାନଙ୍କୁ ଭୁଲାନ୍ତି ତାଙ୍କଠାରୁ ସେମାନଙ୍କର ମନେ ମନେ ଶ୍ରଦ୍ଧା ଭକ୍ତି ଆଦର ବିଶ୍ୱାସ କମିଯାଏ ।''

ଗୋପବନ୍ଧୁଙ୍କର ଉପରଲିଖିତ ବାକ୍ୟଗୁଡ଼ିକରୁ ଓଡ଼ିଆ ଭାଷାର କାରକ ଓ ବିଭକ୍ତି ପ୍ରୟୋଗରେ ଶୈଳୀ ଲକ୍ଷ୍ୟ କରାଯାଇପାରେ ।

## ବାକ୍ୟର ଗୋଡ଼—କ୍ରିୟାପଦ

ଓଡ଼ିଆରେ କ୍ରିୟାପଦ ଯଥା, ମଣିବା, ଜାଣିବା, ଖାଇବା, ପିଇବା ଇତ୍ୟାଦି ସାଧାରଣ ଶବ୍ଦ ଅତି ଜଣାଶୁଣା । ଏଗୁଡ଼ିକ ସହିତ ଅନେକ ଗୁଡ଼ିଏ କ୍ରିୟାପଦ ନାମଧାତୁରେ ହୋଇଛି । ଯଥା, ପାଖେଇବା, ନାକେଇବା, ଆଖେଇବା, କାଖେଇବା, ବାଡ଼େଇବା, ଇତ୍ୟାଦି ।

ସମ୍ବଲପୁର ଅଞ୍ଚଳରେ କେତେଗୁଡ଼ିଏ ବିଶେଷ୍ୟରୁ କ୍ରିୟାପଦ ଓ ବିଶେଷଣ ବାଚକ ଶବ୍ଦରୁ କ୍ରିୟାପଦର ଦୃଷ୍ଟାନ୍ତ ମିଳେ । ଯଥା "ନାଇଁରେ ବୁଆ ମରିଯିବ ବିଦରି ଯିବା ହାଡ଼୍ ।" 'ବିଦରି ଯିବା' ଅର୍ଥ ବିଦୀର୍ଣ୍ଣ ହୋଇଯିବା । ନାହିଁବର ବାପା ମରିଯିବ ମୋ ହାଡ଼ ବିଦାରି ହୋଇଯିବ । 'କେନ୍ଦ୍' ବିଶେଷ୍ୟରୁ କନ୍ଦ୍‌ବା ଯଥା, "ମୁଇଁ କନ୍ଦ୍ କନ୍ଦ୍ ଅଥା ହେଇଗଲନ ।" ଅର୍ଥାତ୍ "କୌଣସି ଗୋଟିଏ ଜାଗାକୁ କେନ୍ଦ୍ର କରି ବୁଲି ବୁଲି ଥକି ଗଲଣି ।"

ଓଡ଼ିଆ କ୍ରିୟାପଦର ଜୀବନିଶକ୍ତି ବିଷୟରେ କେତୋଟି ଉଦାହରଣ ନିଆ ଯାଇପାରେ—

"ଆକାଶରେ ତାରା ଉଇଁଲେଣି, ବାଗରେ ମଲ୍ଲି ଫୁଟିଲେଣି, ଗଛରେ ବାଦୁଡ଼ି ଲାଗିଲେଣି, ଗୁହାଳରେ ଗୋରୁ ପଶିଲେଣି, ହଳିଆ ମୂଲିଆ କ୍ଷେତ କାମ ସାରି ବସାକୁ ବାହୁଡ଼ିଲେଣି, କୁଳବଧୂମାନେ ଜଳପୂର୍ଣ୍ଣ କଳସ ଧେନି ଗାଁକୁ ନେଉଟିଲେଣି ।"

[କୁନ୍ତଳା କୁମାରୀ—କାଳବୋହୂ]

ତାହାଛଡ଼ା ପତ୍ର ଭାଙ୍ଗିବାରେ ଗଛର କଞ୍ଚା କ୍ଷୀର ଚମକି କରି ଆଖିରେ ପଡ଼ିଲାଣି । ଅଳ୍ପ ସମୟ ମଧ୍ୟରେ ପେଟ ଭିତରେ ନିଆଁ ପରି ଜାଉ ହାଉ ପୋଡ଼ିଲା ଏବଂ ଆଖି ଯୋଡ଼ିକ ଫୁଟିଗଲା । ଏଣେ ଗାଈଗୋରୁ ଗୋଟିପିଟା ଦେଇ କଏ କୁଆଡ଼େ ଗଲେ ।

[ଉପନଦେଦ ଗଳ୍ପ]

"ଆମ୍ଭେମାନେ ସରକାରକୁ ବହୁତ ଦୋଷିଛୁ । ନିଜ ଭାଗ୍ୟକୁ ବାରବାର ନିନ୍ଦିଛୁ । ଈଶ୍ୱରଙ୍କୁ ଡାକିଛୁ । କିନ୍ତୁ ଫଳ ହୋଇନାହିଁ । ବର୍ତ୍ତମାନ ବଞ୍ଚିବା ମରିବା ସମସ୍ୟା । ହୁଏତ ସ୍ଥାୟୀ ପ୍ରତିକାର କରିବାକୁ ହେବ ନହେଲେ ରାଜ୍ୟ ଛାଡ଼ି ଅନ୍ୟତ୍ର ଯିବାକୁ ହେବ ।

[ଗୋପବନ୍ଧୁ—ସମାଜ ୨୮ । ୮ । ୨୭]

"ଭୋଟ ସମ୍ବନ୍ଧରେ କେତେ କାଣ୍ଡକାରଖାନା ଲାଗିଗଲା ; କେତେ କୁତ୍ସାରଟନା ହେଲା ; କେତେ ଗାଳି ବର୍ଷିଲା ; କେତେ କଳଙ୍କକଣ୍ଡା ଲାଗିଲା । କେତେ ନିନ୍ଦା ଅପମାନର ସୁଅ ବୋହିଗଲା । ଧନୀ ପ୍ରାର୍ଥୀମାନଙ୍କର କେତେ ଟଙ୍କା ପଇସା ଖର୍ଚ୍ଚ ହେଲା । କେତେ ଲୋକ କେତେ ଲାଞ୍ଚ ପାଇଲେ । କେତେ ଲୋକଙ୍କଠାରୁ କେତେ ନିୟମ ପ୍ରମାଣ ନିଆଗଲା । ଆମ୍ଭମାନଙ୍କ ଉପରେ ବହୁତ ଧମକ, ଚମକ, ଚପଟ ପଡ଼ିଲା । ବର୍ତ୍ତମାନ ସବୁ ଶାନ୍ତ । ଏହିଠାରେ ଏ ଉତ୍ପାତ ଶେଷ ହେଲେ ରକ୍ଷା ।"

[ଗୋପବନ୍ଧୁ ଦାସ—ସମାଜ]

"ଆକାଶକୁ ବୋଲି ଉଠୁଛି ନିଆଁର ଶିଖ । ଆଜି ରହି ରହିକା ଅମାବସ୍ୟା ରାତିରେ ସମୁଦ୍ରର ବକଟ ଆଲୁଅର ହସପର ପଶ୍ଚିମରୁ ପୂର୍ବକୁ ଲମ୍ବି ଯାଇଛି । ତେଜି ତେଜିକା ହୋଇ ନିଆଁର ବଂକା ଗାର କେତେଠି କୁହାମାର ଆକାଶକୁ ଉଠୁଛି । ଆଉ ଭୂଇଁ ଦୁଲୁକେଇ ଆକାଶ ଥରେଇ ଥରେଇ ଗର୍ଜି ଉଠୁଛି ଶହ ଶହ ଘଡ଼ଘଡ଼ିର ଶବଦ ।

ମାରକ ହଆଲ ଜନ୍ତୁଛି କୁହାଟ ଛାଡ଼ୁଛି ଦେହର ଲମ୍ବେଇ ଲମ୍ବେଇ ଘୋଟି ଘୋଟି ଆସୁଛି ।"

[ଗୋପିନାଥ ମହାନ୍ତି, ରଣଧନ୍ଦୋଳ]

"ଏଇ ଗାଈଚରାଳ ବାପ୍ପା ଯେ ଦିନେ ମିବାର ପରି ଏଡ଼େ ବଡ଼ ରାଜ୍ୟର ରାଜା ହୋଇ ବସିବେ, ଶହ ଶହ ଯୁଦ୍ଧରେ ଶତ୍ରୁବଂଶ ଲୋପ କରିଦେବେ ଏକଥା ସେତେବେଳେ କିଏ କାହିଁକି ଭାବିବ ? × ×

"ବ୍ରାହ୍ମଣମାନେ ଭାବିଲେ ଯେ ବାପ୍ପା ଚରାଉ ଚରାଉ ଦୁଧପାକ ପିଇ ଦେଉଛନ୍ତି । × × ×

"ମାତ୍ର ତାଙ୍କର ମନ ସେଠାରେ ଜାଗିଲା ନାହିଁ । ଅନ୍ୟ ରାଜାମାନଙ୍କର ଦେହ ସହିଲା ନାହିଁ । ତାଙ୍କ ସଙ୍ଗେ ଯୁଦ୍ଧ କରିବାକୁ ସେ ବୁକୁ ପତାଇ ପାରିଲା ନାହିଁ । × × ×

"ଆପଣା ଭିତରେ ଯୁଦ୍ଧ ହାଣମାର ଲଗାଇଥିଲେ × × ଏତେବଡ଼ ବୀର ହୋଇ ଖୋମାନ୍ ଶେଷକୁ ମହାପାପ କରି ବସିଲେ । × × ସେମାନେ ଭେଣ୍ଡା ବୟସରେ ଯୁଦ୍ଧରେ ଅନେକ ଲୋକଙ୍କୁ ହତ୍ୟାକରି ପର ସମ୍ପତ୍ତି ଲୁଟି କରି ବୁଢ଼ା ବୟସକୁ ଦେଉଳ ତୋଳାଇ ପୋଖରୀ

ଖୋଳାଇ ପାପର ପ୍ରାୟଶ୍ଚିତ୍ତ କରୁଥିଲେ । ଦେଶରେ ମୃଦ୍ଧ ନ ହେଲେ ସେମାନଙ୍କୁ ଭଲ ଲାଗୁ ନଥିଲା ।" × × ×

[ରାଜପୁତ କାହାଣୀ]

## ଓଡ଼ିଆ କ୍ରିୟାର ରୂପ—

ଓଡ଼ିଆ କ୍ରିୟାପଦର ରୂପ ଭିତରେ ତିନୋଟି କାଳ । ସ୍ୱରୂପ ଭେଦରେ ମଧ୍ୟ ଏହି ରୂପ ଭିନ୍ନ ଭିନ୍ନ । ଏକଥା ଯେ କେହି ଓଡ଼ିଆ ବ୍ୟାକରଣରୁ ଜାଣି ପାରିବେ । କ୍ରିୟା ଯେହେତୁ ଭାଷାର ବାହନ ତେଣୁ ଏହି କ୍ରିୟାର ରୂପ ଭିତରେ ଭାଷାର ମୌଳିକତା ବେଶି ଆଖିରେ ପଡ଼େ । ସେହି କାରଣରୁ କ୍ରିୟାର ରୂପ ବିଷୟରେ ସଂସ୍କୃତ, ପ୍ରାକୃତ, ବଙ୍ଗଳା ବା ଅସମିୟା, ମୈଥିଳୀ, ଭୋଜପୁରୀଠାରୁ ଓଡ଼ିଆର ପାର୍ଥକ୍ୟ ସୁସ୍ପଷ୍ଟ ।

[୧] ଓଡ଼ିଆରେ ଗୋଟିଏ 'ଣି' ଶବ୍ଦ ଯୋଗ କରି କାର୍ଯ୍ୟର ପୂର୍ଣ୍ଣତା ପ୍ରକାଶ କରାଯାଏ । ଯଥା—

**ବର୍ତ୍ତମାନ କାଳରେ**— ତୁମେ ଖାଇ ସାରିଲଣି ? କାମ ସରିଲାଣି ? ଭାତ ଫୁଟିଲାଣି ? ଗଛ ଉଠିଲାଣି ।

ନିତ୍ୟପ୍ରବୃତ୍ତ ବର୍ତ୍ତମାନରେ ଯଥା—'ମୁଁ ଖାଏ'; 'ଆମ୍ଭ ପାଚେ'; 'ସୂର୍ଯ୍ୟ ନିତ ନିତ ପୂର୍ବଦିଗରେ ଉଠେ'; 'ଶୀତଳଷଷ୍ଠୀରେ ଆମ ଗାଁରେ ବାଣ ଫୁଟେ' ଇତ୍ୟାଦି ସ୍ଥଳରେ କାର୍ଯ୍ୟ ବା କ୍ରିୟାର ପୂର୍ଣ୍ଣତା ପ୍ରକାଶ ପାଏ ନାହିଁ । ତେଣୁ ଏଠାରେ ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ କ୍ଷେତ୍ରରେ 'ଣି' ର ପ୍ରୟୋଗ ନାହିଁ ।

କ୍ରିୟା ଯେତେବେଳେ ଚାଲୁ ରହିଛି—ଯଥା 'ମୁଁ ଖାଉଅଛି', 'ସେ ଖାଉଅଛି' । 'ତୁମେ ଖାଉଅଛ', 'ଲୋକେ ଖାଇ ବସୁଛନ୍ତି' । ସେତେ-ବେଳେ ଏଭଳି 'ଣି' ପ୍ରୟୋଗର କଥା ତ ଉଠୁନାହିଁ ।

'ମୁଁ ଖାଇଛି', ଓ 'ମୁଁ ଖାଇଲଣି'ର ପ୍ରାୟ ସମାନ ଅର୍ଥ । ତେବେ ପରବର୍ତ୍ତୀ କଥାଟିର ନିର୍ଦ୍ଦେଶ ଆହୁରି ଗମ୍ଭୀର ଓ ସ୍ପଷ୍ଟ । ଖାଇଛି କେବଳ ନିଶ୍ଚୟବାଚକ, ଖାଇଲଣିଟି ଉଭୟ ନିଶ୍ଚୟବାଚକ ଓ କାଳବାଚକ ।

'ବର୍ଷ ବର୍ଷ ହେଲା ଆମ୍ଭେମାନେ ଦଖଲକାର ଅଛୁଁ ।'

'ବର୍ଷ ବର୍ଷ ହେଲା ଆମ୍ଭେମାନେ ଏହାର ଫଳ ଭୋଗ କରି ଆସିଅଛୁଁ ।'

'ବର୍ଷ ବର୍ଷ ଆମ୍ଭେମାନେ ଏହାର ଫଳ ଭୋଗ କରୁଥିବାର' । 'ପୂର୍ବେ ଆମେ ଏବାଟେ ଯାଉଥିବାର, ଚଳପ୍ରଚଳ ହେଉଥିବାର' ଯାହାକୁ ଇଂରାଜୀରେ ବର୍ତ୍ତମାନ ସଂପୂର୍ଣ୍ଣ ନିରବଚ୍ଛିନ୍ନ Present Perfect Continuous ବୋଲି କୁହାଯାଉଛି ଓଡ଼ିଆ ଭାଷାରେ ଏଭଳି କ୍ରିୟାର ତିନୋଟି ରୂପ ଉପରେ ଦିଆଗଲା ।

**ଅତୀତ କାଳରେ**—"ମୁଁ କୁଳବୁ ଜଳାଞ୍ଜଳି ଟେକି ଦେଲି । ମୋହନ ପ୍ରୀତିକି ଜୀବନ ସଂଗୀଳ କଲି । ଯେତେ ମୁଁ ବାରବ୍ରତାଦିକି କରିଥିଲି ସବୁ କୃଷ୍ଣ ଶ୍ରୀପଦ୍ମୁରରେ ନିଉଛାଳ କଲି ।"

ଏଠାରେ ଅତୀତକାଳର 'କଲି' ଓ 'କରିଥିଲି' ଭିତରେ ପ୍ରଭେଦ ଲକ୍ଷ୍ୟଣୀୟ ।

ଓଡ଼ିଆରେ 'ବସିଲେ' ବା 'ଖାଇଲେ' ଇତ୍ୟାଦି ଓ 'ସେ ଖାଇଲେଣି' ବା 'ସେ ବସିଲେଣି' 'ତୁମେ ବସିଲଣି' 'ମୁଁ ସେଠାକୁ ଯାଇ ଆସିଲିଣି ।' 'ମୁଁ ଗଲି, ସେ ଆସିଲେ ।' ମୁଁ ଆସିଲି, ସେ ଖାଇବସିଲେ ।' 'ମୁଁ ତାଙ୍କ ଘର ଛାଡ଼ିଲି, ବର୍ଷା ହେଲା ।' 'ମୁଁ ତାଙ୍କ ଘର ଛାଡ଼ୁଛି, ବର୍ଷା ହେଉଛି ।' 'ଗାଡ଼ି ଛାଡ଼ୁଛି କି ନାହିଁ ମୁଁ ପହଞ୍ଚିଗଲି ।' 'ତାଙ୍କ କଥା ସରୁଛି କି ନାହିଁ, ସେପଟୁ ଗର୍ଜନ ଶୁଭିଲା ।'

ପ୍ରାୟ ସମାନ ସମାନ । ତେଣୁ ଓଡ଼ିଆ ଭାଷାରେ ଅତୀତର ଅନିର୍ଦ୍ଦିଷ୍ଟକାଳ ବର୍ତ୍ତମାନର ନିର୍ଦ୍ଦିଷ୍ଟ କାଳଠାରୁ ବେଶି କିଛି ତଫାତ୍ ନୁହେଁ ।

କିନ୍ତୁ ଅତୀତର ଅସଂପୂର୍ଣ୍ଣ କ୍ରିୟାର କାଳ ଯଥା—'ମୁଁ ଯାଉଥିଲି' 'ସେ ଯାଉଥିଲେ', 'ତୁମେ ଯାଉଥିଲ' ଇତ୍ୟାଦି ଅତୀତ କାଳର କ୍ରିୟା । ଖାଣ୍ଟି ଅତୀତ କାଳର କ୍ରିୟା ଯେପରି "ସେଠାରେ ଜଣେ ରାଜା ଥାଆନ୍ତି ।" ଐତିହାସିକ ବର୍ତ୍ତମାନ ।

'ମଦ୍ରଦେଶରେ ଅଶ୍ୱପତି ନାମରେ ଜଣେ ରାଜା ଥିଲେ ।'

'ସେ ବଣକୁ ପାରିଧିରେ ଯାଇଥିଲେ ।'

'ଦିନକର ରାଜା ବଣକୁ ପାରିଧିରେ ଯାଇଥାଆନ୍ତି ।'

ଅତୀତ କାଳରେ ସମ୍ପୂର୍ଣ୍ଣ ନିରବଚ୍ଛିନ୍ନ କ୍ରିୟା ପ୍ରାୟ ବର୍ତ୍ତମାନ କାଳର କ୍ରିୟା ଭଳି ଯଥା—

"ଆମ୍ଭେ ସେହି ସମ୍ପତ୍ତି ପୁତ୍ର ପୌତ୍ରାଦି କ୍ରମେ ଭୋଗ ଦଖଲ କରି ଆସୁଅଛୁଁ ।"

"ଆମ୍ଭେ ସେହି ସମ୍ପତ୍ତି ପୁତ୍ର ପୌତ୍ରାଦି କ୍ରମେ ଭୋଗ ଦଖଲ କରି ଆସୁଥିବାର ।" (ଗଞ୍ଜାମ ପ୍ରୟୋଗ)

[ଊ] **ଭବିଷ୍ୟତ କାଳରେ** ଯିବ, ଯିବେ ଯିବି ଇତ୍ୟାଦିରେ ସମ୍ଭାବ୍ୟ ବର୍ତ୍ତମାନ ମଧ୍ୟ ହୋଇପାରେ । ଯଥା—

'ଆଠଟା ବାଜିଲାଣି । ଗାଡ଼ି ଚାଲିଯିବଣି ।'

'କାଲି ଏତେବେଳକୁ ସେ ଚାଲିଯାଇଥିବଣି ।'

'ତୁମେ ଏ ଚିଠି ପାଇଲାବେଳକୁ ମୁଁ ଏଠାରେ ନଥିବି ।'

ଅସମ୍ପୂର୍ଣ୍ଣ ଭବିଷ୍ୟତ କାଳରେ ତାହା ସର୍ବଦା ନିରବଚ୍ଛିନ୍ନ ଯେପରି :—

'ଅଖା ଧୋଉଥିବୁ, ଗୁଣ ଗାଉଥିବୁ ।'

'ଏତେବେଳକୁ ସେ ଗାଁରେ ପହଞ୍ଚୁଥିବେ ।'

'ବର୍ତ୍ତମାନ ତା' ମନ କ'ଣ ହେଉଥିବ, କିଏ କହିବ ।'

'ତା' ଚିନ୍ତା ଉଠୁଥିବ, ପଡ଼ୁଥିବ ।' [ସମ୍ଭାବ୍ୟ ବର୍ତ୍ତମାନ]

ମୋହନ ମାଧୁରୀ ଦେଖିଥିଲା ନାରୀ ଆତୁର କି ନଦଯିବ ? [ଗୋପାଳକୃଷ୍ଣ] ତାହା କି ମୋ ମନରୁ ପାଶୋରି ଯିବ ? [ଗୋପାଳକୃଷ୍ଣ]

ଓଡ଼ିଆ ଭାଷାରେ ଅସମାପିକା କ୍ରିୟାରେ ଦୁଇବାର ପ୍ରୟୋଗ ଯଥା ଯାଉଁ ଯାଉଁ, ଖେଳୁ ଖେଳୁ, ବୁଲୁ ବୁଲୁ, ଚାଲୁ ଚାଲୁ ଇତ୍ୟାଦି ଏକ ବିଶେଷ ଓଡ଼ିଆ-ସୁଲଭ ପ୍ରୟୋଗ ।

ଓଡ଼ିଆରେ କର୍ମବାଚ୍ୟ ନାହିଁ କିନ୍ତୁ କର୍ମବାଚ୍ୟ ବୋଧକ କେତେ ଗୁଡ଼ିଏ କ୍ରିୟା ଅଛି । ଯଥା—୧] ମରିବା-ମାରିବା, କଟିବା-କାଟିବା, ଗଲିବା-ଗାଳିବା; ଜଳିବା-ଜାଳିବା; ଇତ୍ୟାଦି ।

୨] ହସିବା-ହସେଇବା; କାନ୍ଦିବା-କନ୍ଦେଇବା; ହାରିବା-ହରେଇବା, ଜିଣିବା-ଜିଣେଇବା ଅଥବା ଜିତିବା-ଜିତେଇବା; ରଗିବା-ରଗେଇବା; ବିଗିଡ଼ିବା-ବିଗଡ଼େଇବା; ମାତିବା-ମତେଇବା; ଚଳିବା-ଚଳେଇବା, ଅଥବା ଛଡ଼ିବା-ଛଡ଼େଇବା ଇତ୍ୟାଦି ।

## କେତେକ ପ୍ରୟୋଗ-ବିଧି

ଓଡ଼ିଆର ନୂତନ ଶବ୍ଦର ଅଧିକାଂଶ ଆସିଛି ସଂସ୍କୃତରୁ । ଯେତେବେଳେ ଆମେ କୌଣସି ବୈଜ୍ଞାନିକ, ସାମାଜିକ, ବା ଅର୍ଥନୈତିକ ଜୀବନର ବର୍ଣ୍ଣନା ପାଇଁ ନୂତନ ଶବ୍ଦ ସୃଷ୍ଟିକରୁ ସେତେବେଳେ ସଂସ୍କୃତର ହିଁ ସାହାଯ୍ୟ ନେଇଛୁଁ । ଆଗରୁ ବିଜ୍ଞାନ ପରିଭାଷାର ଗୋଟିଏ ବିସ୍ତୃତ ତାଲିକା ଦିଆଯାଇଛି । କିନ୍ତୁ ଏହି ତାଲିକା ଶବ୍ଦ ଛଡ଼ା ବି ଆହୁରି ବହୁ ଶବ୍ଦ ଓଡ଼ିଆ ଭାଷାରେ ଏବେ ପ୍ରୟୋଜନ ପଡ଼ୁଛି । ଫକୀରମୋହନ ବା ଗୋପବନ୍ଧୁ ବା ବିଶ୍ୱନାଥ କର ବା ମଧୁସୂଦନ ରାଓଙ୍କ ସମୟରେ ଯେଉଁ ଶବ୍ଦଗୁଡ଼ିକ ଓଡ଼ିଆ ଭାଷା ବା କଥାରେ ବ୍ୟବହାର ପାଇଁ ଆସି ନଥିଲା ସେଗୁଡ଼ିକ ଏବେ ଆସି ଯାଇଛନ୍ତି । ତେବେ ବି ଓଡ଼ିଆ ଭାଷାରେ ସଂସ୍କୃତରୁ ଉଧାର ନ ହୋଇଥିବା ଅନେକ ଆଧୁନିକ ଶବ୍ଦର ପ୍ରଚଳନ ଦେଖିବାକୁ ମିଳେ । ଯେପରି ଡାକବାଜି ଯନ୍ତ୍ର, ନଆପେଡ଼ି, କଳଗାଈଣା, ଦାନ୍ତପିଠୋଉ (ଟୁଥ୍‌ପେଷ୍ଟ), ନଆଁଲିଭାଳି ଦଳ, ନିଆଁଲିଭା ଯନ୍ତ୍ର ପୋକମାରି ଚୂର୍ଣ୍ଣ ଇତ୍ୟାଦି ।

ଓଡ଼ିଆ ଭାଷାରେ ବିଶେଷ୍ୟରେ ବହୁବଚନରେ ମାନେ, ଗଣ, ଗୁଡ଼ିକ, ଇତ୍ୟାଦିର ପ୍ରୟୋଗ ପୂର୍ବେ ବିଶେଷ ଭାବରେ ନଥିଲା । ସର୍ବନାମରେ ସେଗୁଡ଼ିକ ଆସିଛି ଦ୍ରାବିଡ଼ ଭାଷାମାନଙ୍କରୁ ଏକଥା ଆଗରୁ କୁହାଯାଇଛି । ସାଧାରଣତଃ ବହୁବଚନକୁ ବାକ୍ୟର ସ୍ୱାଭାବିକ ଅର୍ଥ ଭିତରେ ହିଁ ଗ୍ରହଣ କରାଯାଏ ।

ଯଥା—'ଏତେ ମଣିଷ ମୁଁ କେଉଁଠି ଦେଖି ନଥିଲି ।' 'ପୃଥିବୀର କୋଟି କୋଟି ଲୋକ ଆଶାରେ ବଞ୍ଚିଛନ୍ତି ।'

ଯେଉଁଠାରେ ବହୁବଚନ ଉପରେ ବିଶେଷ ଜୋର୍ ଦେବା ପ୍ରୟୋଜନ ପଡ଼େ ସେଇଠି ଓଡ଼ିଆ ଭାଷାରେ ବିଶେଷ୍ୟ ଆଗରେ ସମସ୍ତେ, ସବୁ ସକଳ ଇତ୍ୟାଦି ଯୋଗ କରାଯାଏ । ବହୁବଚନରେ 'ଏ' କାରାନ୍ତ ପ୍ରୟୋଗ ଓ ମାନ୍ୟାର୍ଥେ ଏକାରନ୍ତ ପ୍ରୟୋଗ ବୋଧହୁଏ ଏକ ପ୍ରକାର ପ୍ରୟୋଗ—

ଯଥା—'ଲୋକେ କହନ୍ତି ।' 'ପଣ୍ଡିତେ କହନ୍ତି ।' 'ଅବଧାନେ ଆସିଥିଲେ ।' 'ମିଶ୍ରେ ଯାଉଥିଲେ ।'

'ପଣ୍ଡିତ' ଙ୍କର ବହୁବଚନରେ ଏବେ ପଣ୍ଡିତମାନେ, ଚଳିଲାଣି । ଅବଧାନଙ୍କର ବହୁବଚନରେ 'ଅବଧାନ ମାନେ' ହୁଏ ନାହିଁ ।

ଅନେକ ସମୟରେ ବିଶେଷଣକୁ ଦୁଇବାର ବ୍ୟବହାର କରି ବିଶେଷ ପଦର ବହୁବଚନ କରାଯାଏ ଯଥା—

'ଗରମ ଗରମ ରୁଟି';'ମୋଟା ମୋଟା ବାଡ଼ି';'ଛୋଟ ଛୋଟ ପିଲା'; 'ଉଞ୍ଚା ଉଞ୍ଚା ଗଛ'; ଇତ୍ୟାଦି । ଏଭଳି ବିଶେଷ୍ୟ ପଦରେ ବିଶେଷ ଭାବରେ ବହୁବଚନରେ ଜୋର ଦେବାକୁ 'ମାନ'ର ପ୍ରୟୋଗ ହୁଏ ।

ଯଥା 'ଗରମ ଗରମ ରୁଟି ମାନ','ଉଞ୍ଚା ଉଞ୍ଚା ଗଛମାନ' ଇତ୍ୟାଦି ।

ଓଡ଼ିଆରେ ବାକ୍ୟର ସଂଯୋଗ ପାଇଁ 'ଓ' କିମ୍ବା 'ଏବଂ' ପ୍ରଭୃତିର ବ୍ୟବହାର ଅଛି କିନ୍ତୁ ପଦର ସଂଯୋଗ ପାଇଁ 'ଓ' ବା 'ଏବଂ' ର ବ୍ୟବହାର ପୂର୍ବେ ଖୁବ୍ ବିରଳ ଥିଲା । ଏବେ ତାହାର ପ୍ରଚଳନ ପ୍ରାୟ ସ୍ୱାଭାବିକ ହୋଇଗଲାଣି ।

ଶ୍ୟାମସୁନ୍ଦର ରାଜଗୁରୁ ତାଙ୍କର ପ୍ରବନ୍ଧାବଳୀରେ ୭୭ ଗୋଟି ଓଡ଼ିଆ ଅବ୍ୟୟ ଓ ସେମାନଙ୍କର ଆଦି ସ୍ଥଳ ଅର୍ଥାତ୍ ଆଦିମୂଳ ଭାଷାର ବିବରଣୀ ଦେଇଛନ୍ତି । ଅନ୍ୟ ଏକ ସ୍ଥଳରେ ଉକ୍ତ ବହିରେ ସେ ବିଭକ୍ତି ଗୁଡ଼ିକର ଯେଉଁ ଜନ୍ମ ଜାତକ ତିଆରି କରିଛନ୍ତି ସେଥିରେ ସେ ସେଗୁଡ଼ିକୁ ପ୍ରାକୃତରୁ ଆମଦାନୀ ବୋଲି ଦର୍ଶାଇଛନ୍ତି । ତାଙ୍କର ଗଣନା ଅନୁସାରେ ଓଡ଼ିଆ ଅବ୍ୟୟ ଗୁଡ଼ିକ ଅଧିକାଂଶ ପ୍ରାକୃତରେ ତତ୍-ସମ । ଲକ୍ଷ୍ୟ କରିବାର କଥା ଯେ ଏଥିରେ 'ଏବଂ'ର ନାମ ନାହିଁ । 'ଯଦିଓ', 'ସତ୍ତ୍ୱେ' ପ୍ରଭୃତି ଯେଉଁ ଅବ୍ୟୟ ଗୁଡ଼ିକ ଗୋପବନ୍ଧୁଙ୍କ ପରେ ଓଡ଼ିଆ ଗଦ୍ୟରେ ପ୍ରବେଶ କରିଛି ସେଗୁଡ଼ିକ ଏଠାରେ ଦିଆଯାଇ ନାହିଁ ।

ବଳରାମ ଦାସଙ୍କର ରାମାୟଣ ଓ ଅନ୍ୟାନ୍ୟ ପ୍ରାଚୀନ ପୁସ୍ତକରେ କର୍ମ କାରକରେ 'କଇ' ଯେଉଁଭଳି 'କୁ' ରେ ପରିଣତ ହୋଇଛି ଓ ଏହି 'କୁ' ଯେ ତେଲଗୁ ଭୂଉଁକ ଷଷ୍ଠୀର 'କୁ' ନୁହେଁ ଏକଥା ଶ୍ୟାମସୁନ୍ଦର ରାଜଗୁରୁ ଦେଖାଇଛନ୍ତି । ଏହି 'କୁ' ଓଡ଼ିଆରେ ପ୍ରଶସ୍ତ । ତାହାଛଡ଼ା —

'କୋଇଲି ଲୋ ଖାଇବାକୁ ଘରେ ନାହିଁ ଦାନା
ଖାଲି ପେଟେ କେତେ କାଳ ଦେବା ଓଦା କନା ଲୋ କୋଇଲି ।'

ଏଠାରେ 'ଖାଇବାକୁ ଦାନା ନାହିଁ ।' 'ପେସାକୁ ତେସା' । 'ଯିବାକୁ ବାଟ ନାହିଁ ।' ଇତ୍ୟାଦି ଓଡ଼ିଆ ଭାଷାରେ ବିଶିଷ୍ଟ ପ୍ରୟୋଗ ।

ଓଡ଼ିଆରେ 'ତୋତେ' ଓ 'ମୋତେ' 'ତୁକୁ' 'ମୁକୁ' ବୋଲି ଲୋକ ସାଧାରଣରେ ଚଳେ । ସାଧୁକୃତ ପଣ୍ଡିତିଆ ଓଡ଼ିଆରେ ତୋତେ ଓ ମୋତେ ହୋଇଗଲା ପରେ ଏବେ ସଢ଼େଇକଳା ଖରସୁଆଁ ପ୍ରଭୃତି ଉତ୍ତର ଉପାନ୍ତ ଅଞ୍ଚଳରେ 'ତୋକେ' 'ମୋକେ' ଭଳି ଚଳୁଛି ।

ଦ୍ୱିତୀୟା ବିଭକ୍ତିରେ 'କଇ', ବହୁବଚନ ଦ୍ୱିତୀୟାରେ ନ୍ତ, ଏବେ ଓଡ଼ିଆ ପ୍ରୟୋଗରେ (ଫକୀରମୋହନଙ୍କ କାଳରୁ) ଚଳୁନାହିଁ । କିନ୍ତୁ ଓଡ଼ିଆ ପ୍ରାଚୀନ ଗଦ୍ୟ ସାହିତ୍ୟ 'ରୁଦ୍ରସୁଧାନିଧି'ରେ ସେ କାଳେ (ବୋଧହୁଏ ସାରଳା ଦାସ ଓ ବଳରାମ ଦାସଙ୍କ ମଧ୍ୟବର୍ତ୍ତୀ କାଳରେ) ଦ୍ୱିତୀୟା ବହୁ ବଚନରେ 'ନ୍ତ'ର ବ୍ୟବହାର ଥିଲା ।

'ଅବଶ୍ୟ ପଚାରିବେ ଏ ପୁତ୍ରକଇ ଦେଖି'—ବଳରାମ ଦାସ
'ଲକ୍ଷ୍ମଣଙ୍କର ଏହି ପ୍ରକାରେ ବଦ୍ୟା କହି'—
'ସୁନନ୍ତ କୋଳେ ନେଇ ବୋଇଲେ ମୁନି ଶ୍ରେଷ୍ଠ'—ସାରଳା ଦାସ
'ବ୍ୟାସଙ୍କର କୋଳେ ନେଇ ଦେଲେ ସେ ଦୁହିନ୍ତ'—

"ଅନେକ ଚମତ୍କାରମାନନ୍ତ ହିଁ କଲା । ରାମରମାନଙ୍କୁ ମଣ୍ଡନ୍ତେକ ପର୍ବତେ ରାମଶ୍ୱାମାନେ ଲଞ୍ଜ ବାହାରକୁ ଦେଖାଉଛନ୍ତି ।"—ରୁଦ୍ରସୁଧାନିଧି

ପଞ୍ଚମୀ ବିଭକ୍ତିରେ ହୁଁ, ତହୁଁ ପ୍ରତ୍ୟୟ ଏବେ ବି ଖୁବ୍ ବିରଳ ନୁହେଁ :—
'ତାହୁଁ ତାହୁଁ ରଥୀମାନେ ହାରିଗଲେ ।'
'ମୋ ତହୁଁ ଡେଙ୍ଗା, ରାମ ଖ୍ୟାଡେଙ୍ଗା ହେବ ବୋଲି ମନେ ପାଞ୍ଚିଲା ।'

ଏବେ ବି ସମ୍ବଲପୁର ଅଞ୍ଚଳରେ 'ହାଦେ' 'ଏ ହାଦେ'ର ପ୍ରୟୋଗ ଅଛି । ରୁଦ୍ର ସୁଧାନିଧିରେ ଏହି 'ହାଦେ' 'ଏ ହାଦେ'ର ପ୍ରୟୋଗ ବହୁଳ ଭାବରେ ଦେଖାଯାଏ । ଯଥା—

"ହେ ମିତ୍ର ହାଦେ ଏ ମାୟା ଅନ୍ତ କରି ନୁହଇ । ଏମନ୍ତ ବୋଲି ହାଦେ ବସ୍ତ୍ରକୁ ପୁରାଣ କହଇ । ତୁ ହାଦେ କିଛି ହିଁ ନ ବୁଝୁର ।"

## ପଞ୍ଚଦଶ ଶତାବ୍ଦୀରେ—

ପଞ୍ଚଦଶ ଶତାବ୍ଦିର ଓଡ଼ିଆ ଗଦ୍ୟ ଭିତରେ ଓ ଆଜିର ଗଦ୍ୟ ଭିତରେ ପାଞ୍ଚଶହ ବର୍ଷର ବ୍ୟବଧାନ । ଏହି ପୁରାତନ ଗଦ୍ୟ ଲେଖାର ପ୍ରଶସ୍ତ ଉଦାହରଣ ରୁଦ୍ର ସୁଧାନିଧି । ଏଥିର କେତୋଟି ବଛା ବଛା ଉଦାହରଣରୁ ଜଣାପଡ଼ିବ ଯେ ଆଜି ଯାହାକୁ ଆମେ ପ୍ରାଦେଶିକତା (ଗଞ୍ଜାମୀ, ବାଲେଶ୍ୱରୀ, ସମ୍ବଲପୁରୀ) ବୋଲି ମନେ କରୁଛୁଁ ତାହା ସେ

କାଳରେ ଖାଣ୍ଟି ଓଡ଼ିଆ ଭାଷା ଥିଲା । ତେଣୁ ରାଧାନାଥ, ଫକୀରମୋହନ ଓ ଗୋପବନ୍ଧୁଙ୍କ କାଳରେ ନୂତନ ସଂସ୍କାର, ବର୍ଜ୍ଜନ ଓ ପରିପାର୍ଶ୍ୱର କାରଣରୁ ଭାଷା ଯେତେବେଳେ ମାର୍ଜିତ ହେଲା ସେତେବେଳେ ଉପାନ୍ତ ଅଞ୍ଚଳର ଲୋକମୁଖରେ ପ୍ରାଚୀନ ଓଡ଼ିଆ ଗଦ୍ୟ ପୂର୍ବ ବିଶୁଦ୍ଧତା ବଜାୟ ରଖି ରହି ଯାଇଛି । ଯଥା—

"ସେ କୁମର **ବୋଇଲା** । ମୁଁ ଆଉ ବହୁତ ବେଳ କଥା କହି ନ ପାରଇ । ଗର୍ଭନିଦ୍ରା ମୋତେ ପୁନଃ ପୁନଃ **ଆକର୍ଷୁ** ଅଛି । ତୁ ଅଳ୍ପକେ **ଶୁଣୁ** । ଯହୁଁ ତୁ ବଡ଼ ଦୁଃଖୀ ଅଟୁ **ହାତେ** କଉଣସି ମାୟାରେ ଇନ୍ଦ୍ର ପଦ ପାଇ । × × × × କଉଣସି ମାୟାରେ ଶୂନ୍ୟରେ ଯାଉଥାଇ । କଉଣସି ମାୟାରେ ଦିବ୍ୟ ବିମାନରେ ଚଢ଼ିଥାଇ ଇନ୍ଦ୍ର ପ୍ରାୟେ ହୋଇ ଐଶ୍ୱର୍ଯ୍ୟ-ମାନନ୍ଦ ଭୋଗ କରୁଥାଇ । କଉଣସି ମାୟାରେ ସହସ୍ରେ ଜୁଣ ବାରତା ଜାଣଇ । କେତେ କହିବା ଅନନ୍ତ ପ୍ରପଞ୍ଚ ମାୟା, ଦେବତା ମାନଙ୍କୁ ଅଗୋଚର ଅଟଇ । ଈଶ୍ୱର ଅନ୍ତରେକ କରି ଯେଉଁ ଜୀବକୁ ଅନୁଗ୍ରହ କରିବ ।"

ଏଠାରେ ଦେଖିବାର କଥା ଗଞ୍ଜାମର ଖଲକୋଟ ଓ ପୁରୀର ବାଣ-ପୁର ଅଞ୍ଚଳରେ ନତ୍ୟପ୍ରବୃତ୍ତ ବର୍ତ୍ତମାନରେ 'ଯାଉଁଥାଏ' 'ଚଢିଥାଏ' ଇତ୍ୟାଦି ମୂଳରେ 'ଯାଉ ଥାଇ' 'ଚଢି ଥାଇ'ର ପ୍ରୟୋଗ ଲୋକମୁଖରେ ବେଶ୍ ପ୍ରଶସ୍ତ । 'ପ୍ରପଞ୍ଚ' ଶବ୍ଦ ତେଲୁଗୁରୁ ଯେ ଆସିଛି ବୋଲି ଗଞ୍ଜାମ ଓଡ଼ିଆକୁ ପ୍ରାଦେଶିକତା ଆଖ୍ୟା ଦିଆଯାଏ ତାହା ଠିକ୍ ନୁହେଁ । କାରଣ ରୁଦ୍ର ସୁଧାନିଧିରେ 'ପ୍ରପଞ୍ଚ' ଶବ୍ଦ ଆଧୁନିକ 'ସଂସାର' ବା 'ଦୁନିଆ' ଅର୍ଥରେ ବାରମ୍ବାର ବ୍ୟବହୃତ ହୋଇଥାଏ ।

ବିମ୍ସ ସାହେବ ଆକ୍ଷେପ କରିଥିଲେ "ଓଡ଼ିଶାର ସ୍ଥାମାୟ ପଣ୍ଡିତ-ମାନେ ଆପଣାର ମାତୃଭାଷାକୁ ଉନ୍ନତ କରିବା ଅଭିପ୍ରାୟରେ ଗୁଡ଼ିଏ ସଂସ୍କୃତ ଶବ୍ଦ ପୁନଃପ୍ରଚଳନ ପାଇଁ ଲାଗିଛନ୍ତି । ଏହା ଦୁର୍ଭାଗ୍ୟର କଥା । ବରଂ ସେମାନେ ଆପଣାର ସମସାମୟିକ କାଳରେ ବ୍ୟବହୃତ ଶବ୍ଦ ଗୁଡ଼ିକୁ ନେଇ ଭାଷାର ପ୍ରକରଣ ଠିକ୍ କରିଥାନ୍ତେ ସିନା । ସେମାନଙ୍କର ଏଭଳି ଅଠିକଣା ପରିଶ୍ରମ ପ୍ରୟୋଗ ଫଳରେ ଭାଷାର ଗୋଟାଏ ଖାପ ଛଡ଼ା ବର୍ଣ୍ଣସଙ୍କର ରୂପ ପ୍ରକଟିତ ହେଉଛି । ତାହାର ଗୋଟିଏ ଅଂଶ ଯଥା ବିଶେଷ୍ୟ ଓ ସମାସ ଭିତରେ ବିଶେଷ-ପଦୀୟ ଅଂଶ ସାଧୁକୃତ ଶାସ୍ତ୍ରୀୟ

ସ୍ପଷ୍ଟ ଲୁପ୍ତ ହୋଇଯାଉଛି ଓ ଅନ୍ୟ ଭାଗଟା ଯଥା ବିଭକ୍ତି ଓ ସଂଯୋଜକ ଅଂଶ ଗୁଡ଼ିକ ଜଡ଼ ଅବସ୍ଥା ରୂପରେ ରହିଯାଉଛି ଓ ସେ ଗୁଡ଼ିକର ବର୍ଣ୍ଣ ଉଚ୍ଚାରଣର କୌଣସି ଠିକ୍ ଠିକଣା ରହୁ ନାହିଁ ।

(ବସନ୍ Comparative grammar vol II Page 349)
( ତୁଳନାତ୍ମକ ବ୍ୟାକରଣ ୨ଖଣ୍ଡ ପୃଷ୍ଠା ୩୪୯)

ଏହି ଆପେକ୍ଷର ସୂଚନା ଅତ୍ୟନ୍ତ ସ୍ପଷ୍ଟ । ଏହି ଆପେକ୍ଷ ଯେ ଯଥାର୍ଥରେ ସତ୍ୟ ତାହାର ପ୍ରମାଣ ପାଇଁ ପୂର୍ବେ କ'ଣ ଥିଲା ଫକୀର ମୋହନ ଓ ଗୋପବନ୍ଧୁ ଦାସ କ'ଣ କରିଥିଲେ ଓ ମଧୁସୂଦନ, ଚନ୍ଦ୍ର ମୋହନ, ବିଶ୍ୱନାଥ କର ପ୍ରଭୃତିଙ୍କର ସାଧୁକୃତ ଓଡ଼ିଆ କି ଭଳି ପ୍ରଭାବ ପକାଇଥିଲା ଓ ଶେଷରେ ଏ ସମସ୍ତ ପ୍ରଭାବ ଓ ପ୍ରତି-ପ୍ରଭାବର ଫଳ କ'ଣ ହୋଇଛି······

ଏକଥା କେବଳ ଉଦାହରଣରୁ ସୂଚନା ଦେବା ଦରକାର । ଆଲୋଚନା କଲେ ଗହଳ ଗୋଳକ ଧନ୍ଦା ଓ କନ୍ଦଳ ।

# ଓଡ଼ିଆ ଗଦ୍ୟର କ୍ରମବିକାଶ

'ରୁଦ୍ର ସୁଧାନିଧି' ଆଜକୁ ପାଞ୍ଚଶହ ବର୍ଷ ତଳର ଲେଖା । ଏଥିରୁ କେତୋଟି ଗଦ୍ୟାଦର୍ଶ ଏଠାରେ ନମୁନା ରୂପେ ନିଆଯାଇଛି । ଏଥିରୁ କେତେକାଂଶ ସଂସ୍କୃତ ଶବ୍ଦ, କେତେକାଂଶ ଓଡ଼ିଆ ଶବ୍ଦ ଥିଲା ଓ ଏଥିରେ ପ୍ରୟୋଗର ଧାରା କପରି ଥିଲା ତାହା ଲକ୍ଷ୍ୟଣୀୟ ।

(୧) ତକ୍ଷଣେ ସୂପକାରମାନେ ଠା କରାଇ ଚଉରଶି ପ୍ରକାରେ ମନୋହି କରାଇଲେ । ତଦନନ୍ତର ସ୍ତ୍ରୀମାନେ ଗୁମର ଆଳଟ ଧରି ନୃତ୍ୟ କରିବାରେ ଲାଗିଲେ । ପଲଙ୍କରେ ଯୋଗୀ ବିଜେ କରିଅଛି । ଦୁଇ ମିତ୍ର ତ ଅନ୍ୟ ଭଲଙ୍କ ଗୋଟିକେ ବସି ଅଛନ୍ତି । ପୁଣ ପୁଣ କରି ବିଚାରୁ ଅଛନ୍ତି ମନେ ମନେ । ରାଜ୍ୟ ନ ପୁଣି ଯେନଇ ମାୟା ପ୍ରକାରେ । ଏହାର ତଥ୍ୟ ଜାଣି ନୁହଇ । ପୁଣି ବିଚାରିଲେ ଏ ଯୋଗେନ୍ଦ୍ରମାନଙ୍କୁ ରାଜପଦ ସରି ନୁହଇ । ଏ ସମ୍ପଦକୁ ଗୁହିଁଲେ ରାଜପଦ ଦରିଦ୍ର ସିନା । ଏମନ୍ତେ ଦୁଇ ମିତ୍ର କଥା ହୁଅନ୍ତେ ଯୋଗୀ ବୋଇଲା ବାବା ଆମ୍ଭ ଆଶ୍ରମ ଏହିଠାରେ ଏଠାକୁ ତୁମ୍ଭେ ଆସୁଥିବ । ସିଦ୍ଧଗଣ ପରାଏ ଦିଶୁଥିବ । ଉଲ୍ଲାସ ପାଇ ହସୁଥିବ । ପୂର୍ବ କର୍ମାଦି ଦୋଷ ନାଶୁଥିବ । ଏବେ ତୁମ୍ଭେ ବିଜେ କରି ଯାଅ । ନଗରେ ପ୍ରବେଶ ହୁଅ । ଶୀତଳ ମନୋହି କରି ପଲଙ୍କରେ ଶୁଅ । ତୁମ୍ଭର ଯେବେ ଶ୍ରଦ୍ଧା ଥିବ ଏହିଠାରେ ଆମ୍ଭଙ୍କୁ ଦର୍ଶନ ପାଇବ ।

ନାରାୟଣ ଅବଧୂତ-ରୁଦ୍ର ସୁଧାନିଧି

(୨) ଏମନ୍ତ ମନ କଥା ଯୋଗୀ ଜାଣିଲା ଯହୁଁ ରାଜା ମହାଭୟ ପାଇଁ ପୂଜା କଲା ତହୁଁ । ଯୋଗୀକି ବନମାଳ ଗୋଟିଏ ହୃଦୟରେ ଲମ୍ବାଇ, ଚତୁସମ ଘସାଇ ହସ୍ତରେ ଦ୍ରବ୍ୟ ପଦାର୍ଥମାନ ଦେଉଅଛି । ଯୋଗୀ ସେହିକ୍ଷଣି ଉଲ୍କ ବିଭୂତି କପାଳେ ଘଷିଲା । ଅଦୃଶ୍ୟ ହୋଇଲା । ମନରେ ସନ୍ଦେହ ପାଇଁଲାକୁ ଅନ୍ତର୍ଦ୍ଧାନ ହୋଇଲା ବୋଲି ବୋଇଲା । କୁମର ସହିତେ ସମସ୍ତେ ହେଁ ଆକୁଳ ହୋଇଲେ । ହସ୍ତ ପ୍ରାପତ ନିଧି ଗଲା ବୋଲି ବୋଇଲେ । ନାକୁସ୍ଥ ବଚନମାନ ଉଚ୍ଚାରିଲେ ଯହୁଁ । ବିଭୂତି ପୋଛି

ବୃକ୍ଷ ପଲ୍ଲବଙ୍କ ଛେଦନ କଲୁ ତହୁଁ । ରାଜା ସହିତ ସମସ୍ତେ ତହିଁ ପାଦ ଛୁଇଁ ଚାଲିଲେ । ସ୍ୱୟଂ ଈଶ୍ୱର ବୋଲି ବୋଲୁଥିଲେ । ଅନେକ ଧନ ରତ୍ନ ମାନ ଚରଣରେ ଥୋଇଲେ । ମୁଖକୁ ସ୍ତବ ଭସ୍ମୀଭୂତ ହୋଇଲେ ।

ନାରାୟଣ ଅବଧୂତ-କୃତ ସୁଧାନିଧି

## ବତିଶ ସିଂହାସନ ଓ ଚତୁର ବିନୋଦ

[୩] ସେ ପିତୁଳୀ ହସିବା ଦେଖି ରାଜା ପଚାରିଲେ ତା କାହିଁପାଇଁ ହସିଲୁ କହ । ସେ ପିତୁଳୀ ବୋଇଲା ହେ ରାଜନ ଯେ ସିଂହାସନ ଭୂଷଣ ରାଜା ସେ ରାଜନ । ଏମନ୍ତ ଶୁଣି ରାଜା ବୋଇଲେ ତାହାଙ୍କର କି ଗୁଣ? ରାଜାର ଏମନ୍ତ ବଚନ ଶୁଣି ପିତୁଳା ବୋଇଲା ତାହାଙ୍କର ମୁଁ କି କହି ପାରିବି । ତାହାଙ୍କର କଥା ଦେଇଙ୍କୁ ଦୁର୍ଲଭ । ମୁଁ ତାହାଙ୍କର କଥା ପ୍ରକାଶ କରିବି । ଧ୍ୟାନ ପରିପୂର୍ଣ୍ଣେ ତୁମ୍ଭେ ଶୁଣ । ଏମନ୍ତ ଶୁଣି ଭୋଜ ରାଜା ବୋଇଲେ ସେ ଆମ୍ଭଠାରୁ ବଡ଼ ଦାନୀ । ଆମ୍ଭେ ଯାହା ଦେବାକୁ ଲକ୍ଷ ଲକ୍ଷ ସୁନାଆ ଦାନ ଦେଉଥାଉଁ । ରାଜାର ଏ ବଚନ ଶୁଣି ସେ ପିତୁଳୀ ବୋଇଲା ହେ ରାଜନ ଏତେକେ ଜାଣିଲଇଁ ତୁମ୍ଭେ ବଡ଼ କୃପଣ । ଯେତେ-ବେଳେ ଆପଣା ଗୁଣ କହିଲ, ସେତେବେଳେ ଜାଣିଲୁନ । ପୂର୍ବେ ଶୁଣିଅଛୁ ଆପଣା ପୁରୁଷାର୍ଥ ଆପଣେ କହିଲେ ସେ ନଷ୍ଟ । ଏମନ୍ତ ଋଷି ବ୍ରାହ୍ମଣମାନେ ଅଛି । ଯେତେ ଗୁଣବନ୍ତ ହେଲେ ଆପଣା ପୁରୁଷାର୍ଥ ନ କହିବ । ଏ ଲୋକେ ଶୁଣିଥାଇଁ । ଆପଣା ଗୁଣ ଯେବେ ପରକୁ କହଇ ହେବ ସେ ଲକ୍ଷ୍ମୀ ଗୁଣରେ ଲେଖା । ତେଣୁ କରି ଆପଣାର ଗୁଣ ପରକୁ ନ କହିବ । ଏମାନ ଉତ୍ତମ ମାନଙ୍କର । କହିଲେ ତେତେ ମାତ୍ରା ହିଁ । ଏ ପିତୁଳୀ ଏମନ୍ତ ରାଜାଙ୍କୁ କହିଲେ ।

ଶିବ ଦାସ—ବତିଶ ସିଂହାସନ; ଦ୍ୱିତୀୟ କଥା

(୪) ଏହା ଦେହ ଏତେ ସ୍ଥୂଳ କାହିଁକି ହେଲା, ମୁଁ କାହିଁକି ଏତେ ଦୁର୍ବଳ ହେଲି । ବର୍ଣ୍ଣରେ ତ ମୁଁ ଏହା ଠାରୁ ଉଜ୍ଜ୍ୱଳ । ଚଞ୍ଚୁ ହିଁ ମୋହର ସୁନ୍ଦର, ପକ୍ଷମାନେ ଅତି ଉତ୍ତମ, କେବଳ ଅଣ୍ଡ, ବେଙ୍ଗ, ଗେଣ୍ଡା ଏମାନେ ସବୁ ସବୁ ବୋଲି ଗିଳିବା ବେଳକୁ ମାଡ଼ୁ ନଥିବ । ମୋର ଯେବେ ଏହାପରି ଦେହ ମୋଟା ହେବ ତେବେ ଏହାଠାରୁ ଅତି-ସୁନ୍ଦର ହେବି, ବକମାନଙ୍କ ଉପରେ ରାଜା ପ୍ରାଏ ଦିଶିବି । ଏବେ ଏହା ସଙ୍ଗେ ପ୍ରୀତି କରି ଏ ଯାହା ଖାଉଛି ମୁଁ ତାହା ଖାଇବି ।

[୫] ଅମୃତ ଯେ ସ୍ୱର୍ଗରେ ଅଛି ସେ କେଉଁ ସ୍ୱାଦ ତାହା କେହି ପାଇ ନାହାନ୍ତି । ସମସ୍ତେ କହନ୍ତି ସେ ବଡ଼ ମଧୁର, ଏମନ୍ତ କହିବାରୁ ତାହା ଖାଇବାକୁ ଲୋଭ ବଢୁଥାଇଁ । ଖାଇଲା ଠାରୁ, ଏ ରୂପେ ମଧୁର ସିନା- ଏମନ୍ତ ଜାଣି ଆଉ ତା'ଠାରେ କି ତେତେ ଲୋଭ ହେବ ? ସେଠାରୁ ଆଶା ଛୁଟିବ । ଆଶା ଛୁଟିଲେ ଅମୃତ ଅନାସ୍ଥ ହେବ । ଭୋଗ ନ କରି ଥିଲାଯାକ ଆଶା ଟେକି ଥାଇ । ଭୋଗ କଲା ଠାରୁ ସୁଖ ଊଣା ହୁଅଇ ।

[୬] ଆଜ ନୋହିଲେ ଜୀବନ ନ ରହିବ । ନିଜ ତୋ କଥା ସେ ଯେଣି ନ ଥାଇଟି ? ମୋତେ ଭରସା କରି କୁହ ।

[୭] ଏଥି ଭିତରେ ଏକ ବୋହିତଆଳ ସାଧବ ସେ ନଦୀ କୂଳେ ବୋହିତ ଖଟାଇ ରହିଥିଲା । ତା ଦୃଷ୍ଟି କିମ୍ବା ଠାରେ ପଡ଼ନ୍ତେ ମକର ଛେଦନ ନାମେ ନାଉରିକି କହିଲା । ପିଲାଟିଏ ଭାସି ଯାଉଛି । ତୁ ନାହା ପକାଇ ତାକୁ ଆଣି ମୋତେ ଦିଏ । ମୁଁ ତୋତେ ଶହେ ଟଙ୍କା ଦେବି । ଏହା ଶୁଣି ସେ ନାଉରି ବହୁତ କଷ୍ଟରେ ଧଇଲା । ଆଣି ବୋହିତଆଳ ସାଧବକୁ ଦିଅନ୍ତେ ସାଧବ ସେ ପିଲାକୁ ରଖି ନାଉରିକି ଶହେ ଟଙ୍କା ଗଣି ଦେଲା । ଅଗ୍ନି ଭିକଛା କରି ବହୁତ ଯତ୍ନରେ ସେ ପିଲାକୁ ବଞ୍ଚାଇଲା । × × ଶୁଣି ମାନଦତ୍ତ ଧାଇଁ ଆସି ଦେଖନ୍ତେ କିମ୍ବାର ସଞ୍ଚାର କିଛି ନ ଦିଶିଲା । ନାବ ଯେଣି ବହୁତ ଦୂରକୁ ବୋଲି ଖୋଜି ଗଲେ ଯେ କିଛି ଠଉର ନ ପାଇଲେ ।

ଚତୁର ବିନୋଦ—ବ୍ରଜନାଥ ବଡ଼ଜେନା

[୮] ସକାଳ ଓଳଆ ମହନ୍ତ ମହାରାଜ ଗୋଟାଏ କାହ୍ନଡ଼ା ଉପରେ ବସି ଗଞ୍ଜେଇ ଟିପୁଥିଲେ । ଦୂରକୁ ଅନେଇ ଦେଖିଲେ ଯେ, ଗୋଟାଏ ଖୁବ୍ ବଡ଼ା ହାତି ଉପରେ ଅମାରି କସା, ତା'ଉପରେ ପାଟଛତା ଉଡ଼ୁଛି, ଫୌଜଦାର ତା' ଉପରେ ବସି ଆସୁଛି । ମହନ୍ତ ମହାରାଜ ଖାଲି ଏତିକି କହିଲେ "ହୁଁ—ତେଲ ବାବା, କାହ୍ନଡ଼ା ତେଲ ।" ଆଉ କ'ଣ କାହ୍ନଡ଼ା ରହିପାରେ, ଖୁଲିଲା । ତେଣୁ ଆସୁଛି ହାତି, ଏଣୁ ଯାଉଛି କାହ୍ନଡ଼ା, ଅଧା ବାଟରେ ଭେଟା ଭେଟି । ଫୌଜଦାର ପିମିଣ୍ଡ ଅନାଇ ଦେଉଛି, ଆଉ କ'ଣ ହାତିରେ ବସିପାରେ ! ଖପ୍ କରି ହାତିରୁ ଡେଇଁ ପଡ଼ି ଲମ୍ ତମ୍ ଗୋଡ଼ତଳେ ପଡ଼ିଗଲା ।

ଫକୀର ମୋହନ—ଧୂଳିଆ ବାବା

## କେତୋଟି ତୁଳନା—

ଓଡ଼ିଆ ଗଦ୍ୟ ଭାଷାର ଆଦି କାଳରୁ ଫକୀରମୋହନଙ୍କ ପର୍ଯ୍ୟନ୍ତ ଯେଉଁ ଉଦାହରଣ ଗୁଡ଼ିକ ଏଇଠି ଦିଆଗଲା ସେ ଗୁଡ଼ିକରେ ସାଧୁକୃତ ଓଡ଼ିଆ ଶବ୍ଦ ଓ ସଂସ୍କୃତ-ନିୟମ-ଦୋରସ୍ତ ପ୍ରୟୋଗ ଖୁବ୍ କମ୍ । କିନ୍ତୁ ଫକୀରମୋହନଙ୍କ କାଳରେ ଯେଉଁ ଶୈଳୀ ଓ ଶବ୍ଦ ଯୋଜନା ମଧୁସୂଦନ ରାଓ ଓ ବ୍ରାହ୍ମ ସମାଜର ପ୍ରବକ୍ତାମାନେ ଆରମ୍ଭ କଲେ ଓ ତାହାର ପୋଷକ ହେଲେ ବିଶ୍ୱନାଥ କର, କୁନ୍ତଳମଣି ଦାସ, ଚନ୍ଦ୍ର ମୋହନ ମହାରଣା ଇତ୍ୟାଦି ସେହି ସମୟର ପ୍ରଭାବରେ ପଡ଼ି ପଲ୍ଲୀ କବି ନନ୍ଦ କିଶୋର ବି ଠାଏ ଲେଖିଲେ —

"ଆହା ! କି ସୁନ୍ଦର, କେତକୀ ଗୌର, ତପ୍ତ କାଞ୍ଚନ ନିଭ ବର୍ଣ୍ଣ, ସ୍ୱର୍ଣ୍ଣତାଳ ସଦୃଶ ମସୃଣ ଦେହ କାନ୍ତି, ତଦ୍ଦୁପରେ ଖେଳୁଥିବା ତରଙ୍ଗାୟିତ-ସ୍ୱପ୍ନାବେଶ ପୂର୍ଣ୍ଣ ଭ୍ରୂଭଙ୍ଗୀ, ଆକର୍ଣ୍ଣ ବିସ୍ତୃତ ନୀଳାବ୍ଜ ସଙ୍କାଶ ନେତ୍ର ଯୁଗଳ, ଅମଳ-ଗଣ୍ଡସ୍ଥଳ-ଶୋଭୀ ଚୂର୍ଣ୍ଣ-କୁନ୍ତଳ, ରକ୍ତାଭ ଅଧରୋଷ୍ଠ, ଶଙ୍ଖ ସଦୃଶ କଣ୍ଠ ।

ଅଥଚ ଏହି ଲେଖକ-କବି ଲେଖିଥିଲେ ... ...

ମେଘ ବରଷିଲା                ଝିପର ଝିପର
କେଶୁର ମାଇଲା ଗଜା,
କେଉଁ ଗାଈଜରେ                ରହିଲେ ମୋ ରଜା
ତେଲଙ୍ଗୀ ବାଇଦ ବଜା ।

ଏଠାରେ ତୁଳନା କରାଯାଇ ପାରେ—

ଊନବିଂଶ ଶତାବ୍ଦିର ଭାରତୀୟ ନାରୀମାନଙ୍କର ଦୁର୍ଦ୍ଦଶା ଅବଲୋକନ କରି କିଏ ବିଶ୍ୱାସ କରିବ ଯେ ଦିନେ ଏହି ଦେଶ ସମର ବିଳାସିନୀ, ମନସ୍ୱିନୀ ବୀର ବାଳାମାନଙ୍କର ବିଳାସ କ୍ଷେତ୍ର ଥିଲା । ଭାରତୀୟ ବୀର ନାରୀ ଏହି କଥାଗୁଡ଼ିକ ଆଜି ଅସାର ପ୍ରଳାପ ତୁଲ୍ୟ ପ୍ରତୀୟମାନ ହେଉଅଛି ସତ୍ୟ ମାତ୍ର ଏହା କାହାରି କପୋଳକଳ୍ପିତ ନୁହେଁ ।"

ମଧୁସୂଦନ—ପ୍ରବନ୍ଧ ମାଳା

ଲକ୍ଷ୍ମୀର ବିଲୋଲ କଟାକ୍ଷ, ସହାସ ମଧୁର ମୁଖ, ବୀଣା ବିନିନ୍ଦିତ ବାଣୀ ନାରାୟଣଙ୍କ ନିକଟରେ ଗମ୍ଭୀର ଅପୂର୍ବ ପ୍ରହେଳିକାବତ୍ ପ୍ରତୀୟମାନ ହେଲା ।        ନନ୍ଦ କିଶୋର ବଳ—ଲକ୍ଷ୍ମୀ

ଗୋପବନ୍ଧୁ 'ଉତ୍କଳ ଇତିହାସ'ର ମୁଖ ବନ୍ଧରେ ଲେଖିଲେ —

(କ) କୃପାସିନ୍ଧୁଙ୍କ ଲିଖିତ ଉତ୍କଳ ଇତିହାସ ପୁଙ୍ଖାନୁପୁଙ୍ଖ ବର୍ଣ୍ଣିତ ନାହିଁ । ଇତିହାସ ଓ ପ୍ରତ୍ନତତ୍ତ୍ୱ ଆଲୋଚନାରେ କୃପାସିନ୍ଧୁ ନିଜ କାର୍ଯ୍ୟ ଓ ଗୁଣ ଯୋଗେ ସୁପରିଚିତ । ଅନ୍ୟର ସାର୍ଟିଫିକେଟ ଅନାବଶ୍ୟକ । ଏ ପୁସ୍ତକ ଲେଖିବା ପୂର୍ବରୁ ବାରବାଟୀ ଦୁର୍ଗ ଓ କୋଣାର୍କ ଲେଖି କୃପାସିନ୍ଧୁ ନିଜର ଯୋଗ୍ୟତାର ଅବିନଶ୍ୱର ସାର୍ଟିଫିକେଟ ହାସଲ କରିଛନ୍ତି । ଯେଉଁମାନେ ସେ ପୁସ୍ତକ ପଢ଼ିଛନ୍ତି କୃପାସିନ୍ଧୁଙ୍କ ଉତ୍କଳ ଇତିହାସ ପଢ଼ିବାକୁ ସେମାନେ ଆକୃଷ୍ଟ ହେବେ ଏବଂ ମୋର ବିଶ୍ୱାସ ଇତିହାସ ପ୍ରତି ଶ୍ରମ ସଫଳ ମଣିବେ । ଏ ପୁସ୍ତକ ଉତ୍କଳର ସଂକ୍ଷିପ୍ତ ଇତିହାସ ମାତ୍ର । ସୁବିଶାଳ କଳିଙ୍ଗ ସାମ୍ରାଜ୍ୟର ଗୌରବାବହ ଇତିହାସ ବିସ୍ମୃତି ଗର୍ଭରେ ଲୀନ ପ୍ରାୟ । ଏ ଦିଗରେ ପ୍ରତ୍ନତତ୍ତ୍ୱର ଆଲୋଚନା ଅଧିକ ଦୂର ଅଗ୍ରସର ହୋଇନାହିଁ । ଗଲା କେତେ ବର୍ଷ ଭିତରେ ବିସ୍ମୃତି ଗର୍ଭରୁ ଯାହା ଉଦ୍ଧାର ହୋଇଅଛି କଳିଙ୍ଗ ରାଜ୍ୟର ବିଷୟ ଓ ବିସ୍ମୃତି ଦୃଷ୍ଟିରୁ ତାହା କିଛି ନୁହେଁ । ଏ ବିଷୟର ଆଲୋଚନାରେ କୃପାସିନ୍ଧୁ ଛାତ୍ର ଜୀବନରୁ ମନ ବଳାଇ ଥିଲେ, ସମସ୍ତ ସୁବିଧା ଅନୁକୂଳ ହୋଇଥିଲେ ତାଙ୍କୁ ସମ୍ପୂର୍ଣ୍ଣ ରୂପେ ଏ କାର୍ଯ୍ୟରେ ଲଗାଇବା ମୋର ଅଭିପ୍ରାୟ ଥିଲା । ଏ ଅଭିପ୍ରାୟକୁ ନିକଟରେ ଚରିତାର୍ଥ କରିବି ବୋଲି ଭାବିଥିଲି । ମାତ୍ର ଦୈବ ସେ ସୁଖ ସୌଭାଗ୍ୟ ଦେଲା ନାହିଁ । ଭବିଷ୍ୟତରେ କୃପାସିନ୍ଧୁଙ୍କ ଠାରୁ ଯେ ବିଶାଳ ଇତିହାସର ମୁଁ ଆଶା ରଖିଥିଲି ଉପସ୍ଥିତ ଗ୍ରନ୍ଥ ତାହାର ହାତବଳା କାରିଗରି ମାତ୍ର । ଏ କ୍ଷୁଦ୍ର ପୁସ୍ତକର ଛପା ନ ସରୁଣୁ କୃପାସିନ୍ଧୁ ଚାଲିଗଲେ । ମୋ ଆଖିରୁ ଲୁହ ଶୁଖି ନାହିଁ । ଏ ଉତ୍କଳ ଇତିହାସ ଦେଖିଲେ ମୋର ଅଧିକ କୋହ ଉଠୁଛି । ତେଣୁ ଭୂମିକା ଲେଖିବାକୁ ମୁଁ ଅକ୍ଷମ, କ୍ଷମା କରିବେ ।"

ପ୍ରଥମ ଧାଡ଼ିରେ ସମୁଦାୟ ପାରାର ଚିନ୍ତାଧାରାର ସାମାନ୍ୟ କଥନ ସରିଗଲା । ପ୍ରଥମ ଧାଡ଼ିର କଥନର ପ୍ରମାଣ ହେଲା ଦ୍ୱିତୀୟ ଧାଡ଼ି । ତୃତୀୟ ଧାଡ଼ି ସେହି ପ୍ରଥମ ଧାଡ଼ିକୁ ଆହୁରି ସ୍ପଷ୍ଟ ଭାବରେ ପାଠକ ମନରେ ଭେଦ କରି ଦେଲା । ଚତୁର୍ଥ ଧାଡ଼ି ପୁଣି ସେହି ତଥ୍ୟ ପାଇଁ ଆହୁରି ପ୍ରମାଣ ଯୋଗାଇ ଦେଲା । ତା'ପରେ ଆସିଲା 'ଉତ୍କଳ ଇତିହାସ'ର ସାର୍ଥକତା । ଏହାର ଗୁଣ-ଏହାର ସଂକ୍ଷିପ୍ତତା । ଏହା କେବଳ ହାତବଳା କାରିଗରି କୃପାସିନ୍ଧୁଙ୍କ ଠାରୁ ଏହା ଅପେକ୍ଷା ବଡ଼ ଇତିହାସ ଆଶା କରାଯାଇଥିଲା । ମାତ୍ର "ଦୈବ ସେ ସୁଖ ସୌଭାଗ୍ୟ ଦେଲା ନାହିଁ" । ଏହା ପରେ ସାରା

**ପାରାଟିରେ ଶୋକଧାରାର ପ୍ରଚ୍ଛନ୍ନ ଫଲଗୁ ବୋହି ଯାଉଛି । ପାରା ଗଠନରେ ଏ ଲେଖା ଉଚ୍ଚ କୋଟିର ।**

**ଅନ୍ୟ ଗୋଟିଏ ଲେଖା —**

(ଖ) ସମ୍ଭୋଗ, ପ୍ରାଣୀର ନୈସର୍ଗିକ ବୃତ୍ତି (କମାର ପ୍ରୟୋଜନ ନ ଥିଲା) । ସମ୍ଭୋଗ ବିନା ସ୍ଥିତି ଅସମ୍ଭବ । ସମ୍ଭୋଗରେ ହିଁ ବାସ୍ତବ ଜଗତ୍ ସଙ୍ଗେ ମାନବର ସମ୍ବନ୍ଧ । ଏହି ସମ୍ଭୋଗରେ ହିଁ ବାସ୍ତବ ଜଗତର ମାନବ ପ୍ରାଣରେ ପ୍ରକାଶ । ସମ୍ଭୋଗ, ପ୍ରାଣରେ ଅନୁଭୂତିର ବୀଜ (କମା ଅନାବଶ୍ୟକ) । ଏହି ସମ୍ଭୋଗହିଁ ବାସ୍ତବ ଜଗତରେ ସତ୍ୟ । ଅନନ୍ତ ବାସ୍ତବ ଘଟଣାରାଶି, ବିଶ୍ୱସତ୍ତା, ବିଶ୍ୱଦେବତାଙ୍କର ବିଗ୍ରହ । (ଏଠାରେ ଅର୍ଥ ହେଲା ବିଶ୍ୱସତ୍ତାଙ୍କର ବିଗ୍ରହ ଓ ବିଶ୍ୱଦେବତାଙ୍କର ବିଗ୍ରହ । ଅନନ୍ତ ବାସ୍ତବ ଘଟଣା ରାଶି ପରେ 'କମା'ର ପ୍ରୟୋଜନ ନାହିଁ । ଗୋଟିଏ 'ହିଁ' ଅନନ୍ତ ବାସ୍ତବ ଘଟଣା ରାଶି ପଛରେ ଲାଗିଥିଲେ ଭାବ ପ୍ରକାଶ ସ୍ପଷ୍ଟ ହୋଇ ଥାନ୍ତା) ଅନୁଭୂତିର ଅନନ୍ତ ବିତାନରେ ମାନବ ପ୍ରାଣରେ ସେହି ବିଶ୍ୱ ସତ୍ତାର ବିକାଶ ; ଏବଂ ସମ୍ଭୋଗ ବିନା ସେହି ଅନୁଭୂତି ଅସମ୍ଭବ । ('ସେମିକୋଲନ୍' ସ୍ଥାନରେ ପୂର୍ଣ୍ଣଚ୍ଛେଦ ଆହୁରି ଉପଯୁକ୍ତ ହୋଇଥାନ୍ତା') ଭଗବାନ ଶ୍ରୀକୃଷ୍ଣ ସ୍ପଷ୍ଟ ଆଭାସ ଦେଇଛନ୍ତି । "ଶରୀର ଯାତ୍ରା ପିଚତେ ନ ପ୍ରସିଦ୍ଧେତ୍ କର୍ମଣଃ" ଅର୍ଥାତ୍ କର୍ମ ବା ବାସ୍ତବୀ ଜଗତ୍ ସହିତ ସମ୍ପର୍କ ବିନା ଶରୀରର ଶରୀର ଯାତ୍ରା ଚଳିବ ନାହିଁ । ଭୌତିକ ବିଗ୍ରହ ବା ଜଡ଼ ପିଣ୍ଡ ଜୀବନ ନୁହେଁ, କେବଳ ରକ୍ତ ସମ୍ପର୍କ ବଂଶ ପରମ୍ପରା ନୁହେଁ ; କିମ୍ବା ପିତୃ ପୁରୁଷ ଏକ ହେଲେ ହେଁ ସର୍ବଦା ସେ ଜାତୀୟ ଜୀବନ ଏକ ହେବ, ଏହାର କୌଣସି କାରଣ ନାହିଁ ।"

ନୀଳକଣ୍ଠ ଦାସ—ଆର୍ଯ୍ୟ ଜୀବନ

ଏଠାରେ ବାକ୍ୟ ବିନ୍ୟାସ ଓ ପାରା ଗଠନରେ କିଛି ଖୁଣିବାର ନାହିଁ । ଭାଷା ଦାର୍ଶନିକ ଭାବ ହେତୁ ସଂସ୍କୃତର ପ୍ରାଦୁର୍ଭାବ ବେଶି । ଏଭଳି ଭାଷା ଲେଖିବା ଛଡ଼ା ଉପାୟ ନ ଥିଲା ବୋଲି କହିବା ଠିକ୍ ନୁହେଁ । କାରଣ ପ୍ରାୟ ସମାନ ଚିନ୍ତା ଓ ଧାରଣା ନେଇ ଓଡ଼ିଆ ଭାଷାର ସମ୍ଭାବନା ଏଠାରେ ତୁଳନାରେ ଅଣାଯାଇ ପାରେ ଯଥା —

ଗ) ରାଜା ମୁକୁନ୍ଦଦେବଙ୍କର ରାଜ୍ୟ ନ ଥିଲା, କ୍ଷମତା ନ ଥିଲା, ପୂର୍ବର ଅଧିକାର ବା ଗୌରବ ନ ଥିଲା । ସେ ପଣ୍ଡିତ ନଥିଲେ, ଶାସନ

କରିବାକୁ ତାଙ୍କର ରାଜ୍ୟ ନ ଥିଲା । ଜଗନ୍ନାଥ ମନ୍ଦିରର ସେ ତତ୍ତ୍ୱାବଧାରକ କିନ୍ତୁ ସେଥିର ପରିଚାଳନା ଲାଗି ତାଙ୍କର ସାମର୍ଥ୍ୟ ନ ଥିଲା । ସାଧାରଣଙ୍କ ସଙ୍ଗେ ତାଙ୍କର ସଂସ୍ରବ ନ ଥିଲା । ମୋଟରେ ତାଙ୍କର ବିୟୋଗରେ ମର୍ମାହତ ହେବା ଭଳି ତାଙ୍କର କିଛି ବିଶେଷତ୍ୱ ନ ଥିଲା । ତଥାପି ପୁରୀ ଜନସାଧାରଣ ଆଜି ତାଙ୍କର ଅଭାବ ଅନୁଭବ କରୁଛନ୍ତି । ତାଙ୍କ ଲାଗି ଦୁଃଖିତ ହେଉଛନ୍ତି । କାହିଁକି ? ସେ ଜଣେ ପୁରୁଣା ଢଙ୍ଗର ଲୋକ ଥିଲେ । ତାଙ୍କର ଧର୍ମରେ ବିଶ୍ୱାସ ଥିଲା । ଜଗନ୍ନାଥ ମହାପ୍ରଭୁଙ୍କଠାରେ ଅଟଳ ଭକ୍ତି ଥିଲା । ତାଙ୍କର ଲୋଭ ନ ଥିଲା । ସେ କେବେ ମିଥ୍ୟା କହୁ ନ ଥିଲେ । ବଂଶର ପୂର୍ବ ବଡ଼ିମାରେ ଅଭିମାନ କରୁଥିଲେ ଏବଂ ଆପଣାର ବର୍ତ୍ତମାନ ଅବସ୍ଥା ଅନୁଭବ କରି ମର୍ମାହତ ହେଉଥିଲେ । ହିନ୍ଦୁରାଜାର ଶୌଚ ଶୁଦ୍ଧାଚାର ତାଙ୍କଠାରେ ଯେତେ ଦୂର ଥିଲା ଆଜିକାଲି ସାଧାରଣରେ ତାହା ଦେଖିବାକୁ ମିଳେ ନାହିଁ । ଗୋ-ସେବା ତାଙ୍କର ନିତ୍ୟବ୍ରତ ଥିଲା । ଏପରିକି ତାହା ନ କରି ସେ ଜଳ ଗ୍ରହଣ କରୁ ନ ଥିଲେ । ଦୋଷ ଯେ ନ ଥିଲା, ନୁହେଁ । ଦୋଷ ଦୁର୍ବଳତା ନାହିଁ କାହାର ? ବିଶେଷତଃ ରାଜବଂଶରେ । ମାତ୍ର ଲୋକେ ପୁରୀ ରାଜାଙ୍କୁ ଯେ ଚଳନ୍ତି ବିଷ୍ଣୁ ବୋଲି କହନ୍ତି ଏବଂ ଠାକୁର ରାଜା ବୋଲି ମାନନ୍ତି, ପୂର୍ଣ୍ଣ ମାତ୍ରାରେ ନୋହିଲେ ସୁଦ୍ଧା ତହିଁର ଆଂଶିକ ସମର୍ଥନ ଲାଗି ତାଙ୍କଠାରେ ସତ୍ୟ ସରଳତା ଓ ନିଷ୍ଠା ଥିଲା । ତାଙ୍କର ନାନା ଦୋଷ ତ୍ରୁଟି ସତ୍ତ୍ୱେ ଆମ୍ଭେମାନେ ତାଙ୍କୁ ଶ୍ରଦ୍ଧା ଆଦର ଓ ଭକ୍ତି କରୁଥିଲୁଁ । ଦେଶବାସୀଙ୍କର ମଧ୍ୟ ତାଙ୍କ ପ୍ରତି ଯଥେଷ୍ଟ ଶ୍ରଦ୍ଧା ସମ୍ମାନ ଥିଲା ।

ଗୋପବନ୍ଧୁ—ସମାଜ ୨୦।୨।୨୭

ପାରା ଆରମ୍ଭର ଯୁକ୍ତି ଗୁଡ଼ିକର ମୁଣ୍ଡି ମଲା 'ମୋଟରେ ତାଙ୍କ ବିୟୋଗରେ ମର୍ମାହତ ହେବା ଭଳି ତାଙ୍କର କିଛି ବିଶେଷତ୍ୱ ନ ଥିଲା"ରେ ତଥାପି···ଏହି କେତୋଟି ଧାଡ଼ିରେ ତାଙ୍କର ଧର୍ମ ବିଶ୍ୱାସ, ସତ୍ୟବାଦିତା, ଜଗନ୍ନାଥ ଭକ୍ତି ନିର୍ଲୋଭତା ବଂଶ ଗୌରବରେ ଗର୍ବ, ନିରହଂକାର, ଶୌଚ ଶୁଦ୍ଧାଚାର ପାଇଁ ତାଙ୍କ ଲାଗି ଦୁଃଖର କାରଣକୁ ଉଦ୍‌ଘାଟିତ କରାଯାଇଛି ।

ବାକ୍ୟ ବିନ୍ୟାସ ଓ ପାରା ଗଠନରେ ଓ ଜଣେ ବିବଦମାନ ବ୍ୟକ୍ତିର ମୂଲ୍ୟାଙ୍କନରେ ତଉଲ କରି ଭାଷା ବ୍ୟବହାର କରିବାରେ, ଅନ୍ତରଙ୍ଗତା ଛାଡ଼ି ସଂଯମ ରକ୍ଷା କରିବାରେ ଏହି ପାରାଟି ଏକ ସାର୍ଥକ ସୃଷ୍ଟି ।

## 'ଗୁରୁଚଣ୍ଡାଳ ଦୋଷ'

ଘ) ସେ କାଳର ଗଦ୍ୟ ସାହିତ୍ୟରେ ଏକ ପକ୍ଷରେ ଫକୀରମୋହନ ଓ ଅନ୍ୟ ପକ୍ଷରେ ସାଧୁକୃତ ଭାଷାର ଯେଉଁ ଟଣାଓଟରା ଚାଲିଥିଲେ ସେଥିରେ ଏକ ଧରଣର ମିଶ୍ର ଶୈଳୀର ଭାଷା ତିଆରି ହୋଇଥିଲା । ଯାହାକୁ କେହି କେହି କହନ୍ତି 'ଗୁରୁ-ଚଣ୍ଡାଳ' ଦୋଷ । ଅବଶ୍ୟ ଏଠାରେ 'ଗୁରୁ' କେହି ନୁହନ୍ତି । ସଭିଏଁ ଚଣ୍ଡାଳ—ଓ ଚଣ୍ଡାଳହିଁ ଜନସାଧାରଣ ! ଯଥା—

"......ପ୍ରତ୍ୟେକ ଘର ଛଣ ଛପର ଭୋଡ଼ ବଂଶଦଣ୍ଡ ବହାର କରି ପ୍ରାଚୀନ ଯୋଗୀ ପରି ଦଣ୍ଡାୟମାନ । ଚାଉଳ ଉଷୁନା, ଭୁଜା ଭଜା ପ୍ରଭୃତିର ମଧୁ ଆମୋଦବହ ଧୂମ୍ରରାଶିରେ ପରିବ୍ୟାପ୍ତ ହୋଇ ଗ୍ରାମଟି ଠିକ୍ ଧୂମ୍ରପାୟୀବତ୍ ପ୍ରତିଭାତ ହୁଏ । ଚୁଡ଼ାକୁଟାର ଅବିଚ୍ଛିନ୍ନ ଧୁକୁଡ଼ ଧୁକୁଡ଼ ଶବ୍ଦ ଆଗନ୍ତୁକ ହୃଦୟରେ କଳଗୁଞ୍ଜନ-ମୁଖର ସହରର ସ୍ମୃତି ଜାଗରୁକ କରିଦିଏ......"

ଚିନ୍ତାମଣି ମହାନ୍ତି— ବୈଦେହୀଶ ଭୂଷଣ

ଅଥଚ ସେହି ଗପ 'ବୈଦେହୀଶ ଭୂଷଣ'ରେ ଯେତେବେଳେ ସାଧୁକୃତ ଭାଷାର ଦାପଟ ବା ନିଶା ଲେଖକଙ୍କୁ ଛାଡ଼ି ଯାଇଛି ସେତେବେଳେ ସେହି ଲେଖିଛନ୍ତି —

"ତୋତେ ଟେମି ଟେମି ବୋଲି ଡାକୁଛନ୍ତି । ବୈଦେହୀଶ ବୋଲି ଡାକିବେ, ସେ ନାଁଟା ହେବ ? ପେଟକୁ ଭାଏ ଖାଉ ନାହିଁ । ହାଡ଼ଟା ଅଧିକା କାଢ଼ି ତ ଉପାସ ରହୁ ନାହିଁ ? ତୁ ରାଜପ୍ରାସାଦ ପାଟଶାଢ଼ୀ ପିନ୍ଧିବୁ, ବାଉଁଶ ହାତରେ ସୁନା କଙ୍କଣ ଜକ ଜକ ହୋଇ ଝଟକିବ, ତୁମ୍ଭେ ଦୁଇ ଜଣ ସାତ ଜନ୍ମରୁ ଉଦ୍ଧାର ପାଇ ଯିବ, ରାଜ କଟାକ୍ଷ ପଡ଼ିଲେ ତୁ କ ଆଉ ଚୂଡ଼ା ଛାଡ଼ ପକାଇବୁ ?"

ଙ) ୧୮୮୦ ସାଲରେ ପ୍ରକାଶିତ ପ୍ରବନ୍ଧମାଳାରେ ମଧୁସୂଦନ ରାଓ ତାଙ୍କର 'ସୌନ୍ଦର୍ଯ୍ୟ ଓ ରୁଚି' ପ୍ରବନ୍ଧର ଶେଷ ବେଳକୁ ଲେଖିଲେ—

ଜାତି ବିଶେଷର ରୁଚି ସେହି ଜାତିର ନୈତିକ ଅବସ୍ଥାର ପରିଚୟ ପ୍ରଦାନ କରେ । ଯେଉଁ ଜାତିସ୍ଥ ଲୋକେ ପ୍ରତିଭାଶାଳୀ ବ୍ୟକ୍ତିର ସୁରୁଚି ସଂଭୂତ ଗ୍ରନ୍ଥମାନଙ୍କୁ ଶ୍ରଦ୍ଧା କରନ୍ତି ସେମାନଙ୍କର ଧର୍ମନୀତି ଯେ ଉନ୍ନତ,

ଏଥିରେ ସନ୍ଦେହ ନାହିଁ । ପକ୍ଷାନ୍ତରେ ଏହା ନିଃସଂଶୟ ଯେ ଯେଉଁ ଜାତୀୟ ଲୋକେ କୁରୁଚି ପ୍ରମୋଦିତ ହୋଇ ଅଶ୍ଳୀଳ ଏବଂ ଅପକୃଷ୍ଟ ଗ୍ରନ୍ଥମାନଙ୍କୁ ଆଦର କରନ୍ତି ସେମାନଙ୍କର ଧର୍ମନୀତି ଅତି ହୀନ ଅଟେ । ଦେଶର ରୁଚି ଓ ଧର୍ମନୀତି ଉନ୍ନତ କରିବା ଅତ୍ୟନ୍ତ ପବିତ୍ର କାର୍ଯ୍ୟ ଅଟେ । ଯେଉଁ ଗ୍ରନ୍ଥକାରମାନେ ଏହି କର୍ତ୍ତବ୍ୟର ଗୁରୁତା ହୃଦୟଙ୍ଗମ ନ କରି କେବଳ ଲୋକମାନଙ୍କର ନୀଚ ଆମୋଦ ପ୍ରବୃତ୍ତି ପରିତୃପ୍ତ କରିବା ପାଇଁ ଯତ୍ନବାନ୍ ହୁଅନ୍ତି, ଯେଉଁମାନେ ଲୋକମାନଙ୍କର କଳ୍ପନା ସମକ୍ଷରେ କୁତ୍ସିତ ଚିତ୍ରମାନ ଉପସ୍ଥାପିତ କରି ହୃଦୟର ବିକୃତ ଭାବମାନଙ୍କୁ ଉତ୍ତେଜିତ କରନ୍ତି, ସେମାନେ ଦେଶର ପରମ ଶତ୍ରୁ ଅଟନ୍ତି ।”

ଏହି ଗଦ୍ୟ ଲେଖାରେ ସର୍ବନାମ ଓ କ୍ରିୟା ପଦ ଛଡ଼ା ବାକୀ ପ୍ରାୟ ସବୁ ସଂସ୍କୃତ ଶବ୍ଦ । ଏଥିଭିତରୁ ଅବଶ୍ୟ ଅନେକ ଶବ୍ଦ ଓଡ଼ିଆ ଲୋକେ ଆପଣାର କଥିତ ଭାଷାରେ ମିଶାଇ ନେଲେଣି, କିନ୍ତୁ ଏହି ଲେଖା ପଢ଼ିଲେ ଏହାର ଧ୍ୱନିରୁ ଏହା ‘ସାଧୁକୃତ’ ଭାଷା ବୋଲି ଜଣାପଡ଼େ ।

ସେଥିପାଇଁ ଗୋପବନ୍ଧୁ ଲେଖିଥିଲେ—

“ସାଧାରଣ ଓଡ଼ିଆ ଲୋକେ ବହୁ ସଂଖ୍ୟାରେ ନିରକ୍ଷର । ଯେଉଁମାନେ ବା ସାକ୍ଷର ସେମାନେ ସେହି ପୁରାତନ ମୌଳିକ ଭାଷା ବୁଝନ୍ତି । ତେଣୁ ବିଷୟକୁ ସେମାନଙ୍କର ବୋଧଗମ୍ୟ କରାଇବା ପାଇଁ ଯେତେଦୂର ସମ୍ଭବ ସେମାନଙ୍କ ଭାଷାରେ ବ୍ୟକ୍ତ କରିବା ଉଚିତ ।

ପରର ସାହିତ୍ୟ କଦାପି ଜାତୀୟ ସାହିତ୍ୟ ହୋଇ ନପାରେ । ତାହାର ବାଣୀ ପ୍ରାଣରେ ବାଜେ ନାହିଁ । ତାହା ସାଧାରଣ ଲୋକେ ଆମୋଦ ପାଇଁ ପଢ଼ନ୍ତି । ବଙ୍ଗଳାହିର ଅନୁକରଣରେ ଯେଉଁ ଓଡ଼ିଆ ସାହିତ୍ୟ ଗଢ଼ା ଯାଉଛି ତାହା ପ୍ରକୃତ ସାହିତ୍ୟ ନୁହେଁ । ଲକ୍ଷ୍ମୀ ଅନୁକରଣରେ ପ୍ରୀତ ହୋଇପାରନ୍ତି, କିନ୍ତୁ ସରସ୍ୱତୀଙ୍କୁ ଆୟତ୍ତ କରି ନିଜର ନକଲେ ବଶ କରି ହୁଅନ୍ତି ନାହିଁ ।

ଓଡ଼ିଆ ଜାତିର ହୃଦୟର ଭାବ ବୁଝିବା ଲାଗି ଯୋଗୀ ଭିଖାରୀଙ୍କ ଗୋବିନ୍ଦଚନ୍ଦ୍ର ଗୀତ ଶୁଣିବାକୁ ହେବ । ହଳର ଚଷାର ହଳ ପଛେ ପଛେ ଯିବାକୁ ହେବ । ଗୋରୁ ଗୋଠରେ ଗଉଡ଼ର ପ୍ରାଣର ବାଣୀ ମିଶାଇ ଏକତାନରେ ବଂଶୀ ବଜାଇବାକୁ ହେବ । ଗ୍ରାମ ଭାଗବତ ଘରେ ଗୋଷ୍ଠୀ ମେଳରେ ଜଗନ୍ନାଥ ଦାସଙ୍କ ଭାଗବତ ପଦର ଦୁଆ ଧରିବାକୁ ହେବ ।”

ଗୋପବନ୍ଧୁ —ସତ୍ୟବାଦୀ ମାସିକ ପତ୍ରିକା

ଗ) ସତ୍ୟବାଦୀ ଯୁଗର ଦାର୍ଶନିକ ଓ ଭାବଗର୍ଭକ ଭାଷା ବି ମଧୁସୂଦନଙ୍କର ଭାଷାଠାରୁ ବାରି ହୋଇପଡ଼େ । ଶବ୍ଦ ଯୋଜନା, ବାକ୍ୟ-ବିନ୍ୟାସ ଓ ତରଳ ଝଙ୍କାର ଯୋଗୁଁ ଏହି ଭାଷା କ୍ଲିଷ୍ଟ ବା ଗମ୍ଭୀର ନୁହେଁ । ଏହା ସ୍ପଷ୍ଟ ଓ ଭାବାନୁସାରୀ । ଯଥା —

"ପ୍ଲେଟୋଙ୍କର ଶିଷ୍ୟ ଅରିଷ୍ଟଟଲ୍ ସେହି ସ୍ୱପ୍ନ ରାଜ୍ୟରେଁ ଆହୁରି ଅଧିକ ଦୂରକୁ ଯାଇ ନିଷ୍କ୍ରିୟ, ନିର୍ବିକଳ୍ପ ସାଂଖ୍ୟବାଦର ପୁରୁଷ ପରି ନବ ସୃଷ୍ଟି ତତ୍ତ୍ୱ-ସମ୍ବଳିତ ନିଜର ଦର୍ଶନ-ମତ ପ୍ରଚାର କଲେ । ହୋଇପାରେ, ଏ ଦର୍ଶନବାଦ ସଙ୍ଗେ ସଙ୍ଗେ ଆରିଷ୍ଟଟଲ୍ ବାସ୍ତବୀ ଜଗତର ବିଭାଗମାନଙ୍କରେ ଶିକ୍ଷା ଖେଳାଇବାର ଦେଖି, ସମାଲୋଚକମାନେ ତାହାଙ୍କୁ ସ୍ୱପ୍ନପଥର ପଥିକ ବୋଲି ବୁଝନ୍ତି ନାହିଁ ।"

ନୀଳକଣ୍ଠ ଦାସ—ଆର୍ଯ୍ୟ ଜୀବନ

ଅଥବା—

"କବି କବିତ୍ୱ ପୁଣ୍ୟ ପଦାର୍ଥ । ସରସ୍ୱତୀଙ୍କ ପ୍ରସାଦ ଲାଭ କରି କବି ହେବା କେତେ ଜଣଙ୍କ ଭାଗ୍ୟରେ ଘଟେ ? ପୃଥିବୀରେ କେତେ ଜଣ ସେକ୍ସପିୟର, କାଳିଦାସ, ବାଇରନ୍, ବ୍ୟାସ, ଗେଟେ, ବାଲ୍ମୀକି, ହୋମର୍, ୱାର୍ଡସ୍-ଓ-ଆର୍ଥ, ଶେଲି ଜନ୍ମି ଛନ୍ତି ? ଏମାନେ ପ୍ରତ୍ୟେକେ ଜଣେ ଜଣେ ମୂର୍ତ୍ତିମାନ କବିତା ।

"ଏ ଦେଶରେ ଜଣେ ପ୍ରକୃତ କବି ଜନ୍ମ ହେଲେ, ମୁଁ ଜାଣେ, ଏ ଦେଶର ଶାପ ମୋଚନ ହେବ । କବି ସକଳ ଲୋକଶକ୍ତିର ମୂଳାଧାର, ତାଙ୍କର ପ୍ରାଣ ସେହି ପ୍ରସ୍ରବଣରୁ ବାହାରି ଦେଶଯାକ ପ୍ଲାବିତ କରେ ।"

ଗୋଦାବରୀଶ ମିଶ୍ର—ସତ୍ୟବାଦୀର ପଞ୍ଚ

ନୋହିଲେ—

ଭାଷାର ଓଜସ୍ୱିତା, ମାଧୁରୀ ବା ମାଦକତାରେ ମନ ଓ ପ୍ରାଣ ଉଦ୍‌ବୁଦ୍ଧ ଓ ଉଦ୍‌ବେଳିତ ହୁଏ । ତେଜୋମୟୀ ଭାଷା ପ୍ରାଣରେ ଉତ୍ତେଜନା, ଉନ୍ମାଦନା ଓ ଉନ୍ନତ ଉଲ୍ଲାସ ସୃଷ୍ଟି କରି ଲୋକର କର୍ମକୁ ଉଦ୍ଦୀପିତ, ଜାଗ୍ରତ ଓ ସାହସିକ-ଶକ୍ତି-ସମ୍ପନ୍ନ କରିଦିଏ । ଭାଷାର ଉନ୍ମାଦନା-ପ୍ରସୂତ ଭାବ-ଶକ୍ତିରେ ଲୋକ ଅସାଧ୍ୟ ସାଧନ କରିଥାଏ । ସେହିପରି ସ୍ନେହ ଓ ପ୍ରୀତିବ୍ୟଞ୍ଜକ ଭାଷା ପ୍ରାଣ ଓ ମନକୁ ତରଳ ମଧୁରତା, ସରଳ ଓ କୋମଳ ଭାବପ୍ରବଣତା, ସର୍ବୋପରି 'ଅସୀମ ପ୍ରେମପୂର୍ଣ୍ଣ ଅଖଣ୍ଡ ଅନ୍ତଃସ୍ୱର୍ଗରେ ଅନ୍ତର୍ଭୁକ୍ତ କରିଦିଏ । ଭାଷା ଓ ସାହିତ୍ୟ ଦ୍ୱାରା ମାନବ

ଯେପରି ମୂକ, ତାଙ୍କ ସେହିପରି ମୂକ, ନୀରସ ଓ ନିର୍ଜୀବ ହୋଇଥାଏ ।
ଭାଷାହିଁ ପ୍ରକୃତରେ ପ୍ରାଣ ସୃଷ୍ଟି କରେ ।

ଗୋପବନ୍ଧୁ ଦାସ— ଆଦର୍ଶ ଓ ଆକାଂକ୍ଷା (ସତ୍ୟବାଦୀ)

## ସେ କାଳର ସମାଲୋଚନା ଭାଷା

ଛ) ସେ କାଳରେ ଉତ୍କଳ ସାହିତ୍ୟ' ପୃଷ୍ଠାରେ ବିଶ୍ୱନାଥ କରଙ୍କର ସମାଲୋଚନା ଓଡ଼ିଆ ସମାଲୋଚନାର ମାନଦଣ୍ଡ ଥିଲା । ତାଙ୍କ ସହିତ ଶ୍ୟାମ ସୁନ୍ଦର ରାୟ ଗୁରୁଙ୍କର 'ଧ୍ରୁବ ଚରିତ' ନାଟକର 'ପ୍ରାଦେଶିକତା' ପୂର୍ଣ୍ଣ ଭାଷା ବିଷୟରେ ଏକ ବଡ଼ ବିତର୍କ ହୋଇଥିଲା । ଏହି ବିତର୍କର ଭାଷାରେ ଯୁକ୍ତି, କଟାକ୍ଷ ଓ ତୀବ୍ରତା ଯେତେ ହୋଇପାରି ଥାଆନ୍ତା ତାହା ନ ହେବାର କାରଣ 'ସାଧୁ କୃତ ଓଡ଼ିଆ ଭାଷା— ଯଥା

ଏକ ଭାଷା ବିଭିନ୍ନ ପ୍ରଦେଶରେ ଅବସ୍ଥା ଭେଦରେ ଲୋକ ମୁଖରେ ଏବଂ ବାହ୍ୟ ପ୍ରଭାବର ସଂସ୍ପର୍ଶରେ ପରିବର୍ତ୍ତିତ ହୋଇ ଯେଉଁ ଆକାର ଧାରଣ କରିଥାଏ ତାହା ଆମ୍ଭମାନଙ୍କ ମତରେ ପ୍ରାଦେଶିକତା । ପ୍ରତ୍ୟେକ ଭାଷାରେ ଏପରି ପରିବର୍ତ୍ତନର ଦୃଷ୍ଟାନ୍ତ ମିଳିବ । ମାତ୍ର ଲିଖିତ ଭାଷା ବା ସାହିତ୍ୟରେ ବିଶେଷ ପ୍ରୟୋଜନ ସ୍ଥଳ ଭିନ୍ନ ଏଗୁଡ଼ିକ ବ୍ୟବହୃତ ହୁଏ ନାହିଁ ଏବଂ ହେବା ଦୂଷଣୀୟ ବୋଲି ବିବେଚିତ ହୋଇଥାଏ × × ପୂର୍ବ ବଙ୍ଗର କଥିତ ଭାଷା ବଙ୍ଗଳା ହେଲେ ମଧ୍ୟ ତାହା ଏପରି ବିକୃତ ହୋଇଯାଇଅଛି ଯେ ଅପରାଞ୍ଚଳ ବାସୀ ବଙ୍ଗ ସନ୍ତାନ ମାନଙ୍କର ଗୋଟିଏ ଆମୋଦର ବିଷୟ ହୋଇଅଛି । ମାତ୍ର ପୂର୍ବବଙ୍ଗର ଗ୍ରନ୍ଥକାରମାନେ ନିଜ ପ୍ରଦେଶର ବିଶେଷତ୍ୱ ରକ୍ଷା କରିବା ପାଇଁ ସାହିତ୍ୟରେ ତାହା ପ୍ରବର୍ତ୍ତିତ କରନ୍ତି କି ? କଲେ ଉପହାସାସ୍ପଦ ହେବେ ନାହିଁ କି ? × × ଲିଖିତ ଭାଷାର ଗୋଟିଏ ଆଦର୍ଶ ହେବା ଉଚିତ ନୁହେଁ କି ? ତେବେ କାହାକୁ ଆଦର୍ଶ କରିବା ? ଆମ୍ଭମାନଙ୍କ ମତରେ ସର୍ବାଞ୍ଚଳ ପ୍ରଚଳିତ ଓ ସର୍ବଜନ ବୋଧ ବିଶୁଦ୍ଧ ଓଡ଼ିଆ ଗ୍ରାମ୍ୟ କଥା ଓ ଇଡ଼ିଅମ୍ ରକ୍ଷା କରି ଅଧିକ ପରିମାଣରେ ସଂସ୍କୃତ ମୂଳକ ସହଜ ଶବ୍ଦମାନ ବ୍ୟବହାର କଲେ କାହାରି କୌଣସି ଆପତ୍ତି ରହିବ ନାହିଁ । କେବଳ ଗ୍ରାମ୍ୟ ଭାଷା ଦ୍ୱାରା ଯେ ବର୍ତ୍ତମାନ ସମୟୋପଯୋଗୀ ସକଳ ପ୍ରକାର ଲେଖା ଚଳି ପାରିବ, ଏପରି ଆଶା କରାଯାଇ ନପାରେ । ବିଷୟ ଭେଦରେ ଭାଷାର ମଧ୍ୟ ପ୍ରଭେଦ

ସଙ୍ଗିକା ଅନିବାର୍ଯ୍ୟ । କେବଳ ଘରୁଆ ବା ଗ୍ରାମ୍ୟ ଭାଷା ବ୍ୟବହାର କଲାବେଳେ କଥା ଗୁଡ଼ିକର ବଳାବଳ ଓ ପ୍ରସାର ପ୍ରତି ଦୃଷ୍ଟି ରଖିବାକୁ ହେବ । ଯାହା ସମ୍ପୂର୍ଣ୍ଣ ରୂପେ ସ୍ଥାମାସ୍ଥ ଏବଂ ବିକାର ପ୍ରାପ୍ତ, ତାହା ସର୍ବଦା ବର୍ଜନୀୟ ।

ବିଶ୍ୱନାଥ କର, ଉତ୍କଳ ସାହିତ୍ୟ (୫ମ ଓ ୬ଷ୍ଠ ସଂଖ୍ୟା ୧୦ମ ଭାଗ)

'ଉତ୍କଳ ସାହିତ୍ୟ'ର ସମ୍ପାଦକ ବିଶ୍ୱନାଥ କରଙ୍କର ଆଉ ଗୋଟିଏ ପ୍ରସିଦ୍ଧ ସମାଲୋଚନା ଏହି କାଳର ସମାଲୋଚନାର ଷ୍ଟାଣ୍ଡାର୍ଡ଼ ଭାଷା ଭାବରେ ଗ୍ରହଣ କରାଯାଇଥାଏ । ଆଜିର ଓଡ଼ିଆ ଲେଖକ, ପାଠକ ଓ ଗ୍ରାହକ ଏହି ସମାଲୋଚନାର ଭାଷାରେ ଓଡ଼ିଆ 'ପ୍ରାଣରେ ବାଜିବା' ଭଳି ଭାଷା ଅଛି କି ନାହିଁ ଲକ୍ଷ୍ୟ କରିପାରନ୍ତି । ସଂସ୍କୃତ ବହୁଳତା ଏହି ଭାଷାର ବିଶେଷ ଉଲ୍ଲେଖନୀୟ ବିଭାବ (ବା ଅଭାବ)—

"ଯଦ୍ୟପି କବି ଗମ୍ଭୀର ଓ ଉଚ୍ଚ ଭାବର ବର୍ଣ୍ଣନାରେ ଦକ୍ଷତାର ଯଥେଷ୍ଟ ପରିଚୟ ଦେଇ ଥିଲେ ହେଁ ପ୍ରେମ ଚିତ୍ର ବର୍ଣ୍ଣନା ପ୍ରତି ତାଙ୍କର ପ୍ରବଣତା ଯେ ଅଧିକ, ଏକଥା ସ୍ୱୀକାର କରିବାକୁ ହେବ । ଦୁର୍ଭାଗ୍ୟର ବିଷୟ, ଏ ପର୍ଯ୍ୟନ୍ତ ଆମ୍ଭେମାନେ ତାଙ୍କଠାରୁ ଗୋଟାଏ ଖୁବ୍ ଉନ୍ନତ ପ୍ରେମ ଚିତ୍ର ପାଇ ପାରି ନାହୁଁ । ବରଂ ବ୍ୟଥିତ ଚିତ୍ତରେ କହିବାକୁ ପଡ଼ୁଛି ଯେ ସେ ତାଙ୍କର ପ୍ରାୟ ସମସ୍ତ ନାୟକ ନାୟିକାଙ୍କ ଚିତ୍ତକୁ ଶାରୀରିକ ସୌନ୍ଦର୍ଯ୍ୟ ଓ ଇନ୍ଦ୍ରିୟ ସୁଖରେ ଅଭିନିବିଷ୍ଟ କରି ପକାଇଛନ୍ତି । ସ୍ଥଳ ବିଶେଷରେ ସେ ସୁରୁଚିର, ଏମନ୍ତ କି ସୁନୀତିର ସୀମା ଲଂଘନ କରି ଯାଇଅଛନ୍ତି । ସମାଲୋଚ୍ୟ ଗ୍ରନ୍ଥର ଶେଷ ଚିତ୍ରଟି ଏହି ଶେଷୋକ୍ତ ଶ୍ରେଣୀର ଅନ୍ତର୍ଗତ । ଏପରି ଚିତ୍ରରେ ସମାଜର ବା ଜଗତର କି ଇଷ୍ଟ ସାଧିତ ହେବ ! ଏଥିରେ କବି ସମାଜ ପ୍ରତିଷ୍ଠିତ ପବିତ୍ର ସମ୍ବନ୍ଧ ପ୍ରତି ମଧ୍ୟ ଅବଜ୍ଞା ପ୍ରଦର୍ଶନ କରିଅଛନ୍ତି । ବାସ୍ତବ ଜଗତରେ ଏପରି ଯେ ଚିତ୍ର ନାହିଁ ବା ଥାଇ ନପାରେ, ତାହା ଆମ୍ଭେମାନେ କହୁ ନାହୁଁ । ମାତ୍ର ତାହା ବୋଲି କବି ସେପରି କାଳିମାମୟ ଚିତ୍ର ଅଙ୍କନ କରି ସ୍ୱୀୟ ଲେଖନୀକୁ କଳଙ୍କିତ କରିବେ କାହିଁକି ? ସେପରି ଚିତ୍ର ଅଙ୍କନର ଯଦି ଆବଶ୍ୟକତା ଥାଇପାରେ, ତାହାର ସ୍ଥାନ ଓ ରୀତି ସ୍ୱତନ୍ତ୍ର ।

ଉତ୍କଳ ସାହିତ୍ୟ ୫।୩ ଆଷାଢ଼ ୧୩୦୮ (୧୯୦୧)

# ଗଦ୍ୟ ଲେଖାର ବର୍ତ୍ତମାନ ପ୍ରସ୍ଥ

ଗୋପବନ୍ଧୁଙ୍କ କାଳରୁ ଏ ପର୍ଯ୍ୟନ୍ତ ଓଡ଼ିଆ ଗଦ୍ୟ ସାହିତ୍ୟରେ ଯେଉଁ ନୂତନ ପ୍ରବାହ ଆସିଛି ତାହାକୁ ନୂତନ ପ୍ରସ୍ଥ ବୋଲି କୁହାଯାଇପାରେ । ଏହି ନୂତନ ପ୍ରସ୍ଥରେ ଭାଷା ବହୁ ପରିମାଣରେ 'ସାଧୁକୃତ' ଭାଷାର ନିଗଡ଼ ବନ୍ଧନ କାଟି ଦେଇଛି । ଏହାର ସମ୍ଭାବନା ବଢ଼ିଛି । ଗୋପବନ୍ଧୁଙ୍କର ସାହସିକ କଥିତ ଭାଷାର ପ୍ରୟୋଗ ଦେଖି ଶୁଣି ମଧ୍ୟ ଏ କାଳର ଅଧିକାଂଶ ଗଦ୍ୟ ଲେଖକ ଓ ସାହିତ୍ୟିକ ଜାଣିଶୁଣି କଥିତ ଭାଷା ବା ସର୍ବଜନବୋଧଗମ୍ୟ ଭାଷାଠାରୁ ଆପଣାର ଭାଷାକୁ ଲକ୍ଷ୍ମଣ ଭଳି ଗାରକାଟି ରଖିଥିବାର ମନେ ହୁଏ ।

ଗୋପବନ୍ଧୁଙ୍କ ବେଳେ ଗଦ୍ୟଲେଖାର ବିଷୟବସ୍ତୁ ଥିଲା ସାଧାରଣ ବର୍ଣ୍ଣନା ; ଓଡ଼ିଆ ଜାତିର ଐତିହ୍ୟ ଓ ପରମ୍ପରା ; ଓଡ଼ିଆ ପତ୍ରପତ୍ରିକାରେ ବନ୍ୟା, ଦୁର୍ଭିକ୍ଷ, କାଉନ୍‌ସିଲ, କୋର୍ଟ ; ସାହିତ୍ୟରେ 'ଇନ୍ଦ୍ରଧନୁ' ଓ 'ବିଜୁଳି'ର ଭଞ୍ଜୀୟ ଓ ଭଞ୍ଜପର ସାହିତ୍ୟର ଉତ୍କର୍ଷ ବିଷୟରେ ବାଦାନୁବାଦ ; ଓଡ଼ିଶା ଓ କଳିଙ୍ଗର ଇତିହାସ ; କଥା କାହାଣୀ ଓ ଉପନ୍ୟାସ । ତାହାପରେ ପରେ ଓଡ଼ିଆ ଗଦ୍ୟରେ ରାଜନୀତି, ସମାଜନୀତି, ସାହିତ୍ୟ, ବିଶ୍ୱସାହିତ୍ୟ ଓ ସୀମିତ ଭାବରେ ବିଜ୍ଞାନ ପ୍ରବେଶ କରିଥିଲା । ଏହା ଫଳରେ କି ପ୍ରଭେଦ ଘଟିଛି ତାହା ବି ଲକ୍ଷ୍ୟ କରିବାର କଥା । ଏଥିଭିତରେ ଇଂରାଜୀ, ଫରାସୀ ଓ ଅନ୍ୟାନ୍ୟ ଭାଷାରେ ଆଙ୍ଗିକ ଓ ଭାଷାର ଯେଉଁ ପ୍ରୟୋଗ ପରୀକ୍ଷା ବିଂଶ ଶତାବ୍ଦୀର ପ୍ରଥମ ମହାଯୁଦ୍ଧ ପରଠାରୁ ଏଯାଏ ଚାଲିଥିଲା ତାହାର ପ୍ରତିଧ୍ୱନି ଓ ଆଘାତ ବି ଓଡ଼ିଆ ଗଦ୍ୟ ଉପରେ ପଡ଼ିଛି । ତେଣୁ କେତେ ପରିମାଣରେ 'ବୁଦ୍ଧିଜୀବୀ' ଭାଷା ବି ସାହିତ୍ୟରେ ପଶିଛି ।

ଏହି କାଳର ଓଡ଼ିଶାର ଅଧିକାଂଶ ଲେଖକ ସ୍କୁଲ କଲେଜର ବାଧ୍ୟତାମୂଳକ ଇଂରାଜୀ ପଢ଼ା ଓ ଇଂରାଜୀ ମାଧ୍ୟମରେ ବିଦ୍ୟା ଶିଖିଥିବା ପାଠପଢ଼ୁଆ ଲୋକ । ଆଗେ ରାଧାନାଥଙ୍କ କାଳରେ ଇଂରାଜୀ ଓ

ସଂସ୍କୃତ ଭୂଷିତ ଭାଷାର ପ୍ରଭାବ ଓଡ଼ିଆ ଭାଷା ଉପରେ ପଡ଼ିଥିଲା । 'ସବୁଜ ସାହିତ୍ୟ'ର ରଥୀମାନେ ବଙ୍ଗଳା ସଭ୍ୟତା ଓ ସଂସ୍କୃତ ଦ୍ୱାରା ବହୁ ପରିମାଣରେ ଅନୁପ୍ରାଣିତ ହେଲେ । ତେବେ ସେ କାଳର ବଙ୍ଗଳା ବି ଇଂରାଜ ସଙ୍ଗେ ତାଳ ଦେଇ ନପାରି ଇଂରାଜ ଧାଇ ମା ଠାରୁ ବୁଲି ଶିଖୁଥିଲା । ତାହାର ଅନୁକରଣ ଯୋଗୁଁ ସବୁଜ ଯୁଗର ସାହିତ୍ୟର ଗଦ୍ୟରେ ବଙ୍ଗଳାର 'ସବୁଜ' ଭାଷା ଗଦ୍ୟ ଲେଖକମାନଙ୍କୁ ତାଜା ତାଜା ମନେ ହୋଇଥିଲା । ତେଣୁ 'ସବୁଜ ଭାଷା' ଭିତରେ ବହୁ କୃତ୍ରିମତା ପଶିଯାଇଛି ବୋଲି ମନେ ହୁଏ ।

ଶେଷ କଥା ହେଲେ ଜନସାଧାରଣ । ସେମାନେ ଓଡ଼ିଆ ଭାଷାଭାଷୀ ଦୁଇଶହ ଲକ୍ଷ । ଏମାନଙ୍କ ଭିତରେ ପ୍ରାୟ ତିରିଶ ଲକ୍ଷ ଅକ୍ଷର ପରିଚୟଠାରୁ ପଢ଼ିବା ଲେଖିବା ଓ ବୁଝିବାର ଦକ୍ଷତା ଯାଏ ବିଭିନ୍ନ ସ୍ତରର ଲୋକ ଥିବେ । ସେମାନଙ୍କ ଭିତରେ ଏହି ଗଦ୍ୟ କି ପ୍ରକାର ଆଲୋଡ଼ନ ଓ ଉନ୍ମେଷ ସୃଷ୍ଟି କରିଛି ସେଥିରୁ ହିଁ ଏହାର ସାର୍ଥକତା ବୁଝାପଡ଼ିବ ।

ତଳେ ଯେଉଁ ନମୁନାଗୁଡ଼ିକ ଦିଆଯାଇଛି ସେଗୁଡ଼ିକ ନମୁନା ମାତ୍ର । ଉକ୍ତ ନମୁନା ଯେଉଁ ନିର୍ଦ୍ଦିଷ୍ଟ ବିଭାଗରେ ରଖାଯାଇଛି ସେହି ବିଭାଗ ଛଡ଼ା ସେଥିରେ ଯେ ଅନ୍ୟ ବିଭାଗର ଛାପ ନ ପଡ଼ିଛି ସେ କଥା ନୁହେଁ । କିନ୍ତୁ ଯେଉଁ ବିଭାଗରେ ଗଦ୍ୟାଦର୍ଶଟିକୁ ରଖାଯାଇଛି ସେହି ବିଭାଗର ଛାପ ସେଥିରେ ପ୍ରଭାବଶାଳୀ ଥିବାରୁ ସେହି ବିଭାଗରେ ଏହାର ସ୍ଥାନ ନିର୍ଦ୍ଦିଷ୍ଟ କରାଯାଇଛି ।

ଗଦ୍ୟ ଭାଷାର ଶହେବର୍ଷ ବା ପଚିଶବର୍ଷ ଭାଷା କ୍ଷେତ୍ରରେ ବଡ଼ କଥା ନୁହେଁ । ଅର୍ଥାତ୍ ଏଥିର ପରିବର୍ତ୍ତନ ଆଖିଦୃଶିଆ ନୁହେଁ । ଏହାର ବୈଜ୍ଞାନିକ କାରଣ ଓ ସମ୍ୟକ୍ ଆଲୋଚନା 'ଭାଷାବିଜ୍ଞାନ'ର ବିଷୟବସ୍ତୁ । ଓଡ଼ିଆ ଜୀବନଧାରାର ପ୍ରବାହ ଭାରତର ବଙ୍ଗଳା, ମରାଠି, ଗୁଜରାଟି ଓ ହିନ୍ଦି, ତାମିଲ, ତେଲୁଗୁ ଜୀବନଧାରାର ପ୍ରବାହ ତୁଳନାରେ ଅର୍ଥାତ୍ ଭାରତର କେତୋଟି ଭାଷାଭାଷୀଙ୍କର ଜୀବନ ପ୍ରବାହ ତୁଳନାରେ ଶିଥିଳ, ମନ୍ଥର ଓ ଦୁର୍ବଳ । ଏହାର କାରଣ ଇତିହାସ, ସମାଜନୀତି ଓ ଆର୍ଥିକ ପରିବର୍ତ୍ତନର ମନ୍ଥରତା । ଓଡ଼ିଶା ଏପର୍ଯ୍ୟନ୍ତ ବିଶେଷକରି କୃଷି ସଭ୍ୟତା

ଓ ତେଣୁ ଗାଁ ଗହଳ ସଭ୍ୟତା ଭିତରେ ବଞ୍ଚିଛୁ । ଏହାହିଁ ଏହି ମନ୍ଥରତା ଓ ଶିଥିଳତାର କାରଣ ।

ଭୂଗୋଳ ବି ଏହି ଶିଥିଳତା ପାଇଁ ଦାୟୀ । ଆଜକୁ ତିନିଶହ ବର୍ଷ ବା ଏକ ହଜାର ବର୍ଷ ତଳେ ବଢ଼ି, ମରୁଡ଼ି, ଦୁର୍ଭିକ୍ଷ ଯେପରି ନିୟମ ମୁତାବକ ଏହି ମାଟିକୁ ଘୋଟି ଯାଉଥିଲି ଏବେ ବି ସେଭଳି ଘୋଟିବାକୁ କୁଣ୍ଠିତ ହେଉ ନାହିଁ । ଏଠାରେ ପ୍ରତ୍ୟେକ ବିପର୍ଯ୍ୟୟ, ହାରଖାର, ହାହାକାର ବି ନିୟମିତ ତେଣୁ ଏ ଭିତରେ ନବୀନତା ବା ବିଚିତ୍ରତା ନାହିଁ । ଭାରତର ଅନ୍ୟ ଅଞ୍ଚଳରେ ଯଥା ବଙ୍ଗଳାରେ ଯେପରି ଯୁଦ୍ଧ, ବିଭୀଷିକା, ଦେଶ ବିଭାଗ, ଦଙ୍ଗା, ଶ୍ରେଣୀ ସଂଘର୍ଷ ଇତ୍ୟାଦିର ପ୍ରଚଣ୍ଡ ଉନ୍ମେଷ ଦେଖାଦେଇଛି ଓ ତେଣୁ ମନୁଷ୍ୟର ଚିନ୍ତା ଓ ସେହି ଚିନ୍ତାର ବାହକ ଭାଷାକୁ ସମସ୍ୟାର ସମ୍ମୁଖୀନ କରିବାକୁ ବାଧ୍ୟ କରିଛି ତାହା ଓଡ଼ିଶା କପାଳରେ ଆସି ନାହିଁ । ହୁଏତ ଭକ୍ତକବି ମଧୁସୂଦନଙ୍କ ଭାଷାରେ "ଆମ୍ଭେମାନେ ସେପରି ମହାର୍ଘ୍ୟ ବହୁଦର୍ଶିତାର ଆକାଂକ୍ଷୀ ନୋହୁଁ ।" ବୋଲି ଚିନ୍ତା କରି କେହି ପୁରାତନ ନିଶ୍ଚିନ୍ତ ଥାଇ ପାରନ୍ତି । କିନ୍ତୁ ଏକଥା ସତ ଯେ, ଘାତ, ପ୍ରତିଘାତ ଓ ସଂଘାତ ଭିତରେ ମନୁଷ୍ୟର ଚିନ୍ତା ସମସ୍ୟା-ସଚେତନ ହୁଏ ତେଣୁ ସେହି ଚେତନାକୁ ସମାଜ ଭିତରେ ସମାଧାନ କରିବାକୁ ଲୋଡ଼େ । ସେହି ସମାଧାନ ପାଇଁ ସାମାଜିକ ଆଦାନ ପ୍ରଦାନ ହିଁ ଭାଷା ।

ତଳର ନମୁନାଗୁଡ଼ିକୁ ମସିହା ଅନୁସାରେ କାଳଭେଦ କରାଯାଇ ନାହିଁ । ଏମାନଙ୍କ ଛଡ଼ା ଆହୁରି ହଜାର ହଜାର ନିଦର୍ଶନ ବି ଓଡ଼ିଆ ଗ୍ରନ୍ଥାବଳୀ ମାନଙ୍କରେ ମିଳିବ । ଏମାନଙ୍କୁ ଖାସ୍ ଗ୍ରହଣ କରାଯିବାରେ କେବଳ ନିର୍ଦ୍ଦିଷ୍ଟ ବିଭାଗରେ ସେହି ଗଦ୍ୟଲେଖାର ଆଖିଦୃଶିଆ ପ୍ରବଣତା ପ୍ରତି ଲକ୍ଷ୍ୟ ରଖାଯାଇଛି । ଯେଉଁ ଲେଖା ନିର୍ଦ୍ଦୋଷ, ବିବାଦଶୂନ୍ୟ ତାହା ଏଠାରେ ପ୍ରାୟ ସ୍ଥାନ ପାଇନାହିଁ ।

## ଇଂରେଜ ଶୈଳୀର ପ୍ରଭାବ —

[କ] ୧ । ଜୀବନ ସହିତ ଏହି ଅବିଭାଜ୍ୟ ଯୋଗ ରକ୍ଷା କରିବା ମାହାତ୍ମ୍ୟର କେବଳ ଯଥାର୍ଥ ନୁହେଁ, ତାହାର ଏକାନ୍ତ ସାର୍ଥକତା ।

୨ । କିନ୍ତୁ ଏହାର ଲାଭ ଆଶାରେ ଯଦି ସାହିତ୍ୟ ସୃଷ୍ଟି କରାଯାଏ ତେବେ ତାହା ବିଶ୍ୱ ସାହିତ୍ୟ ପ୍ରତି ଦାନ **ହେବ ନାହିଁ**—ନିଦାନ ।

୩ । କିନ୍ତୁ ତାହା ମଧ୍ୟରେ ସୁନାର ପରିମାଣ କେତେ, ଓଜନ ଯାହାର ଉପରେ ହୁଏ, ମହଣରେ ନୁହେଁ ।

୪ । ଆଧୁନିକ ହେବାପାଇଁ ସବୁ କ୍ୱାଲିଫିକେସନ ଦରକାର । ଟିକିଏ ଟେନିସ କି ଜିମନାଷ୍ଟିକ ଅଥବା ସାମାନ୍ୟ ମଟର ଡ୍ରାଇଭିଂ ।

୫ । ଯଥାର୍ଥରେ ଆର୍ଟ ବୁଝିବା କ୍ରୀଡ଼ାର ସାମଗ୍ରୀ ନୁହେଁ ।

୬ । ସାଧୁପୁରୁଷ ଯେ ଜଗତରେ ସବୁଠାରୁ ବେଶି ନିର୍ଯ୍ୟାତିତ ଜେସାସ୍ କ୍ରାଇଷ୍ଟଙ୍କର ପରିଣାମ ଏହାର ଜ୍ୱଳନ୍ତ ପ୍ରମାଣ । ତାହାର ପାଇଁ ଯେ ସଂସାରର ଶିଳାବୃଷ୍ଟି ନିର୍ଦ୍ଦିଷ୍ଟ **ସେମାନଙ୍କର** ଜୀବନରୁ ହିଁ ଏହାର ଯଥେଷ୍ଟ ସାକ୍ଷ୍ୟ ମିଳେ । ଭାରତବର୍ଷର ମୁନିଋଷିମାନେ ମଧ୍ୟ ରାକ୍ଷସମାନଙ୍କ ଦ୍ୱାରା ଯେପରି ନିର୍ଯ୍ୟାତିତ ହେଉଥିଲେ; ପୁରାଣ **ତାହାର** ସାକ୍ଷ୍ୟ ଦିଏ । କାଳିନ୍ଦୀଚରଣ—ସାହିତ୍ୟିକା

[ସେମାନଙ୍କର କାହାର ସର୍ବନାମ ? ପୁରାଣ କାହାର ସାକ୍ଷ୍ୟ ଦିଏ ? ନିର୍ଯ୍ୟାତନା ବିଷୟର ?]

[ଖ] ବନସ୍ତର ପକ୍ଷୀମାନେ ଏଣିକି ଆଉ ଜନପଦର ବୃକ୍ଷଲତା ଗହଳକୁ କ୍ୱଚିତ ଆସୁଥିଲେ । କାରଣ ୧୯୪୩ ମସିହାର ସେହି ବିଳମ୍ବିତ ବସନ୍ତରେ ଏକାନ୍ତ ବିଷାକ୍ତ ହୋଇନଥିଲେ, ଫଳ ପୁଷ୍ପ ତ ନିଷ୍ଟୟ ନବୋଦ୍‌ଗତ କଅଁଳ ପତ୍ରସବୁ ମଧ୍ୟ ସର୍ବଦା ଭକ୍ଷଣ କରି ଚାଲିଥିଲେ ସୀମାହୀନ କ୍ଷୁଧାର ଏକ ଏକ ଚଳମାନ ଭୟାବହ ବିଗ୍ରହ—ମାନବ ଶାବକ ବୃନ୍ଦ ।

ମନୋଜ ଦାସ—ଅନ୍ନପୂର୍ଣ୍ଣା—[ନବପତ୍ର]

ଏ ଶୈଳୀ ଅତ୍ୟନ୍ତ ପ୍ରଚଣ୍ଡ । ଏହାର ଅର୍ଥ ବୋଧହୁଏ—ସେ ବର୍ଷର ବସନ୍ତ ଆସିଲା ବହୁ ବିଳମ୍ବରେ । ସାରା ସଂସାର ତ ଜଳି ଯାଇଥିଲା । କେବଳ ଗଛର କଅଁଳ ପତ୍ର ହିଁ ବଳିଥିଲା । ତାହାକୁ ଖାଇବାପାଇଁ ଚଢ଼େଇମାନଙ୍କ ସଙ୍ଗେ ଲାଗିଲା ମଣିଷର ଲଢ଼େଇ । ତାହାକୁ ଶେଷକରି ଅନନ୍ତ କ୍ଷୁଧାକୁ ପେଟରେ ଭରି ଖୋଜିକଲା ମଣିଷ ଦଳ ଚାଲିଥିଲେ ।

[ଗ] ଜାତୀୟ ଅର୍ଥନୀତିର ସକଳ କ୍ଷେତ୍ରରେ ନିରବଚ୍ଛିନ୍ନ କାରିଗରୀ ଅଗ୍ରଗତି, ରସାୟନୀକରଣ, ଯନ୍ତ୍ରପାତିର ମାନ ଓ ନିର୍ଭରଯୋଗ୍ୟତାର ବିକାଶ ତଥା ଯନ୍ତ୍ରପାତିର ଆଧୁନିକୀକରଣ; ସମନ୍ୱିତ ଯାନ୍ତ୍ରିକରଣ

ଉତ୍ପାଦନର ସ୍ୱୟଂସମ୍ପୂର୍ଣ୍ଣୀକରଣ ଏବଂ ସକଳ ଶ୍ରମଜୀବୀ ଜନସାଧାରଣଙ୍କର ସାଂସ୍କୃତିକ ଓ ଜୀବନଯାତ୍ରା ମାନଦଣ୍ଡର ବିକାଶର ଭିତ୍ତିରେ ଏହା କେବଳ ସାଫଲ୍ୟମଣ୍ଡିତ ହୋଇପାରେ ।

[କୌଣସି ଏକ ଅର୍ଥନୈତିକ ଲେଖା]

ଲେଖକ ଅଜ୍ଞାତ

ଓଡ଼ିଆ ଲୋକଙ୍କୁ ବୁଝେଇବା ପାଇଁ ବା କିଛି ସୂଚନା ଦେବା ପାଇଁ ଯଦି ଏ ଲେଖା ହୋଇଥାଏ ତେବେ ଏହାର ମୂଲ୍ୟ କଣାକଉଡ଼ିର ନୁହେଁ । ଇଂରାଜୀ ଚିନ୍ତାକୁ ଓଡ଼ିଆରେ ଅକ୍ଷର ମିଳାଇ [ଶବ୍ଦ ମିଳାଇ ବି ନୁହେଁ] ଅନୁବାଦ କଲେ ଯେଉଁ ସନ୍ତୋଷ ମିଳେ ସେହି ସନ୍ତୋଷରେ ହିଁ ଲେଖକ ଏଠାରେ ସନ୍ତୁଷ୍ଟ !

[ଘ] ୧ । ସଙ୍ଗୀତର ଉଦାହରଣ ନେଲେ ଏକ ସ୍ୱଚ୍ଛନ୍ଦ ଐତିହ୍ୟ ସପକ୍ଷରେ ପ୍ରଧାନ ଯୁକ୍ତି ହେଉଛି କେତୋଟି ନିର୍ଦ୍ଦିଷ୍ଟ ରାଗର ଅସ୍ତିତ୍ୱ । ତାହା ପୁଣି କେତେଜଣ ଦକ୍ଷ ସଙ୍ଗୀତଜ୍ଞଙ୍କର କୃତି—ସାଧାରଣତଃ ନୁହେଁ ତେଣୁ ତାହା ଖୁବ୍ ଦୁର୍ବଳ ଯୁକ୍ତି । ସେମାନଙ୍କଠାରୁ ଅଳ୍ପବ ଓ ମାତୃଜାତୀୟ ଓଡ଼ିଆମାନଙ୍କ ଜରିଆରେ ଓଡ଼ିଶୀ ସଙ୍ଗୀତର ସୃଷ୍ଟି ବା ଉଲ୍ଲେଖଯୋଗ୍ୟ ଅଭିବୃଦ୍ଧି ଏକ ପ୍ରଣିଧାନ-ଯୋଗ୍ୟ ସମ୍ଭାବନା ।

ରମାକାନ୍ତ ରଥ—'କେତେ ଦିନର' ପୁସ୍ତକ ।

ଏହାର ଅର୍ଥ ହେଲା—ଓଡ଼ିଆର ଐତିହ୍ୟ ସଙ୍ଗୀତରେ ନାହିଁ । କେହି କେହି କେତୋଟି ଓଡ଼ିଆ ଛନ୍ଦ ବା ଓଡ଼ିଶୀ ସଙ୍ଗୀତ କଥା ଦର୍ଶାଇ ଏଥିରେ ଆପତ୍ତି କରିପାରନ୍ତି । କିନ୍ତୁ ସେ ଛନ୍ଦ ବା ସଙ୍ଗୀତ ତ କେତେଜଣ ଦକ୍ଷ ସଙ୍ଗୀତଜ୍ଞଙ୍କର କୃତି । ତାହା ସାଧାରଣତଃ ନୁହେଁ । ['ତେଣୁ ତାହା ଖୁବ୍ ଦୁର୍ବଳ ଯୁକ୍ତି' ଏଠାରେ 'ତାହା' କାହାର ସର୍ବନାମ ? 'କେତୋଟି ନିର୍ଦ୍ଦିଷ୍ଟ ରାଗର ଅସ୍ତିତ୍ୱ'ର ?] ଉଚ୍ଚ ବର୍ଣ୍ଣର ଓଡ଼ିଆଏ କ'ଣ କେବେ ଓଡ଼ିଆ ସଙ୍ଗୀତର ଧାର ଧାରିଥିଲେ ? ଓଡ଼ିଆ ସଙ୍ଗୀତ କିଏ ତିଆରି କଲା ତା'ର ଅବଶ୍ୟ ଖୋଜ ନେଲେ ଜଣାପଡ଼ିବ ଯେ ଓଡ଼ିଶୀ ସଙ୍ଗୀତର ସୃଷ୍ଟିରେ ନହେଲେ ପଛେ ପୁଷ୍ଟିରେ ଅଳ୍ପବ ଆଉ ନିମ୍ନ ଜାତିର ଓଡ଼ିଆଏ ହିଁ ବେଶି ଦାୟୀ । ଉଚ୍ଚ ଜାତିର ଓଡ଼ିଆଏ ନୁହନ୍ତି !

[୨] ତା'ଛଡ଼ା ଊନବିଂଶ ଶତାବ୍ଦିରେ ଭାରତୀୟ ଚେତନାର ଜାଗରଣ, ଯେଉଁଥିରୁ ବହୁତ କିଛି ଆଶା କରାଯାଇଥିଲା, ପରିଶେଷରେ

ତା'ର ସ୍ଖଳନ ଦ୍ୱାରା ଆମକୁ ନିରାଶ କଲା କାରଣ ତାହା ଅତି ଶୀଘ୍ର ଏକ ଧର୍ମ ପୁନରୁତ୍‌ଥାନ ଆନ୍ଦୋଳନ ଭିତରେ ନିଶ୍ଚିହ୍ନ ହୋଇଗଲା ।

[ବାକ୍ୟଗଠନର ଧାରାରେ ଇଂରାଜି ଶୈଳୀର ପ୍ରଭାବ ସ୍ପଷ୍ଟ]

[ଗ] ଏ ବହି ସମ୍ବନ୍ଧରେ ଗଦ୍ୟରେ କିଛି ନ ଲେଖିବାକୁ ପ୍ରଥମରୁ ସ୍ଥିର କରିଥିଲେ ହେଁ ମୁଖ୍ୟତଃ ଦୁଇଟି କାରଣ ଯୋଗୁଁ ଏ ପୃଷ୍ଠବନ୍ଧ ଲେଖିଛି । ଯାହା ମଧ୍ୟରୁ ପ୍ରଥମ କାରଣ ଏହା ଯେ ସମ୍ଭବତଃ ମୋର ପାଠକମାନଙ୍କ ନିକଟରେ ଏହାହିଁ ସର୍ବଶେଷ କିଛି ସମୟ ବ୍ୟାପୀ କଥାବାର୍ତ୍ତା, ଯେହେତୁ କୌଣସି ପ୍ରକାଶକ ମୋର ଦ୍ୱିତୀୟ କବିତା ସଂକଳନ [ଯଦି ତାହା କେବେ ହୁଏ] ପ୍ରକାଶ କରିବାର ଦୁଃସାହସ ପୁନଶ୍ଚ କରିବ ବୋଲି ମୋର ବିଶ୍ୱାସ ନାହିଁ । ଦ୍ୱିତୀୟତଃ କୌଣସି ପ୍ରଥମ ପୁସ୍ତକର ଲେଖକର କେତୋଟି ମୌଳିକ ପ୍ରାଥମିକ ବକ୍ତବ୍ୟର ଦାୟିତ୍ୱ ରହିଛି । ଯାହାକୁ ଏଡ଼ାଇ ଦେବା ଅସମ୍ଭବ ନ ହେଲେ ବି ରୁଚିଗର୍ହିତ । ସୁତରାଂ ଏ ପୃଷ୍ଠବନ୍ଧ, ଯାହାର ବିଷୟବସ୍ତୁ ହେଉଛି ସାହିତ୍ୟ ସୃଷ୍ଟିର କଷ୍ଟକାରିତା ।

ରମାକାନ୍ତରଥ—ସେହି ବହି

ଏଥିର ଅର୍ଥ ହେଲା—ପ୍ରଥମେ ମୁଁ ଭାବିଥିଲି ଏ କବିତାଗୁଡ଼ିକୁ ଠିକ୍ ସେପରି ଛାଡ଼ିଦେବି । କିନ୍ତୁ ଦୁଇଟି କାରଣ ମୋତେ ଏ ପୃଷ୍ଠବନ୍ଧ ଲେଖିବାକୁ ପ୍ରବୃତ୍ତି ଦେଲା । ପ୍ରଥମ କାରଣ, ବୋଧହୁଏ ମୋର ଏହି କବିତାଗୁଡ଼ିକ ପ୍ରକାଶ ପାଇଲା ପରେ ବୋଧହୁଏ ମୋର ଆଉ କବିତା ପ୍ରକାଶିତ ହେବ ନାହିଁ । କାରଣ ଏ କବିତାଗୁଡ଼ିକ ପ୍ରକାଶ କରିବା କୌଣସି ପ୍ରକାଶକଙ୍କୁ ପୋଷେଇବ ନାହିଁ । ଦ୍ୱିତୀୟ କାରଣ, କୌଣସି ପୁସ୍ତକର ଲେଖକର କେତୋଟି ମୌଳିକ ପ୍ରାଥମିକ ବକ୍ତବ୍ୟର ଦାୟିତ୍ୱ ରହିଛି । ତାହାକୁ ଏଡ଼ିବା ସମ୍ଭବ ହେଲେ ବି ରୁଚିସମ୍ମତ ନୁହେଁ । ତେଣୁ ଏ ପୃଷ୍ଠବନ୍ଧ, ଯାହାର ବିଷୟବସ୍ତୁ ହେଉଛି ସାହିତ୍ୟ-ସୃଷ୍ଟିର କଷ୍ଟକର ପରିସ୍ଥିତି ।

(ଙ) ଯେଉଁମାନଙ୍କର ଚରିତ୍ର ଏବେ ସୁଦ୍ଧା ନଷ୍ଟ ହୋଇନାହିଁ ବୋଲି ଏକ ଗ୍ଲାନିକର ଖ୍ୟାତି ରହିଛି—ସେମାନେ ବି ଖୁବ୍ ଖୁସି ହୋଇଗଲେ ରାମଶଙ୍କର ବାବୁଙ୍କର ଏହି ଆକସ୍ମିକ ଅଧଃପତନରେ ।

ମହାପାତ୍ର ନୀଳମଣି ସାହୁ—କପୋତପକ୍ଷୀ ଗୁରୁମାର ପଦବିନ୍ୟାସ ଅସଂଲଗ୍ନ—ଇଂରାଜି ଶୈଳୀର ଛାପ ସୁସ୍ପଷ୍ଟ ।

[ଚ] ୧ । ଲଜ୍ଜା ବେଶ୍ୟାର ଅଳଙ୍କାର ନୁହେଁ । ତଥାପି ମାମୁଲି ସମସ୍ତ ପାଇଁ ହେଲେ ମଧ୍ୟ ସେ ସମ୍ମାନ ଗୃହେଁ । ପବିତ୍ର ନ ହେଲେ ମଧ୍ୟ ଗୁପ୍ତ ନାୟୀଭର ସମର୍ପଣର ପ୍ରତିଦାନ । ପୃଥିବୀର ସମସ୍ତ ଖଣିର ସମସ୍ତ ସୁନା ମଧ୍ୟ ତା'ର ଯଥେଷ୍ଟ କ୍ଷତିପୂରକ ନୁହେଁ ।

ଗୋବିନ୍ଦ ଦାସ—ଅମାବାସ୍ୟାର ଚନ୍ଦ୍ର ।

ଭାଷା ଖୁବ୍ ଟେଳସ୍ଥାନ୍-ଧୁରିବାଲ ଫାଜିଲ ଭାଷା—କିନ୍ତୁ ଇଡ଼ିଅମ୍ ବା ପ୍ରୟୋଗଶୈଳୀ ଓଡ଼ିଆ ନୁହେଁ, ଇଂରାଜି ।

୨ । ହଜାର ହଜାର ତଢ଼େଇ ଆସି ସମୁଦ୍ର କୂଳରେ ଖେଳୁଥାଆନ୍ତି । [ପ୍ରୟୋଗ ଶୈଳୀ ଚମତ୍କାର]

ମାଇଁ, ତୁମର ଅନେକ ଗର୍ବର ସାମଗ୍ରୀ ଅଛି ଇତିହାସରେ ।

[ଏହାର ଅର୍ଥ କ'ଣ] [ସେଇ କଥା]

[ଚ] ମୋର ଜୀବନ ଗୋଲାପ କାଠର ତକ୍ତପୋଷ ପରି କୋମଳ ଓ ସୁଗନ୍ଧ ହୋଇ ଉଠିବ । [ସେଇ କଥା]

ଏ 'ଉଠିବ' ଓଡ଼ିଆରେ ଚଳେନାହିଁ । ତେଣୁ ଏ 'ଉଠିବ' ଉଠିବ ।

## ଅତି ବୁଦ୍ଧିଜୀବୀ ଭାଷା

[କ] ତମେ ଶନିବାରର ସେ ସନ୍ଧ୍ୟା ଯୁବତୀ ହେଲା ।

ରାତ୍ରିର ଯୌବନ ମଉଳି ଗଲାଣି ।

"ଦେଖୁଥାନ୍ତୁ, କାଳର ପ୍ରେକ୍ଷାଳୟରେ ଲଙ୍କା ରାଜ୍ୟ ଇତିହାସର ଗୋଟାଏ ରିଲ ।"

ଗୋଟିଏ ଅପ୍ସେଷ୍ଟର ତା'ର ବକ୍ଷ ଉନ୍ମୁକ୍ତ କରି ଟୋପାଏ ସ୍ୱଚ୍ଛ ବାରିଦ ଜଳପାଇଁ ସମୁଦ୍ର କୂଳ ଉପରେ ଅନେକ ଦିନ ବସି ବୁଲୁଥିଲା ।

ଦେବେନ୍ ବାବୁଙ୍କ ମୁଣ୍ଡରେ ପାଞ୍ଚଦଶଟା ଭେଟେରନାରି ଜ୍ୱର ବୁଲିଗଲା ପରି ମନେହେଲା

ଦଳେ ଖାଲି ପୁଣି ସଡ଼କରେ ସତୁରି ମାଇଲ ସ୍ପିଡ୍‌ରେ ଗାଡ଼ି ଚଳାଇଥିଲେ । ସ୍ପିଡ୍ରୋ ମାନିଆକ୍ ଗୁଡ଼ାକ ।

କିନ୍ତୁ ହୁଏତ ତୁମେ ପାରନ୍ତି ମୋ ଜାତିର ପାଷ୍ଟର ନିକଙ୍କର ବଂଶଧରମାନେ ବଜାର ସଉଦା ଗୁଡ଼ ସନ୍ଦ ଉଠାନ୍ତି କଲମ ।

ଏ ସମସ୍ତ ବାକ୍ୟ ଜଣେ ଲେଖକଙ୍କର ବିଭିନ୍ନ ବହିରୁ ନିଆଯାଇଛି ଯଥା 'ଦେଶେ ଦେଶେ' 'ମିଶ୍ର ରାଗ' ଇତ୍ୟାଦି ତାଙ୍କର ଗଦ୍ୟଭାଷା ଓଡ଼ିଆ ଓ ଇଂରାଜି ମିଶ୍ରଣରେ ଏକ 'ମିଶ୍ର-ରାଗ' । ତାହା ଇଂରାଜି ଶିଖି ନଥିବା ଲୋକପାଇଁ ଏକାବେଳକେ ଗୁରାଣ୍ଡି ହେବା । ଏଭଳି ଗଦ୍ୟ ବିଷୟରେ କିଛି କହିବାର ନାହିଁ । ଏହାର ଭାବପାଇଁ ଏଭଳି ଗଦ୍ୟ ବୋଧହୁଏ ଲେଖକଙ୍କର ପସନ୍ଦ ହୋଇଛି । ହେଉ, ଆପତ୍ତି ନାହିଁ । ତେବେ ଗଦ୍ୟରେ ଓଡ଼ିଆ ଶୈଳୀ କିଞ୍ଚିତ୍ ମାତ୍ର ରହିଲେ ଓଡ଼ିଆ ଭାଷା ବୋଲି ଚିହ୍ନି ହୁଅନ୍ତା । କିନ୍ତୁ, ଆହା :—

"କିଛି ପ୍ରତାରଣା ନାହିଁ, କିଛି ହିପୋକ୍ରେସି ନାହିଁ ।" "ତୁମର ଯନ୍ତ୍ରଣା ନାହିଁ, ନାହିଁ ଅନୁଶୋଚନା ।" "ତୁମ କଥା ଲେଖିଲେ ଲୋକେ ଅପବାଦ ଦେବେ ।"

[ହୋଇଥାନ୍ତା—ତୁମ କଥା ଲେଖିଲେ ଲୋକରେ ଅପବାଦ...
ବା ତୁମ କଥା ଲେଖିଲେ ଅପବାଦ ମିଳିବ ।]

"କଲିକତା ସହରଟି ରବିବାରର ସକାଳେ ଗୋଟିଏ ସଦ୍ୟ ଜାତ ଶିଶୁପରି ମନେହୁଏ । କୋମଳ, ନିର୍ବିକାର ।"

"ଥରେ ବିଲାତର ଗୋଟିଏ କମ୍ପାନୀର ପ୍ରତିନିଧି ଆସିଥିଲା । କିଛି ହିକେଶ୍ରୀ ବିକିବା ପାଇଁ ।" "ଘୋଡ଼ା ସବୁ ପାଡକ୍ ଭିତରକୁ ଆସିଗଲେଣି । "ସେ ଦିନ ରେସକୋର୍ସକୁ ଆସିଲା ବେଳକୁ ଡେରି ହୋଇ ଯାଇଥିଲା ।"

ଗୋବିନ୍ଦ ଦାସ—ବିଭିନ୍ନ ବହି

ହିପୋକ୍ରିସି, ହିକେଶ୍ରି, ରେସକୋର୍ସ, ପାଡକ୍ ଇତ୍ୟାଦିକୁ ଓଡ଼ିଆ ଶବ୍ଦ ଭଣ୍ଡାରରେ ପୂରାଇବା ପାଇଁ ଏବେ ବି ବାକି ଅଛି । ତେଣୁ ଏ ଗଦ୍ୟଭାଷା ସେତେଦିନ ଯାଏ ଅପେକ୍ଷାରେ ରହିଯିବ । ତଥାପି କହିବାକୁ ପଡ଼ିବ ଏ ଭାଷା ଖୁବ୍ ବୁଦ୍ଧିଦୀପ୍ତ !

[ଖ] ଦିଶିଯାଉଛି ନେତାର ମୁହଁ । ମୁହଁ ନୁହେଁ ମୁଖା, ନିର୍ବିକାର । ନିର୍ଲିପ୍ତ । ହେଉ ପଛେ ଖାଲଢ଼ିପ, ସତେକି ଗ୍ରାନାଇଟ୍ ପଥର । ଟେକି ହୋଇ ରହିଛି ଗୋଟିଏ କୋଣରେ । ଗୋଟିଏ ଭଙ୍ଗୀରେ ସିସାକଥା ଆଖି । ଆଖିପତାର ବାଳ ସରିଆସିଲାଣି ତେଣୁ ଲାଗୁଛି ସତେ ଅବା ଅପଲକ ଆଖି । ଗ୍ରାନାଇଟ୍ ଆଖି । ନା—ୟୁରାନିଅମ୍ । ଆଦିମ ୟୁରାନିୟମ୍ । ପୃଥିବୀର ଗଢ଼ିଲ ଦିନର । ହିଲିଅମ୍ ଗୁଡ଼ ଗୁଡ଼ ସିସା ପାଲଟିଲାଣି ଆଖି । ସିସା ତା'ର କପାଳ ବାଳ । ସେହି ସିସା ପଣରେ

ଯଦି ଆଦିମ ପୃଥିବୀର ଆସ୍ଫୁଟର କଳନା ତେବେ ନତାର କଳନା କେଉଁଠି ?

ଗୋପୀନାଥ ମହାନ୍ତି— ଦାନାପାଣି—

ଫ୍ଲୁରାନସୁମ୍, ହିଲୟୁମ୍, ସିସା,—ଫ୍ଲୁରାନସୁମ ଅଣୁ ଭାଙ୍ଗିଗଲେ ହିଲୟୁମ୍ ବାଷ୍ପ ହୋଇ ଉଡ଼ିଯାଏ ରହିଯାଏ ସିସା ଏକଥା ନ ବୁଝିଥିଲେ ଏହି ଗଦ୍ୟର ଭାଷା ବ୍ୟର୍ଥ । ଓ 'ଆସ୍ଫୁଟର କଳନା'ର ଅର୍ଥ ସାଧାରଣ ପାଠକ କେବେ ବୁଝି ପାରିବ ନାହିଁ ।

[ଗ] ଗୀତି କବିତା ଯେପରି ଭାବୋଚ୍ଛ୍ୱାସର ସ୍ଫଟିକାସ୍ୱିକ ଅଭିବ୍ୟକ୍ତି । ଅଭିଜାତ ଶୈଳୀର ମାଧ୍ୟମରେ ଆଭିଜାତ୍ୟର ଆତ୍ମିକ ରୂପ ପରିସ୍ଫୁଟନରେ ତାଙ୍କର ପ୍ରତିଭା ଉଜ୍ଜ୍ୱଳତର ସିଦ୍ଧିର ଅଧିକାରୀ ।

ଚିନ୍ତାମଣି ବେହେରା—

ଏ ଶୈଳୀ ବୁଝିବାରେ କାହାର ବୋପାର କ୍ଷମତା ନାହିଁ । ବିଲକୁଲ ଅଭିଜାତ ଶୈଳୀ ! ତେଣୁ ଏହି ମୁଖବନ୍ଧ ପାଇଁ ମଧ୍ୟ ଆଉ ଏକ ମୁଖବନ୍ଧ ଲୋଡ଼ା ପଡ଼ିବ ।

[ଘ] ପ୍ରସାରିତ ଜୀବନର ନାନା ବିଶିଷ୍ଟ ସଂଘାତ ଓ ସଂଘର୍ଷ ପରିପୂର୍ଣ୍ଣ ନାଟକୀୟ ଘଟଣା ବହୁଳତାର ମୁଖର ଆଲୋଡ଼ନରେ ସଞ୍ଜାତ ବିଷ୍ଣୁବ୍ଧ 'ଚମକ' କୃଷି-ନିର୍ଭର ସମାଜ ସହ୍ୟ କରିପାରେ ନାହିଁ । ସେଇଥିଲାଗି ଏଠାରେ ସ୍ୱଳ୍ପ ଘଟଣାର ମନ୍ଥର ଗତି ଭିତରେ ଗଭୀର ସମୀକ୍ଷାମୂଳକ ମନୋବୃତ୍ତି ଓ ଗଳ୍ପ ମଧ୍ୟରେ ତା'ର ସୁସ୍ପଷ୍ଟ ପ୍ରକାଶ ହିଁ କୃଷି-ନିର୍ଭର ସମାଜରେ କଳାର ବିଶେଷ ସଂଜ୍ଞା ଓ ସମ୍ପଦ ରୂପେ ବିବେଚିତ ହୋଇଅଛି ।

ମହାପାତ୍ର ନୀଳମଣି ସାହୁ, ଧାରା ଓ ଧାରା ।

ମନେ ହୋଇପାରେ ଏଠାରେ ଏକ ଉଚ୍ଚ ଦର୍ଶନର ଭାବ ଦିଆଯାଇଛି । ଯାହାକୁ ଅନ୍ୟ ଭାଷାରେ କହିବା ଅସମ୍ଭବ । କିନ୍ତୁ କଥା ତାହା ନୁହେଁ । ବୋଧହୁଏ ଏହି ବାକ୍ୟଗୁଡ଼ିକର ଅର୍ଥ ହେଉଛି :—

କୃଷିନିର୍ଭର ସମାଜ ଅତ୍ୟନ୍ତ ନିଡ଼ବଡ଼ନଆ । ସେଥିରେ ଚମକର ଅବକାଶ ନାହିଁ । ସେଠି ଘଟଣା ଅତି ସାଧାରଣ, ତେବେ ନାଟକୀୟ ନୁହେଁ । ତେଣୁ ଏଠାରେ ଶିଳ୍ପକଳାରେ 'ଚମକ' ସୃଷ୍ଟି କରିବାକୁ ହେଲେ ଛୋଟ ଛୋଟ ଘଟଣାକୁ ଗଭୀର ଭାବରେ ଦେଖିବାକୁ ପଡ଼େ ଓ ଯେହି ଗଭୀର ସମୀକ୍ଷା ହିଁ ଗଳ୍ପରେ ଦେଖାଦିଏ । ତେଣୁ ଏଭଳି ସମାଜରେ ଗଭୀର ସମୀକ୍ଷା ଓ ତାହାର ଶିଳ୍ପରୂପକୁ କଳା ବୋଲି କୁହାଯାଇଥାଏ ।

(ତ) ମନ ପ୍ରକୃତିର ଗୋଟାଏ ଶକ୍ତି । ଏହା ନିଜର ନିୟମ ମାନି ଚଳେ । ବିପ୍ଳବୀ ମନୋବୃତ୍ତି କହିଲେ, ମୁଁ ଏତିକି ବୁଝେ ଯେ, ଜୀବନର ବିଭିନ୍ନ ରୂପ ମଧ୍ୟରେ ଯେଉଁ ମନୋବୃତ୍ତି ଜୀବନର ଧାରା ସ୍ରୋତକୁ, ରୋଧି ଦିଏ ନାହିଁ । ବିପ୍ଳବୀ ମନୋବୃତ୍ତି ସାମାଜିକ ମିଥ୍ୟାଗୁରୁ ସହ୍ୟ କରେନା । ଅଦୃଶ୍ୟ ଠିକାଦାରର, ଧନୀର, ନିଷିଦ୍ଧ ମୁକ୍ତ ମନର ଶର, ନିଜର ଗତିପଥ ମାନି ଦେଖାଇଦେବ । ସେବା ଦାସତ୍ୱର ଆରପାରିରେ ସ୍ୱାଧୀନ ବିବେକର ସ୍ୱଧର୍ମ, ସ୍ୱତନ୍ତ୍ର, ଗମ୍ଭୀର ନିର୍ଜନ ! ସତ୍ୟ ସଚେତନେତାର, ଏହାହିଁ ଜୀବନ ବେଦ । କ୍ଷମତାଧିଷ୍ଠିତ ବଣିକ-ସ୍ୱାର୍ଥର ଆଶ୍ରୟପୁଷ୍ଟ ଚିନ୍ତା ସନ୍ତୋଷ ମୋତେ ବୁଦ୍ଧିଜୀବୀଙ୍କ ସମ୍ପର୍କରେ ସଚେତ କରିଛି । ମୋର ଆତ୍ମଭିମାନୀ ସ୍ୱାଧୀନତା ଓ ଯୁକ୍ତି ଅଭିମାନୀ ମାନବତା ମୋର ବିଶ୍ୱାସ ଆଦର୍ଶର ପାଥେୟ ।

ମଧୁସୂଦନ ମହାନ୍ତି—ଷ୍ଟୁଟପେନରାଜ

ଏଠାରେ ଶବ୍ଦର ଆଡ଼ମ୍ବର ଏଭଳି ଏପଟ ସେପଟ ଡିଆଁ ମାରିଛି ଯେ ତାହା କେତେବେଳେ କେଉଁଠି ଯାଇ ଲାଗିବ, ତାହା ଧରିବା କାଠିକର ପାଠ । ଏହାକୁ ବୋଧହୁଏ କୁହାଯାଏ ବୁଦ୍ଧିଜୀବୀ ଭାଷା । ଏଥିରେ ମନେ ହେବ ବହୁତ କିଛି କୁହାହେଲା । କେଉଁ ଦୂର ଓ ନିକଟର ଲେଖକ, ଦାର୍ଶନିକଙ୍କର ହଜାର ରକମ ସଙ୍କେତ । କିନ୍ତୁ ଏଥିଭିତରେ ଶୃଙ୍ଖଳା ନାହିଁ । ଏହା ଶବ୍ଦ ଓ ଶବ୍ଦର ଲୋଭ ଯୋଗୁଁ ଉଦ୍ଦେଶ୍ୟହୀନ ବାକ୍ୟସମ୍ଭାରର ଧୂଳଝଡ଼ !

## ସାପ ମରିବ ନାହିଁ କିନ୍ତୁ ବାଡ଼ି ଭାଙ୍ଗିବ

କଥାକୁ ସ୍ପଷ୍ଟ ଭାବରେ ନ କହି ସାପୁଆ ଠାଣିରେ କହିବା ଇଂରାଜି କୁଟମାତ ଭାଷାରେ ବେଶ୍ ଚଳେ । ସେଥିପାଇଁ ଇଂରାଜିରେ ସବୁ କଥାକୁ ରତିଏ ଅଧରତି ଗଅଣ୍ଡିରତି କରି ବି କୁହାଯାଇପାରେ । ଓଡ଼ିଆରେ ସେଭଳି ଭାଷାର ଉଦ୍ୟମ କରି ଲେଖକମାନେ ଖୁବ୍ ବୁଦ୍ଧିର ବାହାଦୁରୀ କରିଛନ୍ତି କିନ୍ତୁ କେତେକ ହଟହଟା ବି ହୋଇଛନ୍ତି—

[କ] ୧ । ଆମ ଦେଶରେ ଯେଉଁ ସମାଲୋଚକଙ୍କର ଆବିର୍ଭାବ ହେଲାଣି, ସେମାନେ ସାହିତ୍ୟକୁ ମଧ୍ୟ କୌପୁନି ନ ମରାଇ ଛାଡ଼ିବେ ନାହିଁ । ସେଥିପାଇଁ କେହି କେହି ଆଗେ ଓଡ଼ିଆ ଭାଷାର ବେଶଭୂଷା କପଡ଼ ଥିଲା ଏବଂ ଆଜି ଅନ୍ୟାନ୍ୟ ଭାଷାର ସମ୍ମିଶ୍ରଣରେ ତାହା କପଡ଼

ରସାତଳକୁ ଯାଉଛୁ ଏହି କଥାଟା ଖଡ଼ ଧରି ଶିଖାଇବା ପାଇଁ ଗୁରୁଗିରି କରିବାକୁ ବାହାରି ପଡ଼ିଲେଣି ଏବଂ ଏ ଦେଶର ଜଳବାୟୁ ଯେପରି, ସେଥିରେ ଗୁରୁ ହେଲେ ଯେ ତାଙ୍କର ଶିଷ୍ୟର ଅଭାବ ହେବ, ସେ କଥା ଚିନ୍ତା କଲେ ମଧ୍ୟ ଦେଶଦ୍ରୋହ ପାପରେ ଭାଗୀ ହେବାକୁ ପଡ଼ିବ ।

କାଳନ୍ଦୀଚରଣ ପାଣିଗ୍ରାହୀ—ସାହିତ୍ୟିକା

[୨] ତେବେ ଏହାର ଦଶା ଓଡ଼ିଶାର ମ୍ୟାଲେରିଆ ଓ ଦୁର୍ଭିକ୍ଷ ଠାରୁ ଆହୁରି ଲଜ୍ଜାକର ହେବ । ଓଡ଼ିଶାର ମ୍ୟୁନିସିପାଲିଟି ନିର୍ବାଚନଠାରୁ ବେଶି ବୀଭତ୍ସ ହେବ, ଓଡ଼ିଆ ନେତାମାନଙ୍କଠାରୁ ବେଶି ସ୍ୱାର୍ଥପର ହେବ, ଓଡ଼ିଆ ରାଜା ଜମିଦାରଙ୍କ ଘରଠାରୁ ବେଶି ଅନ୍ଧଯତ ଓ ଅସ୍ୱାସ୍ଥ୍ୟକର ହେବ, ଓଡ଼ିଶାର ପ୍ରଜାସାଧାରଣଙ୍କ ଅପେକ୍ଷା ଅଧିକ ମୂଢ଼ ଓ ଦୁର୍ବଳ ହେବ, ଓଡ଼ିଆ ଲୋକଙ୍କ ପାନଖିଆ ଅପେକ୍ଷା ବେଶି ଅପରିଚ୍ଛନ୍ନ ହେବ ଏବଂ ଓଡ଼ିଆ ବଳଦ ଗାଡ଼ିଠାରୁ ଅଧିକ ଶିଥିଳ ହେବ ଓ ଅତ୍ୟଧିକ ଧୈର୍ଯ୍ୟର ଦରକାର ହେବ ।

ଏହି ପ୍ୟାରାଗ୍ରାଫ୍‌ରେ ଶେଷଧାଡ଼ିଟି ଯୋଗୁଁ ପାରାଗ୍ରାଫ୍‌ଟି ଭାଙ୍ଗିଗଲା । ଏଠାରେ ଭାଷା ଯୁକ୍ତି-ରସାଣିତ କଲୁ ଅତ୍ୟଧିକ ଫେନିଳ ।

[୩] ଗୋଟାଏ ଅଦ୍ଭୁତ ଶୃଙ୍ଖଳର ଛଳନା କରି ତାକୁ ମାତାମହୀଙ୍କର ଅମରପୁରୀ ରାଜକନ୍ୟାର ବକଳ ଅନୁକୃତି କରିବାକୁ ଯିବା, ନବଯୁଗର କଥକ ନିଶ୍ଚେଷ୍ଟ ଜଡ଼ତା ପରି ପରିହାର କରିଅଛୁ ।

[ଏହାର ଅର୍ଥ ବୋଧହୁଏ—ଆଜିର ଗଳ୍ପ ଲେଖକ ଆଉ ସେ ଉତ୍କଳ କାହାଣୀ ବାଲା ଗଳ୍ପ ଲେଖକ ନୁହନ୍ତି । ସେ କାଳର ବୁଢ଼ିମାର କାହାଣୀର ପାତାଳ ଘରେ ବନ୍ଦିନୀ ରାଜକନ୍ୟା କଥା ଲେଖି ଚମକାଇବାର ବେଳ ଯାଇଛି । ଏବର ଗଳ୍ପ ଲେଖକ ଆହୁରି ଚେତନ ତାର ଅନ୍ତରର ଜଡ଼ତା ତୁଟି ଯାଇଛି ।]

[୪] ଯାହାର ଭାଷା କେବଳ ବର୍ଣ୍ଣମାଳାରେ ସମାପ୍ତ, ଯାହାର ସଙ୍ଗୀତ ଧୋବାଘୁଆ ଗୀତରୁ ଅଧିକ ଅଗ୍ରସର ହୋଇ ପାରିନାହିଁ ······ ···ଆମ୍ଭମାନଙ୍କର ବିଦ୍ୟାଳୟର ଟେକ୍‌ସ୍ଟ ବୁକ୍‌ର ଶିକ୍ଷା ଏପରି କଠୋର ବାସ୍ତବ ସହଜରେ ସ୍ୱୀକାର କରିନେବାକୁ କୁଣ୍ଠା ଅନୁଭବ କରେ ।

[୫] ଯାହା ସତ୍ୟ, ଯାହା ଶିବ ଏବଂ ଯାହା ସୁନ୍ଦର, ଆର୍ଟ ସେହି ସତ୍ୟକୁ ହିଁ ପ୍ରକାଶ କରେ । ସତ୍ୟ ହେଲେ ମଧ୍ୟ ଯାହା ଅଶିବ, ଯାହା

କୁତ୍ସିତ, ଶିବ ହେଲେ ମଧ୍ୟ ଯାହା ଅସତ୍ୟ ଅସୁନ୍ଦର ହେଲେ ହେଁ ଯାହା ଅସତ୍ୟ ଓ ଅଶିବ ତାହା କଳାର ସୀମା ବହିର୍ଭୂତ । ଯଥାର୍ଥ କଳା ସୃଷ୍ଟି ତାହା ନୁହେଁ ।

କାଳନ୍ଦୀଚରଣ ପାଣିଗ୍ରାହୀ—ସାହିତ୍ୟକା

ଏଇଠି ବାକ୍ୟ ଗଠନରେ ତ୍ରୁଟି ରହିଗଲା । ପ୍ରଥମ ଧାଡ଼ିରେ "ଯେଉଁ ସତ୍ୟ, ଶିବ ଓ ସୁନ୍ଦର, ଆର୍ଟ ସେହି ସତ୍ୟକୁ ହିଁ ପ୍ରକାଶ କରେ ।" ହୋଇଥିଲେ ପରବର୍ତ୍ତୀ ଧାଡ଼ିଗୁଡ଼ିକ ସଙ୍ଗତ ହୋଇଥାଆନ୍ତା । ଶେଷ ଧାଡ଼ିରେ "ତାହା ଯଥାର୍ଥ କଳା ସୃଷ୍ଟି ନୁହେଁ ।" ହୋଇଥିଲେ ଯାହାର ପୂର୍ଣ୍ଣତା ରକ୍ଷା ହୋଇଥାଆନ୍ତା ।

[ଖ] ପ୍ରାୟ ସମଧର୍ମୀ ମୋର କେତୋଟି ବଡ଼ ଗଳ୍ପକୁ ଏକତ୍ର କରି "                    " ନାମରେ ଗୋଟିଏ ସଂକଳନ ରୂପେ ପ୍ରକାଶ କରୁଛନ୍ତି ଉତ୍କଳ ଗଳ୍ପ ସାହିତ୍ୟର ଅନ୍ୟତମ ବିଶିଷ୍ଟ ପ୍ରକାଶନ ସଂସ୍ଥା ।

[ଏହି ବାକ୍ୟ ଗଠନରେ ଓଡ଼ିଆ ପଦବିନ୍ୟାସ କାହିଁ ?]

ଗଳ୍ପଟିର ଶେଷାଂଶରେ ଉପସ୍ଥିତ ସମସ୍ତ ସମସ୍ୟା ଉପରେ ସଚେତନତା ପ୍ରକଟିତ ହୋଇଛି ସତ୍ୟ ମାତ୍ର ତାହା ଗଳ୍ପଟିର ଗୌଣାଙ୍ଗ :

[ଏଠାରେ 'ଉପସ୍ଥିତ ସମସ୍ତ ସମସ୍ୟା ଉପରେ ସଚେତନତା ପ୍ରକଟିତ ହୋଇଛି' ଅର୍ଥ କ'ଣ "ଗଳ୍ପଟିର ଶେଷାଂଶରେ ଆଜିର ସମସ୍ୟା ବିଷୟରେ ଗଭୀର ବିଶ୍ଳେଷଣ ରହିଛି ?" ନାଁ ଆଉ କିଛି ? 'ତାହା ଗଳ୍ପଟିର ଗୌଣାଙ୍ଗରେ 'ତାହା' କାହାର ସର୍ବନାମ ? ଶେଷାଂଶର ?]

ସେ ଗଳ୍ପଟିର ଶେଷାଂଶ [ କୁ ] ବାଦ ଦେଇ ମଧ୍ୟ ଗଳ୍ପଟିକୁ ଉପଭୋଗ କରାଯାଇପାରେ ।"

[ଇଏ ପୁଣି କି ଭଳି ଓଡ଼ିଆ ଭାଷା—ଉପଭୋଗ କରାଯାଇପାରେ ? ଏଥିର କର୍ତ୍ତା କିଏ ?]

[ଗ] ଏକଦା ନିଜକୁ ଚତୁର ବୋଲି ଭାବୁଥିବା କଶ୍ଚିତ୍‌ ଶୃଗାଳ ଖୁବ୍‌ ତୃଷାର୍ଥ ହୋଇ ଉଠିଲା ।

[ଉଠିଲା ନାଁ ପଡ଼ିଲା ? ତୃଷାର୍ତ୍ତ ହେଲା ବା ତୃଷାର୍ତ୍ତ ହୋଇପଡ଼ିଲା । ତୃଷାର୍ଥ ହୋଇ ଉଠିଲା ଓଡ଼ିଆରେ ହୁଏ ନାହିଁ । 'ନିଜକୁ ଚତୁର ବୋଲି ଭାବୁଥିବା' କୌଣସି ଶୃଗାଳ ଅଛି କି ? ବରଂ 'ମନେ ମନେ ଚତୁର ଶୃଗାଳ ?' 'ଜଳାଶୟମାନ ଶୁଷ୍କ ହୋଇ ରହିଥିଲେ ।'

ଏହାର ଅର୍ଥ ବୋଧହୁଏ ଜଳାଶୟମାନେ ପ୍ରସ୍ତୁତ ଥିଲେ ।
'ଶୃଗାଳଟି ଗୁଳ୍ମ ଓ କଣ୍ଟକିବଗୁଳ୍ମ ପରିବେଷ୍ଟିତ ଏକ ବନ ମଧ୍ୟରେ ଶରୀର ଗୋପନ କରି ବିଶ୍ରାମ ନେବାକୁ ଲାଗିଲା ।'

[ବିଶ୍ରାମ ନେବାକୁ ? ନାଁ ବିଶ୍ରାମ କରିବାକୁ ?]

[ଘ] ନରମା ଫଳ ହେତୁ ଧାନ କିଆରି ଚାରି ମଫସଲ ବାଟ ଏବେ ମଧ୍ୟ ଚହଳି ହୁଏ ।

ଏଠାରେ 'ନରମା ଫଳ' ବୋଧହୁଏ 'ମୁହାଁ ଫଳ' ।

[ଙ] ଆଉ ଦଣ୍ଡେ ଗଲେ ଆକାଶର ସର୍ବାଙ୍ଗରୁ ଅନ୍ଧକାର ବହଳିଆ ହୋଇ ଝରିବ ।

ଏ ବ୍ୟଞ୍ଜନା ବେଶ୍ ଚମତ୍କାର ! ବୁଝି ହେଉଛି । ତାହା ହିଁ ଲୋଡ଼ା ।

[ଚ] 'ତା' ହସରେ ବାଜ ଜଡିବାରଠାରୁ ଫୁଟି ଉଠୁଥିଲା ।' ବୋଧହୁଏ 'ବିଜୟୀର ଇଙ୍ଗିତ ଥିଲା' ।

[ଛ] "ବର୍ତ୍ତମାନ ଯୁଗର ଶ୍ରେଷ୍ଠ ଶିଳ୍ପୀ ପାବ୍ଲୋ ପିକାସୋଙ୍କର ଚିତ୍ରର ବିଶେଷତ୍ୱ ହେଉଛି କେତୋଟି ମାତ୍ର ସରଳରେଖାର ଘନତ୍ୱ ଓ ଅକମ୍ପିତ ରେଖାର ବିଚକ୍ଷଣତା ।"

ଏହାର ଅର୍ଥ ବୁଝିବା ଦୁଷ୍କର । ପରବର୍ତ୍ତୀ ଧାଡ଼ିଗୁଡ଼ିକରେ ଏଥିର କୌଣସି ବିଶ୍ଳେଷଣ ବି ନାହିଁ । ପୁଣି ଦେଖନ୍ତୁ :—

"ଆଧୁନିକ ଚିତ୍ରକଳାର ସୁରରିୟାଲିଜମ୍ ହେଉଛି ଗୋଟିଏ ବିଶିଷ୍ଟ ଅଙ୍ଗ । ନିର୍ଜ୍ଜନ ମାନସଚକ୍ଷୁରେ କଳାକାର ଯାହା ଦେଖେ, ତାକୁହିଁ ପ୍ରକାଶ କରିବା ଏହାର ବିଶେଷତ୍ୱ । ବିନୋଦବାବୁ ଲେଖିଛନ୍ତି ଯେ, ଚିତ୍ରକାର ବଧୂ ନଈକୁ ପାଣି ଆଣିବାକୁ ଯାଇଥିଲା । ଆଣ୍ଠୁଏ ପାଣିରେ ପଶି ମାଠିଆ ବୁଡ଼ାଉଥିବା ବେଳେ ଗୋଟିଏ ବିରାଟକାୟ ଜନ୍ତୁର ଛାଇ ପାଣିରେ ପଡ଼ିଲା । ସେ କୌତୂହଳୀ ହୋଇ ଆକାଶକୁ ଗୁହାଁଦେଲା ଏବଂ ଗଗନ ମାର୍ଗରେ ଅଦ୍ଭୁତ ଜୀବଟିଏ ସ୍ୱର୍ଗକୁ ଉଠି ଯାଉଥିବାର ଦେଖିଲା । ଅବିକଳ ଛବିଟିଏ ମାଠିଆ ପିଠିରେ ଆଙ୍କି ଆଣିଲା । ସେହି ଛବିଟି ଆଜି ସିଂହ ରୂପ ଗ୍ରହଣ କରି ଓଡ଼ିଶାର ସଂସ୍କୃତି ସହିତ ବଡ଼ ସ୍ଥାନ ପାଇ ଆସୁଛି ।......"

ଏଠାରେ ପାରାଟି ଶେଷ କରି ଆଉ ଗୋଟିଏ ପାରା ଆରମ୍ଭ କରିବା ଉଚିତ ଥିଲା ; କିନ୍ତୁ ସେହି ପାରାରେ ଚାଲିଲା......"ଏହା ଏକ ଲୋକ କାହାଣୀର ବିଷୟବସ୍ତୁ । ମୋ ମତରେ ଏହା ନିର୍ଜ୍ଜନ ମନର କାରସାଦି ।

ଆକାଶରେ ଭାସମାନ ମେଘଖଣ୍ଡ ଅନେକ ସମୟରେ ବହୁ ବିଚିତ୍ର ରୂପ ସୃଷ୍ଟି କରେ । ହୁଏତ ତା'ର ପ୍ରତିବିମ୍ବ ଚିତ୍ରକାର ବଧୂ ପାଣିରେ ଦେଖି ପାରିଥାଏ । ସେଇ ଦେଖିଥିବା ରୂପ ସହିତ ନିର୍ଜ୍ଜନ ମନର ସମ୍ପର୍କ ଜଡ଼ିତ କରି କଳ୍ପନାର ରଙ୍ଗ ଲଗାଇ ସେ ସିଂହ ସୃଷ୍ଟି କଲା ।"

"ଆଉ ଅବଚ୍ଛିନ୍ନ କଳା ହିଁ ଗୁଣବୋଧକ କଳା—ଆମ ଲୋକ-ଦେବତା ଜଗନ୍ନାଥ । ଜଗନ୍ନାଥ ମୂର୍ତ୍ତିର ପରିପୂର୍ଣ୍ଣ ଅବୟବ ନାହିଁ । ନିରାକାର ପୁରୁଷଙ୍କୁ ଏକ ଅବଚ୍ଛିନ୍ନ ରୂପ ଦେବାର ଦକ୍ଷତା ଓଡ଼ିଆ ଜାତିର ଥିଲା । ଏହା କମ୍ କଳାପ୍ରିୟତାର ସ୍ମାରକ ନୁହେଁ ।"

ଶିଳ୍ପୀ ନିତ୍ୟାନନ୍ଦ ମହାପାତ୍ର ନାନ୍ଦମୁଖ—ଓଡ଼ିଶୀ ଚିତ୍ର ।

ଏହି ପାରାଗ୍ରାଫ୍ଟି ଗୁଡ଼ିଏ ଚିନ୍ତା ମିଶି ହୋଇଛି । ଅର୍ଥ ବେଶ୍ ବୋଧଗମ୍ୟ । ଭାଷାର ସୁସଂହତ ଓ ସାବଲୀଳ ଧାରା ଥିଲା କିନ୍ତୁ 'ସିଂହ ସୃଷ୍ଟି କଲା' ପରେ ଭାବଧାରା ଆଉ ଏକ ନୂତନ ଭାବଧାରାକୁ ଲମ୍ଫ ଦେଲା । ଏଭଳି ଘଟଣା ଆଧୁନିକ କବିତାରେ ଘଟୁଛି । ଗଦ୍ୟ ସାହିତ୍ୟରେ ଇଂରାଜ ଜେମସ୍ ଜଏସ୍ ଇତ୍ୟାଦି 'ନିର୍ଜ୍ଜନ ମାନସଚିନ୍ତା'ରେ ଦେଖିବା ଲୋକ ଏଭଳି ଲେଖି ସେହି ଭାଷାମାନଙ୍କରେ କିଛି ଚହଳ ପକାଇ ଫେଣଫେଣ କାହିଁ ମିଳାଇଗଲେ । କିନ୍ତୁ ଏ ପଦ୍ଧତି ଏବେ ବି ଆଧୁନିକ ଚିତ୍ରକଳାରେ ରହିଛି । କିନ୍ତୁ ଗଦ୍ୟ ଭାଷାରେ ଏ ରୀତି ଧରିଲେ ପାଠର ପରିପୂର୍ଣ୍ଣ ଅବୟବ ବିକଳାଙ୍ଗ ହୋଇଯିବ ।

ଗଦ୍ୟ ଭାଷାର ଉପଜୀବ୍ୟ ହେଉଛି ଯୁକ୍ତି, ନିର୍ଜ୍ଜନ ମାନସ କ୍ରିୟା ନୁହେଁ । ବର୍ଣ୍ଣନାରେ ବି ଯୁକ୍ତି ଓ ହେତୁ ହିଁ ପ୍ରଧାନ । କାରଣ ଗଦ୍ୟଭାଷା କଠୋର ।

ଏହି ପାରାଗ୍ରାଫଟିରେ ଆଧୁନିକ ଚିତ୍ରଶିଳ୍ପୀ ପାବଲୋ ପିକାସୋଙ୍କର ପଦ୍ଧତିର ଛାପ ପଡିଥିଲା ପରି ଲାଗୁଛି । ଉଦାହରଣ, ପାବଲୋ ପିକାସୋଙ୍କର ବହୁବର୍ଣ୍ଣ ତୈଳର 'ଗୁଇର୍ନିକା' ନାମକ ଚିତ୍ର । ଏହି ଚିତ୍ରରେ 'ଗୁଇରନିକା' ସହରର ସବୁ ଉପାଦାନ ରହିଛି । କିନ୍ତୁ ସ୍ପେନୀୟ ଫାସିଷ୍ଟ ଫ୍ରାଙ୍କୋଙ୍କର ସୈନ୍ୟବାହିନୀର ଯୁଦ୍ଧ ଆହବର ବୋମାକ୍ଷତରେ ଏହି ସହର ଏପରି ବିପର୍ଯ୍ୟସ୍ତ ଓ ଅସ୍ତବ୍ୟସ୍ତ ହୋଇଯାଇଛି ଯେ କୌଣସି ଉପାଦାନର କୌଣସି ଉପାଦାନ ସହିତ ସମ୍ଭାବ୍ୟ ଯୋଗସୂତ୍ର ରହିନାହିଁ । ଏପରିକି ପରିଚିତ ଜିନିଷର ଉପାଦାନଗୁଡ଼ିକ ସହିତ ଅନ୍ୟ ପରିଚିତ ଜିନିଷ ଭାଙ୍ଗିରୁଜି ମିଶି ଏଭଳି କିମାକାର ନୂତନ ଜିନିଷ ସୃଷ୍ଟି କରିଛି ଯେ ସେ

ଜନସଙ୍କୁ ଜନସ କୁହାଯିବ ନାହିଁ । କୁହାଯାଇପାରେ ଅସଂଠଣା ଭଗ୍ନସ୍ତୁପ । ଉଦାହରଣ ସ୍ୱରୂପ ଗୋଟିଏ ଘୋଡ଼ାର ପଛଗୋଡ଼ ଆଉ ଫଡ଼ଆ ଦୁଇଟା କୁଆଡ଼େ ଉଡ଼ିଯାଇଛି ସେଇ ସ୍ଥାନରେ ବୈଠକଖାନାର ଚୌକିର ଯୋଡ଼ିଏ ଗୋଡ଼ ଯୋଡ଼ା ଯାଇଛି ।

ଶିଳ୍ପ ସୃଷ୍ଟି ସ୍ୱଭାବରେ 'ଗୁଇରନକା' ଏକ ଅଦ୍ଭୁତ ମୌଳିକ ଚିତ୍ର ଭାବରେ ପ୍ରସିଦ୍ଧ । କିନ୍ତୁ ଗଦ୍ୟଭାଷା କ୍ଷେତ୍ରରେ ଏଭଳି ପଦ୍ଧତି ବଡ଼ ବିଷମ ।

## ନବୀନ ନିତଦବଳଆ ଭାଷା

[କ] ସେ ସବୁ ଗାଁରୁ କେତେ ଗଲାଣି ; ତଥାପି କେତେ ରହିଛି । କିନ୍ତୁ ସେ ଭଲ ବନସ୍ତ ଏବେ ଆଉ ନାହିଁ । ଘଟଣାଟା ତ ଏବର ନୁହେଁ, ତା'ପରେ ଅନନ୍ତ କାଳ ପାରାବାର ବକ୍ଷରେ ତରଙ୍ଗ ଖେଳାଇ ଶହେ ବର୍ଷ ଉପରେ ବିତି ଗଲାଣି । × × × ଗୋଟାଏ ମସ୍ତ ଲମ୍ବ କାଳିଆ ବୁଢ଼ା ଅଜଗର ସାପ ପରି, ଏପାଖ ସେପାଖ ବାଙ୍କରେ ମୁଣ୍ଡ ଲୁଚାଇ, ଜଙ୍ଗଲ ମଧ୍ୟରେ ସଡ଼କଟାଏ ଶୋଇଛି । ମସ୍ତ ଡାମଣା ସାପ ଭଳି ତା ସହିତ ଆସି ମିଶିଛି ପୁଣି ଏକ ଛୋଟିଆ ନାଳିଆ ସଡ଼କ । × × × ବାପ ଅଜା ଅମଳର ଅଭ୍ୟାସ ଯୋଗେ ବଣୁଆ ହାତୀ ଭୁଲରେ ସେ ବାଟେ ଗଲେ, ପରେ ଯାଇ ପୁଅ ଭାଇଙ୍କ ପାଖେ ଅନୁତାପ କରୁଥିବ ।

ଗୋଦାବରୀଶ ମିଶ୍ର— ବାଁ ଡାହାଣ [ଗଳ୍ପ]

[ଖ] ତା'ପରେ ଆରମ୍ଭ ହେଲା ଉମେଦ ବାରି । ୟା' ପାଖ, ତା' ପାଖ, ୟା' ଦୁଆର, ତା' ଦୁଆର ଘୁରି ଘୁରି ସୁର ହେଲା ନାକେଦମ୍ । ଖବରକାଗଜର ବିଜ୍ଞାପନ ଦେଖି ଦରଖାସ୍ତ ଲେଖିବା ହେଲା ତା'ର ପ୍ରଧାନ ଗୃହକର୍ମ । ଶେଷକୁ ଯାହା କିଛି ଅଳ୍ପ ହାତରେ ସହରରେ ପଡ଼ ପଡ଼ ମେସ୍ ଖରଚ ଆଉ ଦରଖାସ୍ତର ରେଜେଷ୍ଟ୍ରି ଖରଚରେ ତା ବି ହେଲା ଶେଷ । ଧାର ଉଧାର କାଳବାସିରେ ଚଳିଗଲା କେତେଦିନ । ଦିନେ ଦେଖିଲା ବେଳକୁ ଶୂନ୍ୟମାନ । ଡାକଟିକଟ କିଣିବାକୁ ବି ନଦାରଦ ।

ଲକ୍ଷ୍ମୀକାନ୍ତ ମହାପାତ୍ର— ମଙ୍ଗଳିଆ ଗଳ୍ପ]

[ଗ] ଚିତ୍ରକାରମାନଙ୍କର ଅକମ୍ପିତ ରେଖାର ନିଷ୍ଠା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ରେଖାର ବନ୍ଧନୀ ଭିତରୁ ଛବିର ଗଢ଼ଣ, ଗତି, ଆୟତନ, ଓଜନ ଓ ସ୍ପୃଶ୍ୟଗୁଣ ଉପଲବ୍ଧି କରାଇବା କମ୍ ସାଧନାର କଥା ନୁହେଁ ।

(ଏଠାରେ ଭାଷାର ସ୍ୱକୀୟତା ଲକ୍ଷଣୀୟ)

ଲେଖନ ଶିଳ୍ପ ଚୀନା ଜାତିର କୋଠ ସମ୍ପତ୍ତି । ପିଲାଟି ଦିନରୁ ଚୀନ ଦେଶରେ ପ୍ରତି ଶ୍ରେଷ୍ଠ ରେଖାର କୋମଳତା, ସ୍ଥୂଳତା, ଏବଂ ନତୋନ୍ନତ ଷମତା ସମ୍ପର୍କରେ ଜ୍ଞାନ ଲାଭ କରେ । × × ×

ଓଡ଼ିଆ ସାହିତ୍ୟ ଓ କଳାରେ ମୋଗଲ କିମ୍ବା ଚୀନ ସଂସ୍କୃତିର ଛାଇ କେତେ ପଡ଼ିଛି (ତାହା) କହି ହେଉ ନାହିଁ । ତେବେ 'ଚିତ୍ରକାବ୍ୟ ବନ୍ଧୋଦୟ'ର ଧାରା ଆସିଛି ଦକ୍ଷିଣରୁ । ଖ୍ରୀଷ୍ଟୀୟ ୭ମ ଓ ୮ମ ଶତକ ବେଳକୁ ଦାକ୍ଷିଣାତ୍ୟର ଶ୍ରେଷ୍ଠ ଆଳଙ୍କାରିକ ମମ୍ମଟ ଭଟ୍ଟଙ୍କ 'କାବ୍ୟ ପ୍ରକାଶ'ରେ ବନ୍ଧକାବ୍ୟ ବିଷୟ ଉଲ୍ଲେଖ ଅଛି । ପୁଣି ଆଳଙ୍କାରିକ ଆନନ୍ଦ ବର୍ଦ୍ଧନ 'ଧ୍ୱନ୍ୟାଲୋକ'ରେ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର (ମୟ) ସମସ୍ତ କାବ୍ୟକୁ ଚିତ୍ରକାବ୍ୟ କହିଛନ୍ତି । ତେଲଗୁ କବି ଅପ୍ପା ଲେଖନ ଶିଳ୍ପ ସହିତ ଅଳଙ୍କାର ଶାସ୍ତ୍ରକୁ ମିଳାଇ ବନ୍ଧକାବ୍ୟ ରଚନା କରିଥିଲେ ବୋଲି ଜଣାଯାଏ ।

ବିନୋଦ ରାଉତରାୟ—ଓଡ଼ିଶୀ ଚିତ୍ର

[ ଏଠାରେ ବାକ୍ୟ ଗଠନରେ ସଂଗତି ଅଛି । ବନ୍ଧନୀ ଭିତରେ ଥିବା ଶବ୍ଦଗୁଡ଼ିକ ନ ଥିଲେ ଶୈଳୀ ଆହୁରି ବଳିଷ୍ଠ ଓଡ଼ିଆ ଶୈଳୀ ହୋଇ-ଥାଆନ୍ତା । ]

[ଘ] ଏକା ପାଖକୁ ଚୂଲ ବଦାବନ୍ଧ ଘର । ଦ୍ୱାରରେ ନିଆଁ ଲାଗିଲାଣି । ତୁମେ ଯଦି ପଡ଼ୋଶୀକୁ କହ ଯେ ଚୂଲ ତୁମ ଚୂଲରେ ପାଣି ବାଲଟି ଧରି ବସିବା ସେ କ'ଣ ସେଥିରେ ଅମତ ହେବ ? ଯାର ନିଜ ଘର ପୋଡ଼ିବାକୁ ଇଚ୍ଛା ନ ଥିବ, ସେ ତ ସେଥିରେ ଆଗ୍ରହରେ ହିଁ ଭରନ୍ତା । କିନ୍ତୁ ଫିନ୍‌ଲାଣ୍ଡର ଶାସକଶ୍ରେଣୀ ଏବଂ ବେରନ୍ ମାନହାରମ୍ ଏଥିରେ ରାଜି ହେଲେ ନାହିଁ । ତା'ର କାରଣ ଇଂରାଜୀ ପ୍ରରୋଚନା । ତା'ର କାରଣ ଆପଣା ଦେଶରେ କୃଷୀ ମୂଲିଆ ବିପ୍ଳବ କାଳେ ଲାଲ୍ ଫୌଜ ପ୍ରବେଶ ଖବରରେ ଚେଇଁ ଉଠିବ । ତା'ର କାରଣ, ଲାଲ ଫୌଜ ସହିତ କାହିଁକୁ

କାହିଁ ମିଳିଲେ ଆପଣାର ଭଡ଼ାଟିଆ ସୈନ୍ୟ କାଳେ ଚାଷୀ ମୂଲିଆ ପଠକୁ ଆଉକି ଯିବେ । ତାର କାରଣ, କାଳେ ବିଲାତ ଏବଂ ଆମେରିକାର ସାହୁ-କାରମାନେ ସେମାନଙ୍କର ଲୋକ-ବିରୋଧୀ ସରକାରକୁ ଆଉ ଟଙ୍କା ଦେବେ ନାହିଁ ।

ଏହି ଲେଖକ—ଗଲା ମହାଯୁଦ୍ଧ ଓ ତା' ପରେ

[ଝ] ପ୍ରତ୍ୟେକ ଦେଶ ସାହିତ୍ୟର ଆଦିମଯୁଗରେ ମଣିଷର ଜୀବନ ଚର୍ବିତ ହୋଇଛି । ପାରିପାର୍ଶ୍ୱିକ ଘଟଣାବଳୀ ଓ ପ୍ରକୃତିରୁ ଉପକରଣ ନେଇ ଅଳଙ୍କାର ସାହିତ୍ୟର ନିଗଡ଼ ନିୟମ-ଲୌହ-ଶୃଙ୍ଖଳ ଏତେବେଳେ ବାହାରି ନ ଥିବାରୁ ଏ ଯୁଗର ସାହିତ୍ୟରେ ବହୁ ପରିମାଣରେ ସ୍ୱଭାବୋକ୍ତି ଅଳଙ୍କାର ଦେଖିବାକୁ ମିଳେ । ସେ ସମୟରେ ମଧ୍ୟ ଉପମା, ରୂପକ, ପ୍ରଭୃତି କେତୋଟି ଅର୍ଥାଳଙ୍କାର ଯେ କବିମାନଙ୍କୁ ଅଜଣା ଥିଲା, ଏହା ନୁହେଁ । ଏଇ ସ୍ୱଭାବୋକ୍ତି ଅଳଙ୍କାରରେ କବିମାନେ ପ୍ରକୃତିର ପ୍ରକୃତ ଚିତ୍ର ଯଥାଯଥ ଭାବେ ସାହିତ୍ୟରେ ସନ୍ନିବେଷ୍ଟ କରାଇଥିଲେ ।

ନଟବର ସାମନ୍ତରାୟ—ସାହିତ୍ୟାଦର୍ଶ ୧୦୬ପୃଷ୍ଠା

[ଠ] "ଦିନ ଚାରିଟା ହେଲା" ବୋଲି କହିଲେ ସାଧାରଣତଃ ଏହାର ବାଚ୍ୟାର୍ଥ ହେଉଛି, ଅପରାହ୍ନର ଚତୁର୍ଥ ଘଣ୍ଟା ସୂଚିତ ସମୟ ସମାପ୍ତ ହେଲା । ଏହା ଭିନ୍ନ ଅନ୍ୟ ପ୍ରକାର ବାଚ୍ୟାର୍ଥ ଏଥିରୁ ଜଣାଯାଏ ନାହିଁ, ଏଣୁ ଏହାର ବାଚ୍ୟାର୍ଥ ସଂଖ୍ୟା ହେଲା ଏକ, ଏବଂ ପ୍ରତ୍ୟେକ ଶ୍ରୋତା ଏହି ବାକ୍ୟରୁ ଏହି ଅର୍ଥକୁ ସମାନଭାବେ ଗ୍ରହଣ କରିଥାନ୍ତି । କିନ୍ତୁ ଧ୍ୱନ୍ୟାଲୋକ ବିଚାରର ଦୃଷ୍ଟିରୁ ଦେଖିବାକୁ ହେଲେ ଏହି ବାକ୍ୟର ବ୍ୟଙ୍ଗାର୍ଥ ଅସୀମ, ଏବଂ ସେହି ସବୁ ପ୍ରକାର ବ୍ୟଙ୍ଗାର୍ଥ, ବାଚ୍ୟାର୍ଥ ଠାରୁ ସମ୍ପୂର୍ଣ୍ଣ ରୂପେ ପୃଥକ । ଏହି ବ୍ୟଙ୍ଗାର୍ଥ ଦେଶ, କାଳ, ବକ୍ତା ଓ ବୋଦ୍ଧା ଭେଦରେ ବିଭିନ୍ନ ରୂପ ଧାରଣ କରେ ।

ପଣ୍ଡିତ କୁଳମଣି ମିଶ୍ର—ଧ୍ୱନ୍ୟାଲୋକର ସୂଚନା

[ଭାଷାର ଭାବ ପ୍ରକାଶ ସୁସ୍ପଷ୍ଟ । ତେବେ ସଂସ୍କୃତ ଅପରିଚିତ ଶବ୍ଦ ଯଥା 'ବୋଦ୍ଧା' ବ୍ୟବହାର ନ କରିଥିଲେ ଚଳିଥାନ୍ତା ।]

ଛ] ଗୋପବନ୍ଧୁ କାବ୍ୟ ବା ଉପନ୍ୟାସ ଆକାରରେ ପଦ୍ୟ ବା ଗଦ୍ୟ ଅଳ୍ପ ଲେଖିଛନ୍ତି, ମାତ୍ର ତାଙ୍କର ପ୍ରତିଷ୍ଠିତ 'ସମାଜ' ସମ୍ବାଦପତ୍ର ସାହାଯ୍ୟରେ ସେ ଓଡ଼ିଆ ଭାଷାକୁ ଏକ ନୂତନ ରୂପ ଦେଇଥିଲେ । ପ୍ରାଚୀନ ଓଡ଼ିଆ ସାହିତ୍ୟର ସରଳ ଲଳିତ ଭାଷାରେ ସେ ସମସ୍ତ ଆଧୁନିକ ରାଜନୈତିକ ଓ ସାମାଜିକ ଚିନ୍ତା ପ୍ରଥମେ 'ସମାଜ' ରେ ପ୍ରକାଶ କଲେ ।

ସେ ଭାଷା ଏପରି ଜୀବନ୍ତ ଥିଲା ଯେ, ତାହା ସମସ୍ତ ଶ୍ରେଣୀର ପାଠକଙ୍କ ଚିତ୍ତ ଆକର୍ଷଣ କରୁଥିଲା । ସମାଜ ପଢ଼ିଲେ ଓଡ଼ିଶାର ସାଧାରଣ ଲୋକ ମନେ କରୁଥିଲେ, ଯେପରି ସେମାନଙ୍କ ଘରର ଲୋକ କେହି ଆସି କଥାବାର୍ତ୍ତା କରୁଛି । ରାଧାନାଥଙ୍କ ପ୍ରବର୍ତ୍ତିତ ସାହିତ୍ୟ ଜନତାଠାରୁ ଯେତିକି ଦୂରେଇ ଯାଇଥିଲା ଗୋପବନ୍ଧୁଙ୍କ ପ୍ରବର୍ତ୍ତିତ ସାହିତ୍ୟ ସେତିକି ଜନତାର ନିକଟବର୍ତ୍ତୀ ହୋଇଥିଲା । × × × ତାପରେ ସେହି ଭାଷାହିଁ ଓଡ଼ିଆ ଭାଷାର ମାପ-କାଠି ହୋଇଗଲା ସେହି ସମୟରୁ 'ସମାଜ'ର ଭାଷା ଅନୁସାରେ ସମସ୍ତ ଲେଖକର ଭାଷା ପ୍ରଭାବିତ ହେଲା ।

ହରେକୃଷ୍ଣ ମହତାବ ଓଡ଼ିଶା ଇତିହାସର ପରିଶିଷ୍ଟ

[ ରାଧାନାଥଙ୍କ ପ୍ରବର୍ତ୍ତିତ 'ସାହିତ୍ୟ' ଓ ଗୋପବନ୍ଧୁଙ୍କ ପ୍ରବର୍ତ୍ତିତ 'ସାହିତ୍ୟ' ସ୍ଥଳରେ 'ଭାଷା' ହେବାର ଥିଲା ]

(ଜ) ପ୍ରକୃତରେ ରକେଟ ଭିତରେ ଥାଏ ଏକ ରାସାୟନିକ ଜାଳେଣି । ଏଥିରେ ନିଆଁ ଲଗେଇ ଦେଲେ ତାହା ଜଳିବାକୁ ଲାଗେ । ଫଳରେ ରକେଟ୍‌ର ସେହି ନିବୁଜ କୋଠରି ଭିତରେ ପ୍ରଚୁର ଗ୍ୟାସ ଜନ୍ମେ । ଗ୍ୟାସର ଚାପ ଦେଖୁ ଦେଖୁ ସେଇ ତାତିରେ ଅନେକ ଗୁଣ ବଢ଼ିଯାଏ । ସେଇ କୋଠରିର ଏକ ସୂକ୍ଷ୍ମ ରନ୍ଧ୍ର ଦେଇ ଏହି ଗ୍ୟାସ୍ ଭୟଙ୍କର ଗତିରେ ବାହାରକୁ ବାହାରେ । ଫଳରେ ରକେଟ୍ ଆଗକୁ ଠେଲି ହୋଇ ଗତି କରେ । ରନ୍ଧ୍ରର ଆକାର ଗ୍ୟାସର ପରିମାଣ ଓ ଚାପ ଅନୁସାରେ ରକେଟର ଗତି ବଦଳେ । ଏତେ ବେଗରେ ରକେଟ ଛୁଟିଲେ ପବନ ଘଷି ହୁଏ । ଫଳରେ ପବନ ବାଧାରେ ତାର ଗତି କମିଯାଏ । ତେଣୁ ପବନ ବାଧା କମେଇବା ପାଇଁ ରକେଟର ଆକାରରେ ଅଦଳ ବଦଳ କରିବାକୁ ପଡ଼େ । ରକେଟ ଦେହ ତିଆରି କଲାବେଳେ ଏଭଳି ପଦାର୍ଥ ବାଛିବାକୁ ପଡ଼େ ଯେ ପବନରେ ଘଷି ହେଲେ ବି ତା ଦେହରେ ଯେଉଁ ତାତି ହୁଏ ସେଥିରେ ତାହା ଜଳିଯିବ ନାହିଁ ।

କୁଳମଣି ସାମଲ, ମହାଶୂନ୍ୟରେ ମନୁଷ୍ୟ

(ଝ) ସତରେ ନୂଆ ରାଜଧାନୀରେ ରହିବା ଦିନଠାରୁ ମୋର ଡେଇଁବାକୁ ପ୍ରବଳ ଇଚ୍ଛା ହୋଇଛି — ରାସ୍ତା ଡେଇଁବାକୁ, ବାଡ଼ ଡେଇଁବାକୁ, ସେହି ବିରାଟ ସେକ୍ରେଟେରିଏଟ୍‌ର ଅସୁର ପରି କୋଠାଟାକୁ ଡେଇଁବାକୁ । ରାତିରେ ନିଦ ହୋଇନାହିଁ । ମୋ ଘର ବାରଣ୍ଡାରେ ଠିଆ ହୋଇ ମୁଁ ସେମାନଙ୍କର କ୍ୱାଟର୍ସ ଆଡ଼କୁ ଚାହିଁଛି ଘଣ୍ଟା ଘଣ୍ଟା ଧରି । × × ×

କେଉଁ ପାପ ଯୋଗୁଁ ମୁଁ ମୁଁ, ଓ କେଉଁ ପୁଣ୍ୟ ଯୋଗୁଁ ସେମାନେ ସେମାନେ ? କେଉଁ ଯୋଗ୍ୟତା ଯୋଗୁଁ ମନୋରମା ତାଙ୍କର, ମୁକ୍ତାମାଳା ତାଙ୍କ ଗଳାରେ ଶୋଭା ପାଉଛି, ଆଉ କେଉଁ ଅପକର୍ମ ପାଇଁ ମନୋରମା ମୋର ଓ ତାଙ୍କ ଗଳାରେ ଆମେରିକାନ୍ ସୁନାର ସରୁ ଚେନ୍‌ଟିଏ ସୁଦ୍ଧା ନାହିଁ ? ପ୍ରଶ୍ନର ସମାଧାନ ମୁଁ କରିପାରିଲି ନାହିଁ ।

କୃଷ୍ଣ ପ୍ରସାଦ ମିଶ୍ର, ଜୀତଦାସୀର କାବ୍ୟ

(ଞ) ଭିତରେ ବାଣ ମରାମରି ଲାଗିଥିଲା ବେଳେ ପଦାରେ ସମସ୍ତେ କାନ ଡେରି ଶୁଣୁଥାଆନ୍ତି । ପାଟିର କଥାଗୁଡ଼ାକ ଆଉ ଅଣ୍ଟିଲା ନାହିଁ । କ୍ରମେ ହାତ ଗୋଡ଼ ବି କଥା କହିବାକୁ ଆରମ୍ଭ କଲେ । ଶେଷକୁ ଚଉକିର ହାତ ଗୋଡ଼ ଚଞ୍ଚଳ ହୋଇ ଉଠିଲେ । ଏଥରକ ଅନ୍ୟମାନେ ଆଉ ପଦାରେ ଲୁଚି ରହି ପାରିଲେ ନାହିଁ । ଘର ଭିତରକୁ ପଶିଯାଇ ଅଟକା ଅଟକି କରିଦେଲେ । ସେତେବେଳକୁ କିନ୍ତୁ ଦୁହିଁଙ୍କର ଲୁଗା ଜାମା ନାଲିଖଣ୍ଡିଆରେ ପରିଣତ ହୋଇ ସାରିଥାଏ । ଆମ୍ବୁଲାନ୍‌ସରେ ଦୁଇ ରଣପା କାନ୍ଧଯାକ ବୁହାହୋଇ ଡାକ୍ତରଖାନାକୁ ଗଲେ । ଘରକୁ ଫେରିବାକୁ ଉଭୟଙ୍କୁ ପାଖୁ ବଳକା ମାସେ ଲାଗିଗଲା ।

ଫକୁରାନନ୍ଦ—ମଙ୍ଗଳବାରିଆ ସାହିତ୍ୟ ସଂସଦ

(ଟ) ଆକାଶରେ ଶୁକ୍ଳା ତିଥିର ଜହ୍ନ ଉପରକୁ ଉଠି ଯାଇଥିଲା । ମାଛ-ନାଉଆ ଛିଣ୍ଡା ଛିଣ୍ଡା ବଉଦ ଉହାଡ଼ରେ, ଜହ୍ନଟା ମୁଣ୍ଡାଏ ନଅଁରଡ଼ ପରି ଅସ୍ୱାଭାବିକ ଭାବରେ ଲାଲ ଦିଶୁଥିଲା । ରାତିର ଶିଶିର ବିନ୍ଦୁ ଆଶ୍ରମ ପଡ଼ିଆର ଘାସ ଓ ଅରମା ଗଛପତ୍ର ଉପରେ ବୁନ୍ଦା ବୁନ୍ଦା ଲୁହ ପରି ଝରି ପଡୁଥିଲା । ଆଶ୍ରମରେ ସମସ୍ତେ ନିଦଘୋଡ଼ି ନିଦରେ ଶୋଇ ପଡ଼ିଥିଲେ । ଆମ୍ବତୋଟାର ପତ୍ର ଗହଳ ଭିତରେ କେତୋଟା ରାତିର ପକ୍ଷୀ ବେଳେ ବେଳେ ତାର ସ୍ୱରରେ ଚିତ୍କାର କରି ଉଠୁଥିଲେ । ପାଣିରେ ବୁଦ୍-ବୁଦ ମିଳାଇ ଯିବା ପରି ରାତିର ନିସ୍ତବ୍ଧ ଭିତରେ ସେ ଶବ୍ଦ ପୁଣି ମିଳାଇ ଯାଉଥିଲା ।

ସୁରେନ୍ଦ୍ର ମହାନ୍ତି—ଅନ୍ଧ ଦିଗନ୍ତ

[ଶୁକ୍ଳା ତିଥି, ତାର ସ୍ୱର, ବୁଦ୍‌ବୁଦ୍ ଶବ୍ଦଗୁଡ଼ିକ ଓଡ଼ିଆ ଭାଷାକୁ ସଂସ୍କୃତରୁ ଆମଦାନୀ । ଏଗୁଡ଼ିକ ସାଧାରଣ ଓଡ଼ିଆ ବୁଝନ୍ତି କମ୍ ।]

(ଠ) ଯେତେବେଳେ ବଳଦଗାଡ଼ି ଖଣ୍ଡିକରେ ଜିନିଷପତ୍ର ବୋଝେଇ କରି ଅଣି ବାପଘରେ ପହଞ୍ଚିଲି ସେତେବେଳେ ବୁଢ଼ା ଦଳର ଖାଁ ଦାଣ୍ଡ-ପିଣ୍ଡାରେ ବସି ବଡ଼ି ତିଆରି କରୁଥିଲା ।

ଟିକଏ ଉଦ୍ଦମଠ ହୋଇ କଣ୍ଠଣ ଗୋଷ୍ଠୀଏ ସ୍ୱତେ ଯେମିତ ଝଡ଼ିଛନ୍ତି ତାହା ଦେଖିବା ଲାଗି ବଲର ଖାଁର ସର ଆଡ଼କ ଉଙ୍କି ଭଙ୍କ ଅନାଉଛନ୍ତି ।

ତା ଆଗରେ ସାକୁଲେଇ ହୋଇ ସବୁ କଥା ବୁଝାଣ୍ଟ କଲା । ସେ ଓଲଟି ସ୍ତ୍ରୀ ପାଖରେ କୈଫିୟତ ଦେଇ କଥାଟାକୁ ସମ୍ଭାଳ ନେବାକୁ ଉପରୋଧ କଲା । ସଚି ରାଉତ-ମାଟିର ତାଜ ।

(ଏଠାରେ ଜବରଦସ୍ତି ଗ୍ରାମ୍ୟତା ଭର୍ତ୍ତି କରିବାର ଚେଷ୍ଟା କରାଯାଇଛି ।)

(ଜ) କ୍ଷୁଧାର୍ତ୍ତିମାନଙ୍କ ଆର୍ତ୍ତନାଦରେ ଦେଶ ଉଚ୍ଛୁଳ ପଡ଼ିଲା । ପକ୍ଷ ଯାଇବା ମାତ୍ରେ ବାଦ୍‌ଶାହାଙ୍କ ଚକ୍ଷୁରୁ ରକ୍ତ ବର୍ଷିବାକୁ ଲାଗିଲା । ସେ ରାଗରେ ପାଗଳ ହୋଇଗଲେ ।

ରାମକୃଷ୍ଣ ଦାସ- ଭଣ୍ଡନ ବିଭୂତି

(ଡ) ରାଟଶାଳରେ ପଡ଼ିଲା ବେଳକୁ କାଳନ୍ଦୀ ନମ୍ବର କରୁଥିଲେ । ନିକଟବର୍ତ୍ତୀ ଗାଁ ସିମିଳା ଓ କେଶରପୁରରେ ତାଙ୍କୁ ସମସ୍ତେ ଚୋଗ ଦେଖିବାକୁ ଲୋଡ଼ନ୍ତି । ଏହାପରେ ତାଙ୍କର ଖ୍ୟାତି କ୍ରମେ ଗ୍ରାମ ଗ୍ରାମାନ୍ତରେ ବ୍ୟାପିଲା ।

ଲକ୍ଷ୍ମୀନାରାୟଣ ସାହୁ-କାଳନ୍ଦୀ କମିଳା

(ଣ) ଏଥିମଧ୍ୟରେ ମଧୁ ଉନ୍ନତ-ନିଶୁଣିର ଦୁଇ ତିନ ଫଳି ଉପରକୁ ଉଠିଯାଇଛି । ମଧୁର ସେହି ଗୃହସ୍ଥ୍ୟ ବଳରେ ସାହେବ ସନ୍ତୁଷ୍ଟ । କିଛିଦିନ ପରେ ଜଣେ ଜମିଦାର ଆକଣ୍ଠ ଋଣଗ୍ରସ୍ତ ହୋଇ ସ୍ୱୀୟ ବଂଶାନ ଜମିଦାରୀ ଦୁଇଲକ୍ଷ ଟଙ୍କା ମୂଲ୍ୟରେ ମଧୁକୁ ବିକ୍ରୟ କଲା । ସେ ସମୟରେ ଜମିଦାରୀର ମୂଲ୍ୟ ଅଧିକ ନ ଥିଲା ।

'ଟଙ୍କାଗଛ'—(ଅତ୍ୟନ୍ତ ଆଞ୍ଚଳିକ ଭାଷା, ଦୁର୍ବଳ ଶୈଳୀ)

(ତ) 'ତାହାକୁ କପର ମଜୁରୀ କରିବାକୁ ହୁଏ ଜାଣିରଖ । × × × × × × ଏ ସ୍କୁଲ କଲେଜର ବାଇଜା ଟୋକା ଗୁଡ଼ାଙ୍କୁ ଦେଖୁନୁ × × × × × ମୋ ଡେକାଳ ବୁଢ଼ିଲା ମାଁ । ତୁ ଏ କେଲେଙ୍କାରରେ ପଶନା । × × × × ବଡ଼ ହାତ ଭାରି ମାଇପିଟା ।

—ଟଥା ନଳସ୍ୟ ଦମୟନ୍ତୀ

[ଶୈଳୀ ଦୁର୍ବଳ । ଅହେତୁକ ଭାବରେ 'ଘରୁଆ' ଭାଷା । ]

(ଥ) ମାଳଗ୍ରାମ ସାବାର କୁଡ଼ିଆଘର ପାଖକୁ ଯାଇ ଦେଖିଲି, ଘରଟା ଖଣ୍ଡିଆଭୂତ ପରି ଦାନ୍ତନିକୁଟି କରି ଛିଡ଼ା ହୋଇଛି । ଘରର ନଡ଼ା-କୁଟା ସବୁ ପବନରେ ଉଡ଼େ ଓଜାଡ଼ ହୋଇ ପଡ଼ୁଛି । ଆଉ ଘର ଭିତରେ ଝର ଝର ହୋଇ ବର୍ଷାପାଣି ପଡ଼ୁଛି । ଗୁରୁଆଡ଼ ଖାଲି ଖାଁ ଖାଁ ହେଉଛି ।

ବାଙ୍କନିଧି ପଟ୍ଟନାୟକ—ଧୂପଗନ୍ଧ।

(ଦ) ଷ୍ଟେସନରୁ ଗଡ଼କୁ ସିଂହଙ୍କ ବସ୍ ଚାଲିଲି । ମାଗୁଣିର ଶଗଡ଼ ମଧ ଚାଲିଲା । କିନ୍ତୁ ବସ୍ ପୁଣି, ଶଗଡ଼ ଖାଲି । ମାଗୁଣୀ ଯେତେ ଆଗରୁ ସ୍ୱଭ ଅଧରୁ ଷ୍ଟେସନରେ ଶଗଡ଼ ହାଜର କଲେ ମଧ ଲୋକେ ଗଲେ ବସ୍‌ରେ । ଯେତେ ନୂଆ ଅଖାର ଗଦି ପକାଇଲେ ମଧ ଲୋକେ ଧାଇଁଲେ ବସ୍ ମୁହଁକୁ । ଯେତେ ହାତଧରି ଡ଼ାକିଲେ ମଧ ଲୋକେ ଗୁହିଁଲେ ବସ୍ ଆଡ଼କୁ । ଦିନେ ଗଲା, ଦୁଇ ଦିନ ଗଲା । ସେ ଦୁଇ ଓଳି ଖାଇକରି ଆସୁଥିଲା । ଓଳିଏ ଖାଇ ଅଇଲା । ସେ ଭାତ ଖାଇ ଆସୁଥିଲା, ତୋରାଣି ପିଇ ଅଇଲା । ସେ ଦୁଇଓଳିରେ ଥରେ ପିଇ ଆସୁଥିଲା; କ୍ରମେ ତିନିଓଳି, ଚୁଲି ଜଳିଲା ନାହିଁ । କାଳିଆ କସରର ଛୁଞ୍ଚି ହାଡ଼ ଦେଖାଗଲା । ସେମାନଙ୍କୁ ଧରି ସେ ଯେତେବେଳେ କାନ୍ଦିଲା— କିଏ କହିଲା ପାଗଳ, କିଏ ବା କହିଲା ବାୟା ।

ଗୋଦାବରୀଶ ମହାପାତ୍ର-ମାଗୁଣିର ଶଗଡ଼ ।
'ଏବେ ମଧ ବଞ୍ଚିଛି' ବହିରୁ ।

ଓଡ଼ିଆ ଭାଷାର ଆଜିର ଗଦ୍ୟ ଭାଷାର ରୂପ କେଉଁ ଦିଗରେ ଗତି କରିବ ତାହା କଳନା କରିବା ସହଜ ନୁହେଁ । ଆଗରୁ କେବେ ଉଦ୍ୟମରେ ପଡ଼ିନଥିବା ଭାବ ବା ଚିନ୍ତା ପ୍ରକାଶ କରିବାକୁ ଓଡ଼ିଆଭାଷାର ଗଦ୍ୟ ଏବେ ଚେଷ୍ଟା କରୁଛି । ବେଳେ ବେଳେ ଅତି-ବୁଦ୍ଧିମାନର ଭାବରେ ପଡ଼ି ଆପଣାର ପାଠକ ବା ଗ୍ରାହକ ବା ଶ୍ରୋତାମାନଙ୍କୁ ଭୁଲି ଯାଇ ଭାଷା ଆପଣାର ବୋଧିକା ସୀମା ହୁଡ଼ୁଛି ଓ ବୈତରଣୀ ନଦୀ ପରି କୂଳ ଲଂଘିଛି । ବିଶେଷତଃ ଯେଉଁଠାରେ ଆଧୁନିକ ବିଜ୍ଞାନ ପ୍ରକୃତି ବିଜ୍ଞାନ ବା ମାନବ ବିଦ୍ୟା-ବିଜ୍ଞାନ-କଥା ଆସିଛି ଅଥବା ଯେହି ବୈଜ୍ଞାନିକ ପ୍ରଣାଳୀରେ ବର୍ଣ୍ଣନା କରିବାର ଉଦ୍ୟମ ହୋଇଛି ( ଯଥା ଗୋପୀନାଥ ମହାନ୍ତିଙ୍କର ଲେଖା ) ସେଠାରେ ଭାଷା ତାର ସ୍ୱଚ୍ଛନ୍ଦ ଗତି ହରାଇବାର ଆଶଙ୍କା ଆସିଛି ଓ ତାହା ସଙ୍କୁଚିତ ହୋଇ ଯାଇଛି ।

ଭବିଷ୍ୟତ ପାଇଁ ଅନ୍ୟ ଭାଷାର ଉଦାହରଣରୁ ଓ ଆମର ନିଜର ଅଭିଜ୍ଞତାରୁ ଏତିକି ଜଣାଯାଇପାରେ ଯେ [୧] ଓଡ଼ିଆ ଭାଷାରେ ସର୍ବନାମରେ ଦ୍ୱିତୀୟ ପୁରୁଷରେ 'ତୁ', 'ତୁମ୍ଭେ' ଓ 'ଆପଣ' ତିନୋଟି ନରହି 'ତୁମେ ବୋଲ ବା ଆପଣ ବୋଲ ଗୋଟିଏ ସର୍ବନାମ ରହିଯିବ। [୨] ତୃତୀୟ ପୁରୁଷରେ ସେ, ତାଙ୍କେ ଓ ସେମାନେ [କଟକ ସହରରେ ଏକବଚନରେ ବେଳେ ବେଳେ ବ୍ୟବହାର ହୁଏ] ଉଠିଯାଇ 'ସେ' ହିଁ ରହିବ ଓ [୩] ସବୁ ତୃତୀୟ ପୁରୁଷର ସର୍ବନାମ ଓ ବିଶେଷ୍ୟ କର୍ତ୍ତା ପଦର ଗୋଟିଏ ପ୍ରକାର କ୍ରିୟା ହୋଇଯିବ। ଯଥା, "ତୁ ଯେତେ ବୋଲିବୁ ବୋଲ, ସରକାରର ହେଡ଼ହାଗୁ(?) ପୋଲ।" ଏଠାରେ ସରକାରର ମାନ୍ୟାର୍ଥ ଲୋପ ପାଇଛି। ଅଥବା ଯଥା "ଏବେ ଆମର ଯେଉଁ ସାହେବ ଆସିଛି ସେଟା ବଡ଼ କଡ଼ା ଲୋକ।" "ଏବେ ଆମର ଯେଉଁ ସାହେବ ଆସିଛନ୍ତି ସେ ବଡ଼ କଡ଼ା ଲୋକ" ଏକଥା ଆଉ ବ୍ୟବହାରରେ ରହିବ ନାହିଁ।

କ୍ରିୟାପଦର ଯାହା ପରିବର୍ତ୍ତନ ହେବ ତାହା ଭବିଷ୍ୟଦ୍ବାଣୀର ଆଲୋଚନାରୁ ସ୍ପଷ୍ଟ ହୋଇଯିବ। ତେଣୁ ସେ ବିଷୟରେ ଏଠାରେ ଉତ୍‌ଥାପନ କରିବା ଅନାବଶ୍ୟକ।

# ଓଡ଼ିଆ ଭାଷାର ଜନ୍ମ କଥା

ଏ ଦୁନିଆ ଭାଷାର ରତ୍ନାକର । ଏବେ ଯେତେବେଳେ ଦାବି ଉଠିଲାଣି ଯେ ଭାରତରେ ଚଉଦଟା ଭାଷା ଚଳୁ, କାଲି ନିଶ୍ଚୟ ଦାବି ଉଠିବ ଚଉଦଟା କାହିଁକି ଯେତେ ଭାଷାରେ ଭାରତଭୂମିର ଲୋକେ କଥା କହନ୍ତି ସବୁ ଭାଷା ଚଳୁ ।

ସେତେବେଳେ ମନେ ମନେ ଏକଥା ଆସେ, ଏତେ ଗୁଡ଼ିଏ ଭାଷା ହେଲା କାହିଁକି ? ହାତୀ, ଚଢ଼େଇ, ମେଣ୍ଢା, ଭଅଁର, ଶିଆଳ, ଘୋଡ଼ା, ଗୋରୁ ପ୍ରଭୃତି ବିଭିନ୍ନ ଜୀବ ଜନ୍ତୁଙ୍କର ଗୋଟିଏ ରାହା, ଗୋଟିଏ ଭାଷା । ସେମାନେ ଏକଭାଷୀ ; କେବଳ ଲୁଆଉ ଜଣାପଡ଼ୁଛି, ବହୁଭାଷୀ । ତେବେ ମନୁଷ୍ୟ କାହିଁକି ଏକଭାଷୀ ହେଲା ନାହିଁ ?

ଖ୍ରୀଷ୍ଟାନଙ୍କର ବାଇବେଲର ବାବେଲ ଗମ୍ବୁଜ କାହାଣୀରେ ଅଛି ଯେ, ପୂର୍ବେ ମଣିଷ ଏକଭାଷୀ ଥିଲା । ଅର୍ଥାତ୍ ସବୁ ମଣିଷ ଗୋଟିଏ ଭାଷାରେ କଥା କହୁଥିଲେ । ସେମାନେ ଈଶ୍ୱରଙ୍କ ସାଙ୍ଗରେ ବାଦ ସାଧିଲେ ; ତେଣୁ ମହାପ୍ରଭୁ ପରମେଶ୍ୱର ସେମାନଙ୍କର କଥାର ଭାଙ୍ଗ ଅଡୁଆ ତଡୁଆ କରିଦେଲେ । ଏ ହେଉଛି ଖ୍ରୀଷ୍ଟ ଜନ୍ମ ପୂର୍ବର ଛଅଶହ ବର୍ଷ ତଳର କଥା । ତେବେ ଏହି କାହାଣୀରେ ବୋଧହୁଏ ଏତିକି ସତ୍ୟ ଅଛି ଯେ, ପୃଥିବୀର ଅନେକଗୁଡ଼ିଏ ଭାଷାରେ ବହୁତ ମେଳ ଅଛି । ତେଣୁ ଭାଷାମାନଙ୍କର ବଂଶାବଳୀ ଠିକ୍ କରାଯାଇପାରେ । କେତେକ ଭାଷା ପରସ୍ପର ନିକଟ ସଂପର୍କ । କେତେକ ଦୂର, କେତେକ ବହୁଦୂର । ଭାଷା ଏବେ ପରସ୍ପରଠାରୁ ଚେଚହେବାରେ ଭିନ୍ନ ଦେଖାଯାଉଥିଲେ ବି କେତେକ ସେମାନେ ଜ୍ଞାତି ଭାଇ ଭଉଣୀ । ଏଠାରେ ଚେଚହେଲା ବୋଇଲେ ଉଚ୍ଚାରଣ, ବ୍ୟାକରଣ, ଶବ୍ଦସମ୍ଭାର, ବାକ୍ୟବିନ୍ୟାସ ଇତ୍ୟାଦିର ସମନ୍ୱୟ ।

ଓଡ଼ିଆ ଭାଷା ଏହିଭଳି ଗୋଟିଏ ବଂଶାବଳୀର ଶାଖା । ଭାଷାତତ୍ତ୍ୱ-ଜ୍ଞାମାନଙ୍କ ମତରେ ୟୁରୋପର ଅଧିକାଂଶ ଓ ଏସିଆର କେତୋଟି ଭାଷା ଗୋଟିଏ ଗୋତ୍ରର ବା ଗୋଷ୍ଠୀର । ଏବେ ଆମେ ଓଡ଼ିଆ ଭାଷାର ଭଗିଣୀ ହିସାବରେ ବଂଗ, ଅସମିୟା, ମୈଥିଳୀ, ବ୍ରଜ ଭାଷା ଇତ୍ୟାଦି-ମାନଙ୍କୁ ଚହ୍ନି ପାରିବା । ତେବେ ଓଡ଼ିଆ ସାଙ୍ଗରେ କାଶ୍ମୀର ବା ଏପରିକି ଇଂରାଜ, ଜର୍ମାନ, ଫରାସୀ ଇତ୍ୟାଦି ଭାଷା ବି ଯେ ଏକା ଗୋତ୍ରର ଏକଥା ବାହାର୍ତ୍ତ ଠଉରାଇବା କଷ୍ଟ । ତେବେ ପଣ୍ଡିତମାନେ ନିଶ୍ଚିତ ଯେ ଏମାନେ ଏକା ବଂଶର । ଏମାନଙ୍କର ପିତୃପୁରୁଷ ଜଣେ ।

ଏହି ପିତୃପୁରୁଷଙ୍କୁ କେତେକ କହନ୍ତି ଆର୍ଯ୍ୟ, କେତେକ ହିନ୍ଦ୍-ଜର୍ମାନିକ୍, କେତେକ ହିନ୍ଦ-ଇଉରୋପୀୟ । ତେବେ ଏବେ ଆଉ ଆର୍ଯ୍ୟ ଭାଷା ବ୍ୟାପକ ଅର୍ଥରେ ଚଳୁନାହିଁ । ଆର୍ଯ୍ୟଭାଷା ବୋଲି କହିଲେ କେବଳ ସଂସ୍କୃତ, ପ୍ରାକୃତ ଓ ଆଜିର ସଂସ୍କୃତ-ପ୍ରାକୃତର ଅପଭ୍ରଂଶ ଉତ୍ତର ଭାରତୀୟ ଭାଷା ଓ ପାରସ୍ୟର ଭାଷାକୁ ବୁଝାଉଛି । ତା' ଛଡ଼ା ହିଟଲର ଏହି ଆର୍ଯ୍ୟ ଶବ୍ଦକୁ ତ ଦୂଷିତ କରି ଦେଇଛନ୍ତି । ତେଣୁ ଏହି ଶବ୍ଦକୁ ଇଉରୋପରେ ବ୍ୟବହାର ନ କଲେ ଚାହି । ଆର୍ଯ୍ୟ ଶବ୍ଦଟା ବହୁ କାରଣରୁ ଏଭଳି ଗୋଟିଏ ବିଗିଡ଼ା ଶବ୍ଦ ହୋଇଯାଇଛି ଯେ, ଦକ୍ଷିଣ ଭାରତର ଦ୍ରାବିଡ଼ ଭାଷାମାନଙ୍କର ବିପରୀତ ଭାବରେ ଆର୍ଯ୍ୟ ବୋଲି କହିବାକୁ ଅନେକଙ୍କର ଶଙ୍କା । ହିନ୍ଦ-ଜର୍ମାନୀୟ ଭାଷା କହିଲେ ବି ଫରାସୀ, ଇଟାଲୀୟ, ସ୍ପେନୀୟ, ରୁମାନୀୟ ଭାଷାମାନେ ଓ ରୁଷ ଜାତୀୟ ସ୍ଲାଭମାନେ ମୁହଁ ଶୁଖାଇବେ । କାରଣ ଏ ଦୁଇଟି ଗୋଷ୍ଠୀ, ରୋମାନ୍ସ ଓ ସ୍ଲାଭ, ଜର୍ମାନ ପଙ୍ଗତରେ ବସନ୍ତି ନାହିଁ, [ଇଂରେଜମାନେ ବସନ୍ତି] ତେଣୁ ଏହି ପିତୃପୁରୁଷଙ୍କର ନାମ ହିନ୍ଦ୍-ଇଉରୋପୀୟ ବୋଲି କହିବା ସବୁଠୁଁ ନିର୍ଦ୍ଦୋଷ ହେବ ।

ପରପୃଷ୍ଠାରେ ଏହି ହିନ୍ଦ୍-ଇଉରୋପୀୟ ବଂଶାବଳୀର ବଂଶବୃକ୍ଷ ଦିଆଯାଇଛି ।

ଯିଶୁଖ୍ରୀଷ୍ଟ ଜନ୍ମ ହେବାର ୩୦୦୦ ଠାରୁ ୩୫୦୦ ବର୍ଷ ପୂର୍ବେ ଦଳେ ବାରବୁଲା ଲୋକ କୃଷ୍ଣସାଗର କୂଳରେ ଏଠା ସେଠା ହେଉ-ଥିଲେ । କେତେକଙ୍କ ମତରେ ସେମାନେ ସାଇବେରିଆ ଷ୍ଟେପିସ୍ ପଡ଼ିଆ ପର୍ଯ୍ୟନ୍ତ ବି ଚମକ ଯାଇଥିଲେ । ଏମାନେ ଆପଣା ଚଲାବାଟରେ ନିଜ ଭିତରେ ବିଭକ୍ତ ହୋଇଗଲେ ଓ ଇଉରେସିଆ ମହାଭୂଖଣ୍ଡରେ ଚତୁର୍ଦ୍ଦିଗରେ ଦଳ ଦଳ ହୋଇ ଖେଳିଗଲେ । ଗଲାବେଳେ ଅବଶ୍ୟ ସମସ୍ତଙ୍କ ମୁହଁରେ ପୈତୃକଭାଷା [ବା ମାତୃଭାଷା] ଥିଲା । କିନ୍ତୁ ପରସ୍ପରଠୁଁ ବିଭିନ୍ନ ହୋଇ ସେମାନେ ଦେଶ-କାଳ-ପରିବେଶ-ପାତ୍ର ଭେଦରେ ଯେଉଁ ବାଟରେ କଥାର ଗୁହା ମେଲିଦେଲେ । ଏଭଳି କେତେ ବର୍ଷ ପରେ କେତେଗୁଡ଼ିଏ ଉପଭାଷା ବି ସୃଷ୍ଟି ହୋଇ ଯାଇଥିଲା । ଯାହାକୁ ବୋଲିବା ଭାଷା ବା ଡାଏଲେକ୍ଟ କହୁଛନ୍ତି । ସୃଷ୍ଟି ଯେ ଦେଶେ ଯାଇ ସେ ଫଳ ଖାଇ ଖାଉରେ ସେମାନେ ବି ନୂଆ ନୂଆ ପଦାର୍ଥ ଆଉ ନୂଆ ନୂଆ ବୃତ୍ତି ବା ପେଷା ପାଇଁ ନୂଆ ପଦମାନ ଆପଣା କଥାଭାଷାରେ ଯୋଡ଼ିଲେ । ଯେଉଁମାନେ ଆମ୍ବ ଦେଶକୁ ଗଲେ ସେମାନେ ଆମ୍ବ ଫଳକୁ ଆମ୍ବ ବୋଲି ନାଁ ଦେଲେ । ଯେଉଁମାନେ ବରଫ ଦେଶକୁ ଗଲେ ସେମାନେ ବରଫକୁ ଆଗେ ଚହ୍ନି ତା'ପରେ ତାର ନାଁ ରଖିଲେ । ଯେଉଁ ଅଞ୍ଚଳରେ ଯିଏ ଯେଉଁ ଜୀବିକାକୁ ପ୍ରଧାନ କରି ଆଦରିଲେ ସେହି ଜୀବିକାକୁ କେନ୍ଦ୍ର କରି କ୍ରିୟାପଦ ତିଆରି କଲେ । ଯଥା—ମାଛ ଧରିବା, କାଠ କାଟିବା, ଗାଈ ଦୁହିଁବା, ଜମି ଚଷିବା ଇତ୍ୟାଦି ।

ଏତିକବେଳେ ଏହି ସାବକ ପୈତୃକ ଭାଷାରୁ ସବମୋଟ ଆଠୋଟି ବଡ଼ ଭଉଣୀ ବାହାରିଥିଲେ । ଏମାନେ ସେ ଯାଏ ଉପଭାଷା ଥିଲେ । ଏମାନେ ବି କାଳକ୍ରମେ ବୁଢ଼ାବାଢ଼ି ହୋଇଗଲେ । ଏହି ଚିରନ୍ତନ ଧାରା ତ ଛୁଟିଲା । ଶେଷରେ ଏମାନଙ୍କ ଭିତରେ କ୍ଷୀଣ କ୍ଷୀଣରେ ସଂବନ୍ଧ ବା ବନ୍ଧନରେ ବନ୍ଧା ହୋଇ ନାନାପ୍ରକାର ଭେଦର ଭାଷା-ସର୍ଜନା ହେବାରେ ଲାଗିଲା । ପୂର୍ବରୁ ଦିଆଯାଇଥିବା ଚାଟରୁ ଏହି ବଂଶାବଳି ବିଷୟରେ କିଛି ଧାରଣା କରିହେବ । ତେବେ ଦ୍ରାବିଡ଼, ଅଷ୍ଟ୍ରିକ [ମୁଣ୍ଡା, ଓରାଁ, ନାଗା, ମିଜୋ ଇତ୍ୟାଦି ଆଦିବାସୀ] ସେମିଟିକ [ହିବ୍ରୁ, ଆରବ ଇତ୍ୟାଦି] ଓ ଚୈନିକ ଚ଼ଭୃତି ଭାଷାମାନଙ୍କର ଏହି ବଂଶ ସାଙ୍ଗରେ ସଂପର୍କ ଏପର୍ଯ୍ୟନ୍ତ ସ୍ଥିର ହୋଇ ନ ଥିବାରୁ ସେମାନେ ଏହି ବଂଶାବଳିରେ ସାମିଲ ନୁହନ୍ତି । ସେମାନେ ଏଥିରେ ସାମିଲ ନ ଥିବାରୁ ବି ଅନେକ ଭାଷାବିତ୍‌ଙ୍କର ଧାରଣା

## ଇଣ୍ଡୋ-ୟୁରୋପୀୟ ବଂଶବୃକ୍ଷ



ଯେ ଏମାନେ ବୋଧହୁଏ ପୃଥିବୀର ବିଭିନ୍ନ ସ୍ଥାନରେ ଏକ ସମୟରେ ଜନ୍ମ ନେଇଥିଲେ । କିନ୍ତୁ ଏକଥା ଠିକ୍ ଯେ ଏହି ଭାଷାମାନେ କେବଳ ହିନ୍ଦୋ-ଇଉରୋପୀୟଙ୍କ ଠାରୁ ଭିନ୍ନ ନୁହନ୍ତି, ଏମାନେ ମଧ୍ୟ ପରସ୍ପର ଭିତରେ ଏକା ଗୋଷ୍ଠୀର ନୁହନ୍ତି ।

## ଆଦିମାନଙ୍କର ସାଦୃଶ୍ୟ

ହିନ୍ଦ-ଇଉରୋପୀୟ ଭାଷା ବିଷୟରେ ଆମର ଏ ଯାଏ ପ୍ରତ୍ୟକ୍ଷ ସିଧାସଳଖ ଧାରଣା ନାହିଁ । ଏମାନଙ୍କର ଶବ୍ଦସମ୍ଭାର ସୀମିତ ଥିଲା । ତେବେ ଏ ଭାଷାଗୁଡିକ ଖୁବ୍ ସରଳ ଭାଷା ନ ଥିଲେ । ବରଂ, କହିବାକୁ ହେଲେ, ଜଟିଳ ଥିଲେ । ଭାବ ପ୍ରକାଶରେ ସରଳତା ଆଉ ସଳଖପଣ ଉଚ୍ଚକୋଟିର ବୁଦ୍ଧି ଓ ସଭ୍ୟତାର ଲକ୍ଷଣ । ସେଥିପାଇଁ ଭାଷାର ବିକାଶ ସଙ୍ଗେ ସଙ୍ଗେ ଶବ୍ଦରେ ଅନାବଶ୍ୟକ ବିଭକ୍ତି ଯୋଗ, ଅନାବନା ଓ ଓଲଟା ସିଧା ପଦ ଲୋପ ପାଇଥାଏ । ପୁରୁଣା ଭାଷାରେ ଲିଙ୍ଗ, ବଚନ କାରକ, ବିଭକ୍ତିର ଯେତେ ଗୋଳମାଳ ଥାଏ ତାହା ଏବର ଭାଷାରେ ସେତେ ଦେଖିବାକୁ ମିଳେ ନାହିଁ । ଏହି କାରଣରୁ ଅଷ୍ଟ୍ରେଲିଆର ଆଦିମ ଅଧିବାସୀଙ୍କ ଭିତରେ ଚଳୁଥିବା ଭାଷାସବୁ ଆଧୁନିକ ଭାଷାମାନଙ୍କ ଭିତରେ ସବୁଠୁଁ ଜଟିଳ । ଜଣେ ଅଧାପାଠୁଆ ବା ଅଳ୍ପ ବୁଦ୍ଧିଆ ଲୋକ ନିଜ କଥା କହିଲା ବେଳେ ଯେଉଁଭଳି ଗୋଳିଆ ଘୋଳିଆ କରି କଥା କହେ ଜଣେ ପୂରା ପାଠୁଆ ବା ପୂରା ବୁଦ୍ଧିଆ ଲୋକ ସେଭଳି କହେ ନାହିଁ ।

ଉଦାହରଣ ସ୍ୱରୂପ, (ଭାଷାର ଜଟିଳତାର ଗୋଟିଏ ନମୁନା) ଆଗେ ଇଣ୍ଡୋ-ଇଉରୋପୀୟମାନେ (ହିନ୍ଦ-ଇଉରୋପୀୟ) 'ମୁଣ୍ଡ' ପାଇଁ ଯୋଡ଼ିଏ ଶବ୍ଦ ରଖିଥିଲେ । 'ମୋ ମୁଣ୍ଡ' ପାଇଁ ଗୋଟିଏ ଶବ୍ଦ ଓ 'ତୋ ମୁଣ୍ଡ' ପାଇଁ ଆଉ ଗୋଟିଏ । ତା'ପରେ ଯେତେବେଳେ ଚତୁରବୁଦ୍ଧିର ବିକାଶ ହେଲା ସେତେବେଳେ ଲୋକଙ୍କର ଖିଆଲ ହେଲା ଯେ, 'ମୁଣ୍ଡ' ଗୋଟିଏ ଜିନିଷ । ବ୍ୟକ୍ତିବିଶେଷର 'ମୁଣ୍ଡ' ଭିତରେ କିଛି ଫରକ ନାହିଁ । କେବଳ 'ମୁଣ୍ଡ' ବୋଲି ଗୋଟିଏ ଶବ୍ଦ ରଖି ସେଥିରେ 'ତୋର' 'ମୋର' ଲୋଡ଼ା ମୁତାବକ ଯୋଡ଼ିଲେ କାମ ଚଳିବ ।

ଏବେ ବି ପୈତୃକ ଭାଷାର ଚିହ୍ନ ସବୁ ହିନ୍ଦ-ଇଉରୋପୀୟ ଗୋଷ୍ଠୀର ଭାଷାରେ ଖୋଜିଲେ ମିଳିବ, ଠିକ୍ ଯେମିତି ମାଟି ତଳର ପଥର

ଦେହରେ ଫସିଲର ଚିହ୍ନ ମିଳୁଛି । ଆଜିର ୟୁରୋପୀୟ ଭାଷାମାନଙ୍କରେ (ଆଉ ପୁରୁଣା କାଳର ଭାଷାରେ) ବ୍ୟକ୍ତିଗତ ସର୍ବନାମଗୁଡ଼ିକ ଏକ-ବଚନରେ ପ୍ରାୟ ଏକାଭଳି । ଆଜିର ଇଂରେଜି କ୍ରିୟାର **'to have'** ର ଆଧୁନିକ ଜର୍ମାନ୍, ଓଲନ୍ଦାଜ ଭାଷା ଓ ଅନ୍ୟାନ୍ୟ ଭାଷାର ସେହି କ୍ରିୟା ସଙ୍ଗେ ମେଳ ଅଛି । **'father', mother'. 'brother'** ପ୍ରଭୃତି ସଂସ୍କୃତ ପିତର, ମାତର, ଭ୍ରାତର ଇତ୍ୟାଦି ଶବ୍ଦର ମେଳ ବି ସ୍ପଷ୍ଟ । ତେବେ ଖୁଡ଼ୀ, କକେଇ, ଭଣଜା, ଭାଣିଜୀ ପ୍ରଭୃତି ଟିକିଏ ଦୂର ସଂପର୍କ ବେଳକୁ ଏହି ମେଳ ଦୂର ହୋଇଯାଇଛି । ଏଥିରୁ ମନେ କରିବାର କାରଣ ଅଛି ଯେ, ହିନ୍ଦ-ଇଉରୋପୀୟ ଭାଷାର ପହିଲ ଭୋର ବେଳେ ସେମାନେ ବାପ, ମା, ଭାଇ ପ୍ରଭୃତି ନିକଟ ସଂପର୍କ ଛଡ଼ା ଅନ୍ୟ ସଂପର୍କକୁ ଚିହ୍ନଟ କରିବାକୁ ଶିଖି ନ ଥିଲେ । ତେଣୁ ଏସବୁ ଦୂର ସଂପର୍କଙ୍କ ଲାଗି ସେତେବେଳକୁ ଶବ୍ଦ ଆହୁରି ତିଆରି ହୋଇ ନ ଥିଲା । ଏଠାରେ ସଂଖ୍ୟାଗୁଡ଼ିକର ନାମକରଣ ବି ଲକ୍ଷ୍ୟ କରିବାର କଥା । ଏକ, ଦୁଇ, ତିନି, ଚାରି, ପାଞ୍ଚ, ଛଅ, ସାତ, ଆଠ, ନଅ, ଦଶରୁ ସଂସ୍କୃତ ଏକ, ଦ୍ୱୀ, ତ୍ରି, ଚତୁଃ, ପଞ୍ଚ, ଷଟ୍, ସପ୍ତ, ଅଷ୍ଟ, ନବ, ଦଶ ସାଙ୍ଗରେ ଲାଟିନ୍ ଉନସ୍ (ଗ୍ରିକ୍ ଆଇସ୍) ଡ୍ୱୋ (ଡ୍ୱୋ); ଟ୍ରେସ (ଟ୍ରି ସ୍); କ୍ୱାଟୁଆର, ଟେସାର୍ (କ୍ୱିନକ୍ୱେ), ପେଣ୍ଟେ; ସେକ୍ସ (ହେକ୍ସ) ସିକ୍ସ; ସେପ୍ଟେମ୍ ହେପ୍ଟା; ଅକ୍ଟୋ, ଅକ୍‌ଟୋ; ନୋଭେସ୍, ଏନିଆ, ନାଇନ୍; ଡେସେମ୍, ଡେକା ଇତ୍ୟାଦି ପରସ୍ପରଠାରୁ କେତେ ନିକଟବର୍ତ୍ତୀ ତାହା ବୁଝିବା କଷ୍ଟକର ନୁହେଁ ।

ତେବେ 'ଦଶ'ଡେଇଁ 'ଏଗାର', 'ବାର', 'ତେର' ବେଳକୁ ଏହି ମେଳକ ଆଉ ରହୁନାହିଁ । ଓଡ଼ିଆ, ବଙ୍ଗଳା, ଅସମିୟା ଇତ୍ୟାଦିର କିଛି କିଛି ମେଳକ ଅଛି କାରଣ ଏମାନଙ୍କର ପ୍ରାକୃତରୁ ବିଭାଗ ହେଲା-ବେଳକୁ ଦଶ-ପର ସଂଖ୍ୟାର ପ୍ରଚଳନ ହୋଇ ଯାଇଥିଲା । ବୋଧହୁଏ ଦଶରୁ କୋଡ଼ିଏ ଯାଏ ହିସାବ ପ୍ରଥମେ ଚଳୁଥିଲା । ତେଣୁ ଏବେ ବି ସାଧାରଣ ପାଠ-ଅପଢ଼ୁଆ ଲୋକେ କୋଡ଼ିରେ ହିସାବ କରନ୍ତି ଓ ଚାରି କୋଡ଼ିକୁ ପଣ ପଣ ବୋଲି ଓଡ଼ିଆରେ ହିସାବ କରାଯାଏ । 'କୋଡ଼ି' ବୋଧହୁଏ ହାତର ଦଶୋଟି ଆଙ୍ଗୁଠି ଓ ଗୋଡ଼ର ଦଶୋଟି ଆଙ୍ଗୁଠିକୁ ନେଇ ହିସାବ ହୋଇଥିଲା । ମୋଟ କଥା, ସେ କାଳ ମଣିଷମାନେ ଆଙ୍ଗୁଠିରେ ଗଣୁଥିଲେ ତେଣୁ ପହିଲ ପ୍ରଥମ ଦଶରୁ ଆଉ ବେଶି ଦୂରକୁ ଯିବାର ସୁବିଧା ନ ଥିଲା । ହିନ୍ଦ-ଇଉରୋପୀୟମାନେ ଆପଣା ଭିତରେ

ଗୁଡ଼ବାଡ଼ ହେବାଯାଏ ଏମାନେ ଦଶ ପର୍ଯ୍ୟନ୍ତ ଗଣି ଶିଖିଥିଲେ । ଦଶରୁ ଉପରକୁ ଗଣିବାର ଅଭ୍ୟାସ ହେଉଛି ଏହି ଗୁଡ଼ବାଡ଼ର ପରବର୍ତ୍ତୀ କାଳର କଥା । ତେଣୁ ପ୍ରତ୍ୟେକ ଭାଷା ସ୍ୱତନ୍ତ୍ର ଭାବରେ ଏଗାର, ବାର, ତେର ପାଇଁ ସେହି ଶବ୍ଦ ତିଆରି କରିଥିବେ ।

ଡକ୍ଟର ହେନରି ବେଟ୍ ତାଙ୍କର ଶବ୍ଦ ରାଜ୍ୟରେ ବିଚରଣ (୧୯୩୭) (**Wandering Amongst Words**) ନାମକ ପୋଥିରେ ଦର୍ଶାଇଛନ୍ତି ଯେ ଲବ୍ରାଡ଼ରରେ 'ପାଞ୍ଚ' ଆଉ 'ହାତ' ଏହି ଦୁଇଟି ଧାରଣା ପାଇଁ ଗୋଟିଏ ଶବ୍ଦ ରହିଛି । ଶ୍ୟାମରେ ବି 'ପାଞ୍ଚ' ଆଉ 'ହାତ' ଏହି ଦୁଇଟି ଅର୍ଥ ବୁଝାଇବା ପାଇଁ ଗୋଟିଏ ଶବ୍ଦ ଚଳୁଛି । କାହିଁ କାନାଡ଼ାର ଲବ୍ରାଡ଼ର କାହିଁ ଦକ୍ଷିଣ ପୂର୍ବ ଏସିଆର ଶ୍ୟାମ (ଥାଇଲାଣ୍ଡ) ! ତେବେ ଏଥିରୁ ଏହି ଗୋଟିକ ସୂତ୍ର ମିଳୁଛି ଯେ ପାଞ୍ଚଯାଏ ଗଣିଲେ ଗୋଟିଏ ହାତର ଆଙ୍ଗୁଠି ସରୁଛି । ତେଣୁ 'ପାଞ୍ଚ' ହେଲା ଗୋଟିଏ ହାତ ଆହୁରି କୌତୁକ କଥା ଯେ ରୋମାନ୍ ମାନଙ୍କର **i, ii, iii, iiii; v** ବେଳକୁ ଗୋଟିଏ ନୂଆ ଶବ୍ଦ ଚଳୁଛି । ଏହାର ଅର୍ଥ ପାଞ୍ଚ ପୂରା ହୋଇଗଲେ ଗୋଟିଏ ନୂଆ ଥାକ ସରିଲା ବୋଲି ରୋମାନ୍‌ମାନେ ବୁଝୁଥିଲେ ।

ହାତରେ ଗଣିବା ଅଭ୍ୟାସ ଏବେ ବି ଚାଲିଛି । ହାଟୁଆ ବାଟୁଆ ଲୋକେ, ବାହୁତ ସ୍କୁଲ ପିଲାଏ ମିଶାଣ ଫେଡ଼ାଣ ବେଳେ ଆଙ୍ଗୁଠିରେ ଗଣିବାକୁ ଏବେ ବି ଛାଡ଼ି ନାହାନ୍ତି । ଏହାଠାରୁ ଆହୁରି ଜଟିଳ ଗଣନା ପାଇଁ ପୂର୍ବେ ବାଲିଗରଡ଼ା ବ୍ୟବହାର ହେଉଥିଲା । ଏବେ ତାହାକୁ ଗଣ୍ଠି ମାଳାରେ କରୁଛନ୍ତି । ଲାଟିନ୍‌ରେ ବାଲିଗରଡ଼ାକୁ କାଲକୁଲସ୍ କହନ୍ତି । ଏଥିରୁ ଇଂରାଜୀ ଶବ୍ଦ ବାହାରିଛି 'କାଲକୁଲେସନ' ଯାର ଅର୍ଥ ହେଲା 'ହିସାବ କରିବା' । କାଲକୁଲସ ଭଳି ଏକ ସରଳ ବ୍ୟାପାର ଆଜି ଗଣିତ ଶାସ୍ତ୍ରରେ ସର୍ବୋଚ୍ଚ ଗଣନାରୀତିର ନାମ ହୋଇଯାଇଛି । ଏହା ହିଁ ଶବ୍ଦର ଅଦ୍ଭୁତ କ୍ରିୟାକଳାପ ।

## ଭାରତୀୟ ଭାଷା ମାନଙ୍କର ଉତ୍ପତ୍ତି

ଡକ୍ଟର ସୁନୀତି ଚଟର୍ଜି ତାଙ୍କର 'ଆଧୁନିକ ଭାରତୀୟ ଭାଷା ଓ ସାହିତ୍ୟ' ନାମକ ପୋଥିରେ ଦର୍ଶାଇଛନ୍ତି ଯେ ହିନ୍ଦ-ଇଉରୋପୀୟ ମୂଳ ଭାଷାର ଏକ ଶାଖା, ହିଟ୍ଟାଇଟ୍‌ମାନେ, ପ୍ରାୟ ଖ୍ରୀଷ୍ଟପୂର୍ବ ୨୦୦୦ ସାଲରେ ଏସିଆ ମାଇନର ଅଞ୍ଚଳରେ ବସତି କରିଥିଲେ । ଏଇଠି

ସେମାନେ ଏକ ବିଶାଳ ସାମ୍ରାଜ୍ୟ ଗଢ଼ିଥିଲେ । ହିନ୍ଦ-ଇଉରୋପୀୟ-ମାନଙ୍କର ଆଉ ଏକ ଶାଖା ବଲଟିକ୍ ଆଉ ସ୍ଲାଭ ଭାଷା ଭିତରୁ ଫିଟି ୨୨୦୦ ଖ୍ରୀଷ୍ଟପୂର୍ବ ବେଳକୁ ମେସୋପୋଟେମିଆ ବା ଆଜିର ଇରାକ ବାଟ ହୋଇ ଆସିଥିଲେ । ସେଇଠି କେତେକ ବସବାସ କରି ରହିଗଲେ । ଆଉ ସେମେଟିକ ଭାଷା ଭିତରେ ହଜମ ହୋଇ ହଜିଗଲେ । ଆଉ ଥୋକେ ପୂର୍ବକୁ ମାଡ଼ି ଚାଲିଲେ । ବାଟରେ ପାରସ୍ୟ ବା ଇରାନ୍‌ରେ ଥୋକେ ରହିଲେ । ଏମାନେ ମାଜା, ପାର୍ସୀ ଓ ଶକନାମରେ ବିଦିତ । ବାକି କେତେକ ଉପଜାତି ଯଥା ଭାରତ, ଭୃଗୁ, ଧ୍ରୁହ୍ୟୁ, ତ୍ରିଷ, ସଞ୍ଜୟ ଅଇନାସ ଭାରତ ଆଡ଼କୁ ମାଡ଼ି ଆସିଥିଲେ । ଏଇଟା ଖ୍ରୀଷ୍ଟପୂର୍ବ ୧୫୦୦ ବେଳର ଘଟଣା ।

ଏହିମାନେ ଭାରତର ବିଭିନ୍ନ ଅଞ୍ଚଳରେ ବିଭକ୍ତ ହୋଇଯାଇଥିଲେ । ସେତେବେଳେ ଭାରତ ଥିଲା ଅଣ-ଆର୍ଯ୍ୟମାନଙ୍କର ସଭ୍ୟତାର ଲୀଳାଭୂଇଁ । ଦ୍ରାବିଡ଼ମାନେ ନଗରରେ ଆଉ ଅଷ୍ଟ୍ରିକମାନେ ଗାଁ ଗହଳରେ ସେତେବେଳେ ବସତି କରିଥାଆନ୍ତି । ଆର୍ଯ୍ୟମାନେ ସେତେବେଳେ ବହୁ ପରିମାଣରେ ଗୋଚାରଣ-ଜୀବୀ ଓ ଅଧା-ଯାଯାବର ଥିଲେ । ସାମାନ୍ୟ କୃଷି ବୃତ୍ତି ବି ଧରିଥିଲେ । ଭାରତୀୟ ଅଣ-ଆର୍ଯ୍ୟ ସଭ୍ୟତା ସହିତ ମିଶିବା ପୂର୍ବରୁ ପାରସ୍ୟଠାରେ ସେମାନେ ସେହି ସଭ୍ୟତାର ପ୍ରଭାବରେ ପଡ଼ି ସାରିଥିଲେ । ଭାରତରେ ତେଣୁ ଆର୍ଯ୍ୟ ଭାଷା ପାରସ୍ୟ ଭାଷାଠାରୁ ବ୍ୟାକରଣ ଓ ଉଚ୍ଚାରଣରେ ବହୁତ ଫରକ ହୋଇଯାଇଥିଲା । ତେଣୁ ବି ପୁରୁଣା ଇରାନୀୟ ଭାଷାଠାରୁ ପୁରୁଣା ହିନ୍ଦ-ଆର୍ଯ୍ୟ ଭାଷାରେ ପ୍ରଭେଦ ଏଇଠି ଆସି ଯାଇଥିଲା ।

ଏତିକବେଳେ ହିଁ ବେଦର ଉତ୍ପତ୍ତି । ସିଏ ଖ୍ରୀଷ୍ଟ ଜନ୍ମର ଏକ ହଜାର ବର୍ଷର ପୂର୍ବକାଳ । ଆର୍ଯ୍ୟଭାଷାରେ ଲୋକେ ମୁଖରେ ଯେଉଁ ସ୍ତୋତ୍ର, ମନ୍ତ୍ର ଆଉ ନାନା କର୍ମକର୍ମାଣିର ରୀତିପଦ୍ଧତି ଧରି ରଖିଥିଲେ ସେଥିରୁ କୃଷ୍ଣ ଦ୍ୱୈପାୟନ ବ୍ୟାସ ଋକବେଦ ସଂକଳନ କରିଥିଲେ । ଡକ୍ଟର ସୁନୀତି ଚାଟର୍ଜୀ କହନ୍ତି ବ୍ୟାସଦେବ ଅଣ-ଆର୍ଯ୍ୟ-ରକ୍ତ-ସମ୍ଭୂତ ଥିଲେ ।

ଋକ ବେଦର ସଂହିତାର ଭାଷା ହେଉଛି ଭାରତୀୟ ଆର୍ଯ୍ୟଭାଷାର ପୁରାତନ ରୂପ । ଆର୍ଯ୍ୟମାନେ ଭାରତକୁ ଯେଉଁ ବିଭିନ୍ନ ଉପଭାଷା ଆପଣା ମୁହେଁ ମୁହେଁ ନେଇ ଆସିଥିଲେ ବୈଦିକ ଭାଷା ହେଉଛି ତାହାର

ସାହିତ୍ୟିକ ରୂପ । ପ୍ରାୟ ଖ୍ରୀଷ୍ଟପୂର୍ବ ୭୦୦ ସାଲରେ ଗଂଗା କୂଳେ କୂଳେ ଏହି ଭାଷା ସମସ୍ତ ଉତ୍ତର ଭାରତରେ ବିସ୍ତରିଗଲା । ଅଣ-ଆର୍ଯ୍ୟ, ଦ୍ରାବିଡ଼ ଓ ଅଷ୍ଟ୍ରିକ ଉପଭାଷାମାନେ ଆର୍ଯ୍ୟଭାଷା ଆଗମନରେ ବିଲୟ ଭଜିଲେ । ଆର୍ଯ୍ୟଭାଷା ବି ପ୍ରାକୃତିକ ପରିବର୍ତ୍ତନ ଓ ଅନ୍ୟ ଭାଷାମାନଙ୍କର ସଂସ୍ପର୍ଶରେ ବଦଳିବାକୁ ଲାଗିଲା । ବିଶେଷତଃ ଦ୍ରାବିଡ଼ ଓ ଅଷ୍ଟ୍ରିକ ଭାଷାର ପ୍ରଭାବ ଏହି ଅଦଳବଦଳରେ ବହୁପରିମାଣରେ ସଞ୍ଚିତ ହୋଇଥିଲା । ଆର୍ଯ୍ୟଭାଷାର ଏହି ବିକାଶ-ବିବର୍ତ୍ତନରେ ପଞ୍ଜାବର ଆର୍ଯ୍ୟ-ଭାଷୀମାନେ ଆପଣାର ଭାଷା-ଶୁଦ୍ଧି ରକ୍ଷା କଲେ । ଏପରିକି ଖ୍ରୀଷ୍ଟପୂର୍ବ ୩୦୦ ସାଲ ଯାଏ ସେମାନଙ୍କର ଭାଷା ପ୍ରାଚୀନ ଆର୍ଯ୍ୟଭାଷା ଭାବରେ ରହିପାରିଲା । କିନ୍ତୁ ବିହାର, ପୂର୍ବ ଉତ୍ତର ପ୍ରଦେଶ ଅଞ୍ଚଳରେ ଏହି ଆର୍ଯ୍ୟଭାଷାର ବିବର୍ତ୍ତନ ଦ୍ରୁତ ଗତିରେ ଚାଲିଲା । ଖ୍ରୀଷ୍ଟପୂର୍ବ ୫୦୦ ସାଲ ବେଳକୁ ମଧ୍ୟ-ଆର୍ଯ୍ୟଭାଷା, ପ୍ରାକୃତ ବା ପ୍ରାକୃତର ଜନ୍ମ । ଏହି କଥିତ ଭାଷା ପ୍ରାକୃତ ସିନ୍ଧୁ, ରାଜସ୍ଥାନ, ଗୁଜରାଟ, ଉତ୍ତର ଦାକ୍ଷିଣାତ୍ୟ, ବଙ୍ଗଳା ଓ ହିମାଳୟ ତଳ ଅଞ୍ଚଳଦେଶରେ ପ୍ରବେଶ କଲା ।

## ପ୍ରାକୃତ, ସଂସ୍କୃତ, ଓଡ଼ିଆ

ଏଣେ ପ୍ରାକୃତ ଭାଷା ଉତ୍ତର ଭାରତ ଓ ଉତ୍ତର ଦାକ୍ଷିଣାତ୍ୟରେ ପ୍ରସାର ଲାଭ କରୁଥାଏ । ତେଣେ ବୈଦିକ କଥାକୁ ବ୍ରାହ୍ମଣମାନେ ଗୋଟିଏ ନିର୍ଦ୍ଦିଷ୍ଟ ସାହିତ୍ୟ ଭାଷାରେ ସଂଯୋଜିତ କରିବା ଲାଗି ବର୍ତ୍ତମାନର ପୂର୍ବ ପଞ୍ଜାବ ଓ ପଶ୍ଚିମ ଉତ୍ତରପ୍ରଦେଶ ଅଞ୍ଚଳରେ ଚେଷ୍ଟା ଚଳାଇଥିଲେ । ଏହି ପରବର୍ତ୍ତୀ ବୈଦିକ ଭାଷା ବା ପୁରାଣ ମଧ୍ୟ-ଆର୍ଯ୍ୟଭାଷା ସଂସ୍କୃତ ଭାଷା ନାମରେ ବିଦିତ ହେଲା । ଏହି ଭାଷା ମନୁଷ୍ୟ ସଭ୍ୟତାର ଅନ୍ୟତମ ଶ୍ରେଷ୍ଠ ଭାଷାର ସ୍ଥାନ ଅଧିକାର କଲା । ଭାରତୀୟ ଚିନ୍ତା, ଦର୍ଶନ, ଅନୁଭବ, ବିଜ୍ଞାନବିଦ୍ୟା, କାବ୍ୟ ନାଟକ ଓ ଶିଳ୍ପକଳାର ବାହନ ରୂପେ ସଂସ୍କୃତ ୨୫୦୦ ବର୍ଷରୁ ( ବା ପଞ୍ଜାବରେ ଏହାର ଜନ୍ମର ପାଞ୍ଚଶହ ବର୍ଷ ଧରିଲେ) ୩୦୦୦ ବର୍ଷ ଯାଏ ନିଜର ଅପରିହତ ଆସନ ବଜାୟ ରଖି ଆସିଛି । ବୋଧହୁଏ ଲାଟିନ ଚୀନ ଭାଷା ଆଉ କୌଣସି ଭାଷାକୁ ଛାଡ଼ିଦେଲେ ବୈଦିକ-ସଂସ୍କୃତ ଧର୍ମ ଓ ସଂସ୍କୃତିର ଭାଷା ରୂପେ ପୃଥିବୀରେ ଅଗ୍ରଜ, ହୋମରୀୟ ଗ୍ରୀକ୍ ଓ ଆଟିକ୍ ଭିତରେ ଯେଉଁ ସମ୍ପର୍କ ସଂସ୍କୃତ ସଙ୍ଗେ ବୈଦିକର ସେହି ସମ୍ପର୍କ ବୋଲି ଧରିନିଆ ଯାଇପାରେ । (ପୃଥିବୀର ଭାଷା ରାଜ୍ୟର ସଂସ୍କୃତର ଭୂମିକା ବିଷୟରେ ପରେ ଆଲୋଚନା ଆସୁଛି । ଲେଖକର 'ଚଳନ୍ତି ଭାଷାର ବିଜ୍ଞାନ' ଦେଖନ୍ତୁ ।)

ଏହିଭଳି ଭାବରେ ଭାରତୀୟ ସଂସ୍କୃତି ଭାରତର ରୁମ ମୂଳେ ମୂଳେ ସ୍ତରେ ସ୍ତରେ ସଞ୍ଚରି ଗଲା ଓ ତାହାର ବାହନ ହେଲା ସଂସ୍କୃତ । ଠିକ୍ ଯେପରି ବୀଣାର ତାରରେ ସୁରର ମୂର୍ଚ୍ଛନା ଯାଏ ସେପରି ହିନ୍ଦୁର ଆଚାର, କର୍ମ, ପର୍ବ, ସ୍ତୋତ୍ର, ପୂଜାପାଠର ମାଧ୍ୟମ ହେଲା ସଂସ୍କୃତ । ଏଥିରେ ଅଷ୍ଟ୍ରିକ, ମଙ୍ଗୋଲ ଏଣ୍ଡ୍ ଦ୍ରାବିଡ଼ ଓ ଆର୍ଯ୍ୟ ସବୁର ସମାହାର ଘଟିଲା । ଭାରତ ଭୂମି ଡେଇଁ ଏହି ସଂସ୍କୃତି ଏସିଆର ଦୂର ଦୂରାନ୍ତରେ, ଜାଭା, ବାଲି, ବୋର୍ଣ୍ଣିଓ ଦ୍ୱୀପରେ କେନ୍ଦ୍ର ଏସିଆ ଓ ଉତ୍ତର ପଶ୍ଚିମରେ ଏପରିକି ଚୀନ, କୋରିଆରେ ବ୍ୟାପ୍ତ ହୋଇଗଲା । ଯେଉଁଠି ଭାରତୀୟ ଧର୍ମ (ବ୍ରାହ୍ମଣ, ଶୈବ ବା ବୌଦ୍ଧ) ପ୍ରବେଶ କଲା ସେଇଠିକି ଗଲା ସଂସ୍କୃତ ଭାଷା । ତେଣୁ ଏହି ଭାଷାର ସାହିତ୍ୟ ହେଲା ଭାରତୀୟ ଭାବଧାରାର ଭାବବାହ ।

"ଇତ୍ୟବସରରେ ବହୁଭିନ୍ନ ପ୍ରାକୃତ ଭାଷାର ବିକାଶ ଚାଲିଥାଏ । ଏମାନଙ୍କ ଭିତରୁ କେତୋଟି ପୁରାଣ ଭାରତର ବୌଦ୍ଧ ଓ ଜୈନ ସମ୍ପ୍ରଦାୟ ମାନଙ୍କ ଦ୍ୱାରା ଗୃହୀତ ହୋଇଗଲେ । ବିଶେଷତଃ ପାଲି ହେଲା ହୀନଯାନ ବା ଦକ୍ଷିଣ ବୌଦ୍ଧଙ୍କର ଧାର୍ମିକ ଭାଷା ।"

ରାହୁଲ ସଂସ୍କୃତାୟନ ପାଲିଭାଷାର ଇତିହାସ ପୃ ୨୨-୨୪ପୃଃ

ଆର୍ଯ୍ୟଭାଷାର ସରଳ ରୂପ ଦ୍ୱିତୀୟ ଓ ମଧ୍ୟ ହିନ୍ଦ-ଆର୍ଯ୍ୟ ସ୍ତର ପାର ହୋଇ ପ୍ରାୟ ଖ୍ରୀଷ୍ଟାବ୍ଦ ୭୦୦ ସାଲ ବେଳକୁ ଅପଭ୍ରଂଶ ସ୍ତରରେ ପହଞ୍ଚିଥିଲା । ଆଞ୍ଚଳିକ ଅପଭ୍ରଂଶରେ ବି ପରିବର୍ତ୍ତନ ଘଟିଲା । ୭୦୦ରୁ ୧୦୦୦ ସାଲ ଭିତରେ ବା ୧୦୦୦ ସାଲ ଆରମ୍ଭ ବେଳକୁ ନୂତନ ହିନ୍ଦ-ଆର୍ଯ୍ୟ ଭାଷା ଗୁଡ଼ିକର ଉତ୍ପତ୍ତି ଘଟିଗଲା ।

ତେଣୁ ଆଧୁନିକ ଉତ୍ତର ଭାରତୀୟ ଆର୍ଯ୍ୟଭାଷା ମାନଙ୍କର ଆଦି ମୂଳ ହେଉଛି ବୈଦିକଭାଷା । ସଂସ୍କୃତ ଏହି ବୈଦିକ ଭାଷାର ସଂସ୍କୃତ ରୂପ । ତେଣୁ ଏମାନେ ପରସ୍ପରର ନିକଟ ଜ୍ଞାତି, କେତେବେଳେ ଉତ୍ତର ଭାରତୀୟ ଭାଷାମାନେ ଯଥା ବଂଗଳା, ଓଡ଼ିଆ, ଅସମିୟା, ମୈଥିଳୀ, ଭୋଜପୁରି, ଖଡ଼ିବୋଲି, ଅଉଧି, ବ୍ରିଜଭାଷା, କଇଥୀ, ନେପାଳି, ଗୁଜରାଟୀ, ପଞ୍ଜାବୀ, ମରାଠି, ସିନ୍ଧି ଇତ୍ୟାଦି ପ୍ରାକୃତ ଠାରୁ ଅଲଗା ହେଲେ, ପ୍ରାକୃତର ବିଭାଗ କି ସ୍ତରରେ ହେଲା, ଏ ବିଷୟରେ ଏବେ ବି ଖୋଜା ଲୋଡ଼ା ଚାଲିଛି ।

'ବୌଦ୍ଧ ଗାନ ଓ ଦୋହା' ରେ ଯେଉଁ ଭାଷା ସଂଗରେ ଭେଟ ହୁଏ ସେ କେଉଁ ଭାଷା ? ସେହି ଭାଷାକୁ ବଂଗଳା, ଓଡ଼ିଆ, ଅସମିୟା ଇତ୍ୟାଦି ସଭିଏଁ ଆପଣାର ବୋଲି ଦାବି କରନ୍ତି, ଏହି ଦାବି ଆଂଶିକ ଭାବରେ ପ୍ରତ୍ୟେକ ଭାଷା କ୍ଷେତ୍ରରେ ଯଥାର୍ଥ କାରଣ ସେହି ଭାଷାହିଁ ଆଧୁନିକ ପୂର୍ବ ଭାରତୀୟ ଭାଷାଗୋଷ୍ଠୀର ଜନନୀ ।

ଓଡ଼ିଆଭାଷା ଏଥିମଧ୍ୟରେ ଥିଲା ଅନ୍ୟତମ ।

# ବାଚନ ଶକ୍ତିର ଉତ୍ପତ୍ତି

ଅନ୍ୟ ଜୀବଜନ୍ତୁ ଠାରୁ ମନୁଷ୍ୟର ପ୍ରଧାନ ବିଶେଷତ୍ତ୍ୱ ହେଉଛି ତାହାର ଭାଷା । ପ୍ରତ୍ୟେକ ମାନବଗୋଷ୍ଠୀ କୌଣସି ନା କୌଣସି ଭାଷାରେ କଥା କହେ । ମନୁଷ୍ୟ-ଇତର ଜନ୍ତୁମାନେ ନାନାପ୍ରକାର କଳରବ କରନ୍ତି । ତାକୁ ଆମେ ଗୁଞ୍ଜନ, ବୃଂହିତ, ଝଙ୍କାର, ନାଦ, ଧ୍ୱନି, ଚୀତ୍କାର ଇତ୍ୟାଦି ନାନାଭାବରେ ନାମିତ କରୁ, ଏଥି ଭିତରୁ କେତେଗୁଡ଼ିଏ ସନ୍ଦେହ ହେଉଛି ସ୍ୱତଃସ୍ଫୂର୍ତ୍ତି ଅଥବା ଅର୍ଥହୀନ । କେତେକଙ୍କର ଅର୍ଥ ବି ଥାଏ । ସେହି ନାଦ ଯୋଗେ ବହୁ ପ୍ରାଣୀ ସେମାନଙ୍କର ପ୍ରକୃତିଗତ ଭାବ—ଯଥା, ଭୟ, କ୍ରୋଧ, ଯୌନ ଆଶା, ଉଲ୍ଲାସ ଇତ୍ୟାଦି ପ୍ରକାଶ କରନ୍ତି । ତେବେ ଅଧ୍ୟାପକ ଲଏଡ଼୍ ଜେମସ୍ ତାଙ୍କର 'ଆମର କଥିତ ଭାଷା' ନାମକ ଆଲୋଚନା ପୁସ୍ତକରେ ପ୍ରତିପାଦନ କରିଛନ୍ତି ଯେ ବହୁ ପ୍ରାଣୀଙ୍କର ମନୁଷ୍ୟ ଭଳି ଆବଶ୍ୟକୀୟ ବାଚନ ଉପାଦାନ ଶରୀର ଭିତରେ ଖଞ୍ଜା ହୋଇରହିଛି । କାହାରି ଏହି ଉପାଦାନଗୁଡ଼ିକ ହୁଏତ ଏକାବେଳକେ ଭ୍ରୂଣ ବା ଅଙ୍କୁର ଅବସ୍ଥାରେ ରହିଛି । ଆଦିମ ମନୁଷ୍ୟ ଆପଣାର ବାଚନ ଯନ୍ତ୍ରଗୁଡ଼ିକୁ ଯେଉଁଭଳି ବ୍ୟବହାର କରି ତାହାକୁ ପାକଳ ଓ ଉପଯୋଗୀ କରି ଆସିଛି ସେହି ଜନ୍ତୁମାନେ ସେକଥା ସେପରି କରିଥିଲେ ହୁଏତ ଅବସ୍ଥା ଭିନ୍ନ ପ୍ରକାର ହୋଇ ଥାଆନ୍ତା । ଆଜି ବି ଶୁଆ ସାରୀ ବା ଏଭଳି ପକ୍ଷୀ ଜନ୍ତୁ ଯେ ମନୁଷ୍ୟର କଥାକୁ ଅବିକଳ ଅନୁକରଣ କରି ପାରନ୍ତି ତାହା ବୋଧହୁଏ ଏହାରି ପ୍ରମାଣ । ତେବେ ମନୁଷ୍ୟ ଯେ ଗୋଟିଏ ଗୋଟିଏ ଭାଷା ମୁଖରୁ ବାହାର କରିପାରିଲା ଆଉ ଏହି ଜନ୍ତୁମାନେ ଅର୍ଥହୀନ ବୋବାଳିରେ ହିଁ ରହିଗଲେ ତାର କାରଣ ମନୁଷ୍ୟର ମନନଶକ୍ତି । ଅନ୍ୟ କଥାରେ ଯେଉଁ ଜନ୍ତୁ ମନନଶକ୍ତି ଓ ବ୍ୟକ୍ତିତ୍ତ୍ୱ ପ୍ରକଟ କରିପାରିଲା ସେହିଁ ଭାଷାର ଅଧିକାରୀ ହେଲା । ତେବେ ଭାଷା ମନନଶକ୍ତି ଓ ବ୍ୟକ୍ତିତ୍ୱକୁ ସାହାଯ୍ୟ କଲା ନାଁ ମନନଶକ୍ତି ଓ ବ୍ୟକ୍ତିତ୍ୱ ଯୋଗୁଁ ଭାଷାର ବିକାଶ ହେଲ ସେକଥା କହିବା ଦୁରୂହ । ହୁଏତ ଉଭୟେ ଉଭୟର ପରିପୋଷକ, ତେବେ ସାର ଜର୍ଜ ଏଲିୟଟ ସ୍ମିଥ୍ ନାମକ ଭାଷାପଣ୍ଡିତ ଆପଣାର ଯୁକ୍ତିରେ ବୋଧହୁଏ ନିର୍ଭୁଲ । ତାଙ୍କର ଯୁକ୍ତି ହେଉଛି ଭାଷାର ଆବିଷ୍କାର ହିଁ ମନୁଷ୍ୟର ଜନ୍ମକାଳରୁ ହୋଇଛି ।

## ବିଭିନ୍ନ ମତ

ବାଚନଶକ୍ତି କିଭଳି ଜନ୍ମଲାଭ କଲା ଏ ବିଷୟରେ ନାନା ମୁନିଙ୍କର ନାନା ମତ । ଗୋଟିଏ ମତ ହେଉଛି ଯେ ମନୁଷ୍ୟ ଯେଉଁ ଜୀବ ବା ବସ୍ତୁ ବିଷୟରେ କହିବାକୁ ଇଚ୍ଛା କଲା ସେହି ଜୀବ ବା ବସ୍ତୁର ଧ୍ୱନି ଅନୁକରଣ କଲା । ବାସ୍ତବ ବସ୍ତୁସବରେ ଶିଶୁ ବିରାଡ଼ିକୁ ମିଆଉଁ କହେ । ଏପରି କହିବାରେ ଶିଶୁ କେବଳ ସହସ୍ର ସହସ୍ର ବର୍ଷ ପୂର୍ବେ ତା'ର ପୂର୍ବ ପୁରୁଷ ଯେଉଁ ଶବ୍ଦରେ ବିରାଡ଼ିକୁ ନାଁ ଦେଇଥିଲେ ତାହାକୁ ଆଉଥରେ ଦୋହରାଉଛି ।

ବାଚନ ଶକ୍ତିର ଉତ୍ପତ୍ତି ସମ୍ବନ୍ଧରେ ଆଉ ଗୋଟିଏ ପ୍ରସିଦ୍ଧ ମତ ଅଛି । ଏହାର ପ୍ରଧାନ ପ୍ରବର୍ତ୍ତକ ହେଉଛନ୍ତି ଜର୍ମାନ୍ ପଣ୍ଡିତ ମାକ୍ସ ମୁଲର । ତାଙ୍କର ମତ ହେଉଛି ଯେ ପୃଥିବୀର ସବୁ ଶବ୍ଦର ଏକ ଛନ୍ଦ ରହିଛି । ସମୁଦ୍ରର ନିର୍ଘୋଷ, ପତ୍ରର ମର୍ମର, ପବନର ସିଞ୍ଜିତ । ସବୁ ଭିତରେ ଏଭଳି ଏକ ତାଳ ମାନ ଲୟ ରହିଛି । ତେବେ ମନୁଷ୍ୟ ଏହି ଛନ୍ଦର ଅନୁବର୍ତ୍ତୀ ହୁଏ । ଶବ୍ଦର ଅନୁକରଣରେ ନୁହେଁ ତାଳର ଲୟରେ ମଣିଷ ଆପଣାର ବାଚନଶକ୍ତିର ବିକାଶ କରିଛି । ଏହି ମତ ଅନୁସାରେ ଆଉ ଜଣେ ଜର୍ମାନ ପଣ୍ଡିତ ବୁଚର ସାହେବ କହିଛନ୍ତି ଯେ ମନୁଷ୍ୟର ଆଦିମ କଥା ଏକ ସରଳ ଛନ୍ଦୋମୟ ଗୁଞ୍ଜନ ବା ମନ୍ତ୍ର ଉଚ୍ଚାରଣରୁ ଜନ୍ମିଥିଲା । ଏହି ଗୁଞ୍ଜନ ଇତ୍ୟାଦି ପାଦ ବା ହାତର ଚାଳନା ସହିତ ତାଳ ଦେଇ ସୃଷ୍ଟି ହୋଇଥିଲା । ଏହି ମତ ଅନୁସାରେ କଥାର ଉତ୍ପତ୍ତି ମନୁଷ୍ୟର ସେହି ପ୍ରେରଣାରୁ ଜନ୍ମ ଯାହା ପରବର୍ତ୍ତୀ ଯୁଗରେ ପାହାଡ଼ିଆ ଲୋକଙ୍କର ଯୁଦ୍ଧନୃତ୍ୟ ବା ମଧ୍ୟଯୁଗୀୟ ଗୀତିନାଟ୍ୟ ବା ପାଲିଙ୍କି ଗୀତ ଇତ୍ୟାଦିରେ ପ୍ରତିଫଳିତ ହୋଇଥିଲା । ଆଜି ବି କୌଣସି ସାମୂହିକ ପରିଶ୍ରମ ବେଳେ କ୍ଲାନ୍ତି ବା ଅବସାଦ ରୋକିବା ପାଇଁ ବା କାର୍ଯ୍ୟରେ ସହଯୋଗିତା ବା ଉତ୍ସାହ ସୃଷ୍ଟି କରିବାପାଇଁ ମନୁଷ୍ୟ ଆପଣାଛୁଏଁ ଏଭଳି ବାଚନ ଭଙ୍ଗୀକୁ ଆଦରିଥାଏ ।

ତା ଛଡ଼ା ଆଉ ଗୋଟିଏ ମତ ହେଲା ଯେ ବାଚନଶକ୍ତି ମଣିଷର ଭାବ ପ୍ରକାଶରୁ ଉଦ୍‌ଭୂତ । ବେଦନା, ବିସ୍ମୟ, ଆନନ୍ଦ, ଚମତ୍କାର ବା ସେଥିପାଇଁ ଆଗ୍ରହ, ବ୍ୟାକୁଳତା ମଣିଷ ମୁଖରେ ତ ନିଶ୍ଚୟ ଫୁଟିଥିବ । ଠିକ୍ ପଶୁ ଜନ୍ତୁ ବା ଅନ୍ୟାନ୍ୟ ନିଚତର ପ୍ରାଣୀମାନଙ୍କର ପ୍ରବୃତ୍ତିଗତ ନାଦ ଭଳି । ଏଭଳି ଭାବରେ ପ୍ରବୃତ୍ତିଗତଧ୍ୱନିଗୁଡ଼ିକ ଶେଷରେ ନିର୍ଦ୍ଦିଷ୍ଟ ରୂପରେ ଭାଷାର ଛାଞ୍ଚ ନେଲା ।

ସବାଶେଷରେ ବିଖ୍ୟାତ ଭାଷାତତ୍ତ୍ୱବିତ୍ ଉଇଲିୟମ୍ ଉଣ୍ଡ୍‌ଟ୍‌ଙ୍କ ମତ । ଏହି ମତ ସାର ରିଚାର୍ଡ ପେଜେଟ୍ ତାଙ୍କର 'ମନୁଷ୍ୟର କଥା' ବହିରେ ପ୍ରାଞ୍ଜଳ ଭାବରେ ବୁଝାଇଛନ୍ତି । ଉଣ୍ଡ୍ଟ କହନ୍ତି ଯେ ପ୍ରଥମେ ଭାବର ବିନିମୟ ପାଇଁ ମନୁଷ୍ୟ ହସ୍ତ ସଞ୍ଚାଳନର ଆଶ୍ରୟ ନେଉଥିଲା । ଏହାହିଁ ଥିଲା ଭଙ୍ଗୀ ବା ଠାର ଭାଷା । ଏବେ ବି କୌଣସି ଲୋକକୁ ପାଖକୁ ଡାକିଲା ବେଳେ ବା ବିଦାୟ ଦେଲା ବେଳେ ଆମ୍ଭେମାନେ ଏହି ନିର୍ବାକ ଭଙ୍ଗୀ ବ୍ୟବହାର କରୁଁ । ମନେକର ଏଭଳି ଭଙ୍ଗୀ ଆମେ ବ୍ୟବହାର କଲୁଁ ତଥାପି ସେଥିରେ ଆମର ଅଭୀଷ୍ଟ ପୂରଣ କଲା ନାହିଁ । ଅଥବା ଏକଥା ବି ହୋଇପାରେ ଯେ ହାତର ଭଙ୍ଗିମା ସଙ୍ଗେ ସଙ୍ଗେ ଓଠ, ଜିଭ ବା ତଳ ଉପର ଗତି ବି ଆପେ ଆପେ ଚଳିଲା ଲେଖୁ ମଣିଷ ଭଙ୍ଗୀଭାଷାରୁ ବାକ୍ ଭାଷାକୁ ଯୋଗଇଲା ! ଗୋଟିଏ ଶାସ୍ତ୍ରୀୟ ଉଦାହରଣ ହେଉଛି ଏହି ଉପରର କୌଣସି ଜିନିଷକୁ ବାହା ଟେକି ଦେଖାଇଲା ବେଳେ ଜିଭ ମଧ୍ୟ ଯାଇ ତାଳୁରେ ଲାଗେ । ଏଭଳି ଅବସ୍ଥାରେ 'ଆଲ' ଧ୍ୱନି ଉପୁଜେ । ଏହି 'ଆଲ' ହେଉଛି ଏକ ମୌଳିକ ଧ୍ୱନି ଯେଉଁଥିରୁ ଉଚ୍ଚ ସ୍ଥାନ ବା ଉପରର ଭାବ ପ୍ରକାଶ କରୁଥିବା ବହୁତ ଶବ୍ଦ ପୃଥିବୀର ବହୁ ଭାଷାରେ ପ୍ରଚଳିତ ଅଛି । ସାର ପରସି-ନନ୍ ତାଙ୍କର 'ଶିକ୍ଷା, ଗୃହୀତ ବିଷୟ ଓ ପ୍ରାଥମିକ ତତ୍ତ୍ୱ' ବହିରେ ଏହି ମତକୁ ବିଶେଷ ଭାବରେ ଦର୍ଶାଇଛନ୍ତି । ତାଙ୍କର କହିବାର ଏହି ଯେ ମୁଁ ବା ମୋତେ ବା ଇଂରାଜୀ 'ଆଇ' ବା 'ମି' ପ୍ରଭୃତି ଶବ୍ଦରେ କହିବା ଲୋକ ଆପଣା ଆଡ଼କୁ ଓଠକୁ ଖାଂକି ନିଏ । ଅଥଚ ତୁ ତୁମେ ଭଳି ଶବ୍ଦରେ ଓଠ ବାହାରକୁ ପ୍ରସରି ଯାଏ । 'ଏଇଠି' ବୋଲି କହିଲା ବେଳେ ନିକଟତା ଆଉ 'ସେଇଠି' ବୋଲି କହିଲା ବେଳେ ଦୂରତା ସୂଚିଏ । ଲକ୍ଷ୍ୟ କରିବା କଥା ଯେ କଥା କହିଲା ବେଳେ ଅତ୍ୟଧିକ ଉତ୍ସାହ ବା ଉତ୍ତେଜନାରେ ଯେତେବେଳେ ବାକ୍‌ଶକ୍ତି ସମତାଳ ଦେଇପାରେ ନାହିଁ ସେତେବେଳେ ଜିଭକୁ ସାହାଯ୍ୟ କରିବାକୁ ଆମକୁ ହାତର ଭଙ୍ଗୀ ବ୍ୟବହାର କରିବାକୁ ପଡ଼ଯାଏ ।

ମନୁଷ୍ୟର ବାକ୍‌ଶକ୍ତିର ଜନ୍ମ ବିଷୟରେ ଏହାହିଁ ଗୁଟିଏ ବିଭିନ୍ନ ମତ । ପ୍ରତ୍ୟେକ ମତରେ କିଛି କିଛି ସାର ଅଛି, ଅସାର ବି ଅଛି । କିନ୍ତୁ ପ୍ରତ୍ୟେକ ପୂରାପୂରି ବାକ୍‌ଶକ୍ତିର ଜନ୍ମଧାରଣା ଦେଇ ପାରି ନାହାନ୍ତି । ଉଲ୍‌ବର ସ୍ୱିଲକର ଏମ୍ ଅରବାନ୍ ତାଙ୍କର 'ଭାଷା ଆଉ ବାସ୍ତବ' (୧୯୩୯) ପୋଥିରେ ପ୍ରଥମ ତିନୋଟି ମତକୁ ଏକାବେଳକେ କାଟି ଦେଇଛନ୍ତି । ଏପରିକି ଏହି ତିନି ମତକୁ ଏକଯୋଗ କଲେ ବି ସେମାନେ ବାକ୍‌ଶକ୍ତିର ଉତ୍ପତ୍ତିର ଯଥେଷ୍ଟ କାରଣ ଯୋଗାଇ ପାରିବେ ନାହିଁ ; ତାଙ୍କର ଯୁକ୍ତି ହେଉଛି ମନୁଷ୍ୟର ଭାବ-ବିନିମୟ

ପାଇଁ ଗୋଟାଏ ଶବ୍ଦ ତ କାମିକା ନୁହେଁ । ଶବ୍ଦ କେବେ ଏକୁଟିଆ ବାହାରି ଭଳି ହୋଇ ଭାବପ୍ରକାଶ କରେ ନାହିଁ । ତେଣୁ ଗୋଟାଏ ଗୋଟାଏ ବାକ୍ୟ ବା ବାକ୍ୟାଂଶ ବା ତା'ର ଆଦିମ ଅବସ୍ଥା ରୂପ ହିଁ ପ୍ରଥମ ବାକ୍-ସ୍ଫୁର୍ତ୍ତିରେ ଦେଖା ଦେଇଥିଲା । ଶବ୍ଦଗୁଡ଼ିକ ବିଶ୍ଲେଷଣ ପରେ ବା ଲିଖିତ ଭାଷାର ଉତ୍ପତ୍ତି ପରେ ଜନ୍ମଲାଭ କରିଛି ।

## ଶବ୍ଦ ସୃଷ୍ଟିର ସୂତ୍ର

ତେବେ ଏକଥା ସତ ଯେ ଆଜି ବାକ୍ୟ ତିଆରି ନ ହେଲେ ବି, ବାକ୍‌ଶକ୍ତିର ପ୍ରଥମ ଉନ୍ମେଷ ପାଇଁ ଯେଉଁ ମତଗୁଡ଼ିକ ଅନୁମାନ କରାଯାଇ ଥିଲା ସେହି ଅନୁମାନ ଭିତ୍ତିରେ ଏବେ ବି ଶବ୍ଦ ତିଆରି ଚାଲିଛି । ଯେଉଁ ବାଦ୍ୟ ଭର ଭର ଶବ୍ଦ କରେ ତା ନାଁ ଭରଭରା ଯେଉଁ ଅଳଂକାର ଖୁବ୍ ଚାଉଳ ତାହା ଫିରଫିରା, ଯେଉଁ ବର୍ଷା ଖାଲ ଉପରେ ଝରଝର କରି କେଣା ଝାଡ଼ିଯାଏ ତାହା ଝରଝରା ବର୍ଷା, ଯିଏ କଥା କହି ନ ଜାଣି ଗଁ ଗଁ ହୁଏ ସେ ଗୁଙ୍ଗା । ଏଭଳି ବହୁ ନାମ ଆଉ ଅନେକ କ୍ରିୟା ଆମେ ତିଆରି କରି ଭାଷାରେ ସଂଯୋଜି ରଖିଛୁ । ତେଣୁ ବାକ୍‌ଶକ୍ତିର ଉତ୍ପତ୍ତିର ଏହି ତତ୍ତ୍ୱଗୁଡ଼ିକ ଭୁଲ ହେଉ ବା ନିର୍ଭୁଲ ହେଉ, ଆଜି କୌଣସି ବିଶେଷ ନୂତନ ଭାବ ପ୍ରକାଶ କରିବାକୁ ଗଲାବେଳେ ଏଥିରୁ କୌଣସି ଗୋଟିକର ବା ସମସ୍ତଙ୍କର ଚିନ୍ତା ଅନୁସାରେ ନାମ ବା କ୍ରିୟା ତିଆରି କରିବାକୁ ପଡ଼ୁଛି । ପଣ୍ଡିତ ବିନାୟକ ମିଶ୍ର ତାଙ୍କର "ଓଡ଼ିଆ ଭାଷାର ପୁରାତତ୍ତ୍ୱ" ରେ ଟମାସ୍ ହକ୍‌ସଲିଙ୍କର ମତ ଉଦ୍ଧାର କରି କହିଛନ୍ତି ଯେ ମନୁଷ୍ୟର ବାଚନଶକ୍ତି ବିଷୟରେ ଓ ମନୁଷ୍ୟର କଥାର ଜନ୍ମ ବିଷୟରେ ଏ ପର୍ଯ୍ୟନ୍ତ ଯାହାସବୁ କୁହାଯାଇଛି ତାହା ସବୁ ନିଷ୍ଫଳ । ଉକ୍ତ ଭାଷାବିଦ୍‌ଙ୍କର ପ୍ରମାଣ ଅନୁସାରେ ମୁଖ ଭିତରର ମନୁଷ୍ୟର ବାଚନ ନଳୀରେ ଧ୍ୱନି-ଲହରୀର ଅଭିନୟ କ୍ରିୟା ହେଲା ଭାଷାର ପ୍ରକାଶ । ସ୍ଥାନ ଓ କାଳଭେଦ ଅନୁସାରେ ଏହି ଅଭିନୟ କ୍ରିୟା ସମାନ ଗୁଣରେ ପଡ଼ିଥିବା ବସ୍ତୁପ୍ରତି ଏକ ପ୍ରକାର ହୋଇ ନ ପାରେ । ଏଣୁ ଭାଷା ପ୍ରକାଶ ବେଳରେ ଏକ ଶବ୍ଦର ଉଚ୍ଚାରଣରେ ବହୁ ବର୍ଣ୍ଣର ଧ୍ୱନି ଏକ ବ୍ୟକ୍ତିର ମୁଖରେ ବିଭିନ୍ନ ଅବସ୍ଥାରେ ଫରକ ଫରକ ହୁଏ । ଏଥିରୁ ପଣ୍ଡିତ ମିଶ୍ର ସାର୍ ଉଇଲିଅମ୍ ଜୋନ୍‌ସଙ୍କ ମତ ଖଣ୍ଡନ କରି ଗ୍ରୀକ୍, ଲାଟିନ୍ ଓ ସଂସ୍କୃତ ବ୍ୟାକରଣରୁ ଯେଉଁ ଭିତର ସୌସାଦୃଶ୍ୟ ବିଷୟରେ ଭାଷାବିଜ୍ଞାନ ପ୍ରତିଷ୍ଠିତ ହୋଇଛି, ତାହାକୁ ଭ୍ରାନ୍ତ ବୋଲି କହିଛନ୍ତି । ତାଙ୍କ ମତରେ ଏକ ଆର୍ଯ୍ୟଜାତି ଓ ଆର୍ଯ୍ୟଭାଷା ଇଉରୋପ ଓ ଭାରତରେ ବିଭିନ୍ନ ହୋଇଥିବା ବିଶ୍ୱାସଯୋଗ୍ୟ ନୁହେଁ ।

ପଣ୍ଡିତ ମିଶ୍ର ଯାହା ସବୁ ଉଲ୍ଲେଖ କରିଛନ୍ତି ତାହାର ମୋଟାମୋଟି କଥା ହେଲା ଭାରତର ବେଦର ଭାଷା ହେଲା ପୃଥିବୀରେ ପ୍ରାଚୀନତମ । ଏହା ଦେବଭାଷା ଅର୍ଥାତ୍ ଏହାହିଁ ପ୍ରଥମେ ମନୁଷ୍ୟର ମୁହଁକୁ ଆସିଥିଲା । ପାଣିନୀଙ୍କ ପୂର୍ବରୁ ଏହି ଭାଷାର ବ୍ୟାକରଣ ଥିଲା ଓ ପାଣିନୀ ଅର୍ଦ୍ଧମାଗଧି ପ୍ରାକୃତକୁ ଘଷିମାଜି ସଂସ୍କୃତରେ ପରିଣତ କରିଥିଲେ । ସଂସ୍କୃତ ଭାଷାର ନାଟକରେ ବିଭିନ୍ନ ପାତ୍ର ପାତ୍ରୀ ମାନଙ୍କ ଭିତରେ କେବଳ ପ୍ରଧାନ ନାୟକ ଓ ନାୟିକା ମାନଙ୍କ ଛଡ଼ା ଅନ୍ୟମାନଙ୍କ ପାଇଁ ଯେଉଁ କଥାର ନିର୍ଦ୍ଦେଶ ଅଛି ତାହା ବିଭିନ୍ନ ପ୍ରକାର ପ୍ରାକୃତରେ ଲେଖା ହୋଇଥିଲା । ଏହାର ଅର୍ଥ ଭାରତର ବିଭିନ୍ନ ଅଞ୍ଚଳରେ ଏକ ସମୟରେ ବର୍ଣ୍ଣାଶ୍ରମର ବିଭିନ୍ନ ବର୍ଣ୍ଣ ଭିତରେ ବିଭିନ୍ନ ପ୍ରାକୃତ ଚଳୁଥିଲା ତେଣୁ ମହାରାଷ୍ଟ୍ରି, ମାଗଧୀ, ଅର୍ଦ୍ଧମାଗଧୀ ସୌରସେନି ପୈଶାଚୀ ଇତ୍ୟାଦି ପ୍ରାକୃତ ଯେ କୌଣସି ଏକ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଭାଷା ଥିଲା ଏକଥା ମନେ କରିବା ଠିକ୍ ନୁହେଁ ; ତେଣୁ ତାଙ୍କ ମତରେ ଓଡ଼ିଆ ଭାଷା ସିଧାସଳଖ ବୈଦିକ ଭାଷାରୁ ଆସିଛି, ସବୁ ଦ୍ରାବିଡ଼ ଭାଷା ଓ ଅଷ୍ଟ୍ରିକ୍ ଭାଷାମାନେ ବୈଦିକ ଭାଷାରୁ ଆସିଛନ୍ତି ।

ପଣ୍ଡିତ ବିନାୟକ ମିଶ୍ରଙ୍କର ଗବେଷଣା ପ୍ରକୃତରେ ପ୍ରଶଂସାଯୋଗ୍ୟ । ତେବେ କଥା ହେଉଛି ତାଙ୍କର ପ୍ରତିପାଦନ କେବଳ ପୁରାଣ ଓ କେତେଗୁଡ଼ିଏ ଜନଶ୍ରୁତିର ପ୍ରବାଦ ଉପରେ ଓ ବେଳେ ବେଳେ ଅଶୋକ ଓ ଖାରବେଳ ଇତ୍ୟାଦିଙ୍କର ଶିଳାଲେଖ ଉପରେ ପ୍ରତିଷ୍ଠିତ, ଏଗୁଡ଼ିକରୁ ସେ ଯେଉଁ ଅନୁମାନ କରିଛନ୍ତି ତାହା କେବଳ ଅନୁମାନ । ତାହାକୁ ପ୍ରମାଣ କରିବାକୁ ସହାୟକ ସାକ୍ଷ୍ୟ କିଛି ଥିଲା ପରି ଜଣାପଡ଼େ ନାହିଁ । ସେ ଯାହାହେଉ, ବେଦର ଭାଷା ପୃଥିବୀର ଆଦିମ ଭାଷା ଥିଲା କି ନାହିଁ ଓ ଭାରତର ବିଭିନ୍ନ ଭାଷା ଭାଷୀଙ୍କର, କି ଆର୍ଯ୍ୟ ବା ଦ୍ରାବିଡ଼ ବା ଅଷ୍ଟ୍ରିକ୍, ଏକ ସମୟରେ ଏକ ଭାଷାରୁ ଆସିଛନ୍ତି ଏହାର କୌତୁହଳ ମୂଲ୍ୟ ଯାହା ଥାଉ ବୈଜ୍ଞାନିକ ମୂଲ୍ୟ ଅଳ୍ପ । ଏହି ସନ୍ଧାନରେ ମନୁଷ୍ୟର ସ୍ୱର, ନାଦ, ଘୋଷବର୍ଣ୍ଣ, ଅଘୋଷବର୍ଣ୍ଣ ବର୍ଣ୍ଣମାଳାର ଅଣସ୍ଥୁଣ ଅକ୍ଷର ଅଣଗୁଣ ବାୟୁ ଇତ୍ୟାଦିର ବର୍ଣ୍ଣନା ଏକ ନୂତନ ଦିଗ ପାଇଁ ଦ୍ୱାର ଉଦ୍‌ଘାଟନ କରିଥିଲେ ମଧ୍ୟ ସାରା ସଂସାରର ବିଭିନ୍ନ ଭାଷାର ତୁଳନା ବିନା ଏ ଗୁଡ଼ିକ ଏକତରଫା ହୋଇଯିବାର ଭୟ ରହିଛି । ଦୁର୍ଭାଗ୍ୟର କଥା, ପଣ୍ଡିତ ବିନାୟକ ମିଶ୍ର ତାଙ୍କର ଅନୁମାନଗୁଡ଼ିକ ପ୍ରମାଣସିଦ୍ଧ କରିବା ପୂର୍ବରୁ ଚାଲିଗଲେ । ତେଣୁ ତାଙ୍କର କାର୍ଯ୍ୟ ଅପୂର୍ଣ୍ଣ ରହିଯାଇଛି ।

ଓଡ଼ିଆ ଦେଶଜ ଶବ୍ଦଗୁଡ଼ିକ ସମସ୍ତ ପ୍ରାୟ ବୈଦିକ ବା ସଂସ୍କୃତରୁ ଆସିଛନ୍ତି ଓ ସେମାନଙ୍କର ଦ୍ରାବିଡ଼ ବା ଅଷ୍ଟ୍ରିକ ଭାଷାର ସମ୍ପର୍କ ହେଉଛି

ବୈଦିକ ଓ ସଂସ୍କୃତର ସଂପର୍କରୁ ନିୟନ୍ତ୍ରିତ ଏକଥା ପଣ୍ଡିତ ମିଶ୍ରଙ୍କର ଅନୁମାନ । ଏହି ଅନୁମାନ ଦ୍ୱାରା ଓଡ଼ିଆ ଭାଷାର ଉତ୍ପତ୍ତି ବିଷୟରେ କୌଣସି କଥା ନିର୍ଣ୍ଣୟ କରିବା କଠିଣ । ଏହି କାରଣରୁ ଆମକୁ ଆଧୁନିକ ଭାଷାବିଜ୍ଞାନ, ପୃଥିବୀର ବିଭିନ୍ନ ଭାଷାମାନଙ୍କର ତୁଳନାତ୍ମକ ବିଶ୍ଳେଷଣ, ପୃଥିବୀର ବର୍ତ୍ତମାନ ଭାଷାମାନଙ୍କର ଲକ୍ଷଣକୁ ମୋଟାମୋଟି ଅନୁଧ୍ୟାନ କରିବାକୁ ପଡ଼ିବ । ଏଥିପାଇଁ ଓଡ଼ିଆ କିମ୍ବଦନ୍ତୀ, ଓଷାବ୍ରତ, ପୁରାଣର କାହାଣୀ ଓ ପ୍ରତ୍ୟେକ ଶ୍ଳୋକର ସାଙ୍କେତିକ ଓ ରୂପକ ଅର୍ଥ ଅପେକ୍ଷା ଗଣିତ, ଧ୍ୱନିତତ୍ତ୍ୱ, ସୂଚନାତତ୍ତ୍ୱ, ପ୍ରତ୍ନତତ୍ତ୍ୱ, ମନସ୍ତତ୍ତ୍ୱ ଇତ୍ୟାଦି ଆଧୁନିକ ବିଜ୍ଞାନଗୁଡ଼ିକ ଅଧିକ ସହାୟକ ।

ବିଶେଷତଃ ଆଜିର କମ୍ପ୍ୟୁଟର ଯନ୍ତ୍ର ଯୁଗରେ ଭାବ ଆଦାନ ପ୍ରଦାନ ଏଭଳି ସ୍ତରରେ ଆସି ପହଞ୍ଚିଛି ଯେ ମନୁଷ୍ୟ ବାଧ୍ୟହୋଇ ଭାଷାବିଜ୍ଞାନରେ ଗାଣିତିକ ଯୁକ୍ତି ନିର୍ଭୁଲତା ଓ ବ୍ରେକ୍‌ଡୋନ୍ ଚିନ୍ତା ଗ୍ରହଣ କରୁଛି । ପୃଥିବୀର ବହୁ ଭାଷାର ପ୍ରୟୋଗକୁ ଏହି ଚିନ୍ତାରେ ବିଶ୍ଳେଷଣ କରିବା ଆରମ୍ଭ ହୋଇଛି । ଏ ଗାଣିତିକ ଯୁକ୍ତି ଓ ବିଜ୍ଞାନ କ'ଣ ତାହା ଜାଣିବା ଓ ତାହାକୁ ଓଡ଼ିଆ ଭାଷା କ୍ଷେତ୍ରରେ ପରଖ କରି ତୁଳନା କରିବା ଏ ଯାଏ ଆରମ୍ଭ ହୋଇନାହିଁ । ସେଗୁଡ଼ିକ 'ଚଳନ୍ତି ଭାଷାର ବିଜ୍ଞାନ' ର ବିଷୟ । ତାହାର ପ୍ରୟୋଗ ହେଲେ ଓଡ଼ିଆଭାଷା ଆହୁରି ବୈଜ୍ଞାନିକ ହେବ ଓ ଭାବପ୍ରକାଶ ପାଇଁ ଆହୁରି ବଳିଷ୍ଠ ହେବ ବୋଲି ନିଶ୍ଚିତ ଭାବରେ ଆଶା କରାଯାଇ ପାରେ ।